ଭରତ ମୁନି ପ୍ରଣୀତ

ନାଟ୍ୟଶାସ୍ତ୍ର

ତୃତୀୟ ଖଣ୍ଡ

ଅନୁବାଦକ:

ପଣ୍ଡିତ ଗୋବିନ୍ଦ ଚନ୍ଦ୍ର ମିଶ୍ର

Digitized by srujanika@gmail.com

ନାଟ୍ୟଶାସ୍ତ୍ର

ମୂଳ ସଂସ୍କୃତ ଶ୍ଲୋକସହ ଓଡ଼ିଆ ଅନୁବାଦ

(ତୃତୀୟ ଖଣ୍ଡ : ବିଂଶ ଅଧ୍ୟାୟଠାରୁ ସପ୍ତବିଂଶ ଅଧ୍ୟାୟ)

ରଚନା : ଭରତ ମୁନି

ଅନୁବାଦ : ପଣ୍ଡିତ ଗୋବିନ୍ଦ ଚନ୍ଦ୍ର ମିଶ୍ର

ଓଡ଼ିଶା ସାହିତ୍ୟ ଏକାଡେମୀ

ଭୁବନେଶ୍ୱର

Digitized by srujanika@gmail.com

ନାଟ୍ୟଶାସ୍ତ୍ର

ମୂଳ ସଂସ୍କୃତ ଶ୍ଳୋକସହ ଓଡ଼ିଆ ଅନୁବାଦ
(ତୃତୀୟ ଖଣ୍ଡ : ବିଂଶ ଅଧ୍ୟାୟଠାରୁ ସପ୍ତବିଂଶ ଅଧ୍ୟାୟ)

ରଚନା : ଭରତ ମୁନି

ଅନୁବାଦକ : ପଣ୍ଡିତ ଗୋବିନ୍ଦ ଚନ୍ଦ୍ର ମିଶ୍ର

ପ୍ରକାଶକ : ଓଡ଼ିଶା ସାହିତ୍ୟ ଏକାଡେମୀ
ସଂସ୍କୃତି ଭବନ, ଭୁବନେଶ୍ୱର - ୧୪

ପ୍ରକାଶ କାଳ : ପ୍ରଥମ ମୁଦ୍ରଣ - ୨୦୦୭

ପ୍ରଚ୍ଛଦ : ଶ୍ରୀ ପ୍ରକାଶ କୁମାର ମହାପାତ୍ର

ମୁଦ୍ରଣ : ସୁଦେଷ୍ଣା କ୍ରିଏଟିଭସ୍
୯, ଷ୍ଟେସନ ସ୍କୋୟାର, ଭୁବନେଶ୍ୱର

ମୂଲ୍ୟ : ଟ. ୧୦୦.୦୦ (ଏକଶତ ଟଙ୍କା ମାତ୍ର)

NATYASHASTRA
Oriya Translation with Sanskrit Text
(Third Volume : 20th to 27th Chapter)

Written by :
Bharat Muni

Translated by :
Pandit Gobinda Chandra Mishra

Published by :
Orissa Sahitya Akademi
Sanskruti Bhavan, Bhubaneswar-14

Published Year :
First Edition 2007

Cover Design :
Sri Prakash Kumar Mohapatra

Printed at :
Sudeshna Creatives
9, Station Square, Bhubaneswar

Price : Rs. 100.00 (Rupees One Hundred only)

ISBN:

Digitized by srujanika@gmail.com

ଅଗ୍ରଲେଖ

ଭାରତୀୟ ନାଟ୍ୟ ପରମ୍ପରାର ଏକ ସମୁଜ୍ଜଳ ଜ୍ୟୋତିଷ୍କ ଭାବରେ କେଉଁ ସ୍ମରଣାତୀତ କାଳରୁ ନୃତ୍ୟ, ନାଟକ ଓ ଅଭିନୟର ବ୍ୟାକରଣ ଭାବେ ଗୃହୀତ ଅମୂଲ୍ୟ ଗ୍ରନ୍ଥ ଭରତ ମୁନି ପ୍ରଣୀତ ନାଟ୍ୟଶାସ୍ତ୍ର ବିଶ୍ୱର ଚର୍ଚ୍ଚିତ ଗ୍ରନ୍ଥମାନଙ୍କ ମଧ୍ୟରୁ ବହୁଳ ପ୍ରସାରିତ ନାଟ୍ୟଶାସ୍ତ୍ର । ଯୁଗ ଯୁଗ ଧରି ଭାଷ୍ୟ ପରମ୍ପରାରେ ଗୋଟିଏ ମୁଖରୁ ଅନ୍ୟ ମୁଖକୁ ରୂପାନ୍ତରିତ ହୋଇ ଗଡ଼ି ଆସିଥିବା ଏହି ମହାନ୍ ଗ୍ରନ୍ଥ ପିଢ଼ି ପରେ ପିଢ଼ିର ଭାଷ୍ୟକାରମାନଙ୍କ ଦ୍ୱାରା ସମୃଦ୍ଧ ହୋଇ ବର୍ତ୍ତମାନକାଳରେ ନାଟକର ବିଶ୍ୱକୋଷ ରୂପେ ଖ୍ୟାତି ଲାଭ କରିଛି । ନାଟ୍ୟଶାସ୍ତ୍ର ଭାରତୀୟ ଅଳଙ୍କାର ଓ ନାଟ୍ୟ ପରମ୍ପରାର ସର୍ବପ୍ରାଚୀନ ମୂଳଗ୍ରନ୍ଥ ଭାବରେ ବିଦ୍ୱାନ ଓ ପଣ୍ଡିତମାନଙ୍କ ଦ୍ୱାରା ସ୍ୱୀକୃତ । ମୋଟ ୩୭ ଗୋଟି ଅଧ୍ୟାୟରେ ସଂସ୍କୃତ ଭାଷାରେ ରଚିତ ଏହି ମହାନ୍ ଗ୍ରନ୍ଥଟିର ଗଦ୍ୟଭାବେ ରଚନାଶୈଳୀ ଅତ୍ୟନ୍ତ ସାବଲୀଳ ଓ ସୁଖପାଠ୍ୟ ମଧ୍ୟ । ଏଥିରେ ନାଟ୍ୟ, ନୃତ୍ୟ, ଅଭିନୟ, କଳା, ଯୋଗ, ଶିଳ୍ପ, ଜ୍ଞାନ, ସଂଗୀତର ନିଗୁଢ଼ ତତ୍ତ୍ୱ ବ୍ୟତୀତ ଛନ୍ଦ, ଅଳଙ୍କାର, ରସ ଭାବର ପ୍ରକାଶନ, ଭବନ ନିର୍ମାଣ କଳା ସହିତ ସଂପୃକ୍ତ ନାଟ୍ୟମଣ୍ଡପର ନିର୍ମାଣ ଶୈଳୀ, ନାଟ୍ୟୋପକରଣ, ମଞ୍ଚଶିଳ୍ପୀମାନଙ୍କ ବ୍ୟବହାର ପାଇଁ ରାସାୟନିକ ବିଧିର ପ୍ରୟୋଗ ମଧ୍ୟ ରହିଛି । ଏତଦ୍‌ବ୍ୟତୀତ ଉକ୍ତ ଗ୍ରନ୍ଥ ବେଦବିଦ୍ୟା, ଇତିହାସ ଓ ଆଖ୍ୟାନରେ ପରିପୂର୍ଣ୍ଣ ଏକ ପ୍ରାମାଣିକ ତଥ୍ୟ ଭିତ୍ତିକ ଗ୍ରନ୍ଥଭାବେ ପରିଗଣିତ ହେଉଥିବାରୁ ଏହା ଭାରତୀୟ ନାଟ୍ୟ ପରମ୍ପରା ଓ ଅଳଙ୍କାର ଶାସ୍ତ୍ରର ମୂଳଗ୍ରନ୍ଥ ଭାବେ ବିଦ୍ୱାନମାନଙ୍କ ନିକଟରେ ଆଦୃତ । ଏହିଭଳି ବିବିଧତାରେ ପରିପୂର୍ଣ୍ଣ ଏହି ଅମୂଲ୍ୟ ଗ୍ରନ୍ଥଟିର ଆବଶ୍ୟକତା ରସଗ୍ରାହୀ ପାଠକମାନଙ୍କ ନିକଟରେ କାଳେ କାଳେ ରହିଆସିଛି ଏବଂ ଆଗକୁ ରହିବ ମଧ୍ୟ ।

Digitized by srujanika@gmail.com

ଭାରତୀୟ ନାଟ୍ୟଶାସ୍ତ୍ରର ସର୍ବ ପୁରାତନ ଏବଂ ତଥ୍ୟଭିତ୍ତିକ ପ୍ରାମାଣିକ ଅମୂଲ୍ୟ ଗ୍ରନ୍ଥଟିକୁ ଉତ୍କଳୀୟ ଅନୁବାଦ କରି ଓଡ଼ିଶାର ପାଠକପାଠିକା ତଥା ଗବେଷକମାନଙ୍କ ନିକଟରେ ଉପଲବ୍ଧ କରିବା ଉଦ୍ଦେଶ୍ୟରେ ଏକାଡେମୀ ତା'ର ପ୍ରତିଷ୍ଠା କାଳରୁ ଉଦ୍ୟମ କରିଆସିଛି । ଉକ୍ତ ଗ୍ରନ୍ଥଟିର ପ୍ରଥମ ଖଣ୍ଡ (ପ୍ରଥମ ଅଧ୍ୟାୟରୁ ୧୧ଶ ଅଧ୍ୟାୟ ପର୍ଯ୍ୟନ୍ତ) ପଣ୍ଡିତ ବାନାମ୍ବର ଆଚାର୍ଯ୍ୟଙ୍କ ଦ୍ୱାରା ଓଡ଼ିଆରେ ଅନୁଦିତ ହୋଇ ୧୯୬୪ ମସିହାରେ ପ୍ରଥମ ସଂସ୍କରଣ ପ୍ରକାଶ ପାଇଥିଲା । ଏହି ଗ୍ରନ୍ଥଟି ପାଠକମାନଙ୍କ ଦ୍ୱାରା ବିଶେଷ ଆଦୃତି ଲାଭ ହେତୁ ଇତି ମଧ୍ୟରେ ତିନୋଟି ସଂସ୍କରଣରେ ପ୍ରକାଶିତ ହୋଇ ଶେଷ ହେବାକୁ ବସିଛି । ପ୍ରଥମ ଖଣ୍ଡର ପ୍ରଥମ ସଂସ୍କରଣ ପ୍ରକାଶ ପାଇବାର ଚାରିଦଶନ୍ଧିରେ ନାଟ୍ୟଶାସ୍ତ୍ରର ଦ୍ୱିତୀୟ ଖଣ୍ଡ (୧୨ ଅଧ୍ୟାୟଠାରୁ ୧୯ ଅଧ୍ୟାୟ ପର୍ଯ୍ୟନ୍ତ) ଏକାଡେମୀର ପ୍ରୟାସରେ ଡକ୍ଟର ଶ୍ରୀନିବାସ ଉଦ୍‌ଗାତାଙ୍କ ଦ୍ୱାରା ଓଡ଼ିଆରେ ଅନୁଦିତ ହୋଇ ପ୍ରକାଶ ପାଇଥିଲା । ଏହା ମଧ୍ୟ ପାଠକମାନଙ୍କ ଦ୍ୱାରା ସମାଦୃତ ହୋଇ ପାରିଛି । ନାଟ୍ୟଶାସ୍ତ୍ରର ପରବର୍ତ୍ତୀ ଅଧ୍ୟାୟଗୁଡ଼ିକ ଏକାଡେମୀର ଅନୁରୋଧ ରକ୍ଷାକରି ପଣ୍ଡିତ ଗୋବିନ୍ଦଚନ୍ଦ୍ର ମିଶ୍ର ଖୁବ୍ ସ୍ୱଳ୍ପକାଳ ମଧ୍ୟରେ ଓଡ଼ିଆରେ ଅନୁବାଦ କରି ପାଣ୍ଡୁଲିପି ଏକାଡେମୀକୁ ହସ୍ତାନ୍ତର କରିଛନ୍ତି, ତନ୍ମଧ୍ୟରୁ ତୃତୀୟ ଖଣ୍ଡ (୨୦ ଅଧ୍ୟାୟଠାରୁ ୨୭ ଅଧ୍ୟାୟ ପର୍ଯ୍ୟନ୍ତ) ବର୍ତ୍ତମାନ ପୁସ୍ତକ ଆକାରରେ ପ୍ରକାଶ ପାଇବାକୁ ଯାଉଅଛି । ଉକ୍ତ ଗ୍ରନ୍ଥର ଚତୁର୍ଥ ତଥା ଶେଷ ଖଣ୍ଡ (୨୮ ଅଧ୍ୟାୟଠାରୁ ୩୭ ଅଧ୍ୟାୟ ପର୍ଯ୍ୟନ୍ତ) ବର୍ତ୍ତମାନ ଏକାଡେମୀ ଦ୍ୱାରା ମୁଦ୍ରଣାଧୀନ ରହିଛି ଏବଂ ଏହାର ଆଶୁ ପ୍ରକାଶନ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଉଅଛି । ଆଶା ଅବିଳମ୍ବେ ଏହି ପୁସ୍ତକଟି ପ୍ରକାଶ ପାଇ ଓଡ଼ିଆରେ ନାଟ୍ୟଶାସ୍ତ୍ରର ସଂପୂର୍ଣ୍ଣ ସେଟ୍ ରସଗ୍ରାହୀ ପାଠକମାନଙ୍କ ନିକଟରେ ଏକାଡେମୀ ପହଞ୍ଚାଇ ପାରିବ ।

ପୂର୍ବ ଖଣ୍ଡମାନଙ୍କ ପରି ନାଟ୍ୟଶାସ୍ତ୍ରର ତୃତୀୟ ଖଣ୍ଡ ରସଗ୍ରାହୀ ପାଠକମାନଙ୍କ ଦ୍ୱାରା ସମାଦୃତ ହେଲେ ଏକାଡେମୀର ଶ୍ରମ ସାର୍ଥକ ହେବ ବୋଲି ଆଶା କରୁଅଛି ।

ଭୁବନେଶ୍ୱର
ତା୨୬.୦୩.୨୦୦୭
ଅଶୋକାଷ୍ଟମୀ

ରବୀନ୍ଦ୍ରନାଥ ଦାସ
ସଂପାଦକ

Digitized by srujanika@gmail.com

ନାଟ୍ୟଶାସ୍ତ୍ର ତୃତୀୟ ଖଣ୍ଡ

ସୂଚୀପତ୍ର

ବିଂଶ ଅଧ୍ୟାୟ ।
ଦଶରୂପ ବିଧାନ ।

ବିଷୟ	ଶ୍ଳୋକସଂଖ୍ୟା	ପୃଷ୍ଠା
ରୂପକମାନଙ୍କ ନାମ	୨/୩	୧
ରୂପକମାନଙ୍କ ବୃତ୍ତିନିର୍ଣ୍ଣୟ	୭	୨
ନାଟକ	୧୦	୩
ଅଙ୍କ	୧୪	୩
ପ୍ରବେଶକ	୨୭	୭
ବିଷ୍କମ୍ଭକ	୩୬	୮
ପାତ୍ର ସଂଖ୍ୟା	୩୯	୯
ରଙ୍ଗମଞ୍ଚରେ ରଥ ପ୍ରଭୃତିର ଅବତାରଣା	୪୧	୯
ରଙ୍ଗ ମଞ୍ଚରେ ସେନା	୪୩	୯
ପ୍ରକରଣ	୪୮	୧୦
ନାଟିକା	୬୦	୧୨
ସମବକାର	୬୪	୧୩
ତ୍ରିବିଧ ବିଦ୍ରବ	୭୦	୧୩
ତ୍ରିବିଧ କପଟ	୭୧	୧୩
ଶୃଙ୍ଗାର ତ୍ରୟ	୭୨	୧୩
ସମବକାର ନିଷିଦ୍ଧ ଛନ୍ଦ	୭୬	୧୪
ଈହାମୃଗ	୭୮	୧୫
ଡିମ	୮୪	୧୬
ବ୍ୟାୟୋଗ	୯୦	୧୭
ଉତ୍ସୃଷ୍ଟିକାଙ୍କ	୯୪	୧୮
ପ୍ରହସନ	୧୦୨	୧୯
ଭାଣ	୧୦୮	୨୦
ବୀଥୀ	୧୧୨	୨୦
ବୀଥ୍ୟଙ୍ଗ	୧୧୪	୨୧
ଉଦ୍‌ଘାତ୍ୟକ	୧୧୭	୨୧
ଅବଲଗିତ	୧୧୮	୨୧
ଅବସ୍ପନ୍ଦିତ	୧୧୯	୨୧
ଅସତ୍ ପ୍ରଳାପ	୧୨୦	୨୨
ପ୍ରପଞ୍ଚ	୧୨୨	୨୨
ନାଳିକା	୧୨୩	୨୨
ବାକ୍‌କେଳି	୧୨୩	୨୨
ଅଧିବଳ	୧୨୪	୨୨
ଛଳ	୧୨୫	୨୩
ବ୍ୟାହାର	୧୨୬	୨୪
ମୃଦବ	୧୨୭	୨୪
ତ୍ରିଗତ	୧୨୮	୨୪
ଗଣ୍ଡ	୧୨୯	୨୪
ଲାସ୍ୟ	୧୩୨	୨୫
ଲାସ୍ୟାଙ୍ଗ	୧୩୪	୨୫
ଗେୟପଦ	୧୩୬	୨୫
ସ୍ଥିତପାଠ୍ୟ	୧୩୮	୨୬
ଆସୀନ	୧୩୯	୨୬
ପୁଷ୍ପଗଣ୍ଡିକା	୧୪୦	୨୬
ପ୍ରଚ୍ଛେଦକ	୧୪୧	୨୬
ତ୍ରିମୂଢ଼କ	୧୪୨	୨୭
ସୈନ୍ଧବକ	୧୪୩	୨୭
ଦ୍ୱିମୂଢ଼କ	୧୪୪	୨୭
ଉତ୍ତମୋତ୍ତମକ	୧୪୫	୨୭
ବିଚିତ୍ର ପଦ	୧୪୬	୨୭
ଉକ୍ତ ପ୍ରତ୍ୟୁକ୍ତ	୧୪୭	୨୭
ଭାବିତ	୧୪୮	୨୭

ଏକବିଂଶ ଅଧ୍ୟାୟ ।
ସନ୍ଧ୍ୟଙ୍ଗ ବିକଳ୍ପ ।

ସନ୍ଧି	୧	୨୯
ଇତିବୃତ୍ତ	୨	୨୯
ପଞ୍ଚାବସ୍ଥା	୬	୩୦

Digitized by srujanika@gmail.com

ପ୍ରାରମ୍ଭ	୯	୩୦
ପ୍ରଯତ୍ନ	୧୦	୩୦
ପ୍ରାପ୍ତିସମ୍ଭବ	୧୧	୩୧
ନିୟତା ଫଳ ପ୍ରାପ୍ତି	୧୨	୩୧
ଫଳଯୋଗ	୧୩	୩୧
ଅଧିକାରିକ ଇତିବୃତ୍ତ	୧୬	୩୨
ସନ୍ଧି ଲୋପ	୧୮	୩୨
ପଞ୍ଚ ଅର୍ଥ ପ୍ରକୃତି	୨୦	୩୨
ବୀଜ	୨୨	୩୩
ବିନ୍ଦୁ	୨୩	୩୩
ପତାକା	୨୪	୩୩
ପ୍ରକରୀ	୨୫	୩୩
କାର୍ଯ୍ୟ	୨୬	୩୩
ଅନୁବନ୍ଧ	୨୮	୩୪
ପତାକାସ୍ଥାନ	୩୦	୩୪
ସନ୍ଧି	୩୬	୩୫
ମୁଖ	୩୮	୩୫
ପ୍ରତିମୁଖ	୩୯	୩୬
ଗର୍ଭ	୪୦	୩୬
ବିମର୍ଶ	୪୧	୩୬
ନିର୍ବହଣ	୪୨	୩୬
ସନ୍ଧ୍ୟନ୍ତର	୪୮	୩୭
ସନ୍ଧ୍ୟଙ୍ଗ	୫୧	୩୮
ଅର୍ଥୋପକ୍ଷେପକ	୧୦୬	୪୬
ନାଟକ	୧୧୩	୪୭

ଦ୍ୱାବିଂଶ ଅଧ୍ୟାୟ
ବୃତ୍ତି ବିକଳ୍ପ

ବୃତ୍ତି ଉତ୍ପତ୍ତି	୧	୫୧
ନ୍ୟାୟ ଉତ୍ପତ୍ତି	୧୭	୫୩
ଭାରତୀ ବୃତ୍ତି ଲକ୍ଷଣ ଓ ଭେଦ	୨୫	୫୪
ଆମୁଖ ବା ପ୍ରସ୍ତାବନା	୨୮	୫୪
ଆମୁଖାଙ୍ଗ	୩୦	୫୪
କଥୋଦ୍‌ଘାତ	୩୩	୫୫
ପ୍ରୟୋଗାତିଶୟ	୩୪	୫୫
ପ୍ରବୃତ୍ତକ	୩୫	୫୫
ସାତ୍ତ୍ୱତୀ ବୃତ୍ତି ଲକ୍ଷଣ ଓ ଭେଦ	୩୯	୫୬
ଉତ୍‌ଥାପକ	୪୩	୫୬
ପରିବର୍ତ୍ତକ	୪୪	୫୬
ସଂଲାପକ	୪୫	୫୬
ସଂଘାତକ	୪୬	୫୭
କୈଶିକୀ ବୃତ୍ତି	୪୮	୫୭
କୈଶିକୀ ଭେଦ	୫୧	୫୭
ନର୍ମ	୫୩	୫୭
ନର୍ମସ୍ଫୁର୍ଜ	୫୪	୫୮
ନର୍ମସ୍ଫୋଟ	୫୫	୫୮
ନର୍ମଗର୍ଭ	୫୬	୫୮
ଆରଭଟୀ ଲକ୍ଷଣ	୫୮	୫୮
ଅରଭଟୀ ଭେଦ	୬୦	୫୮
ସଂକ୍ଷିପ୍ତକ	୬୧	୫୮
ଅବପାତ	୬୨	୫୯
ବସ୍ତୂତ୍‌ଥାପନ	୬୩	୫୯
ସଂଫେଟ	୬୪	୫୯
ରସାନୁଗୁଣ ବୃତ୍ତିଭାଗ	୬୬	୫୯

ତ୍ରୟୋବିଂଶ ଅଧ୍ୟାୟ ।
ଆହାର୍ଯ୍ୟ ଅଭିନୟ ।

ସଜ୍ଜା ପ୍ରୟୋଜନ	୧	୬୦
ଚତୁର୍ବିଧ ସଜ୍ଜା	୪	୬୦
ପୁସ୍ତ	୫	୬୦
ଅଳଙ୍କାର	୯	୬୧
ଭୂଷଣ	୧୧	୬୧
ଆବେଧ୍ୟ, ବନ୍ଧନୀ	୧୨	୬୧
ପ୍ରକ୍ଷେପ୍ୟ, ଆରୋପ୍ୟ	୧୩	୬୧
ପୁରୁଷା ଭରଣ	୧୫	୬୧
କଣ୍ଠଭୂଷା	୧୬	୬୨
ବାହୁ ଭୂଷା	୧୭	୬୨
ବକ୍ଷୋଭୂଷଣ	୧୮	୬୨
ସ୍ତ୍ରୀ ଶିରୋଭୂଷା	୨୧	୬୩
କର୍ଣ୍ଣ ଭୂଷା	୨୪	୬୩

Digitized by srujanika@gmail.com

ଗଣ୍ଡଭୂଷା	୨୬	୬୩
ବକ୍ଷୋଭୂଷା	୨୭	୬୩
କଣ୍ଠଭୂଷା	୩୦	୬୪
ଶ୍ରୋଣୀଭୂଷା	୩୬	୬୫
ନାରୀବେଶଚର୍ଯ୍ୟା	୫୦	୬୬
ଅଙ୍ଗରଚନା ବର୍ଣ୍ଣ	୬୩	୭୦
ଶ୍ମଶ୍ରୁ କର୍ମ	୧୦୦	୭୫
ତ୍ରିବିଧ ବେଶ	୧୧୮	୭୫
ତ୍ରିବିଧ ମୁକୁଟ	୧୩୬	୭୮
ସଂଜୀବ	୧୫୮	୮୧
ଅସ୍ତ୍ର ବ୍ୟବହାର	୧୬୦	୮୧
ଅନ୍ୟ ଉପକରଣ ବ୍ୟବହାର	୧୬୮	୮୨
ବେଣୁ	୧୭୪	୮୩
ପଟୀ	୧୮୩	୮୪

ଚତୁର୍ବିଂଶ ଅଧ୍ୟାୟ ।
ସାମାନ୍ୟାଭିନୟ ।

ସତ୍ତ୍ୱ	୧	୯୦
ସ୍ତ୍ରୀ ସୌନ୍ଦର୍ଯ୍ୟ	୪	୯୦
ଭାବ	୮	୯୧
ସ୍ତ୍ରୀସ୍ୱଭାବଜ ଦଶ ଅଳଙ୍କାର	୧୧	୯୧
ଲୀଳା	୧୪	୯୨
ବିଳାସ	୧୫	୯୨
ବିଚ୍ଛିତ୍ତି	୧୬	୯୨
ବିଭ୍ରମ	୧୭	୯୨
କିଳକିଞ୍ଚିତ	୧୮	୯୨
ମୋଟ୍ଟାୟିତ	୧୯	୯୨
କୁଟ୍ଟମିତ	୨୦	୯୨
ବିବ୍ବୋକ	୨୧	୯୩
ଲଳିତ	୨୨	୯୩
ବିହୃତ	୨୩	୯୩
ଅଯତ୍ନଜ ଅଳଙ୍କାର	୨୪	୯୩
ଶୋଭା	୨୫	୯୩
କାନ୍ତି ଓ ଦୀପ୍ତି	୨୬	୯୩
ମାଧୁର୍ଯ୍ୟ	୨୭	୯୩
ଧୈର୍ଯ୍ୟ	୨୮	୯୪
ପୁରୁଷ ସତ୍ତ୍ୱଜ ଅଳଙ୍କାର	୩୧	୯୪
ଶୋଭା	୩୨	୯୪
ବିଳାସ ମାଧୁର୍ଯ୍ୟ	୩୪	୯୪
ସ୍ଥୈର୍ଯ୍ୟ	୩୫	୯୫
ଗାମ୍ଭୀର୍ଯ୍ୟ	୩୬	୯୫
ଲଳିତ	୩୭	୯୫
ଔଦାର୍ଯ୍ୟ	୩୮	୯୫
ତେଜଃ	୩୯	୯୫
ଆଙ୍ଗିକ ଅଭିନୟ	୪୧	୯୫
ବାକ୍ୟାଭିନୟ	୪୨	୯୬
ସୂଚା	୪୩	୯୬
ଅଙ୍କୁର	୪୪	୯୬
ଶାଖାଭିନୟ	୪୫	୯୬
ନାଟ୍ୟାୟିତ	୪୬/୪୭	୯୬
ନିବୃତ୍ତାଙ୍କୁର	୪୮	୯୬
ଦ୍ୱାଦଶ ଅଭିନୟମାର୍ଗ	୪୯	୯୭
ଆଳାପ ପ୍ରଳାପ	୫୨	୯୭
ବିଳାପ ଅନୁଳାପ	୫୩	୯୭
ସଂଳାପ ଅପଳାପ	୫୪	୯୭
ସଂଦେଶ ଅତିଦେଶ	୫୪	୯୭
ଉପଦେଶ ଅପଦେଶ	୫୫	୯୭
ଏମାନଙ୍କର ସାତ ପ୍ରକାର	୫୮	୯୮
ସାମାନ୍ୟାଭିନୟ	୭୨	୯୯
ଆଭ୍ୟନ୍ତର	୭୩-୭୫	୧୦୦
ବାହ୍ୟ	୭୬-୭୭	୧୦୦
ଇନ୍ଦ୍ରିୟାଭିନୟ	୮୦	୧୦୦
ମନଃ ପ୍ରାଧାନ୍ୟ	୮୬	୧୦୨
ସ୍ତ୍ରୀ ପ୍ରକାରଭେଦ	୯୯	୧୦୪
ଦେବୀ	୧୦୧	୧୦୪
ଅସୁରୀ	୧୦୩	୧୦୫
ଗନ୍ଧର୍ବୀ	୧୦୫	୧୦୫
ରାକ୍ଷସୀ	୧୦୭	୧୦୫
ନାଗୀ	୧୦୯	୧୦୫

Digitized by srujanika@gmail.com

ଗଧ ଘୋଡା ପ୍ରଭୃତି	୬୭	୧୫୭
ଭୂତପିଶାଚ ଯକ୍ଷ	୬୮	୧୫୮
ଦେବ ଗୁରୁ ଅଭିବାଦନ	୭୧	୧୫୮
ବନ୍ଧୁ ଓ ମହାଜନ	୭୪	୧୫୮
ପର୍ବତ ଓ ବୃକ୍ଷ	୭୫	୧୫୯
ଶୌର୍ଯ୍ୟ- ଗର୍ବ	୭୭	୧୫୯
ଅନ୍ଧକାର ଗୃହ ପର୍ବତ ଗୁମ୍ଫା	୮୦	୧୫୯
ଦୋଳାଭିନୟ	୮୧	୧୬୦
ଆକାଶ ବଚନ	୮୪	୧୬୦
ଆତ୍ମଗତ	୮୬	୧୬୦
ଅପବାରିତ	୮୮	୧୬୧
ଦ୍ୱିରୁକ୍ତି	୯୫	୧୬୨
ଅଭିନୟ ଅଯୋଗ୍ୟ	୯୬	୧୬୨
ସ୍ୱପ୍ନାୟିତ	୯୯	୧୬୨
ବୃଦ୍ଧ ବାଳ ସ୍ୱର	୧୦୧	୧୬୩
ମରଣ ସ୍ୱର	୧୦୨	୧୬୩
ମରଣାଭିନୟ	୧୦୪	୧୩୬
ବେପଥୁ	୧୧୦	୧୬୪
ଦାହ (ପୋଡାଜଳାହେବା)	୧୧୧	୧୬୪
ହିକ୍କା	୧୧୨	୧୬୪
ଫେନ	୧୧୩	୧୬୫
ଜଡ଼ତା	୧୧୪	୧୬୫

ସପ୍ତବିଂଶ ଅଧ୍ୟାୟ ।
ସିଦ୍ଧି ବ୍ୟଞ୍ଜନ

ସିଦ୍ଧି	୧	୧୬୮
ମାନୁଷୀ ସିଦ୍ଧି	୩	୧୬୮
ବାଙ୍ମୟୀ ସିଦ୍ଧି	୪	୧୬୮
ଶାରୀରୀ ସିଦ୍ଧି	୫	୧୬୮
ସ୍ମିତ	୬	୧୬୮
ଅର୍ଦ୍ଧହାସ୍ୟ	୭	୧୬୯
ଅତିହାସ୍ୟ	୮	୧୬୯
ବାଙ୍ମୟୀ ସିଦ୍ଧି	୯	୧୬୯
ଦୈବୀ ସିଦ୍ଧି	୧୫	୧୭୦
ତ୍ରିବିଧ ଘାତ	୧୯	୧୭୦
ଦୈବ ଘାତ	୨୦	୧୭୧
ପରକୃତ ଘାତ	୨୧/୨୨	୧୭୧
ଔତ୍ପାତିକ ଘାତ	୨୩	୧୭୧
ଆତ୍ମ ସମୁତ୍ଥ	୨୪	୧୭୧
ପ୍ରତିକାର ବିହୀନ ଦୋଷ	୨୮	୧୭୨
କାବ୍ୟଘାତ	୨୯	୧୭୨
ସ୍ୱରଘାତ	୩୧	୧୭୨
ସାଧାରଣ ଘାତ	୩୩-୩୬	୧୭୩
ଧର୍ଷବ୍ୟ ଘାତ	୩୮	୧୭୪
ପ୍ରକ୍ଷେପ	୪୧	୧୭୪
ପ୍ରେକ୍ଷକଲକ୍ଷଣ	୪୯	୧୭୫
ଦର୍ଶକ ଶ୍ରେଣୀବିଭାଗ	୫୮	୧୭୬
ପ୍ରାଶ୍ନିକ	୬୩	୧୭୭
ଅଭିନୟ ବିତର୍କ	୭୦	୧୭୮
ପ୍ରେକ୍ଷକ ସ୍ଥାନ	୭୩	୧୭୮
ଉପେକ୍ଷଣୀୟ ଦୋଷ	୭୫	୧୭୯
ପତାକା ଦାନ ପଦ୍ଧତି	୭୭	୧୭୯
ସମତ୍ୱ	୮୦	୧୮୦
ଅଭିନୟ କାଳ	୮୬	୧୮୦
କାଳ ବ୍ୟତିକ୍ରମ	୯୬	୧୮୨
ନଟ ଗୁଣ	୯୮	୧୮୨
ଆଦର୍ଶ ଅଭିନୟ	୧୦୦	୧୮୨
ଉତ୍ତମ ଅଭିନୟ	୧୦୨	୧୮୩

▼▼▼

Digitized by srujanika@gmail.com

ଶ୍ରୀ ଗଣେଶାୟ ନମଃ

ଭରତମୁନିପ୍ରଣୀତ - ନାଟ୍ୟଶାସ୍ତ୍ରମ୍

ବିଂଶଃ ଅଧ୍ୟାୟଃ ।

ବର୍ତ୍ତୟିଷ୍ୟାମ୍ୟହଂ ବିପ୍ରା ଦଶରୂପ ବିକଳ୍ପନମ୍ ।
ନାମତଃ କର୍ମତଶ୍ଚୈବ ତଥା ଚୈବ ପ୍ରୟୋଗତଃ ॥ ୧ ॥

ନାଟକଂ ସପ୍ରକରଣମଙ୍କୋ ବ୍ୟାୟୋଗ ଏବ ଚ ।
ଭାଣଃ ସମବକାରଶ୍ଚ ବୀଥୀ ପ୍ରହସନଂ ଡିମଃ ॥ ୨ ॥

ଈହାମୃଗଶ୍ଚ ବିଜ୍ଞେୟା ଦଶେମେ ନାଟ୍ୟଲକ୍ଷଣେ
ଏତେଷାଂ ଲକ୍ଷଣମହଂ ବ୍ୟାଖ୍ୟାସ୍ୟାମ୍ୟନୁପୂର୍ବଶଃ ॥ ୩ ॥

ସର୍ବେଷାମେବ କାବ୍ୟାନାଂ ମାତୃକା ବୃତ୍ତୟଃ ସ୍ମୃତାଃ ।
ଆଭ୍ୟୋ ବିନିଃସୃତଂ ହ୍ୟେତଦ୍ଦଶରୂପଂ ପ୍ରୟୋଗତଃ ॥ ୪ ॥

-: ବିଂଶ ଅଧ୍ୟାୟ :-

(ଦଶରୂପ ବିଧାନ)

● ହେ ବିପ୍ରଗଣ, ଏବେ ମୁଁ ନାମ, କର୍ମ ଏବଂ ପ୍ରୟୋଗବିଧାନ ଅନୁଯାୟୀ ଦଶଟି ରୂପକର ବର୍ଣ୍ଣନା କରିବାକୁ ଯାଉଅଛି ॥ ୧ ॥

ରୂପକମାନଙ୍କର ନାମ

● ନାଟକ, ପ୍ରକରଣ, ଅଙ୍କ, ବ୍ୟାୟୋଗ, ଭାଣ, ସମବକାର, ବୀଥୀ, ପ୍ରହସନ, ଡିମ, ଈହାମୃଗ, ଏହି ଦଶଟି ରୂପକକୁ ନାଟ୍ୟଲକ୍ଷଣରେ ଆପଣମାନେ ଜାଣି ପାରିବେ । ଯଥାକ୍ରମେ ଏମାନଙ୍କର ଲକ୍ଷଣସବୁ ମୁଁ କହିବି ॥ ୨ ॥ ୩ ॥

ଭାରତୀ, ସାତ୍ୱତୀ, କୈଶିକୀ ପ୍ରଭୃତି ଦ୍ୱାବିଂଶ ଅଧ୍ୟାୟରେ କଥନୀୟ ବୃତ୍ତିମାନେ ସମସ୍ତ କାବ୍ୟର ଜନନୀ ଅଟନ୍ତି । ଏହି ଦଶଟି ଯାକ ରୂପକ ପ୍ରାୟୋଗିକ ସ୍ତରରେ ଏହି ବୃତ୍ତିମାନଙ୍କଠାରୁ ଜନ୍ମଲାଭ କରିଅଛନ୍ତି ॥ ୪ ॥

Digitized by srujanika@gmail.com

ଜାତିଭିଃ ଶ୍ରୁତିଭିଶ୍ଚୈବ ସ୍ୱରା ଗ୍ରାମତ୍ୱମାଗତାଃ ।
ଯଥା ତଥା ବୃତ୍ତିଭେଦୈଃ କାବ୍ୟବନ୍ଧା ଭବନ୍ତି ହି ॥ ୫ ॥

ଗ୍ରାମୌ ପୂର୍ଣ୍ଣସ୍ୱରୌ ଦ୍ୱୌ ତୁ ଯଥା ବୈ ଷଡ୍‌ଜ ମଧ୍ୟମୌ ।
ସର୍ବ-ବୃତ୍ତି-ବିନିଷ୍ପନ୍ନୌ କାବ୍ୟବନ୍ଧେ ତଥା ତ୍ୱିମୌ ॥ ୬ ॥

ଜ୍ଞେୟଂ ପ୍ରକରଣଂ ଚୈବ ତଥା ନାଟକମେବ ଚ ।
ସର୍ବବୃତ୍ତି ବିନିଷ୍ପନ୍ନଂ ନାନାବସ୍ଥାସମାଶ୍ରୟମ୍ ॥ ୭ ॥

ଭାଣଃ ସମବକାରଶ୍ଚ ବୀଥୀ ଚେହାମୃଗସ୍ତଥା ।
ଉତ୍‌ସୃଷ୍ଟିକାଙ୍କୋ ବ୍ୟାୟୋଗୋ ଡିମଃ ପ୍ରହସନଂ ତଥା ॥ ୮ ॥

କୈଶିକୀ ବୃତ୍ତିହୀନାନି ରୂପାଣ୍ୟେତାନି କାରୟେତ୍ ।
ଅତଊର୍ଦ୍ଧ୍ୱଂ ପ୍ରବକ୍ଷ୍ୟାମି କାବ୍ୟବନ୍ଧ ବିକଳ୍ପନମ୍ ॥ ୯ ॥

ଜାତି ଓ ଶ୍ରୁତି ସମୂହଦ୍ୱାରା ସ୍ୱରମାନେ ଯେପରି ଗ୍ରାମ ହୋଇଥାନ୍ତି ଠିକ୍ ସେହିପରି ବୃତ୍ତିଭେଦମାନଙ୍କ ଦ୍ୱାରା କାବ୍ୟବନ୍ଧମାନ ହୋଇଥାଆନ୍ତି ॥ ୫ ॥

(ଜାତି, ଗ୍ରାମ, ଶ୍ରୁତି ପ୍ରଭୃତି ପରେ କୁହାଯିବ ।)

ଷଡ୍‌ଜ ଏବଂ ମଧ୍ୟମ ଏହି ଗ୍ରାମ ଦୁଇଟି ପୂର୍ଣ୍ଣସ୍ୱର ଅଟନ୍ତି । (ଷଡ୍‌ଜ, ମଧ୍ୟମ, ଗାନ୍ଧାର ନାମରେ ତିନୋଟି ଗ୍ରାମ) ତେଣୁ ସବୁ ବୃତ୍ତିରେ ପ୍ରସ୍ତୁତ ହେଉଥିବା କାବ୍ୟବନ୍ଧରେ (ନାଟକ ପ୍ରକରଣ ଇତ୍ୟାଦି ଦଶ ରୂପକରେ) ଏହି ଦୁଇଟି ବୃତ୍ତିନିଷ୍ପତ୍ତି ପାଇଁ ଆବଶ୍ୟକ ହୋଇଥାଆନ୍ତି ॥ ୬ ॥

ପ୍ରକରଣ ଏବଂ ନାଟକ ସମସ୍ତ ବୃତ୍ତିଯୁକ୍ତ ହୋଇଥାଆନ୍ତି । ପ୍ରାରମ୍ଭ ପ୍ରଯତ୍ନ ପ୍ରଭୃତି ପାଞ୍ଚଟି ନାଟକୀୟ ଅବସ୍ଥା ଏଥିରେ ସ୍ଥାନ ପାଇଥା'ନ୍ତି ॥ ୭ ॥

ଭାଣ, ସମବକାର, ବୀଥୀ, ଈହାମୃଗ, ଉତ୍‌ସୃଷ୍ଟିକାଙ୍କ, ବ୍ୟାୟୋଗ, ଡିମ, ପ୍ରହସନ ଏହିସବୁ ପ୍ରକାରରେ କୈଶିକୀ ବୃତ୍ତି ରହିବ ନାହିଁ । ଏହାପରେ ଦୃଶ୍ୟକାବ୍ୟ ବନ୍ଧର ଭେଦବିଷୟ କହିବି ॥ ୮/୯ ॥

Digitized by srujanika@gmail.com

ପ୍ରଖ୍ୟାତବସ୍ତୁ ବିଷୟଂ ପ୍ରଖ୍ୟାତୋଦାତ୍ତ ନାୟକଞ୍ଚୈବ ।
ରାଜର୍ଷିବଂଶଚରିତଂ ତଥା ଚ ଦିବ୍ୟାଶ୍ରୟୋପେତମ୍ ।। ୧୦ ।।
ନାନା ବିଭୂତି ସଂଯୁତ ମୃଦ୍ଧି - ବିଳାସାଦିଭିର୍ଗୁଣୈଶ୍ଚାପି ।
ଅଙ୍କ ପ୍ରବେଶକାଢ୍ୟଂ ଭବତି ହି ତନ୍ନାଟକଂ ନାମ ।। ୧୧ ।।
ନୃପତୀନାଂ ଯଚ୍ଚରିତଂ ନାନାରସଭାବଚେଷ୍ଟିତୈର୍ବହୁଧା ।
ସୁଖ ଦୁଃଖୋତ୍ପତ୍ତିକୃତଂ ତଜ୍ଜ୍ଞେୟଂ ନାଟକଂ ନାମ ।। ୧୨ ।।
ଅସ୍ୟାବସ୍ଥୋପେତଂ କାର୍ଯ୍ୟଂ ପ୍ରସମୀକ୍ଷ୍ୟ ବିନ୍ଦୁବିସ୍ତାରାତ୍ ।
କର୍ତ୍ତବ୍ୟୋଽଙ୍କଃ ସୋଽପିତୁ ଗୁଣାନ୍ୱିତଂ ନାଟ୍ୟତତ୍ତ୍ୱଜ୍ଞୈଃ ।। ୧୩ ।।

ନାଟକର ବିଷୟ ରାମାୟଣ ମହାଭାରତ ପ୍ରଭୃତିର ଏକ ପ୍ରଖ୍ୟାତ ବିଷୟ ହେବ । ଏହାର ନାୟକ ମଧ୍ୟ ପ୍ରଖ୍ୟାତ ଏବଂ ଉଦାତ୍ତ (ଉଦାରତା ସହିତ ଶାଳୀନତା ବୀରତ୍ୱଥିବ) ହେବେ । ଅର୍ଥାତ୍ ନ୍ୟୂନ ଚରିତ୍ର ବ୍ୟକ୍ତି ନାଟକର ନାୟକ ହେବେ ନାହିଁ । ମହାବୀର ବହୁଗୁଣାଧିକାରୀ ହେଲେ ମଧ୍ୟ ଚାରିତ୍ରିକ ନ୍ୟୂନତା ଯୋଗୁଁ ରାବଣ ଦୁର୍ଯୋଧନ ହିରଣ୍ୟକଶିପୁ, ମହିଷାସୁର ପ୍ରଭୃତି ନାୟକ ହୋଇପାରିବେ ନାହିଁ । ମାନ୍ଧାତା ପ୍ରହ୍ଲାଦ ଜନକ ପ୍ରଭୃତି ଯେଉଁମାନେ ସାଧନାବଳରେ ଦେବ ଆଶୀର୍ବାଦ ଲାଭ କରିଥିବେ ସେହି ସେହି ବଂଶର ଚରିତ ବର୍ଣ୍ଣିତ ହେବ ।। ୧୦ ।। ନାଟକରେ ବ୍ୟକ୍ତିର ବିଭୂତି, ସମୃଦ୍ଧି, ବିଳାସ ଓ ଗୁଣସବୁ ବର୍ଣ୍ଣିତ ହେବ । ଏଥିରେ ଅଙ୍କ ଏବଂ ପ୍ରବେଶକ ଅଧିକ ରହିବ ।। ୧୧ ।। ରାଜାମାନଙ୍କର ଯେଉଁ ଚରିତ୍ର ବର୍ଣ୍ଣନା କରାଯିବ, ତହିଁରେ ଶୃଙ୍ଗାରାଦି ବିଭିନ୍ନ ରସ ଗୁରୁ-ଦେବ-ପିତୃମାତୃ ଭକ୍ତି, ବିଭିନ୍ନ କାର୍ଯ୍ୟାବଳୀ, ବର୍ଣ୍ଣନା କରାଯିବ । ଏହି କାର୍ଯ୍ୟଗୁଡ଼ିକର ପରିଣାମ ସୁଖ ଓ ଦୁଃଖ ମଧ୍ୟ ବର୍ଣ୍ଣନା ହେବ । ଏହାକୁ ନାଟକ ବୋଲି ଜାଣିବ ।। ୧୨ ।।

ଅଙ୍କ

ନାଟକର ଅବସ୍ଥା ଅନୁଯାୟୀ (ବିନ୍ଦୁରୁ ବିସ୍ତାର ପର୍ଯ୍ୟନ୍ତ) ସଂକ୍ଷେପରୁ ବଢ଼ାଇବା ରୀତିରେ କାର୍ଯ୍ୟକୁ ଦେଖି, କେଉଁଥିରେ କେତେ ଅଙ୍କ ଆବଶ୍ୟକ କଥାବସ୍ତୁକୁ ବିଚାରକରି ଅଙ୍କ ନିର୍ଣ୍ଣୟ କରିବେ । ଅଳ୍ପ କଥାବସ୍ତୁରେ ଏକ ଅଙ୍କ ବା ଦୁଇ ବା ତତୋଽଧିକ କରିପାରିବେ । ମାତ୍ର ନାଟ୍ୟତତ୍ତ୍ୱଜ୍ଞ ପ୍ରତ୍ୟେକ ଅଙ୍କକୁ ବୀଜ ବିନ୍ଦୁପତାକା ପ୍ରଭୃତି ଗୁଣାନ୍ୱିତ କରିବା ଉଚିତ ।। ୧୩ ।।

Digitized by srujanika@gmail.com

ଅଙ୍କ ଇତି ରୂଢ଼ିଶବ୍ଦୋ ଭାବୈଶ୍ଚ ରସୈଶ୍ଚ ରୋହୟତ୍ୟର୍ଥାନ୍ ।
ନାନାବିଧାନ - ଯୁକ୍ତୋ ଯସ୍ମାଦ୍ ତସ୍ମାଦ୍ ଭବେଦଙ୍କଃ ।। ୧୪ ।।

ଅଙ୍କସମାପ୍ତିଃ କାର୍ଯ୍ୟା କାବ୍ୟଚ୍ଛେଦେ ନ ବୀଜସଂହାରଃ ।
ବସ୍ତୁବ୍ୟାପୀ ବିନ୍ଦୁଃ କାବ୍ୟସମୁତ୍ଥୋଦ୍ଧତ୍ର ନିତ୍ୟଂସ୍ୟାଦ୍ ।। ୧୫ ।।

ଯତ୍ରାର୍ଥସ୍ୟ ସମାପ୍ତି ର୍ଯତ୍ର ଚ ବୀଜସ୍ୟ ଭବତି ସଂହାରଃ ।
କିଞ୍ଚିଦବଲଗ୍ନବିନ୍ଦୁଃ ସୋଽଙ୍କ ଇତି ସଦାବଗନ୍ତବ୍ୟଃ ।। ୧୬ ।।

ଅଙ୍କ ଏକରୂଢ଼ି ଶବ୍ଦ । ଭାବ ଓ ରସ ମାଧ୍ୟମରେ (ଦେବତା, ଗୁରୁ, ରାଜା ଓ ପିତୃ ଭକ୍ତି ପରକତାକୁ ଭାବ ଏବଂ ଶୃଙ୍ଗାର ବୀର କରୁଣ ପ୍ରଭୃତି ନବସଂଖ୍ୟକ ରସ ।) ଅର୍ଥକୁ ଆରୋହଣ କରାଇଥାଏ । ଆଗକୁ ଯେଉଁ ବିଧାନମାନ କୁହାଯିବ ସେହି ସମସ୍ତ ବିଧାନମାନଙ୍କଦ୍ୱାରା ଅଙ୍କିତ ହୋଇଥିବାରୁ ତାହାକୁ ଅଙ୍କ କୁହାଯାଏ ।। ୧୪ ।। (ନାଟକରେ ବୀଜ, ବିନ୍ଦୁ, ପତାକା, ପ୍ରକରୀ, କାର୍ଯ୍ୟ ଏହି ପାଞ୍ଚଟିକୁ ଅର୍ଥପ୍ରକୃତି କୁହାଯାଏ । ସାମାନ୍ୟ ଟିକିଏ କଥା ପରେ ବିଶାଳରୂପ ଧାରଣ କରିବାର ଥିଲେ ସେହି କଥାଟିକୁ ବୀଜ କୁହାଯାଏ । ଯେପରି ରାମ-ରାବଣ ଯୁଦ୍ଧର ବୀଜ ଶୂର୍ପଣାଖାନାସାଚ୍ଛେଦନ । ଦ୍ରୌପଦୀ ବେଣୀମୋଚନ କୁରୁକୁଳନିଧନ । କୌଣସି ଅବାନ୍ତର ବିଷୟ ପଶିଆସିଥିଲେ ତାହାର ସମାପ୍ତିମାତ୍ରେ ହିଁ ମୂଳକୁ ଫେରି ଆସିବାକୁ ବିନ୍ଦୁ କୁହାଯାଏ । (ରାମାୟଣରେ ବାଳିବଧ, ବର୍ଷାଋତୁ ପରେ ମୂଳ ପ୍ରସଙ୍ଗ ସୀତାନ୍ୱେଷଣକୁ ଲକ୍ଷ୍ମଣ କ୍ରୋଧମାଧ୍ୟମରେ ହଠାତ୍ ଫେରିଆସିବା) ଗୋଟିଏ ଗୋଟିଏ ସମସ୍ୟାଶେଷରେ । (କାବ୍ୟଚ୍ଛେଦେ) ଅଙ୍କର ସମାପ୍ତି କରାଯିବ । କିନ୍ତୁ ବୀଜର ବିସ୍ତାର ବଜାୟ ରଖିବ ଶେଷ ପର୍ଯ୍ୟନ୍ତ । ବିନ୍ଦୁ ସମସ୍ତ ଘଟନାକୁ ବ୍ୟାପି ରହି ସଂଯୁକ୍ତ କରୁଥିବ । ଏହି ବିନ୍ଦୁ କାବ୍ୟରଚନା ମଧ୍ୟରେ ହିଁ ବ୍ୟାପ୍ତ ରହିବ ।। ୧୫ ।। ଯେଉଁଠାରେ ଗୋଟିଏ ଅର୍ଥର ସମାପ୍ତି ହେଲେ ମଧ୍ୟ ବୀଜର ବିସ୍ତାର ଠିକ୍‌ଥାଏ, (ସଂହାର-ସମ୍ୟକ୍ ଆହରଣ) ବିନ୍ଦୁ ଟିକିଏ ଟିକିଏ ଯୋଗକରି ଦେଉଥାଏ, ତାହାକୁ ହିଁ ଅଙ୍କ ବୋଲି ବୁଝିବାକୁ ହେବ ।। ୧୬ ।।

Digitized by srujanika@gmail.com

ଯେ ନାୟକା ନିଗଦିତାସ୍ତେଷାଂ ପ୍ରତ୍ୟକ୍ଷଚରିତସଂଯୋଗଃ ।
ନାନାବସ୍ଥୋପେତଃ କାର୍ଯ୍ୟସ୍ତ୍ୱଙ୍କୋଦ୍ଧବିପ୍ରକୃଷ୍ଟସ୍ତୁ ॥ ୧୭ ॥

ନାୟକ ଦେବୀ ଗୁରୁଜନ ପୁରୋହିତାମାତ୍ୟ ସାର୍ଥବାହାନାମ୍
ନୈକରସାନ୍ତର ବିହିତୋ ହ୍ୟଙ୍କଃ ଖଲୁ ବେଦିତବ୍ୟଃ ସଃ ॥ ୧୮ ॥

ପଞ୍ଚାଧିକା ଦଶପରା ହ୍ୟଙ୍କାଃ ସ୍ୟୁର୍ନାଟକେ ପ୍ରକରଣେ ଚ ।
ନିଷ୍କାମଃ ସର୍ବେଷାଂ ଯସ୍ମିନ୍ନଙ୍କଃ ସ ବିଜ୍ଞେୟଃ ॥
କ୍ରୋଧପ୍ରସାଦ-ଶୋକାଃ ଶାପୋତ୍ସର୍ଗୋଦ୍ଧଥ ବିଦ୍ରବୋଦ୍‌ବାହୌ
ଅଦ୍‌ଭୁତ ସଂଶ୍ରୟ ଦର୍ଶନମଙ୍କେ(ଦ୍ଧ) ପ୍ରତ୍ୟକ୍ଷଜାନି ସ୍ୟୁଃ ॥ ୧୯ ॥

ଯୁଦ୍ଧଂ ରାଜ୍ୟଭ୍ରଂଶୋ ମରଣଂ ନଗରୋପରୋଧନଂ ଚୈବ ।
ଅପ୍ରତ୍ୟକ୍ଷକୃତାନି ପ୍ରବେଶକୈଃ ସଂବିଧେୟାନି ॥ ୨୦ ॥

ଅଙ୍କେ ପ୍ରବେଶକେ ବା ପ୍ରକରଣମାଶ୍ରିତ୍ୟ ନାଟକଂ ବାପି ।
ନ ବଧଃ କର୍ତ୍ତବ୍ୟଃ ସ୍ୟାଦ୍ ଯସ୍ତତ୍ର ତୁ ନାୟକଃ ଖ୍ୟାତଃ ॥ ୨୧ ॥

ପୂର୍ବରୁ ଯେଉଁ ନାୟକମାନଙ୍କ ବିଷୟରେ କୁହାଯାଇଛି । ସେମାନଙ୍କର ନାନା ଅବସ୍ଥା ବର୍ଣ୍ଣନା ସହିତ ଅଙ୍କରେ ପ୍ରତ୍ୟକ୍ଷସଂଯୋଗ ହେବ । ଗୋଟିଏ ପରିବେଶକୁ ଚିତ୍ରଣ କରିବା ପାଇଁ ଗୋଟିଏ ଅଙ୍କ ହେବ । ଏହା ଅତି ଲମ୍ବା ହେବ ନାହିଁ ॥ ୧୭ ॥ ତାକୁ ହିଁ ଅଙ୍କ ବୋଲି ଜାଣିବ, ଯେଉଁଥିରେ ନାୟକ, ଦେବୀ, ଗୁରୁଜନ, ପୁରୋହିତ, ମନ୍ତ୍ରୀ, ସେନାପତି, ବ୍ୟବସାୟୀ, ପ୍ରଭୃତିଙ୍କ ଅଭିନୟ ମାଧ୍ୟମରେ ଏକାଧିକ ରସର ପରିବେଷଣ ହେଉଥିବ ॥ ୧୮ ॥ (ପାଞ୍ଚଠାରୁ ଆରମ୍ଭକରି ଦଶ ପର୍ଯ୍ୟନ୍ତ ଅଙ୍କ ନାଟକ ବା ପ୍ରକରଣରେ ରହିବ । ପ୍ରତ୍ୟେକ ଅଙ୍କରେ ସେ ଅଙ୍କର ପ୍ରସଙ୍ଗ ସମାପ୍ତ ହେଉଥିବ । କେବଳ ବୀଜ ବସ୍ତୁ ରହିବ ।) କୋପ, ଅନୁଗ୍ରହ, ଶୋକ, ଅଭିଶାପ ଦେବା, ବିଦ୍ରୋହ, ବିବାହ, ବିସ୍ମୟକର ଦୃଶ୍ୟମାନ, ଯୁଦ୍ଧ, ରାଜ୍ୟନାଶ, (ରାଜାହାରି ପକାଇବା ପରେ ଶତ୍ରୁ ଲୁଟ୍‌ପାଟ୍) ମରଣ, ନଗର ଅବରୋଧ ଏ ସମସ୍ତ ପ୍ରତ୍ୟକ୍ଷ ଭାବରେ ଦୃଶ୍ୟକୁ ଆସିବ ନାହିଁ । ପ୍ରବେଶକମାନଙ୍କ ଦ୍ୱାରା କରାଯିବ । ମୂଳନାଟକ ସହିତ ଯେଉଁମାନଙ୍କର ସମ୍ବନ୍ଧ ନଥାଏ, ମାତ୍ର ନାଟକର ଏହି ସବୁ ସମସ୍ୟାରେ ଗପକରି ଦର୍ଶକମାନଙ୍କୁ ଗୁଡାଏ ବିଷୟ ଜଣାଇ ଥାଆନ୍ତି, ସେମାନଙ୍କୁ ପ୍ରବେଶକ କୁହାଯାଏ ॥ ୧୯-୨୦ ॥ ଅଙ୍କରେ ହେଉ ବା ପ୍ରବେଶକରେ ହେଉ ପ୍ରକରଣ ବା ନାଟକରେ ନାୟକର ବଧ କେବେହେଲେ ଉପସ୍ଥାପନୀୟ ନୁହେଁ ॥ ୨୧ ॥

Digitized by srujanika@gmail.com

ଅପସରଣମେବ କାର୍ଯ୍ୟଂ ଗ୍ରହଣଂ ବା ସନ୍ଧିରେବ ବା ଯୋଜ୍ୟଃ ।
ତୈସ୍ତୈଃ କାର୍ଯ୍ୟଶ୍ଳେଷୈଃ ପ୍ରବେଶକୈଃ ସୂଚୟେଚ୍ଛୈବ ॥ ୨୨ ॥

ଏକ ଦିବସ ପ୍ରବୃତ୍ତଃ କାର୍ଯ୍ୟସ୍ତ୍ୱଙ୍କୋଃଥ ବୀଜମଧିକୃତ୍ୟ ।
ଆବଶ୍ୟକକାର୍ଯ୍ୟାଣା ମବିରୋଧେନ ପ୍ରୟୋଗେଷୁ ॥ ୨୩ ॥

ଏକାଙ୍କେ ନ କଦାଚିଦ୍ ବହୂନି କାର୍ଯ୍ୟାଣି ଯୋଜୟେଦ୍ ଧୀମାନ୍ ।
ଆବଶ୍ୟକାବିରୋଧେନ ତତ୍ର କାବ୍ୟାନି କାର୍ଯ୍ୟାଣି ॥ ୨୪ ॥

ରଙ୍ଗେ ତୁ ଯେ ପ୍ରବିଷ୍ଟାଃ ସର୍ବେଷାଂ ଭବତି ତତ୍ର ନିଷ୍କ୍ରାମଃ ।
ବୀଜାର୍ଥ ଯୁକ୍ତିଯୁକ୍ତଂ କୃତ୍ୱା କାର୍ଯ୍ୟଂ ଯଥାରସମ୍ ॥ ୨୫ ॥

ଜ୍ଞାତ୍ୱା ଦିବସାବସ୍ଥାଂ କ୍ଷଣଯାମ ମୁହୂର୍ତ୍ତ ଲକ୍ଷଣୋପେତାମ୍ ।
ବିଭଜେଦ୍ ସର୍ବମଶେଷଂ ପୃଥକ୍ ପୃଥକ୍ କାର୍ଯ୍ୟମଙ୍କେଷୁ ॥ ୨୬ ॥

ପଳାୟନ କିଂବା ପଳାତକକୁ ବାନ୍ଧିଆଣିବା ପ୍ରଭୃତି, ସନ୍ଧି ଓ ବିଭିନ୍ନ କାର୍ଯ୍ୟମାନଙ୍କର ସମନ୍ୱୟ କଳାତ୍ମକଭାବରେ ପ୍ରବେଶକ ଦ୍ୱାରା ହିଁ ସୂଚାଇ ଦିଆଯିବ ॥ ୨୨ ॥ ପ୍ରୟୋଗ କ୍ଷେତ୍ରମାନଙ୍କରେ ବୀଜକୁ ଆଧାରକରି (ବୀଜବିନ୍ଦୁ ପତାକା ପୂର୍ବରୁ କୁହାଯାଇଛି) ଗୋଟିଏ ଦିନର କର୍ତ୍ତବ୍ୟକୁ ହିଁ ଅଙ୍କରେ ବର୍ଣ୍ଣନା କରାଯିବ । ଯେଉଁଥିରେ କି ଆବଶ୍ୟକ କାର୍ଯ୍ୟର ବିରୋଧ ହେଉ ନଥିବ ॥ ୨୩ ॥ ବୁଦ୍ଧିମାନ୍ ଲେଖକ ଗୋଟିଏ ଅଙ୍କ ମଧ୍ୟରେ ଅନେକ ସମସ୍ୟା ପୂରାଇ ଝମେଲା କରିବା ଉଚିତ ନୁହେଁ । ଏଥିରେ ଆବଶ୍ୟକର ଅବିରୋଧରେ କାବ୍ୟକଳ୍ପନା କରାଯିବ ॥ ୨୪ ॥ ଯେଉଁମାନେ ରଙ୍ଗ ଭୂମିକୁ ପ୍ରବେଶ କରିବେ ସେମାନଙ୍କର ନିଷ୍କ୍ରମଣ ସେହି ଅଙ୍କରେ ମଧ୍ୟ ବର୍ଣ୍ଣନା କରାଯିବ । କିନ୍ତୁ ବୀଜ ଅର୍ଥକୁ ଓ ରସ ପରିବେଷଣକୁ ଜଗି ଜଗି ଏହା କରାଯିବ ॥ ୨୫ ॥ କ୍ଷଣ, ପ୍ରହର ଓ ଦଣ୍ଡ ମୁହୂର୍ତ୍ତ ପ୍ରଭୃତି ଲକ୍ଷଣ ଠିକ ରଖି ଦିନର ଅବସ୍ଥା ଜାଣି କାର୍ଯ୍ୟର ବର୍ଣ୍ଣନା ପୃଥକ୍ ପୃଥକ୍ ଭାବରେ ଅଙ୍କ ମଧରେ କରାଯିବ । (ଅର୍ଥାତ୍ ଅଙ୍କ ଆରମ୍ଭରେ ଅପରାହ୍ଣକୃତ୍ୟ ବର୍ଣ୍ଣନାକରି ଶେଷରେ ପ୍ରଭାତକୃତ୍ୟ ବର୍ଣ୍ଣନା କରିବ ନାହିଁ) ॥ ୨୬ ॥

ପ୍ରବେଶକ : ଗୋଟିଏ ଦିନରେ ସରିଲାଭଳି କାର୍ଯ୍ୟ ଯଦି ଗୋଟିଏ ଅଙ୍କ ମଧ୍ୟରେ ସରି ନପାରେ ସେହି ସ୍ଥଳରେ ଅଙ୍କ ମଧ୍ୟରେ ଛେଦକରି ପ୍ରବେଶକ ମାଧ୍ୟମରେ ତାହା ଶେଷକରି ପୁଣି ଅଙ୍କ ଯୋଡ଼ିଦେବ ॥ ୨୭ ॥ ଗୋଟିଏ ମାସ ବା ବର୍ଷକର ଘଟନା ବର୍ଣ୍ଣନା କରିବାକୁ ଥିଲେ ଅଙ୍କ ଛେଦକରି ସେ ସମସ୍ତକୁ ପ୍ରବେଶକଦ୍ୱାରା ଉପସ୍ଥାପିତ କରାଯିବ । କିନ୍ତୁ ବର୍ଷରୁ ଅଧିକ କୌଣସି ଘଟନା ଅଙ୍କ ମଧ୍ୟରେ ଯୋଗକରିବ ନାହିଁ ॥ ୨୮ ॥

Digitized by srujanika@gmail.com

ପ୍ରବେଶକଃ

ଦିବସାବସାନକାର୍ଯ୍ୟଂ ଯଦ୍ୟଙ୍କେ ନୋପପଦ୍ୟତେ ସର୍ବମ୍ ।
ଅଙ୍କଚ୍ଛେଦଂ କୃତ୍ୱା ପ୍ରବେଶକୈସ୍ତଦ୍ ବିଧାତବ୍ୟମ୍ ॥ ୨୭ ॥

ଅଙ୍କଚ୍ଛେଦଂ କୁର୍ଯ୍ୟାଦ୍ ମାସକୃତଂ ବର୍ଷସଞ୍ଚିତଂ ବାପି ।
ତତ୍ସର୍ବଂ କର୍ତ୍ତବ୍ୟଂ ବର୍ଷାଦୂର୍ଦ୍ଧ୍ୱଂ ନ ତୁ କଦାଚିତ୍ ॥ ୨୮ ॥

ଯଃ କଶ୍ଚିତ୍ କାର୍ଯ୍ୟବଶାଦ୍ ଗଚ୍ଛତି ପୁରୁଷଃ ପ୍ରକୃଷ୍ଟ ମଧ୍ୱାଂନମ୍ ।
ତତ୍ରାପ୍ୟଙ୍କଚ୍ଛେଦଃ କର୍ତ୍ତବ୍ୟଃ ପୂର୍ବବତ୍ ତଜ୍ଜ୍ଞୈଃ ॥ ୨୯ ॥

ସନ୍ନିହିତନାୟକୋଽଙ୍କଃ କର୍ତ୍ତବ୍ୟୋ ନାଟକେ ପ୍ରକରଣେ ଚ ।
ପରିଚ୍ଛନ କଥାନୁବନ୍ଧଃ ପ୍ରବେଶକୋ ବାପି କର୍ତ୍ତବ୍ୟଃ ॥ ୩୦ ॥

ଅଙ୍କାନ୍ତରାଧିକାରୀ ସଂକ୍ଷେପ ମଥାଧିକୃତ୍ୟ ବିନ୍ଦୂନାମ୍ ।
ପ୍ରକରଣ ନାଟକ ବିଷୟେ ପ୍ରବେଶକୋ ଭବତି କାବ୍ୟେଷୁ ॥ ୩୧ ॥

ନୋତ୍ତମ ମଧ୍ୟମ ପୁରୁଷୈରାଚରିତୋ ନାପ୍ୟୁଦାତ୍ତବଚନକୃତଃ ।
ପ୍ରାକୃତ ଭାଷାଚାରଃ ପ୍ରୟୋଗମାଶ୍ରିତ୍ୟ କର୍ତ୍ତବ୍ୟଃ ॥ ୩୨ ॥

କୌଣସି କାର୍ଯ୍ୟବଶତଃ କେହି ଯଦି ଦୂରସ୍ଥାନକୁ ଯାଏ, ସେ ସ୍ଥଳରେ ମଧ୍ୟ ନାଟ୍ୟବିଦ୍ ପୂର୍ବଭଳି ଅଙ୍କ ଛେଦ କରିବେ ॥ ୨୯ ॥ ନାଟକ ବା ପ୍ରକରଣରେ (ନାଟିକା, ପ୍ରକରଣ, ଭାଣ ପ୍ରଭୃତି ନାଟକଭେଦ) ନାୟକ ଅଙ୍କ ମଧ୍ୟରେ ନିଶ୍ଚୟ ରହିବେ । ପରିଜନମାନଙ୍କ ସହିତ ତାଙ୍କର ବିଭିନ୍ନ ସମସ୍ୟା ତଥା ପ୍ରବେଶକ ମଧ୍ୟ କରଣୀୟ ଅଟେ ॥ ୩୦ ॥ ବିନ୍ଦୁର ସଂକ୍ଷେପକୁ ଆଶ୍ରୟକରି ଏବଂ ଆଗାମୀ ଅଙ୍କର ସମ୍ପର୍କକୁ ଅକ୍ଷୁଣ୍ଣ ରଖି କାବ୍ୟ (ଦୃଶ୍ୟକାବ୍ୟ) ମାନଙ୍କରେ ବିଶେଷତଃ ପ୍ରକରଣ ଏବଂ ନାଟକରେ ପ୍ରବେଶକ ହେବ ॥୩୧॥ ପ୍ରବେଶକରେ ଉତ୍ତମ ଏବଂ ମଧ୍ୟମ ପାତ୍ରମାନଙ୍କ ବ୍ୟବହାର ହେବ ନାହିଁ । ଗମ୍ଭୀର ସଂସ୍କୃତ ବଚନ ମଧ୍ୟ ବ୍ୟବହାର କରାଯିବ ନାହିଁ । ପ୍ରୟୋଗକୁ ଲକ୍ଷ୍ୟରଖି ପ୍ରାକୃତ ଭାଷା ମାଧ୍ୟମରେ ପ୍ରବେଶକ କରାଯିବା ଉଚିତ ॥ ୩୨ ॥ କାର୍ଯ୍ୟରେ ଅର୍ଥାତ୍ ପ୍ରୟୋଗରେ ପ୍ରବେଶକ ଅନେକାର୍ଥକ ହୋଇଥାଏ । କାଳାନ୍ତର, ଅର୍ଥାନ୍ତର, ବିଷୟାନ୍ତର, ଗତି, ବିପର୍ଯ୍ୟୟ, କାର୍ଯ୍ୟାରମ୍ଭ ଏହି ସମସ୍ତ ପ୍ରବେଶକ ଦ୍ୱାରା ପ୍ରସ୍ତୁତ ହୁଏ ॥ ୩୩ ॥ ଅତ୍ୟନ୍ତ ଲମ୍ବା ବିଷୟଟିକୁ ମଧ୍ୟ ସନ୍ଧିସ୍ଥଳମାନଙ୍କରେ ପ୍ରବେଶକ ମାଧ୍ୟମରେ ସଂକ୍ଷିପ୍ତ କରିଦେବା ଉଚିତ । ପ୍ରୟୋଗ ପାଇଁ ବହୁ ଚୂର୍ଣ୍ଣକପଦ ବ୍ୟବହାରକରି ଲମ୍ବାକରିବାଟା ଦୁଃଖଦାୟକ ହୋଇଥାଏ ॥ ୩୪ ॥

Digitized by srujanika@gmail.com

କାଳାର୍ଥାନ୍ତର ଗତି ବ୍ୟତ୍ୟାସାରମ୍ଭ କାର୍ଯ୍ୟ ବିଷୟାଣାମ୍ ।
ଅର୍ଥାଭିଧାନପୂର୍ବଃ ପ୍ରବେଶକଃ ସ୍ୟାଦନେକାର୍ଥଃ ॥ ୩୩ ॥

ବହ୍ୱାଶ୍ରୟ ମପ୍ୟର୍ଥଂ ପ୍ରବେଶକୈଃ ସଂକ୍ଷିପେଚ୍ଚ ସନ୍ଧିଷୁ ।
ବହୁ ଚୂର୍ଣ୍ଣପଦୈର୍ଯୁକ୍ତଂ ଜନୟତି ଖେଦଂ ପ୍ରୟୋଗସ୍ୟ ॥ ୩୪ ॥

ଯତ୍ରାର୍ଥସ୍ୟ ସମାପ୍ତିର୍ନ ଭବେଦଙ୍କେ ପ୍ରୟୋଗବାହୁଲ୍ୟାତ୍ ।
ବହୁବୃତ୍ତାନ୍ତୋଦ୍ଧଙ୍କକଥୈଃ ପ୍ରବେଶକୈଃ ସଂବିଧାତବ୍ୟଃ ॥ ୩୫ ॥

ବିଷ୍କମ୍ଭକଃ--------

ମଧ୍ୟମ ପାତ୍ରୈଃ କାର୍ଯ୍ୟୋ ନିତ୍ୟଂ ବିଷ୍କମ୍ଭକସ୍ତୁ ବିଜ୍ଞେୟଃ ।
ସଂସ୍କୃତ-ରଚନାନୁଗତଃ ସଂକ୍ଷିପ୍ତାର୍ଥଃ ପ୍ରବେଶକବତ୍ ॥ ୩୬ ॥

ଶୁଦ୍ଧଃ ସଂକୀର୍ଣ୍ଣୋ ବା ଦ୍ୱିବିଧଃ ଖଳୁନାଟକେ ପ୍ରୟୋଗଜ୍ଞୈଃ ।
ମଧ୍ୟମପାତ୍ରଃ ଶୁଦ୍ଧଃ ସଙ୍କୀର୍ଣ୍ଣୋ ନୀଚମଧ୍ୟକୃତଃ ॥ ୩୭ ॥

ଅଙ୍କାନ୍ତରେ ମୁଖେ ବା ପ୍ରକରଣ ମାଶ୍ରିତ୍ୟ ନାଟକେ ବାପି ।
ବିଷ୍କମ୍ଭକସ୍ତୁ ନିୟତଃ କର୍ତ୍ତବ୍ୟୋ ମଧ୍ୟମୈ ରଧମୈଃ ॥ ୩୮ ॥

ପ୍ରୟୋଗର ବହୁଳତା ଯୋଗୁଁ ଯେଉଁ ଅଙ୍କରେ ଅର୍ଥ ସମାପ୍ତି ହୋଇ ନପାରିବ ଅଳ୍ପ କଥାରେ ସେହି ବହୁ ବୃତ୍ତାନ୍ତକୁ ପ୍ରବେଶକ ଦ୍ୱାରା ଶେଷ କରିଦେବାକୁ ପଡ଼ିବ ॥ ୩୫ ॥
ବିଷ୍କମ୍ଭକ- ବରାବର ମଧ୍ୟମ ପାତ୍ରମାନଙ୍କ ଦ୍ୱାରା ବିଷ୍କମ୍ଭକ କରାଯିବ ବୋଲି ଜାଣିବା ଉଚିତ୍ । ଏହା ପ୍ରବେଶକପରି ସଂକ୍ଷିପ୍ତାର୍ଥକ ଏବଂ ସଂସ୍କୃତରଚନାନୁଗତ ହେବ ॥ ୩୬ ॥ ପ୍ରୟୋଗ ବିଶାରଦମାନେ ନାଟକରେ ଶୁଦ୍ଧ ଏବଂ ସଂକୀର୍ଣ୍ଣ ରୂପରେ ଦୁଇ ପ୍ରକାର ହିଁ ବିଷ୍କମ୍ଭକ ବ୍ୟବହାର କରିବେ । ମଧ୍ୟମ ପାତ୍ରମାନଙ୍କ ଦ୍ୱାରା ଶୁଦ୍ଧ ବିଷ୍କମ୍ଭକ ଓ ମଧ୍ୟମ ଓ ନୀଚ ପାତ୍ରମାନଙ୍କ ଦ୍ୱାରା ସଂକୀର୍ଣ୍ଣ ବିଷ୍କମ୍ଭକ ହୋଇଥାଏ ॥ ୩୭ ॥ ଅଙ୍କର ଆରମ୍ଭରେ ବା ମଧ୍ୟରେ ପ୍ରକରଣ କିମ୍ବା ନାଟକରେ ମଧ୍ୟମ ଓ ନୀଚପାତ୍ରମାନଙ୍କ ଦ୍ୱାରା ବିଷ୍କମ୍ଭକ କରାଯିବ ॥ ୩୮ ॥ ନାଟକ ବା ପ୍ରକରଣରେ ଅନେକଗୁଡ଼ିଏ ଲୋକ (ପାତ୍ର) ପୁରାଇ ଝମେଲା କରିବ ନାହିଁ । ଯେକୌଣସି ଦୃଶ୍ୟରେ ଚାରି ବା ପାଞ୍ଚଜଣ ମାତ୍ର କାର୍ଯ୍ୟବ୍ୟସ୍ତ ହୋଇ ରହିବେ । (ସର୍ବାଧିକ ଭାବେ) ॥ ୩୯ ॥ ପ୍ରୟୋଗବିଶାରଦମାନେ ବ୍ୟାୟୋଗ ଈହାମୃଗ, ସମବକାର, ଡିମ ନାମକ ଦୃଶ୍ୟକାବ୍ୟମାନଙ୍କରେ ଦଶଟି ବା ବାରଟି ଅଙ୍କ କରିବା ଉଚିତ ॥ ୪୦ ॥ (ସାହିତ୍ୟ ଦର୍ପଣରେ ବ୍ୟାୟୋଗ ଏକଅଙ୍କ, ଈହାମୃଗ ଚାରିଅଙ୍କ, ସମବକାର ତିନିଅଙ୍କ ଓ ଡିମ ଚାରିଅଙ୍କ ହେବ ବୋଲି ଷଷ୍ଠ ପରିଚ୍ଛେଦରେ ଲେଖାଅଛି ।

Digitized by srujanika@gmail.com

ନ ମହାଜନ-ପରିବାରଂ କର୍ତ୍ତବ୍ୟଂ ନାଟକଂ ପ୍ରକରଣଂ ବା ।
ଯେ ତତ୍ର କାର୍ଯ୍ୟପୁରୁଷାଶ୍ଚତ୍ୱାରଃ ପଞ୍ଚ ବା ତେ ସ୍ୟୁଃ ॥ ୩୯ ॥

ବ୍ୟାୟୋଗେହାମୃଗ- ସମବକାର-ଡ଼ିମ-ସଂଜ୍ଞକାନି କାବ୍ୟାନି ।
ଦଶଭି ର୍ଦ୍ୱାଦଶଭିର୍ବାଙ୍କୈଃ କାର୍ଯ୍ୟାଣି ପ୍ରୟୋଗଜ୍ଞୈଃ ॥ ୪୦ ॥

ନ ତ୍ୱବତରଣଂ କାର୍ଯ୍ୟଂରଙ୍ଗେ ରଥ-ଗଜ-ବାଜି-ବିମାନାନାମ୍
ତେଷା ମାକୃତିବେଶୈ ର୍ବିଧାନ ମୁକ୍ତଂ ଗତିବିଚାରୈଃ ॥ ୪୧ ॥

ଅଥବା ପୁସ୍ତକୃତାନି ତୁ ଗଜ-ବାଜି-ବିମାନ-ଶୈଳ-ଯାନାନି ।
କର୍ତ୍ତବ୍ୟାନି ବିଧିଜ୍ଞୈ ସ୍ତଥା ଚାଦ୍ରବ୍ୟ ପ୍ରହରଣାନି ॥ ୪୨ ॥

ଯଦି କାରଣୋପପନ୍ନଂ ସ୍କନ୍ଧାବାର-ପ୍ରବେଶନଂ କୁର୍ଯ୍ୟାଦ୍ ।
କର୍ତ୍ତବ୍ୟମତ୍ର ଗମନଂ ଷଡ଼୍ଭିଃ ପୁରୁଷୈଶ୍ଚତୁର୍ଭିର୍ବା ॥ ୪୩ ॥

ଅଳ୍ପ ପୁରୁଷାଶ୍ୱବାହନ ମଳ୍ପପରିଚ୍ଛଦମଳ୍ପସଞ୍ଚାରମ୍ ।
କାର୍ଯ୍ୟଂ ଦର୍ଶନରୂପଂ କ୍ଷତ୍ରେ ନ ନଟାନାଂ ହି ରାଜ୍ୟବିଧିଃ ॥ ୪୪ ॥

କାର୍ଯ୍ୟଂ ଗୋପୁଚ୍ଛାଗ୍ରଂ କର୍ତ୍ତବ୍ୟଂ କାବ୍ୟବନ୍ଧମାସାଦ୍ୟ ।
ଯେ ଚୋଦାତ୍ତା ଭାବାସ୍ତେ ସର୍ବେ ପୃଷ୍ଠତଃ କାର୍ଯ୍ୟାଃ ॥ ୪୫ ॥

ଏହି ଅଧ୍ୟାୟ ୬୪, ୮୪, ୯୧ ଶ୍ଳୋକରେ ମଧ୍ୟ ଏହା ଲେଖା ଅଛି । ଏଣୁ ଏହି ଶ୍ଳୋକଟି ମୂଳମେଳ ଖାଉନଥିବାରୁ ପ୍ରକ୍ଷିପ୍ତ ବୋଲି ମନେ ହୁଏ ।)

ରଙ୍ଗ ମଞ୍ଚରେ ରଥ ଓ ବିମାନ ପ୍ରଭୃତି- ରଙ୍ଗ ମଞ୍ଚରେ ରଥ, ହାତୀ, ଘୋଡ଼ା ବା ବିମାନ ପ୍ରଭୃତିର ଅବତରଣ କରାଇବ ନାହିଁ । ସେମାନଙ୍କ ଆକୃତିର ବେଶ ବିନ୍ୟାସ (ପାତ୍ରମାନଙ୍କ ଦ୍ୱାରା) କରି ଗତି ଅବସ୍ଥା ଅନୁକରଣକରି ଦେଖାଇବ ॥ ୪୧ ॥ କିମ୍ବା ଶିଳ୍ପୀଦ୍ୱାରା ଚମଡା, ପଟା ପ୍ରଭୃତିରେ ଚିତ୍ରକରି ଘୋଡା ହାତୀ ପର୍ବତ ବିମାନ ରଥ ପ୍ରଭୃତି କରାଯାଇପାରିବ । ଅସ୍ତ୍ରଶସ୍ତ୍ରମାନ ମଧ୍ୟ କଳାକୃତି ହେବ । ପ୍ରକୃତ ଖଡ୍ଗ-ମୂଷଳ-ଆଦିର ବ୍ୟବହାର ହେବ ନାହିଁ ॥ ୪୨ ॥

ରଙ୍ଗ ମଞ୍ଚରେ ସେନା- ନିହାତି ଦରକାର ହେଲେ ସୈନ୍ୟବାହିନୀ ପ୍ରବେଶସ୍ଥଳରେ ଖୁବ୍‌ବେଶି ଚାରି ବା ଛଅଜଣ ସୈନ୍ୟ ନେଇ କାମ ଚଳାଇବ ॥ ୪୩ ॥ଅଳ୍ପ ପୁରୁଷ, ଅଳ୍ପ ଅଶ୍ୱ, ଅଳ୍ପ ବାହନ, ଅଳ୍ପ ପରିଚ୍ଛଦ ଓ ଅଳ୍ପ ଲୋକଙ୍କର ଚଳାଚଳ ରଙ୍ଗମଞ୍ଚରେ ହେବ । (କ୍ଷତ୍ର-) ଯୁଦ୍ଧ କ୍ଷେତ୍ରରେ ବାସ୍ତବ ଯୁଦ୍ଧପରି ସେମାନେ କରିବେ ନାହିଁ ॥ ୪୪ ॥

Digitized by srujanika@gmail.com

ସର୍ବେଷାଂ କାବ୍ୟାନାଂ ନାନା ରସ ଭାବ ଯୁକ୍ତିଯୁକ୍ତାନାମ୍ ।
ନିର୍ବହଣେ କର୍ତ୍ତବ୍ୟୋ ନିତ୍ୟଂ ହି ରସୋଦ୍ଭବ୍ଦ୍ଭୁତସ୍ତଜ୍ଜ୍ଞୈଃ ।। ୪୬ ।।

ନାଟକଲକ୍ଷଣମେତନ୍ମୟା ସମାସେନ କୀର୍ତ୍ତିତଂ ବିଧିବତ୍ ।
ପ୍ରକରଣମତଃ ପରମହଂ ଲକ୍ଷଣଯୁକ୍ତ୍ୟା ପ୍ରବକ୍ଷ୍ୟାମି ।। ୪୭ ।।

ଯତ୍ର କବି ରାତ୍ମଶକ୍ତ୍ୟା ବସ୍ତୁ ଶରୀରଂ ଚ ନାୟକଂ ଚୈବ ।
ଔତ୍ପତ୍ତିକଂ ପ୍ରକୁରୁତେ ପ୍ରକରଣମେତଦ୍ ବୁଧୈର୍ଜ୍ଞେୟମ୍ ।। ୪୮ ।।

ଯଦନାର୍ଷ ନାୟକହାର୍ଯ୍ୟକାବ୍ୟଂ ପ୍ରକରୋତ୍ୟଦ୍ଭୁତ ଗୁଣଯୁକ୍ତମ୍ ।
ଉତ୍ପନ୍ନବୀଜବସ୍ତୁ ପ୍ରକରଣମିତି ତଦପି ଜ୍ଞେୟମ୍ ।। ୪୯ ।।

ଯନ୍ନାଟକେ ମୟୋକ୍ତଂ ବସ୍ତୁ ଶରୀରଂ ରସାଶ୍ରୟୋପେତମ୍ ।
ତତ୍ ପ୍ରକରଣେଽପି ଯୋଜ୍ୟଂ କେବଲମୁତ୍ପାଦ୍ୟବସ୍ତୁସ୍ୟାତ୍ ।। ୫୦ ।।

ବିପ୍ରବଣିକ୍ ସଚିବାନାଂ ପୁରୋହିତାମାତ୍ୟ ସାର୍ଥବାହାନାମ୍ ।
ଚରିତଂ ଯଦନେକବିଧଂ ତଜ୍ଜ୍ଞେୟଂ ପ୍ରକରଣଂ ନାମ ।। ୫୧ ।।

ନୋଦାତ୍ତନାୟକକୃତଂ ନ ଦିବ୍ୟ ଚରିତଂ ନ ରାଜସମ୍ଭୋଗମ୍ ।
ବାହ୍ୟଜନ ସଂପ୍ରଯୁକ୍ତଂ ବିଜ୍ଞେୟଂ ପ୍ରକରଣଂ ତଜ୍ଜ୍ଞୈଃ ।। ୫୨ ।।

କାବ୍ୟବନ୍ଧ ଅନୁଯାୟୀ (ଗାଈର ଲାଞ୍ଜ ପ୍ରଥମେ ସବୁ ମଝିରେ ମୋଟ ଏବଂ ଶେଷକୁ ସରୁ ହୋଇଥାଏ) ଶେଷକୁ ଗୋପୁଚ୍ଛାଗ୍ର କରିବ । ଅତି ଉଚ୍ଚ ଭାବ ଶେଷକୁ ରଖିବ ।। ୪୫ ।। ସମସ୍ତ ପ୍ରକାର (ଦୃଶ୍ୟ) କାବ୍ୟରେ ଠିକ୍‌ଭାବେ ସଜାଇ ବିଭିନ୍ନ ରସ ଏବଂ ଭାବର ସମନ୍ୱୟ କରାଯିବ । ମାତ୍ର ବିଚକ୍ଷଣ ନାଟକକାର ଉପସଂହାର କ୍ଷେତ୍ରରେ ନିଶ୍ଚୟ ଅଦ୍ଭୁତ ରସ ପ୍ରୟୋଗ କରିବେ ।। ୪୬ ।। ମୁଁ ସଂକ୍ଷେପରେ ଯଥାଯଥ ନିୟମ ଅନୁଯାୟୀ ନାଟକ ଲକ୍ଷଣ କହିଲି । ଏହାପରେ ପ୍ରକରଣର ଲକ୍ଷଣ ପ୍ରଭୃତି ବର୍ଣ୍ଣନା କରିବି ।। ୪୭ ।।
ପ୍ରକରଣ- କବି ନିଜ କଳ୍ପନାରେ ନାଟକର ଶରୀର ଅର୍ଥାତ୍ ଗଳ୍ପାଂଶ, ନାୟକ ନାୟିକା ପ୍ରଭୃତି ଯେଉଁଥିରେ ପ୍ରସ୍ତୁତ କରିଥାଆନ୍ତି, ଏହାକୁ ପଣ୍ଡିତମାନେ ପ୍ରକରଣ ବୋଲି କହିଥାନ୍ତି ।। ୪୮ ।। ଯେଉଁ ଦୃଶ୍ୟକାବ୍ୟରେ ଋଷିପ୍ରଣୀତ ପୁରାଣାଦି ଗଳ୍ପ ବା ନାୟକ ନିଆଯାଇନାହିଁ, ମଝିରେ ଅଦ୍ଭୁତ ରସର ସମନ୍ୱୟ କରାଯାଇଅଛି, ସମସ୍ତ କିନ୍ତୁ କବି ନିଜ କଳ୍ପନାରୁ ପ୍ରସ୍ତୁତ କରିଛନ୍ତି । ତାହାକୁ ପ୍ରକରଣ କୁହାଯାଏ ।। ୪୯ ।। ଯାହାସବୁ ନାଟକରେ ଯେଉଁଠାରେ ଯେପରି ଶରୀର ଓ ରସ ପ୍ରୟୋଗ ବ୍ୟବସ୍ଥା ମୁଁ କହିଅଛି, ପ୍ରକରଣରେ ସେ ସମସ୍ତର ପ୍ରୟୋଗ ହେବ । କେବଳ ନିଜ କଳ୍ପନା ପ୍ରସୂତ ହେବ ।। ୫୦ ।।

Digitized by srujanika@gmail.com

ଦାସ ବିଟ ଶ୍ରେଷ୍ଠିଯୁକ୍ତଂ ବେଶସ୍ତ୍ର୍ୟୁପଚାର କାରଣୋପେତମ୍ ।
ମନ୍ଦକୁଳସ୍ତ୍ରୀଚରିତଂ କାର୍ଯ୍ୟଂ କାବ୍ୟଂ ପ୍ରକରଣେତୁ ॥ ୫୩ ॥
ସଚିବ ଶ୍ରେଷ୍ଠି-ବ୍ରାହ୍ମଣ-ପୁରୋହିତାମାତ୍ୟ ସାର୍ଥବାହାନାମ୍ ।
ଗୃହବାର୍ତ୍ତା ଯତ୍ର ଭବେନ୍ନ ତତ୍ର ବେଶ୍ୟାଙ୍ଗନା କାର୍ଯ୍ୟା ॥ ୫୪ ॥
ଯଦି ବେଶ ଯୁବତିଯୁକ୍ତଂ ନ କୁଳସ୍ତ୍ରୀ ସଙ୍ଗମୋ ଭବେତ୍ ତତ୍ର ।
ଅଥ କୁଳଜନ ପ୍ରଯୁକ୍ତଂ ନ ବେଶଯୁବତି ର୍ଭବେତ୍ ତତ୍ର ॥ ୫୫ ॥
ଯଦିବା କାରଣଯୁକ୍ତ୍ୟା ବେଶକୁଳସ୍ତ୍ରୀ ସଙ୍ଗମୋଽଥବା ସ୍ୟାତ୍ ।
ଅବିକୃତ ଭାଷାଚାରଂ ତତ୍ରତୁ ପାଠ୍ୟଂ ପ୍ରୟୋକ୍ତବ୍ୟମ୍ ॥ ୫୬ ॥
ପ୍ରକରଣ ନାଟକ ବିଷୟେ କବିଭିଃ ପଞ୍ଚାଦ୍ୟା ଦଶାବରାଣ୍ଟ ।
ଅଙ୍କାଃ କର୍ତ୍ତବ୍ୟାଃ ସ୍ୟୁର୍ନାନା ରସଭାବ ସଂଯୁକ୍ତାଃ ॥ ୫୭ ॥
ଅଙ୍କାନ୍ତରାଳ ବିହିତଃ ପ୍ରବେଶକୋଽର୍ଥକ୍ରିୟାଂ ସମଭିବୀକ୍ଷ୍ୟ
ସଂକ୍ଷେପାର୍ଥଂ ସନ୍ଧିଷ୍ୱର୍ଥାନାଂ ସଂବିଧାତବ୍ୟଃ ॥ ୫୮ ॥
ଅନୟୋଷ୍ଟ ବନ୍ଧଯୋଗାଦନ୍ୟୋ ଭେଦଃ ପ୍ରୟୋକ୍ତୃଭିର୍ଜ୍ଞେୟଃ ।
ପ୍ରଖ୍ୟାତ ସ୍ତ୍ୱିତରୋବା ନାଟକଯୋଗେ ପ୍ରକରଣେ ଚ ॥ ୫୯ ॥

ବ୍ରାହ୍ମଣ, ସୌଦାଗର, ମନ୍ତ୍ରୀ, ପୁରୋହିତ, ସେନାପତି ଓ ଶ୍ରେଷ୍ଠୀ (ବଡ଼ଧନୀ) ପ୍ରଭୃତିଙ୍କର ଚିତ୍ର ଚରିତ୍ର କଳ୍ପନାରେ ସମୃଦ୍ଧ ଦୃଶ୍ୟକାବ୍ୟକୁ ପ୍ରକରଣ ବୋଲି ଜାଣିବ ॥ ୫୧ ॥ ଏଥିରେ ହରିଶ୍ଚନ୍ଦ୍ର ପ୍ରଭୃତି ଉଦାର ନାୟକ ରହିବେ ନାହିଁ । ଦେବତା ବା ମହର୍ଷି ଚରିତ ରହିବେ ନାହିଁ । ରାଜାଘର ବିଳାସ ରହିବ ନାହିଁ । ସାଧାରଣ ସାମାଜିକ ଏଥିରେ ନାୟକ ପ୍ରତିନାୟକ ନାୟିକା ପ୍ରଭୃତି ଭୂମିକାରେ ରହିବେ । ନାଟ୍ୟବିଦ୍‌ମାନେ ଏହାକୁ ପ୍ରକରଣ କରିଥାଆନ୍ତି ॥ ୫୨ ॥ ପ୍ରକରଣ ନାମକ ଦୃଶ୍ୟ କାବ୍ୟରେ ଦାସ ବିଟ ଶ୍ରେଷ୍ଠୀ ପ୍ରଭୃତିଙ୍କ ସହିତ ଯଥାଯଥ ଭାବେ ସଜାଇ ବେଶ୍ୟା ଏବଂ ମନ୍ଦକୁଳର ସ୍ତ୍ରୀମାନଙ୍କ ଚରିତକୁ (ଆଦର୍ଶ ଭାବରେ) ଚିତ୍ରଣ କରିବ ॥ ୫୩ ॥ ଏହି ପ୍ରକରଣ ଯଦି ମନ୍ତ୍ରୀ, ଶ୍ରେଷ୍ଠୀ, ବ୍ରାହ୍ମଣ, ପୁରୋହିତ, ସେନାପତି ଏବଂ ବଣିକ୍‌ମାନଙ୍କ ଗୃହ ସମସ୍ୟାକୁ ନେଇ ରଚିତ ହୁଏ, ତେବେ ସେ ସ୍ଥଳରେ ବେଶ୍ୟାଙ୍ଗନାକୁ ନାୟିକା କରିବ ନାହିଁ ॥ ୫୪ ॥ ଯଦି ବେଶ୍ୟାଙ୍ଗନାକୁ ନାୟିକା କରିବ ସେଥିରେ କୁଳସ୍ତ୍ରୀ ପ୍ରତିଯୋଗିନୀ କର ନାହିଁ ବା କୁଳସ୍ତ୍ରୀ ନାୟିକା କ୍ଷେତ୍ରରେ ବେଶ୍ୟାଙ୍ଗନାକୁ ମଧ୍ୟ ପୁରାଇବ ନାହିଁ ॥ ୫୫ ॥ ଯଦି ଗଳ୍ପାଂଶର ଆବଶ୍ୟକତା ବଶତଃ ବେଶ୍ୟାଙ୍ଗନା ଏବଂ କୁଳାଙ୍ଗନା ସଙ୍ଗମ କୌଣସି କ୍ଷେତ୍ରରେ କରାଯାଏ, ତେବେ ସେମାନଙ୍କର ଭାଷା ଓ ଆଚାର ନିଜ ନିଜ ଅନୁଯାୟୀ ସଜାଇ ପ୍ରୟୋଗ କରିବ ॥ ୫୬ ॥

Digitized by srujanika@gmail.com

ପ୍ରକରଣ ନାଟକଭେଦାଦୁତ୍ପନ୍ନଂ ବସ୍ତୁ ନାୟକୋ ନୃପତିଃ ।
ଅନ୍ତଃପୁରସଙ୍ଗୀତକବାର୍ତ୍ତା ମଧିକୃତ୍ୟ କର୍ତ୍ତବ୍ୟା (ନାଟିକା) ॥ ୬୧ ॥
ରାଜୋପଚାରଯୁକ୍ତା ପ୍ରସାଦନକ୍ରୋଧସଂଯୁତା ଚାପି ।
ନାୟକ ଦେବୀ ଦୂତୀ ସପରିଜନା ନାଟିକା। ଜ୍ଞେୟା ॥ ୬୨ ॥
ପ୍ରକରଣ-ନାଟକ ଲକ୍ଷଣମୁକ୍ତଂ ବିପ୍ରା ମୟା ସମାସେନ ।
ବକ୍ଷ୍ୟାମ୍ୟତଃ ପରମହଂ ଲକ୍ଷଣଯୁକ୍ତଂ ସମବକାରମ୍ ॥ ୬୩ ॥
ସମବକାରଃ-ଦେବାସୁର ବୀଜକୃତଃ ପ୍ରଖ୍ୟାତୋଦାତ୍ତ ନାୟକ ଶ୍ଚୈବ ।
ତ୍ର୍ୟଙ୍କ ସ୍ତଥ୍ରା ତ୍ରିକପଟ ସ୍ତ୍ରିବିଦ୍ରବଃସ୍ୟାଦ୍ ତ୍ରିଶୃଙ୍ଗାରଃ ॥ ୬୪ ॥
ଦ୍ୱାଦଶ ନାୟକ ବହୁଳୋ ହ୍ୟଷ୍ଟାଦଶ ନାଡ଼ିକା ପ୍ରମାଣଶ୍ଚ
ବକ୍ଷ୍ୟାମ୍ୟସ୍ୟାଙ୍କ ବିଧିଂ ଯାବତ୍ୟୋ ନାଡ଼ିକା ଯତ୍ର ॥ ୬୫ ॥
ଜ୍ଞେୟଂ ତୁ ନାଡ଼ିକାଖ୍ୟଂ ମାନଂ କାଳସ୍ୟ ମୁହୂର୍ତ୍ତାର୍ଦ୍ଧମ୍ ।
ତନ୍ନାଡ଼ିକା ପ୍ରମାଣଂ ଯଥୋକ୍ତ ମଙ୍କେଷୁ ସଂପ୍ରଯୋଜ୍ୟମ୍ ॥ ୬୬ ॥

ପ୍ରକରଣ ଏବଂ ନାଟକରେ କବିମାନେ ପାଞ୍ଚରୁ ଆରମ୍ଭକରି ଦଶ ପର୍ଯ୍ୟନ୍ତ ଅଙ୍କ ବିଭାଗ କରିବେ । ଯେଉଁଥିରେ କି ବିବିଧ ରସ ଏବଂ ଭାବ (ଦେବତା, ଗୁରୁଜନ ଓ ରାଜଭକ୍ତି) ଯଥାଯଥ ସନ୍ନିବେଶିତ ହୋଇଥିବ ॥ ୫୭ ॥ ଗଳ୍ପାଂଶର କାର୍ଯ୍ୟକାରିତାକୁ ଲକ୍ଷ୍ୟରଖି ଅଙ୍କଦୁଇଟି ମଝିରେ ବିଷୟ ସଂକ୍ଷେପ କରିବା ଲକ୍ଷ୍ୟ ନେଇ ସନ୍ଧିସ୍ଥଳରେ ଅର୍ଥକୁ ଜଗି ପ୍ରବେଶକ ପ୍ରୟୋଗ କରିବ ॥ ୫୮ ॥ ଏହି ଦୁଇ ପ୍ରକାର ନାଟ୍ୟବନ୍ଧ ଯୋଗରୁ ପ୍ରୟୋକ୍ତାମାନେ ଅନ୍ୟାନ୍ୟ ପ୍ରଖ୍ୟାତ ଭେଦଗୁଡ଼ିକ, ନାଟକ ପ୍ରକରଣ ମଧ୍ୟରେ ଅପ୍ରସିଦ୍ଧ ପ୍ରୟୋଗ ମଧ୍ୟ ଜାଣିପାରିବେ ॥ ୫୯ ॥

ନାଟିକା-ନାଟିକା ପ୍ରକରଣ ଓ ନାଟକଠାରୁ ଭିନ୍ନ ଉଦ୍‌ଭାବିତ ବସ୍ତୁ ହେବ । (ବସ୍ତୁଶବ୍ଦର ଅର୍ଥ ଗଳ୍ପାଂଶ) ଏଥିରେ ରାଜା ନାୟକ ହେବେ । ଅନ୍ତଃପୁରର ସମସ୍ୟା ଅଥବା ସଙ୍ଗୀତ ଆସର ପ୍ରସଙ୍ଗକୁ ଏହାର ଗଳ୍ପାଂଶ ଆଶ୍ରୟ କରିବ ॥ ୬୦ ॥ ଏଥିରେ ସ୍ତ୍ରୀ ପରିଜନ ବେଶି ରହିବେ । ଚାରିଟି ଅଙ୍କ ରହିବ । ସୁନ୍ଦର କୋମଳ ଅଭିନୟାତ୍ମକ ହେବ । ଅର୍ଥର କୋମଳ ସମନ୍ୱୟ ରହିବ । ନୃତ୍ୟ, ଗୀତ ଓ ପାଠ୍ୟ ବହୁତ ରହିବ । ଶୃଙ୍ଗାର ସମ୍ଭୋଗର ବର୍ଣ୍ଣନା ମଧ୍ୟ ରହିବ ॥ ୬୧ ॥ ନାଟିକାରେ ରାଜବିଳାସ (ପ୍ରସାଦନ) ମାନଭଙ୍ଗ ଓ କୋପ ପ୍ରକାଶ ପ୍ରଭୃତି ବର୍ଣ୍ଣନା କରାଯିବ । ପରିଜନମାନଙ୍କ ସହିତ ନାୟକ ରାଜମହିଷୀ ଓ ଦୂତୀଗଣ ରହିବେ ॥ ୬୨ ॥ ପ୍ରକରଣ ଓ ନାଟକ ଲକ୍ଷଣ ସଂକ୍ଷେପରେ ମୁଁ କହିଲି । ହେ ବିପ୍ରଗଣ ଏବେ ମୁଁ ସମବକାରକୁ ଲକ୍ଷଣ ସହିତ ବର୍ଣ୍ଣନା କରିବି ॥ ୬୩ ॥

Digitized by srujanika@gmail.com

ଅଙ୍କସ୍ତୁ ସପ୍ରହସନଃ ସବିଦ୍ରବଃ ସକପଟଃ ସବୀଥ୍ୟଙ୍ଗଃ ।
ଦ୍ୱାଦଶ ନାଡ଼ିକଯୁକ୍ତଃ ପ୍ରଥମଃ କାର୍ଯ୍ୟୋ ଯଥୋକ୍ତସ୍ତୁ ।। ୬୭ ।।
କାର୍ଯ୍ୟସ୍ତଥା ଦ୍ୱିତୀୟଃ ସମାଶ୍ରିତୋ ନାଡ଼ିକାଶ୍ଚତସ୍ରସ୍ତୁ ।
ବସ୍ତୁ ପ୍ରମାଣ ବିହିତୋ ଦ୍ୱିନାଡ଼ିକଃ ସ୍ୟାଦ୍ ତୃତୀୟସ୍ତୁ ।। ୬୮ ।।
ଅଙ୍କୋଙ୍କଙ୍କ ସ୍ତ୍ୱନ୍ୟାର୍ଥଃ କର୍ତ୍ତବ୍ୟଃ କାବ୍ୟବନ୍ଧମାସାଦ୍ୟ ।
ଅର୍ଥଂ ହି ସମବକାରେ ହ୍ୟପ୍ରତିସଂବନ୍ଧ ମିଚ୍ଛନ୍ତି ।। ୬୯ ।।
ବିଦ୍ରବଃ ତ୍ରିବିଧଃ-ଯୁଦ୍ଧ ଜଳସମ୍ଭବୋ ବା ବାୟ୍ୱଗ୍ନି ଗଜେନ୍ଦ୍ର ସମ୍ଭବୋ ବାଦ୍ଧପି ।
ନଗରୋପରୋଧଜୋ ବା ବିଜ୍ଞେୟୋ ବିଦ୍ରବ ସ୍ତ୍ରିବିଧଃ ।। ୭୦ ।।
କପଟ ତ୍ରୟମ୍-ଯସ୍ତୁ ଗତିକ୍ରମ ବିହିତୋ ଦୈବବଶାଦ୍ ବା ପରପ୍ରଯୁକ୍ତୋବା ।
ସୁଖ ଦୁଃଖୋପ୍ତତ୍ତିକୃତ ସ୍ତ୍ରିବିଧଃ କପଟୋଦ୍ଧତ୍ର ଜ୍ଞେୟଃ ।। ୭୧ ।।
ତ୍ରିବିଧଂପ୍ରେମ-ତ୍ରିବିଧଶ୍ଚାତ୍ର ବିଧିଜ୍ଞୈଃ ପୃଥକ୍ ପୃଥକ୍ କାର୍ଯ୍ୟଯୋଗବିହିତାର୍ଥଃ ।
ତ୍ରିବିଧାକୃତିଶୃଙ୍ଗାରୋ ଜ୍ଞେୟଃ ଧର୍ମାର୍ଥକାମକୃତଃ ।। ୭୨ ।।

ସମବକାର - ସମବକାରରେ ଦେବତା ଅସୁର ସମ୍ବନ୍ଧୀୟ ବିଷୟ ରହିବ । ବିଖ୍ୟାତ ଏବଂ ଉଦାତ୍ତ ନାୟକ ରହିବେ । ତିନୋଟି ଅଙ୍କ, ତିନିଟି କପଟ, ତିନି ପ୍ରକାର ବିଦ୍ରବ ଓ ତିନିଟି ଶୃଙ୍ଗାର ବର୍ଣ୍ଣିତ ହେବ ।। ୬୪ ।। ବାରଜଣ ପାତ୍ର ଭରି ରହିଥିବେ । ଏହାର ଅଭିନୟ ଅବଧି ଅଠର ନାଡ଼ିକା । ଏହାର ଅଙ୍କ ବିଧି କହିବି ଯେଉଁଥିରେ ଯେତିକି ନାଡ଼ିକା ରହିବ ।। ୬୫ ।। ଏକ ମୁହୂର୍ତ୍ତ - ୪୮ ମିନିଟ୍ । ଏକ ମୁହୂର୍ତ୍ତର ଅର୍ଦ୍ଧକୁ ନାଡ଼ିକା ବୋଲି କୁହାଯାଏ । ଏକନାଡ଼ିକା - ୨୪ ମିନିଟ୍ । ଆଗକୁ ଯେଉଁ ଅଙ୍କରେ ଯେତେ ନାଡ଼ିକା ବ୍ୟବହାର କୁହାଯିବ ସେହି ଅନୁଯାୟୀ ପ୍ରୟୋଗ କରିବ ।। ୬୬ ।। ପ୍ରଥମ ଅଙ୍କ ଦ୍ୱାଦଶ ନାଡ଼ିକାଯୁକ୍ତ ହେବ । ପ୍ରହସନ, ବିଦ୍ରବ (ପଳାୟନ ବା ଭୟ) କପଟତା ଏବଂ ବୀଥୀରେ ଆକାଶଭାଷିତ ପ୍ରଭୃତି ଯେପରି ଥାଏ । ୧୧୩ ନଂ ଶ୍ଳୋକ ଦେଖ ଏହି ଅଧ୍ୟାୟରେ) ସେହି ସମସ୍ତ ମଧ୍ୟ ଯଥାଯଥ ଭାବେ ରହିବ ।। ୬୭ ।। ଚାରିନାଡ଼ିକାରେ ଦ୍ୱିତୀୟ ଅଙ୍କ ଅଭିନେୟ ହେବ । ଏଥିରେ ବସ୍ତୁ ସଜ୍ଜା ପୂର୍ବପରି ହେବ । ତୃତୀୟ ଅଙ୍କ ଦୁଇ ନାଡ଼ିକା ସମୟର ହେବ । ଯୁକ୍ତିଯୁକ୍ତ କଥାବସ୍ତୁ ଏଥିରେ ରଖାଯିବ ।। ୬୮ ।। ଦୃଶ୍ୟକାବ୍ୟବନ୍ଧକୁ ଲକ୍ଷ୍ୟକରି ଅଙ୍କକୁ ଅଙ୍କ ଅଲଗା ଅଲଗା ବିଷୟରେ ସଜାଇବ । ସମବକାରରେ ଅର୍ଥର ଶିଥିଳବନ୍ଧନ ହିଁ ଅଭିପ୍ରେତ ଅଟେ ।। ୬୯ ।।
ତିନି ପ୍ରକାର ବିଦ୍ରବ-(୧) ଯୁଦ୍ଧ କିମ୍ବା ଜଳଜନିତ, (୨) ବାୟୁ ଅଗ୍ନି କିମ୍ବା ମତ୍ତହସ୍ତୀଜନିତ ଅଥବା (୩) ନଗର ଅବରୋଧ, ଏହିପରି ବିଦ୍ରବ ତିନି ପ୍ରକାର ହୋଇଥାଏ ।। ୭୦ ।।

Digitized by srujanika@gmail.com

ଯତ୍ରତୁ ଧର୍ମେ ପ୍ରାର୍ଥିତ ମାତ୍ମହିତଂ ଭବତି ସାଧିତଂ ବହୁଧା ।
ପ୍ରତିନିୟମ ତପୋଯୁକ୍ତଂ ଜ୍ଞେୟୋଦ୍ଧସୌ ଧର୍ମଶୃଙ୍ଗାରଃ ॥ ୭୩ ॥

ଅର୍ଥସ୍ୟେଚ୍ଛାଯୋଗାଦ୍ ବହୁଧା ଚୈବାର୍ଥତୋଦ୍ଧର୍ଥଶୃଙ୍ଗାରଃ ।
ସ୍ତ୍ରୀସଂପ୍ରୟୋଗବିଷୟେଷ୍ୱ ଯଥାର୍ଥ ମପୀଷ୍ୟତେଦ୍ଧଭିରତିଃ ॥ ୭୪ ॥

କନ୍ୟାବିଲୋଭନଂ ବା ପ୍ରାପ୍ତଂ ସ୍ତ୍ରୀପୁଂସୟୋସ୍ତୁ ରମ୍ୟଂବା ।
ନିଭୃତଂ ବା ସାବେଗଂ ଜାନୀୟାତ୍ କାମଶୃଙ୍ଗାରମ୍ ॥ ୭୫ ॥

ଉଷ୍ଣିଗ୍ ଗାୟତ୍ର୍ୟାଦ୍ୟାଦନ୍ୟାନି ବନ୍ଧକୁଟିଳାନି ।
ବୃତ୍ତାନି ସମବକାରେ କବିଭିସ୍ତାନି ପ୍ରଯୋଜ୍ୟାନି ॥ ୭୬ ॥

ଏବଂ କାର୍ଯ୍ୟସ୍ତଜ୍ଜ୍ଞୈଃ ସୁଖଦୁଃଖ ସମାଶ୍ରୟଃ ସମବକାରଃ ।
ବକ୍ଷ୍ୟାମୀତଃ ପରଂ ଲକ୍ଷଣ ମୀହାମୃଗସ୍ୟାପି ॥ ୭୭ ॥

କପଟ ତ୍ରୟ- ସୁଖ ଦୁଃଖର ଉଦୟଜନିତ କପଟତା ଏଥିରେ ତିନି ପ୍ରକାର ହୁଏ । ଗମନର ଭଙ୍ଗୀ, ଦୈବଯୋଗବଶତଃ ଏବଂ ପରପ୍ରଯୁକ୍ତ ॥ ୭୧ ॥

ଶୃଙ୍ଗାର ତ୍ରୟ- ନାଟ୍ୟବିଧିବିଶାରଦମାନେ କାର୍ଯ୍ୟଯୋଗକୁ ବିଚାରକରି ଧର୍ମଶୃଙ୍ଗାର, ଅର୍ଥଶୃଙ୍ଗାର ଓ କାମଶୃଙ୍ଗାର ଆକାରରେ ତିନିଟି ଶୃଙ୍ଗାର ପ୍ରୟୋଗ କରିଥାନ୍ତି ॥ ୭୨ ॥ ଯେଉଁଠାରେ ନିଜର ହିତ ଧର୍ମରେ ନିହିତ ହୋଇଥାଏ ଏବଂ ସାଧିତ ମଧ୍ୟ ହୋଇଥାଏ, ଶାସ୍ତ୍ରନିୟମ ଓ ତପସ୍ୟାଯୁକ୍ତ ହୋଇଥାଏ, ଏହାକୁ ଧର୍ମ ଶୃଙ୍ଗାର ବୋଲି ଜାଣିବ ॥ ୭୩ ॥ ଅର୍ଥକାମନା ବଶତଃ ବିବିଧ ଅର୍ଥ ପ୍ରାପ୍ତିର ଯୋଜନାରେ ଯେଉଁଠାରେ ହିତ ନିହିତ ହୋଇଥାଏ, ଏହା ପ୍ରାପ୍ତି ମଧ୍ୟ ହୁଏ ଏହା ଅର୍ଥ ଶୃଙ୍ଗାର । ଏଥିରେ ସ୍ତ୍ରୀ ସମ୍ପର୍କିତ ବଞ୍ଚନାତ୍ମକ ରତି ମଧ୍ୟ ବର୍ଣ୍ଣନା କରାଯାଇଥାଏ ॥ ୭୪ ॥ କନ୍ୟାଟିକୁ ଭୁଲାଇ ଆଣିବା, ସ୍ତ୍ରୀ ପୁରୁଷ ଦୁହିଁଙ୍କର ସମାନ ଅଭିରୁଚିରେ ମିଳନ, ଏକାନ୍ତରେ ରମ୍ୟ ଅଭିନୟ ଓ ଆଳାପକୁ କାମଶୃଙ୍ଗାର ବୋଲି ଜାଣିବ ॥ ୭୫ ॥ ଉଷ୍ଣିକ୍ ତ୍ରିଷ୍ଟୁପ୍ ଗାୟତ୍ରୀ ପ୍ରଭୃତି ଛନ୍ଦ ବ୍ୟତୀତ ବଂଶସ୍ଥ ଆର୍ଯ୍ୟା ପ୍ରଭୃତି ଛନ୍ଦ ସମବକାରରେ କବିମାନେ ପ୍ରୟୋଗ କରିଥାଆନ୍ତି ॥ ୭୬ ॥ ନାଟ୍ୟଶାସ୍ତ୍ରାଭିଜ୍ଞମାନେ ଉପଯୁକ୍ତ ସ୍ଥାନରେ ସୁଖଦୁଃଖ ବର୍ଣ୍ଣନାକରି ସମବକାର ରଚନା ଓ ପ୍ରୟୋଗ କରିବେ । ଏହାପରେ ଈହାମୃଗର ଲକ୍ଷଣ ଓ ପ୍ରୟୋଗ ବିଷୟରେ କହିବି ॥ ୭୭ ॥

Digitized by srujanika@gmail.com

-: ଈହାମୃଗଃ :-

ଦିବ୍ୟ ପୁରୁଷାଶ୍ରୟକୃତୋ ଦିବ୍ୟସ୍ତ୍ରୀକାରଣୋପଗତଯୁଦ୍ଧଃ ।
ସୁବିହିତବସ୍ତୁ ନିବନ୍ଧୋ ବିପ୍ରତ୍ୟୟ କାରକଶ୍ଚୈବ ॥ ୭୮ ॥

ଉଦ୍ଧତ ପୁରୁଷପ୍ରାୟଃ ସ୍ତ୍ରୀରୋଷପ୍ରଥିତକାବ୍ୟବନ୍ଧଶ୍ଚ ।
ସଂକ୍ଷୋଭ ବିଦ୍ରବକୃତଃ ସଂଫେଟକୃତ ସ୍ତଥା ଚୈବ ॥ ୭୯ ॥

ସ୍ତ୍ରୀ ଭେଦନାପହରଣାବମର୍ଦ୍ଦସଂପ୍ରାପ୍ତବସ୍ତୁ ଶୃଙ୍ଗାରଃ ।
ଈହାମୃଗସ୍ତୁ କାର୍ଯ୍ୟଃ ସୁସମାହିତ କାବ୍ୟବନ୍ଧଃ ॥ ୮୦ ॥

ଯଦ୍ ବ୍ୟାୟୋଗେ କାର୍ଯ୍ୟଂ ଯେ ପୁରୁଷା ବୃତ୍ତୟୋ ରସାଶ୍ଚୈବ ॥
ଈହାମୃଗେଽପି ତେ ସ୍ୟୁଃ କେବଲମମରସ୍ତ୍ରୀୟୋ ହ୍ୟସ୍ମିନ୍ ॥ ୮୧ ॥

ଯତ୍ର ତୁ ବଧେପ୍ସିତାନାଂ ବଧୋଦ୍ଧପ୍ୟୁଦଗ୍ରୋଭବେଦ୍ ତୁ ପୁରୁଷାଣାମ୍ ।
କିଞ୍ଚିଦ୍ ବ୍ୟାଜଂ କୃତ୍ୱା ତେଷାଂ ଯୁଦ୍ଧଂ ଶମୟିତବ୍ୟମ୍ ॥ ୮୨ ॥

ଈହାମୃଗସ୍ୟ ଲକ୍ଷଣ ମିଦମିତ୍ୟୁକ୍ତଂ ମୟା ସମାସେନ ।
ଡିମ - ଲକ୍ଷଣଂ ଚ ଭୂୟୋ ଲକ୍ଷଣମୁକ୍ତ୍ୟା ପ୍ରବକ୍ଷ୍ୟାମି ॥ ୮୩ ॥

ଈହାମୃଗ- ବିଷୟବସ୍ତୁ ଦିବ୍ୟା ପୁରୁଷ ଆଶ୍ରିତ ହେବ । ଦିବ୍ୟସ୍ତ୍ରୀ ପାଇଁ ଯୁଦ୍ଧହେବ । ଗଳ୍ପାଂଶର ବନ୍ଧନ ଗାଢ଼ ରହିବ । ଅବିଶ୍ୱାସ ମଧ୍ୟ ଚିତ୍ରଣ କରାଯିବ ॥ ୭୮ ॥ ଅଧିକ ଉଦ୍ଧତ ପୁରୁଷ ରହିବେ । କାବ୍ୟବନ୍ଧରେ ସ୍ତ୍ରୀକୋପ ବର୍ଣ୍ଣିତ ହେବ । କ୍ରୋଧ, ପଳାୟନ ଏବଂ ପରସ୍ପର ଆକ୍ଷେପ (ମୂଳକ ଗାଳିଗୁଲବ) ରଖାଯିବ ॥ ୭୯ ॥ ସ୍ତ୍ରୀମାନଙ୍କ ମଧ୍ୟରେ ଭେଦ (ଅବିଶ୍ୱାସ, ଆକ୍ଷେପ, କଳି) ସ୍ତ୍ରୀହରଣ ନାରୀ ନିର୍ଯାତନା ଓ ଶୃଙ୍ଗାର ରସାଶ୍ରିତ ବର୍ଣ୍ଣନା କରାଯିବ ॥ ୮୦ ॥ ବ୍ୟାୟୋଗରେ (ପରେ ୯୦ ଶ୍ଲୋକରେ କୁହାଯିବ) ଯେଉଁ ପୁରୁଷ ବୃତ୍ତି ଓ ରସ ବ୍ୟବହାର ହେବ, ଈହାମୃଗରେ ମଧ୍ୟ ସେହି ସବୁ କରାଯିବ । କେବଳ ଏଥିରେ ଦେବସ୍ତ୍ରୀମାନେ ରହିବେ ॥ ୮୧ ॥ ଯେଉଁ କ୍ଷେତ୍ରରେ ଯେଉଁମାନଙ୍କର ବଧ କରାଯିବା ଉଚିତ୍ ହୋଇପଡ଼ିଥିବ, ସେହି ସ୍ଥଳରେ କିଛି ବାହାନା କରି ସେମାନଙ୍କ ଯୁଦ୍ଧ ବନ୍ଦ କରିଦେବ ॥ ୮୨ ॥ ସଂକ୍ଷେପରେ ଈହାମୃଗର ଏହି ଲକ୍ଷଣ ମୁଁ କହିଲି । ଲକ୍ଷଣବଚନରେ ଏହାପରେ ଡିମର ଲକ୍ଷଣ ପୁଣି କହିବି ॥ ୮୩ ॥

Digitized by srujanika@gmail.com

- ଡିମଃ -

ପ୍ରଖ୍ୟାତବସ୍ତୁ ବିଷୟଃ ପ୍ରଖ୍ୟାତୋଦାତ୍ତନାୟକୋପେତଃ ।
ଷଡ୍‌ରସ ଲକ୍ଷଣଯୁକ୍ତ ଶ୍ଚତୁରଙ୍କୋ ବୈ ଡ଼ିମଃ କାର୍ଯ୍ୟଃ ॥ ୮୪ ॥
ଶୃଙ୍ଗାର ହାସ୍ୟବର୍ଜ୍ଜଃ ଶେଷୈରନ୍ୟୈ ରସୈଃ ସମାଯୁକ୍ତଃ ।
ଦୀପ୍ତରସ କାବ୍ୟଯୋନି ର୍ନାନାଭାବାନ୍ୱିତ ଶ୍ଚୈବ ॥ ୮୫ ॥
ନିର୍ଘାତଚନ୍ଦ୍ର ସୂର୍ଯ୍ୟୋପରାଗ-ସୋଲ୍କାବପାତ ସଂଯୁକ୍ତଃ ।
ଯୁଦ୍ଧ ନିଯୁଦ୍ଧ ପ୍ରହରଣ - ସଂଫେଟ କୃତଶ୍ଚ କର୍ତ୍ତବ୍ୟଃ ॥ ୮୬ ॥
ମାୟେନ୍ଦ୍ର ଜାଲବହୁଳୋ ବହୁପୁରୁଷୋତ୍‌ଥାନ ଭେଦସଂଯୁକ୍ତିଃ ।
ଦେବାସୁର ରାକ୍ଷସ ଭୂତଯକ୍ଷ ନାଗାଶ୍ଚ ପୁରୁଷାଃ ସ୍ୟୁଃ ॥ ୮୭ ॥
ଷୋଡ଼ଶ ନାୟକ ବହୁଳଃ ସାତ୍ତ୍ୱତ୍ୟା ଭଟୀ ବୃତ୍ତି ସଂଯୁକ୍ତଃ ।
କାର୍ଯ୍ୟୋ ଡିମଃ ପ୍ରଯତ୍ନାତ୍ ତଜ୍‌ଜ୍ଞୈ ର୍ନାନାଶ୍ରୟ ବିଶେଷୈଃ ॥ ୮୮ ॥
ଡିମ ଲକ୍ଷଣ ମିତ୍ୟୁକ୍ତଂ ମୟା ସମାସେନ ଲକ୍ଷଣାନୁଗତମ୍ ।
ବ୍ୟାୟୋଗସ୍ୟ ତୁ ଲକ୍ଷଣ ମତଃପରଂ ସଂପ୍ରବକ୍ଷ୍ୟାମି ॥ ୮୯ ॥

ଏହାର ଗଳ୍ପାଂଶ ପ୍ରଖ୍ୟାତ ହୋଇଥିବ । ନାୟକ ମଧ୍ୟ ପ୍ରଖ୍ୟାତ ଏବଂ ମହନୀୟ ଚରିତ୍ରବାନ୍ ହୋଇଥିବେ । ଡିମରେ ଛଅଟି ରସ ଓ ଚାରିଟି ଅଙ୍କ ରହିବ ॥ ୮୪ ॥ ଏଥିରେ ଶୃଙ୍ଗାର ଓ ହାସ୍ୟ ରହିବ ନାହିଁ । ଅବଶିଷ୍ଟ ଅନ୍ୟ ରସ ରଚନାରେ କାବ୍ୟକଥାଗୁଡ଼ିକ ରସମୟ ହେବ । ବିବିଧ ଭାବ ଚମତ୍କାରିତା ମଧ୍ୟ ଭରି ରହିବ ॥ ୮୫ ॥ ବଜ୍ରପାତ ଭୂମିକମ୍ପ ପ୍ରଭୃତି ପ୍ରାକୃତିକ ବିପର୍ଯ୍ୟୟ, ଚନ୍ଦ୍ରଗ୍ରହଣ, ସୂର୍ଯ୍ୟୋପରାଗ, ଉଲ୍କାପାତ ପ୍ରଭୃତି ବର୍ଣ୍ଣନା ସହ କଥାଂଶ ସଂଯୁକ୍ତ ହେବ । ବାହୁଯୁଦ୍ଧ, ଶସ୍ତ୍ର ଯୁଦ୍ଧ, ଅସ୍ତ୍ରଶସ୍ତ୍ର ଚମତ୍କାରିତା ପ୍ରଦର୍ଶନ ହେବ ॥ ୮୬ ॥ ମାୟା ଇନ୍ଦ୍ରଜାଲ ପ୍ରଭୃତିର ବହୁଳ ବ୍ୟବହାର, ବହୁ ପୁରୁଷଙ୍କର ଯିବା ଆସିବା ଲାଗି ରହିବ । ଏଥିରେ ଦେବତା, ଅସୁର, ରାକ୍ଷସ, ଭୂତ, ଯକ୍ଷ ଓ ନାଗମାନେ ପାତ୍ର ହେବେ ॥ ୮୭ ॥ ଷୋହଳଜଣ ପାତ୍ର ସଂଯୁକ୍ତ ହୋଇଥିବେ ଓ ଏଥିରେ ସାତ୍ତ୍ୱତୀ ଓ ଆରଭଟୀ ବୃତ୍ତି ବ୍ୟବହୃତ ହେଉଥିବ । ବିବିଧ ବିଶିଷ୍ଟ ବିଶିଷ୍ଟ ଘଟଣାମାନ ଯୋଗକରି ନାଟ୍ୟବିଶାରଦମାନେ ଡିମ ରଚନା ଓ ପ୍ରୟୋଗ କରିବେ ॥ ୮୮ ॥ ବିଧାନ ଅନୁଯାୟୀ ମୁଁ ସଂକ୍ଷେପରେ ଏହି ସମସ୍ତ ଡିମ ଲକ୍ଷଣ କରିଲି । ଏହାପରେ ବ୍ୟାୟୋଗର ଲକ୍ଷଣ ବୁଝାଇ କହିବି ॥ ୮୯ ॥

Digitized by srujanika@gmail.com

ବ୍ୟାୟୋଗଃ

ବ୍ୟାୟୋଗସ୍ତୁ ବିଧିଜ୍ଞୈଃ କର୍ତ୍ତବ୍ୟଃ ଖ୍ୟାତ ନାୟକ ଶରୀରଃ ।
ଅଳ୍ପସ୍ତ୍ରୀଜନଯୁକ୍ତ ସ୍ତ୍ୱେକାହକୃତ ସ୍ତଥା ଚୈବ ॥ ୯୦ ॥

ବହବସ୍ତତ୍ର ତୁ ପୁରୁଷା ବ୍ୟାପଚ୍ଛନ୍ତେ ଯଥା ସମବକାରେ ।
ନ ଚ ତତ୍ ପ୍ରମାଣଯୁକ୍ତଃ ତଦେକାଙ୍କ ସଂବିଧାତବ୍ୟଃ ॥ ୯୧ ॥

ନ ଚ ଦିବ୍ୟନାୟକ କୃତଃ କାର୍ଯ୍ୟୋ ରାଜର୍ଷିନାୟକ ନିବଦ୍ଧଃ ।
ଯୁଦ୍ଧନିଯୁଦ୍ଧାଘର୍ଷଣ ସଂଘର୍ଷାଣ୍ଡାପି କର୍ତ୍ତବ୍ୟାଃ ॥ ୯୨ ॥

ଏବଂ ବିଧସ୍ତୁ କାର୍ଯ୍ୟୋ ବ୍ୟାୟୋଗୋ ଦୀପ୍ତକାବ୍ୟରସ ଯୋନିଃ ।
ବକ୍ଷ୍ୟାମ୍ୟତଃ ପରମହଂ ଲକ୍ଷଣମୁତ୍‌ସୃଷ୍ଟିକାଙ୍କସ୍ୟ ॥ ୯୩ ॥

ବ୍ୟାୟୋଗ

ଏକ ବିଖ୍ୟାତ ଚରିତ୍ରର ନାୟକ ହିଁ ଏହାର ମୂଳ ଅବଲମ୍ବନ । ଏଥିରେ ଅଳ୍ପ ସ୍ତ୍ରୀପାତ୍ର ରହିବେ । ଗୋଟିଏ ଦିନରେ ଘଟିତ ଘଟନା ଏହାର ବିଷୟ ରହିବ ॥ ୯୦ ॥
ସମବକାର ଭଳି ଏଥିରେ ବହୁତ ପୁରୁଷ ରଖାଯିବେ । ମାତ୍ର ଏହା ଏକଦିବସୀୟ ଘଟନା ଯୋଗୁଁ ମାତ୍ର ଏକ ଅଙ୍କ ବିଶିଷ୍ଟ ହେବ । ତେଣୁ ସମବାକର ପରି ଏହାର ପରିମାଣ ହେବ ନାହିଁ ॥ ୯୧ ॥ ବ୍ୟାୟୋଗରେ ଦିବ୍ୟନାୟକ ହେବ ନାହିଁ । ରାଜା ବା ଋଷି ଏଥିରେ ନାୟକ ହେବେ ନାହିଁ । ଯୁଦ୍ଧ, ବାହୁଯୁଦ୍ଧ, ଠେଲାପେଲା ଏବଂ ସଂଘର୍ଷ ଦୃଶ୍ୟ ମଧ୍ୟ ରଖାଯିବ ॥ ୯୨ ॥ କାବ୍ୟ ରସାସ୍ୱାଦନ ହିଁ ବ୍ୟାୟୋଗରେ ଦୀପ୍ତ ହୋଇଥାଏ । ଏହିପରି ବ୍ୟାୟୋଗ ରଚନା ଓ ପ୍ରୟୋଗ କରିବ । ଏହାପରେ ଉତ୍‌ସୃଷ୍ଟିକାଙ୍କର ଲକ୍ଷଣ କହିବି ॥ ୯୩ ॥
ଉତ୍ ସୃଷ୍ଟିକାଙ୍କ--ଏଥିରେ ନାଟକୀୟ କଥାବସ୍ତୁ କେବେ ପ୍ରଖ୍ୟାତ କେବେ ବା ଅଖ୍ୟାତ ହୋଇପାରେ । ଦିବ୍ୟ ପୁରୁଷ ଏଥିରେ ରହିବେ ନାହିଁ । ଅନ୍ୟ ସାଧାରଣ ନାଗରିକ ଏହାର ପାତ୍ର ହେବେ ॥ ୯୪ ॥ ଏହା କରୁଣରସ ପ୍ରଧାନ ହେବ । ଯୁଦ୍ଧ ଉଦ୍ଧତ ପ୍ରହାର ରହିବ ନାହିଁ । ସ୍ତ୍ରୀମାନଙ୍କର ବିଳାପ ବର୍ଣ୍ଣିତ ହେବ । ଭାଗ୍ୟକୁ ନିନ୍ଦା କରି ବାହୁନା ମଧ୍ୟ ରହିବ । ॥ ୯୫ ॥ ବିକଳ ହୋଇ ଭୂଲୁଣ୍ଠନ ପ୍ରଭୃତି ଅଭିନୟ ହେବ । ସାତ୍ୱତୀ ଆରଭଟୀ କୈଶିକୀ ବୃତ୍ତି ରହିବ ନାହିଁ । ଅଙ୍କର ଶେଷଟି କିନ୍ତୁ ଅଭ୍ୟୁଦୟ ବର୍ଣ୍ଣନାରେ ମଧୁର ହେବ । ସ୍ତ୍ରୀମାନଙ୍କର ଅଭିନୟକୁ ନାଟ୍ୟବିଶାରଦ ଜୀବନସଂକଟ ଭଳି ସ୍ଥିତିକୁ ଆଣି ଚିତ୍ରଣ କରିବେ । (ଉତ୍- ଉଦ୍‌ଗତ ହେଉଅଛି, ସୃଷ୍ଟି- ଜୀବନ ଯେଉଁ ସ୍ତ୍ରୀମାନଙ୍କର (ଇକ ପ୍ରତ୍ୟୟ) ସେହିମାନଙ୍କ ଦ୍ୱାରା ଅଙ୍କିତ, ଏଣୁ ଏହାକୁ ଉତ୍‌ସୃଷ୍ଟିକାଙ୍କ କୁହାଯାଏ) ॥ ୯୬ ॥

Digitized by srujanika@gmail.com

ଉତ୍ସୃଷ୍ଟିକାଙ୍କଃ

ପ୍ରଖ୍ୟାତ ବସ୍ତୁ ବିଷୟସ୍ତ୍ୱପ୍ରଖ୍ୟାତଃ କଦାଚିଦେବ ସ୍ୟାତ୍ ।
ଦିବ୍ୟ ପୁରୁଷୈ ର୍ବିଯୁକ୍ତଃ ଶେଷୈରନ୍ୟୈ ର୍ଭବେତ୍ ପୁଂଭିଃ ॥ ୯୪ ॥
କରୁଣରସପ୍ରାୟକୃତୋ ନିବୃତ୍ତଯୁଦ୍ଧୋଦ୍ଧତ ପ୍ରହାରଶ୍ଚ ।
ସ୍ତ୍ରୀ ପରିଦେବନ ବହୁଲୋ ନିର୍ବେଦିତଭାଷିତ ଶ୍ଚୈବ ॥ ୯୫ ॥
ନାନା ବ୍ୟାକୁଳଚେଷ୍ଟଃ ସାତ୍ତ୍ୱତ୍ୟାରଭଟୀ କୈଶିକୀ ହୀନଃ ।
କର୍ତ୍ତବ୍ୟୋଦ୍ଧଭ୍ୟୁଦୟାନ୍ତଃ ତଜ୍ଜ୍ଞୈ ରୁତ୍ସୃଷ୍ଟିକାଙ୍କସ୍ତୁ ॥ ୯୬ ॥
ଯଦ୍ ଦିବ୍ୟନାୟକ କୃତଂ କାବ୍ୟଂ ସଂଗ୍ରାମ-ବନ୍ଧ ବଧଯୁକ୍ତମ୍ ।
ତଦ୍ ଭାରତେ ତୁ ବର୍ଷେ କର୍ତ୍ତବ୍ୟଂ କାବ୍ୟବନ୍ଧେଷୁ ॥ ୯୭ ॥
କସ୍ମାଦ୍ ଭାରତମିଷ୍ଟଂ ବର୍ଷେଷ୍ୱନ୍ୟେଷୁ ଦେବ ବିହିତେଷୁ ।
ହୃଦ୍ୟା ସର୍ବା ଭୂମିଃ ଶୁଭଗନ୍ଧା କାଞ୍ଚନୀ ଯସ୍ମାତ୍ ॥ ୯୮ ॥
ଉପବନ ଗମନ କ୍ରୀଡ଼ା-ବିହାର ନାରୀରତି ପ୍ରମୋଦାଃସ୍ୟୁଃ ।
ତେଷୁ ହି ବର୍ଷେଷୁ ସଦା ନ ଭବତି ଦୁଃଖଂ ନବା ଶୋକଃ ॥ ୯୯ ॥
ଯେ ତେଷା ମଧିବାସାଃ ପୁରାଣ ବାଦେ ଚ ପର୍ବତା ଗଦିତାଃ ।
ସଂଭୋଗ ସ୍ତେଷୁ ଭବେତ୍ କର୍ମାରମ୍ଭୋ ଭବେଦସ୍ମିନ୍ ॥ ୧୦୦ ॥
ଅଙ୍କସ୍ୟ ଲକ୍ଷଣଗତଂ ବ୍ୟାଖ୍ୟାତଂ ଶେଷମାତ୍ରଗତମ୍ ।
ପ୍ରହସନ ମତଃ ପରମହଂ ସଲକ୍ଷଣଂ ସଂପ୍ରବକ୍ଷ୍ୟାମି ॥ ୧୦୧ ॥

ଦୃଶ୍ୟକାବ୍ୟ ରଚନାରେ ଦିବ୍ୟନାୟକଙ୍କଦ୍ୱାରା କରାଯାଉଥିବା ସଂଗ୍ରାମ-ବଧ-ବନ୍ଧନ ପ୍ରଭୃତି କେବଳ ଭାରତବର୍ଷରେ ବର୍ଣ୍ଣନା କରିବ ॥ ୯୭ ॥ କାରଣ, ଏଥିପାଇଁ ଭାରତବର୍ଷ ପ୍ରସିଦ୍ଧ ଅଟେ । ଭାରତବ୍ୟତୀତ କିଂପୁରୁଷବର୍ଷ ପ୍ରଭୃତିଦେବ- ସ୍ଥାନମାନଙ୍କରେ ସୁବର୍ଣ୍ଣମୟୀ ଭୂମି, ଶୁଭଗନ୍ଧମୟୀ, ଏଣୁ ସମସ୍ତ ସ୍ଥାନ ରମଣୀୟ ଅଟେ ॥ ୯୮ ॥ ସେହିସବୁ ବର୍ଷମାନଙ୍କରେ ଉପବନ ଗମନ, କ୍ରୀଡ଼ା, ବିହାର, ନାରୀରତି ଓ ଅନ୍ୟାନ୍ୟ ଆନନ୍ଦ ବର୍ଣ୍ଣନା କରିବ । କାରଣ ସେହି ସବୁ ବର୍ଷରେ ଦୁଃଖ ବା ଶୋକର ସ୍ଥାନ ନାହିଁ ॥ ୯୯ ॥

ପୁରାଣରେ ସେମାନଙ୍କ ନିବାସ ଭୂମି ରୂପେ ସୁମେରୁ ପ୍ରଭୃତି ଯେଉଁ ପର୍ବତମାନ ବର୍ଣ୍ଣନା କରାଯାଇଛି, ସେଠାରେ କେବଳ ଭୋଗଭୂମି, କର୍ମଭୂମି କେବଳ ଏହି ଭାରତବର୍ଷ ॥ ୧୦୦ ॥ ଅଙ୍କର ଲକ୍ଷଣ ବିଷୟରେ ସବୁ ବିଶ୍ଳେଷଣ କରି କହିଲି । ଶେଷକୁ ଏହାପରେ ପ୍ରହସନର ଲକ୍ଷଣ ପ୍ରଭୃତି କହିବି ॥ ୧୦୧ ॥

Digitized by srujanika@gmail.com

ପ୍ରହସନମ୍ -

ପ୍ରହସନ ମପି ବିଜ୍ଞେୟଂ ଦ୍ୱିବିଧଂ ଶୁଦ୍ଧଂ ତଥୈବ ସଂକୀର୍ଣ୍ଣମ୍ ।
ତସ୍ୟ ବ୍ୟାଖ୍ୟାସ୍ୟେହଂ ପୃଥକ୍ ପୃଥକ୍ ଲକ୍ଷଣ ବିଶେଷାନ୍ ॥ ୧୦୨ ॥
ଭଗବତ୍ ତାପସ ଭିକ୍ଷୁ ବିପ୍ରୈ ରନ୍ୟୈରପି ହାସ୍ୟବାଦ ସଂବଦ୍ଧମ୍ ।
କାପୁରୁଷ ସଂପ୍ରଯୁକ୍ତଂ ପରିହାସାଭାଷଣ ପ୍ରାୟମ୍ ॥ ୧୦୩ ॥
ଅବିକୃତ ଭାଷାଚାରଂ ବିଶେଷ ହାସୋପହାସରଚିତପଦମ୍ ।
ନିୟତଗତିବସ୍ତୁ ବିଷୟଂ ଶୁଦ୍ଧଂ ଜ୍ଞେୟଂ ପ୍ରହସନଂତୁ ॥ ୧୦୪ ॥
ବେଶ୍ୟା-ଚେଟ-ନପୁଂସକ ଧୂର୍ତ୍ତବିଟା ବନ୍ଧକୀଚ ଯତ୍ରସ୍ୟୁଃ ।
ଅନିଭୃତ ବେଶ ପରିଚ୍ଛଦ - ଚେଷ୍ଟା କରଣାଦ୍ ତୁ ସଂକୀର୍ଣ୍ଣମ୍ ॥ ୧୦୫ ॥
ଲୋକୋପଚାରଯୁକ୍ତା ଯା ବାର୍ତ୍ତା ଯଶ୍ଚ ଦମ୍ଭସଂଯୋଗଃ ।
ତତ୍ ପ୍ରହସନେ ପ୍ରଯୋଜ୍ୟଂ ଧୂର୍ତ୍ତବିଟ ବିବାଦ ସମ୍ପନ୍ନଃ ॥ ୧୦୬ ॥
ବୀଥ୍ୟଙ୍ଗୈଃ ସଂଯୁକ୍ତଂ କର୍ତ୍ତବ୍ୟଂ ପ୍ରହସନଂ ଯଥାଯୋଗମ୍ ॥
ଭାଣସ୍ୟାପି ହି ଲକ୍ଷଣମତଃ ପରଂ ସଂପ୍ରବକ୍ଷ୍ୟାମି ॥ ୧୦୭ ॥

ପ୍ରହସନ ଦୁଇପ୍ରକାର-(୧) ଶୁଦ୍ଧ (୨) ସଂକୀର୍ଣ୍ଣ । ସେମାନଙ୍କର ପୃଥକ୍ ପୃଥକ୍ ଭାବରେ ବିଶେଷ ଲକ୍ଷଣମାନ ମୁଁ କହୁଅଛି ॥ ୧୦୨ ॥ ଶୁଦ୍ଧ ପ୍ରହସନରେ ଈଶ୍ୱର ସାଧକ, ଭିକ୍ଷୁ ବ୍ରାହ୍ମଣ ଏବଂ ଅନ୍ୟଲୋକମଧ୍ୟ ହାସ୍ୟଘଟନା ସମ୍ବନ୍ଧରେ ଯୋଡ଼ି ହୋଇଯିବେ । କାପୁରୁଷମାନଙ୍କର ଭାଷାଭଳି ଭାଷା ସମ୍ଭାଷଣରେ ବ୍ୟବହାର ବହୁଳ ହେବ ॥ ୧୦୩ ॥ କିନ୍ତୁ ଭାଷା ଓ ଆଚାର ବିକୃତ ହେବ ନାହିଁ । ହାସ ପରିହାସରେ କାବ୍ୟାଂଶ ଭରି ରହିବ । ଭଦ୍ର ସମାଜର ଗଣ୍ଡି ଭିତରେ କିନ୍ତୁ ଏହି ସମସ୍ତ ବେଶୀ ରହିବେ ॥ ୧୦୪ ॥ ସଂକୀର୍ଣ୍ଣ ପ୍ରହସନରେ ବେଶ୍ୟା ଦାସ ନପୁଂସକ (ହିଜଡ଼ା) ଧୂର୍ତ୍ତ ଲମ୍ପଟ, କୁଳଟାମାନେ ରହିବେ । ବେଶପୋଷାକ ଓ ପରିଧାନ ବି କୌଣସି ସଂଯମ ନାହିଁ । ଏମାନଙ୍କ ଚେଷ୍ଟା ଓ ଭାଷାରେ ଶୃଙ୍ଖଳା ନାହିଁ ॥ ୧୦୫ ॥ ଚଳିଏ ଚଳିଆ ସମାଜରେ ଚଳୁଥିବା ଭାଷା, ସେମାନଙ୍କର ଗର୍ବ, ଏହି ମିଥ୍ୟା ଗର୍ବକୁ ନେଇ କଳି, ଧୂର୍ତ୍ତ ଓ ଲମ୍ପଟ ମଧ୍ୟରେ ଝଗଡା ହାତାହାତି ଏଥିରେ ଦେଖାଯାଇଥାଏ ॥ ୧୦୬ ॥ ଯେଉଁ ସ୍ଥଳରେ ଯେପରି ଦରକାର ସେହି ସ୍ଥଳରେ ସେହିପରି ବୀଥୀ-ଅଙ୍ଗମାନ (ପରେ କୁହାଯିବ ୧୧୭ରୁ) ଖଞ୍ଜାଯିବ । ଏହାପରେ ଭାଣର ଯଥୋଚିତ ଲକ୍ଷଣ କହିବି ॥ ୧୦୭ ॥

Digitized by srujanika@gmail.com

ଭାଣଃ - ଆତ୍ମାନୁଭୂତଶଂସୀ ପରସଂଶ୍ରିତବର୍ଣ୍ଣନା ବିଶେଷସ୍ତୁ ।
ଦ୍ୱିବିଧାଶ୍ରୟୋହିଭାଣଃ ବିଜ୍ଞେୟସ୍ତ୍ୱେକହାର୍ଯ୍ୟଶ୍ଚ ॥ ୧୦୮ ॥
ପରବଚନମାତ୍ମ ସଂସ୍ଥଂ ପରବଚନୈ ରୁତ୍ତରୋତ୍ତରୈ ର୍ଗ୍ରଥିତବାକ୍ୟମ୍ ।
ଆକାଶ ପୁରୁଷ କଥିତୈ ରଙ୍ଗ ବିକାରୈ ରଭିନୟେତ୍ ତତ୍ ॥ ୧୦୯ ॥
ଧୂର୍ତ୍ତବିଟ ସଂପ୍ରୟୋଜ୍ୟୋ ନାନାବସ୍ଥାନ୍ତରାତ୍ମକଶ୍ଚୈବ ।
ଏକାଙ୍କୀ ବହୁଚେଷ୍ଟଃ ସତତଂ କାର୍ଯ୍ୟୋ ବୁଧୈର୍ଭାଣଃ ॥ ୧୧୦ ॥
ଭାଣସ୍ୟାପି ହି ନିଖିଳଂ ଲକ୍ଷଣମୁକ୍ତଂ ତଥାଗମାନୁଗତମ୍ ।
ବୀଥ୍ୟାଃ ସମ୍ପ୍ରତି ନିଖିଳଂ କଥୟାମି ଯଥାକ୍ରମଂ ବିପ୍ରଃ ॥ ୧୧୧ ॥
ବୀଥୀ : - ବୀଥୀ ସ୍ୟାଦେକାଙ୍କା ଦ୍ୱିପାତ୍ରାହାର୍ଯ୍ୟା ତଥୈକହାର୍ଯ୍ୟାବା ।
ଅଧମୋତ୍ତମ ମଧ୍ୟାଭିର୍ଯୁକ୍ତା ସ୍ୟାତ୍ ପ୍ରକୃତିଭି ସ୍ତିସୃଭିଃ ॥ ୧୧୨ ॥
ସର୍ବରସ ଲକ୍ଷଣାଢ଼୍ୟା ହ୍ୟଙ୍ଗୈ ସ୍ତ୍ରୟୋଦଶଭିଃ ।
ଅଙ୍ଗାନାଂ ବକ୍ଷେହଂ ଲକ୍ଷଣମଖିଳଂ ଯଥାଦେଶମ୍ ॥ ୧୧୩ ॥

ଭାଣ - ଭଣତି - କହୁଅଛି । ଏଣୁ କେବଳ ଜଣେ ଅଭିନୟ ସହିତ କହୁଥିବା ଏକକ ଅଭିନୟକୁ ଭାଣ କୁହାଯାଏ । ଏଥିରେ ନିଜ ଅନୁଭୂତି ଭଙ୍ଗୀକୁ ଅଭିନୟମାର୍ଗରେ ପ୍ରକାଶ କରାଯାଏ । ପରକୁ ଆକ୍ଷେପକରି ମଧ୍ୟ କହୁଯାଇଥାଏ । (ପରିହାସାତ୍ମକ ସମାଲୋଚନା) ଭାଣ ଏହି ଦୁଇ ପ୍ରକାର ବିଷୟକୁ ଆଶ୍ରୟ କରିଥାଏ ॥ ୧୦୮ ॥ ପରକଥାକୁ ନିଜ ଆତ୍ମ କହିବ । ପୁଣି ସେହି ପରର ଆକ୍ଷେପକୁ ନିଜେ ହିଁ ଉତ୍ତର ଦେବ । ପୁନରାୟ ଆକ୍ଷେପ ଓ ଉତ୍ତର । (ଏଁ କ'ଣ କହିଲ ? ଏହା କହୁଛି, ଅଚ୍ଛା) ଏହି ଆକାଶବାଣୀକୁ କଳ୍ପନା କରି ପୁଣି ତାର ଉତ୍ତର ପ୍ରତ୍ୟୁତ୍ତର ଦେବ । ଏଥିରେ ଅଙ୍ଗବିକାର ଓ ଆଙ୍ଗିକ ଅଭିନୟର ବିଶେଷ ସ୍ୱାତନ୍ତ୍ର୍ୟ ରହିଅଛି ॥ ୧୦୯ ॥ ଏହି ଏକକ ଅଭିନୟରେ ମଧ୍ୟ କେବେ ହସି ହସାଇ କାନ୍ଦି କନ୍ଦାଇ ଧୂର୍ତ୍ତବିଟମାନଙ୍କ ଅଭିନୟକରି ସୁଖଦୁଃଖ ମିଶାଇ ବହୁ ଅଭିନୟ ପରିପୁଷ୍ଟ ଏକାଙ୍କ ବିଶିଷ୍ଟ ଭାଣ ରଚନା ଓ ପ୍ରୟୋଗ କରିବେ ॥ ୧୧୦ ॥ ଶାସ୍ତ୍ରବିଧାନ ଅନୁଯାୟୀ ଭାଣର ସମସ୍ତ ଲକ୍ଷଣ କହିଲି । ଏବେ ଯଥାକ୍ରମେ ବୀଥୀର ଲକ୍ଷଣମାନ କହିବି ॥ ୧୧୧ ॥ **ବୀଥୀ** - ଏଥିରେ ଗୋଟିଏ ମାତ୍ର ଅଙ୍କ ରହିବ । ଗୋଟିଏ ବା ଦୁଇଟି ମାତ୍ର ଅଭିନୟରେ ରହିବେ । ଉତ୍ତମ ମଧ୍ୟମ ଓ ଅଧମ ତିନି ପ୍ରକୃତିର ଲୋକ ଚରିତ୍ର ଏଥିରେ ସନ୍ନିବେଶିତ ହେବ ॥୧୧୨॥
ସମସ୍ତ ରସ ଲକ୍ଷଣପୂର୍ଣ୍ଣ ହୋଇ ରହିବେ । ତେରଟି ବୀଥୀଅଙ୍ଗ ଯଥାସ୍ଥାନରେ ସଜ୍ଜିତ ହୋଇ ରହିବ । ସେହି ଅଙ୍ଗମାନଙ୍କର ଲକ୍ଷଣ ସମସ୍ତ ଏବେ କହିବି ॥ ୧୧୩ ॥

Digitized by srujanika@gmail.com

ଉଦ୍‌ଘାତ୍ୟକାବଲଗିତେ ତ୍ୱବସ୍ୱନ୍ଦିତମେବ ଚ ।
ଅସତ୍ ପ୍ରଳାପଶ୍ଚ ତଥା ପ୍ରପଞ୍ଚୋ ନାଳିକାପି ଚ ॥ ୧୧୪ ॥
ବାକ୍‌କେଲ୍ୟଧିବଲଂ ଚୈବ ଛଳଂ ବ୍ୟାହାର ଏବ ଚ ।
ମୃଦବଂ ତ୍ରିଗତଂ ଚୈବ ଜ୍ଞେୟଂ ଗଣ୍ଡମଥାପି ବା ॥ ୧୧୫ ॥
ତ୍ରୟୋଦଶ ସଦାଙ୍ଗାନି ବୀଥ୍ୟାମେତାନି ଯୋଜୟେତ୍ ।
ଲକ୍ଷଣଂ ପୁନରେତେଷାଂ ପ୍ରବକ୍ଷ୍ୟାମ୍ୟନୁ ପୂର୍ବଶଃ ॥ ୧୧୬ ॥

ବୀଥୀ - ଅଙ୍ଗ - ଲକ୍ଷଣମ୍

ପଦାନି ତ୍ୱଗତାର୍ଥାନି ଯୈର୍ନରାଃ ପୁନରାଦରାତ୍ ।
ଯୋଜୟନ୍ତି ପଦୈରନ୍ୟୈ ସ୍ତଦୁଦ୍‌ଘାତ୍ୟ କମୁଚ୍ୟତେ ॥ ୧୧୭ ॥
ଯତ୍ରାନ୍ୟସ୍ମିନ୍ ସମାବେଶ୍ୟ କାର୍ଯ୍ୟମନ୍ୟତ୍ ପ୍ରଶସ୍ୟତେ ।
ତଚ୍ଚାବଲଗିତଂନାମ ବିଜ୍ଞେୟଂ ନାଟ୍ୟଯୋକ୍ତୃଭିଃ ॥ ୧୧୮ ॥
ଆକ୍ଷିପ୍ୟ କଞ୍ଚିଦର୍ଥନ୍ତୁ ଶୁଭାଶୁଭ ସମୁତ୍‌ଥିତମ୍ ।
ଯତ୍ ସୃଜେତ୍ ବୁଦ୍ଧିବୈଶଦ୍ୟାତ୍ ତଦବସ୍ୱନ୍ଦିତଂ ଭବେତ୍ ॥ ୧୧୯ ॥

ବୀଥୀଙ୍ଗ - ଉଦ୍‌ଘାତ୍ୟକ, ଅବଲଗିତ, ଅବସ୍ୱନ୍ଦିତ, ଅସତ୍ ପ୍ରଳାପ, ପ୍ରପଞ୍ଚ, ନାଳିକା, ବାକ୍‌କେଳି, ଅଧିବଳ, ଛଳ, ବ୍ୟାହାର, ମୃଦବ, ତ୍ରିଗତ, ଗଣ୍ଡ, ବୀଥୀରେ ଏହି ତ୍ରୟୋଦଶଅଙ୍ଗ ସର୍ବଦା ଯୋଗ କରାଯିବ । ଯଥାକ୍ରମେ ଏମାନଙ୍କର ଲକ୍ଷଣମାନ କହୁଅଛି ॥ ୧୧୪-୧୧୬ ॥ ଉଦ୍‌ଘାତ୍ୟକ କୁହାଯାଉଥିବା କଥାକୁ ଠିକ ବୁଝିବା ପୂର୍ବରୁ ତହିଁରୁ ଗୋଟିଏ ବା ଦୁଇଟି ପଦକୁ ନେଇ ଆଉ ଗୋଟିଏ ବାକ୍ୟ ଆରମ୍ଭକରି ପାତ୍ର ପ୍ରବେଶ ହେଲେ ଉଦ୍‌ଘାତ୍ୟକ ହୁଏ । ଯଥା- (ସୂତ୍ରଧାର ବା ଆକାଶବାଣୀରେ)- ପିଲାମାନେ ଶରତ ପ୍ରଭାତରେ ହସନ୍ତି । ମୋତେ ପୁଣି ହସିବାକୁ ସାହସ କରୁଛି କିଏସେ ? (ବୋଲି ଏକ ଉଦ୍ଧତ ପାତ୍ରର ପ୍ରବେଶ) ଏହାପରେ ପ୍ରସଙ୍ଗ ଆରମ୍ଭ ।) ॥ ୧୧୭ ॥ ଅବଲଗିତ ଗୋଟିଏ ବିଷୟରେ କଥାବାର୍ତ୍ତା ହେଉଥିବାବେଳେ ସେହି କଥାରୁ ଆଉ ଗୋଟିଏ ପ୍ରସଙ୍ଗ ଯୋଡ଼ିଦେଲେ ଅବଲଗିତ କୁହାଯାଏ । ଯଥା-ଅଭିଜ୍ଞାନ ଶାକୁନ୍ତଳରେ ବିଦୂଷକ ନଟୀକୁ କହିଛି- ତୁମେ ଗୀତର ସ୍ୱରରେ ମୋମନ ପୁରା ହରି ନେଇଗଲ ସଖି ! ଠିକ୍ ରାଜା ଦୁଷ୍ୟନ୍ତଙ୍କ ମନକୁ ଦୌଡ଼ିଦୌଡ଼ି ମୃଗ ଯେପରି ହରିନେଉଛି । (ରାଜା ପ୍ରବେଶ) ॥ ୧୧୮ ॥ ଅବସ୍ୱନ୍ଦିତ - ସାହିତ୍ୟ ଦର୍ପଣରେ ଏହାର ନାମାନ୍ତର ଅବସ୍ୟନ୍ଦିତ । ଭଲ ହେଉ ବା ମନ୍ଦ ହେଉ କୌଣସି ପଦିଏ କଥା କହିସାରି, ପୁଣି ବୁଦ୍ଧି ଖର୍ଚ୍ଚକରି ସେହି କଥାକୁ ଭୁଲାଇବାକୁ ଚେଷ୍ଟା କରିବା ନାମ ଅବସ୍ୱନ୍ଦିତ ।

Digitized by srujanika@gmail.com

ଅସମ୍ବଦ୍ଧଂ ତୁ ଯଦ୍‌ବାକ୍ୟମ୍ ଅସମ୍ବଦ୍ଧମଥୋତ୍ତରମ୍ ।
ଅସତ୍ ପ୍ରଳାପିତଂ ଚୈବ ବୀଥ୍ୟାଂ ସମ୍ୟକ୍ ପ୍ରଯୋଜୟେତ୍ ॥ ୧୨୦ ॥
ମୂର୍ଖଜନ ସନ୍ନିକର୍ଷେ ହିତମପି ଯତ୍ର ପ୍ରଭାଷତେ ବିଦ୍ୱାନ୍ ।
ବଚନଂ ନ ଗୃହ୍ୟତେଽସ୍ୟ ସ ଜ୍ଞେୟୋଽସତ୍ ପ୍ରଳାପସ୍ତୁ ॥ ୧୨୧ ॥
ଯଦସଦ୍‌ଭୂତଂ ବଚନଂ ସଂସ୍ତବଯୁକ୍ତଂ ଦ୍ୱୟୋଃ ପରସ୍ପରତଃ ।
ଏକସ୍ୟ ଚାର୍ଥହେତୋଃ ସ ହାସ୍ୟଜନନଃ ପ୍ରପଞ୍ଚସ୍ତୁ ॥ ୧୨୨ ॥
ହାସ୍ୟେନାବିଗତାର୍ଥା ପ୍ରହେଳିକା ନାଳିକେତି ବିଜ୍ଞେୟା ।
ଏକ ଦ୍ୱିପ୍ରତି ବଚନାଦ୍ ବାକ୍‌କେଳିକାଂ ନାମ ତାମାହ ॥ ୧୨୩ ॥
ପରବଚନ ମାତ୍ମସଂସ୍ଥଂ ଚୋତ୍ତରୋତ୍ତର ସମୁଦ୍‌ଭବଂ ଦ୍ୱୟୋର୍ଯତ୍ର ।
ଅନ୍ୟୋନ୍ୟାର୍ଥ ବିଶେଷଣ ମଧିବଳମିତି ତଦ୍‌ବୁଧୈ ର୍ଜ୍ଞେୟମ୍ ॥ ୧୨୪ ॥
ଯତ୍ରାଦୌ ପ୍ରତିବଚନୈ ର୍ବିଲୋଭୟିତ୍ୱା ପରଂ ପରାପକାରୈଃ ।
ତୈରେବାର୍ଥ ବିହୀନୈ ର୍ବିପରୀତଂସ୍ୟାଦ୍ ଛଳଂ ନାମ ॥ ୧୨୫ ॥

ଯଥା ଉତ୍ତରରାମ ଚରିତରେ ସୀତା ଲବକୁଶଙ୍କୁ କହୁଛନ୍ତି - ପୁଅ, କାଲି ଭୋରରୁ ତୁମେ ଅଯୋଧ୍ୟା ଯିବ । ସେହି ରାଜାଙ୍କୁ ବିନୟରେ ବ୍ୟବହାର କରିବ । ଲବ- ଆମେ କ'ଣ ରାଜା ଘରେ ଚାକିରି କରିବୁ ? ସୀତା- ପୁଅ, ସେ ତୁମର ପିତା । ଲବ - ରଘୁପତି କ'ଣ ଆମ ଦୁହିଁଙ୍କର ପିତା ? ସୀତା (ମନୋଭାବକୁ ଲୁଚାଇ) ସେ ସଂସାର ପିତାରେ ବାପ ! (ଏଠାରେ ଧରା ପଡ଼ିଯିବା ସତ୍ୟକୁ ଅର୍ଥାନ୍ତରରେ ବୁଲାଇଦେଲେ ବୁଦ୍ଧି ଖର୍ଚ୍ଚକରି) ॥ ୧୧୯ ॥
ଅସତ୍ ପ୍ରଳାପ - ବାକ୍ୟ ସମ୍ବନ୍ଧ ବିହୀନ ଏବଂ ଉତ୍ତର ସମ୍ବନ୍ଧ ବିହୀନ । ମାତ୍ର ଧ୍ୱନିରେ ପ୍ରାସଙ୍ଗିକ ଅର୍ଥ ସମ୍ପର୍କ ରହିଥିବ । ଯଥା- ନାୟକ - (ମଧ୍ୟାହ୍ନରେ ସଖୀମାନଙ୍କ ସହିତ ନାୟିକାକୁ ଦେଖି ନିଜ ସାଙ୍ଗମାନଙ୍କୁ କହିବା) ଭାଇ, ଆଜିକାଲି ମଧ୍ୟାହ୍ନରେ ପୂର୍ଣ୍ଣଚନ୍ଦ୍ର ଉଦୟ ହେଲେଣିରେ ? **ନାୟିକା** - (ସଖୀମାନଙ୍କୁ) ଅପା ମ, ଖରାବେଳେ କ'ଣ ପେଚାସବୁ ବୁଲିବୁଲି ବୋବାଉଛନ୍ତି ! ॥ ୧୨୦ ॥ **୨ନଂ ଅସତ୍ ପ୍ରଳାପ** - ମୂଢ଼ଲୋକ ପାଖରେ ହିତକଥାକୁ ବିଦ୍ୱାନ୍ କହିଲେ ମଧ୍ୟ ସେହି ମୂଢ଼ ସାଧୁର କଥା ଯଦି ଗ୍ରହଣ ନକରେ ବା ନବୁଝେ । ଯଥା-ଗାନ୍ଧାରୀ ଆଶୀର୍ବାଦ ଦୁର୍ଯୋଧନ ଗ୍ରହଣ କଲେ ନାହିଁ ବା ବୁଝିଲେ ନାହିଁ- ଅକ୍ଷୟ ହେଉ ସତ୍ୟ ଜଗତେ, ଧର୍ମର ହେଉ ଜୟ ॥ ୧୨୧ ॥ **ପ୍ରପଞ୍ଚ** - ଯାହା ଠିକ୍ ନୁହେଁ । କିନ୍ତୁ ତୋଷାମଦିଆ । ଏକାନ୍ତରେ ଏହିପରି ଆଳାପରେ ଜଣଙ୍କର ସ୍ୱାର୍ଥ ଥିବ ଏବଂ ହାସ୍ୟ ଉଦ୍ଦୀପକ ହେଉଥିବ । ଯଥା - ବିଦୂଷକ ଦାସୀକୁ ଏକାନ୍ତରେ ଯୌନ ଉଦ୍ଦୀପକ ଆଳାପ କରୁଥିବ, ମାତ୍ର ଦାସୀ ତା ପୁରୁଷତ୍ୱକୁ ପରିହାସ କରୁଥିବ ॥ ୧୨୨ ॥

Digitized by srujanika@gmail.com

ପ୍ରତ୍ୟକ୍ଷଂ ନାୟକସ୍ୟୈବ ଯଦ୍‌ବୈ ଦୃଷ୍ଟବଦୁଚ୍ୟତେ ।
ଅଶଙ୍କିତଂ ତଥାଯୋଗାଦ୍ ବ୍ୟାହାରଃ ସୋଽଭିଧୀୟତେ ॥ ୧୨୬ ॥
ଯତ୍‌କାରଣାଦ୍ ଗୁଣାନାଂ ଦୋଷୀକରଣଂ ଭବେଦ୍ ବିବାଦକୃତମ୍ ।
ଦୋଷଗୁଣୀକରଣଂ ବା ତନ୍ ମୃଦବଂ ନାମ ବିଜ୍ଞେୟମ୍ ॥ ୧୨୭ ॥
ଯଦୁଦାତ୍ତ ବଚନ ମିହ ଚ ତ୍ରିଧା ବିଭକ୍ତମ୍ଭବେଦ୍ ପ୍ରୟୋଗେଷୁ ।
ହାସ୍ୟରସ ସଂପ୍ରଯୁକ୍ତଂ ତଦ୍ ତ୍ରିଗତଂ ନାମ ବିଜ୍ଞେୟମ୍ ॥ ୧୨୮ ॥
ସଂରମ୍ଭ ସଂଭ୍ରମକୃତଂ ବନ୍ଧବିବାଦଂ ତଥାପବାଦକୃତମ୍ ।
ବହୁବଚନାକ୍ଷେପକୃତଂ ଗଣ୍ଡମିତି ବଦନ୍ତି ତତ୍ତ୍ୱଜ୍ଞାଃ ॥ ୧୨୯ ॥
ଏତାନ୍ୟଙ୍ଗାନି ତତ୍ର ସ୍ୟୁଃ ସ୍ୱଷାର୍ଥାନି ତ୍ରୟୋଦଶ ।
ତଥାଗମ ସମୁଦ୍ଦିଷ୍ଟୈ ର୍ଯୁକ୍ତପ୍ରକୃତି ଭିସ୍ତଥା ॥ ୧୩୦ ॥
ରସୈର୍ଭାବୈଶ୍ଚ ନିଖିଳୈ ର୍ଯୁକ୍ତାବୀଥୀ ପ୍ରକୀର୍ତ୍ତିତା ।
ଏକହାର୍ଯ୍ୟା ଦ୍ୱିହାର୍ଯ୍ୟା ବା କର୍ତ୍ତବ୍ୟା କବିଭିଃ ସଦା ॥ ୧୩୧ ॥

ନାଳିକା- ପରିହାସରେ କଥା କହି ପୁଣି ତାକୁ ଅନ୍ୟ ପ୍ରକାର ବୁଝେଇ କହିବା (ତା ମଧ୍ୟରେ ବି ଧ୍ୱନିରେ ପରିହାସ ରହିବ)କୁ ନାଳିକା କୁହାଯାଏ । ଯଥା-ନାୟିକା ମଲ୍ଲୀମାଳାଟି ଗୁନ୍ଥୁଥିବା ଅବସ୍ଥାରେ ସଖୀ କହିଲା-ବାଗେଇ ଗୁନ୍ଥାବୁ ହାତ ଫୁଟିଯିବ । ନାୟିକା-ଫୁଲ ଗୁନ୍ଥିବି ନା ହାତଗୁନ୍ଥିବି ମ ! ସଖୀ- ନାଇଁ ମ, ମୁଁ କହୁଥିଲି କ'ଣ କି ଟିକିଏ ସାବଧାନ ରହିବୁ ନା !, (ନାୟକ ପାଇଁ ହାର ଗୁନ୍ଥିଲାବେଳେ ଅନ୍ୟମନସ୍କ ହେବା କଥା ସଖୀ ପରିହାସ । ପୁଣି ସେହି କଥାକୁ ଦୁଇ ଜଣଯାକ ଠିକ୍ ବୁଝି ମଧ୍ୟ ପରିହାସରେ ଲୁଚାଇବା ଅନ୍ୟ ଏକ ପରିହାସ ମାତ୍ର ଏସମସ୍ତ ଧ୍ୱନି,) ଅବସ୍ୟନ୍ଦିତରେ କଥା ଲୁଚାଯାଏ । କିନ୍ତୁ ପରିହାସ ଧ୍ୱନି ନଥାଏ । ବାକ୍‌କେଳି- ଯଥା(ଦୁଇ ସଖୀଙ୍କ କଥାବାର୍ତ୍ତା) ଘରୁ ବାହାରୁନ ସଜନି, ଘର ଛାଡୁନି ମତେ । ଘର ଘରବାଲା କିଏ ସେ ଛାଡୁନି, ଉଭୟ ଛାଡୁନି ସତେ । ଉଭୟରେ ଘର ଯିବା ସଜନି ତୁ, ଆଉବେଶି ପଚାରନା । ସବୁ ତ ଜାଣିଲି, ତୋ ଲାଜ ମୁହଁରୁ ପଚାରିବି ଆଉ କିଆଁ ?)॥ ୧୨୩ ॥

ଅଧିବଳ-ଦୁଇଜଣ ପରସ୍ପର କଥାକୁ ଗ୍ରହଣକରି ବାହାପିଆଗିରି କରି ନିଜ ବାହାଦୁରୀ କହିବା । ଅଧିବଳ-୧-ଭାରି କହିଲାବାଲା । ୨-କହିଆସିଛି, ୧-ତୋ ବୋପା କହିଥିଲା ? ମୁଁ ନିଜେ କହୁଛି ତୁ ଶୁଣୁନୁ ତୋ ବୋପା ଶୁଣିଥିଲା । ତୋ ଚଉଦପୁରୁଷ ଶୁଣିବେ । ଇତ୍ୟାଦି-) ॥୧୨୪॥ ଛଳ - ଯେଉଁଠାରେ କୁହାଯାଉଥିବା କଥା ଓ ତାରଠାଣି ପ୍ରିୟ ହେଲେ ମଧ୍ୟ ଅର୍ଥ ଏବଂ ଧ୍ୱନି ବିପରୀତ ହୁଏ ତାହାକୁ ଛଳ କୁହାଯାଏ । ଯଥା-ବେଣୀ ସଂହାର ନାଟକରେ ଭୀମ ଓ ଅର୍ଜୁନ ଆସି ଦୁର୍ଯ୍ୟୋଧନଙ୍କୁ ଦେଖାକରିବା ପାଇଁ ପ୍ରତୀହାରକୁ କରୁଛନ୍ତି । କପଟଦ୍ୟୂତକ୍ରୀଡ଼ା ଧୁରନ୍ଧର

Digitized by srujanika@gmail.com

ଜତୁଗୃହ ଦାହ ବିଚକ୍ଷଣ ଦୁଃଶାସନ ପ୍ରଭୃତି ଶହେ ଭାଇଙ୍କର ଗୁରୁ ଅଙ୍ଗରାଜଙ୍କ ମିତ୍ର ଦ୍ରୌପଦୀ ବେଣୀ ବିମୋଚନ ଦକ୍ଷ, ଅଭିମାନୀ ରାଜା ଦୁର୍ଯୋଧନ ଅଟନ୍ତି । ପାଣ୍ଡବମାନେ ଯାହାଙ୍କର ଦାସ । ସେ ଏବେ କେଉଁଠି ଅଛନ୍ତି କୁହ । ଆମେମାନେ ରାଗିନାହୁଁ, ଦର୍ଶନ କରିବା ଆଶାରେ ଅଭ୍ୟାଗତ ଭଳି ଆସିଛୁ । (କିନ୍ତୁ ହାତରେ ଧନୁ ଓ ଗଦା ଅଛି । କର୍ଣ୍ଣ ମରିବା ପରେ ଦୁର୍ଯ୍ୟୋଧନଙ୍କୁ ମାରିବା ପାଇଁ ଖୋଜୁଛନ୍ତି) ॥୧୨୫ ॥ **ବ୍ୟାହାର** - ନାୟକ ସାମନାରେ ଦେଖିଲା ଭଳି ନିର୍ଭୟରେ ଯାହା କୁହାଯାଏ, କିନ୍ତୁ ଏହାମୂଳରେ ଉଦ୍ଦେଶ୍ୟ ଓ ପରିହାସ ଥାଏ । ତାହାକୁ ବ୍ୟାହାର (ବାଆଁରେଇବା) କୁହନ୍ତି । (ଯଥା-କୌଣସି ଦୃଶ୍ୟରେ ପୂର୍ବରାଗ ସ୍ଥଳରେ ନାୟକ ଆଗରେ ନାୟିକାକୁ ବା ନାୟିକା ଆଗରେ ନାୟକକୁ ଅଟକାଇବା ଉଦ୍ଦେଶ୍ୟକୁ ଗୋପନରଖି ତୃତୀୟ ବ୍ୟକ୍ତି କୌଣସି ଅବାନ୍ତର ସମସ୍ୟା ଉପସ୍ଥାପନ କରିବା) ॥୧୨୬ ॥

ମୃଦବ-ଦୋଷକୁ ଗୁଣ ବା ଗୁଣକୁ ଦୋଷ ରୂପେ ବର୍ଣ୍ଣନା କରିବାକୁ ମୃଦବ କୁହାଯାଏ । ଯଥା-(୧)ଦାରିଦ୍ର୍ୟର ସବୁ କଷ୍ଟ ବରଣୀୟ । ଯେଣୁ ଦରିଦ୍ରତା ଥିଲେ ରୋଗ ହୁଏ ନାହିଁ (୨) ବିବେକ ହିଁ ସବୁ କ୍ଲେଶର କାରଣ, ଯେଣୁ ବିବେକୀ ସମସ୍ତଙ୍କ କଥା ଭାବେ ॥ ୧୨୭ ॥

ତ୍ରିଗତ-ଅଭିନୟ କ୍ଷେତ୍ରରେ ଶୂନ୍ୟବାଣୀ ଆକାରରେ ଅଥବା ନେପଥ୍ୟ ଭାଷିତ ଆକାରରେ କୁହାଯାଇଥିବ ଅଥଚ ଏହି ଗୀତ ଦୁଇ ପ୍ରକାର ଅର୍ଥ ହେବ ଓ ଏକାଧିକବାର ପ୍ରୟୋଗ କରାଯିବ ବିଭିନ୍ନ ଅର୍ଥରେ । ତାହାକୁ ତ୍ରିଗତ କୁହାଯାଏ । ଏଥିରେ ହାସ୍ୟ ଅଙ୍ଗରସ ହେବ । ଅଙ୍ଗୀନୁହେଁ । (ଯଥା-ନାଟକର କୌଣସି ଏକ ପରିସ୍ଥିତିରେ-ନେପଥ୍ୟରୁ-ଆସିଗଲ ପୁଣି କାହିଁକି ? (ଶ୍ରୋତା ଓ ନର୍ତ୍ତକ ଆଶ୍ଚର୍ଯ୍ୟ ଅବସ୍ଥାରେ, ନର୍ତ୍ତକ ଫେରିଯିବା ଅବସ୍ଥାରେ) ପୁଣି ନୈପଥ୍ୟରୁ ସେହି ବାକ୍ୟ ଆସି ଗଲ ପୁଣି କାହିଁକି ? ଗୋଟିଏ ବାକ୍ୟର ଦୁଇଟି ଅର୍ଥ ॥୧୨୮॥

ହଠାତ୍ ଗୋଟିଏ ବିଷୟରେ ନାୟକର ଉକ୍ତିକୁ ଅନ୍ୟ ଏକ ପ୍ରସଙ୍ଗ ସହିତ ଯୋଡ଼ି ପ୍ରକରଣ ବଶତଃ ଆଉ ଗୋଟିଏ ଶଙ୍କା ଉତ୍ପନ୍ନ କରାଇ ପାରିଲେ ସେହି ସ୍ଥଳକୁ ଗଣ୍ଡ କୁହାଯାଏ । ଯଥା ---- ନାୟକ ନାୟିକାକୁ ଦେଖି ଖୁସି ହୋଇ କହିଲା ଏଠି ତୁମର ଦେଖା ହୋଇଗଲା ! ମୋ କପାଳ !

ନେପଥ୍ୟରୁ ବାହାରି ଆଉ ଜଣେ ବନ୍ଧୁ କହିଲା- (ଖୁବ୍‌ଶୀଘ୍ର ଏକବାକ୍ୟପରି) ପୋଡ଼ିଗଲା । ନାୟକ- କାହାର ? ସାଙ୍ଗ - ତୁମର (ମନେ ମନେ ଶଙ୍କା ମୋ କପାଳ ପୋଡ଼ିଗଲା) ନାୟକ - କ'ଣ ପାଗଳଙ୍କ ଭଳି କହୁଛିବେ ? ସାଙ୍ଗ --- ପାଗଳାମି ନୁହେଁ ଭାଇ, ତୁମ ଖତଗଦାଟା ପୋଡ଼ିଗଲା । ବାକ୍ୟ ଯୋଡ଼ିବା ଓ କହିବା ଓ ଅଭିନୟ କାଇଦାରେ କେବଳ ଧ୍ୱନିରେ ଶ୍ରୋତାଙ୍କ ମନରେ ଆଶଙ୍କା ତିଆରି କରି ଖତଗଦା ପୋଡ଼ାରେ ଆଶଙ୍କାର ସମାପ୍ତି ହେଲା । ଏହାକୁ ଗଣ୍ଡ ବୋଲି କୁହାଯାଏ ॥ ୧୨୯ ॥ ଏହି ତେରଟି ଅଙ୍ଗ ଅର୍ଥରେ ସ୍ପଷ୍ଟ ହୋଇ ଶାସ୍ତ୍ର ପ୍ରମାଣ ଅନୁଯାୟୀ ବୀଥୀରେ ସଜ୍ଜିତ କରିବ । ଏହିପରି ନାଟ୍ୟଶାସ୍ତ୍ର ଅନୁଯାୟୀ ବୀଥୀ ସମସ୍ତରସ ଏବଂ ଭାବରେ ପରିପୂର୍ଣ୍ଣ ହୋଇ ଅଭିନୀତ ହେବେ । ଏଥିରେ ଏକକ ଅଭିନୟ ବା ଦୁଇ ପାତ୍ରଦ୍ୱାରା ଅଭିନୟ ପ୍ରୟୋଗ କରାଯିବ । ଅଧିକ ନୁହେଁ ॥୧୩୦॥

Digitized by srujanika@gmail.com

ଲାସ୍ୟମ୍

ଅନ୍ୟାନିଚ ଲାସ୍ୟବିଧାବଙ୍ଗାନିତୁ ନାଟକେ ପ୍ରଯୁକ୍ତାନି ।
ଅସ୍ମାଦ୍ ବିନିଃସୃତାନି ତୁ ଭାଣ ଇବୈକପ୍ରୟୋଜ୍ୟାନି ॥ ୧୩୨ ॥
ଭାଣାକୃତିବଲ୍ଲାସ୍ୟଂ ବିଜ୍ଞେୟଂ ତ୍ୱେକପାତ୍ରହାର୍ଯ୍ୟଂଚ ।
ପ୍ରକରଣ ବଦୂହ୍ୟକାର୍ଯ୍ୟଂ ସଂସ୍ତବଯୁକ୍ତଂ ବିବିଧ ଭାବଂ ଜ୍ଞେୟମ୍ ॥ ୧୩୩ ॥

ଲାସ୍ୟାଙ୍ଗମ୍

ଗେୟପଦଂ ସ୍ଥିତପାଠ୍ୟମାସୀନଂ ପୁଷ୍ପଗଣ୍ଡିକା ।
ପ୍ରଚ୍ଛେଦକଂ ତ୍ରିମୂଢ଼ଂଚ ସୈନ୍ଧବାଖ୍ୟଂ ଦ୍ୱିମୂଢ଼କମ୍ ॥ ୧୩୪ ॥
ଉତ୍ତମୋତ୍ତମକଂ ଚୈବ ବିଚିତ୍ର ପଦମେଁବ ଚ ।
ଉକ୍ତପ୍ରତ୍ୟୁକ୍ତଂ ଭାବଂ ଚ ଲାସ୍ୟାଙ୍ଗାନି ବିଦୁର୍ବୁଧାଃ ॥ ୧୩୫ ॥

ଗେୟପଦମ୍

ଆସନେ ଚୋପବିଷ୍ଟାୟାଂ ତନ୍ତ୍ରୀଭାଣ୍ଡୋପବୃଂହିତମ୍ ।
ଗାୟନୈର୍ଗୀୟତେ ଶୁଷ୍କଂ ତଦ୍‌ଗେୟପଦମୁଚ୍ୟତେ ॥ ୧୩୬ ॥

ଲାସ୍ୟ ବିଧିରେ ନାଟକରେ ପ୍ରୟୋଗଯୋଗ୍ୟ ଅନ୍ୟାନ୍ୟ ଅଙ୍ଗ ପ୍ରଯୁକ୍ତ ହୋଇଥାଏ । ଭାଣ ଭଳି ଏକକ ପ୍ରୟୋଗାତ୍ମକ ରୂପକଗୁଡ଼ିକ ମଧ୍ୟ ଏଥିରୁ ଉତ୍ପତ୍ତି ଲାଭ କରିଅଛି ॥୧୩୨॥ ଲାସ୍ୟକୁ ଭାଣପରି ଏକକ ପାତ୍ର ପ୍ରୟୋଜ୍ୟ ବୋଲି ଜାଣିବ । ମାତ୍ର ଲାସ୍ୟରେ ପ୍ରକରଣପରି ଏହାର (ବସ୍ତୁ) ଗଳ୍ପାଂଶ କାଳ୍ପନିକ ଅଟେ । ବିବିଧ ଭାବ ସମନ୍ୱିତ ହେଲେ ମଧ୍ୟ ଏଥିରେ ସ୍ତୁତି ରହିବ (ଅ-ସଂସ୍ତବ) ନାହିଁ ॥ ୧୩୩ ॥

ଲାସ୍ୟାଙ୍ଗ - ଗେୟପଦ, ସ୍ଥିତପାଠ୍ୟ, ଆସୀନ, ପୁଷ୍ପଗଣ୍ଡିକା, ପ୍ରଚ୍ଛେଦକ, ତ୍ରିମୂଢ଼, ସୈନ୍ଧବ, ଦ୍ୱିମୂଢ଼କ, ଉତ୍ତମୋତ୍ତମକ, ବିଚିତ୍ରପଦ, ଉକ୍ତପ୍ରତ୍ୟୁକ୍ତ, ଭାବ ବା ଭାବିତ, ଏହି ବାରଟି ଲାସ୍ୟାଙ୍ଗ । ମାତ୍ର ସାହିତ୍ୟଦର୍ପଣ ଓ ଦଶ ରୂପକରେ ଏହା ଦଶଟି । ଭାବ ଓ ବିଚିତ୍ର ପଦକୁ ସେମାନେ ଗ୍ରହଣ କରିନାହାନ୍ତି । ତ୍ରିମୂଢ଼କ ନିମୂଢ଼କ ସ୍ଥଳରେ ସାହିତ୍ୟ ଦର୍ପଣ ତ୍ରିଗୂଢ଼କ ଦ୍ୱିଗୂଢ଼କ ବୋଲି ଲେଖିଛନ୍ତି ॥ ୧୩୪, ୧୩୫ ॥ ନାୟିକା ଆସନଟିରେ ବସି କୋଳରେ ବୀଣାଧରି ଶୁଷ୍କ ଗୀତଟିଏ (ଭାବଗର୍ଭକ) ବୋଲିବା ପ୍ରୟୋଗକୁ ଗେୟପଦ କୁହାଯାଏ । ସାଧାରଣତଃ (ସିନେମା ଥିଏଟର ମଧ୍ୟରେ) ଅସହାୟା ନାୟିକାର ଦେବମନ୍ଦିର ପ୍ରାର୍ଥନା କିମ୍ବା ଏକାକୀ କୌଣସି ପୂର୍ବାନୁଭୂତି ଶୋଚନାତ୍ମକ ଗାନ ଏହି ଗେୟପଦର ବାଚ୍ୟ । ମାତ୍ର ଏଥିରେ ତାର ବାଦ୍ୟଟି ବାଧ୍ୟତାମୂଳକଭାବେ ଦିଆଯାଇଅଛି । ଅଭିଜ୍ଞାନ ଶାକୁନ୍ତଳରେ ମଧୁମତୀ ଗୀତ ଏହି ଗେୟପଦବାଚ୍ୟ ॥ ୧୩୬-୧୩୭ ॥

Digitized by srujanika@gmail.com

ଯା ନୃତ୍ୟତ୍ୟାସୀନା ନାରୀ ଗେୟଂ ପ୍ରିୟ ଗୁଣାନ୍ୱିତମ୍ ।
ସାଙ୍ଗୋପାଙ୍ଗ ବିଧାନେନ ତଦ୍‌ଗେୟପଦମୁଚ୍ୟତେ ॥ ୧୩୭ ॥

ସ୍ଥିତପାଠ୍ୟମ୍- ପ୍ରାକୃତଂ ଯା ବିଯୁକ୍ତା ତୁ ପଠେଦାସନସଂସ୍ଥିତା ।
ମଦନାନଳତପ୍ତାଙ୍ଗୀ ସ୍ଥିତପାଠ୍ୟଂ ତଦୁଚ୍ୟତେ ॥ ୧୩୮ ॥

ଆସୀନମ୍- ଆସୀନମାସ୍ୟତେ ଯତ୍ର ଚିନ୍ତାଶୋକସମନ୍ୱିତମ୍ ।
ଅପ୍ରସାଧିତଗାତ୍ରଂ ଚ ଜିହ୍ମଦୃଷ୍ଟି ନିରୀକ୍ଷିତମ୍ ॥ ୧୩୯ ॥

ପୁଷ୍ପ ଗଣ୍ଡିକା- ଯତ୍ର ସ୍ତ୍ରୀ ନରବେଷେଣ ଲଳିତଂ ସଂସ୍କୃତଂ ପଠେତ୍ ।
ସଖୀନାଂ ତୁ ବିନୋଦାୟ ସା ଜ୍ଞେୟା ପୁଷ୍ପଗଣ୍ଡିକା ॥ ୧୪୦ ॥

ପ୍ରଚ୍ଛେଦକଃ- ପ୍ରଚ୍ଛେଦକଃ ସବିଜ୍ଞେୟୋ ଯତ୍ର ଚନ୍ଦ୍ରାତପାହତାଃ
ସ୍ତ୍ରିୟଃ ପ୍ରିୟେଷୁ ସଜ୍ଜନ୍ତେ ହ୍ୟପି ବିପ୍ରିୟକାରିଷୁ ॥ ୧୪୧ ॥

ସ୍ଥିତପାଠ୍ୟ - କନ୍ଦର୍ପାନଳ ପ୍ରତପ୍ତା ହୋଇ ନାୟିକା ଶଯ୍ୟାଶାୟିନୀ ହୋଇ ବାଦ୍ୟହୀନା ହୋଇ ପ୍ରାକୃତ ଭାଷାରେ ଯେଉଁ ଗୀତ ଗାନକରେ ତାହାକୁ ସ୍ଥିତପାଠ୍ୟ କୁହାଯାଏ । ଯଥା- ଅଭିଜ୍ଞାନ ଶାକୁନ୍ତଳରେ କାମାନଳତପ୍ତା ଶକୁନ୍ତଳା-(ପ୍ରାକୃତର ଅନୁବାଦ) ଜାଣେନା ତୁମ ହୃଦୟ, ମୋତେ ମଦନ ନିର୍ଦୟ ! ଦିଏ ତାପ ଅହରହ ତୁମ ହାତରେ ମୋ ହୃଦୟ ॥୧୩୮॥

ଆସୀନ -ଯେଉଁ ସ୍ଥଳରେ ନାୟିକା ଚିନ୍ତାଶୋକ ଅବସ୍ଥାରେ ବେଶ ପୋଷାକରେ ଅଳଙ୍କୃତା ନହୋଇ ହତାଶ ନୟନା ହୋଇ (କୌଣସି ବାଦ୍ୟ ନଥାଇ) ସ୍ତୁତି ବା ଅନୁଶୋଚନାତ୍ମକ ଗୀତ ବୋଲୁଥାଏ, ତାହା ଆସୀନ ॥ ୧୩୯ ॥

ପୁଷ୍ପଗଣ୍ଡିକା-ଯେଉଁଠାରେ ସ୍ତ୍ରୀ ପୁରୁଷବେଶ ଧାରଣ କରି କୋମଳ ସଂସ୍କୃତ ଗୀତ ସଖୀମାନଙ୍କ ଆମୋଦ ପାଇଁ ଗାନ କରୁଥିବ ତାହା ପୁଷ୍ପଗଣ୍ଡିକା । କିନ୍ତୁ ସାହିତ୍ୟ ଦର୍ପଣ କହନ୍ତି- ବାଦ୍ୟର ତାଳେ ବିବିଧ ଛନ୍ଦରେ ପୁରୁଷ ଓ ସ୍ତ୍ରୀ ଦୁହେଁ ପଦକୁ ପଦ ଯୋଡ଼ି (ପ୍ରଶ୍ନ ଉତ୍ତର ଭଳି) ପୁରୁଷ ଚରିତ୍ରକୁ ସ୍ତ୍ରୀ ଓ ସ୍ତ୍ରୀ ଚରିତ୍ରକୁ ପୁରୁଷ କହୁଥିବ, ଏହା ବିବିଧ ପୁଷ୍ପଗୁଚ୍ଛମଣ୍ଡିତ ମାଳାପରି ଉପଭୋଗ୍ୟ ହୋଇଥିବାରୁ ପୁଷ୍ପ ଗଣ୍ଡିକା । ଆମ କେଳାକେଳୁଣି ଓ କେତେକ ସମ୍ବଲପୁରୀ ଗୀତାଭିନୟ ଏହି ବର୍ଗର ॥ ୧୪୦ ॥

ପ୍ରଚ୍ଛେଦକ -

ପ୍ରିୟତମ ଅନ୍ୟାସକ୍ତ ମନେକରି ମଧ୍ୟ ପୁନିଅଁ ରାତିର ଜହ୍ନ ଦେଖି ସ୍ତ୍ରୀମାନେ ଯେଉଁଠି ବିରହିଣୀ ହୋଇ ପ୍ରିୟକୁ ଝୁରନ୍ତି ॥ ୧୪୧ ॥

Digitized by srujanika@gmail.com

ତ୍ରିମୂଢ଼କମ୍ - ଅନିଷ୍ଠୁରସ୍ୱକ୍ଷପଦଂ ସମବୃତ୍ତୈରଲଂକୃତମ୍ ।
ନାଟ୍ୟଂ ପୁରୁଷଭାବାଢ୍ୟଂ ତ୍ରିମୂଢ଼କ ମୁଦାହୃତମ୍ ॥ ୧୪୨ ॥

ସୈନ୍ଧବକମ୍ -ପାତ୍ରଂ ବିସ୍ମୃତସଙ୍କେତଂ ସୁବ୍ୟକ୍ତକରଣାନ୍ୱିତମ୍ ।
ପ୍ରାକୃତୈର୍ବଚନୈର୍ଯୁକ୍ତଂ ବିଦୁଃ ସୈନ୍ଧବକଂ ବୁଧାଃ ॥ ୧୪୩ ॥

ଦ୍ୱିମୂଢ଼କମ୍ - ଶୁଭାର୍ଥ ଗୀତାଭିନୟଂ ଚତୁରସ୍ର ପଦକ୍ରମମ୍ ।
ସ୍ପଷ୍ଟଭାବ ରସୋପେତଂ ବ୍ୟାଢ଼ଚେଷ୍ଟଂ ଦ୍ୱିମୂଢ଼କମ୍ ॥ ୧୪୪ ॥

ଉତ୍ତମୋତ୍ତମକମ୍- ଉତ୍ତମୋତ୍ତମକଂ ବିଦ୍ୟାଦନେକରସସଂଶ୍ରୟମ୍ ।
ବିଚିତ୍ରୈଃ ଶ୍ଳୋକବନ୍ଧୈଶ୍ଚ ହେଲା ଭାବ ବିଭୂଷିତମ୍ ॥ ୧୪୫ ॥

ବିଚିତ୍ର ପଦମ୍- ଯଦି ପ୍ରତିକୃତିଂ ଦୃଷ୍ଟ୍ୱା ବିନୋଦୟତି ମାନସମ୍ ।
ମଦନାନଳତପ୍ତଂ ତୁ ବିଚିତ୍ରପଦ ମୁଚ୍ୟତେ ॥ ୧୪୬ ॥

ତ୍ରି(ମୂ)ଗୂଢ଼କ- ଅଷ୍ଟ କୋମଳ ପଦରଗୀତ ସମବୃତ୍ତ ଶୋଭିତ ହୋଇ ପୁରୁଷ ଭାବପୂର୍ଣ୍ଣ ହେଲେ (ତ୍ରିଗୂଢ଼କ) ତ୍ରିମୂଢ଼କ । କିନ୍ତୁ ସାହିତ୍ୟ ଦର୍ପଣ :- ସ୍ତ୍ରୀବେଶଧାରୀ ପୁରୁଷର ନାଟ୍ୟଗୀତ ଓ ଅଭିନୟକୁ (ବେଶ, ଭାଷା ଓ ବ୍ୟବହାର ତିନିଟି ଗୂଢ଼ଥିବା ଯୋଗୁଁ କୁହାଯାଏ । ଯଥା- ରାଧାନାଥଙ୍କ ଯଯାତିରେ ଯଯାତିଙ୍କର ରାଜଅନ୍ତଃପୁର ପ୍ରବେଶ ଇତ୍ୟାଦି ॥ ୧୪୨ ॥

ସୈନ୍ଧବକ- ଯେଉଁଠାରେ ନାୟକ ସଙ୍କେତସ୍ଥାନକୁ ଭୁଲିଯାଇ ପ୍ରାକୃତ ଭାଷାରେ ଗୀତ ବୋଲି (ବାଦ୍ୟସହିତ) ଦୁଃଖ କରୁଥାଏ ତାହା ସୈନ୍ଧବକ ॥ ଯଥା- ବିକ୍ରମୋର୍ବଶୀ ନାଟକରେ ଉର୍ବଶୀ ହଜିଯିବା ପରେ ପ୍ରାକୃତ ଭାଷା ବ୍ୟବହାର କରି କାନ୍ଦି କାନ୍ଦି ପୁରୁରବା ଖୋଜୁଛନ୍ତି ॥୧୪୩ ॥

ଦ୍ୱିଗୁ(ମୂ)ଢ଼କ- ଏହି ଲାସ୍ୟାଙ୍ଗରେ ମଧୁରଗୀତ ଅଭିନୟଯୁକ୍ତ ଚାରିପାଦିଆ ଗୀତ ହେବ । ଯାହାର ଅର୍ଥ ସ୍ପଷ୍ଟ ହେଲେ ମଧ୍ୟ ଧ୍ୱନିଅର୍ଥ ଶୁଭ ସୁନ୍ଦର ଗୂଢ଼ ହେବ । ଯଥା :- କୌଣସି ସ୍ଥଳରେ ମନୋହର ପ୍ରଭାତବର୍ଣ୍ଣନା ମଧ୍ୟରେ ସୂର୍ଯ୍ୟୋଦୟ ବର୍ଣ୍ଣନା ହୋଇଥିବା ବାଚ୍ୟ ଅର୍ଥ । କିନ୍ତୁ ପ୍ରାକରଣିକ ଧ୍ୱନିରେ ନାୟକର ଗୁଣ ଓ ଉନ୍ନତି ବର୍ଣ୍ଣନା କରାଯାଇଥିବ ॥ ୧୪୪ ॥

ଉତ୍ତମୋତ୍ତମ- ଅନେକ ରସକୁ ଆଶ୍ରୟକରି ବିଚିତ୍ର ଛନ୍ଦରେ ଶ୍ଳୋକ ବା ଗୀତ ରଚନା ହୋଇଥିବ । ଶୃଙ୍ଗାର ବ୍ୟଭିଚାରୀ ଭାବ ହେଲା ଲୀଳା ପ୍ରଭୃତି ବର୍ଣ୍ଣନା ଥିବ ତେବେ ଉତ୍ତମୋତ୍ତମ କୁହାଯିବ । ସାହିତ୍ୟ ଦର୍ପଣ- କୋପର ଶାନ୍ତି ପରେ ଶୃଙ୍ଗାର ରସଯୁକ୍ତ ମଧୁର ଭର୍ତ୍ସନାକୁ ଉତ୍ତମୋତ୍ତମ କୁହାଯିବ ॥ ୧୪୫ ॥

ବିଚିତ୍ର ପଦ- ନାୟକ ବା ନାୟିକା ବିରହାବସ୍ଥାରେ ଚିତ୍ରପଟ ଦେଖି ମନ ଭୁଲାଇବାକୁ (ବିରହ ଦୁଃଖରୁ) ଚେଷ୍ଟାକରି ବୋଲୁଥିବା ଗୀତ ବିଚିତ୍ର ପଦ ॥ ୧୪୬ ॥

Digitized by srujanika@gmail.com

ଉକ୍ତ ପ୍ରତ୍ୟୁକ୍ତମ୍ -

କୋପ ପ୍ରସାଦ ଜନିତଂ ସାଧିକ୍ଷେପ ପଦାଶ୍ରୟମ୍ ।
ଉକ୍ତ ପ୍ରତ୍ୟୁକ୍ତ ମେବ ସ୍ୟାତ୍ ଚିତ୍ରଗୀତାର୍ଥଯୋଜିତମ୍ ॥ ୧୪୭ ॥

ଭାବିତମ୍ -

ଦୃଷ୍ଟ୍ୱା ସ୍ୱପ୍ନେ ପ୍ରିୟଂ ଯତ୍ର ମଦନାନଳତାପିତା
କରୋତି ବିବିଧାନ୍ ଭାବାନ୍ ତଦ୍‌ବୈ ଭାବିତମୁଚ୍ୟତେ ॥ ୧୪୮ ॥
ଏତଦ୍‌ବୈ ଲାସ୍ୟବିଧୌ ଲକ୍ଷଣମୁକ୍ତଂ ମୟା ତୁ ବିସ୍ତରତଃ ।
ଇତି ଦଶରୂପ ବିଧାନଂ ସର୍ବଂ ପ୍ରୋକ୍ତଂ ମୟା ହି ଲକ୍ଷଣତଃ ।
ଅତଃପରଂ ପ୍ରବକ୍ଷ୍ୟାମି ବୃତ୍ତୀନା ମିହ ଲକ୍ଷଣମ୍ ॥ ୧୫୦ ॥
ଇତିଭରତନାଟ୍ୟଶାସ୍ତ୍ରେ ଦଶରୂପ ବିଧାନଂ ନାମ ବିଂଶଃ ଅଧ୍ୟାୟଃ ॥

ଉକ୍ତ ପ୍ରତ୍ୟୁକ୍ତ- କୋପ ଓ ପ୍ରସନ୍ନତାକୁ ମିଶାଇ (ଜଣେ ରାଗୁଥିବ ଆଉ ଜଣେ ତାକୁ ଗାଳିଦେଇ ନିଜେ ପ୍ରସନ୍ନ ରହି ବୁଝାଉଥିବା) ଭର୍ତ୍ସନାପଦ ମିଶ୍ରିତ ହୋଇ ଉକ୍ତିପ୍ରତ୍ୟୁକ୍ତି ଛଳରେ ଗୀତାଭିନୟକୁ ଉକ୍ତ ପ୍ରତ୍ୟୁକ୍ତ କୁହାଯାଏ ॥ ୧୪୭ ।

ଭାବିତ- ସ୍ୱପ୍ନରେ ପ୍ରିୟତମଙ୍କୁ ଦେଖି କନ୍ଦର୍ପାହତା ନାରୀ ଯେଉଁ ବିବିଧ ଭାବ ପ୍ରକାଶ କରେ ତାହା ଭାବିତ ॥ ୧୪୮ ॥ ମୁଁ ବିସ୍ତୃତ ଭାବରେ ଲାସ୍ୟବିଧିର ଲକ୍ଷଣ ସବୁ କହିଗଲି । ତେବେ ପ୍ରସଙ୍ଗକୁ ବୃଥା ନ ବଢ଼ାଇ ସାରିଦେବା ଇଚ୍ଛାରେ ଆଉ ଅଧିକ ଯାହା କିଛି କହିଲି ନାହିଁ ॥ ୧୪୯ ॥ ଲକ୍ଷଣ ସହିତ ଏହି ସବୁ ଦଶ ରୂପ ବିଧାନ ମୁଁ କହିଗଲି । ଏହାପରେ ବୃତ୍ତିମାନଙ୍କର ଲକ୍ଷଣସବୁ କହିବି ॥ ୧୫୦ ॥

ଭାରତନାଟ୍ୟ ଶାସ୍ତ୍ରରେ ଦଶରୂପ ବିଧାନ ନାମକ
ବିଂଶ ଅଧ୍ୟାୟ ସମାପ୍ତ ॥

▼▼▼

Digitized by srujanika@gmail.com

ଏକ ବିଂଶ ଅଧ୍ୟାୟଃ

ସନ୍ଧ୍ୟଙ୍ଗ ବିକଳ୍ପଃ

ସନ୍ଧିଃ- ଇତିବୃତ୍ତଂ ତୁ ନାଟ୍ୟସ୍ୟ ଶରୀରଂ ପରିକୀର୍ତ୍ତିତମ୍ ।
ପଞ୍ଚଭିଃ ସନ୍ଧିଭିସ୍ତସ୍ୟ ବିଭାଗଃ ସଂ ପ୍ରକଳ୍ପିତଃ ॥ ୧ ॥
ଇତିବୃତ୍ତଂ ଦ୍ୱିଧା ଚୈବ ବୁଧସ୍ତୁ ପରିକଳ୍ପୟେତ୍ ।
ଆଧିକାରିକ ମେକଂ ସ୍ୟାତ୍ ପ୍ରାସଙ୍ଗିକ ମଥାପରମ୍ ॥ ୨ ॥
ଯତ୍‌କାର୍ଯ୍ୟଂ ହି ଫଳପ୍ରାପ୍ତ୍ୟାଃ ସାମର୍ଥ୍ୟାତ୍ ପରିକଳ୍ପ୍ୟତେ ।
ତଦାଧିକାରିକଂ ଜ୍ଞେୟମନ୍ୟତ୍ ପ୍ରାସଙ୍ଗିକଂ ବିଦୁଃ ॥ ୩ ॥
କବେଃ ପ୍ରଯତ୍ନାନ୍ନେତୃଣାଂ ଯୁକ୍ତାନାଂ ବିଧ୍ୟପାଶ୍ରୟାତ୍ ।
କଳ୍ପ୍ୟତେ ଯତ୍‌ଫଳପ୍ରାପ୍ତିଃ ସମୁତ୍‌କର୍ଷାତ୍ ଫଳସ୍ୟତୁ ॥ ୪ ॥
କାରଣାତ୍ ଫଳଯୋଗସ୍ୟ ବୃତ୍ତଂ ସ୍ୟାଦାଧିକାରିକମ୍ ।
ପରୋପକରଣାର୍ଥଂ ତୁ କୀର୍ତ୍ତ୍ୟତେ ହ୍ୟାନୁସଙ୍ଗିକମ୍ ॥ ୫ ॥

ସନ୍ଧି-ଏହା ସନ୍ଧ୍ୟଙ୍ଗ ବିକଳ୍ପ ଅଧ୍ୟାୟ । ଇତିବୃତ୍ତ ଅର୍ଥାତ୍ କଥା ବସ୍ତୁକୁ ହିଁ ଦୃଶ୍ୟ କାବ୍ୟର ଶରୀର ବୋଲି କୁହାଯାଏ । ଏହି କଥା ବସ୍ତୁକୁ ପାଞ୍ଚଟି ସନ୍ଧିରେ ସଜାଇ (ବିଭାଗକରି) ରଚନା କରାଯିବ ॥୧॥ ନାଟ୍ୟକାର (ନାଟକ ଲେଖକ) କଥାବସ୍ତୁକୁ ଦୁଇ ଭାଗରେ କଳ୍ପନା କରିବେ । (୧) ଆଧିକାରିକ (୨) ପ୍ରାସଙ୍ଗିକ ॥୨॥ ଫଳ ପ୍ରାପ୍ତିକୁ ପରିପୁଷ୍ଟ କଲାଭଳି କଥାବସ୍ତୁକୁ ଆଧିକାରିକ ଓ ମଝିରେ ମଝିରେ ଅନ୍ୟ ଆନୁଷଙ୍ଗିକ ଛୋଟ ଛୋଟ କଥା ଦେଇ ସେହିମୂଳ କଥାକୁ ପରିପୁଷ୍ଟ କରୁଥିବା କ୍ଷୁଦ୍ର କଥାଂଶକୁ ପ୍ରାସଙ୍ଗିକ କୁହାଯାଏ । ଯଥା-କୌଣସି ରାଜାର କନ୍ୟା ବିବାହ ଅଥବା ସ୍ୱୟଂବର ସଭାର ଗୋଳମାଳ ବର୍ଣ୍ଣନା କରିବା ଉଦ୍ଦେଶ୍ୟରେ ବ୍ରାହ୍ମଣ ବ୍ରାହ୍ମଣୀ କିମ୍ବା ଦୌବାରିକ-ଦୌବାରିକ ପତ୍ନୀଙ୍କ କଥୋପକଥନ ମୂଳ ଗଳ୍ପାଂଶକୁ ମାତ୍ର ସାହାଯ୍ୟ କରିବ । ମୂଳ ଗଳ୍ପ କିନ୍ତୁ ଫଳ ପ୍ରାପ୍ତି ପର୍ଯ୍ୟନ୍ତ ରହିବ । ଏଣୁ ଏହି କ୍ଷେପକଗୁଡ଼ିକ ପ୍ରାସଙ୍ଗିକ । (ମୂଳ ଗଳ୍ପ ଆଧାରିକ) ॥୩॥ ନାଟକ ଲେଖକଙ୍କର ପ୍ରତିଭା ଏବଂ ଅଭିନେତାମାନଙ୍କ ସାମୂହିକ ଅଭିନୟ ଦକ୍ଷତା ବଶତଃ ଫଳର ପ୍ରାପ୍ତି ଘଟିଥାଏ । ଏହି ଫଳ ପ୍ରାପ୍ତିର ଉତ୍କର୍ଷ ଯେଉଁ ମୂଳ ଗଳ୍ପାଂଶରେ ଥାଏ ତାହା ଆଧିକାରିକ । ଏହାକୁ ପୁଷ୍ଟ କରୁଥିବା ଛୋଟ ଛୋଟ କଥା ବା ଦୃଶ୍ୟାଂଶଗୁଡ଼ିକ ଆନୁଷଙ୍ଗିକ । ଯଥା:-ଅଭିଜ୍ଞାନ ଶାକୁନ୍ତଳମ୍‌ରେ ମୂଳ ଗଳ୍ପାଂଶ ଆଧିକାରିକ । ଦୁର୍ବାସା ପ୍ରବେଶ, ଅଭିଶାପ ମୂଳକୁ ପୁଷ୍ଟ କରୁଥିବାରୁ ପ୍ରାସଙ୍ଗିକ ମାନେ ପ୍ରବେଶ ପ୍ରାସଙ୍ଗିକ । ରାମାୟଣରେ ମାରୀଚ ସୀତାହରଣ ପ୍ରାସଙ୍ଗିକ । ତପସ୍ୱିନୀରେ ରାମାନୁଜଙ୍କର ସୈନ୍ୟ ଓ ଅଶ୍ୱସହ ଆଶ୍ରମ ପ୍ରବେଶ ପ୍ରାସଙ୍ଗିକ ॥ ୪-୫ ॥

Digitized by srujanika@gmail.com

ପଞ୍ଚାବସ୍ଥା -

ସଂସାଧ୍ୟେ ଫଳଯୋଗେ ତୁ ବ୍ୟାପାରଃ ସାଧକସ୍ୟ ଯଃ ।
ତସ୍ୟାନୁପୂର୍ବ୍ୟା ବିଜ୍ଞେୟାଃ ପଞ୍ଚାବସ୍ଥାଃ ପ୍ରୟୋକ୍ତୃଭିଃ ।। ୬ ।।
ନାଟ୍ୟପ୍ରକରଣଭବା ଅବସ୍ଥା ସ୍ତା ମତା ଇହ ।
ଧର୍ମକାମାର୍ଥ ସମ୍ବନ୍ଧଃ ଫଳଯୋଗସ୍ତୁ କଥ୍ୟତେ ।। ୭ ।।
ପ୍ରାରମ୍ଭଶ୍ଚ ପ୍ରଯତ୍ନଶ୍ଚ ତଥା ପ୍ରାପ୍ତେଶ୍ଚ ସମ୍ଭବଃ ।
ନିୟତା ଚ ଫଳପ୍ରାପ୍ତିଃ ଫଳଯୋଗସ୍ତୁ ପଞ୍ଚମଃ ।। ୮ ।।

ପ୍ରାରମ୍ଭଃ -

ଔତ୍ସୁକ୍ୟମାତ୍ରବନ୍ଧସ୍ତୁ ଯଦ୍ ବୀଜସ୍ୟ ନିବଧ୍ୟତେ ।
ମହତଃ ଫଳଯୋଗସ୍ୟ ସ ଖଲ୍ୱାରମ୍ଭ ଇଷ୍ୟତେ ।। ୯ ।।

ପ୍ରଯତ୍ନଃ -

ଅପଶ୍ୟତଃ ଫଳପ୍ରାପ୍ତିଂ ବ୍ୟାପାରୋ ଯଃ ଫଳଂ ପ୍ରତି ।
ପଦଂ ଚୌତ୍ସୁକ୍ୟଗମନଂ ସ ପ୍ରଯତ୍ନଃ ପ୍ରକୀର୍ତ୍ତିତଃ ।। ୧୦ ।।

ପଞ୍ଚ ଅବସ୍ଥା -

ଲେଖକଙ୍କର ନାଟକୀୟ ଫଳ ପ୍ରାପ୍ତି ପାଇଁ ହୋଇଥିବା ଲେଖାକୁ ଅଭିନେତାମାନଙ୍କର ଯଥାକ୍ରମେ ଯେଉଁ ପ୍ରଚେଷ୍ଟା ତହିଁରେ ପାଞ୍ଚଟି ଅବସ୍ଥା ଅଛି ବୋଲି ଜାଣିବ ।। ୬ ।। ନାଟ୍ୟ ଓ ପ୍ରକରଣରୁ ଏହା ଆରମ୍ଭ ହୋଇଅଛି । ଏମାନଙ୍କର ଫଳ ଧର୍ମ, ଅର୍ଥ ଓ କାମ ସହିତ ସମ୍ବନ୍ଧ ଅଟେ ।। ୭ ।।

ପଞ୍ଚ ଅବସ୍ଥା ନାମ -

ପ୍ରାରମ୍ଭ, ପ୍ରଯତ୍ନ, ପ୍ରାପ୍ତିସମ୍ଭବ (ପ୍ରତ୍ୟାଶା) ନିୟତା ଫଳପ୍ରାପ୍ତି ଓ ଫଳଯୋଗ ।। ୮ ।। ସମ୍ପୂର୍ଣ୍ଣ କଥା ବସ୍ତୁର ସାରସ୍ୱରୂପ ଯେଉଁ ଫଳ, ଏହି ଫଳର ବୀଜପ୍ରତି ଔତ୍ସୁକ୍ୟ ବା ଆଗ୍ରହ ଜନ୍ମାଇବା ପାଇଁ ଯାହା କୁହାଯାଇ ପ୍ରୟୋଗ ଦ୍ୱାରା କରାଯାଇଥାଏ ତାହାକୁ ଆରମ୍ଭ କୁହାଯାଏ । ଯଥା ଅଭିଜ୍ଞାନ ଶାକୁନ୍ତଳଂରେ ଦୁଷ୍ୟନ୍ତଙ୍କର ଆଶ୍ରମ ପ୍ରବେଶ ।। ୯ ।। ନିଜର ଉଦ୍ଦେଶ୍ୟ ସିଦ୍ଧିକୁ ନ ପାଇଁ ଏଥିପାଇଁ ନାୟକର ପ୍ରଯତ୍ନକୁ ଓ ଉତ୍ସାହ ତଥା ଯୋଜନାକୁ ପ୍ରଯତ୍ନ କୁହାଯାଏ । ପ୍ରୋକ୍ତ ନାଟକରେ- ସୈନ୍ୟମାନଙ୍କୁ ଫେରାଇଦେଇ ଆଶ୍ରମରେ ରହିବା ଯୋଜନାକରି ତାପସମାନଙ୍କ ସହିତ ବନ୍ଧୁତା ଜମାଇବାକୁ ଦୁଷ୍ୟନ୍ତଙ୍କର ପ୍ରଯତ୍ନ ବୋଲି କୁହାଯିବ ।।୧୦।।

Digitized by srujanika@gmail.com

ପ୍ରାପ୍ତିସମ୍ଭବଃ -

ଈଷଦ୍ ପ୍ରାପ୍ତିଶ୍ଚ ଯା କାଚିଦର୍ଥସ୍ୟ ପରିକଳ୍ପତେ ।
ଭାବମାତ୍ରେଣ ସ ଜ୍ଞେୟୋ ବିଧିଜ୍ଞୈଃ ପ୍ରାପ୍ତିସମ୍ଭବଃ ।। ୧୧ ।।

ନିୟତା ଫଳ ପ୍ରାପ୍ତିଃ-

ନିୟତାଂ ଚ ଫଳପ୍ରାପ୍ତିଂ ଯତ୍ର ଭାବେନ ପଶ୍ୟତି ।
ନିୟତାଂ ତାଂ ଫଳପ୍ରାପ୍ତିଂ ସଗୁଣାଂ ପରିଚକ୍ଷତେ ।। ୧୨ ।।

ଫଳଯୋଗଃ -

ଅଭିପ୍ରେତଂ ସମଗ୍ରଂ ଚ ପ୍ରତିରୂପଂ କ୍ରିୟାଫଳମ୍ ।
ଯଦ୍‌ଦୃଶ୍ୟତେ ନିବୃତ୍ତେ ତୁ ଫଳଯୋଗଃ ସ ଉଚ୍ୟତେ ।। ୧୩ ।।
ସର୍ବସ୍ୟୈବ ହି କାର୍ଯ୍ୟସ୍ୟ ପ୍ରାରବ୍ଧସ୍ୟ ଫଳାର୍ଥିଭିଃ ।
ଯଥାନୁକ୍ରମଶୋ ହ୍ୟେତାଃ ପଞ୍ଚାବସ୍ଥା ଭବନ୍ତି ହି ।। ୧୪ ।।
ଆସାଂ ସ୍ୱଭାବଭିନ୍ନାନାଂ ପରସ୍ପରସମାଗମାଦ୍ ।
ବିନ୍ୟାସଃ ଫଳଭାବେନ ଫଳାୟ ପରିକଳ୍ପ୍ୟତେ ।। ୧୫ ।।

ପ୍ରାପ୍ତିସମ୍ଭବ -

ଈଷଦ୍ ଫଳପ୍ରାପ୍ତିର ଆଶା କେବଳ ଭାବ ମାଧ୍ୟମରେ ଯେଉଁଠାରେ ସୂଚାଇ ଦିଆଯାଏ ନାଟ୍ୟବିଦ୍‌ମାନେ ଏହାକୁ ପ୍ରାପ୍ତି ସମ୍ଭବ ବୋଲି କହିଥାଆନ୍ତି ।। ୧୧ ।।

ନିୟତ ଫଳପ୍ରାପ୍ତି -

ନାୟକ ନିଜଯୋଜନା ଅନୁଯାୟୀ ଯେଉଁଠାରେ ନିଶ୍ଚିତ ଫଳ ଆଶା କରିଥାଏ, ଏହି ଭାବମୂଳକ ବର୍ଣ୍ଣନାକୁ ଫଳ ପ୍ରାପ୍ତିବୋଲି କୁହନ୍ତି ।। ୧୨ ।।

ଫଳଯୋଗ-ଧୀରେ ଧୀରେ ନାଟକଟିକୁ ଟାଣି ଆଣି ସମସ୍ତ କ୍ରିୟାର ପରିଣାମ ଫଳ ଆଡକୁ ଟାଣି ହୋଇ ଆସି ଫଳ ସହିତ ଯୋଗ କରିବାକୁ ଫଳଯୋଗ କୁହାଯାଏ । ଯେଉଁପରି ଆରମ୍ଭଠାରୁ ନାଟକ ଫିଟିପଡ଼ି ପ୍ରଯତ୍ନରେ ବଢ଼ି ବଢ଼ି ଆସେ ସେହିପରି ନିୟତ ଫଳ ପ୍ରାପ୍ତିଠାରୁ ଟାଣି ଟାଣି ହୋଇ ଫଳଯୋଗ ସ୍ଥଳରେ ମିଶିଯାଏ । ଏହି ଆନୁପୂର୍ବିକ ରୀତିରେ ଲେଖକ ଓ ଅଭିନେତାଙ୍କ ପ୍ରୟୋଗର ବାହାଦୁରୀରେ ପାଞ୍ଚଟି ଯାକ ଅବସ୍ଥା ଫୁଟି ଉଠନ୍ତି । ସ୍ୱଭାବ ଲକ୍ଷଣ ଅନୁଯାୟୀ ଏହି ଅବସ୍ଥାଗୁଡ଼ିକ ଭିନ୍ନ ହେଲେ ମଧ୍ୟ ପରସ୍ପରର ପରିପୂରକ ଭାବରେ ଫଳଯୋଗ ସହିତ ମିଶି ଶ୍ରୋତା ବା ଦର୍ଶକଙ୍କୁ ଶେଷ ଫଳାସ୍ୱାଦ ଚଖାଇ ଥାଆନ୍ତି ।। ୧୩,୧୪,୧୫ ।।

Digitized by srujanika@gmail.com

ଆଧିକାରିକ ଇତିବୃତ୍ତସ୍ଥାନମ୍ -

ଇତିବୃତ୍ତଂ ଯଥାଖ୍ୟାତଂ ପୁରସ୍ତାଦାଧିକାରିକମ୍ ।
ତଦାରମ୍ଭାଦି କର୍ତ୍ତବ୍ୟଂ ଫଳାନ୍ତଂ ଚ ଯଥା ଭବେତ୍ ॥ ୧୬ ॥
ପୂର୍ଣ୍ଣସନ୍ଧି ଚ ତତ୍ କାର୍ଯ୍ୟଂ ହୀନସନ୍ଧ୍ୟପି ବା ପୁନଃ ।
ନିୟମାତ୍ ପୂର୍ଣ୍ଣସନ୍ଧିଃ ସ୍ୟାଦ୍ ହୀନସନ୍ଧିସ୍ତୁ କାରଣାତ୍ ॥ ୧୭ ॥

ସନ୍ଧିଲୋପଃ -

ଏକଲୋପେ ଚତୁର୍ଥସ୍ୟ ଦ୍ୱିଲୋପେ ତ୍ରିଚତୁର୍ଥୟୋଃ ।
ଦ୍ୱିତୀୟ-ତ୍ରି-ଚତୁର୍ଥାନାଂ ତ୍ରିଲୋପେ ଲୋପ ଇଷ୍ୟତେ ॥ ୧୮ ॥
ପ୍ରାସଙ୍ଗିକେ ପରାର୍ଥତ୍ୱାନ୍ନ ହ୍ୟେଷ ନିୟମୋ ଭବେତ୍ ।
ଯଦ୍ ବୃତ୍ତନ୍ତୁ ଭବେତ୍ ତତ୍ର ସଂଯୋଜ୍ୟମବିରୋଧତଃ ॥ ୧୯ ॥

ପଞ୍ଚଅର୍ଥ ପ୍ରକୃତୟଃ -

ଇତିବୃତ୍ତେ ଯଦାବସ୍ଥାଃ ପଞ୍ଚାରମ୍ଭାଦିକାଃ ସ୍ମୃତାଃ ।
ଅର୍ଥ-ପ୍ରକୃତୟସ୍ତାସାଂ ପଞ୍ଚବୀଜାଦିକା ଅପି ॥ ୨୦ ॥

ଆଧିକାରିକ ଇତିବୃତ୍ତର ସ୍ଥାନ ପୂର୍ବେ ଯେଉଁ ଆଧିକାରିକ ଇତିବୃତ୍ତ କଥା କୁହାଯାଇଅଛି, ଆରମ୍ଭାଦି ସମସ୍ତ ତହିଁରେ ସଜାଇ ରଚନା ବା ପ୍ରୟୋଗ କରାଯିବ । ଏହା ଶେଷ (ଫଳାନ୍ତ) ପର୍ଯ୍ୟନ୍ତ ରହିବ ॥ ୧୬ ॥ ଏହାକୁ (ଇତିବୃତ୍ତକୁ) ପୂର୍ଣ୍ଣସନ୍ଧି କିଂବା ହୀନସନ୍ଧି କରାଯିବ । ନିୟମ ଅନୁଯାୟୀ ପୂର୍ଣ୍ଣସନ୍ଧି ହେବା କଥା । କାରଣବଶତଃ (ଇତିବୃତ୍ତର ଆବଶ୍ୟକତା ଅନୁଯାୟୀ) ହୀନ ମଧ୍ୟ କରାଯାଇପାରେ ॥ ୧୭ ॥

ସନ୍ଧିଲୋପ- ଯଦି ଗୋଟିଏ ମାତ୍ର ଲୋପର ଆବଶ୍ୟକତା ପଡ଼େ, ତେବେ ଚତୁର୍ଥ ସନ୍ଧିର, ଦୁଇଟିର ଆବଶ୍ୟକ ହେଲେ ଚତୁର୍ଥ ଓ ତୃତୀୟର ଏବଂ ତିନିଟି ସନ୍ଧିର ଲୋପ ଆବଶ୍ୟକ ହେଲେ ଏକ ଦୁଇ ଓ ତିନି ସଂଖ୍ୟକ ସନ୍ଧିର ଲୋପ କରାଯାଇପାରେ ॥ ୧୮ ॥ ପ୍ରାସଙ୍ଗିକ ଇତିବୃତ୍ତରେ ଅନ୍ୟ ବିଷୟ ଯୋଗ କରିବାକୁ ଯାଇ ଏହି ନିୟମ ବ୍ୟବହାର କରା ନଯାଉ । ବୃତ୍ତ ଯାହା ଥିବ ତାହାର ଅବିରୋଧରେ (ତାହାକୁ ପରିପୁଷ୍ଟ କରିବା ପାଇଁ) ସନ୍ଧି ଯୋଗ (ବା ବିୟୋଗ) କରାଯିବା ଉଚିତ ॥ ୧୯ ॥

ଅର୍ଥ ପ୍ରକୃତି ପାଞ୍ଚଟି-ଯେତେବେଳେ ଇତିବୃତ୍ତରେ ଆରମ୍ଭାଦି ପାଞ୍ଚଟି ଅବସ୍ଥା କୁହାଯାଏ । ସେହି ସ୍ଥଳରେ ବୀଜ, ବିନ୍ଦୁ, ପତାକା, ପ୍ରକରୀ ଓ କାର୍ଯ୍ୟ ନାମକ ପାଞ୍ଚଟି ଅର୍ଥ ପ୍ରକୃତି ମଧ୍ୟ ଯଥାବିଧି ଯୋଗ କରାଯିବ ॥ ୨୦ ॥

Digitized by srujanika@gmail.com

ବୀଜଂ ବିନ୍ଦୁଃ ପତାକା ଚ ପ୍ରକରୀ କାର୍ଯ୍ୟମେବ ଚ ।
ଅର୍ଥ ପ୍ରକୃତୟଃ ପଞ୍ଚ ଜ୍ଞାତ୍ୱା ଯୋଜ୍ୟା ଯଥାବିଧି ।। ୨୧ ।।
ଅଳ୍ପମାତ୍ରଂ ସମୁତ୍ସୃଷ୍ଟଂ ବହୁଧା ଯଦ୍ ବିସର୍ପତି ।
ଫଳାବସାନଂ ଯଚ୍ଚୈବ ବୀଜଂତଦଭିଧୀୟତେ ।। ୨୨ ।।
ପ୍ରୟୋଜନାନାଂ ବିଚ୍ଛେଦେ ଯଦବିଚ୍ଛେଦକାରଣମ୍ ।
ଯାବତ୍ ସମାପ୍ତିଂ ବନ୍ଧସ୍ୟ ସ ବିନ୍ଦୁରିତି ସଂଜ୍ଞିତଃ ।। ୨୩ ।।
ଯଦ୍ ବୃତ୍ତଂ ହି ପରାର୍ଥଂସ୍ୟାଦ୍ ପ୍ରଧାନସ୍ୟୋପକାରକମ୍ ।
ପ୍ରଧାନବଚ୍ଚ କଳ୍ପ୍ୟତେ ସା ପତାକେତି କୀର୍ତ୍ତିତା ।। ୨୪ ।।
ଫଳଂ ସଂକଳ୍ପ୍ୟତେ ସଦ୍‌ଭିଃ ପରାର୍ଥଂ ଯସ୍ୟ କେବଳମ୍ ।
ଅନୁବନ୍ଧେନ ହୀନସ୍ୟ ପ୍ରକରୀଂ ତାଂ ବିନିର୍ଦ୍ଦିଶେତ୍ ।। ୨୫ ।।
ଯଦାଧିକାରିକଂ ବସ୍ତୁ ସମ୍ୟକ୍ ପ୍ରାଜ୍ଞୈଃ ପ୍ରଯୁଜ୍ୟତେ ।
ତଦର୍ଥୋ ଯଃ ସମାରମ୍ଭଃ ତତ୍ କାର୍ଯ୍ୟଂ ସମୁଦାହୃତମ୍ ।। ୨୬ ।।

ବୀଜ, ବିନ୍ଦୁ, ପତାକା, ପ୍ରକରୀ ଓ କାର୍ଯ୍ୟ ଏହି ପାଞ୍ଚଟିକୁ ଅର୍ଥ ପ୍ରକୃତି କୁହାଯାଏ । ଏମାନଙ୍କୁ ଠିକ୍ ଠିକ୍ ଜାଣି ଯଥାକ୍ଷେତ୍ରରେ ବିଧି ଅନୁଯାୟୀ ପ୍ରୟୋଗ କରିବ ।। ୨୧ ।।

ବୀଜ- ପ୍ରଥମେ ସାମାନ୍ୟ ରୂପରେ ଦେଖାଦେଇ (ନାଟକର) ମଝିରେ ବିଭିନ୍ନ ପ୍ରକାର ପଲ୍ଲବିତ ରୂପ ଧାରଣ କରି ଶେଷ ପର୍ଯ୍ୟନ୍ତ (ପୁଣି ସଂକ୍ଷିପ୍ତ ହୋଇ) ବଜାୟ ରହିଥାଏ, ତାହାକୁ ବୀଜ ବୋଲି କୁହନ୍ତି । ଯଥା-ଅଭିଜ୍ଞାନ ଶାକୁନ୍ତଳରେ ଦୁଷ୍ୟନ୍ତ ଶକୁନ୍ତଳା ପ୍ରଥମ ଦର୍ଶନ ବୀଜ, ମଝି ମଝି ଅଙ୍କରେ ପଲ୍ଲବିତ (ବିବିଧ ଉପାୟ ସମନ୍ୱିତ ପୁଣି ବିଘ୍ନିତ ଇତ୍ୟାଦି ଅବସ୍ଥା) ହୋଇ ଶେଷରେ ପୁତ୍ରସହ ମିଳନ ପର୍ଯ୍ୟନ୍ତ ବଞ୍ଚି ରହିଛି ।। ୨୨ ।।

ବିନ୍ଦୁ- ଗୋଟିଏ ପ୍ରୟୋଜନ (ଉପାୟ) ନାୟକ ଫଳ ପ୍ରାପ୍ତି ପାଇଁ କରିବେ । ଗୋଟିଏ ବ୍ୟର୍ଥ ହେଲେ ପୁଣି ଆଉ ଗୋଟିଏ କରିବେ । ଏହିପରି ପୂର୍ବ ପ୍ରୟୋଜନଠାରୁ ପର ପ୍ରୟୋଜନର ବିଚ୍ଛେଦ ହେଲେ ମଧ୍ୟ ପ୍ରତ୍ୟେକର ଉଦ୍ଦେଶ୍ୟ ସମାନ ଥିବାରୁ ଯାହା ଅବିଚ୍ଛେଦ ପାଇଁ କାରଣ ଓ କଥା ବସ୍ତୁର ଶେଷ ପର୍ଯ୍ୟନ୍ତ ରହିଥାଏ ତାହାକୁ ବିନ୍ଦୁ କୁହାଯାଏ । ଯଥା ପ୍ରୋକ୍ତ ନାଟକରେ ଶକୁନ୍ତଳାକୁ ଆଣିବାକୁ ଲୋକ ପଠାଇବା ଭୁଲିଗଲେ ମଧ୍ୟ, ଅଭିଶାପବଶତଃ ନ ଚିହ୍ନିଲେ ମଧ୍ୟ, ଗୀତଟିଏ ଶୁଣି ଆନମନା ହେବା, ମୁଦି ମିଳିବା, ମାତଳି ଆସିବା ଇତ୍ୟାଦି ପ୍ରତି ଅଙ୍କ ଏବଂ ଶେଷ ପର୍ଯ୍ୟନ୍ତ ଦୁଷ୍ୟନ୍ତ ଶକୁନ୍ତଳା ପ୍ରେମ କେବେ ସୂକ୍ଷ୍ମବିନ୍ଦୁ ଓ କେବେ ପଲ୍ଲବିତ ଆକାରରେ ରହିଅଛି ।। ୨୩ ।।

Digitized by srujanika@gmail.com

ଏତେଷାଂ ଯସ୍ୟ ଯେନାର୍ଥୋ ଯତଶ୍ଚ ଗୁଣ ଇଷ୍ୟତେ ।
ପ୍ରଧାନଂ ତଦ୍ ପ୍ରକର୍ତ୍ତବ୍ୟଂ ଗୁଣଭୂତାନ୍ୟତଃ ପରମ୍ ॥ ୨୭ ॥
ଅନୁବନ୍ଧଃ- ଏକୋଦ୍ଧନେକୋଦ୍ଧପିବା ସନ୍ଧିଃ ପତାକାୟାଂ ଚ ଯୋ ଭବେତ୍ ।
ପ୍ରଧାନାର୍ଥାନୁଯାୟିତ୍ୱାଦନୁବନ୍ଧଃ ସ କୀର୍ତ୍ତ୍ୟତେ ॥ ୨୮ ॥
ଆଗର୍ଭାଦାବିମର୍ଶାଦ୍ ବା ପତାକା ବିନିବର୍ତ୍ତତେ ।
କସ୍ମାଦ୍ ଯସ୍ମାତ୍ ତୁ ବନ୍ଧୋଦ୍ଧସ୍ୟାଃ ପରାର୍ଥାୟୋପକଳ୍ପ୍ୟତେ ॥ ୨୯ ॥
ପତାକା ସ୍ଥାନମ୍- ଯତ୍ରାର୍ଥେ ଚିନ୍ତ୍ୟମାନେଦ୍ଧପି ତଲ୍ଲିଙ୍ଗାର୍ଥଃ ପ୍ରଯୁଜ୍ୟତେ ।
ଆଗନ୍ତୁକେନ ଭାବେନ ପତାକା ସ୍ଥାନକଂ ତୁ ତଦ୍ ॥ ୩୦ ॥
ସହସୈବାର୍ଥ ସମ୍ପତ୍ତିର୍ଗୁଣବତ୍ୟୁପଚାରତଃ ।
ପତାକାସ୍ଥାନକମିଦଂ ପ୍ରଥମଂ ପରିକୀର୍ତ୍ତ୍ୟତେ ॥ ୩୧ ॥
ବଚଃ ସାତିଶୟଶ୍ଲିଷ୍ଟଂ କାବ୍ୟବନ୍ଧ ସମାଶ୍ରୟମ୍ ।
ପତାକା ସ୍ଥାନକମିଦଂ ଦ୍ୱିତୀୟଂ ପରିକୀର୍ତ୍ତିତମ୍ ॥ ୩୨ ॥

ପତାକା- ଯେଉଁ ଘଟଣା ପରସ୍ୱାର୍ଥ ପାଇଁ ହେବ ମାତ୍ର ମୂଳ ଗଳ୍ପର ନାୟକର ଉପକାରକ । ତାହାର ଅବସ୍ଥିତି ମଧ୍ୟ ପ୍ରଧାନ ପରି ହେଉଥିବ ତାହାକୁ ପତାକା କୁହାଯାଏ । ଯଥା ରାମାୟଣରେ ବାଳିହତ୍ୟା ସୁଗ୍ରୀବ ରାଜ୍ୟ ପ୍ରାପ୍ତି ॥ ୨୪ ॥
ପ୍ରକରୀ- ଉଦ୍ଦେଶ୍ୟ ହୀନ ଭାବରେ କେବଳ ପର ପାଇଁ ସାଧୁଲୋକର ତ୍ୟାଗକୁ ପ୍ରକରୀ କୁହନ୍ତି । ଯଥା- ରାମାୟଣରେ ଥିବା ଜଟାୟୁ ରାବଣ ସଂବାଦ । କଥାବସ୍ତୁର ମୂଳ ଲକ୍ଷ୍ୟକୁ ସାଧୁ ଲେଖକଗଣ ଯେଉଁଠାରେ ବର୍ଣ୍ଣନା କରିଥା'ନ୍ତି, ସେଥିପାଇଁ ହେଉଥିବା ଯତ୍ନ ମଧ୍ୟ କାର୍ଯ୍ୟନାମରେ ପରିଚିତ । ଯଥା-ରାମାୟଣରେ ରାବଣବଧ ସୀତା ଉଦ୍ଧାର ॥ ୨୫-୨୬ ॥ ଏମାନଙ୍କ ମଧ୍ୟରେ ଯାହାର ଯାହା ସହିତ ଦରକାର, ଯେଉଁଠାରୁ ମଧ୍ୟ ଅଧିକ ଗୁଣ ଆଶା କରାଯାଏ । ତାହା ପ୍ରଧାନ ଓ ଅନ୍ୟମାନେ ଗୌଣ ଅଟନ୍ତି ॥ ୨୭ ॥
ଅନୁବନ୍ଧ-ପତାକା ମଧ୍ୟରେ ଯେଉଁ ଏକ ବା ଅନେକ ସନ୍ଧି ହେବ, ପ୍ରଧାନ ବିଷୟର ଅନୁଯାୟୀ ବୋଲି ତାହାକୁ ଅନୁବନ୍ଧ ବୋଲି (ଧାରାବାହିକତା ବା continuity) କୁହାଯାଏ ॥୨୮॥ ପତାକା ଗର୍ଭସନ୍ଧି ବା ବିମର୍ଶ ସନ୍ଧିଠାରୁ ମରିଯିବ । କାରଣ ଏହା କେବଳ ପରାର୍ଥ ପାଇଁ (ମୂଳ ନାୟକର ଅର୍ଥ ପାଇଁ ନୁହେଁ ।) ॥୨୯ ॥ ଯେଉଁଠାରେ ଗୋଟିଏ ବିଷୟ ଭାବୁଥିବା ସମୟରେ ସେହିଭଳି ଆଗନ୍ତୁକ ଭାବରେ ଆଉ ଗୋଟିଏ ଅର୍ଥ ଆସି ପଡ଼ଞ୍ଚେ ।ଏହାକୁ ପତାକା ସ୍ଥାନ କୁହାଯାଏ । କୌଣସି ଗୌଣ ଉପଚାର ଦ୍ୱାରା ହଠାତ୍ ନାୟକର ଉପାୟ ସିଦ୍ଧ ହୋଇଗଲେ ଏହା ପ୍ରଥମ ବା ପ୍ରଧାନ ପତାକାସ୍ଥାନ ହୋଇଥାଏ ॥ ୩୦ ॥

Digitized by srujanika@gmail.com

ଅର୍ଥୋପକ୍ଷେପଣଂ ଯତ୍ତୁ ଲୀନଂ ସବିନୟଂ ଭବେତ୍ ।
ଶିଷ୍ଟ ପ୍ରତ୍ୟୁତ୍ତରୋପେତଂ ତୃତୀୟ ମିଦମିଷ୍ୟତେ ।। ୩୩ ।।
ଦ୍ୱ୍ୟର୍ଥୋ ବଚନ ବିନ୍ୟାସଃ ସୁଶ୍ଲିଷ୍ଟଃ କାବ୍ୟଯୋଜିତଃ ।
ଉପନ୍ୟାସସୁଯୁକ୍ତଶ୍ଚ ତଚ୍ଚତୁର୍ଥ ମୁଦାହୃତମ୍ ।। ୩୪ ।।
ଚତୁଷ୍ପତାକାପରମଂ ନାଟକେ କାର୍ଯ୍ୟ ମିଷ୍ୟତେ ।
ପଞ୍ଚଭିଃ ସନ୍ଧିଭିର୍ଯୁକ୍ତାଂ ତାଂ ଚ ବକ୍ଷ୍ୟାମ୍ୟତଃ ପରମ୍ ।। ୩୫ ।।

ସନ୍ଧିଃ- ମୁଖଂ ପ୍ରତିମୁଖଂ ଗର୍ଭୋ ବିମର୍ଶଶ୍ଚ ତଥୈବହି ।
ତତୋ ନିର୍ବହଣଂ ଚୈବ ସନ୍ଧୟୋ ନାଟକେ ସ୍ମୃତାଃ ।। ୩୬ ।।
ପଞ୍ଚଭିଃ ସନ୍ଧିଭିର୍ଯୁକ୍ତଂ ପ୍ରଧାନମନୁ କୀର୍ତ୍ତ୍ୟତେ ।
ଶେଷାଃ ପ୍ରଧାନସନ୍ଧୀନାମନୁଗ୍ରାହ୍ୟାସ୍ତୁ ସନ୍ଧୟଃ ।। ୩୭ ।।

ମୁଖମ୍- ଯତ୍ରବୀଜ ସମୁତ୍ପତ୍ତିର୍ନାନାର୍ଥ ରସସମ୍ଭବା ।
କାବ୍ୟେ ଶରୀରାନୁଗତଂ ତନ୍ମୁଖଂ ପରିକୀର୍ତ୍ତିତମ୍ ।। ୩୮ ।।

(ଯଥା-ନାଟକରେ ପତ୍ନୀକୁ ଖୋଜୁଥିବା ଲୋକ ଦୈବାତ୍ ପତ୍ନୀକୁ ନଚିହ୍ନିବା ତାହାର ଅତି ଆତ୍ମୀୟକୁ ତାର ସଂକେତ ପଚାରିବା ବେଳେ ସେହି ପତ୍ନୀ ନିଜେ ପରିଚୟ ଦେବା ବା ଆତ୍ମୀୟ ଚିହ୍ନାଇଦେବା ।। ୩୧।। ନାଟକ ମଧ୍ୟରେ ଅତ୍ୟନ୍ତ ଶ୍ଳେଷଯୁକ୍ତ ବାକ୍ୟ ଯେଉଁଠାରେ ବ୍ୟବହୃତ ହୋଇଥାଏ ତାହା ଦ୍ୱିତୀୟ ପତାକାସ୍ଥାନ । ଅଧିକ ବର୍ଣ୍ଣନା ମଧ୍ୟ ପ୍ରଯୁକ୍ତ ହୋଇଥାଏ । (ସ୍ୱର୍ଗରେ ଇନ୍ଦ୍ରଙ୍କ ପାଖରେ, କୈଳାରେ ଶିବଙ୍କ ଜଟାକଟାଇ ମଧ୍ୟରେ ଥିବା ବସ୍ତୁ ମଧ୍ୟ ମୁଁ ତୁମ କଥାରେ ଆଣିପାରେ ।) ।। ୩୨ ।। ଶ୍ଳେଷ ଯୁକ୍ତବାକ୍ୟ ଦ୍ୱାରା ଅତି ବିନୀତ ଭାବରେ କୌଣସି ଅର୍ଥକୁ ଉପସ୍ଥାପିତ କରାଗଲେ ତୃତୀୟ ପତାକାସ୍ଥାନ କୁହାଯାଇଥାଏ । ଯଥା-ଉତ୍ତର ରାମଚରିତ ନାଟକରେ ରାମଚନ୍ଦ୍ରଙ୍କ ବାହୁରେ ମସ୍ତକରଖି ସୀତା ନିଦରେ ଶୋଇ ପଡ଼ିଥିଲେ । ରାମ ସୀତାଙ୍କର ରୂପବର୍ଣ୍ଣନା କରିସାରି କହୁଛନ୍ତି- ସୀତାଙ୍କର ସବୁ ସୁନ୍ଦର କେବଳ ବିରହଟି ମୋ ପାଇଁ କଠିନ । ଠିକ୍ ଏହି ସମୟ ଦ୍ୱାରୀ ଆସି କହିଲା ଦେବ, ଆସିଗଲା । ରାମ କିଏ ? ଦ୍ୱାରୀ ଆପଣଙ୍କ ଗୁପ୍ତଚର । 'ଆସିଗଲା' ଯଦି ଓ ଦ୍ୱାରୀ ଗୁପ୍ତଚର ପାଇଁ କହିଲା । କିନ୍ତୁ ମୂଳ ବାକ୍ୟର ସଂଯୋଗରେ ବିରହ ସମୟ ଆସିଗଲା ବୋଲି ଶ୍ଳିଷ୍ଟ ବାକ୍ୟରେ ସୂଚାଇଲା ।। ୩୩ ।। କାବ୍ୟଧାରାକୁ ସମାନ ରଖି ଦୁଇ ଅର୍ଥଯୁକ୍ତ ଶ୍ଳେଷବାକ୍ୟ ବ୍ୟବହାର କରାଗଲେ ଚତୁର୍ଥ ପତାକାସ୍ଥାନ ହୋଇଥାଏ । ଯଥା- ଅନ୍ୟଲୋକଙ୍କ ଉପସ୍ଥିତିରେ ନାୟକ ପ୍ରିୟାର ବିରହଚିନ୍ତାକୁ ଶରତକାଳର ନଦୀର ବର୍ଣ୍ଣନା ମାଧ୍ୟମରେ କହିବା । ଏହା ଦ୍ୱାରା ବାକ୍ୟର ପ୍ରଥମ ଅର୍ଥ ଅନ୍ୟମାନଙ୍କ ପାଇଁ ନଦୀ ହେଲେ ମଧ୍ୟ ନାୟକ ଓ ଦର୍ଶକମାନଙ୍କ ପାଇଁ ଦୁଇ ଅର୍ଥବୋଧକ ହେବ । ଏହା ଚତୁର୍ଥ ପତାକାସ୍ଥାନ ।। ୩୪ ।।

Digitized by srujanika@gmail.com

ପ୍ରତିମୁଖମ୍- ବୀଜସ୍ୟୋଦ୍‌ଘାଟକଂ ଯତ୍ତୁ ଦୃଷ୍ଟନଷ୍ଟମିବ କ୍ୱଚିତ୍ ।
ମୁଖେ ନ୍ୟସ୍ତସ୍ୟ ସର୍ବତ୍ର ତଦ୍‌ବୈ ପ୍ରତିମୁଖଂ ଭବେତ୍ ।। ୩୯ ।।
ଗର୍ଭଃ- ଉଦ୍‌ଭେଦସ୍ତସ୍ୟ ବୀଜସ୍ୟ ପ୍ରାପ୍ତିରପ୍ରାପ୍ତିରେବ ବା ।
ପୁନଶ୍ଚାନ୍ୱେଷଣଂ ଯତ୍ର ସ ଗର୍ଭ ଇତି ସଂଜ୍ଞିତଃ ।। ୪୦ ।।
ବିମର୍ଶଃ- ଗର୍ଭନିର୍ଭିନ୍ନବୀଜାର୍ଥୋ ବିଲୋଭନ କୃତୋଦ୍ଧପିବା ।
କ୍ରୋଧ ବ୍ୟସନଜୋବାପି ସ ବିମର୍ଶ ଇତି ସ୍ମୃତଃ ।। ୪୧ ।।
ନିର୍ବହଣମ୍- ସମାନୟନମର୍ଥାନାଂ ମୁଖାଦ୍ୟାନାଂ ସବୀଜିନାମ୍ ।
ଫଳୋପସଂଗତାନାଂ ଚ ଜ୍ଞେୟଂ ନିର୍ବହଣଂ ତୁ ତତ୍ ।। ୪୨ ।।
ଏତେ ହି ସନ୍ଧୟୋ ଜ୍ଞେୟା ନାଟକସ୍ୟ ପ୍ରୟୋକ୍ତୃଭିଃ ।
ତଥା ପ୍ରକରଣସ୍ୟାପି ଶେଷାଣାଂ ଚ ନିବୋଧତ ।। ୪୩ ।।
ବ୍ୟାୟୋଗେହାମୃଗୌ ଚାପି ତ୍ରିସନ୍ଧୀ ପରିକୀର୍ତ୍ତିତୌ ।
ନ ତୟୋରବମର୍ଶସ୍ତୁ କର୍ତ୍ତବ୍ୟଃ କବିଭିଃ ସଦା ।। ୪୪ ।।

ନାଟକରେ ଚାରିଟି ପତାକା ସ୍ଥାନିତ ହେବା ଉଚିତ । ଏହାପରେ ପାଞ୍ଚଟି ସନ୍ଧି କିଭଳି ଯୋଗହେବ ସେ ବିଷୟ କହିବା ।। ୩୫ ।। **ସନ୍ଧି-** ମୁଖ, ପ୍ରତିମୁଖ, ଗର୍ଭ, ବିମର୍ଶ, ନିର୍ବହଣ, ନାଟକରେ ଏହି ପାଞ୍ଚଟି ସନ୍ଧି ରଖାଯିବା ଉଚିତ ।। ୩୬ ।। ପ୍ରଧାନ (ଇତିବୃତ୍ତ) ପାଞ୍ଚଟି ସନ୍ଧିରେ ଶୋଭିତ ହେବ ବୋଲି କୁହାଯାଇଛି । ଅବଶିଷ୍ଟ ସନ୍ଧିମାନ ପ୍ରଧାନ ସନ୍ଧିର ଅଧୀନ ହେବେ ।। ୩୭ ।। ଶରୀରରେ ଯେପରି ମୁଖ ପ୍ରଧାନ ସେହିପରି ନାଟକର ଇତିବୃତ୍ତ ଓ ରସ ଯେଉଁଠାରେ ଉତ୍ପତ୍ତି ଲାଭ କରିଥାଏ ତାହାକୁ ମୁଖ କୁହାଯାଏ । ଏହା ନାଟକର ପ୍ରଥମ ଅଙ୍କରେ ହୋଇଥାଏ ।। ୩୮ ।। **ପ୍ରତିମୁଖ-** ମୁଖ ସନ୍ଧିରେ ସ୍ଥାପିତ ବୀଜ କେବେ ଦୃଷ୍ଟ ବା କେବେ ନଷ୍ଟଭଳି ହୋଇ ପୁଣି ଉଦ୍‌ଘାଟିତ ହେଉଥିଲେ ପ୍ରତିମୁଖ କୁହାଯାଏ ।। ୩୯ ।।
ବିମର୍ଶ- ଗର୍ଭରେ ପ୍ରକାଶିତ ବୀଜଅର୍ଥ ପ୍ରଲୋଭନ ବଶତଃ, କ୍ରୋଧ ବା ଚିନ୍ତା କିମ୍ବା ଅନ୍ୱେଷଣ ଇତ୍ୟାଦି ଦ୍ୱାରା ଆଚ୍ଛନ୍ନ ହୋଇ ରହୁଥାଏ ତାହାକୁ ବିମର୍ଶ କୁହାଯାଏ । ଯଥା-ଅଭିଜ୍ଞାନ ଶାକୁନ୍ତଳରେ, ଦୁଷ୍ୟନ୍ତ ଶକୁନ୍ତଳା ମିଳନ ରୂପକ ଅର୍ଥ ଗର୍ଭରେ ପ୍ରକାଶିତ ହେବା ପରେ ଆଭିଶାପଦ୍ୱାରା ଓ ଶକୁନ୍ତଳା ମାରୀଚାଶ୍ରମ ଯିବା ଦ୍ୱାରା ବ୍ୟାହତ ହେଲା ।।୪୧।।
ନିର୍ବହଣ- ମୁଖ, ପ୍ରତିମୁଖ, ଗର୍ଭ, ବିମର୍ଶ ପ୍ରଭୃତିରେ ପ୍ରତିପାଦିତ ବୀଜ ଅର୍ଥ ଖେଳେଇ ମେଳେଇ ହୋଇ ପଡ଼ିଥିବା ଅବସ୍ଥାରୁ ଉଧୁରି ଆସି ଫଳ ପାଖରେ ପହଞ୍ଚେ ତାକୁ ନିର୍ବହଣ କୁହାଯାଏ । ଯଥା - ଶକୁନ୍ତଳାକୁ ଭୁଲି ଯାଇଥିବା ଦୁଷ୍ୟନ୍ତ ମୁଦ୍ରିକାଟି ପାଇଁ ଶକୁନ୍ତଳାକୁ ମନେ ପକାଇବା ।। ୪୨ ।।

Digitized by srujanika@gmail.com

ଡିମଃ ସମବକାରଶ୍ଚ ଚତୁଃସନ୍ଧୀ ପ୍ରକୀର୍ତ୍ତିତୌ ।
ଗର୍ଭାବମର୍ଶୌ ନସ୍ୟାତାଂ ନ ଚ ବୃତ୍ତିସ୍ତୁ କୈଶିକୀ ।। ୪୫ ।।
ଦ୍ୱିସନ୍ଧି ତୁ ପ୍ରହସନଂ ବୀଥ୍ୟଙ୍କୋ ଭାଣ ଏବ ଚ ।
ମୁଖନିର୍ବହଣେ ସ୍ୟାତାଂ ତେଷାଂ ବୃତ୍ତିଶ୍ଚ ଭାରତୀ ।। ୪୬ ।।
ଏବଂ ଚ ସନ୍ଧୟଃ କାର୍ଯ୍ୟା ଦଶରୂପେ ପ୍ରୟୋକ୍ତୃଭିଃ ।
ପୁନଃ ସନ୍ଧ୍ୟନ୍ତରଂ ତେଷାମଙ୍ଗକଞ୍ଚ ନିବୋଧତ ।।। ୪୭ ।।

ସନ୍ଧ୍ୟନ୍ତରମ୍ -

ସାମ ଭେଦଃ ପ୍ରଦାନଂ ଚ ଦଣ୍ଡଶ୍ଚ ବଧ ଏବ ଚ ।
ପ୍ରତ୍ୟୁତ୍ପନ୍ନମତିତ୍ୱଂ ଚ ଗୋତ୍ରସ୍ଖଳିତ ମେବ ଚ ।। ୪୮ ।।
ସାହସଂ ଚ ଭୟଂ ଚୈବ ହ୍ରୀର୍ମାୟା କ୍ରୋଧ ଏବଚ ।
ଓଜଃ ସମ୍ବରଣଂ ଭ୍ରାନ୍ତି ସ୍ତଥା ହେତ୍ୱବଧାରଣମ୍ ।। ୪୯
ଦୂତୋ ଲେଖା ତଥା ସ୍ୱପ୍ନଶ୍ଚିତ୍ରଂ ମଦ ଇତି ଦ୍ୱିଜାଃ ।
ସନ୍ଧ୍ୟନ୍ତରାଣି ସନ୍ଧୀନାଂ ବିଶେଷସ୍ତ୍ୱେକ ବିଂଶତିଃ ।। ୫୦ ।।

ନାଟକର ପ୍ରୟୋକ୍ତା (ନଟ)ଗଣ ଏହି ସନ୍ଧିଗୁଡ଼ିକ ଜାଣିବା ଉଚିତ୍ । ସେହିପରି ପ୍ରକରଣର ମଧ୍ୟ ଜାଣିବା ଉଚିତ । ଅବଶିଷ୍ଟ ରୂପକମାନଙ୍କ ବିଷୟରେ ଶୁଣ ।। ୪୩ ।। ବ୍ୟାୟୋଗ ଓ ଇହାମୃଗରେ ତିନିଟି ସନ୍ଧି କୁହାଯାଏ । ଏଥିରେ କବିମାନେ ବିମର୍ଶ ସନ୍ଧି କରିବା ଦରକାର ନାହିଁ ।। ୪୪ ।। ଡିମ ଓ ସମବକାରରେ ଚାରିଟି ସନ୍ଧି ରହିବ । ଏଥିରେ ଗର୍ଭ ଓ ଅବମର୍ଶ ରହିବ ନାହିଁ । କୈଶିକୀ ବୃତ୍ତି ମଧ୍ୟ ପ୍ରୟୋଗ କରାଯିବ ନାହିଁ ।। ୪୫ ।। ପ୍ରହସନରେ ମାତ୍ର ଦୁଇଟି ସନ୍ଧି ରହିବ । ବୀଥୀ, ଅଙ୍କ ଏବଂ ଭାଣ ମଧ୍ୟ ଏହିପରି । ଏଗୁଡ଼ିକରେ ମୁଖ ଏବଂ ନିର୍ବହଣ ରହିବ ଓ ବୃତ୍ତି ଭାରତୀ ହେବ ।। ୪୬ ।। ପ୍ରୟୋକ୍ତାମାନେ ଦଶରୂପରେ ଏହିପରି ପାଞ୍ଚଟି ସନ୍ଧି କରିବେ । ସନ୍ଧ୍ୟନ୍ତର ଓ ସେମାନଙ୍କ ଅଙ୍ଗ ବିଷୟରେ ଏବେ ଶୁଣ ।। ୪୭ ।।

ସନ୍ଧ୍ୟନ୍ତର- ସାମ, ଭେଦ, ପ୍ରଦାନ, ଦଣ୍ଡ, ବଧ, ପ୍ରତ୍ୟୁତ୍ପନ୍ନମତିତା, ଗୋତ୍ରସ୍ଖଳିତ, ସାହସ, ଭୟ, ଲଜ୍ଜା, ମାୟା, କ୍ରୋଧ, ଓଜଃ ସମ୍ବରଣ, ଭ୍ରାନ୍ତି, ହେତୁ ଅବଧାରଣ, ଦୂତ, ଲେଖ, ସ୍ୱପ୍ନ, ଚିତ୍ର, ମଦ, ଏହି ଏକୋଇଶଟି ସନ୍ଧିମାନଙ୍କର ବୈଶିଷ୍ଟ୍ୟସୂଚକ ସନ୍ଧ୍ୟନ୍ତର ଅଟେ ।। ୪୮-୫୦ ।।

Digitized by srujanika@gmail.com

ସନ୍ଧ୍ୟଙ୍ଗମ୍ -

ସନ୍ଧୀନାଂ ଯାନି ବୃତ୍ତାନି ପ୍ରଦେଶେଷ୍ୱନୁପୂର୍ବଶଃ ।
ସ୍ୱସମ୍ପଦ୍ ଗୁଣଯୁକ୍ତାନି ତାନ୍ୟଙ୍ଗାନ୍ୟୁପଧାରୟେତ୍ ।। ୫୧ ।।
ଇଷ୍ଟସ୍ୟାର୍ଥସ୍ୟ ବଚନଂ ବୃତ୍ତାନ୍ତସ୍ୟାନୁପକ୍ଷୟଃ ।
ରାଗପ୍ରାପ୍ତିଃ ପ୍ରୟୋଗସ୍ୟ ଗୁହ୍ୟାନାଂ ଚୈବ ଗୂହନମ୍ ।। ୫୨ ।।
ଆଶ୍ଚର୍ଯ୍ୟବଦଭିଖ୍ୟାତଂ ପ୍ରକାଶ୍ୟାନାଂ ପ୍ରକାଶନମ୍ ।
ଅଙ୍ଗାନାଂ ଷଡ୍‌ବିଧଂ ହ୍ୟେତଦୁକ୍ତଂ ଶାସ୍ତ୍ରେ ପ୍ରୟୋଜନମ୍ ।। ୫୩ ।।
ଅଙ୍ଗହୀନୋ ନରୋ ଯଦ୍‌ବଦ୍ ଯୁଦ୍ଧାରମ୍ଭେଽକ୍ଷମୋ ଭବେତ୍ ।
ଅଙ୍ଗହୀନଂ ତଥା କାବ୍ୟଂ ନ ପ୍ରୟୋଗକ୍ଷମଂ ଭବେତ୍ ।। ୫୪ ।।
କାବ୍ୟଂ ଯଦପି ହୀନାର୍ଥଂ ସମ୍ୟଗଙ୍ଗୈଃ ସମନ୍ୱିତମ୍ ।
ଦୀପ୍ତତ୍ୱାଦ୍ ତୁ ପ୍ରୟୋଗସ୍ୟ ଶୋଭାମେତି ନ ସଂଶୟଃ ।। ୫୫ ।।
ଉଦାତ୍ତମପି ଯତ୍ କାବ୍ୟଂ ସ୍ୟାଦଙ୍ଗୈଃ ପରିବର୍ଜ୍ଜିତମ୍ ।
ହୀନତ୍ୱାଦ୍ ତୁ ପ୍ରୟୋଗସ୍ୟ ନ ସତାଂରଞ୍ଜୟେନ୍ନନଃ ।। ୫୬ ।।

ସନ୍ଧିଗୁଡ଼ିକର ଯେଉଁ ସ୍ଥଳମାନଙ୍କରେ ଯେଉଁ ବୃତ୍ତଗୁଡ଼ିକ ନିଜ ସମ୍ପଦ ଓ ଗୁଣ ଯୁକ୍ତ ହେବେ ସେହି ସବୁ ସ୍ଥଳରେ ଅଙ୍ଗସମୂହ ସେମାନଙ୍କ ପରିପୋଷକ କରାଇବା ଉଚିତ ।। ୫୧ ।। ଇଷ୍ଟାର୍ଥର ବିଷୟକୁ ଗୋପନରେ ରଖିବା, ଆଶ୍ଚର୍ଯ୍ୟ ଭଳି ବିଷୟ ଉପସ୍ଥାପନ, ପ୍ରକାଶ୍ୟ ବିଷୟର ପ୍ରକାଶନ, ଏହି ଛଅ ପ୍ରକାର ଅଙ୍ଗଗୁଡ଼ିକର ପ୍ରୟୋଜନ ବୋଲି ଶାସ୍ତ୍ରରେ କଥିତ ହୋଇଅଛି ।। ୫୨-୫୩ ।। ଯୁଦ୍ଧ କ୍ଷେତ୍ରରେ ହାତଗୋଡ଼ ଖଣ୍ଡିଆ ଲୋକ ଯେପରି ଅକ୍ଷମ ହୋଇଥାଏ, ସେହିପରି ଅଙ୍ଗହୀନ କାବ୍ୟ (ନାଟ୍ୟ) ପ୍ରୟୋଗ ଯୋଗ୍ୟ ହୋଇପାରେ ନାହିଁ ।। ୫୪ ।। କାବ୍ୟର (ନାଟକର) ମୂଳ ଗଳ୍ପାଂଶ ଯେତେ ଚମତ୍କାରି ନ ହେଲେ ମଧ୍ୟ ଅଙ୍ଗ ପ୍ରୟୋଗ ସୁଚାରୁ ହେଲେ ପ୍ରୟୋଗର ଚମତ୍କାରିତା ଯୋଗୁଁ ପ୍ରଶଂସା ଲାଭ କରିଥାଏ, ଏଥିରେ ସନ୍ଦେହ ନାହିଁ ।। ୫୫ ।। କାବ୍ୟର (ନାଟକର) ମୂଳଗଳ୍ପାଂଶ ଯେତେ ସୁନ୍ଦର ହେଲେ ମଧ୍ୟ ଅଙ୍ଗହୀନ (ଅଙ୍ଗଚମତ୍କାରିତାହୀନ) ହେଲେ ପ୍ରୟୋଗର ମାଧୁର୍ଯ୍ୟ ହରାଇ ବସେ । ଏଣୁ ଦର୍ଶକଙ୍କର ମନହରଣ କରିପାରେ ନାହିଁ ।। ୫୬ ।। ତେଣୁ ସନ୍ଧି ପ୍ରୟୋଗମାନଙ୍କରେ ରସକୁ ଜଗି ଜଗି, ଯଥାର୍ଥ ସ୍ଥଳକୁ ଲକ୍ଷ୍ୟ କରି କବି ଅଙ୍ଗମାନଙ୍କୁ ଠିକ୍‌ଭାବେ ପ୍ରୟୋଗ କରିବେ । ସେ ବିଷୟ ଶୁଣ ।। ୫୭ ।।

Digitized by srujanika@gmail.com

ତସ୍ମାଦ୍ ସନ୍ଧିପ୍ରୟୋଗେଷୁ ଯଥାଦେଶଂ ଯଥାରସମ୍ ।
କବିନାଦ୍ଧଙ୍ଗାନି କାର୍ଯ୍ୟାଣି ସମ୍ୟକ୍ ତାନି ନିବୋଧତ ॥ ୫୭ ॥
ଚତୁଃଷଷ୍ଟି ସନ୍ଧ୍ୟାଙ୍ଗାନି -
ଉପକ୍ଷେପଃ ପରିକରଃ ପରିନ୍ୟାସୋ ବିଲୋଭନମ୍ ।
ଯୁକ୍ତିଃ ପ୍ରାପ୍ତିଃ ସମାଧାନଂ ବିଧାନଂ ପରିଭାବନା ॥ ୫୮ ॥
ଉଦ୍‌ଭେଦଃ କରଣଂ ଭେଦଃ ତାନ୍ୟଙ୍ଗାନି ଚ ବୈ ମୁଖେ ।
ତଥା ପ୍ରତିମୁଖେ ଚୈବ ଶୃଣୁତାଙ୍ଗାନ୍ୟତଃ ପରମ୍ ॥ ୫୯ ॥
ବିଳାସଃ, ପରିସର୍ପଶ୍ଚ, ବିଧୂତଂ ତାପନଂ ତଥା ।
ନର୍ମ ନର୍ମଦ୍ୟୁତିଶ୍ଚୈବ ତଥା ପ୍ରଗମନଂ ପୁନଃ ॥ ୬୦ ॥
ନିରୋଧଶ୍ଚୈବ ବିଜ୍ଞେୟଃ ପର୍ଯ୍ୟୁପାସନମେବ ଚ ।
ବଜ୍ରଂ ପୁଷ୍ପମୁପନ୍ୟାସୋ ବର୍ଣ୍ଣସଂହାର ଏବଚ ॥ ୬୧ ॥
ଏତାନିବୈ ପ୍ରତିମୁଖେ, ଗର୍ଭେଦ୍ଧଙ୍ଗାନି ନିର୍ବୋଧତ ।
ଅଭୂତାହରଣଂ ମାର୍ଗୋ ରୂପୋଦାହରଣେ କ୍ରମଃ ॥ ୬୨ ॥

ଚଉଷଠି ସନ୍ଧିଅଙ୍ଗ- ଉପକ୍ଷେପ, ପରିକର, ପରିନ୍ୟାସ, ବିଲୋଭନ, ଯୁକ୍ତି, ପ୍ରାପ୍ତି, ସମାଧାନ, ବିଧାନ, ପରିଭାବନା, ଉଦ୍‌ଭେଦ, କରଣ, ଭେଦ ଏହିଗୁଡ଼ିକ ମୁଖସନ୍ଧିର ଅଙ୍ଗ ଅଟନ୍ତି । ଏହାପରେ ପ୍ରତିମୁଖର ଅଙ୍ଗମାନଙ୍କ ବିଷୟରେ ଶୁଣ ॥ ୫୮-୫୯ ॥ ବିଳାସ, ପରିସର୍ପ, ବିଧୂତ, ତାପନ, ନର୍ମ, ନର୍ମଦ୍ୟୁତି, ପ୍ରଗମନ, ନିରୋଧ, ପର୍ଯ୍ୟୁପାସନ, ବଜ୍ର, ପୁଷ୍ପ, ଉପନ୍ୟାସ, ବର୍ଣ୍ଣ ସଂହାର, ଏହିଗୁଡ଼ିକ ପ୍ରତିମୁଖର ସନ୍ଧ୍ୟଙ୍ଗ ଅଟନ୍ତି । ଗର୍ଭର ଅଙ୍ଗ ବିଷୟରେ ଶୁଣ ॥ ୬୧ ॥ ଅଦ୍‌ଭୁତାହରଣ, ମାର୍ଗ, ରୂପ, ଉଦାହରଣ, କ୍ରମ, ସଂଗ୍ରହ, ଅନୁମାନ, ପ୍ରାର୍ଥନା, ଆକ୍ଷିପ୍ତ, ତୋଟକ, ଅଧିବଳ, ଉଦ୍‌ବେଗ, ବିଦ୍ରବ ଏହିସବୁ ଗର୍ଭସନ୍ଧିର ଅଙ୍ଗ ଅଟନ୍ତି ॥ ୬୨-୬୩ ॥ ଅପବାଦ, ସଂଫେଟ, ଅଭିଦ୍ରବ । ଶକ୍ତି, ବ୍ୟବସାୟ, ପ୍ରସଙ୍ଗ । ଦ୍ରୁତ ଖେଦ, ନିଷେଧନ, ବିରୋଧନ, ଆଦାନ, ସାଦନ, ପ୍ରରୋଚନା, ଏହି ସମସ୍ତ ଅବମର୍ଶର ଅଙ୍ଗ ॥ ୬୫ ॥ ସନ୍ଧି, ବିରୋଧ, ଗ୍ରଥନ, ନିର୍ଣ୍ଣୟ, ପରିଭାଷଣ, କୃତି, ପ୍ରସାଦ, ଆନନ୍ଦ ସମୟ । ଅପଗୂହନ (ଉପଗୂହନ) ଭାଷଣ, ପୂର୍ବବାକ୍ୟ, କାବ୍ୟସଂହାର । ପ୍ରଶସ୍ତି ଏହି ଅଙ୍ଗଗୁଡ଼ିକୁ ପଣ୍ଡିତ (କବି)ମାନେ ନିର୍ବହଣରେ ସଂଯୋଜିତ କରିବେ । ସନ୍ଧିମାନଙ୍କରେ ଏହି ଚଉଷଠୀ ଅଙ୍ଗ ରହେ ବୋଲି ବିଜ୍ଞମାନେ ଜାଣିବା ଉଚିତ୍ ॥ ୬୬-୬୮ ॥

Digitized by srujanika@gmail.com

ସଂଗ୍ରହଶ୍ଚାନୁମାନଂ ଚ ପ୍ରାର୍ଥନା କ୍ଷିପ୍ତମେବ ଚ ।
ତୋଟକାଧିବଳେ ଚୈବ ହ୍ୟୁଦ୍‌ବେଗୋ ବିଦ୍ରବସ୍ତଥା ॥ ୬୩ ॥
ଅଙ୍ଗାନ୍ୟେତାନି ବୈ ଗର୍ଭେ ହ୍ୟବମର୍ଶେ ନିବୋଧତ ।
ଅପବାଦୋଦ୍ଧଥ ସଂଫେଟୋଦ୍ଧଭିଦ୍ରବଃ ଶକ୍ତିରେବ ଚ ॥ ୬୪ ॥
ବ୍ୟବସାୟଃ ପ୍ରସଙ୍ଗଶ୍ଚ ଦ୍ୟୁତିଃ ଖେଦୋ ନିଷେଧନମ୍ ।
ବିରୋଧନ ମଥାଦାନଂ ସାଦନଂ ଚ ପ୍ରରୋଚନା ॥ ୬୫ ॥
ଏତାନ୍ୟବମର୍ଶେଦ୍ଧଙ୍ଗାନି ଭୂୟୋ ନିର୍ବହଣେ ଶୃଣୁ ।
ସନ୍ଧିର୍ବିରୋଧୋ ଗ୍ରଥନଂ ନିର୍ଣ୍ଣୟଃ ପରିଭାଷଣମ୍ ॥ ୬୬ ॥
କୃତିଃ ପ୍ରସାଦଶ୍ଚାନନ୍ଦଃ ସମୟୋ ହ୍ୟପଗୂହନମ୍ ।
ଭାଷଣଂ ପୂର୍ବବାକ୍ୟଂ ଚ କାବ୍ୟସଂହାର ଏବ ଚ ॥ ୬୭ ।
ପ୍ରଶସ୍ତି ରିତି ଚାଙ୍ଗାନି କୁର୍ଯ୍ୟାନ୍ନିର୍ବହଣେ ବୁଧଃ ।
ଚତୁଃଷଷ୍ଟିର୍ବୁଧୈ ଜ୍ଞେୟାନ୍ୟେତାନ୍ୟଙ୍ଗାନି ସନ୍ଧିଷୁ ॥ ୬୮ ॥

ଯଥାକ୍ରମେ ଏହି ଚଉଷଠୀ ସନ୍ଧ୍ୟଙ୍ଗର ଲକ୍ଷଣମାନ କହିବି । (ନାଟକର) କାବ୍ୟର ଉଦ୍ଦିଷ୍ଟ ବିଷୟର ଉପ୍ତିକୁ ଉପକ୍ଷେପ କୁହାଯାଏ ॥ ୬୯ ॥

ପରିକର - ଯେଉଁ ବିଷୟର ଉପ୍ତି ହୋଇଅଛି ତାହାର ବିସ୍ତାରକୁ ପରିକର ବୋଲି ଜାଣିବ ।

ପରିନ୍ୟାସ - ସେହି ବିଷୟର ନିଷ୍ପତ୍ତି ଅର୍ଥାତ୍ ଦର୍ଶକ ବା ଶ୍ରୋତା ମନରେ ଉପସ୍ଥିତିକୁ ପରିନ୍ୟାସ କୁହାଯାଏ ॥ ୭୦ ॥

ବିଲୋଭନ ଓ ଯୁକ୍ତି - ଗୁଣ ବର୍ଣ୍ଣନାକୁ ବିଲୋଭନ, ବିଷୟକୁ ବିଶ୍ଳେଷଣକରି ଅବଧାରଣ କରିବାକୁ ଯୁକ୍ତି କୁହାଯାଏ ॥ ୭୧ ॥

ପ୍ରାପ୍ତି ଓ ସମାଧାନ - ମୁଖ ସନ୍ଧିରେ କୁହାଯାଇଥିବା ଅର୍ଥର ଉପସ୍ଥିତିକୁ ପ୍ରାପ୍ତି କୁହାଯାଏ । ପାତ୍ର ବିଶେଷର ସୁଖ ଲାଭକୁ ସାହିତ୍ୟ ଦର୍ପଣରେ ପ୍ରାପ୍ତି କୁହାଯାଇଛି । ମୂଳ ଅର୍ଥ ସହିତ ସମ୍ପର୍କ ଯୋଡ଼ିବାକୁ ଉପଗମନ କୁହାଯାଏ ॥ ୭୨ ॥

ବିଧାନ ଓ ପରିଭାବନା-ସୁଖ ଦୁଃଖ ପ୍ରସଙ୍ଗ ଯେଉଁ ବିଷୟରେ ବର୍ଣ୍ଣିତ ତାହାକୁ ବିଧାନ ଏବଂ କୌତୂହଳପୂର୍ଣ୍ଣ ଆବେଗକୁ ପରିଭାବନା କହନ୍ତି ॥ ୭୩ ॥ ମୁଖରେ କୁହାଯାଇଥିବା ବୀଜ ଅର୍ଥ ବିଭିନ୍ନ ପ୍ରସଙ୍ଗ ମାଧ୍ୟମରେ ଲୁଚି ଲୁଚି ଯାଉଥିବା ଅବସ୍ଥାରେ ପୁନରାୟ ଦେଖାଯାଉଥିବା ସ୍ଥିତିକୁ ଉଦ୍‌ଭେଦ କୁହାଯାଏ । ଯଥା-ବେଣୀ ସଂହାର ନାଟକରେ ଯୁଦ୍ଧ ଆରମ୍ଭ ପାଖାପାଖି ଦ୍ରୌପଦୀ ଭୀମଙ୍କୁ କହିଲେ-ନାଥ ପୁଣି ତ ତୁମେ ମୋତେ କେତେ ଆଶ୍ୱାସନା ଦେବାକୁ ପଡ଼ିବ ।

Digitized by srujanika@gmail.com

ଉପକ୍ଷେପଃ-

ପୁନରେଷାଂ ପ୍ରବକ୍ଷ୍ୟାମି ଲକ୍ଷଣାନି ଯଥାକ୍ରମମ୍ ।
କାବ୍ୟାର୍ଥସ୍ୟ ସମୁତ୍ପତ୍ତିରୁପକ୍ଷେପ ଇତି ସ୍ମୃତଃ ॥ ୬୯ ॥

ପରିକରଃ, ପରିନ୍ୟାସଶ୍ଚ-

ସମୁତ୍ପନ୍ନାର୍ଥ-ବାହୁଲ୍ୟଂ ଜ୍ଞେୟଃ ପରିକରସ୍ତୁ ସଃ ।
ତନ୍ନିଷ୍ପତ୍ତ୍ୟାତ୍ତୁ କଥନଂ ପରିନ୍ୟାସଃ ପ୍ରକୀର୍ତ୍ତିତଃ ॥ ୭୦ ॥

ବିଲୋଭନଂ ତଥା ଯୁକ୍ତିଃ -

ଗୁଣ ନିର୍ବର୍ଣ୍ଣନଂ ଯତ୍ତୁ ବିଲୋଭନମିତି ସ୍ମୃତମ୍ ।
ସଂପ୍ରଧାରଣ ମର୍ଥାନାଂ ଯୁକ୍ତିରିତ୍ୟଭିଧୀୟତେ ॥ ୭୧ ॥

ପ୍ରାପ୍ତିଃ ସମାଧାନଂଚ -

ମୁଖାର୍ଥସ୍ୟୋପଗମନଂ ପ୍ରାପ୍ତିରିତ୍ୟଭିସଂଜ୍ଞିତମ୍ ।
ବୀଜାର୍ଥ ସ୍ୟୋପଗମନଂ ସମାଧାନ ମପୀଷ୍ୟତେ ॥ ୭୨ ॥

ବିଧାନଂ ପରିଭାବନା ଚ -

ସୁଖଦୁଃଖକୃତୋ ଯୋଽର୍ଥସ୍ତଦ୍ ବିଧାନ ମିହୋଚ୍ୟତେ ।
କୌତୂହଲୋତ୍ତରାବେଗୋ ଭବେଦ୍ ତୁ ପରିଭାବନା ॥ ୭୩ ॥

ଭୀମ - ପ୍ରିୟେ, କୌରବ ବଂଶ ନିପାତନ କରି ଶୁଖିଲା ମୁହାଁ ଭୀମକୁ ତୁମେ ଆଉ ଦେଖିବାକୁ ପାଇବ ନାହିଁ । ମୂଳ ବିଷୟର ଯଥାର୍ଥ କାର୍ଯ୍ୟ କରିବାକୁ କରଣ କହନ୍ତି । କେତେକ ମଧ୍ୟ ବିପଦର ଶମନକୁ କରଣ କହିଥାଆନ୍ତି ॥ ୭୪ ॥ ପାତ୍ରମାନଙ୍କର ଅଲଗା ଅଲଗା ହୋଇ ନିଜ ନିଜ କର୍ମ ସଂପାଦନକୁ ଭେଦ କୁହାଯାଏ । ଏହି ସମସ୍ତ ମୁଖସନ୍ଧିର ଅଙ୍ଗ ଅଟନ୍ତି । ପ୍ରତିମୁଖର (ଅଙ୍ଗ ବିଷୟରେ) କହିବି ॥ ୭୫ ॥ ରତିଭୋଗ ପାଇଁ ଇଚ୍ଛା ଓ ଚେଷ୍ଟାକୁ ବିଳାସ କୁହାଯାଏ । ଦେଖାଯାଇ ପୁଣି ନଷ୍ଟ ହୋଇ ଯାଇଥିବା ବିଷୟର ଅନ୍ୱେଷଣକୁ ପରିସର୍ପ ବୋଲି କୁହାଯାଇଥାଏ ॥ ୭୬ ॥ କରାଯାଉଥିବା ଅନୁନୟକୁ ଗ୍ରହଣ ପ୍ରଥମେ ଗ୍ରହଣ ନକରିବାକୁ (ପରେ ଗ୍ରହଣ କରିବା) ବିଧୂତ କୁହାଯାଏ । ଯଥା- ଶକୁନ୍ତଳାର ଅନୁନୟକୁ ଦୁଷ୍ୟନ୍ତ ଗ୍ରହଣ ନକରିବା । ଭୟ ଦେଖାଇବା ବା ଭୟର ଯୋଜନା ଦେଖାଇବାକୁ ତାପନ କୁହାଯାଏ ॥ ୭୭ ॥ କ୍ରୀଡ଼ା ଉଦ୍ଦେଶ୍ୟରେ କରାଯାଉଥିବା ହାସ୍ୟର ନାମ ନର୍ମ । କିନ୍ତୁ ନିଜ ଦୋଷକୁ ଲୁଚାଇବା ପାଇଁ କରାଯାଉଥିବା ହାସ୍ୟକୁ ନର୍ମଦ୍ୟୁତି କୁହାଯାଏ ॥ ୭୮ ॥ ହେ ପଣ୍ଡିତଗଣ, କଥା ଉପରେ କଥା କହି ସମସ୍ୟା ବଢ଼ାଇବାକୁ ପ୍ରଗୟଣ ଏବଂ ବିପଦ ସଂପ୍ରାପ୍ତିକୁ ନିରୋଧ କୁହାଯାଏ ॥ ୭୯ ॥

Digitized by srujanika@gmail.com

ଉଦ୍‌ଭେଦଃ କରଣଂଚ-ବୀଜାର୍ଥସ୍ୟ ପ୍ରରୋହୋ ଯଃ ଉଦ୍‌ଭେଦଃ ସତୁ କୀର୍ତ୍ତିତଃ ।
ପ୍ରକୃତାର୍ଥ ସମାରମ୍ଭଃ କରଣଂ ପରିଚକ୍ଷତେ ।। ୭୪ ।।
ଭେଦଃ - ସଂଘାତ ଭେଦନାର୍ଥୋ ଯଃ ସ ଭେଦ ଇତି ସଂଜ୍ଞିତଃ ।
ଏତାନି ତୁ ମୁଖାଙ୍ଗାନି ବକ୍ଷ୍ୟେ ପ୍ରତିମୁଖେ ପୁନଃ ।। ୭୫ ।।
ବିଳାସଃ ପରିସର୍ପଶ୍ଚ-ସମୀହା ରତିଭୋଗାର୍ଥା ବିଳାସ ଇତି କୀର୍ତ୍ତିତଃ
ଦୃଷ୍ଟନଷ୍ଟାନୁସରଣଂ ପରିସର୍ପସ୍ତୁ ବର୍ଣ୍ଣ୍ୟତେ ।। ୭୬ ।।
ବିଧୂତଃ ତାପନଂ ଚ-କୃତସ୍ୟାନୁନୟସ୍ୟାଦୌ ବିଧୂତମପରିଗ୍ରହଃ ।
ଅପାୟଦର୍ଶନଂ ଯତ୍ତୁ ତାପନଂ ନାମତଦ୍ ଭବେତ୍ ।। ୭୭ ।।
ନର୍ମ ନର୍ମଦ୍ୟୁତିଶ୍ଚ-କ୍ରୀଡାର୍ଥଂ ବିହିତଂ ଯତ୍ତୁ ହାସ୍ୟଂ ନର୍ମତୁ ସଂଜ୍ଞିତମ୍ ।
ଦୋଷ ପ୍ରଚ୍ଛାଦନାର୍ଥଂ ତୁ ହାସ୍ୟଂ ନର୍ମଦ୍ୟୁତି ସ୍ମୃତମ୍ ।। ୭୮ ।।
ପ୍ରଗୟଣଂ ନିରୋଧଶ୍ଚ-ଉତ୍ତରୋତ୍ତର ବାକ୍ୟଂ ତୁ ଭବେଦ୍ ପ୍ରଗୟଣଂ ବୁଧାଃ ।
ଯା ତୁ ବ୍ୟସନ ସଂପ୍ରାପ୍ତିର୍ନି ରୋଧଃ ସ ପ୍ରକୀର୍ତ୍ତିତଃ ।। ୭୯ ।।

କ୍ରୋଧୀ ଲୋକକୁ ଅନୁନୟ କରିବାକୁ ପର୍ଯ୍ୟୁପାସନ, ବିଶେଷ ବଚନକୁ ପୁଷ୍ପ କୁହାଯାଏ । ଗୋଟିଏ ବିଷୟକୁ ଅଧିକରୁ ଅଧିକ ପୁଷ୍ପିତ କରିବା, ଯଥା-ନାୟିକା-ଭାରି ସୁନ୍ଦର । ସଖୀ - ଆଖି ଲାଖିଯାଏ । ନାୟିକା- ମୋ ମନକୁ ଯାଉନାହିଁ । ସଖୀ- କିଲୋ, ତୋର ମନ କାହିଁ ? ସେ ପରା ମନଟାକୁ ନେଇ ଯାଇଛି ।। ୮୦ ।। ଟାଣୁଆ ଜବାବକୁ ବଜ୍ର ଏବଂ ଯୁକ୍ତିବଳରେ ପ୍ରମାଣିତ କରାଯାଉଥିବା ତଥ୍ୟକୁ ଉପନ୍ୟାସ କହନ୍ତି ।। ୮୧ ।। ବର୍ଣ୍ଣନା ଯୋଗ୍ୟକୁ ବର୍ଣ୍ଣ୍ୟ କୁହାଯାଏ । ବୀର ରସମୟ ନାଟକରେ ରାମ ରାବଣ ବିଭୀଷଣ ସୁଗ୍ରୀବ ଲକ୍ଷ୍ମଣ, ମନ୍ଦୋଦରୀ ସମନ୍ୱିତ ଦୃଶ୍ୟକୁ, ଏବଂ ଶୃଙ୍ଗାର ପ୍ରଧାନ ନାଟକ ଅଭିଜ୍ଞାନ ଶାକୁନ୍ତଳମ୍‌ରେ ଦୁଷ୍ୟନ୍ତ ଶକୁନ୍ତଳା, ସାରଥି, ମାରୀଚମୁନି ସର୍ବଦମନ ପ୍ରଭୃତିଙ୍କର ଏକତ୍ର ଉପସ୍ଥିତି ଦୃଶ୍ୟକୁ ବର୍ଣ୍ଣ୍ୟ ସଂହାର ବୋଲି କୁହାଯାଏ । ଏହି ସନ୍ଧିସବୁ ପ୍ରତି ମୁଖରେ, ଗର୍ଭରେ ଦେୟ ସନ୍ଧିନାମ ଶୁଣ ।। ୮୨ ।। ଯାହା ହୋଇନାହିଁ ତାହା ଅଦ୍ଭୁତ ଅର୍ଥାତ୍ ମିଥ୍ୟା । ଏଣୁ ମିଛ ବା କପଟାଚାରମୂଳକ ବାକ୍ୟକୁ ଅଦ୍ଭୁତାହରଣ କୁହାଯାଏ । ଯଥା- ଅଭିଜ୍ଞାନ ଶାକୁନ୍ତଳରେ ଦୁଷ୍ୟନ୍ତ ଶକୁନ୍ତଳା ପ୍ରେମ ବିଷୟ ବିଦୂଷକ ଆଗରେ ଭାବ ବିହ୍ୱଳ ହୋଇ କହିଦେଇ ସାରି ପୁଣି ମିଛ କହିଲେ- ସଖା, ପରିହାସ କରି କହିଦେଲି ଆଶ୍ରମ କାହିଁ ? ମୁନି କୁମାରୀ କିଏ ? ଆମେ କୋଉଠି ? ଏଗୁଡାକୁ ସତ୍ୟବୋଲି ଗ୍ରହଣ କରିବ ନାହିଁ । ଠିକ କଥା କହିବାକୁ ମାର୍ଗ କୁହାଯାଏ ।। ୮୩ ।।

Digitized by srujanika@gmail.com

ପର୍ଯ୍ୟୁପାସକଂ ପୁଷ୍ପଂଚ-କ୍ରୁଦ୍ଧସ୍ୟାନୁନୟୋ ଯସ୍ତୁ ଭବେତ୍ ତତ୍ ପର୍ଯ୍ୟୁପାସନମ୍ ।
ବିଶେଷବଚନଂ ଯତ୍ତୁ ତତ୍ ପୁଷ୍ପମିତି ସଂଜ୍ଞିତମ୍ ॥ ୮୦ ॥
ବଜ୍ରମୁପନ୍ୟାସଶ୍ଚ-ପ୍ରତ୍ୟକ୍ଷରୁକ୍ଷଂ ଯଦ୍‌ବାକ୍ୟଂ ତଦ୍ ବଜ୍ରମିତି ସଂଜ୍ଞିତମ୍ ।
ଉପପତ୍ତିକୃତୋ ଯୋଽର୍ଥ ଉପନ୍ୟାସସ୍ତୁ ସ ସ୍ମୃତଃ ॥ ୮୧ ॥
ବର୍ଣ୍ଣସଂହାରଃ-ଚାତୁର୍ବର୍ଣ୍ୟୋପଗମନଂ ବର୍ଣ୍ଣସଂହାର ଇଷ୍ୟତେ ।
ଏତାନି ତୁ ପ୍ରତିମୁଖେ ଗର୍ଭେ ଚାପି ନିବୋଧତ ॥ ୮୨ ॥
ଅଭୂତାହରଣଂ ମାର୍ଗଶ୍ଚ-କପଟାପାଶ୍ରୟଂ ଯତ୍ତଦଭୂତାହରଣଂ ବିଦୁଃ ।
ତତ୍ତ୍ୱାର୍ଥବଚନଂ ଚୈବ ମାର୍ଗ ଇତ୍ୟଭିଧୀୟତେ ॥ ୮୩ ॥
ରୂପମୁଦାହରଣଂ ଚ-ଚିତ୍ରାର୍ଥ ସମବାୟେତୁ ବିତର୍କୋ ରୂପମିଷ୍ୟତେ ।
ଯତ୍ତୁ ସାତିଶୟଂ ବାକ୍ୟଂ ତଦୁଦାହରଣଂ ସ୍ମୃତମ୍ ॥ ୮୪ ॥
କ୍ରମଃ ସଂଗ୍ରହଶ୍ଚ-ଭାବତତ୍ତ୍ୱୋପଲବ୍ଧିସ୍ତୁ କ୍ରମ ଇତ୍ୟଭିଧୀୟତେ ।
ସାମଦାନାର୍ଥ ସଂଯୋଗଃ ସଂଗ୍ରହଃ ପରିକୀର୍ତ୍ତିତଃ ॥ ୮୫ ॥
ଅନୁମାନଂ ପ୍ରାର୍ଥନା ଚ-ରୂପାନୁରୂପଗମନ ମନୁମାନ ମିତି ସ୍ମୃତମ୍ ।
ରତିହର୍ଷୋତ୍ସବାଦ୍ୟର୍ଥ ପ୍ରାର୍ଥନା ପ୍ରାର୍ଥନା ଭବେତ୍ ॥ ୮୬ ॥

ବିଚିତ୍ର ବାକ୍ୟମାନଙ୍କଦ୍ୱାରା ପରସ୍ପରକୁ କଟାକଟି କରିବାକୁ ରୂପ କହନ୍ତି । ଯଥା - ବିକ୍ରମୋର୍ବଶୀ ନାଟକରେ ଉର୍ବଶୀ ଚାଲିଯିବା ପରେ ପୁରୁରବା ବିରହରେ କହୁଛନ୍ତି- ଆମ୍ ହତ୍ୟା ! ଚନ୍ଦ୍ରବଂଶରେ ଜନ୍ମ ! ଆହା ଟିକିଏ ଦେଖାମିଳନ୍ତା ? ଦୋଷ ନକରିବା ପାଇଁ ମୁଁ ଏତେ ଶାସ୍ତ୍ର ପଢ଼ିଛି । ରାଗିଲେ ବି ତାମୁହଁ ସୁନ୍ଦର ଦିଶେ । ଲୋକେ କ'ଣ କହିବେ । ହେମନ, ଧୈର୍ଯ୍ୟଧର ଇତ୍ୟାଦି । ଅତିରଞ୍ଜିତ ବାକ୍ୟକୁ ଉଦାହରଣ ବୋଲି କୁହାଯାଏ । ଯଥା - ମନ ଏକ ଅଲକ୍ଷ୍ୟ ଅଦୃଶ୍ୟ ବସ୍ତୁ କିନ୍ତୁ କନ୍ଦର୍ପ ତାକୁ ଲକ୍ଷ୍ୟକରି ବିଦ୍ଧ ବି କରିଦିଏ ॥ ୮୪ ॥ ପ୍ରକୃତ ଭାବର ଉପଲବ୍ଧିକୁ କ୍ରମ ଏବଂ ସାମ ଓ ଦାନ ସହିତ ପ୍ରସଙ୍ଗର ଅର୍ଥକୁ ଯୋଗ କରାଗଲେ ସଂଗ୍ରହ ବୋଲି କୁହାଯାଏ । **ଯଥା - ନାୟିକା** - ସେ ହସୁଥିଲେ, ତେଣୁ ଖୁସିଥିଲେ । ପୁଣି ସାଙ୍ଗକୁ ଧୀରେ ଧୀରେ କହିଲା ବେଳେ ଆଖି ବୁଜି ହୋଇଯାଉଥିଲା । ତେଣୁ ନିଶ୍ଚୟ ଆମରି ପ୍ରେମ କଥା, ସାଙ୍ଗଟି ବି ମନ ଦେଇ ପିଇଯାଉଥିଲା । ଏ ପ୍ରେମ କଥା ନୁହେଁ ତ କ'ଣ ? ସଂଗ୍ରହ - ଶୃଙ୍ଗାର ପ୍ରସଙ୍ଗରେ କଅଁଳ କଥା କହି ନାୟିକାକୁ ହାର ଦେବା ଏବଂ ରାଜ୍ୟ ଜୟ ପ୍ରଭୃତି କୁଟିଳ ପ୍ରସଙ୍ଗରେ ପର ରାଜ୍ୟର ମନ୍ତ୍ରୀ ବା ସେନାପତିଙ୍କୁ ଉତ୍କୋଚ ଦେବାକୁ ସଂଗ୍ରହ ବୋଲି କୁହାଯିବ । କାରଣ ଏହା ଦ୍ୱାରା ନାୟିକା ବା ସେହି ସେହି ପାତ୍ରମାନଙ୍କୁ ସଂଗ୍ରହ କରାଗଲା ॥ ୮୫ ॥

Digitized by srujanika@gmail.com

ଆକ୍ଷିପ୍ତଂ ତୋଟକଂ ଚ-ଗର୍ଭସ୍ୟୋଦ୍ ଭେଦନଂ ଯତ୍ତୁ ତଦାକ୍ଷିପ୍ତ ମିତି ସ୍ମୃତମ୍ ।
ସଂରମ୍ଭବଚନଂ ଚୈବ ତୋଟକଂ ନାମ ସଂଜ୍ଞିତମ୍ ॥ ୮୭ ॥
ଅଧିବଳମୁଦ୍‌ବେଗଶ୍ଚ-କପଟେନାତି ସନ୍ଧାନଂ ଜ୍ଞେୟଂ ତ୍ୱଧିବଳଂ ବୁଧୈଃ ।
ଭୟଂ ନୃପାରିଦସ୍ୟୁତ୍ଥ ମୁଦ୍‌ବେଗଃ ପରିକୀର୍ତ୍ତିତଃ ॥ ୮୮ ॥
ବିଦ୍ରବଃ-ନୃପାଗ୍ନି ଭୟସଂଯୁକ୍ତଃ ସଂଭ୍ରମୋ ବିଦ୍ରବଃ ସ୍ମୃତଃ ।
ଏତାନ୍ୟଙ୍ଗାନି ଗର୍ଭେସ୍ୟୁଃ ଅବମର୍ଶେ ନିବୋଧତ ॥ ୮୯ ॥
ଅପବାଦଃ ସଂଫେଟଶ୍ଚ-
ଦୋଷ-ପ୍ରଖ୍ୟାପନଂ ଯତ୍ ସ୍ୟାଦ୍ ସୋଽପବାଦଃ ପ୍ରକୀର୍ତ୍ତିତଃ ।
ରୋଷଗ୍ରଥିତ ବାକ୍ୟଂ ତୁ ସଂଫେଟଃ ସ ଉଦାହୃତଃ ॥ ୯୦ ॥
ଅଭିଦ୍ରବଃ ଶକ୍ତିଶ୍ଚ-ଗୁରୁବ୍ୟତିକ୍ରମୋ ଯସ୍ତୁ ବିଜ୍ଞେୟୋଽଭିଦ୍ରବସ୍ତୁସଃ ।
ବିରୋଧୋପଶମୋ ଯସ୍ତୁ ସା ଶକ୍ତିଃ ପରିକୀର୍ତ୍ତିତା ॥ ୯୧ ॥
ବ୍ୟବସାୟଃ ପ୍ରସଙ୍ଗଶ୍ଚ -ବ୍ୟବସାୟସ୍ତୁ ବିଜ୍ଞେୟଃ ପ୍ରତିଜ୍ଞାହେତୁ ସମ୍ଭବଃ ।
ପ୍ରସଙ୍ଗଶ୍ଚୈବ ବିଜ୍ଞେୟୋ ଗୁରୂଣାଂ ପରିକୀର୍ତ୍ତନମ୍ ॥ ୯୨ ॥

କୌଣସି ଗୋଟିଏ ବସ୍ତୁକୁ ଦେଖି ବା ଗୀତ ଶୁଣି ଏହି ଜ୍ଞାନ ମାଧ୍ୟମରେ ପ୍ରକୃତ ବସ୍ତୁ ବା ବ୍ୟକ୍ତିକୁ ଠଉରାଇବାକୁ ଅନୁମାନ କୁହାଯାଏ । ଯଥା - ଏ କୁଡୁଆ ମହାପ୍ରସାଦ । ତାମାନେ ଏ ଲୋକ ପୁରୀରୁ ଆସିଛି । ଏହାକୁ ପଚାରିଲେ ପୁରୀରୁ ଆସିବା ଲୋକର ସଂଧାନ ଦେବ । ଏ କଣ୍ଠସ୍ୱର ନିମାଇଁ ହରି ଚନ୍ଦନଙ୍କର ଇତ୍ୟାଦି । ରତି, ହର୍ଷ, ଉତ୍ସବ ପ୍ରଭୃତି ପାଇଁ ପ୍ରାର୍ଥନାକୁ ପ୍ରାର୍ଥନା କୁହାଯାଏ ॥ ୮୬ ॥ ନାଟକରେ ଛଦ୍ମବେଶ ରଚନାରେ ଯାହାକୁ ଭାବି କଥା କୁହାଯାଉଛି, ପ୍ରକୃତରେ ସେ ଲୋକଟି ସେ ନୁହେଁ । ଏହିପରି ସ୍ଥଳରେ ହକ କଥା ଫିଟିଯିବାକୁ ଆକ୍ଷିପ୍ତ ବା ଆକ୍ଷିପ୍ତି କହନ୍ତି । ହର୍ଷକ୍ରୋଧ ବା ଅନ୍ୟ କୌଣସି କାରଣରୁ ଆବେଗ ଗର୍ଭକ ବଚନକୁ ତୋଟକ କୁହାଯାଏ । ॥ ୮୭ ॥ କପଟକରି ବେଶ ବଦଳାଇ ହେଉ ବା ଲୁଚି ଛପି ହେଉ ପ୍ରତି ପକ୍ଷକୁ ଜୟ କରିବା ଅଧିବଳ ଅଟେ । ଯଥା- ଯୁଦ୍ଧରୁ ପଳାୟନ କରି କୃଷ୍ଣ ଆପେ ଆପେ ଆସି ଗୁହାରେ ଶୋଇଥିବା ମୁଚୁକୁନ୍ଦ ଉପରେ ଚାଦର ପକାଇ ଦେଲେ । ପଛେ ପଛେ ଗୋଡ଼ାଇ ଆସି କାଳ ଯବନ ମୁଚୁକୁନ୍ଦକୁ ଗୋଇଠାମାରି ଭସ୍ମ ହୋଇଗଲା । ରାଜା ଶତ୍ରୁ କିମ୍ବା ଦସ୍ୟୁ ପ୍ରଭୃତି ଯୋଗୁଁ ହେଉଥିବା ଭୟକୁ ଉଦ୍‌ବେଗ କୁହାଯାଏ ॥ ୮୮ ॥ ରାଜ ଉତ୍ପାତ କିମ୍ବା ଅଗ୍ନି ଉତ୍ପାତ ଯୋଗୁଁ ହେଉଥିବା ବ୍ୟସ୍ତତାକୁ ବିଦ୍ରବ କହନ୍ତି । ଏହିସବୁ ଅଙ୍ଗଗୁଡ଼ିକ ଗର୍ଭସନ୍ଧିରେ ହୋଇଥାଏ । ଅବମର୍ଶର ଅଙ୍ଗ ସମ୍ବନ୍ଧରେ ଶୁଣ ॥ ୮୯ ॥

Digitized by srujanika@gmail.com

ଦ୍ୟୁତିଃ ଖେଦଶ୍ଚ- ବାକ୍ୟମାଧର୍ଷଣକୃତଂ ଦ୍ୟୁତିସ୍ତଜ୍‌ଜ୍ଞୈରୁଦାହୃତମ୍ ।
ମନଶ୍ଚେଷ୍ଟା ବିନିଷ୍ପନ୍ନଃ ଶ୍ରମଃ ଖେଦଉଦାହୃତଃ ॥ ୯୩ ॥
ନିଷେଧୋ ବିରୋଧନଂଚ-ଇପ୍ସିତାର୍ଥ ପ୍ରତୀଘାତୋ ନିଷେଧଃ ସତୁ କୀର୍ତ୍ତିତଃ ।
କାର୍ଯ୍ୟାତ୍ୟୟୋପଗମନଂ ବିରୋଧନ ମିତିସ୍ମୃତମ୍ ॥ ୯୪ ॥
ଆଦାନଂ ସାଦନଂ ଚ-ବୀଜକାର୍ଯ୍ୟୋପଗମନ ମାଦାନମିତି ସଂଜ୍ଞିତମ୍ ।
ଅବମାନାଦ୍ କୃତଂ ବାକ୍ୟଂ କାର୍ଯ୍ୟାର୍ଥଂ ସାଦନଂ ଭବେଦ୍ ॥ ୯୫ ॥
ପ୍ରରୋଚନା-ପ୍ରରୋଚନା ଚ ବିଜ୍ଞେୟା ସଂହାରାର୍ଥ ପ୍ରକାଶିନୀ ।
ଏତାନ୍ୟବମୁଖେଷ୍ୱଙ୍ଗାନି ସଂହାରେତୁ ନିବୋଧତ ॥ ୯୬ ॥
ସନ୍ଧିଃ ବିବୋଧଶ୍ଚ-ମୁଖ ବୀଜୋପଗମନଂ ସନ୍ଧିରିତ୍ୟଭିଧୀୟତେ ।
କାର୍ଯ୍ୟସ୍ୟାନ୍ୱେଷଣଂ ଯୁକ୍ତ୍ୟା ବିବୋଧ ଇତିକୀର୍ତ୍ତିତଃ ॥ ୯୭ ॥
ଗ୍ରଥନଂ ନିର୍ଣ୍ଣୟଶ୍ଚ-ଉପକ୍ଷେପସ୍ତୁ କାର୍ଯ୍ୟାଣାଂ ଗ୍ରଥନଂ ପରିକୀର୍ତ୍ତିତମ୍ ।
ଅନୁଭୂତସ୍ୟ କଥନଂ ନିର୍ଣ୍ଣୟଃ ସମୁଦାହୃତଃ ॥ ୯୮ ॥
ପରିଭାଷଣଂକୃତିଶ୍ଚ-ପରିବାଦକୃତଂ ଯତ୍‌ସ୍ୟାଦ୍ ତଦାହୁଃ ପରିଭାଷଣମ୍ ।
ଲବ୍ଧସ୍ୟାର୍ଥସ୍ୟ ଗମନଂ କୃତିରିତ୍ୟଭିଧୀୟତେ ॥ ୯୯ ॥

ଦୋଷ ପ୍ରଚାରକୁ ଅପବାଦ କୁହାଯାଏ । ରାଗିକରି କହିବା କଥାକୁ ସଂଫେଟ କହନ୍ତି ॥ ୯୦ ॥ ଗୁରୁଜନଙ୍କ କଥା ନ ମାନିବା ଅଥବା ସେମାନଙ୍କ ଆଗରେ ନ କରିବା ଭଳି କାର୍ଯ୍ୟ ସେମାନଙ୍କୁ ଅନାଦର କରି କରିବାକୁ ଅଭିଦ୍ରବ କୁହାଯାଏ । ବିରୋଧୀ କୁପିତ ବ୍ୟକ୍ତିକୁ ବୁଝାଇ ବୁଝାଇ ଶାନ୍ତ କରିବାକୁ ଶକ୍ତି କୁହାଯାଏ ॥ ୯୧ ॥ ଯେଉଁ ବିଷୟରେ ପ୍ରତିଜ୍ଞା କରାଯାଇଥିବ ସେହି ପ୍ରତିଜ୍ଞାତ ବିଷୟକୁ ପାଳନ କରିବା ବ୍ୟବସାୟ । ଗୁରୁଜନଙ୍କ ଉପଦେଶ ଓ ତାହାର ଫଳ ଇତ୍ୟାଦି ବର୍ଣ୍ଣନାକୁ ପ୍ରସଙ୍ଗ କୁହନ୍ତି ॥ ୯୨ ॥ଗାଳିଦେବା ବାକ୍ୟକୁ ଦ୍ରୁତି ବା ଦ୍ୟୁତି କୁହନ୍ତି । ମାନସିକ ଓ ଶାରୀରିକ ଶ୍ରମ ଜନିତ ଅବସାଦକୁ ଖେଦ କୁହାଯାଏ ॥ ୯୩ ॥ ଆକାଂକ୍ଷିତ ବିଷୟରେ ବାଧାକୁ ନିଷେଧ କରନ୍ତି । ଆକାଂକ୍ଷିତ ଅର୍ଥର ପ୍ରତିଘାତ ପହଞ୍ଚିବାକୁ ବିରୋଧନ ବୋଲି କୁହାଯାଏ । ଯଥା-ବିଶଲ୍ୟକରଣୀ ଆଣିବାକୁ ଯାଉଥିବା ହନୁମାନଙ୍କ ଆଗରେ ନାଗମାତା ସୁରସାଙ୍କ ଆବିର୍ଭାବ ॥ ୯୪ ॥ ବୀଜ ଅର୍ଥାତ୍ ନାଟକର ମୂଳ ଲକ୍ଷ୍ୟର ନିକଟବର୍ତ୍ତିତାକୁ ଆଦାନ କହନ୍ତି । ସାଦନକୁ ଛାଦନ ବୋଲି ମଧ୍ୟ କୁହାଯାଇଛି । ଅପମାନ ବଶତଃ ସେହି ଅପମାନକୁ ସହି ନପାରି ନିଜକୁ ଲୁଚାଇବାକୁ ଯାଇ ପଳାୟନ ବା ଆତ୍ମହତ୍ୟାଦି ଚେଷ୍ଟାକୁ ସାଦନ ବା ଛାଦନ କୁହାଯାଏ ॥ ୯୫ ॥

Digitized by srujanika@gmail.com

ପ୍ରସାଦଃ ଆନନ୍ଦଶ୍ଚ-ଶୁଶ୍ରୂଷାଦ୍ୟୁପସମ୍ପନ୍ନଃ ପ୍ରସାଦ ଇତି ଭଣ୍ୟତେ ।
ସମାଗମସ୍ତୁ ଯୋହ୍ବର୍ଥାନାମାନନ୍ଦଃ ସତୁ କୀର୍ତ୍ତିତଃ ॥ ୧୦୦ ॥
ସମୟଃ, ଉପଗୂହନମ୍-ଦୁଃଖସ୍ୟାପଗମୋ ଯସ୍ତୁ ସମୟଃ ସ ନିଗଦ୍ୟତେ ।
ଅଦ୍‌ଭୁତସ୍ୟ ଚ ସଂପ୍ରାପ୍ତିଃ ଭବେଦ୍ ତଦୁପଗୂହନମ୍ ॥ ୧୦୧ ॥
ଭାଷଣଂ ପୂର୍ବବାକ୍ୟମ୍-ସାମଦାନାଦି ସଂଯୁକ୍ତଂ ଭାଷଣଂ ତୁଚ୍ୟତେ ବୁଧୈଃ ।
ପୂର୍ବବାକ୍ୟଂ ତୁ ବିଜ୍ଞେୟଂ ଯଥୋକ୍ତାର୍ଥ ପ୍ରଦର୍ଶକମ୍ ॥ ୧୦୨ ॥
କାବ୍ୟ ସଂହାରଃ ପ୍ରଶସ୍ତିଶ୍ଚ-ବରପ୍ରଦାନ ସଂପ୍ରାପ୍ତିଃ କାବ୍ୟସଂହାର ଇଷ୍ୟତେ ।
ନୃପଦେଶ ପ୍ରଶାନ୍ତିଶ୍ଚ ପ୍ରଶସ୍ତି ରଭିଧୀୟତେ ॥ ୧୦୩ ॥
ଇତ୍ୟେତାନି ଯଥାସନ୍ଧି କାର୍ଯ୍ୟାଣ୍ୟଙ୍ଗାନି ରୂପକେ ।
କବିଭିଃ କାବ୍ୟକୁଶଳୈ ରସଭାବାନପେକ୍ଷ୍ୟ ତୁ ॥ ୧୦୪ ॥
ସର୍ବାଙ୍ଗାଣି କଦାଚିତ୍ତୁ, ଦ୍ୱିତ୍ରିଯୋଗେନ ବା ପୁନଃ ॥
ଜ୍ଞାତ୍ୱା କାର୍ଯ୍ୟମବସ୍ଥାଂ ଚ ଯୋଜ୍ୟାନ୍ୟଙ୍ଗାନି ସନ୍ଧିଷୁ ॥ ୧୦୫ ॥
ବିଷ୍କମ୍ଭ ଶ୍ଚୂଳିକା ଚୈବ ତଥା ଚୈବ ପ୍ରବେଶକଃ ।
ଅଙ୍କାବତାରୋହ୍ବଙ୍କମୁଖ ମର୍ଥୋପକ୍ଷେପପଞ୍ଚକମ୍ ॥ ୧୦୬ ॥

(ଅଭିନବଗୁପ୍ତ) ଉପସଂହାର ବିଷୟର ପ୍ରକାଶକ ବାକ୍ୟକୁ ପ୍ରରୋଚନା ବୋଲି ଜାଣିବା ଅବକାଶରେ ଏହି ଅଙ୍ଗମାନ ରହନ୍ତି । ସଂହାର ବିଷୟରେ ଏବେ ଶୁଣ ॥ ୯୬ ॥ ମୁଖରେ ଯେଉଁ ବୀଜ କୁହାଯାଇଥିବ ତାହାକୁ ନିକଟବର୍ତ୍ତୀ କରିବାସ୍ଥିତି ବା ବାକ୍ୟକୁ ସନ୍ଧିବୋଲି ଜାଣିବ । ଯୁକ୍ତିବଳରେ କର୍ତ୍ତବ୍ୟ ଅନ୍ବେଷଣ ବିବୋଧ ବୋଲି କୁହାଯାଇଛି ॥ ୯୭ ॥ କାର୍ଯ୍ୟମାନଙ୍କର ଇଙ୍ଗିତ ବା ସୂଚନାକୁ ଗ୍ରଥନ କୁହନ୍ତି । ଅନୁଭୂତ ବିଷୟର କଥନ ନିର୍ଣ୍ଣୟ ନାମରେ ପରିଚିତ ॥ ୯୮ ॥ ନିନ୍ଦାସୂଚକ ବାକ୍ୟକୁ ପରିଭାଷଣ, ଲବ୍ଧ ବସ୍ତୁ ବା ଉପାୟକୁ କାର୍ଯ୍ୟରେ ବିନିଯୋଗକରିବା ହିଁ କୃତି ନାମରେ ବିଦିତ ଅଟେ ॥ ୯୯ ॥ ସେବା ଶୁଶ୍ରୁଷାଦ୍ୱାରା ସନ୍ତୁଷ୍ଟ କରିବାକୁ ପ୍ରସାଦ କୁହାଯାଏ । ଆକାଙ୍କ୍ଷିତ ବସ୍ତୁର ପ୍ରାପ୍ତି ହିଁ ଆନନ୍ଦ ବୋଲି କଥିତ ଅଟେ ॥ ୧୦୦ ॥ ଦୁଃଖର ଅବସାନକୁ ସମୟ ନାମରେ କହିଥାନ୍ତି । ଅଦ୍‌ଭୁତ ବସ୍ତୁ ପ୍ରାପ୍ତି ଉପଗୂହନ ନାମରେ ଖ୍ୟାତ ଅଟେ ॥ ୧୦୧ ॥ କୋମଳ ଓ ଦାନାଦି ସମ୍ବନ୍ଧୀୟ କଥାବାର୍ତ୍ତା ଭାଷଣ ନାମରେ କୁହାଯାଇଛି । ଆଗରୁ କୁହାଯାଇଥିବା କଥାର ବିଷୟକୁ ପୁନରାୟ ସୂଚାଇବାର ନାମ ପୂର୍ବବାକ୍ୟ ॥ ୧୦୨ ॥ ନାଟକ ଶେଷରେ ବର ପ୍ରଦାନ ପାଇଁ ଦେବତା ବା ଗୁରୁଜନ ନାୟକଙ୍କୁ ପ୍ରାର୍ଥନା କରିଥାନ୍ତି । ସେହି ବାକ୍ୟକୁ କାବ୍ୟ ସଂହାର (ସଂହାର-ସମାପ୍ତି) କୁହାଯାଏ । ଅଭିଜ୍ଞାନ ଶାକୁନ୍ତଳଂ ଶେଷରେ ବସ, କିଂତେ ଭୂୟଃ ପ୍ରିୟ ମୁପହରାମି ?

Digitized by srujanika@gmail.com

ବିଷ୍କମ୍ଭକଃ-ମଧ୍ୟମପୁରୁଷନିଯୋଜ୍ୟୋ ନାଟକମୁଖସନ୍ଧି ବସ୍ତୁକସଂଚାରଃ ।
ବିଷ୍କମ୍ଭକସ୍ତୁ କାର୍ଯ୍ୟଃ, ପୁରୋହିତାମାତ୍ୟ କଞ୍ଚୁକିଭିଃ ॥ ୧୦୭ ॥
ଶୁଦ୍ଧଃ ସଙ୍କୀର୍ଣ୍ଣୋ ବା ଦ୍ୱିବିଧୋ ବିଷ୍କମ୍ଭକସ୍ତୁ ବିଜ୍ଞେୟଃ ॥
ମଧ୍ୟମପାତ୍ରୈଃ ଶୁଦ୍ଧଃ ସଂକୀର୍ଣ୍ଣୋ ନୀଚମଧ୍ୟମୈଃ କୃତଃ ॥ ୧୦୮ ॥
ଚୂଳିକା-ଅନ୍ତର୍ଯବନିକାସଂସ୍ଥୈଃ ଉତ୍ତମାଧମ ମଧ୍ୟମୈଃ ।
ଅର୍ଥୋପକ୍ଷେପଣଂ ଯତ୍ର କ୍ରିୟତେ ସାହି ଚୂଳିକା ॥ ୧୦୯ ॥
ପ୍ରବେଶକଃ-ଅଙ୍କାନ୍ତରାଧିକାରୀ ସଂକ୍ଷେପାର୍ଥ ମଧିକୃତ୍ୟ ସନ୍ଧୀନାମ୍ ।
ପ୍ରକରଣ ନାଟକ ବିଷୟେ ପ୍ରବେଶକୋ ନାମ ବିଜ୍ଞେୟଃ ॥ ୧୧୦ ॥
ଅଙ୍କାବତାରଃ-ଅଙ୍କାନ୍ତରେଦ୍ୱଥବାଙ୍କେ ନିପତତି ଯସ୍ମାଦ୍ ପ୍ରୟୋଗ ମାସାଦ୍ୟ ।
ବୀଜାର୍ଥ ଯୁକ୍ତିଯୁକ୍ତୋ ବିଜ୍ଞେୟୋଦ୍ୱଙ୍କାବତାରୋଦ୍ୱସୌ ॥ ୧୧୧ ॥
ଅଙ୍କମୁଖମ୍-ବିଶ୍ଳିଷ୍ଟ ମୁଖମଙ୍କସ୍ୟ ସ୍ତ୍ରିୟା ବା ପୁରୁଷେଣ ବା ।
ଯତ୍ର ସଂକ୍ଷିପ୍ୟତେ ପୂର୍ବଂ ତଦଙ୍କମୁଖ ମିଷ୍ୟତେ ॥ ୧୧୨ ॥
ନାଟକମ୍-ବୃତ୍ତି ବୃତ୍ତ୍ୟଙ୍ଗ ସମ୍ପନ୍ନଂ ପଦାର୍ଥ ପ୍ରକୃତିକ୍ଷମମ୍ ।
ପଞ୍ଚାବସ୍ଥା ସମୁପ୍ପନ୍ନଂ ପଞ୍ଚଭିଃ ସନ୍ଧିଭିର୍ଯୁତମ୍ ॥ ୧୧୩ ॥

ଏହା ପରେ ଦେଶ ଓ ରାଜାଙ୍କ ପ୍ରଶସ୍ତି ବା ଆଶୀର୍ବାଦ ବାକ୍ୟ ପ୍ରବର୍ତ୍ତତାଂ ପ୍ରକୃତି ହିତାୟ ପାର୍ଥିବଃ ସରସ୍ୱତୀ ଶ୍ରୁତିମହତୀ ନ ହୀୟତାମ୍ ।କୁ ପ୍ରଶସ୍ତି କୁହାଯାଏ ॥ ୧୦୩ ॥ ରସ ଓ ଭାବକୁ ଜଗି ଜଗି କାବ୍ୟରଚନାଦକ୍ଷ କବିଗଣ ଯେଉଁ ସନ୍ଧିରେ ଯେଉଁ ସନ୍ଧ୍ୟଙ୍ଗ କୁହାଗଲା ତାହା ରଚନା କରିବେ ॥ ୧୦୪ ॥ ସମୟ, କାର୍ଯ୍ୟ ଏବଂ ଅବସ୍ଥାକୁ ଲକ୍ଷ୍ୟକରି ସମସ୍ତ ଅଙ୍ଗ ବା ଦୁଇ ତିନିଟି ଅଙ୍ଗର ସନ୍ଧିରେ ଯଥାସ୍ଥଳରେ ପ୍ରୟୋଗ କରିବେ ॥ ୧୦୫ ॥ ବିଷ୍କମ୍ଭକ, ଚୂଳିକା, ପ୍ରବେଶକ, ଅଙ୍କାବତାର, ଅଙ୍କମୁଖ, ଏହି ପାଞ୍ଚଟି ଅର୍ଥୋପକ୍ଷେପକ ଅଟେ ॥ ୧୦୬ ॥ ବିଷ୍କମ୍ଭକରେ ମଧ୍ୟମ ପୁରୁଷ ନିଯୁକ୍ତ ହେବେ । ନାଟକର ମୁଖ ସନ୍ଧିରେ ଏହାର ବ୍ୟବହାର ପୁରୋହିତ, ମନ୍ତ୍ରୀ ଓ କଞ୍ଚୁକୀ ଦ୍ୱାରା କରାଯିବ ॥ ୧୦୭ ॥ ଶୁଦ୍ଧ ଓ ସଂକୀର୍ଣ୍ଣ ରୂପେ ବିଷ୍କମ୍ଭକ ଦୁଇ ପ୍ରକାରକ । ମଧ୍ୟମ ପାତ୍ରମାନଙ୍କ ଦ୍ୱାରା ଶୁଦ୍ଧ, ନୀଚ ଓ ମଧ୍ୟମ ପାତ୍ରମାନଙ୍କଦ୍ୱାରା ସଂକୀର୍ଣ୍ଣ କରାଯିବା ବିଧେୟ ॥ ୧୦୮ ॥ ଯବନିକା ପଛପଟେ ଉତ୍ତମ ଓ ମଧ୍ୟମ ପାତ୍ରମାନଙ୍କଦ୍ୱାରା ବିଷୟ ସୂଚିତ କରାଯିବା ନାମ ଚୂଳିକା ॥ ୧୦୯ ॥ ପ୍ରକରଣ ଓ ନାଟକର ସନ୍ଧିମାନଙ୍କର ସଂକ୍ଷିପ୍ତ ଅର୍ଥକୁ ଅବଲମ୍ବନ କରି ଦୁଇଅଙ୍କ ମଧ୍ୟ ଭାଗରେ ପ୍ରବେଶକ ହୋଇଥାଏ ॥ ୧୧୦ ॥ ପ୍ରୟୋଗ ଅନୁଯାୟୀ କେବେ ଦୁଇ ଅଙ୍କର ମଧ୍ୟସ୍ଥଳରେ କେବେ ବା ଅଙ୍କ ଭିତରେ ବୀଜ ଅର୍ଥର ଯୁକ୍ତି ଯୁକ୍ତତାକୁ ଉପସ୍ଥାପିତ କରିବାକୁ ଯାଇ ଏହାର ପ୍ରୟୋଗ କରାଯାଏ । ତେଣୁ ଏହାର ନାମ ଅଙ୍କାବତାର ॥ ୧୧୧ ॥

Digitized by srujanika@gmail.com

ସନ୍ଧ୍ୟନ୍ତରୈକବିଂଶତ୍ୟା ଚତୁଃଷଷ୍ଠ୍ୟଙ୍ଗସଂଯୁତମ୍ ।
ଷଟ୍ ତ୍ରିଂଶଲ୍ଲକ୍ଷଣୋପେତଂ ଗୁଣାଲଙ୍କାରଭୂଷିତମ୍ ।। ୧୧୪ ।।
ମହାରସଂ ମହାଭୋଗ ମୁଦାତ୍ତ ବଚନାନ୍ୱିତମ୍ ।
ମହାପୁରୁଷ ସଞ୍ଚାରଂ ସାଧ୍ୱାଚାରଜନପ୍ରିୟମ୍ ।। ୧୧୫ ।।
ସୁଶ୍ଲିଷ୍ଟ ସନ୍ଧିଯୋଗଂ ଚ ସୁପ୍ରୟୋଗଂ ସୁଖାଶ୍ରୟମ୍ ।
ମୃଦୁ ଶବ୍ଦାଭିଧାନଂ ଚ କବିଃ କୁର୍ଯ୍ୟାଦ୍ ତୁ ନାଟକମ୍ ।। ୧୧୬ ।।
ଅବସ୍ଥା ଯା ତୁ ଲୋକସ୍ୟ ସୁଖ ଦୁଃଖସମୁଦ୍ଭବା ।
ନାନା ପୁରୁଷ ସଂଚାରା ନାଟକେ ସମ୍ଭବେଦିହ ।। ୧୧୭ ।।
ନତଜ୍ ଜ୍ଞାନଂ ନତଚ୍ଛିଳ୍ପଂ ନ ସା ବିଦ୍ୟା ନ ସା କଳା ।
ନତତ୍ କର୍ମ ନ ଯୋଗୋଽସୌ ନାଟକେ ଯନ୍ନ ଦୃଶ୍ୟତେ ।। ୧୧୮ ।।
ଯୋ ଯଃ ସ୍ୱଭାବୋ ଲୋକସ୍ୟ ନାନାବସ୍ଥାନ୍ତରାତ୍ମକଃ
ସୋଽଙ୍ଗାଭିନୟସଂଯୁକ୍ତୋ ନାଟ୍ୟମିତ୍ୟ ଭିଧୀୟତେ ।। ୧୧୯ ।।
ଦେବତାନା ମୃଷୀଣାଂ ଚ ରାଜ୍ଞାଂ ଲୋକସ୍ୟ ଚୈବ ହ ।
ପୂର୍ବ ବୃତ୍ତାନୁଚରିତଂ ନାଟକଂ ନାମ ତଦ୍ ଭବେତ୍ ।। ୧୨୦ ।।

ହଠାତ୍ ଆରମ୍ଭ ହେଉଥିବା ଅଙ୍କର ପ୍ରଥମରେ ସ୍ତ୍ରୀ ବା ପୁରୁଷପାତ୍ର ଦ୍ୱାରା ଦିଆଯାଉଥିବା ଅଙ୍କର ସଂକ୍ଷେପକୁ ଅଙ୍କମୁଖ କୁହାଯାଏ ।। ୧୧୨ ।। ନାଟକ ଓ ନାଟକ ରଚନାର ବିଧି ବିଷୟରେ କୁହାଯାଉଛି-ବୃତ୍ତି ଓ ବୃତ୍ୟଙ୍ଗ ଯୁକ୍ତ, ଅର୍ଥ ପ୍ରକୃତି ସମ୍ପନ୍ନ (ପ୍ରଣିଧେୟ ଅର୍ଥର ଗୁରୁତ୍ୱଥିବ) ଅବସ୍ଥାପଞ୍ଚକ ଓ ସନ୍ଧିପଞ୍ଚକ ଯୁକ୍ତ ହୋଇଥିବ । ଏକେଇଶଟି ସନ୍ଧ୍ୟନ୍ତର ଏବଂ ଚଉଷଠିଟି ସନ୍ଧ୍ୟଙ୍ଗ ଓ ଛତିଶ ଲକ୍ଷଣ ଯୁକ୍ତ ହୋଇଥିବ । ଗୁଣ ଏବଂ ଅଳଙ୍କାର ମଣ୍ଡିତ ହୋଇଥିବ । ଅଙ୍ଗିରସ ଏବଂ ମଝିରେ ମଝିରେ ଅଙ୍ଗରସ ଦ୍ୱାରା ପରିପୁଷ୍ଟ ହେବ । ବିଭିନ୍ନ ଭୋଗ ସୌଭାଗ୍ୟ ଭରି ରହିବ । ଉଦାରତା ପୂର୍ଣ୍ଣ ବାକ୍ୟରାଶି ରହିବ । ମହାପୁରୁଷ (ଆଦର୍ଶ) ବ୍ୟବହାର କରାଯିବ । ଲୋକପ୍ରିୟ ସୁବ୍ୟବହାର ବର୍ଣ୍ଣନା ମଧ୍ୟ ରହିବ । ଯଥା-ସ୍ଥାନରେ ସନ୍ଧିଯୁକ୍ତ ହେବ । ପ୍ରୟୋଗଗୁଡ଼ିକ ହୃଦୟଗ୍ରାହୀ ହେଉଥିବ । ଭାଷା କୋମଳ ମଧ୍ୟ ହେବା ଉଚିତ । ଏହିପରି କବି ନାଟକ ରଚନା କରିବେ ।। ୧୧୩-୧୧୬ ।। ସଂସାରରେ ସୁଖ ଦୁଃଖଜନିତ ଅବସ୍ଥା ଯେପରି ହୁଏ, ବହୁ ବ୍ୟକ୍ତି ସମନ୍ୱିତ ଏହି ନାଟକରେ ମଧ୍ୟ ସେହିପରି ହେବ । ବିଶ୍ୱରେ ଏପରି ଜ୍ଞାନ ଏପରି ଶିଳ୍ପ, କଳା ବା କର୍ମ ବା ଯୋଗ ନାହିଁ ଯାହା କି ନାଟକର ଦୃଶ୍ୟରେ ଦେଖା ନଯିବ ।। ୧୧୭-୧୧୮ ।।

Digitized by srujanika@gmail.com

ଯସ୍ମାତ୍ ସ୍ୱଭାବଂ ସଂହୃତ୍ୟ ସାଙ୍ଗୋପାଙ୍ଗଗତିକ୍ରମୈଃ
ଅଭିନୀୟତେ ଗମ୍ୟତେ ତସ୍ମାତ୍ ବୈ ନାଟକଂ ସ୍ମୃତମ୍ ॥ ୧୨୧ ॥
ସର୍ବଭାବୈଃ ସର୍ବରସୈଃ ସର୍ବକର୍ମ ପ୍ରବୃତ୍ତିଭିଃ ।
ନାନାବସ୍ଥାନ୍ତରୋପେତଂ ନାଟକଂ ସଂବିଧୀୟତେ ॥ ୧୨୨ ॥
ଯାନ୍ୟେକ ଶିଳ୍ପଜାତାନି ହ୍ୟେକ କର୍ମକୃତାନି ଚ ।
ତାନ୍ୟଶେଷାଣି ହି ରୂପାଣି କର୍ତ୍ତବ୍ୟାନି ପ୍ରୟୋକ୍ତୃଭିଃ ॥ ୧୨୩ ॥
ଲୋକ ସ୍ୱଭାବଂ ସଂପ୍ରେକ୍ଷ୍ୟ ନରାଣାଂ ଚ ବଳାବଳମ୍ ।
ସଂଭୋଗଂ ଚୈବ ଯୁକ୍ତିଂ ଚ ତତଃ କାର୍ଯ୍ୟଂତୁ ନାଟକମ୍ ॥ ୧୨୪ ॥
ଭବିଷ୍ୟତି ଯୁଗେ ପ୍ରାୟୋ ଭବିଷ୍ୟନ୍ତ୍ୟବୁଧା ନରାଃ ।
ଯେ ଚାପି ହି ଭବିଷ୍ୟନ୍ତି ତେଲ୍ପତ୍ୟଳ୍ପ ଶ୍ରୁତବୁଦ୍ଧୟଃ ॥ ୧୨୫ ॥
ବୁଦ୍ଧୟଃ କର୍ମ ଶିଳ୍ପାନି ବୈଚକ୍ଷଣ୍ୟଂ କଳାସୁ ଚ ।
ସର୍ବାଣି ପୁଂସାଂ ନଶ୍ୟନ୍ତି ଯଦା ଲୋକଃ ପ୍ରଣଶ୍ୟତି ॥ ୧୨୬ ॥

ସଂସାରରେ ଲୋକ ବିଭିନ୍ନ ଅବସ୍ଥାରେ ପଡ଼ି ଯେଉଁ ଯେଉଁ ସ୍ୱଭାବ ପ୍ରକାଶ କରିଥାଏ, ନାଟକରେ ଅଙ୍ଗାଭିନୟରେ ପାତ୍ର ତାହା ପ୍ରକାଶ କରିବାକୁ ନାଟ୍ୟବୋଲି କୁହାଯାଏ ॥ ୧୧୯ ॥ ଦେବତା, ଋଷି, ରାଜା ଓ ସାଧାରଣ ଜନତାର ପୂର୍ବ ବୃତ୍ତ ଓ ଚରିତକୁ ନିଖୁଣ ଅନୁକରଣ କଲେ ହିଁ ତାହାକୁ ନାଟକ ବୋଲି କୁହାଯିବ ॥ ୧୨୦ ॥ ଯେଣୁ ସ୍ୱଭାବମାନ ସଂଗ୍ରହକରି ପ୍ରତିଚରିତ୍ରର ସାଙ୍ଗୋପାଙ୍ଗ ଗତି କ୍ରମକୁ ନିଜ ମନ ଓ ବଚନ ଏବଂ ଅଙ୍ଗରେ ଅଭିନୟ କରି ସଭାସଦଙ୍କ ଅନ୍ତରରେ ସେହିପାତ୍ରର ସ୍ଥାନ (ସତରେ ସୀତା ବା ଶୈବ୍ୟାଙ୍କ ସାଦୃଶ୍ୟ) ଗ୍ରହଣ କରାଯାଏ, ତେଣୁ ଏହାକୁ ନାଟକ କୁହାଯାଇଥାଏ ॥ ୧୨୧ ॥ ସମସ୍ତଭାବ, ସମସ୍ତ ରସ, କର୍ମ ଏବଂ ସମସ୍ତ ପ୍ରବୃତ୍ତିଦ୍ୱାରା ସୁଖଦୁଃଖ ଉଦ୍‌ବେଗ ଓ ଶୋକାକୁଳତା ଇତ୍ୟାଦି ପ୍ରକାଶ କରାଯାଇ ଅନୁଭୂତିକୁ ନିଆଯାଇଥାଏ ବୋଲି ଏହା ନାଟକ ॥ ୧୨୨ ॥ ଯେତେ ଶିଳ୍ପ ଚାତୁରି ବ୍ୟକ୍ତିଗତ ଶାରୀରିକ ମାନସିକ ସ୍ତରରେ ବାସ୍ତବ ଅଭିନୟ ପାଇଁ ଯେତେ ଚେଷ୍ଟା ସମ୍ଭବପର, ପ୍ରୟୋଗ କର୍ତ୍ତାମାନେ ସେ ସମସ୍ତ କରିବାକୁ ଯତ୍ନ କରିବେ ॥ ୧୨୩ ॥ ଲୋକର (ଯେଉଁ ଚରିତ୍ରକୁ ନେଇ ଅଭିନୟ କରୁଛ) ଚରିତ୍ର ଓ ସ୍ୱଭାବକୁ ଅନୁଧ୍ୟାନକରି ଅର୍ଥାତ୍ ନିଜ ପ୍ରାଣରେ ମିଶାଇ, ଶ୍ରୋତାମାନଙ୍କର ଯୋଗ୍ୟତାକୁ ଚାହିଁ, ସେ ସମୟର ଗ୍ରାହିକା ଶକ୍ତି ଏବଂ ଯୁକ୍ତିକୁ ବିଚାରକରି (ଯୁକ୍ତି-ସାମାଜିକ ନିୟମ ଶୃଙ୍ଖଳା) ନାଟକ କରାଯିବା ଉଚିତ ॥ ୧୨୪ ॥ ଆଗାମୀ ଯୁଗରେ ବୋଧହୁଏ ଅଧିକ ଅବୁଝା ଲୋକ ଜନ୍ମନେବେ । ଯେଉଁ କେତେଜଣ ଟିକିଏ ବୁଝିଲାବାଲା ଜନ୍ମହେବେ ସେମାନଙ୍କର କିନ୍ତୁ ପାଠ ଓ ବୁଦ୍ଧି (ମୁନିଋଷିଙ୍କ ତୁଳନାରେ) ଖୁବ କମ ହେବ ॥୧୨୫॥

Digitized by srujanika@gmail.com

ତଦେବଂ ଲୋକଭାବାନାଂ ପ୍ରସମୀକ୍ଷ୍ୟ ବଳାବଳମ୍ ।
ମୃଦୁଶବ୍ଦଂ ସୁଖାର୍ଥଂ ଚ କବିଃ କୁର୍ଯ୍ୟାଦ୍ ତୁ ନାଟକମ୍ ॥ ୧୨୭ ॥
ଚେକ୍ରୀଡିତାଦ୍ୟୈଃ ଶବ୍ଦୈସ୍ତୁ କାବ୍ୟବନ୍ଧା ଭବନ୍ତି ଯେ ।
ବେଶ୍ୟାଇବ ନ ଶୋଭନ୍ତେ କମଣ୍ଡଳୁଧରୈ ର୍ଦ୍ୱିଜୈଃ ॥ ୧୨୮ ॥
ଇତି ବୃତ୍ତଂ ସସନ୍ଧ୍ୟଙ୍ଗଂ ମୟା ପ୍ରୋକ୍ତଂ ଦ୍ୱିଜୋତ୍ତମାଃ ।
ଅତ ଉର୍ଦ୍ଧ୍ୱଂ ପ୍ରବକ୍ଷ୍ୟାମି ବୃତ୍ତୀନା ମିହ ଲକ୍ଷଣମ୍ ॥ ୧୨୯ ॥

ଇତି ଭରତ ନାଟ୍ୟଶାସ୍ତ୍ରେ ସନ୍ଧ୍ୟଙ୍ଗ ବିକଳ୍ପୋ ନାମ
ଏକ ବିଂଶଃ ଅଧ୍ୟାୟଃ ॥

ଯେତେବେଳେ ଲୋକ ନିଜେ ଚରିତ୍ର ଓ ସାଧନା ଅଧ୍ୟବସାୟ କ୍ଷେତ୍ରରେ ସାନ ହୋଇଯିବ, ସେତେବେଳେ ତାର ବା ଜାତିର ବୁଦ୍ଧି, କର୍ମ, ଶିଳ୍ପ ଓ କଳା ଚାତୁରୀ ସବୁ କିଛି ନଷ୍ଟ ହୋଇଯିବ ॥ ୧୨୬ ॥ ତେଣୁ ଏହିପରି ଲୋକ ଚରିତ୍ରକୁ ଏବଂ ବଳ ଓ ଅବଳକୁ ମଧ୍ୟ ଅନୁଧ୍ୟାନ କରି ମଧୁର କୋମଳ ପଦ ବିନ୍ୟାସ ସହିତ କବି ନାଟକ ରଚନା କରିବେ ଯାହାକି ଜନମାନସକୁ ଆନନ୍ଦ ସହିତ ସମାଜର ସୁଖ ପାଇଁ କାରଣ ହେବ । ସମାଜ ହିତକୁ ସବୁବେଳେ ଆଖି ଆଗରେ ରଖି ନାଟକ ଲେଖିବ । (ସୁଖାର୍ଥମ୍) ॥ ୧୨୭ ॥ ବେଶ୍ୟାମାଳା ପକାଇ କମଣ୍ଡଳୁ ଧରି ଯାଉଥିବା ବ୍ରାହ୍ମଣ ସହିତ ବାଟରେ ଗଲେ ଯେପରି ଶୋଭାପାଏ ନାହିଁ, ସେହିପରି 'ଚେକ୍ରୀଡ଼ିତ' ପ୍ରଭୃତି କଠିନ ଶବ୍ଦ ବ୍ୟବହାର କରି ଯେଉଁ ନାଟକ କରାଯିବ ସେଗୁଡ଼ିକ କେବଳ ହାସ୍ୟାସ୍ପଦ ହେବ ॥ ହେ ବିପ୍ରଗଣ, ସନ୍ଧ୍ୟଙ୍ଗ ସହିତ ବୃତ୍ତ ବିଷୟ ଏହି ସମସ୍ତ ମୁଁ କହିଲି । ଏହାପରେ ପର ଅଧ୍ୟାୟରେ ବୃତ୍ତିମାନଙ୍କର ଲକ୍ଷଣ କହିବି ॥ ୧୨୯ ॥

ଭରତ ମୁନିପ୍ରଣୀତ ନାଟ୍ୟ ଶାସ୍ତ୍ରରେ ସନ୍ଧ୍ୟଙ୍ଗ ବିକଳ୍ପ ନାମକ
ଏକବିଂଶ ଅଧ୍ୟାୟ ସମାପ୍ତ ॥

❑❑❑

Digitized by srujanika@gmail.com

ଦ୍ୱାବିଂଶଃ ଅଧ୍ୟାୟଃ ।

ବୃତ୍ତି ବିକଳ୍ପ

ବୃତ୍ତି ଉତ୍ପତ୍ତିଃ-ସମୁତ୍‌ଥାନଂ ତୁ ବୃତ୍ତୀନାଂ ବ୍ୟାଖ୍ୟାସ୍ୟାମ୍ୟନୁପୂର୍ବଶଃ ।
ଯଥା ବସ୍ତୂଦ୍‌ଭବଂ ଚୈବ କାବ୍ୟାନାଂ ଚ ବିକଳ୍ପନମ୍ ।। ୧ ।।
ଏକାର୍ଣ୍ଣବଂ ଜଗଦ୍ କୃତ୍ୱା ଭଗବାନଚ୍ୟୁତୋ ଯଦା ।
ଶେତେ ସ୍ମ ନାଗପର୍ଯଙ୍କେ ଲୋକାନ୍ ସଂକ୍ଷିପ୍ୟ ମାୟୟା ।। ୨ ।।
ଅଥ ବୀର୍ଯମଦୋନ୍ମତ୍ତାବସୁରୌ ମଧୁକୈଟଭୌ ।
ତର୍ଜୟାମାସତୁର୍ଦେବଂ ତରସା ଯୁଦ୍ଧକାଂକ୍ଷିଣୌ ।। ୩ ।।
ବାହୂ ବିମର୍ଦମାନୌ ତାବକ୍ଷୟଂ ଭୂତଭାବନମ୍ ।
ମୁଷ୍ଟିଭି ର୍ଜାନୁଭିଶ୍ଚୈବ ଯୋଧୟାମାସତୁଃ ପ୍ରଭୁମ୍ ।। ୪ ।।
ଅଭିଦ୍ରବନ୍ତାବନ୍ୟୋଽନ୍ୟଂ ବାକ୍ୟୈଶ୍ଚ ପରୁଷୈସ୍ତଥା
ନାନାଧିକ୍ଷେପ ବଚନୈଃ କମ୍ପୟନ୍ତା ବିବୋଦଧିମ୍ ।। ୫ ।।
ଭାରତୀ ବୃତ୍ତି-ଉଦ୍‌ଭବଃ-ତୟୋର୍ନୈକ ପ୍ରକାରାଣି ଶ୍ରୁତ୍ୱାବାକ୍ୟାନି ଗର୍ଜତୋଃ
କିଞ୍ଚିଦାକମ୍ପିତମନା ଦ୍ରୁହିଣୋ ବାକ୍ୟମବ୍ରବୀତ୍ ।। ୬ ।।
କିମିଦଂ ଭାରତୀ ବୃତ୍ତି ର୍ବାଗ୍‌ଭିରେବ ପ୍ରବର୍ତ୍ତତେ ।
ଉତ୍ତରୋତ୍ତରସଂବୃଦ୍ଧା ନନ୍ୱିମୌ ନିଧନଂ ନୟ ।। ୭ ।।

ବୃତ୍ତିମାନଙ୍କର ଜନ୍ମ ଇତିବୃତ୍ତ କ୍ରମ ଅନୁଯାୟୀ ବ୍ୟାଖ୍ୟା କରିବି । କାବ୍ୟମାନଙ୍କର ବସ୍ତୁଗତ ବିଷୟ ଭେଦ ମଧ୍ୟ କ୍ରମ ଅନୁସାରେ ବ୍ୟାଖ୍ୟା କରାଯିବ ।।୧।। ପ୍ରଳୟକାଳରେ ଯେତେବେଳେ ଭଗବାନ୍ ଅଚ୍ୟୁତ ସସାଗରା ଧରାକୁ ଏକାର୍ଣ୍ଣବରେ ପରିଣତକରି ସମସ୍ତ ପ୍ରାଣିଜଗତକୁ ମାୟାବଳରେ ସଂକ୍ଷିପ୍ତ କରି (ନିଜ ଜଠରରେ ଧାରଣକରି) ଶେଷ ଶୟନରେ ଶୋଇଥିଲେ, ସେହି ସମୟରେ ନିଜ ବାହୁବଳରେ ଗର୍ବିତ ମଧୁ କୈଟଭ ନାମକ ଅସୁରଦ୍ୱୟ ହଠାତ୍ ଜୋରକରି ଯୁଦ୍ଧ ସକାସେ ଭଗବାନ୍ ଅଚ୍ୟୁତଙ୍କୁ ବିରକ୍ତ କରାଇଲେ ।।୨,୩ ।। ସେମାନେ ବାହାସ୍ଫୋଟ ମାରି ବିଧା ଏବଂ ଆଣ୍ଠୁଆମାରି ବିଶ୍ୱକଲ୍ୟାଣ ଭଗବାନଙ୍କ ସହିତ ଯୁଦ୍ଧ ଆରମ୍ଭ କଲେ ।।୪।। ସେ ଦୁହେଁ ଅତି ଖରାପ ଭାଷାରେ ଗାଳିଗୁଳବ କରୁଥିଲେ । ନିନ୍ଦାସୂଚକ ବାକ୍ୟମାନ ବ୍ୟବହାର କରୁଥିଲେ । ସେମାନଙ୍କ ଉତ୍ପାତରେ ସତେ ଅବା ସମୁଦ୍ର ଉଚ୍ଛୁଳି ପଡୁଥିଲା ।।୫।। **ଭାରତୀ ବୃତ୍ତିର ଜନ୍ମ**-ଗର୍ଜନ କରୁଥିବା ସେହି ଦୁହିଁଙ୍କର ଅନେକ ପ୍ରକାର କଥା ଶୁଣି ଶୁଣି ମନରେ ଆଘାତ ପାଇ ବ୍ରହ୍ମା କହିଲେ ।।୬।। କ'ଣ ଇଏ ? ବାକ୍ୟରେ କ'ଣ ଭାରତୀ ବୃତ୍ତିର ଉଦ୍‌ଭବ ହେଉଅଛି ! ଏହି ବୃତ୍ତି ଉତ୍ତରୋତ୍ତର ଭାବେ ବଢୁଛି । ଏ ଦୁହିଁଙ୍କୁ ମୃତ୍ୟୁ ମୁଖକୁ ନିଅ ।।୭।।

Digitized by srujanika@gmail.com

ପିତାମହ ବଚଃ ଶ୍ରୁତ୍ୱା ପ୍ରୋବାଚ ମଧୁସୂଦନଃ ।
ବାଢ଼ଂ କାର୍ଯ୍ୟ କ୍ରିୟା ହେତୋ ର୍ଭାରତୀୟଂ ବିନିର୍ମିତା ।। ୮ ।।
ଭାଷତୋ ବାକ୍ୟ ଭୂୟିଷ୍ଠା ଭାରତୀୟଂ ଭବିଷ୍ୟତି ।
ଅହମେତୌ ନିହନ୍ମ୍ୟଦ୍ୟ ଇତ୍ୟୁକ୍ତ୍ୱା ବଚନଂ ହରିଃ ।। ୯ ।।
ଶୁଦ୍ଧୈ ରବିକୃତୈ ରଙ୍ଗୈଃ ସାଙ୍ଗହାରୈ ସ୍ତଦା ଭୃଶମ୍ ।
ଯୋଧୟାମାସ ତୌ ଦୈତ୍ୟୌ ଯୁଦ୍ଧମାର୍ଗ ବିଶାରଦୌ ।। ୧୦ ।।
ଭୂମି ସଂସ୍ଥାନ ସଂଯୋଗୈଃ ପଦନ୍ୟାସୈସ୍ତଦା ହରେଃ ।
ଅତି ଭାରୋଦ୍ଧଭବଦ୍ ଭୂମେ ର୍ଭାରତୀ ତତ୍ର ନିର୍ମିତା ।। ୧୧ ।।

ସ୍ୱାତ୍ୱତୀ-ଉଦ୍‌ଭବଃ- ବଲ୍ଗିତୈଃ ଶାର୍ଙ୍ଗଧନୁଷଃ ତୀବ୍ରୈର୍ଦୀପ୍ତିକରୈ ରଥ ।
ସତ୍ତ୍ୱାଧିକୈ ରସଂଭ୍ରାନ୍ତୈଃ ସାତ୍ତ୍ୱତୀ ତତ୍ର ନିର୍ମିତା ।। ୧୨ ।।

କୈଶିକୀ-ଉଦ୍‌ଭବଃ- ବିଚିତ୍ରୈ ରଙ୍ଗହାରୈସ୍ତୁ ଦେବୋ ଲୀଳା ସମୁଦ୍‌ଭବୈଃ ।
ବବନ୍ଧ ଯତ୍ ଶିଖାପାଶଂ କୈଶିକୀ ତତ୍ର ନିର୍ମିତା ।। ୧୩ ।।

ଆରଭଟୀ-ଉଦ୍‌ଭବଃ- ସଂରମ୍ଭାବେଗ ବହୁଳୈ ର୍ନାନାଚାରୀ ସମୁତ୍‌ଥିତୈଃ ।
ନିଯୁଦ୍ଧ କରଣୈଶ୍ଚିତ୍ରୈ ନିର୍ମିତାଦ୍ଧରଭଟୀ ତତଃ ।। ୧୪ ।।
ଯାଂ ଯାଂ ଦେବଃ ସମାଚଷ୍ଟେ କ୍ରିୟାଂ ବୃତ୍ତିସମୁତ୍‌ଥିତାମ୍ ।
ତାଂ ତଦର୍ଥାନୁଗୈ ର୍ବାକ୍ୟୈଃ ଦ୍ରୁହିଣଃ ପ୍ରତ୍ୟପୂଜୟତ୍ ।। ୧୫ ।।

ବ୍ରହ୍ମାଙ୍କ କଥାଶୁଣି ଭଗବାନ୍ ମଧୁସୂଦନ କହିଲେ-ହଁ, ସତକଥା, କର୍ତ୍ତବ୍ୟ କ୍ରିୟାର ସିଦ୍ଧି ପାଇଁ ଏହି ଭାରତୀବୃତ୍ତି ନିର୍ମିତ ହେଲା ।। ୮ ।। ଗର୍ଜନକରି କହୁଥିବା ଏହି ଦୁହିଁଙ୍କର ଉତ୍ତରୋତ୍ତର ବାକ୍ୟ ବହୁଳ ଏହିବୃତ୍ତି ଭାରତୀବୃତ୍ତି ବୋଲି ଖ୍ୟାତ ହେବ । ମୁଁ ଏହି ଦୁହିଁଙ୍କୁ ଆଜି ମାରିବି । ହରି ଏହି କଥା କହି ଯୁଦ୍ଧପ୍ରବୀଣ ସେହି ଦୈତ୍ୟଦୁହିଁଙ୍କ ସହିତ ଶୁଦ୍ଧ ଓ ଅବିକୃତ ଅଙ୍ଗଭଙ୍ଗୀ ଓ ଅଙ୍ଗହାର ଦ୍ୱାରା (ପରେ ଅଙ୍ଗହାର କୁହାଯିବ) ଯୁଦ୍ଧ ଆରମ୍ଭ କଲେ ।। ୯,୧୦ ।। ସେହି ସମୟରେ ହରିଙ୍କର ଭୂମିଗତ ପାଦଭାରରେ ଭୂମି ଭାରାକ୍ରାନ୍ତ ହୋଇଗଲା । ସେହି ସମୟରେ ସେହି ସ୍ଥଳରେ ଭାରତୀ (ବୃତ୍ତି) ସୃଷ୍ଟିହେଲା ।। ୧୧ ।। ସାତ୍ତ୍ୱତୀର ଜନ୍ମ - ସେହି ଯୁଦ୍ଧକ୍ଷେତ୍ରରେ ବିଷ୍ଣୁଙ୍କ ଶାର୍ଙ୍ଗ ଧନୁର ବଲ୍ଗିତର (ବୁଲାଇବା) ତୀବ୍ରତା ବିସ୍ଫୁରିତ ତେଜଃ ପୁଞ୍ଜର ଅତି ସମ୍ଭ୍ରାନ୍ତତା ଫଳରେ ସତ୍ତ୍ୱ (ମାନସିକ ଆଧ୍ୟାତ୍ମିକ ଶକ୍ତି) ଗୁଣର ଆଧିକ୍ୟଯୋଗୁଁ ସାତ୍ତ୍ୱତୀ ବୃତ୍ତିର ଉଦ୍‌ଭବ ହେଲା ।। ୧୨ ।। (ସତ୍ତ୍ୱ-ସତ୍ ଅସ୍ତ୍ୟର୍ଥେବତ୍- ସତ୍ୱତ୍ ତସ୍ୟଭାବଃ, ସାତ୍ତ୍ୱତମ୍, ବୃତ୍ତ୍ୟର୍ଥେ ସ୍ତ୍ରୀ-ସାତ୍ତ୍ୱତୀ) ।। ନିଜ ଲୀଳା ସମୁତ୍‌ଥିତ (ଅବଲୀଳାରେ) ବିଚିତ୍ର ଅଙ୍ଗବିକ୍ଷେପଦ୍ୱାରା ଭଗବାନ୍ (ବେଖାଡିର ଭାବରେ) ନିଜର ଯେଉଁ କେଶପାଶ ବନ୍ଧନ କଲେ ତହିଁରୁ କୈଶିକୀ ବୃତ୍ତିଜାତ ହେଲା ।।୧୩।। ଯୁଦ୍ଧର ଆବେଗମାନଙ୍କଦ୍ୱାରା ଓ ନାନା ଚାରୀ (ପରେ କୁହାଯିବ) ସମୁତ୍‌ଥିତ ଯୁଦ୍ଧର ବିଚିତ୍ର ଉପାୟ କରଣଗୁଡ଼ିକ ଦ୍ୱାରା ଆରଭଟୀ ବୃତ୍ତି ନିର୍ମିତ ହେଲା ।।୧୪।। ଭଗବାନ୍ ଏହି ଯୁଦ୍ଧ ମଧ୍ୟରେ ଶସ୍ତ୍ରାଘାତ, ସମ୍ମୋହନ, ମୂର୍ଚ୍ଛା ଉତ୍ପତନ ପ୍ରଭୃତି ଯେଉଁ ଯେଉଁ

Digitized by srujanika@gmail.com

ଯଦା ହତୌ ତାବସୁରୌ ହରିଣା ମଧୁକୈଟଭୌ ।
ଉକ୍ତବାଂସ୍ତୁ ତଦା ବ୍ରହ୍ମା ନାରାୟଣ ମରିନ୍ଦମମ୍ ॥ ୧୬ ॥
ନ୍ୟାୟୋପ୍ତ୍ତିଃ - ଆହୋ ବିଚିତ୍ରୈ ର୍ବିଶଦୈଃ ସ୍ଫୁଟୈଃ ସଲଳିତୈରପି ।
ଅଙ୍ଗହାରୈଃ କୃତଂ ଦେବ ତ୍ୱୟା ଦାନବ ନାଶନମ୍ ॥ ୧୭ ॥
ତସ୍ମାଦୟଂ ସର୍ବଲୋକେ ନିଯୁଦ୍ଧ ସମୟକ୍ରମଃ ।
ସର୍ବଶସ୍ତ୍ର ବିମୋକ୍ଷେଷୁ ନ୍ୟାୟସଂଜ୍ଞୋ ଭବିଷ୍ୟତି ॥ ୧୮ ॥
ନ୍ୟାୟାଶ୍ରିତୈ ରଙ୍ଗହାରୈ ନ୍ୟାୟାଚ୍ଚୈବ ସମୁଦ୍‌ଥିତୈଃ ।
ଯସ୍ମାଦ୍ ଯୁଦ୍ଧଂ କୃତଂ ହ୍ୟେତଦ୍ ତସ୍ମାନ୍ନ୍ୟାୟଃ ପ୍ରକୀର୍ତ୍ତିତଃ ॥ ୧୯ ॥
ତତୋ ଦେବେଷୁ ନିକ୍ଷିପ୍ତା ଦ୍ରୁହିଣେନ ମହାତ୍ମନା ।
ପୁନରିଷ୍ୱସ୍ତ୍ରଜାତେ ଚ ନାନାଚାରୀ ସମାକୁଳେ ॥ ୨୦ ॥
ପୁନର୍ନାଟ୍ୟ ପ୍ରୟୋଗେଷୁ ନାନାଭାବ ସମନ୍ୱିତାଃ
ବୃତ୍ତି ସଂଜ୍ଞାଃ କୃତା ହ୍ୟେତାଃ କାବ୍ୟବନ୍ଧ ସମାଶ୍ରୟାଃ ॥ ୨୧ ॥
ଚରିତୈର୍ଯସ୍ୟ ଦେବସ୍ୟ ଜପ୍ୟଂଯଦ୍ ଯାଦୃଶଂ କୃତମ୍ ।
ଋଷିଭିସ୍ତାଦୃଶୀ ବୃତ୍ତିଃକୃତା ପାଠ୍ୟାଦି ସଂଯୁତା ॥ ୨୨ ॥
ନାଟ୍ୟବେଦ ସମୁତ୍ପନ୍ନା ବାଗଙ୍ଗା ଭିନୟାତ୍ମିକା ।
ମୟା କାବ୍ୟକ୍ରିୟା ହେତୋଃ ପ୍ରକ୍ଷିପ୍ତା ଦ୍ରୁହିଣାଜ୍ଞୟା ॥ ୨୩ ॥

କ୍ରିୟାମାନ କରିଗଲେ ସେହି ସମସ୍ତକ୍ରିୟାକୁ ଭଗବାନ୍ ବ୍ରହ୍ମା ଭାରତୀ, ସାତ୍ୱତୀ, କୈଶିକୀ, ଆରଭଟୀ ବୃତ୍ତିରେ ହେଉଥିବା ଅନୁଭବ କରି ସେହି ସେହି ଅର୍ଥକୁ ଅନୁକରଣ (ବର୍ଣ୍ଣନା)କରି ନିଜ ବାକ୍ୟରେ ରଚନା କରିଥିଲେ ॥ ୧୫ ॥ ଯେତେବେଳେ ସେହି ମଧୁକୈଟଭ ଦୁର୍ହିକୁ ଭଗବାନ୍ ମାରିଦେଲେ ଶତ୍ରୁନିହନ୍ତା ବିଷ୍ଣୁଙ୍କୁ ବ୍ରହ୍ମା କହିଲେ ॥ ୧୬ ॥ ହେ ଦେବ, ଆପଣ, ସ୍ୱଚ୍ଛ ଓ ନିର୍ମଳ ତଥା କୋମଳ ଅଙ୍ଗହାରଦ୍ୱାରା ଏହି ଦାନବ ନାଶନ କର୍ମ କରିଅଛନ୍ତି ॥ ୧୭ ॥ ତେଣୁ ସମଗ୍ର (ନାଟ୍ୟ) ସଂସାରରେ ଯୁଦ୍ଧ ନୃତ୍ୟ କ୍ରମରେ ଏବଂ ଶସ୍ତ୍ର ପ୍ରୟୋଗାଭିନୟରେ ଏହା ନ୍ୟାୟ ନାମରେ ପରିଚିତ ହେବ ॥ ୧୮ ॥ କାରଣ, ଆପଣ ନ୍ୟାୟରୁ ସମୁଦ୍‌ଭୂତ ହୋଇଥିବା ନ୍ୟାୟାଶ୍ରିତ ଅଙ୍ଗହାର ଦ୍ୱାରା ଏହି ଯୁଦ୍ଧ କରିଅଛନ୍ତି । ଏଣୁ (ନାଟ୍ୟଶାସ୍ତ୍ରରେ) ଏହା ନ୍ୟାୟ ବୋଲି କୀର୍ତ୍ତିତ ହେବ ॥ ୧୯ ॥ ତାହା ପରେ ମହାତ୍ମା ପିତାମହ ବାଣ ପ୍ରକ୍ଷେପ ଓ ଅସ୍ତ୍ରପ୍ରୟୋଗ କ୍ଷେତ୍ରରେ ବିବିଧ 'ଚାରୀ' ସମନ୍ୱିତ ବିବିଧ ଭାବ ପରିମଣ୍ଡିତ କାବ୍ୟବନ୍ଧକୁ ଆଶ୍ରୟ କରିଥିବା ଏହି ବୃତ୍ତିମାନଙ୍କୁ ନାମକରଣ କରି ନାଟକରେ ପ୍ରୟୋଗ ଉଦ୍ଦେଶ୍ୟରେ ଦେବତାମାନଙ୍କୁ ଦେଲେ ॥ ୨୧ ॥ ଯେଉଁ ଦେବତାଙ୍କର ଯେଉଁ ଚରିତ୍ର ଏବଂ ଜପସ୍ତୋତ୍ର ଯେପରି ହେବା ଉଚିତ ସେହିପରି ଋଷିମାନେ କରି ବୃତ୍ତିକୁ ପାଠାଦିଯୁକ୍ତ କଲେ ॥୨୨॥ ଭଗବାନ୍ ବ୍ରହ୍ମାଙ୍କ ମୁଖରୁ ନିଃସୃତ ଏହି ନାଟ୍ୟବେଦର ବାକ୍ ଅଙ୍ଗ, ଅଭିନୟ ଆତ୍ମା, ମୁଁ ବ୍ରହ୍ମାଙ୍କ ଆଜ୍ଞାରେ କାବ୍ୟନାଟ୍ୟ ଉଦ୍ଦେଶ୍ୟରେ ଏହି ବୃତ୍ତିମାନଙ୍କୁ ପ୍ରୟୋଗ କରିଅଛି ॥ ୨୩ ॥

Digitized by srujanika@gmail.com

ଋଗ୍‌ବେଦାଦ୍ ଭାରତୀ ବୃତ୍ତିର୍ଯଜୁର୍ବେଦାତ୍ତୁ ସାତ୍ତ୍ୱତୀ ।
କୈଶିକୀ ସାମବେଦାଚ୍ଚ ଶେଷାଚାଥର୍ବଣାଦପି ।। ୨୪ ।।

ଭାରତୀ ଲକ୍ଷଣମ୍ ଭେଦାଶ୍ଚ -

ଯା ବାକ୍ ପ୍ରଧାନା ପୁରୁଷପ୍ରଯୋଜ୍ୟା, ସ୍ତ୍ରୀବର୍ଜିତା ସଂସ୍କୃତ ପାଠ୍ୟଯୁକ୍ତା ।
ସ୍ୱନାମଧେୟୈର୍ଭରତୈଃ ପ୍ରଯୁକ୍ତା, ସାଂଭାରତୀ ନାମ ଭବେତ୍ ତୁ ବୃତ୍ତିଃ ।।୨୫।।
ଭେଦାସ୍ତସ୍ୟାସ୍ତୁ ବିଜ୍ଞେୟା ଶ୍ଚତ୍ୱାରୋଙ୍ଗତ୍ୱମାଗତାଃ
ପ୍ରରୋଚନା ମୁଖଂ ଚୈବ ବୀଥୀ ପ୍ରହସନଂତଥା ।। ୨୬ ।।

ପ୍ରରୋଚନା-ଜୟାଭ୍ୟୁଦୟିନୀ ଚୈବ ମଙ୍ଗଲ୍ୟା ବିଜୟାବହା ।
ସର୍ବପାପ ପ୍ରଶମନୀ ପୂର୍ବରଙ୍ଗେ ପ୍ରରୋଚନା ।। ୨୭ ।।

ଆମୁଖଂ ପ୍ରସ୍ତାବନା ବା-ନଟୀ ବିଦୂଷକୋ ବାପି ପାରିପାର୍ଶ୍ୱିକ ଏବ ବା ।
ସୂତ୍ରଧାରେଣ ସହିତାଃ ସଂଲାପଂ ଯତ୍ର କୁର୍ବତେ ।। ୨୮ ।।
ଚିତ୍ରୈର୍ବାକ୍ୟୈଃ ସ୍ୱକାର୍ଯ୍ୟୋତ୍ଥୈଃ ବୀଥ୍ୟଙ୍ଗୈରନ୍ୟଥାପିବା
ଆମୁଖଂ ତତ୍ ତୁବିଜ୍ଞେୟଂ ନାମ୍ନା ପ୍ରସ୍ତାବନା ପିବା ।। ୨୯ ।।

ଆମୁଖାଙ୍ଗମ୍-ଲକ୍ଷଣଂ ପୂର୍ବମୁକ୍ତଂ ବୈ ବୀଥ୍ୟାଃ ପ୍ରହସନସ୍ୟ ଚ ।
ଆମୁଖାଙ୍ଗାନ୍ୟତୋ ବକ୍ଷ୍ୟେ ଯଥାବଦନୁ ପୂର୍ବଶଃ ।। ୩୦ ।।
ଉଦ୍‌ଘାତ୍ୟକଃ କଥୋଦ୍‌ଘାତଃ ପ୍ରୟୋଗାତିଶୟସ୍ତଥା ।
ପ୍ରବୃତ୍ତକାବଲଗିତେ ପଞ୍ଚାଙ୍ଗାନ୍ୟାମୁଖସ୍ୟତୁ ।। ୩୧ ।।

ଭାରତୀ ବୃତ୍ତି ଋଗ୍ ବେଦରୁ, ସାତ୍ତ୍ୱତୀ ଯଜୁର୍ବେଦରୁ, କୈଶିକୀ ସାମବେଦରୁ ଓ ଅଥର୍ବବେଦରୁ ଆରଭଟୀ ଜାତ ହୋଇଅଛି ।। ୨୪ ।। ଭାରତୀ ବୃତ୍ତିର ଲକ୍ଷଣ- ପୁରୁଷପାତ୍ର ପ୍ରଯୋଜ୍ୟ, ବାକ୍ୟ ପ୍ରଧାନ, ସ୍ତ୍ରୀ ପାତ୍ରବିହୀନ, ସଂସ୍କୃତ ପାଠ୍ୟଯୁକ୍ତ (ପ୍ରାକୃତ ରହିବ ନାହିଁ) ଭରତଙ୍କ ପ୍ରୟୋଗକୁ କରୁଥିବାରୁ ଭରତନାମରେ ପରିଚିତ ସେମାନଙ୍କ ଦ୍ୱାରା ପ୍ରୟୋଗ ହେଉଥିବା ବୃତ୍ତିକୁ ଭାରତୀ ବୋଲି କୁହାଯାଏ ।। ୨୫ ।। ଏହାର ଚାରିଟି ଭେଦ ଏହାର ଅଙ୍ଗ ବୋଲି ଜାଣିବ । ସେମାନ ହେଲେ ପ୍ରରୋଚନା, ମୁଖ, ବୀଥୀ, ପ୍ରହସନ ।। ୨୬ ।। ପୂର୍ବରଙ୍ଗରେ ପ୍ରରୋଚନା ଜୟ ଏବଂ ଅଭ୍ୟୁଦୟ ପ୍ରଦାୟିନୀ, ମଙ୍ଗଳମୟୀ, ବିଜୟସୂଚିକା ଓ ସମସ୍ତ ପାପ ନାଶିନୀ ହୋଇଥାଏ ।। ୨୭ ।। ଯେଉଁଠାରେ ନଟୀ, ବିଦୂଷକ ଅଥବା ପାରିପାର୍ଶ୍ୱିକ ସୂତ୍ରଧାରଙ୍କ ସହିତ ନିଜ କରଣୀୟ ପ୍ରସଙ୍ଗରେ ବିଚିତ୍ର ବାକ୍ୟ ଦ୍ୱାରା ବୀଥ୍ୟଙ୍ଗ ଦ୍ୱାରା ଅଥବା ଅନ୍ୟ କୌଣସି ଆକର୍ଷଣୀୟ ପ୍ରକାରରେ ଆଳାପ କରୁଥାନ୍ତି ତାହାକୁ ଆମୁଖ ଅଥବା ପ୍ରସ୍ତାବନା ବୋଲି କୁହାଯାଏ ।। ୨୯ ।। ବୀଥୀ ଓ ପ୍ରହସନ ଲକ୍ଷଣ ଆଗରୁ କୁହାଯାଇଅଛି । ଏବେ ଆମୁଖର ଅଙ୍ଗମାନ କ୍ରମ ଅନୁଯାୟୀ କହୁଅଛି ।। ୩୦ ।। ଉଦ୍‌ଘାତ୍ୟକ, କଥୋଦ୍‌ଘାତ, ପ୍ରୟୋଗାତିଶୟ, ପ୍ରବୃତ୍ତକ ଓ ଅବଲଗିତ ଆମୁଖର ଏହି ପାଞ୍ଚଟି ଅଙ୍ଗ ଅଟେ ।। ୩୧ ।।

Digitized by srujanika@gmail.com

ଉଦ୍‌ଘାତ୍ୟକାବଲଗିତ - ଲକ୍ଷଣଂ କଥିତଂ ମୟା ।
ଶେଷାଣାଂ ଲକ୍ଷଣ ମହଂ ବ୍ୟାଖ୍ୟାସ୍ୟାମ୍ୟନୁପୂର୍ବଶଃ ॥ ୩୨ ॥
କଥୋଦ୍‌ଘାତଃ-ସୂତ୍ରଧାରସ୍ୟ ବାକ୍ୟଂ ବା ଯତ୍ର ବାକ୍ୟାର୍ଥ ମେବବା ।
ଗୃହୀତ୍ୱା ପ୍ରବିଶେଦ୍ ପାତ୍ରଂ କଥୋଦ୍‌ଘାତଃସ ଉଚ୍ୟତେ ॥ ୩୩ ॥
ପ୍ରୟୋଗାତିଶୟଃ-ପ୍ରୟୋଗେଷ୍ଵତ୍ର ପ୍ରୟୋଗଂ ତୁ ସୂତ୍ରଧାରଃ ପ୍ରବର୍ତ୍ତୟେତ୍ ।
ତତଶ୍ଚ ପ୍ରବିଶେଦ୍ ପାତ୍ରଂ ପ୍ରୟୋଗାତିଶୟସ୍ତୁ ସଃ ॥ ୩୪ ॥
ପ୍ରବୃତ୍ତକମ୍-ପ୍ରବୃତ୍ତଂ କାଳ ମାଶ୍ରିତ୍ୟ ସୂତ୍ରଭୃଦ୍ ଯତ୍ର ବର୍ଣ୍ଣୟେଦ୍ ।
ତଦାଶ୍ରୟାଚ୍ଚ ପାତ୍ରସ୍ୟ ପ୍ରବେଶସ୍ତଦ୍ ପ୍ରବୃତ୍ତକମ୍ ॥ ୩୫ ॥
ଏଷାମନ୍ୟତମଂ ଶିଷ୍ଟଂ ଯୋଜୟିତ୍ୱା ତୁ ଯୁକ୍ତିଭିଃ ।
ପାତ୍ରଗ୍ରନ୍ଥି ରସମ୍ବାଧଂ ପ୍ରକୁର୍ଯ୍ୟାଦାମୁଖଂ ବୁଧଃ ॥ ୩୬ ॥
ଏବମେତଦ୍ ବୁଧୈ ର୍ଜ୍ଞେୟମାମୁଖଂ ବିବିଧାଶ୍ରୟମ୍ ।
ଲକ୍ଷଣଂ ପୂର୍ବମୁକ୍ତଂ ତୁ ବୀଥ୍ୟାଃ ପ୍ରହସନସ୍ୟ ଚ ॥ ୩୭ ॥
ଇତ୍ୟଷ୍ଟାର୍ଧ ବିକଳ୍ପା ବୃତ୍ତିରିୟଂ ଭାରତୀ ମୟାପ୍ରୋକ୍ତା ।
ସାତ୍ତ୍ୱତ୍ୟାସ୍ତୁ ବିଧାନଂ ଲକ୍ଷଣ ଯୁକ୍ତ୍ୟା ପ୍ରବକ୍ଷ୍ୟାମି ॥ ୩୮ ॥

ଉଦ୍‌ଘାତ୍ୟକ ଓ ଅବଲଗିତର ଲକ୍ଷଣ ମୁଁ ଆଗରୁ କହିଅଛି (୧୧୭/୨୧) । ଅବଶିଷ୍ଟମାନଙ୍କର ଲକ୍ଷଣ ଯଥାକ୍ରମେ କହିବି ॥ ୩୨ ॥ ସୂତ୍ରଧାରର କଥାକୁ ବା କଥାର ଅର୍ଥକୁ ଗ୍ରହଣକରି ଯଦି ନାଟକର ପାତ୍ର ପ୍ରବେଶ ହୁଏ ତାହାକୁ କଥୋଦ୍‌ଘାତ କୁହାଯାଏ । ଯଥା - ରତ୍ନାବଳୀ ନାଟିକାରେ ସୂତ୍ରଧାର କହିଲେ - ଅନ୍ୟ ଦ୍ୱୀପରୁ ହେଉ ବା ସମୁଦ୍ର ମଧ୍ୟରୁ ହେଉ ଭାଗ୍ୟ ଅନୁକୂଳ ହେଲେ ସବୁ ପହଞ୍ଚେ । ଏହି ବାକ୍ୟକୁ ହି କହି ମନ୍ତ୍ରୀ ଯୌଗନ୍ଧରାୟଣର ପ୍ରବେଶ । ବାକ୍ୟାର୍ଥକୁ ନେଇ ବେଣୀ ସଂହାରରେ ସୂତ୍ରଧାର - କୁରୁରାଜ- ପୁତ୍ରଗଣ ସୁଖୀ ରହନ୍ତୁ । "ମୁଁ ଥାଉଁ ଥାଉଁ କୁରୁରାଜପୁତ୍ର ସୁଖରେ ରହିବେ" କହି ଭୀମ ପ୍ରବେଶ ॥ ୩୩ ॥ ଏହି ପ୍ରୟୋଗରେ ଗୋଟିଏ କାର୍ଯ୍ୟ ମଧ୍ୟଦେଇ ଆଉ ଗୋଟିଏ କାର୍ଯ୍ୟ ଉପସ୍ଥିତ ହେଉଥିବ, ଏବଂ ଏହି ଅବସ୍ଥାରେ ପାତ୍ର ପ୍ରବେଶ ହେବ, ତେବେ ପ୍ରୟୋଗାତିଶୟ ହେବ । ଯଥା- ଉତ୍ତର ରାମ ଚରିତରେ ସୂତ୍ରଧାର-ଏଥିରୁ କ'ଣ ମିଳିବ । ଆସ ରାଜଭବନକୁ ଯାଇ ରାଜାଙ୍କୁ ସ୍ତୁତି କରିବା । (ସ୍ତୋତ୍ରବାକ୍ୟ) ଖୁସିରେ ବୁଲିବାକୁ ଆସି ଜନକ ଫେରି ଯିବାପରେ ମନ ଖରାପରେ ବସିଥିବା ପ୍ରିୟାଙ୍କୁ ରାଜା ରାମ ବୁଝାଇବା ପାଇଁ ଅନ୍ତଃପୁରକୁ ଯାଉଛନ୍ତି । ରାମ ସୀତା ପ୍ରବେଶ । ସ୍ତୋତ୍ରପାଠକାର୍ଯ୍ୟ ମଧ୍ୟରେ ସୀତାବୋଧକ କାର୍ଯ୍ୟ ଓ ପାତ୍ର ପ୍ରବେଶ ॥ ୩୪ ॥ ସୂତ୍ରଧାର ସେହି ସମୟର କାଳବର୍ଣ୍ଣନା କରୁଥିବା ପ୍ରସଙ୍ଗକୁ ନେଇ ପାତ୍ର ପ୍ରବେଶ ହେଲେ ପ୍ରବୃତ୍ତକ ହୁଏ । ଯଥା - ସୂତ୍ରଧାର - ରାମ ରାବଣକୁ ଚନ୍ଦ୍ରହାସ ଖଡ୍ଗଧରି ମାରିଲା ପରି ଶରଦ୍ ସମୟ ଚନ୍ଦ୍ରର ହାସରେ ଘନାନ୍ଧକାର ନାଶକରି ପହଞ୍ଚିଛି ।" କହନ୍ତେ ରାମ ପ୍ରବେଶ ॥ ୩୫ ॥ ଅଭିଜ୍ଞ କବି ଏହି ଆମୁଖାଙ୍ଗ ମଧ୍ୟରୁ ନିଜ କୌଶଳରେ ଯେକୌଣସି ଗୋଟିକୁ ପ୍ରୟୋଗ କରି ସଂକ୍ଷେପରେ ପାତ୍ର ପ୍ରବେଶ କରାଇବେ ॥ ୩୬ ॥

Digitized by srujanika@gmail.com

ସାତ୍ତ୍ୱତୀ ଲକ୍ଷଣଂ ଭେଦାଶ୍ଚ :

ଯା ସାତ୍ତ୍ୱତେନେହ ଗୁଣେନ ଯୁକ୍ତା ନ୍ୟାୟେନ ବୃତ୍ତେନ ସମନ୍ୱିତା ଚ ।
ହର୍ଷୋତ୍କଟା ସଂହୃତଶୋକଭାବା ସା ସାତ୍ତ୍ୱତୀ ନାମ ଭବେତ୍ତୁ ବୃତ୍ତିଃ ॥୩୯॥

ବାଗଙ୍ଗା ଭିନୟବତୀ ସତ୍ତ୍ୱୋତ୍ଥାନ - ବଚନ ପ୍ରକରଣେଷୁ ।
ସତ୍ତ୍ୱାଧିକାରଯୁକ୍ତା ବିଜ୍ଞେୟା ସାତ୍ତ୍ୱତୀ ବୃତ୍ତିଃ ॥ ୪୦ ॥
ବୀରାଦ୍ଭୁତରୌଦ୍ରରସା ବିଜ୍ଞେୟା ହ୍ୟଳ୍ପକରୁଣଶୃଙ୍ଗାରା ।
ଉଦ୍ଧତ ପୁରୁଷ ପ୍ରାୟା ପରସ୍ପରା ଧର୍ଷଣ କୃତା ଚ ॥ ୪୧ ॥
ଉତ୍ଥାପକଶ୍ଚ ପରିବର୍ତ୍ତକଶ୍ଚ ସଂଲାପକଃ ସସଂଘାତଃ ।
ଚତ୍ୱାରୋଽସ୍ୟା ଭେଦା ବିଜ୍ଞେୟା ନାଟ୍ୟତତ୍ତ୍ୱଜ୍ଞୈଃ ॥ ୪୨ ॥

ଉତ୍ଥାପକଃ-ଅହମପ୍ୟୁତ୍ଥାସ୍ୟାମି । ତ୍ୱଂ ତାବଦ୍ ଦର୍ଶୟାତ୍ମନଃ ଶକ୍ତିମ୍ ।
ଇତି ସଂଘର୍ଷସମୁତ୍ଥ ସ୍ତଜ୍ଜ୍ଞୈ ରୁତ୍ଥାପକୋ ଜ୍ଞେୟଃ ॥ ୪୩ ॥

ପରିବର୍ତ୍ତକଃ-ଉତ୍ଥାନ ସମାରବ୍ଧାନର୍ଥାନୁତ୍ସୃଜ୍ୟ ଯୋଽର୍ଥ ଯୋଗବଶାତ୍
ଅନ୍ୟାନର୍ଥାନ୍ ଭଜତେ ସ ଚାପି ପରିବର୍ତ୍ତକୋ ଜ୍ଞେୟଃ ॥ ୪୪ ॥

ସଂଲାପକଃ-ସାଧର୍ଷଜୋ ନିରାଧର୍ଷଜୋ ବାପି ବିବିଧବଚନସଂଯୁକ୍ତଃ ।
ସାଧିକ୍ଷେପାଲାପୋ ଜ୍ଞେୟଃ ସଂଲାପକଃ ସୋଽପି ॥ ୪୫ ॥

ଏହିପରି ବିଭିନ୍ନ ପ୍ରକାର ଆମୁଖ ବିଷୟ ପଣ୍ଡିତମାନେ ଜାଣିବେ । ବୀଥୀ ଏବଂ ପ୍ରହସନର ଲକ୍ଷଣ ଆଗରୁ କୁହାଯାଇଛି ॥ ୩୭ ॥ ଏହି ୪ ପ୍ରକାର ଭାରତୀବୃତ୍ତି ମୁଁ କହିଲି । ଏବେ ସାତ୍ତ୍ୱତୀ ବିଷୟ ଲକ୍ଷଣ ଓ ଯୁକ୍ତି ଅନୁଯାୟୀ କହିବି ॥ ୩୮ ॥ ଯେଉଁ ବୃତ୍ତି ସାତ୍ତ୍ୱତଗୁଣ (ଅର୍ଥାତ୍ ପ୍ରାଣଶକ୍ତି ତେଜ ବିନୋଦ ପ୍ରଭୃତି) ଯୁକ୍ତ, ନ୍ୟାୟ ବୃତ୍ତ ସମନ୍ୱିତ, (୧୭.୧୮ ଶ୍ଳୋକଦେଖ) ଆନନ୍ଦରେ ଭରପୂର ଶୋକବିହୀନ ତାହାକୁ ସାତ୍ତ୍ୱତୀବୃତ୍ତି ବୋଲି କୁହାଯାଏ ॥୩୯॥ ଏଥିରେ ବାକ୍ୟ ଏବଂ ଅଙ୍ଗ ଅଭିନୟ ଭରି ରହିବ । ବଚନ ଏବଂ ପ୍ରକରଣ ସବୁଥିରେ ସତ୍ତ୍ୱ ଅର୍ଥାତ୍ ପ୍ରାଣଶକ୍ତି ଉଦ୍ଦୀପିତ ହେଉଥିବ, ତାହାକୁ ସାତ୍ତ୍ୱତୀ ବୋଲି ଜାଣିବ ॥ ୪୦ ॥ ଏଥିରେ ବୀର, ଅଦ୍ଭୁତ, ରୌଦ୍ରରସ ମିଶିମିଶି ରହିବ । କରୁଣ ଓ ଶୃଙ୍ଗାର ଅଳ୍ପ ରହିବ । ବେଶି ଉଦ୍ଧତ ପୁରୁଷପାତ୍ର ରହିବେ । ସେମାନେ ପରସ୍ପର ଧର୍ଷଣରେ ପ୍ରବୃତ୍ତ ମଧ୍ୟହେବେ ॥ ୪୧ ॥ ଏହାର ଉତ୍ଥାପକ, ପରିବର୍ତ୍ତକ, ସଂଲାପକ, ସଂଘାତ ନାମକ ଚାରିଟି ଭେଦ ଅଛି ବୋଲି ନାଟ୍ୟଜ୍ଞମାନେ କହିଥା'ନ୍ତି ॥ ୪୨ ॥ **ଉତ୍ଥାପକ**-ମୁଁ ଉଠିଲି, ତୁ ତୋର କେତେ ଶକ୍ତି ଅଛି ଦେଖା, ଏହିପରି ସଂଘର୍ଷ ଯେଉଁ ଦୃଶ୍ୟମାନଙ୍କରେ ଥାଏ ତାହାକୁ ଉତ୍ଥାପକ କହନ୍ତି ॥୪୩॥ **ପରିବର୍ତ୍ତକ**- ଉତ୍ଥାପକରେ ସମୁତ୍ଥିତ ବିଷୟକୁ ଛାଡ଼ି ଆବଶ୍ୟକତା ଦୃଷ୍ଟିରୁ ଯେ ଅନ୍ୟ ବିଷୟକୁ ଆଶ୍ରୟ କରେ ସେ ପରିବର୍ତ୍ତକ ॥ ୪୪ ॥ **ସଂଲାପକ**-ଲାଞ୍ଛନାଜନିତ ହେଉ ବା ଲାଞ୍ଛନା ନଥାଇ ହେଉ, ଅପମାନ ସୂଚକ ଆଳାପକୁ ସଂଲାପକ ବୋଲି କୁହାଯାଏ ॥ ୪୫ ॥

Digitized by srujanika@gmail.com

ସଂଘାତକଃ-ମିତ୍ରାର୍ଥ କାର୍ଯ୍ୟଯୁକ୍ତ୍ୟା ଦୈବବଶାଦାତ୍ମଦୋଷଯୋଗାଦ୍ ବା ।
ସଂଘାତଭେଦଜନନଃ ତଜ୍ଜ୍ଞୈଃ ସଂଘାତକୋ ଜ୍ଞେୟଃ ॥ ୪୬ ॥
ଇତ୍ୟଷ୍ଟାର୍ଧବିକଳ୍ପା ବୃତ୍ତିରିୟଂ ସାତ୍ୱତୀ ମୟାଭିହିତା ।
କୈଶିକ୍ୟାସ୍ତ୍ୱିହ ଲକ୍ଷଣ ମତଃପରଂ ସଂ ପ୍ରବକ୍ଷ୍ୟାମି ॥ ୪୭ ॥
କୈଶିକୀବୃତ୍ତିଃ-ଯା ଶ୍ଲକ୍ଷ୍ଣନୈପଥ୍ୟ ବିଶେଷଚିତ୍ରା ସ୍ତ୍ରୀସଂଯୁତା ଯାବହୁନୃତ୍ତଗୀତା ।
କାମୋପଭୋଗ ପ୍ରଭବୋପଚାରା ତାଂ କୈଶିକୀଂ ବୃତ୍ତିମୁଦାହରନ୍ତି ॥ ୪୮ ॥
ବହୁବାଦ୍ୟ ନୃତ୍ତଗୀତା ଶୃଙ୍ଗାରାଭିନୟ ଚିତ୍ର ନୈପଥ୍ୟା ।
ମାଲ୍ୟାଲଙ୍କାର ଯୁତା ପ୍ରଶସ୍ତବେଶା ଚ କାନ୍ତା ଚ ॥ ୪୯ ॥
ଚିତ୍ରପଦ ବାକ୍ୟବନ୍ଧୈରଲଂକୃତା ହସିତ ରୁଦିତ ରୋଷାଦ୍ୟୈଃ ।
ସ୍ତ୍ରୀ ପୁରୁଷ କାମ ଯୁକ୍ତା ବିଜ୍ଞେୟା କୈଶିକୀ ବୃତ୍ତିଃ ॥ ୫୦ ॥
ନର୍ମ ଚ ନର୍ମସ୍ଫୁର୍ଜୋ ନର୍ମସ୍ଫୋଟୋଽଥ ନର୍ମଗର୍ଭଶ୍ଚ ।
କୈଶିକ୍ୟା ଶ୍ଚତ୍ୱାରୋ ଭେଦା ହ୍ୟେତେ ସମାଖ୍ୟାତାଃ ॥ ୫୧ ॥
ଆସ୍ଥାପିତ ଶୃଙ୍ଗାରଂ ବିଶୁଦ୍ଧକରଣଂ ନିବୃତ୍ତବୀରରସମ୍ ।
ହାସ୍ୟ ପ୍ରବଚନ ବହୁଳଂ ନର୍ମ ତ୍ରିବିଧଂ ବିଜାନୀୟାଦ୍ ॥ ୫୨ ॥
ଈର୍ଷ୍ୟାକ୍ରୋଧପ୍ରାୟଂ ସୋପାଲମ୍ଭବଚନାନୁବିଦ୍ଧଂ ଚ ।
ଆତ୍ମୋପକ୍ଷେପକୃତଂ ସବିପ୍ରଲମ୍ଭଂ ସ୍ମୃତଂ ନର୍ମ ॥ ୫୩ ॥

ସଂଘାତକ-ମିତ୍ର କାର୍ଯ୍ୟ ପାଇଁ ହେଉ, ଅଥବା ଦୈବଯୋଗୁଁ, କିମ୍ବା ନିଜ ଦୋଷରୁ ଯେଉଁ ସଂହତି ଭେଦ ହୁଏ ତାହାକୁ ସଂଘାତକ କୁହାଯାଏ । ମିତ୍ରକାର୍ଯ୍ୟ ପାଇଁ ରାମ ବାଳିର ଅପ୍ରିୟହେବା, ଦୈବ ବା ଦୁର୍ଭାଗ୍ୟ ଯୋଗୁଁ ପାଣ୍ଡବ ବନଗମନ, ନିଜଦୋଷରୁ ରାଗିଯାଇ ଅଶ୍ୱତ୍ଥାମା ଅସ୍ତ୍ରବର୍ଜନକରି କର୍ଣ୍ଣସେନାପତିତ୍ୱ ମଧ୍ୟରେ ଗୋଷ୍ଠୀରୁ ଅନ୍ତରିତ ହେବା ସଂଘାତକ ॥ ୪୬ ॥ ଏହି ଚାରି ପ୍ରକାର ସାତ୍ୱତୀ ବୃତ୍ତିବିଷୟ କହିଲି, ଏହା ପରେ କୈଶିକୀ ବିଷୟ କହିବି ॥୪୭॥ କୈଶିକୀ-ଯେଉଁଥିରେ ଅତି କୋମଳ ଓ କାରୁକାର୍ଯ୍ୟ ପୂର୍ଣ୍ଣ ବସ୍ତ୍ରାଳଙ୍କାର ସଜ୍ଜା କରାଯାଇଥାଏ, ସ୍ତ୍ରୀ ପାତ୍ର ବିଶେଷ ଭାବେ ଥାଆନ୍ତି, ନୃତ୍ୟଗୀତରେ ଭରପୂର ରହିଥାଏ । ଶୃଙ୍ଗାର ରସ ଉପଭୋଗ୍ୟ ଭଳି ବର୍ଣ୍ଣିତ ହୋଇଥାଏ, ସେହି ବୃତ୍ତିକୁ କୈଶିକୀ ବୋଲି କହିଥାଆନ୍ତି ॥୪୮॥ ଏହି ବୃତ୍ତିରେ ବହୁଳଭାବେ ନୃତ୍ୟ, ଗୀତ ଓ ଅତି ମନୋରମ ବେଶଚର୍ଯ୍ୟା ତଥା ଶୃଙ୍ଗାରାଭିନୟ ହୋଇଥାଏ, ମାଲ୍ୟ ଏବଂ କମନୀୟ ଦୃଶ୍ୟମାନ ହୋଇଥାଏ ॥ ୪୯ ॥ ବାଗ୍‌ବୈଚିତ୍ର୍ୟ ମନୋରମ କାବ୍ୟଘଟଣା, ଟିକିଏ ହସ, ଟିକିଏ କାନ୍ଦ, ଅଳପ ଟିକିଏ ଅଭିମାନ ମିଶା ସ୍ତ୍ରୀପୁରୁଷଙ୍କର କାମକଳା ବିଳାସମାନ ଯାହାର ଦୃଶ୍ୟମାନଙ୍କୁ ଉପଭୋଗ୍ୟ କରିଥାଏ ତାହା କୈଶିକୀ ॥ ୫୦ ॥ ଏହି କୈଶିକୀର ନର୍ମ, ନର୍ମସ୍ଫୁର୍ଜ, ନର୍ମସ୍ଫୋଟ ଓ ନର୍ମଗର୍ଭ ନାମକ ଚାରିଭେଦ ॥ ୫୧ ॥ ହାସ୍ୟ ପ୍ରବଚନ ବହୁଳ ନର୍ମ ଆସ୍ଥାପିତ ଶୃଙ୍ଗାର, ବିଶୁଦ୍ଧକରଣ, ନିବୃତ୍ତ ବୀରରସ ଭାବରେ ତିନି ପ୍ରକାର ॥ ୫୨ ॥ ନର୍ମ ସାଧାରଣତଃ ଈର୍ଷ୍ୟା ଓ କ୍ରୋଧବହୁଳ, ତିରସ୍କାରାତ୍ମକ ବାକ୍ୟରେ ପୂର୍ଣ୍ଣ । ଆତ୍ମଗ୍ଳାନି ଓ ପ୍ରତାରଣା ଏଥିରେ ଭରି ରହିଥାଏ ॥ ୫୩ ॥

Digitized by srujanika@gmail.com

ନର୍ମସ୍ଫୁର୍ଜ-ନବସଂଗମ ସଂଭୋଗୋ ରତିସମୁଦୟ ବାକ୍ୟବେଶ ସଂଯୁକ୍ତୈଃ ।
ଜ୍ଞେୟୋ ନର୍ମସ୍ଫୁର୍ଜୋ ହ୍ୟବସାନ ଭୟାତ୍ମକ ଶ୍ଚୈବ ॥ ୫୪ ॥
ନର୍ମସ୍ଫୋଟଃ-ବିବିଧାନାଂ ଭାବାନାଂ ଲବୈ ର୍ଲବୈର୍ଭୂଷିତୋ ବହୁବିଶେଷଃ ।
ଅସମଗ୍ରାକ୍ଷିପ୍ତରସୋ ନର୍ମସ୍ଫୋଟସ୍ତୁ ବିଜ୍ଞେୟଃ ॥ ୫୫ ॥
ନର୍ମଗର୍ଭଃ-ବିଜ୍ଞାନ ରୂପ ଶୋଭାଧାନାଦିଭି ର୍ନାୟକୋଗୁଣୈର୍ଯତ୍ର
ପ୍ରଚ୍ଛନ୍ନଂ ବ୍ୟବହରତେ କାର୍ଯ୍ୟବଶାନ୍ନର୍ମଗର୍ଭୋଽସୌ ॥ ୫୬ ॥
ଇତ୍ୟଷ୍ଟାର୍ଧବିକଳ୍ପା ବୃତ୍ତିରିୟଂ କୈଶିକୀମୟା ପ୍ରୋକ୍ତା ।
ଅତ ଊର୍ଦ୍ଧ୍ୱମୁଦ୍ଧତରସା ମାରଭଟୀଂ ସଂପ୍ରବକ୍ଷ୍ୟାମି ॥ ୫୭ ॥
ଆରଭଟ ପ୍ରାୟଗୁଣା ତଥୈବ ବହୁବଞ୍ଚନ କପଟୋପେତା ଚ ।
ଦମ୍ଭାନୃତବଚନବତୀ ତ୍ୱାରଭଟୀ ନାମ ବିଜ୍ଞେୟା ॥ ୫୮ ॥
ପୁସ୍ତାବପାତ ପ୍ଲୁତ ଲଂଘିତାନି ଚାନ୍ୟାନି ମାୟାକୃତ ମିନ୍ଦ୍ରଜାଲମ୍ ।
ଚିତ୍ରାଣି ଯୁଦ୍ଧାନି ଚ ଯତ୍ର ନିତ୍ୟଂ ତାଂ ତାଦୃଶୀ ମାରଭଟୀଂ ବଦନ୍ତି ॥୫୯॥
ସଂକ୍ଷିପ୍ତକାବପାତୌ ବସ୍ତୂତ୍ଥାପନ ମଥାପି ସଂଫେଟଃ
ଏତେ ହ୍ୟସ୍ୟା ଭେଦା ଲକ୍ଷଣମେଷାଂ ପ୍ରବକ୍ଷ୍ୟାମି ॥ ୬୦ ॥
ସଂକ୍ଷିପ୍ତକଃ-ଅନ୍ୱର୍ଥ ଶିଳ୍ପଯୁକ୍ତୋ ବହୁପୁସ୍ତୋତ୍ଥାନ ଚିତ୍ର ନେପଥ୍ୟଃ ।
ସଂକ୍ଷିପ୍ତ ବସ୍ତୁ ବିଷୟୋ ଜ୍ଞେୟଃ ସଂକ୍ଷିପ୍ତକୋ ନାମ ॥ ୬୧ ॥

ନର୍ମସ୍ଫୁର୍ଜରେ ନବସଙ୍ଗମ ସମ୍ଭୋଗ ବର୍ଣ୍ଣନା କରାଯାଇଥାଏ,ଏହାର ବାକ୍ୟ ଓ ବେଶ ରତି ଭାବର ପରିପୂରକ ଏବଂ ପରିଣାମ ଭୟାନକ ହୋଇଥାଏ । (ଇନ୍ଦ୍ରଙ୍କର ଅହଲ୍ୟାହରଣ ପ୍ରସଙ୍ଗ) ॥୫୪॥ ଭୟ, ହାସ, ହର୍ଷ, ତ୍ରାସ ଓ ରୋଗ ପ୍ରଭୃତି ଭାବ ଟିକିଏ ଟିକିଏ ଅନୁଭୂତ ହେଉଥିବେ । ବହୁବୈଚିତ୍ର୍ୟ ରହିବ କିନ୍ତୁ କୌଣସି ରସ ସ୍ପଷ୍ଟ ହେବ ନାହିଁ । ଏହି ଦୃଶ୍ୟରଚନାକୁ ନର୍ମସ୍ଫୋଟ କୁହାଯାଏ ॥ ୫୫ ॥ ଯଥା- ଦୈବାତ୍ ନାୟକଙ୍କୁ ଦେଖି ନାୟିକାକୁ ସଖୀ - ମା'ଲୋ ମଲି ।'' କହିଦେଲେ, ସଖୀଟି ଚମକି ପଡ଼ି ଚାହିଁଲା ବେଳକୁ ସିଏ । ଏହି ଦୃଶ୍ୟରେ ତଥାକଥିତ ଭୟହର୍ଷ ଓ ରତି ରହିଲା କାର୍ଯ୍ୟବଶତଃ ଯେଉଁ ସ୍ଥଳରେ ନାୟକ ଛଦ୍ମବେଶରେ ନିଜର ବିଜ୍ଞାନ, ରୂପ, ଶୋଭା, ଧନ ଓ ପଦବୀ ପ୍ରଭୃତିକୁ ଲୁଚାଇ ଥାଏ, ତାହାକୁ ନର୍ମଗର୍ଭ କୁହାଯାଏ । ଯଥା-ଅଭିଜ୍ଞାନ ଶାକୁନ୍ତଳମ୍‌ରେ ପ୍ରଥମ ଅଙ୍କରେ ଦୁଷ୍ୟନ୍ତ ନିଜକୁ ରାଜାବୋଲି ଲୁଚାଇଥିଲେ ॥ ୫୬ ॥ ଏହି ଚାରି ପ୍ରକାର କୈଶିକୀ ମୁଁ କହିଲି । ଏହାପରେ ଉଦ୍ଧତରସା ଆରଭଟୀ କହୁଛି ॥ ୫୭ ॥ ଆରଭଟ (ବାହାପିଆ)ର ଅଧିକ ଗୁଣଯୁକ୍ତା, ସେହି ବହୁ ପ୍ରକାର କପଟ ବଞ୍ଚନାପରା, ଗର୍ବ ଏବଂ ମିଥ୍ୟାମୟୀ ବୃତ୍ତିକୁ ଆରଭଟୀ ବୋଲି ଜାଣିବ ॥ ୫୮ ॥ କୃତ୍ରିମ ମୁଣ୍ଡ ହାତ ପ୍ରଭୃତି ପୁତ୍ତଳିକା କରିବା (ରାମମୁଣ୍ଡ ନେଇ ରାବଣ ସୀତାଙ୍କୁ ଦେଖାଇବା) ଡେଇଁବା ଓ ଅତିକ୍ରମ କରିବା, ଅନ୍ୟାନ୍ୟମାୟା ଓ ଇନ୍ଦ୍ରଜାଲ, ବିଚିତ୍ର ଯୁଦ୍ଧ ପ୍ରଭୃତି ଦୃଶ୍ୟପୂର୍ଣ୍ଣା ବୃତ୍ତି ଆରଭଟୀ ॥ ୫୯ ॥ ସଂକ୍ଷିପ୍ତକ, ଅବପାତ, ବସ୍ତୂତ୍ଥାପନ, ସଂଫେଟ ଏହି ଚାରିଟି ଆରଭଟୀର ଭେଦ । ଏମାନଙ୍କ ଲକ୍ଷଣ କହୁଛି ॥ ୬୦ ॥

Digitized by srujanika@gmail.com

ଅବପାତଃ-ଭୟହର୍ଷ ସମୁତ୍‌ଥାନଂ ବିଦ୍ରୁତ ସମ୍ଭ୍ରାନ୍ତ ବିବିଧବଚନଂ ଚ ।
କ୍ଷିପ୍ର ପ୍ରବେଶ ନିର୍ଗମ ମବପାତ ମିମଂ ବିଜାନନ୍ତି ॥ ୬୨ ॥
ବସ୍ତୂତ୍‌ଥାପନମ୍-ସର୍ବରସ ସମାସକୃତଂ ସବିଦ୍ରବଂ ବିଦ୍ରବାଶୟଂ ବାପି ।
କାର୍ଯ୍ୟଂ ବିଭାବ୍ୟତେ ଯତ୍ ତଦ୍ ବସ୍ତୂତ୍‌ଥାପନଂ ଜ୍ଞେୟମ୍ ॥ ୬୩ ॥
ସଂଫେଟଃ-ସଂରମ୍ଭ ସମାଯୁକ୍ତୋ ବହୁଯୁଦ୍ଧକପଟ ନିର୍ଭେଦଃ ।
ଶସ୍ତ୍ରପ୍ରହାରବହୁଳଃ ସଂଫେଟୋ ନାମ ବିଜ୍ଞେୟଃ ॥ ୬୪ ॥
ଏବମେତା ବୁଧୈର୍ଜ୍ଞେୟା ବୃତ୍ତୟୋ ନାଟ୍ୟସଂଶ୍ରୟାଃ ॥
ରସପ୍ରୟୋଗମାସାଂ ଚ କୀର୍ତ୍ତ୍ୟମାନଂ ନିର୍ବୋଧତ ॥ ୬୫ ॥

ରସାନୁଗୁଣ ବୃତ୍ତି ଭାଗଃ-

ଶୃଙ୍ଗରେ ଚୈବ ହାସ୍ୟେ ଚ ବୃତ୍ତିଃ ସ୍ୟାଦ୍ କୈଶିକୀତି ସା ।
ସାତ୍ତ୍ୱତୀ ନାମ ସା ଜ୍ଞେୟା ବୀରାଦ୍‌ଭୁତ ସମାଶ୍ରୟା ॥ ୬୬ ॥
ଭୟାନକେ ଚ ବୀଭତ୍ସେ ରୌଦ୍ରେ ଚାରଭଟୀ ଭବେଦ୍ ।
ଭାରତୀ ଚାପି ବିଜ୍ଞେୟା କରୁଣାଦ୍‌ଭୁତ ସଂଶ୍ରୟା ॥ ୬୭ ॥
ବୃତ୍ତ୍ୟନ୍ତ ଏଷୋଽଭିନୟୋ ମୟୋକ୍ତୋ -
ବାଗଙ୍ଗସତ୍ତ୍ୱପ୍ରଭବୋ ଯଥାବଦ୍ ।
ଆହାର୍ଯ୍ୟ ମେବା ଭିନୟଂ ପ୍ରୟୋଗେ
ବକ୍ଷ୍ୟାମି ନେପଥ୍ୟକୃତଂ ପୁନଶ୍ଚ ॥ ୬୮ ॥

॥ ଇତିଶ୍ରୀ ଭାରତନାଟ୍ୟଶାସ୍ତ୍ରେ ବୃତ୍ତିବିକଳ୍ପୋ ନାମ ଦ୍ୱାବିଂଶଃ ଅଧ୍ୟାୟଃ ॥

ନାଟ୍ୟବସ୍ତୁର ଅନୁକୂଳ ଶିଳ୍ପଯୁକ୍ତ, ବହୁ ପୁସ୍ତ (କାଳ୍ପନିକ ମୂର୍ତ୍ତି ମୂର୍ତ୍ତ୍ୟଙ୍ଗ) ପ୍ରଦର୍ଶନ, ବିଚିତ୍ର ବେଶଭୂଷା, ବିଷୟ ବସ୍ତୁର ସଂକ୍ଷେପ । ଏହିପରି ଦୃଶ୍ୟକୁ ସଂକ୍ଷିପ୍ତକ କୁହାଯାଏ ॥ ୬୧ ॥ ଅବପାତରେ ଭୟ ଓ ହର୍ଷଜନିତ ପଳାୟନ ବା ତ୍ରାସ, ଏବଂ ବ୍ୟସ୍ତତା, ବିଭ୍ରାନ୍ତି, ଆକୁଳତା ଏହିପରି ବାକ୍ୟପ୍ରୟୋଗ, ଖୁବ୍‌ବେଗରେ ଯିବା ଆସିବା ହୋଇଥାଏ ॥ ୬୨ ॥ ବସ୍ତୁଉତ୍‌ଥାନରେ ସମସ୍ତ ରସର ସମାବେଶ ହୋଇଥାଏ । ପଳାୟନ ଓ ତ୍ରାସର ସ୍ଥାନ ମଧ୍ୟ ଥାଏ ॥ ୬୩ ॥ ସଂଫେଟରେ ପ୍ରଥମେ କ୍ରୋଧ ତାପରେ ଯୁଦ୍ଧ, ପୁଣି କପଟ ରଚନା, ଶସ୍ତ୍ରାଘାତ, ଏହିପରି କରାଯାଇଥାଏ ॥ ୬୪ ॥ ନାଟ୍ୟ ସଂଶ୍ରିତ ଏହି ବୃତ୍ତିମାନଙ୍କୁ ପଣ୍ଡିତମାନେ ଏହିପରି ଜାଣିବେ । ଏବେ ଏମାନଙ୍କର ରସପ୍ରୟୋଗ ବିଷୟରେ କହୁଛି । ଶୁଣନ୍ତୁ ॥ ୬୫ ॥ ଶୃଙ୍ଗାର ଓ ହାସ୍ୟ ରସରେ କୈଶିକୀ, ବୀର ଏବଂ ଅଦ୍‌ଭୁତ ରସରେ ସାତ୍ତ୍ୱତୀ, ଭୟାନକ, ବୀଭତ୍ସ ଏବଂ ରୌଦ୍ରରସରେ ଆରଭଟୀ ତଥା କରୁଣ ଓ ଅଦ୍‌ଭୁତ ରସରେ ଭାରତୀ ବୃତ୍ତି ବ୍ୟବହୃତ ହେବ ବୋଲି ଜାଣିବ ॥ ୬୬, ୬୭ ॥ ଆଙ୍ଗିକ, ବାଚିକ ଓ ସାତ୍ତ୍ୱିକ ଅଭିନୟ ଯଥାବିଧି ବୃତ୍ତି ଅନ୍ତରେ ଶେଷ ହୁଏ । ଏବେ ଆହାର୍ଯ୍ୟ ଅଭିନୟ ପ୍ରୟୋଗ ବିଷୟରେ ବେଶ ଅଳଙ୍କାର ପ୍ରଭୃତିକୁ ପୁଣି ମୁଁ କହିବି ॥ ୬୮ ॥

॥ ଭରତନାଟ୍ୟ ଶାସ୍ତ୍ରରେ ବୃତ୍ତିବିକଳ୍ପ ନାମକ ଦ୍ୱାବିଂଶ ଅଧ୍ୟାୟ ଶେଷ ହେଲା ॥

▼▼▼

Digitized by srujanika@gmail.com

ତ୍ରୟୋବିଂଶଃ ଅଧ୍ୟାୟଃ ।

ଆହାର୍ଯ୍ୟାଭିନୟଃ ।

ସଜ୍ଜା ପ୍ରୟୋଜନମ୍ ।

ଆହାର୍ଯ୍ୟାଭିନୟଂ ବିପ୍ରାଃ ପ୍ରବକ୍ଷ୍ୟାମ୍ୟନୁପୂର୍ବଶଃ ।
ସର୍ବ ଏବ ପ୍ରୟୋଗୋଦ୍ଧୟଂ ଯତସ୍ତସ୍ମିନ୍ ପ୍ରତିଷ୍ଠିତଃ ।। ୧ ।।
ଆହାର୍ଯାଭିନୟୋ ନାମ ଜ୍ଞେୟୋ ନେପଥ୍ୟଜୋ ବିଧିଃ ।
ତତ୍ର କାର୍ଯ୍ୟଃ ପ୍ରଯତ୍ନସ୍ତୁ ନାଟ୍ୟସ୍ୟ ଶୁଭମିଚ୍ଛତା ।। ୨ ।।
ନାନାବସ୍ଥା ପ୍ରକୃତୟଃ ପୂର୍ବଂ ନେପଥ୍ୟ ସୂଚିତାଃ ।
ଅଂଗାଦିଭି ରଭିବ୍ୟକ୍ତି ମୁପଗଚ୍ଛନ୍ତ୍ୟଯତ୍ନତଃ ।। ୩ ।।

ଚତୁର୍ବିଧ ସଜ୍ଜା-ଚତୁର୍ବିଧଂ ତୁ ନେପଥ୍ୟଂ ପୁସ୍ତୋଦ୍ଧଳଂକାର ଏବ ଚ ।
ତଥାଙ୍ଗରଚନା ଚୈବ ଜ୍ଞେୟଃ ସଂଜୀବ ଏବଚ ।। ୪ ।।

ପୁସ୍ତଃ-ପୁସ୍ତସ୍ତୁ ତ୍ରିବିଧୋ ଜ୍ଞେୟୋ ନାନାରୂପ ପ୍ରମାଣତଃ ।
ସନ୍ଧିମୋ ବ୍ୟାଜିମ୍‌ଶ୍ଚୈବ ଚେଷ୍ଟିମଶ୍ଚ ପ୍ରକୀର୍ତ୍ତିତଃ ।। ୫ ।।
କିଳିଞ୍ଜ ବସ୍ତ୍ର ଚର୍ମାଦ୍ୟୈ ର୍ଯଦ୍ରୂପଂ କ୍ରିୟତେ ବୁଧୈଃ ।
ସନ୍ଧିମୋ ନାମ ବିଜ୍ଞେୟଃ ପୁସ୍ତୋ ନାଟକ ସଂଶ୍ରୟଃ ।। ୬ ।।

-: ତ୍ରୟୋବିଂଶ ଅଧ୍ୟାୟ :-

ଆହାର୍ଯ୍ୟ - ଅଭିନୟ ।

ସଜ୍ଜା-ପ୍ରୟୋଜନ-ହେ ବିପ୍ରଗଣ, ସର୍ବବିଧ ଅଭିନୟ ଆହାର୍ଯ୍ୟ ଅଭିନୟ ଉପରେ ପ୍ରତିଷ୍ଠିତ । ଏଣୁ ଆନୁପୂର୍ବିକ ଭାବେ ମୁଁ ସେହି ବିଷୟ କହୁଅଛି ।। ୧ ।। ବେଶଭୂଷା ସଂକ୍ରାନ୍ତ ବିଧିକୁ (ଯାହାକି ବେଶ ଘରେ କରାଯାଏ) ଆହାର୍ଯ୍ୟ ଅଭିନୟ ବୋଲି ଜାଣିବ । ନାଟ୍ୟହିତୈଷୀ ପ୍ରୟୋଜକ ଏହି ବିଷୟରେ ଏକାନ୍ତ ଯତ୍ନବାନ ହେବେ ।। ୨ ।। ବେଶବାସ ଦ୍ୱାରା ବାଳବୃଦ୍ଧ ରାଜା ପ୍ରଜା ଦୁଃଖୀ ସୌଭାଗ୍ୟଶାଳୀ ପ୍ରଭୃତି ନାନା ପ୍ରକୃତି ଓ ଅବସ୍ଥା ପ୍ରଥମେ ସୂଚିତ ହୋଇଥାଏ । ଅଯତ୍ନରେ (ଚାହିଁ ଦେବା ମାତ୍ରେ) ସେମାନଙ୍କ ବେଶରୁ ହିଁ ଅଭିନୟର ଅଭିବ୍ୟକ୍ତି (ଆପେ ଆପେ) ହୋଇଥାଏ ।। ୩ ।। ପୁସ୍ତ, ଅଳଙ୍କାର, ଅଙ୍ଗରଚନା, ସଂଜୀବ ଏହିପରି ନେପଥ୍ୟ ଚାରିପ୍ରକାର ।। ୪ ।। ନାନା ଆକୃତି ଓ ପ୍ରମାଣବଶତଃ ପୁସ୍ତ ତିନି ପ୍ରକାର । ସନ୍ଧିମ, ବ୍ୟାଜିମ, ଚେଷ୍ଟିମ ।। ୫ ।। କାଇଁଚ ମଶିଣା, ବା କାଠପଟା କିମ୍ବା କାନ୍‌ଭାସ, ଅଥବା ଚମଡ଼ା ଦ୍ୱାରା ଚିତ୍ର ବା ମୂର୍ତ୍ତିରଚନାକୁ ସନ୍ଧିମ କୁହାଯାଏ । ଯାହାକି ପୁସ୍ତ ଆକାରରେ ନାଟକ ଦୃଶ୍ୟ ମଧ୍ୟରେ ବ୍ୟବହାର କରାଯାଏ ।। ୬ ।।

Digitized by srujanika@gmail.com

ବ୍ୟାଜିମୋ ନାମ ବିଜ୍ଞେୟୋ ଯନ୍ତ୍ରେଣ କ୍ରିୟତେ ତୁ ଯଃ ।
ଚେଷ୍ଟ୍ୟତେ ଚୈବ ଯଦ୍ରୂପଂ ଚେଷ୍ଟିମଃ ସତୁ ସଂଜ୍ଞିତଃ ॥ ୭ ॥
ଶୈଳଯାନ ବିମାନାନି ଚର୍ମବର୍ମଧ୍ୱଜା ନଗାଃ ।
ଯେ କ୍ରିୟନ୍ତେ ହି ନାଟ୍ୟେ ତୁ ସ ପୁସ୍ତ ଇତି ସଂଜ୍ଞିତଃ ॥ ୮ ॥
ଅଳଙ୍କାରଃ-ଅଳଙ୍କାରସ୍ତୁ ବିଜ୍ଞେୟୋ ମାଲ୍ୟାଭରଣ ବାସସାମ୍ ।
ନାନାବିଧଃ ସମାଯୋଗୋଙ୍ଗପ୍ୟଙ୍ଗୋପାଙ୍ଗ ବିଧିଃ ସ୍ମୃତଃ ॥ ୯ ॥
ବେଷ୍ଟିତଂ ବିତତଂ ଚୈବ ସଂଘାତ୍ୟଂ ଗ୍ରନ୍ଥିମଂ ତଥା ।
ପ୍ରଲମ୍ବିତଂ ତଥା ଚୈବ ମାଲ୍ୟଂ ପଞ୍ଚବିଧଂ ସ୍ମୃତମ୍ ॥ ୧୦ ॥
ଭୂଷଣମ୍-ଚତୁର୍ବିଧଂ ତୁ ବିଜ୍ଞେୟଂ ଦେହସ୍ୟାଭରଣଂ ବୁଧୈଃ ।
ଆବେଧ୍ୟଂ ବନ୍ଧନୀୟଂ ଚ ପ୍ରକ୍ଷେପ୍ୟାରୋପ୍ୟକେ ତଥା ॥ ୧୧ ॥
ଆବେଧ୍ୟଂ ବନ୍ଧନୀୟଂ ଚ-ଆବେଧ୍ୟଂ କୁଣ୍ଡଳାଦୀହ ଯତ୍‌ସ୍ୟାତ୍ ଶ୍ରବଣ ଭୂଷଣମ୍ ।
ଶ୍ରୋଣୀସୂତ୍ରାଙ୍ଗଦେ ମୁକ୍ତା ବନ୍ଧନୀୟାନି ନିର୍ଦ୍ଦିଶେତ୍ ॥ ୧୨ ॥
ପ୍ରକ୍ଷେପ୍ୟମାରୋପ୍ୟଂଚ-ପ୍ରକ୍ଷେପ୍ୟଂ ନୂପୁରଂ ବିଦ୍ୟାତ୍ ବସ୍ତ୍ରାଭରଣମେବ ଚ ।
ଆରୋପ୍ୟଂ ହେମସୂତ୍ରାଦି ହାରାଶ୍ଚ ବିବିଧାଶ୍ରୟାଃ ॥ ୧୩ ॥

ଯନ୍ତ୍ର ସାହାଯ୍ୟରେ ଯାହା କରାଯାଏ ତାହା ବ୍ୟାଜିମ ଓ ସ୍କ୍ରିନ୍ ଟାଣିବା ଲାଇଟ୍ ଲିଭା, ଜଳା ଓ ରଙ୍ଗ ପରିବର୍ତ୍ତନ ପ୍ରଭୃତି ଯାହାକି ଅନବରତ ଚେଷ୍ଟାର ଅପେକ୍ଷା କରେ ତାହା ଚେଷ୍ଟିମ ॥ ୭ ॥ ପର୍ବତ, ଯାନ, ବିମାନ, ଢ଼ାଲ ତରବାରି, ସାଞ୍ଜୁ, ପତାକା ଓ ବୃକ୍ଷ ରାଜି ଯାହା କିଛି ନାଟ୍ୟର ପରିପୁଷ୍ଟିପାଇଁ କରାଯାଏ, ସେ ସମସ୍ତ ପୁସ୍ତ ନାମରେ ପରିଚିତ ॥ ୮ ॥ ମାଲ୍ୟ, ଆଭରଣ, ବସ୍ତ୍ର ପ୍ରଭୃତିର ବିଭିନ୍ନ ପ୍ରକାର ଅଙ୍ଗ ଏବଂ ଉପାଙ୍ଗ ସମାବେଶକୁ ଅଳଙ୍କାର କୁହାଯାଏ ॥ ୯ ॥ ବେଷ୍ଟିତ, ବିତତ (ବିଛାଇ ହୋଇ ପଡ଼ିଥିବା)ସଂଘାତ୍ୟ (ଗଜରା) ଗ୍ରନ୍ଥିମ (ମଝି ମଝିରେ ଗଣ୍ଠିଥାଇ ଦୁଇ ତିନିଟିକିଆ) ଓ ପ୍ରଲମ୍ବିତ (ଆଣ୍ଠୁଯାଏ) ମାଳା ପାଞ୍ଚ ପ୍ରକାରର ॥ ୧୦ ॥ ଦେହର ଅଳଙ୍କାର ଚାରି ପ୍ରକାର । ଆବେଧ୍ୟ, ବନ୍ଧନୀୟ, ପ୍ରକ୍ଷେପ୍ୟ, ଆରୋପ୍ୟକ ॥ ୧୧ ॥ ପୁରୁଷଙ୍କ କୁଣ୍ଡଳ ଓ ନାରୀମାନଙ୍କର କାନ ଫୁଲ ନାକଫୁଲ ପ୍ରଭୃତି ଆବେଧ୍ୟ । (ଫୋଡ଼ା ଯାଇ ଯାହା ପିନ୍ଧାଥାଏ ।) ଅଣ୍ଟାସୂତା, ଗୋଠ, ମୁକ୍ତା ମଣ୍ଡିତ ଅଣ୍ଟାବେଲ୍ଟ ସବୁ ବନ୍ଧନୀୟ ॥ ୧୨ ॥ ନୂପୁର, ବସ୍ତ୍ର ଓ ମୁକୁଟ ପ୍ରଭୃତି ପ୍ରକ୍ଷେପ୍ୟ, ସୁନାହାର, ପୁଷ୍ପ ଓ ଗୁଞ୍ଜମାଳା ପ୍ରଭୃତି ଆରୋପ୍ୟ ଅଟେ ॥ ୧୩ ॥

Digitized by srujanika@gmail.com

ଭୂଷଣାନାଂ ବିକଳ୍ପଂ ଚ ପୁରୁଷ ସ୍ତ୍ରୀ ସମାଶ୍ରୟମ୍ ।
ନାନାବିଧଂ ପ୍ରବକ୍ଷ୍ୟାମି ଦେଶଜାତି ସମୁଦ୍‌ଭବମ୍ ॥ ୧୪ ॥

ପୁରୁଷାଭରଣମ୍-ଚୂଡ଼ାମଣିଃ ସମକୁଟଃ ଶିରସୋ ଭୂଷଣଂ ସ୍ମୃତମ୍ ।
କୁଣ୍ଡଳଂ ମୋଚକଂ କୀଳଃ କର୍ଣ୍ଣାଭରଣ ମିଷ୍ୟତେ ॥ ୧୫ ॥

କଣ୍ଠଭୂଷା-ମୁକ୍ତାବଳୀ ହର୍ଷକଂ ଚ ସସୂତ୍ରଂ କଣ୍ଠଭୂଷଣମ୍ ।
କଟକୋଦ୍ଧଙ୍ଗୁଳିମୁଦ୍ରା ଚ ସ୍ୟାଦଙ୍ଗୁଳି ବିଭୂଷଣମ୍ ॥ ୧୬ ॥

ବାହୁଭୂଷା-ହସ୍ତପୀ ବଳୟଂ ଚୈବ ବାହୁନାଳୀ ବିଭୂଷଣମ୍ ।
ରୁଚକ ଚୂଳିକା କାର୍ଯ୍ୟା ମଣିବନ୍ଧ ବିଭୂଷଣମ୍ ॥ ୧୭ ॥
କେୟୂର ମଙ୍ଗଦଂ ଚୈବ କୂର୍ପରୋପରି ଭୂଷଣମ୍ ।
ତ୍ରିସର ଶ୍ଚୈବ ହାରଶ୍ଚ ଭବେଦ୍ ବକ୍ଷୋ ବିଭୂଷଣମ୍ ॥ ୧୮ ॥
ବ୍ୟାଳମ୍ବି ମୌକ୍ତିକ ହାରା ମାଲ୍ୟାଦ୍ୟା ଦେହଭୂଷଣମ୍ ।
ତଳକଂ ସୂତ୍ରକଂ ଚୈବ ଭବେତ୍‌କଟି ବିଭୂଷଣମ୍ ॥ ୧୯ ॥
ଅୟଂ ପୁରୁଷ ନିର୍ଯୋଗଃ କାର୍ଯ୍ୟସ୍ତ୍ୱାଭଣାଶ୍ରୟଃ ।
ଦେବାନାଂ ପାର୍ଥିବାନାଂ ଚ ପୁନର୍ବକ୍ଷ୍ୟାମି ଯୋଷିତାମ୍ ॥ ୨୦ ॥

ବିବିଧ ଦେଶ ଓ ଜାତି ସମାଶ୍ରିତ ପୁରୁଷ ଓ ସ୍ତ୍ରୀମାନଙ୍କର ପ୍ରଚଳିତ ନାନାବିଧ ବେଶ ବିଷୟ କହିବି ॥ ୧୪ ॥ ଚୂଡ଼ାମଣି (ଟୋପିପରି ପୁରା ମସ୍ତକଘେରି ରହିଥାଏ) ମୁକୁଟ (କେବଳ ଆଗରେ ଥାଇ ବନ୍ଧା ହୁଏ ।) ଏହା ଶିରୋଭୂଷା । କୁଣ୍ଡଳ, କାନପାସା, ଗୋଖରା ଓ ଲବଙ୍ଗଭଳି ଫୁଲ ଏଗୁଡ଼ିକ କର୍ଣ୍ଣ ଭୂଷଣ । ମୁକ୍ତାମାଳା, ସୁନାକଣ୍ଠି ସୂତାରେ ଗୁନ୍ଥାହୋଇ କଣ୍ଠଭୂଷଣ ହୋଇଥାଏ । ଏହା ଗଳାରେ ଲାଗି ରହିଥାଏ । ଖାଲି ବୃଉଭଳି ମୁଦି ଏବଂ କାରୁକାର୍ଯ୍ୟ ଥିବା ମୁଦ୍ରିକା ଏହା ଅଙ୍ଗୁଳି ଭୂଷଣ । ବାହୁ ଅର୍ଥାତ୍ କହୁଣି ଉପରକୁ ହସ୍ତପୀ ଟିକିଏ ତଉଡା, ବଳୟ (କଡ଼ା) ପିନ୍ଧାଯାଏ । ମଣିବନ୍ଧ ଘଣ୍ଟା ଯେଉଁଠାରେ ପିନ୍ଧାଯାଏ ରୁଚକ, ଚୁଳିକା (କାରୁକାର୍ଯ୍ୟଯୁକ୍ତ) (କଣ୍ଠିରେ ସୂତାବନ୍ଧାଯାଇ ମଧ୍ୟ ଚୁଳିକା ହୁଏ) ପିନ୍ଧାଯାଏ ॥ ୧୫, ୧୭ ॥ କେୟୂର ଓ ଅଙ୍ଗଦ ମଧ୍ୟ କହୁଣୀରେ ପିନ୍ଧାଯାଏ, ବକ୍ଷଦେଶ ବା ଛାତିରେ ତିନିସରିଆ ଏବଂ (ଏକସରିଆ) ହାର ପିନ୍ଧାଯାଏ ॥ ୧୮ ॥ ଅତି ଲମ୍ବା ମୁକ୍ତାହାର ଓ ପୁଷ୍ପମାଳା ପ୍ରଭୃତି ମଧ୍ୟ ଦେହର ଭୂଷଣ । ତଳକ ଓ ସୂତ୍ରକ (ବେଲ୍ଟ ଓ ପତଳା କାରୁକାର୍ଯ୍ୟଯୁକ୍ତ ଓସାରିଆ ଝାଲ) କଟିର ଅଳଙ୍କାର ॥ ୧୯ ॥ ଏହି ସମସ୍ତ ପୁରୁଷ ଅଳଙ୍କାର ଯଥାବିଧି ପାତ୍ରର ସ୍ଥିତି ଅନୁଯାୟୀ ପ୍ରୟୋଗ କରିବ । ଦେବତା, ରାଜା, ପଣ୍ଡିତ, ସାଧାରଣ ଧନୀ, ମଧ୍ୟବିତ୍ତ ଯାହା ପାଇଁ ଯାହା ଯୋଗ୍ୟ ବିଚାର କରିବ । ଏବେ ସ୍ତ୍ରୀ ଅଳଙ୍କାର ବିଷୟରେ କହିବି ॥ ୨୦ ॥

Digitized by srujanika@gmail.com

ସ୍ତ୍ରୀଶିରୋଭୂଷା-ଶିଖାପାଶଃ ଶିଖାବ୍ୟାଳଃ ପିଣ୍ଡୀପତ୍ରଂ ତଥୈବ ଚ ।
ଚୂଡ଼ାମଣି ର୍ମକରିକା ମୁକ୍ତାଜାଲଂ ଗବାକ୍ଷିକମ୍ ॥ ୨୧ ॥
ଲଲାଟ ତିଳକଶ୍ଚୈବ ନାନାଶିଳ୍ପ ପ୍ରୟୋଜିତଃ ।
ଭ୍ରୂକକ୍ଷୋପରି ଗୁଚ୍ଛଶ୍ଚ କୁସୁମାନୁକୃତି ର୍ଭବେତ୍ ॥ ୨୨ ॥
ଶିରସୋ ଭୂଷଣଂ ଚୈବ ବିଚିତ୍ରଂ ଶୀର୍ଷଜାଲକମ୍ ।
କଣ୍ଡକଂ ଶିଖିପତ୍ରଂ ଚ ବେଣୀକଞ୍ଚଂ ସଦୋରକମ୍ ॥ ୨୩ ॥
କର୍ଣ୍ଣଭୂଷା-କର୍ଣ୍ଣିକା କର୍ଣ୍ଣବଳୟଂ ତଥା ସ୍ୟାତ୍ ପତ୍ରକର୍ଣ୍ଣିକା ।
କୁଣ୍ଡଳଂ କର୍ଣ୍ଣମୁଦ୍ରାଚ କର୍ଣ୍ଣୋତ୍କୀଳକ ଏବ ଚ ॥ ୨୪ ॥
ନାନାରତ୍ନ ବିଚିତ୍ରାଣି ଦନ୍ତପତ୍ରାଣି ଚୈବ ହି ।
କର୍ଣ୍ଣୟୋ ର୍ଭୂଷଣଂ କାର୍ଯ୍ୟଂ କର୍ଣ୍ଣପୂରସ୍ତଥୈବ ଚ ॥ ୨୫ ॥
ଗଣ୍ଡଭୂଷା-ତିଳକାଃ ପତ୍ରଲେଖା ଚ ଭବେତ୍ ଗଣ୍ଡବିଭୂଷଣମ୍ ।
ବକ୍ଷୋ ଭୂଷା-ତ୍ରିବେଣୀ ଚୈବ ବିଜ୍ଞେୟଂ ଭବେତ୍ ବକ୍ଷୋ ବିଭୂଷଣମ୍ ॥ ୨୬ ॥
ନେତ୍ରୟୋ ରଞ୍ଜନଂକାର୍ଯ୍ୟ ମଧରସ୍ୟ ଚ ରଞ୍ଜନମ୍ ।
ଦନ୍ତାନାଂ ବିବିଧା ରାଗା ଶ୍ଚତୁର୍ଣ୍ଣାଂ ଶୁକ୍ଳତା ତଥା ॥ ୨୭ ॥

ଶିଖାପାଶ ସ୍ତ୍ରୀମାନଙ୍କର ବେଣୀବନ୍ଧନ ଏବଂ ଗୁଡ଼େଇ ଗୁଡ଼େଇ ବାନ୍ଧିବାକୁ ବେଣୀବ୍ୟାଳ କହନ୍ତି ଏହି ଶିଖାପାଶ ବା ବେଣୀ ବନ୍ଧନରେ ବାନ୍ଧିରଖିବା ପାଇଁ ପିଣ୍ଡୀପତ୍ର ଦିଆଯାଏ । ଚୂଡ଼ାମଣି ସୁନ୍ଥା ବା ସିନ୍ଥୀ ପାଖରେ ଲଟକିଥାଏ । ମକରିକା ଚନ୍ଦ୍ରଝୁମ୍ପା ପରି, ମାତ୍ର ଝୁମ୍ପାଟି ମକର ଭଳି ହୋଇଥାଏ । ମୁକ୍ତାରେ ଝାଲେରୀପରି ଏହାଲଟକା ଆକାରରେ ପିନ୍ଧାଯାଏ । ଗବାକ୍ଷିକଗୁଡ଼ିକ ଏକ ପ୍ରକାର କ୍ଲିପ୍ । ଲଲାଟରେ ଅଠା ସାହାଯ୍ୟରେ ଲଲାଟତିଳକ ପିନ୍ଧାଯାଏ । ଏଥିରେ ବିଭିନ୍ନ ପ୍ରକାର ଶିଳ୍ପ ଥାଏ । ଭ୍ରୂକକ୍ଷର ଠିକ ଉପରେ ଫୁଲତୋଡ଼ା ଚିତ୍ର କରାଯାଏ । (କସ୍ତୁରୀ କୁଙ୍କୁମ ପ୍ରଭୃତିରେ) । ସମ୍ପୂର୍ଣ୍ଣ କେଶପାଶ ଉପରେ କାରୁକାର୍ଯ୍ୟ ମଣ୍ଡିତ ଶୀର୍ଷଜାଲ ପିନ୍ଧାଯାଏ । ଡୋରରେ ବାନ୍ଧି କଣ୍ଡକ, ଶିଖିପତ୍ର ଓ ବେଣୀକଞ୍ଚ ପିନ୍ଧାଯାଏ ॥ ୨୧,୨୨,୨୩ ॥ କର୍ଣ୍ଣିକା (ଛୋଟକାନଫୁଲ) କର୍ଣ୍ଣବଳୟ (କାନରିଂ) ପତ୍ରକର୍ଣ୍ଣିକା (ଲମ୍ବା ଆକାରର ଫୁଲ ବା ପତ୍ର ସୁନାର) କୁଣ୍ଡଳ, କର୍ଣ୍ଣମୁଦ୍ରା (ସମ୍ପୂର୍ଣ୍ଣ ସୁନାର କାନ) କର୍ଣ୍ଣୋତ୍କୀଳକ (ଖିଲରେ ଥିବା ଫୁଲମାନ) ଅନେକ ରତ୍ନଯୁକ୍ତ ହାତୀଦାନ୍ତ ତିଆରୀ ଦନ୍ତପତ୍ର, କର୍ଣ୍ଣପୂର (କାନ ପାଶା) ଏହି ସମସ୍ତ କର୍ଣ୍ଣର ଭୂଷଣ ଅଟେ ॥ ୨୪, ୨୫ ॥ ଗଣ୍ଡଦେଶରେ ତିଳକ ଓ ପତ୍ରଲେଖା ଚିତ୍ର ଗଣ୍ଡର ଭୂଷଣ ଅଟେ । ଛାତିରେ ତିନିସରିଆ ହାର । ନେତ୍ରରେ ଅଞ୍ଜନ, ଅଧରରେ ରଞ୍ଜନ କରାଯିବ । ଛାମୁଦାନ୍ତ ଚାରିଟିକୁ ଆବଶ୍ୟକ ଅନୁଯାୟୀ ବୁଢ଼ାହେଲେ କଳା ପ୍ରୌଢ଼ ବିଦୂଷକ କ୍ଷେତ୍ରରେ ଲାଲ ବା ମିଶାକଳା, ଯୁବକଯୁବତୀଙ୍କର ସ୍ୱଚ୍ଛ ଧବଳ ବର୍ଣ୍ଣ କରାଯିବ ॥ ୨୬,୨୭ ॥

Digitized by srujanika@gmail.com

ରାଗାନ୍ତର ବିକଳ୍ପୋଦ୍ଧଥ ଶୋଭନେନାଧିକୋଜ୍ଜ୍ୱଳଃ ।
ମୁଗ୍ଧାନାଂ ସୁନ୍ଦରୀଣାଂଚ ମୁକ୍ତାଭାଃ ସ୍ମିତଶୋଭନାଃ ॥ ୨୮ ॥
ସୁରକ୍ତା ବାପି ଦନ୍ତାଃ ସ୍ୟୁଃ ପଦ୍ମପଲ୍ଲବରଞ୍ଜନାଃ ।
ଅଶ୍ମରାଗୋଦ୍ ଦ୍ୟୋତିତଃ ସ୍ୟାଦଧରଃ ପଲ୍ଲବପ୍ରଭଃ ॥ ୨୯ ॥
ବିଳାସଶ୍ଚ ଭବେତ୍ ତାସାଂ ସବିଭ୍ରାନ୍ତ ନିରୀକ୍ଷିତମ୍ ।
ମୁକ୍ତାବଳୀ ବ୍ୟାଳପଂକ୍ତି ର୍ମଞ୍ଜରୀ ରତ୍ନମାଳିକା ॥ ୩୦ ॥
ରତ୍ନାବଳୀ ଚ ସୂତ୍ରଂ ଚ ଜ୍ଞେୟଂ କଣ୍ଠବିଭୂଷଣମ୍ ।
ଦ୍ୱିଃସର ସ୍ତ୍ରିସରଶ୍ଚୈବ ଚତୁଃସରକମେବ ଚ ॥ ୩୧ ॥
ତଥା ଶୃଙ୍ଖଳିକା ଚୈବ ଭବେତ୍ କଣ୍ଠ ବିଭୂଷଣମ୍ ।
ମଣିଜାଲକନଦ୍ଧଂଚ ଭବେତ୍ ପୃଷ୍ଠବିଭୂଷଣମ୍ ।
ଅଙ୍ଗଦଂବଳୟଂ ଚୈବ ବାହୁମୂଳବିଭୂଷଣମ୍ ॥ ୩୩ ॥
ଖର୍ଜ୍ଜୂରକଂ ସୋଚ୍ଛତିକଂ ବାହୁନାଳୀ ବିଭୂଷଣମ୍ ।
କଳାପୀ କଟକଂ ଶଙ୍ଖଃ, ହସ୍ତପତ୍ରଂ ସପୂରକମ୍ ॥ ୩୪ ॥
ମୁଦ୍ରାଙ୍ଗୁଲୀୟଙ୍କ ଚ ସ୍ୟାଦଙ୍ଗୁଳୀନାଂ ବିଭୂଷଣମ୍ ।
କାଞ୍ଚୀମୌକ୍ତିକ-ଜାଲାଢ଼୍ୟଂ ତଳକଂ ମେଖଳଂ ତଥା ॥ ୩୫ ॥

ଅନ୍ୟ ବିକଳ୍ପ ରାଗ ମଧ୍ୟ ଦେଇପାରିବ ଯାହାକି ଶୋଭାବର୍ଦ୍ଧକ ଅଧିକ ଭାବେ ହୋଇପାରିବ । ମୁଗ୍ଧା ସୁନ୍ଦରୀମାନଙ୍କ ଦନ୍ତ ମୁକ୍ତାପରି ହେଲେ ଅଳପ ହସରେ ସୁନ୍ଦର ଦିଶିବ । ପଦ୍ମଫୁଲ ପାଖୁଡାର ରଙ୍ଗ ମଧ୍ୟ ଭଲ ଦିଶେ । ନାଲି ପୋହଳା ପରି ଅଧର ନବପଲ୍ଲବ ପରି ହେବା ଉଚିତ । ଟିକିଏ ତେରଛା ଚାହାଣି ତାଙ୍କର ହେବା ଉଚିତ । ମୁକ୍ତାବଳୀ, ବ୍ୟାଳପଂକ୍ତି, ମଞ୍ଜରୀ, ରତ୍ନମାଳିକା ରତ୍ନାବଳୀ ଓ ସୂତ୍ର ଏଗୁଡ଼ିକ କଣ୍ଠର ଅଳଙ୍କାର । ଦିସରିଆ, ତିନିସରିଆ, ଚାରିସରିଆ ଏବଂ ମୋଡ଼ା ଦଉଡ଼ିଭଳି ମଧ୍ୟ କଣ୍ଠଭୂଷଣ ହୋଇଥାଏ । ବିବିଧ କାରୁକାର୍ଯ୍ୟମଣ୍ଡିତ ହାର ବକ୍ଷର ଅଳଙ୍କାର ଅଟେ । ପିଠିରେ ମଣିଜାଲ ମଣ୍ଡିତ ଝାଳର ପିନ୍ଧାଯାଏ ପୃଷ୍ଠଭୂଷଣ ଭାବରେ । ବାହୁ ମୂଳରେ (କାଖ ପାଖାପାଖି) ଅଙ୍ଗଦ, ବଳୟ, ବାହୁ ମଝିରେ ଖର୍ଜ୍ଜୁରକ, ସୋଚ୍ଛିତିକ କଳାପୀ, କଟକ ଓ ଶଙ୍ଖ ପିନ୍ଧାଯାଏ । ହସ୍ତପତ୍ର, ପୂରକ, ମୁଦ୍ରା, ଅଙ୍ଗୁରୀୟକ, ଏହା ଅଙ୍ଗୁଳିମାନଙ୍କର ଭୂଷଣ । ମୁକ୍ତା ଜାଲ ମଣ୍ଡିତ କାଞ୍ଚୀ, ତଳକ, ମେଖଳା, ରଶନା ଓ କଳାପ ଏହା ଶ୍ରୋଣୀର ଭୂଷଣ । କାଞ୍ଚୀରେ ଗୋଟିଏ ଆବେଷ୍ଟନୀ, ମେଖଳାରେ ଆଠ, ରଶନାରେ ଷୋହଳ ଏବଂ କଳାପରେ ପଚିଶଟି ଆବେଷ୍ଟନୀ ରହିଥାଏ ॥ ୨୮-୩୬ ॥ ବତିଶ, ଚଉଷଠି, ଓ ଶହେ ଆଠ ସରିରେ ଦେବତା ଓ ମହାରାଣୀମାନଙ୍କର ମୁକ୍ତାହାର ହୋଇଥାଏ ॥ ୩୭ ॥

Digitized by srujanika@gmail.com

ରସନା ଚ କଳାପଶ୍ଚ ଭବେଦ୍ ଶ୍ରୋଣୀ ବିଭୂଷଣମ୍ ।
ଏକ ଯଷ୍ଟିର୍ଭବେଦ୍ କାଞ୍ଚୀ ମେଖଳା ତ୍ୱଷ୍ଟ ଯଷ୍ଟିକା ।। ୩୬ ।।
ରଶନା ଷୋଡଶ ଜ୍ଞେୟା କଳାପଃ ପଞ୍ଚବିଂଶତିଃ ।
ଦ୍ୱାତ୍ରିଂଶଚ୍ଚ ଚତୁଃଷଷ୍ଟିଃ ଶତମଷ୍ଟୋତ୍ତରଂ ତଥା ।। ୩୭ ।।
ମୁକ୍ତାହାରା ଭବନ୍ତ୍ୟେତେ ଦେବପାର୍ଥିବଯୋଷିତାମ୍ ।
ନୂପୁରଃ କିଙ୍କିଣୀକାଶ୍ଚ ଘଣ୍ଟିକାଜାଲମେବ ଚ ।। ୩୮ ।।
ସଂଘୋଷ କଟକଂ ଚୈବ ଗୁଲ୍ଫୋପରି ବିଭୂଷଣମ୍ ।
ଜଂଘୟୋଃ ପାଦପତ୍ରଂ ସ୍ୟାଦ୍ ଅଙ୍ଗୁଳୀଷ୍ୱଙ୍ଗୁଳୀୟକମ୍ ।। ୩୯ ।।
ଅଙ୍ଗୁଷ୍ଠେ ତିଳକଂ ଚୈବ ପାଦୟୋସ୍ତୁ ବିଭୂଷଣମ୍ ।
ତଥୈବାଳକ୍ତରାଗଶ୍ଚ ନାନାଭକ୍ତିନିବେଶିତଃ ।। ୪୦ ।।
ଅଶୋକପଲ୍ଲବଚ୍ଛାୟଃ ସ୍ୟାଦ୍ ସ୍ୱାଭାବିକ ଏବ ବା ।
ଏତଦ୍ଧି ଭୂଷଣଂନାର୍ଯ୍ୟା ଆକେଶାଦାନଖାଦପି ।। ୪୧ ।।
ଯଥାଭାବ ରସାବସ୍ଥଂ ବିଜ୍ଞାୟୈବ ପ୍ରୟୋଜୟେଦ୍ ।
ଆଗମଶ୍ଚ ପ୍ରମାଣଂ ଚ ରୂପ ନିର୍ବର୍ଣ୍ଣନଂ ତଥା ।। ୪୨ ।।
ବିଶ୍ୱକର୍ମୋଦ୍‌ଭବଂ କାର୍ଯ୍ୟଂ ବୁଦ୍ଧ୍ୟା ଚାପି ପ୍ରୟୋଜୟେଦ୍ ।
ନହି ଶକ୍ୟଂ ସୁବର୍ଣ୍ଣେନ ମୁକ୍ତାଭିର୍ମଣିଭିସ୍ତଥା ।। ୪୩ ।।

ପାଦଗଣ୍ଠିପାଖରେ ନୂପୁର, କିଙ୍କିଣୀ (ଛୋଟ ପାଗୁଡ଼ୀ) ଘଣ୍ଟିକାଜାଲ (ଚମଡାରେ କଣା ହୋଇବନ୍ଧା ଯାଇଥିବା ଘୁଙ୍ଗୁର) ସଂଘୋଷ କଟକ (ମାଳଘୁଙ୍ଗୁର) ଅଳଙ୍କାର ରୂପେ ବନ୍ଧାଯାଏ । ଜଂଘା (ଭଣ୍ଡା)ରେ ପାଦପତ୍ର (ପୁରା ଭଣ୍ଡାକୁ ଆବରଣ କରିଥାଏ) ଏବଂ ଆଙ୍ଗୁଳିମାନଙ୍କରେ ଅଙ୍ଗୁଳୀୟକ ଭୂଷଣ ଅଟେ ।। ୩୮, ୩୯ ।। ଗୋଡର ବୁଢ଼ା ଆଙ୍ଗୁଠିରେ ପିନ୍ଧାଯାଉଥିବା ମୁଦିକୁ ତିଳକ କହନ୍ତି । ଏହି ସମସ୍ତ ପାଦର ଅଳଙ୍କାର । ସେହିପରି ଅଳତା ବିଭିନ୍ନ ରଙ୍ଗର ବିଭିନ୍ନ ଭଙ୍ଗୀରେ ଦିଆଯାଏ ।।୪୦।। କଁଚିଆଁ ଅଶୋକ ପତ୍ରର ରଙ୍ଗ କିମ୍ବା ସ୍ୱାଭାବିକ ଲାଲରଙ୍ଗ ବ୍ୟବହାର କରାଯାଏ । ଏହି ସମସ୍ତ କେଶଠାରୁ ନଖପର୍ଯ୍ୟନ୍ତ ନାରୀର ଭୂଷଣ ଅଟେ ।। ୪୧ ।। ଭାବ, ରସ ଓ ଅବସ୍ଥାକୁ ଲକ୍ଷ୍ୟକରି ପ୍ରୟୋଗ କରିବ । ଶାସ୍ତ୍ର ପ୍ରମାଣ ଏବଂ ରୂପ କଳ୍ପନା ଏସବୁ ବିଶ୍ୱକର୍ମାଙ୍କଠାରୁ ଜାତ ହୋଇଅଛି । ଟିକିଏ ବୁଦ୍ଧି ଖର୍ଚ୍ଚକରି ଏହାକୁ ପ୍ରୟୋଗ କରିବ । ସୁନା, ରୂପା, ମଣି, ମୁକ୍ତା ନେଇ ନିଜର

Digitized by srujanika@gmail.com

ସ୍ୱାଧୀନଂ ଚେଷ୍ଟୟା ଚୈବ କର୍ତ୍ତୁମଙ୍ଗସ୍ୟ ଭୂଷଣମ୍
ବିଭାଗତୋଦ୍ଧଭିପ୍ରଯୁକ୍ତମଙ୍ଗ ଶୋଭାକରଂ ଭବେତ୍ ॥ ୪୪ ॥
ଯଥା ସ୍ଥାନାନ୍ତରଗତଂ ଭୂଷଣଂ ରତ୍ନସଂଯୁତମ୍ ।
ନତୁ ନାଟ୍ୟପ୍ରୟୋଗଷ୍ଟୁ କର୍ତ୍ତବ୍ୟଂ ଭୂଷଣଂ ବହୁ ॥ ୪୫ ॥
ଖେଦଂ ଜନୟତେ ତଦ୍ଧି ସବ୍ୟାୟତ ବିଚେଷ୍ଟନାତ୍ ।
ଗୁର୍ବାଭରଣସନ୍ନୋ ହି ଚେଷ୍ଟାଂ ନ କୁରୁତେ ପୁନଃ ॥ ୪୬ ।
ଗୁରୁଭାରାବସନ୍ନସ୍ୟ ସ୍ୱେଦୋ ମୂର୍ଚ୍ଛା ପ୍ରଜାୟତେ ।
ତସ୍ମାନ୍ନ ସମ୍ୟକ୍ ଚ କୃତଂ ସୌବର୍ଣ୍ଣଂ ଭୂଷଣଂ ଭବେତ୍ ॥ ୪୭ ॥
ଜତୁ ପୂର୍ଣ୍ଣାଚ୍ଚ ରତ୍ନଂ ତୁ ନ ଖେଦଜନନଂ ଭବେତ୍.।
ସ୍ୱେଚ୍ଛୟା ଭୂଷଣ ବିଧି ର୍ଦିବ୍ୟାନା ମୁପଦିଶ୍ୟତେ ।
ଯତ୍ନଭାବ ବିନିଷ୍ପନ୍ନଂ ମାନୁଷାଣାଂ ବିଭୂଷଣମ୍ ॥ ୪୮ ॥
ଭୂଷଣୈଶ୍ଚାପି ବେଶୈସ୍ତୁ ନାନାବସ୍ଥାସମାଶ୍ରୟୈଃ ।
ଦିବ୍ୟାଙ୍ଗନାନାଂ କର୍ତ୍ତବ୍ୟା ବିଭକ୍ତିଃ ସ୍ୱ ସ୍ୱ ଭୂମିକା ॥ ୪୯ ॥
ବିଦ୍ୟାଧରୀଣାଂ ଯକ୍ଷୀଣା ମପ୍ସରୋନାଗ ଯୋଷିତାମ୍ ।
ଋଷିଦୈବତ କନ୍ୟାନାଂ ବେଶୈର୍ନାନାତ୍ୱ ମିଷ୍ୟତେ ॥ ୫୦ ॥
ଦିବ୍ୟାନାଂ ନରନାରୀଣାଂ ମାନୁଷୀଣାଂ ତଥୈବଚ ॥ ୫୧ ॥

ସ୍ୱାଧୀନ ଚେଷ୍ଟା ବଳରେ ଅଙ୍ଗ ଭୂଷଣ ପ୍ରୟୋଗ କରିବ । ବିଭାଗ ଅନୁଯାୟୀ ଏହି ସବୁ କାର୍ଯ୍ୟ କଲେ ନିଶ୍ଚୟ ଅଙ୍ଗଶୋଭା ବଢ଼ିବ ॥ ୪୨-୪୪ ॥ (ବହୁ ଅଳଙ୍କାର ନାମ କୁହାଗଲା) ଯେଉଁ ସ୍ଥାନରେ ଯେପରି ଯେତିକି ଲାଗିବ ସେତିକି ରତ୍ନମଣ୍ଡିତ ଭୂଷଣ ବ୍ୟବହାର କରିବ । ଗୁଡାଏ ଅଳଙ୍କାର ନାଟକରେ ବ୍ୟବହାର କରିବ ନାହିଁ । ତାହାଣ ବାଆ ପଟ ବୁଲିଲା ବେଳକୁ ସେଗୁଡ଼ିକ ଭାରି କଷ୍ଟଦିଏ । ବେଶି ଅଳଙ୍କାର ବା ଓଜନିଆ ଅଳଙ୍କାର ଦ୍ୱାରା ଅବସନ୍ନ ହୋଇଗଲେ ନଟ କୌଣସି କାର୍ଯ୍ୟକରି ପାରେ ନାହିଁ ॥ ୪୬ ॥ ଭାରର ଗୁରୁତାରେ ଝାଳବୁହେ । ମୂର୍ଚ୍ଛା ମଧ୍ୟ ହୋଇପାରେ । ତେଣୁ ପୁରା ସୁନା ବା ରୂପାରେ ଅଳଙ୍କାର କରିବ ନାହିଁ । ଜଉଦିଆ ଅଚ୍ଚ ରତ୍ନ ଯୁକ୍ତ ଅଳଙ୍କାର ହାଲୁକା ହୁଏ । ନିଜ ଇଚ୍ଛାନୁଯାୟୀ ଦିବ୍ୟମାନଙ୍କର ଭୂଷଣ ବିଧାନ କରିବ ବୋଲି ପରାମର୍ଶ ଦିଆଗଲା । ଯତ୍ନରେ କିନ୍ତୁ ମନୁଷ୍ୟପାତ୍ରଙ୍କର ଅଳଙ୍କାର ଯୋଜନା କରିବ ॥ ୪୮ ॥ ଦିବ୍ୟାଙ୍ଗନାମାନଙ୍କର ନିଜ ନିଜ ଜନ୍ମ ସ୍ଥାନ ନେଇ ଅଲଗା ଅଲଗା ବେଶ ରଚନା ହେବ । ବିଦ୍ୟାଧରୀ, ଯକ୍ଷୀ, ଅପ୍ସରା, ନାଗରମଣୀ, ମୁନିକନ୍ୟା, ଦେବ କନ୍ୟା ଇତ୍ୟାଦିଙ୍କର ସ୍ୱତନ୍ତ୍ର ପ୍ରକାର ବେଶ ହେବ ॥ ୪୯-୫୦ ॥ ସିଦ୍ଧ, ଗନ୍ଧର୍ବ, ରାକ୍ଷସ ଓ ଅସୁର କାମିନୀମାନଙ୍କର, ଦିବ୍ୟରେ ନାରୀ ଓ ମନୁଷ୍ୟ (ସାଧାରଣ)

Digitized by srujanika@gmail.com

ଶିଖାପୁଟ ଶିଖଣ୍ଡଂ ତୁ ମୁକ୍ତା ଭୂୟିଷ୍ଠ ଭୂଷଣମ୍ ।
ବିଦ୍ୟାଧାରୀଣାଂ କର୍ତ୍ତବ୍ୟଃ ଶୁଦ୍ଧୋବେଶ ପରିଚ୍ଛଦଃ ॥ ୫୨ ॥
ଯକ୍ଷିଣ୍ୟପ୍ସରସାଂ ଚୈବ କାର୍ଯ୍ୟଂ ରତ୍ନୈର୍ବିଭୂଷଣମ୍ ।
ସମସ୍ତାନାଂ ଭବେଦ୍ ବେଶୋ ଯକ୍ଷୀଣାଂ କେବଳଂ ଶିଖା ॥ ୫୩ ॥
ଦିବ୍ୟବଦ୍ ସଂପ୍ରକର୍ତ୍ତବ୍ୟଂ ନାଗୀନାଂ ତୁ ବିଭୂଷଣମ୍ ।
ମୁକ୍ତା ମଣିଲତା ପ୍ରାୟଂ ଫଂଣସ୍ତାସାଂ ତୁ କେବଳମ୍ ॥ ୫୪ ॥
କାର୍ଯ୍ୟଂ ତୁ ମୁନି କନ୍ୟାନା ମେକବେଣୀ ଧରଂଶିରଃ ।
ନଚାପି ଭୂଷଣଂ କାର୍ଯ୍ୟଂ ତାସା ମତ୍ୟର୍ଥତୋ ଭବେଦ୍ ॥ ୫୫ ॥
ମୁକ୍ତାମରକତପ୍ରାୟଂ ମଣ୍ଡନଂ ସିଦ୍ଧଯୋଷିତାମ୍ ।
ତାସାଂ ଚୈବ ତୁ କର୍ତ୍ତବ୍ୟଂ ପୀତବସ୍ତ୍ର ପରିଚ୍ଛଦମ୍ ॥ ୫୬ ॥
ପଦ୍ମରାଗ ମଣିପ୍ରାୟଂ ଗନ୍ଧର୍ବୀଣାଂ ବିଭୂଷଣମ୍ ।
ବୀଣାହସ୍ତାଶ୍ଚ କର୍ତ୍ତବ୍ୟାଃ କୌସୁମ୍ଭବସନାସ୍ତଥା ॥ ୫୭ ॥
ଇନ୍ଦ୍ରନୀଳୈସ୍ତୁ କର୍ତ୍ତବ୍ୟଂ ରାକ୍ଷସୀନାଂ ବିଭୂଷଣମ୍ ।
ସିତା ଦଂଷ୍ଟ୍ରା ଚ କର୍ତ୍ତବ୍ୟା କୃଷ୍ଣବସ୍ତ୍ର ପରିଚ୍ଛଦଃ ॥ ୫୮ ॥

ରମଣୀମାନଙ୍କର ମଧ୍ୟ ସ୍ୱତନ୍ତ୍ର ବେଶ ପରିପାଟୀ ହେବ ॥ ୫୧ ॥ ବିଦ୍ୟାଧାରୀମାନଙ୍କ କେଶ କବରୀ ଆକାରରେ ବନ୍ଧା ହେବ । ମୁକ୍ତାମଣ୍ଡିତ ଅଳଙ୍କାର ସେମାନଙ୍କର ବହୁଳ ବ୍ୟବହାର ହେବ । ସେମାନଙ୍କର ଧବଳବର୍ଣ୍ଣ ବସ୍ତ୍ର ପରିଚ୍ଛଦ ହେବ ॥ ୫୨ ॥ ଯକ୍ଷିଣୀ ଓ ଅପ୍ସରାମାନଙ୍କର ଅଳଙ୍କାର ରତ୍ନବହୁଳ । ଏକାବେଶ, କେବଳ ଯକ୍ଷୀଙ୍କର ଶିଖାରହିବ । (ମଝିରେ କେଶଗୁଡ଼ିକ କାକପକ୍ଷଭଳି ବନ୍ଧାହେବ) ॥ ୫୩ ॥ ଦିବ୍ୟନାରୀମାନଙ୍କ ପରି ନାଗବଧୂମାନଙ୍କର ଭୂଷଣ ମୁକ୍ତମଣି ଲତା ପ୍ରଭୃତିରେ ମଣ୍ଡିତ ହେବ । କେବଳ ଫଣା ରହିବ ॥ ୫୪ ॥ ମୁନୀ କନ୍ୟାମାନଙ୍କର ଗୋଟିଏ ବେଣୀ ହେବ । ସେମାନଙ୍କର ବେଶି ଭୂଷଣ କରିବ ନାହିଁ ॥ ୫୫ ॥ ସିଦ୍ଧାଙ୍ଗନାମାନଙ୍କର ମୁକ୍ତା ଓ ମରକତମଣି ଅଧିକ ରହିବ । ସେମାନଙ୍କର ପୀତବସନ ହେବ ॥ ୫୬ ॥ ଗନ୍ଧର୍ବୀମାନଙ୍କର ପଦ୍ମରାଗମଣିର ଅଳଙ୍କାର ଅଧିକ ରହିବ । ସେମାନଙ୍କ ହାତରେ ବୀଣା ରହିବ । ଗୋଲାପି ରଙ୍ଗର ବସ୍ତ୍ର ସେମାନେ ପିନ୍ଧିବେ ॥ ୫୭ ॥ ରାକ୍ଷସୀମାନେ ଇନ୍ଦ୍ରନୀଳମଣିର ଅଳଙ୍କାର ପିନ୍ଧିବେ । ଦନ୍ତଗୁଡ଼ିକ ଶୁଭ୍ରବର୍ଣ୍ଣ ହେବ । କୃଷ୍ଣବର୍ଣ୍ଣର ବସ୍ତ୍ର ପିନ୍ଧିବେ ॥ ୫୮ ॥ ଦେବାଙ୍ଗନାମାନେ ବୈଦୁର୍ଯ୍ୟ ଅଳଙ୍କାର ପିନ୍ଧିବେ । ଶୁକ ପକ୍ଷୀର ପକ୍ଷ ରଙ୍ଗର ବସ୍ତ୍ର ସେମାନେ ପରିଧାନ କରିବେ ॥ ୫୯ ॥

Digitized by srujanika@gmail.com

ବୈଦୂର୍ଯ୍ୟ ମୁକ୍ତାଭରଣାଃ କର୍ତ୍ତବ୍ୟାଃ ସୁରଯୋଷିତଃ ।
ଶୁକପିଚ୍ଛନିଭୈର୍ବସ୍ତ୍ରୈଃ କାର୍ଯ୍ୟସ୍ତାସାଂ ପରିଚ୍ଛଦଃ ॥ ୫୯ ॥
ପୁଷ୍ପରାଗୈଶ୍ଚ ମଣିଭିଃ କ୍ୱଚିଦ୍ ବୈଦୂର୍ଯ୍ୟ ଭୂଷିତଃ ।
ଦିବ୍ୟ ବାନର ନାରୀଣାଂ କାର୍ଯ୍ୟୋ ନୀଳପରିଚ୍ଛଦଃ ॥ ୬୦ ॥
ଏବଂ ଶୃଙ୍ଗାରିଣଃ କାର୍ଯା ବେଶା ଦିବ୍ୟାଙ୍ଗନା ଶ୍ରୟାଃ ।
ଅବସ୍ଥାନ୍ତର ମାସାଦ୍ୟ ଶୁଦ୍ଧାଃ କାର୍ଯ୍ୟାଃପୁନସ୍ତଥା ॥ ୬୧ ॥
ମାନୁଷୀଣାଂ ତୁ କର୍ତ୍ତବ୍ୟା ନାନାଦେଶ ସମୁଦ୍‌ଭବା ।
ବେଶା ସ୍ୱାଭରଣୋପେତା ସ୍ତାଂଶ୍ଚ ସମ୍ୟକ୍ ନିବୋଧତ ॥ ୬୨ ॥
ଅବନ୍ତୀଗୌଡ଼ୀନାମ୍-ଅବନ୍ତୀଯୁବତୀନାଂ ତୁ ଶିରଃ ସାଳକ କୁନ୍ତଳମ୍ ।
ଗୌଡ଼ୀନା ମଳକ ପ୍ରାୟଂ ସଶିଖାପାଶ ବେଣିକମ୍ ॥ ୬୩ ॥
ଆଭୀରୀ-ଆଭୀରଯୁବତୀନାଂ ତୁ ଦ୍ୱିବେଣୀଧରମେବଚ ।
ଶିରଃପରିଗମଃ କାର୍ଯୋ ନୀଳପ୍ରାୟମଥାମ୍ବରମ୍ ॥ ୬୪ ॥

ଦିବ୍ୟବାନରାଙ୍ଗନା (ତାରା, ଅଞ୍ଜନା, ରୁମା ପ୍ରଭୃତି) ମାନଙ୍କର ବସ୍ତ୍ର ନୀଳବର୍ଣ୍ଣ ହେବ । ପୁଷ୍ପରାଗ ଓ ବୈଦୂର୍ଯ୍ୟ ମଣିର ଅଳଙ୍କାରରେ ସେମାନଙ୍କୁ ଭୂଷିତ କରାଯିବ ॥ ୬୦ ॥ ଦିବ୍ୟାଙ୍ଗନାମାନଙ୍କର ଶୃଙ୍ଗାର ରସରେ ଏହିପରି କରିବା ଉଚିତ । ଅବସ୍ଥାନ୍ତର ଅର୍ଥାତ୍ ଶୋକ ଭୟ ପ୍ରଭୃତିରେ ସେହି ଅବସ୍ଥା ପାଇଁ ଯାହା ଶୁଦ୍ଧ ବା ଠିକ୍ ସେହିପରି କରାଯିବ ॥ ୬୧ ॥ ମାନବୀମାନଙ୍କର ସେହି ୨ ଦେଶର ନାୟିକା ପାଇଁ ସେହି ସେହି ଦେଶର ପୋଷାକ ଓ ଅଳଙ୍କାର ବ୍ୟବହାର କରାଯାଏ । ସେଗୁଡ଼ିକ ମନଦେଇ ଶୁଣ ॥ ୬୨ ॥ ଅବନ୍ତୀର କାମିନୀମାନଙ୍କର କୁଞ୍ଚିତ କେଶ, ଗୌଡଦେଶର ନାରୀମାନଙ୍କର ପ୍ରାୟକୁଞ୍ଚିତ । କିନ୍ତୁ ବେଣୀ ବନ୍ଧାଯାଇ ପୁନରାୟ ଶିଖାପାଶ (ଖୋସା) ହୋଇଥିବ ॥ ୬୩ ॥ ଆଭୀରୀ ନାରୀମାନଙ୍କର ଦୁଇଟି ବେଣୀ ସମ୍ପୂର୍ଣ୍ଣ ମସ୍ତକକୁ ବେଢ଼ି ରହିଥିବ । ବସ୍ତ୍ରାଦିରରଙ୍ଗ ସାଧାରଣ ନୀଳ ହେବ ॥ ୬୪ ॥ ପୂର୍ବୋତ୍ତର ଦେଶର ସ୍ତ୍ରୀମାନଙ୍କର ଶୀର୍ଷଉପରେ ଉଚ୍ଚହୋଇ କେଶ ବନ୍ଧା ହୋଇ ରହିବ । ସେମାନଙ୍କ ବେଶ ସଜ୍ଜାରେ କେଶ ପର୍ଯ୍ୟନ୍ତ ଆଚ୍ଛାଦନ ରହିବ ॥ ୬୫ ॥ ଦାକ୍ଷିଣାତ୍ୟ ସ୍ତ୍ରୀମାନଙ୍କର (ଓଲଟା ଗଣ୍ଠିଆ ଖୋସା) ଉଲ୍ଲେଖ୍ୟନାମକ କେଶବନ୍ଧନ ହେବ । ସେହି ଖୋସା ଉପରେ କୁମ୍ଭୀପଦକ ଖୋସାଯିବ । ଆବର୍ତ୍ତଲଲାଟିକ ମଧ୍ୟ କରାଯିବ । (ଲଲାଟ ପାଖର କେଶକୁ ଓଲଟାଇ ଉଚ୍ଚକରି ଏକ ପ୍ରକାର ସଜ୍ଜା କରାଯାଏ) ॥ ୬୬ ॥

Digitized by srujanika@gmail.com

ପୂର୍ବୋତ୍ତରୀୟାଣାମ୍-ତଥା ପୂର୍ବୋତ୍ତର ସ୍ତ୍ରୀଣାଂ ସମୁନ୍ନଦ୍ଧ ଶିଖଣ୍ଡକମ୍ ।
ଆକେଶଂ ଛାଦନଂ ତାସାଂ ବେଶ କର୍ମଣି କୀର୍ତ୍ତିତମ୍ ।। ୬୫ ।।
ଦାକ୍ଷିଣାତ୍ୟାନାମ୍-ତଥା ଚ ଦକ୍ଷିଣସ୍ତ୍ରୀଣାଂ କାର୍ଯ ମୁଲ୍ଲେଖ୍ୟ ସଂଶ୍ରିତମ୍ ।
କୁମ୍ଭୀପଦକ ସଂଯୁକ୍ତଂ ତଥାବର୍ତ୍ତଲଲାଟିକମ୍ ।। ୬୬ ।।
ଦେଶ ଜାତି ବିଶେଷଣ ଶେଷାଣା ମପି କାରୟେତ୍ ।
ବେଶଂ ତଥାଚାଭରଣଂ କ୍ଷୁରକର୍ମ ପରିଚ୍ଛଦମ୍ ।। ୬୭ ।।
ଅଦେଶ ଯୁକ୍ତୋ ବେଶୋ ହି ନ ଶୋଭାଂ ଜନୟିଷ୍ୟତି ।
ମେଖଳୋରସି ବନ୍ଧାତୁ ହାସ୍ୟାୟୈବୋପଜାୟତେ ।। ୬୮ ।।
ଯଥା ପ୍ରୋଷିତ କାନ୍ତା ଯା ବ୍ୟସନାଭିହ୍ୱତାଶ୍ଚ ଯାଃ ।
ବେଶଃ ସ୍ୟାନ୍ ମଳିନଃ ତାସା ମେକବେଣୀଧରଂ ଶିରଃ ।। ୬୯ ।।
ବିପ୍ରଲମ୍ଭେ ହି ନାର୍ଯ୍ୟାସ୍ତୁ ଶୁଦ୍ଧୋ ବେଶୋ ଭବେଦିହ ।
ନାତ୍ୟାଭରଣସଂଯୁକ୍ତୋ ନ ଚାପି ମୃଜୟାନ୍ୱିତଃ ।। ୭୦ ।।

ଦେଶ ଜାତି ପ୍ରଭୃତି ବିବେଚନା କରି ଅବଶିଷ୍ଟ ଦେଶ ନାଗରିକଙ୍କର ସେଠିକାର ପ୍ରଚଳନ ଅନୁଯାୟୀ ବସ୍ତ୍ର ଓ ବସ୍ତ୍ର ପରିପାଟୀ ତଥା ଅଳଙ୍କାର ଏବଂ କେଶ ଶ୍ମଶ୍ରୁ କ୍ଷୌର ବ୍ୟବସ୍ଥା କରିବ ।। ୬୭ ।। ଦେଶରେ ଚଳୁନଥିବା ବେଶ ପୋଷାକ ଓ ଅଳଙ୍କାର ଶୋଭାପାଇବ ନାହିଁ । ଅଣ୍ଟାରେ ବନ୍ଧାଯାଉଥିବା ମେଖଳାକୁ ଛାତିରେ ବାନ୍ଧିଲେ ବା ମାଳାପରି ପିନ୍ଧିଲେ ଲୋକେ ହସିବା ହିଁ ସାର ହେବ ।। ୨୮ ।। ଯେଉଁମାନେ ପ୍ରୋଷିତ ଭର୍ତ୍ତୃକା ଦୁଃଖରେ ଯେଉଁମାନେ ଭାଙ୍ଗିପଡ଼ୁଥିବେ- ସେମାନଙ୍କର ବେଶ ମଳିନ ଓ ଗୋଟିଏ ମାତ୍ର ବେଣୀରେ ମସ୍ତକ ସଜ୍ଜା କରିବ ।। ୬୯ ।। ବିପ୍ରଲମ୍ଭ ଅବସ୍ଥାରେ ନାରୀର ବେଶ ଶୁଦ୍ଧ ଓ ସଂକ୍ଷିପ୍ତ ହେବ । ବେଶି ଅଳଙ୍କାର ରହିବ ନାହିଁ । ପରିଷ୍କାର ପରିଚ୍ଛନ୍ନ ମଧ୍ୟ ରହିବ ନାହିଁ ।। ୭୦ ।। ଦେଶ ଓ ଅବସ୍ଥା (ହର୍ଷଶୋକ ଇତ୍ୟାଦି)କୁ ଦେଖି ସ୍ତ୍ରୀମାନଙ୍କର ଏହିପରି ବେଶ ବିନ୍ୟାସ କରିବ । ଏବେ ପୁଣି ବିଚାର ଅନୁଯାୟୀ ପୁରୁଷମାନଙ୍କ ବେଶ ବିଷୟରେ କହିବି ।। ୭୧ ।। ପ୍ରଥମେ ନାଟ୍ୟପ୍ରୟୋଜକ ଅଙ୍ଗରଚନା କରିବେ । ଏହାପରେ ଦେଶ ଓ ଭାବକୁ ବିଚାରକୁ ନେଇ ବେଶ ପ୍ରୟୋଗ କରିବେ ।। ୭୨ ।। ଶୁକ୍ଳ, ନୀଳ, ପୀତ ଏବଂ ରକ୍ତ ଏହି ଚାରିଟି ସ୍ୱାଭାବିକ ବର୍ଣ୍ଣ ଅଟନ୍ତି । ଯେଉଁ ଗୁଡ଼ିକ ଦ୍ୱାରା ଅଙ୍ଗବର୍ତ୍ତନ କରାଯିବ ।। ୭୩ ।। ଏହିମାନଙ୍କ ସଂଯୋଗରେ ଅନେକ ଅନ୍ୟ ଉପବର୍ଣ୍ଣ ହୋଇଥା'ନ୍ତି । ସେଗୁଡ଼ିକ ମୁଁ କହିବି । ପ୍ରୟୋଜକ ବିଚାରକରି କାର୍ଯ୍ୟ କରିବେ ।। ୭୪ ।। ଶୁକ୍ଳ ଏବଂ ନୀଳ ଯୋଗକଲେ ଯେଉଁ ବର୍ଣ୍ଣ ହୁଏ ତାହାକୁ କାରଣ୍ଡବ କହନ୍ତି । ଶୁକ୍ଳ ଓ ପୀତବର୍ଣ୍ଣ ମିଶ୍ରଣରେ ପାଣ୍ଡୁବର୍ଣ୍ଣ, ଶୁକ୍ଳ ଓ ରକ୍ତ ମିଶିଲେ ପଦ୍ମବର୍ଣ୍ଣ, ପୀତ ଓ ନୀଳବର୍ଣ୍ଣ ସଂଯୋଗରୁ ହରିତବର୍ଣ୍ଣ ଉଦ୍‌ଭବ ହୋଇଥାଏ ।। ୭୫, ୭୬ ।।

Digitized by srujanika@gmail.com

ଏବଂ ସ୍ତ୍ରୀଣାଂ ଭବେଦ୍ ବେଶୋ ଦେଶାବସ୍ଥାସମୁଦ୍‌ଭବଃ ।
ପୁରୁଷାଣାଂ ପୁନଶ୍ଚୈବ ବେଶାନ୍ ବକ୍ଷ୍ୟାମି ତତ୍ତ୍ୱତଃ ॥ ୭୧ ॥
ତତ୍ରାଙ୍ଗ ରଚନା ପୂର୍ବଂ କର୍ତ୍ତବ୍ୟା ନାଟ୍ୟଯୋକ୍ତୃଭିଃ ।
ଅତଃପରଂ ପ୍ରୟୋକ୍ତବ୍ୟା ବେଶା ଦେଶସମୁଦ୍‌ଭବାଃ ॥ ୭୨ ॥

ଅଙ୍ଗରଚନା ବର୍ଣ୍ଣାଃ -

ସିତୋ ନୀଳଶ୍ଚ ପୀତଶ୍ଚ ଚତୁର୍ଥୋ ରକ୍ତ ଏବ ଚ ।
ଏତେ ସ୍ୱଭାବଜା ବର୍ଣ୍ଣା ଯୈଃ କାର୍ଯ୍ୟଂ ତ୍ୱଙ୍ଗବର୍ତ୍ତନମ୍ ॥ ୭୩ ॥
ସଂଯୋଗଜାଃ ପୁନଶ୍ଚାନ୍ୟେ ଉପବର୍ଣ୍ଣା ଭବନ୍ତି ହି ।
ତାନହଂ ସଂପ୍ରବକ୍ଷ୍ୟାମି ଯଥାକାର୍ଯ୍ୟାଃ ପ୍ରୟୋକ୍ତୃଭିଃ ॥ ୭୪ ॥
ସିତନୀଳ ସମାଯୋଗାଦ୍ କାରଣ୍ଡବ ଇତି ସ୍ମୃତଃ ।
ସିତପୀତ ସମାଯୋଗାଦ୍ ପାଣ୍ଡୁବର୍ଣ୍ଣଃ ପ୍ରକୀର୍ତ୍ତିତଃ ॥ ୭୫ ॥
ସିତରକ୍ତ ସମାଯୋଗାଦ୍ ପଦ୍ମବର୍ଣ୍ଣ ଇତିସ୍ମୃତଃ ।
ପୀତନୀଳ ସମାୟୋଗାଦ୍ ହରିତୋନାମ ଜାୟତେ ॥ ୭୬ ॥

ନୀଳବର୍ଣ୍ଣ ଓ ରକ୍ତବର୍ଣ୍ଣ ସଂଯୋଗରୁ କଷାୟ, ରକ୍ତ ଓ ପୀତବର୍ଣ୍ଣ ମିଶ୍ରଣରୁ ଗୌରବର୍ଣ୍ଣ ହୋଇଥାଏ ॥ ୭୭ ॥ ଏମାନେ ହେଲେ ସଂଯୋଗବର୍ଣ୍ଣ । ତିନି ଚାରିଟି ବର୍ଣ୍ଣ ମିଶି ଯେଉଁ ବର୍ଣ୍ଣ ହୁଅନ୍ତି ସେହି ବହୁ ପ୍ରକାର (ମାତ୍ରା ଅନୁଯାୟୀ) ବର୍ଣ୍ଣକୁ ଉପବର୍ଣ୍ଣ କୁହାଯାଏ ॥ ୭୮ ॥ ଯେଉଁ ବର୍ଣ୍ଣର ଆ'ଧିକ୍ୟ ଇଚ୍ଛାକରିବ ତାହାର ଭାଗ ୫୦% ଏବଂ ଅନ୍ୟ ଦୁର୍ବଳବର୍ଣ୍ଣ ୫%, ୨୫% ମିଶାଇବ । କିନ୍ତୁ ନୀଳପାଇଁ ଏହି ବିଚାର ନୁହେଁ ॥ ୭୯ ॥ ମିଶ୍ରଣ କ୍ଷେତ୍ରରେ ନୀଳବର୍ଣ୍ଣକୁ ୨୦% ହିଁ ଦେବ । ଏବଂ ଅନ୍ୟବର୍ଣ୍ଣ ୮୦% ଦେବ । ସବୁ ବର୍ଣ୍ଣ ମଧ୍ୟରେ ନୀଳବର୍ଣ୍ଣ ବଳବାନ୍ ଅଟେ ॥ ୮୦ ॥ ଏହିପରି ବର୍ଣ୍ଣମାନଙ୍କ ମିଶ୍ରଣ ବିଧି ଜାଣି ବବିଧ ପ୍ରକାର ବର୍ଣ୍ଣ ସଂଯୋଗରେ ସଂଯୋଗବର୍ଣ୍ଣ ଓ ଉପବର୍ଣ୍ଣମାନ ରଚନାକରି ରୂପାଶ୍ରିତ ବର୍ତ୍ତନା ଆରମ୍ଭ କରିବ ॥ ୮୧ ॥ ବର୍ତ୍ତନାଦ୍ୱାରା ଆଚ୍ଛାଦିତ ରୂପ ହେଲେ ନିଜର ବ୍ୟକ୍ତିଗତ ରୂପଟି ଲୁଚିଯାଏ । ଏହା ପରେ ସେ ପାତ୍ର ଭଳି ଅନୁଭୂତ ହୁଏ । (ପ୍ରୟୋଗରେ ଦେଖାଯାଏ, ସାଧାରଣ ଲୋକ ପାତ୍ରକୁ ବ୍ୟକ୍ତି ଆକାରରେ ଚିହ୍ନି ପାରନ୍ତି ନାହିଁ । ଏହି ଅଚିହ୍ନାକୁ ପାତ୍ର କୁହାଯାଏ ॥ ୮୨ । ।ନିଜର ବର୍ଣ୍ଣ ଓ ବେଶକୁ ସମ୍ପୂର୍ଣ୍ଣ ଲୁଚାଇ ଯେଉଁ ଭୂମିକାରେ ଅଭିନୟ କରିବାକୁ ଅଛି, ତାହାରହିଁ ରୂପ, ବର୍ଣ୍ଣ ଓ ବେଶ ଧାରଣକରି ଆକୃତି ମଧ୍ୟ (ଜାମ୍ବବାନ୍ ଭାଲୁ ମୁହଁ, ହନୁମାନ ମାଙ୍କଡ଼ ମୁହଁ) ଗ୍ରହଣ କରିବେ । ୮୩ ॥

Digitized by srujanika@gmail.com

ନୀଳରକ୍ତ ସମାଯୋଗାଦ୍ କଷାୟୋ ନାମ ଜାୟତେ ।
ରକ୍ତପୀତ ସମାଯୋଗାଦ୍ ଗୌର ଇତ୍ୟଭିଧୀୟତେ ॥ ୭୭ ॥
ଏତେ ସଂଯୋଗଜା ବର୍ଣ୍ଣା ହ୍ୟୁପବର୍ଣ୍ଣାସ୍ତଥାପରେ ।
ତ୍ରିଚତୁର୍ବର୍ଣ୍ଣ ସଂଯୁକ୍ତା ବହବଃ ପରିକୀର୍ତ୍ତିତାଃ ॥ ୭୮ ॥
ବଳସ୍ଥୋ ଯୋ ଭବେଦ୍ ବର୍ଣ୍ଣସ୍ତସ୍ୟ ଭାଗୋ ଭବେଦ୍ ତତଃ ।
ଦୁର୍ବଳସ୍ୟ ଚ ଭାଗୌ ଦ୍ୱୌ ନୀଳଂ ମୁକ୍ତ୍ୱା ପ୍ରଦାପୟେଦ୍ ॥ ୭୯ ॥
ନୀଳସ୍ୟୈକୋ ଭବେଦ୍ ଭାଗଃ ତତ୍ୱାରୋଦ୍ଧନ୍ୟେତୁ ବର୍ଣ୍ଣକେ ।
ବଳବାନ୍ ସର୍ବବର୍ଣ୍ଣାନାଂ ନୀଳ ଏବ ପ୍ରକୀର୍ତ୍ତିତଃ ॥ ୮୦ ॥
ଏବଂ ବର୍ଣ୍ଣବିଧିଂ ଜ୍ଞାତ୍ୱା ନାନାସଂଯୋଗସମ୍ଭବମ୍ ।
ତତସ୍ତୁ ବର୍ତ୍ତନା କାର୍ଯ୍ୟା ନାନା ରୂପସମାଶ୍ରୟା ॥ ୮୧ ॥
ବର୍ତ୍ତନାଚ୍ଛାଦିତଂ ରୂପଂ ସ୍ୱବେଶ ପରିବର୍ଜ୍ଜିତମ୍ ।
ନାଟ୍ୟଧର୍ମ - ପ୍ରବୃତ୍ତଂ ତୁ ଜ୍ଞେୟଂ ତଦ୍ ପ୍ରକୃତି ସ୍ଥିତମ୍ ॥ ୮୨ ॥
ସ୍ୱବର୍ଣ୍ଣ ମାତ୍ମନସ୍ତ୍ୱାଦ୍ୟଂ ବର୍ଣ୍ଣକୈ ର୍ବେଶସଂଶ୍ରୟୈଃ ।
ଆକୃତିସ୍ତସ୍ୟ କର୍ତ୍ତବ୍ୟା ଯସ୍ୟ ପ୍ରକୃତି ମାସ୍ଥିତା ॥ ୮୩ ॥
ଯଥା ଜନ୍ତୁଃ ସ୍ୱଭାବଂ ସ୍ୱଂ ପରିତ୍ୟଜ୍ୟାନ୍ୟଦେହଜମ୍ ।
ପରଭାବଂ ପ୍ରକୁରୁତେ ଯସ୍ୟ ବେଶଂ ସମାଶ୍ରିତଃ ॥ ୮୪ ॥

ଯେପରି ଜୀବାତ୍ମା ଗୋଟିଏ ମାନବ ଦେହ ତ୍ୟାଗକରି ଜନ୍ମାନ୍ତରରେ ହାତୀ ବା କୁକୁରହେଲେ ସେହି ଚରିତ୍ର ଓ ଚର୍ଯ୍ୟା ଗ୍ରହଣ କରିଥାଏ । ସେହିପରି ନିଜ ବେଶ ଆଚ୍ଛାଦିତ କରି ଭୂମିକାର ବେଶ ଧାରଣ କରିବା ପରେ ପାତ୍ର ସେହି ଭୂମିକାର ଚରିତ୍ର ହିଁ (ନିଜକୁ ଭୁଲି) ଗ୍ରହଣ କରିଥାଏ । (ରଙ୍ଗ ଓ ବସ୍ତ୍ର ଅଳଙ୍କାର ଦ୍ୱାରା ବା ମୁଖା ପ୍ରଭୃତି ଦ୍ୱାରା) ॥ ୮୪,୯୫ ॥ ଦେବ, ଦାନବ, ଗନ୍ଧର୍ବ, ଯକ୍ଷ, ରାକ୍ଷସ ଓ ପନ୍ନଗ ପ୍ରଭୃତି ଏବଂ ଅନ୍ୟମାନେ ମଧ୍ୟ ଜୀବ ବନ୍ଧରେ ଥିବା ଯୋଗୁଁ ଏମାନଙ୍କୁ ପ୍ରାଣି ନାମରେ କୁହାଯାଇଥାଏ ॥ ୮୬ ॥ (ପର୍ବତ ସମୁଦ୍ର ଆଦି ଏବଂ ଲତା ନଦୀ ଆଦି ସ୍ତ୍ରୀ ଭାବନାରେ ଯେଉଁମାନଙ୍କୁ ଗ୍ରହଣ କରାଯାଏ, ରଥ ବ୍ୟୋମଯାନ ପ୍ରଭୃତି ବାହନ ଏପରିକି ଶାସ୍ତ୍ର (ମନ୍ତ୍ର ଶକ୍ତି ଚାଳିତ ବ୍ରହ୍ମାସ୍ତ୍ର ଏକଘ୍ନ ପ୍ରଭୃତି ବାଣ) ଗୁଡ଼ିକ ମଧ୍ୟ ପ୍ରାଣୀ ବୋଲି ଗ୍ରହଣ କରାଯାଇଥା'ନ୍ତି ॥ ୮୭ ॥
ପର୍ବତ, ପ୍ରାସାଦ, ଯନ୍ତ୍ର, ଢ଼ାଲ, ସାଞ୍ଜୁ, ପତାକା ଓ ଅନ୍ୟାନ୍ୟ ପଦାଦି ପ୍ରହରଣ ମଧ୍ୟ ପ୍ରାଣୀ ବୋଲି ବିବେଚିତ ହୋଇଥାଆନ୍ତି ॥ ୮୮ ॥ ଅଥବା ଦରକାର ବେଳେ ବେଶ ଭାଷା ପ୍ରୟୋଗକରି ନାଟ୍ୟ ଧର୍ମରେ ଏମାନେ ଶରୀର ଧାରଣ କରିଥାଆନ୍ତି ।

Digitized by srujanika@gmail.com

ଦେବଦାନବ ଗନ୍ଧର୍ବ-ଯକ୍ଷ ରାକ୍ଷସ ପନ୍ନଗାଃ ।
ପ୍ରାଣିସଂଜ୍ଞାଃ ସ୍ମୃତାହ୍ୟେତେ ଜୀବବନ୍ଧାଶ୍ଚ ଯେଦ୍ଧପରେ ॥ ୮୬ ॥
(ସ୍ତ୍ରୀଭାବାଃ ପର୍ବତା ନଦ୍ୟଃ ସମୁଦ୍ରା ବାହନାନି ଚ ।
ନାନା ଶସ୍ତ୍ରାଣ୍ୟପି ତଥା ବିଜ୍ଞେୟାଃ ପ୍ରାଣିସଂଜ୍ଞକାଃ) ॥ ୮୭ ॥
ଅଥବା କାରଣୋପେତା ଭବନ୍ତ୍ୟେତେ ଶରୀରିଣଃ ।
ବେଶଭାଷାଶ୍ରୟୋପେତା ନାଟ୍ୟଧର୍ମ ମବେକ୍ଷ୍ୟତୁ ॥ ୮୯ ॥।
ବର୍ଣ୍ଣାନାଂ ତୁ ବିଧିଂ ଜ୍ଞାତ୍ୱା ବୟଃ ପ୍ରକୃତି ମେବ ଚ ।
କୁର୍ଯ୍ୟାଦଙ୍ଗସ୍ୟ ରଚନାଂ ଦେଶ-ଜାତି-ବୟଃସ୍ଥିତାମ୍ ॥ ୯୦ ॥
ଦେବା ଗୌରାସ୍ତୁ କର୍ତ୍ତବ୍ୟା ଯକ୍ଷାଶ୍ଚାପ୍ସରସସ୍ତଥା ।
ରୁଦ୍ରାର୍କ ବ୍ରୁହିଣ ସ୍କନ୍ଦା ସ୍ତପନୀୟ ସମପ୍ରଭାଃ ॥ ୯୧ ॥
ସୋମୋ ବୃହସ୍ପତିଃ ଶୁକ୍ରୋ ବରୁଣ ସ୍ତାରକାଗଣଃ ।
ସମୁଦ୍ରୋ ହିମବାନ୍ ଗଙ୍ଗା ଶ୍ୱେତାଃକାର୍ଯ୍ୟାସ୍ତୁ ବର୍ଣ୍ଣତଃ ॥ ୯୨ ॥
ରକ୍ତ ମଙ୍ଗାରକଂ ବିଦ୍ୟାଦ୍ ପୀତୌ ବୁଧ ହୁତାଶନୌ ।
ନାରାୟଣୋ ନରଶ୍ଚୈବ ଶ୍ୟାମୋ ନାଗଶ୍ଚ ବାସୁକିଃ ॥ ୯୩ ॥
ଦୈତ୍ୟାଶ୍ଚ ଦାନବା ଶ୍ଚୈବ ରାକ୍ଷସା ଗୁହ୍ୟକା ନଗାଃ ।
ପିଶାଚା ଜଳ ମାକାଶ ମସିତାନିତୁ ବର୍ଣ୍ଣତଃ ॥ ୯୪ ॥

ଯଥା- ସ୍ମରଣ କରନ୍ତେ ସୁଦର୍ଶନ ଚକ୍ର ଆସିଲେ । ଇନ୍ଦ୍ର ବଜ୍ରକୁ କହିଲେ । ଇନ୍ଦ୍ରଜିତ୍ ନାଗପାଶକୁ ଆଦେଶ ଦେଲେ । ଏହି କ୍ଷେତ୍ରରେ ଅସ୍ତ୍ରମାନେ ରୂପଧାରଣ କରି ପ୍ରଭୁଙ୍କ ପାଖରେ ଉପସ୍ଥିତ ହୋଇ ଆଜ୍ଞାପକରି ଥା'ନ୍ତି । ୮୯ ॥ ବର୍ଣ୍ଣମାନଙ୍କର ବିଧି ଜାଣି ବୟସ ଓ ପ୍ରକୃତି ବିଚାରକରି ଶରୀରର ବର୍ଣ୍ଣ ବିନ୍ୟାସ ଦେଶ ଜାତି ଓ ବୟସ ଅନୁଯାୟୀ କରିବ ॥ ୯୦ ॥ ଦେବତାମାନଙ୍କୁ ଗୌରବର୍ଣ୍ଣ, ଯକ୍ଷ ଓ ଅପ୍ସରାମାନେ ମଧ୍ୟ ଗୌରବର୍ଣ୍ଣ, ଶିବ, ବ୍ରହ୍ମା କାର୍ତ୍ତିକେୟ ସୁବର୍ଣ୍ଣବର୍ଣ୍ଣ ହେବେ ॥ ୯୧ ॥ ଚନ୍ଦ୍ର, ବୃହସ୍ପତି, ଶୁକ୍ର, ବରୁଣ, ତାରାଗଣ, ସମୁଦ୍ର, ହିମାଳୟ ଓ ଗଙ୍ଗା ଧବଳବର୍ଣ୍ଣ ହେବେ ॥ ୯୨ ॥ ମଙ୍ଗଳ ରକ୍ତବର୍ଣ୍ଣ, ବୁଧ ଏବଂ ଅଗ୍ନି ପୀତବର୍ଣ୍ଣ, ନାରାୟଣ, ନର (ଅବତାର) ଅର୍ଜୁନ, ବାସୁକି, ଏମାନେ ଶ୍ୟାମବର୍ଣ୍ଣ ହେବେ ॥ ୯୩ ॥ ଦୈତ୍ୟ, ଦାନବ, ରାକ୍ଷସ, ଗୁହ୍ୟକ, ପର୍ବତ, ପିଶାଚ, ଜଳ, ଆକାଶ (ଏମାନେ ନାଟକରେ ରୂପଧରି ଆସିଲେ) କୃଷ୍ଣବର୍ଣ୍ଣ ହେବେ ॥ ୯୪ ॥ ଯକ୍ଷ, ଗନ୍ଧର୍ବ, ଭୂତ, ସର୍ପ, ବିଦ୍ୟାଧର, ପିତୃଗଣ (ଅଗ୍ନିଷ୍ୱାତ୍ତ ପ୍ରଭୃତି ଦିବ୍ୟ ପିତୃଗଣ, ଅଗ୍ନିଷ୍ୱାତ୍ତ, ସୌମ୍ୟ, ହବିଷ୍ମାନ୍, ଉଷ୍ମପ, ସୁକାଳିନ୍, ବର୍ହିଷଦ, ଆଜ୍ୟପା, ଏହି ୭ଟି ଗଣ) ଓ ବାନରଗଣ ନାନାବର୍ଣ୍ଣ ହେବେ ॥ ୯୫ ॥ ନାଟ୍ୟବିତ୍ ଛଅଟି ଯାକ ଦ୍ୱୀପରେ ଜାତ ହୋଇଥିବା ଲୋକମାନଙ୍କୁ ତପ୍ତ ସ୍ୱର୍ଣ୍ଣବର୍ଣ୍ଣ କରିବ ॥ ୯୬ ॥

Digitized by srujanika@gmail.com

ନାନାବର୍ଣ୍ଣାଃ ସ୍ମୃତାଯକ୍ଷାଃ ଗନ୍ଧର୍ବା ଭୂତପନ୍ନଗାଃ ।
ବିଦ୍ୟାଧରାଃ ସପିତରୋ ବାନରାଶ୍ଚ ତଥୈବହି ।। ୯୫ ।।
ଭବନ୍ତି ଷଟ୍‌ସୁ ଦ୍ୱୀପେଷୁ ଯେ ନରା ବର୍ଣ୍ଣତସ୍ତୁତେ ।
କର୍ତ୍ତବ୍ୟା ନାଟ୍ୟତତ୍ତ୍ୱଜ୍ଞୈ ର୍ନିଷ୍ଟପ୍ତ କନକପ୍ରଭାଃ ।। ୯୬ ।।
ଜମ୍ବୁଦ୍ୱୀପସ୍ୟ ବର୍ଷେଷୁ ନାନାବର୍ଣ୍ଣାଶ୍ରୟା ନରାଃ ।
ଉତ୍ତରାଂସ୍ତୁ କୁରୂଂସ୍ତ୍ୟକ୍ତ୍ୱା ତେ ଚାପି କନକ ପ୍ରଭାଃ ।। ୯୭ ।।
ଭଦ୍ରାଶ୍ୱେ ପୁରୁଷାଃଶ୍ୱେତାଃ କର୍ତ୍ତବ୍ୟା ବର୍ଣ୍ଣତୋ ବୁଧୈଃ ।
କେତୁମାଲେ ନରା ନୀଳା ଗୌରାଃ ଶେଷେଷୁ କୀର୍ତ୍ତିତାଃ ।। ୯୮ ।।
ନାନାବର୍ଣ୍ଣାଃ ସ୍ମୃତାଭୂତା ବାମନା ବିକୃତାନନାଃ ।
ବରାହମେଷ ମହିଷ ମୃଗବକ୍ତ୍ରାସ୍ତଥୈବ ଚ ।। ୯୯ ।।
ପୁନଶ୍ଚ ଭାରତେ ବର୍ଷେ ତାଂସ୍ତାନ୍ ବର୍ଣ୍ଣାନ୍ ନିବୋଧତ ।
ରାଜାନଃ ପଦ୍ମବର୍ଣ୍ଣାଃ ସ୍ୟୁଃ ଶ୍ୟାମା ଗୌରାସ୍ତଥୈବ ଚ ।। ୧୦୦ ।।
ଯେ ଚାପି ସୁଖିନୋ ମର୍ତ୍ତ୍ୟା ଗୌରାଃକାର୍ଯ୍ୟାସ୍ତୁତେ ବୁଧୈଃ ।
କୁକର୍ମିଣୋ ଗ୍ରହଗ୍ରସ୍ତା ବ୍ୟାଧିତା ସ୍ତପସି ସ୍ଥିତାଃ ।। ୧୦୧ ।।

ଜମ୍ବୁଦ୍ୱୀପର ବର୍ଷମାନଙ୍କରେ ବିବିଧ ବର୍ଣ୍ଣର ଲୋକ ମିଳନ୍ତି । ଉତ୍ତରକୁରୁକୁ ଛାଡ଼ି ଅନ୍ୟମାନଙ୍କୁ ସ୍ୱର୍ଣ୍ଣବର୍ଣ୍ଣ କରିବ ।। ୯୭ ।। ଭଦ୍ରାଶ୍ୱର ଲୋକ ଧବଳବର୍ଣ୍ଣ, କେତୁମାଳରେ ନୀଳବର୍ଣ୍ଣ, ଅବଶିଷ୍ଟ ଗୌରବର୍ଣ୍ଣ ।। ୯୮ ।। ବିକୃତମୁଖ ବିଶିଷ୍ଟ ଶୂକର, ମେଷ, ମହିଷ ଓ ହରିଣ ପରି ମୁଖଯୁକ୍ତ ବାମନ ପ୍ରାଣୀମାନଙ୍କୁ ନାନାବର୍ଣ୍ଣର କରାଯିବ ।। ୯୯ ।। ଭାରତବର୍ଷରେ ମଧ୍ୟ ବିବିଧ ବର୍ଣ୍ଣ ବିଷୟ ଶୁଣ, ରାଜାମାନେ ପଦ୍ମବର୍ଣ୍ଣ, ଶ୍ୟାମବର୍ଣ୍ଣ ଓ ଗୌରବର୍ଣ୍ଣ ହେବେ ।। ୧୦୦ ।। ସୁଖୀ ଲୋକମାନେ ଗୌରବର୍ଣ୍ଣ । କୁକର୍ମୀ, ଗ୍ରହଗ୍ରସ୍ତ, ବ୍ୟାଧିଗ୍ରସ୍ତ, ତପସ୍ୟାନିରତ, କ୍ଳେଶଦାୟକ ଶ୍ରମଜୀବୀ ଏବଂ ନୀଚ ଜାତିର ଲୋକ କୃଷ୍ଣ ବର୍ଣ୍ଣ କରାଯିବେ । ଋଷିମାନେ ପାଚିଲା ବରକୋଳି ବର୍ଣ୍ଣ କିନ୍ତୁ ତପସ୍ୟା ନିରତ କୃଷ୍ଣବର୍ଣ୍ଣ ହେବେ ।। ୧୦୧,୧୦୨ ।।ଦେଶ ଜାତି ଓ ବୟସକୁ ଲକ୍ଷ୍ୟକରି, ଦରକାର ପଡ଼ିଲେ କିଂବା ନିଜପସନ୍ଦ ମୁତାବକ ଅନ୍ୟ ବର୍ଣ୍ଣ ମଧ୍ୟ ପ୍ରୟୋଗ କରାଯାଇପାରେ ।। ୧୦୩ ।। ଦେଶ କର୍ମ ଜାତି ଏବଂ ବାସସ୍ଥାନକୁ ବିଚାରକୁ ନେଇ ପାତ୍ରମାନଙ୍କର ଶରୀରର ବର୍ଣ୍ଣରଚନା କରିବ ।। ୧୦୪ ।। କିରାତ, ବର୍ବର, ଆନ୍ଧ୍ର, ଦ୍ରାବିଡ଼, କାଶୀ, କୋସଳ, ପୁଳିନ୍ଦ ଓ ଦାକ୍ଷିଣାତ୍ୟମାନେ ଅଧିକାଂଶ କୃଷ୍ଣବର୍ଣ୍ଣ । ଶକ ଯବନ, ପହ୍ଲବ, ବାହ୍ଲିକ, ଏବଂ ଉତ୍ତରାଞ୍ଚଳବାସୀ ଅଧିକାଂଶ ଗୌରବର୍ଣ୍ଣ । ପାଞ୍ଚାଳ, ଶୂରସେନ, ଭଦ୍ର ମାଗଧ, ଅଙ୍ଗ, ବଙ୍ଗ, କଳିଙ୍ଗ ଦେଶଜମାନେ ଶ୍ୟାମବର୍ଣ୍ଣ କରାଯିବେ । ବ୍ରାହ୍ମଣ, କ୍ଷତ୍ରିୟ ଗୌରବର୍ଣ୍ଣ, ବୈଶ୍ୟ ଓ ଶୁଦ୍ର ଶ୍ୟାମବର୍ଣ୍ଣ କରାଯିବେ ।

Digitized by srujanika@gmail.com

ଆୟସ୍ତକର୍ମିଣ ଶ୍ଚୈବ ହ୍ୟସିତାଶ୍ଚ କୃଚ୍ଛାତୟଃ ।
ରକ୍ଷୟଶ୍ଚୈବ କର୍ତ୍ତବ୍ୟା ନିତ୍ୟଂତୁ ବଦର ପ୍ରଭାଃ ।। ୧୦୨ ।।
ତପଃସ୍ଥିତାଶ୍ଚ ଋଷୟୋ ନିତ୍ୟମେବାସିତା ବୁଧୈଃ ।
କାରଣବ୍ୟପଦେଶେନ ତଥା ଚାତ୍ମେଚ୍ଛୟା ପୁନଃ ।। ୧୦୩ ।।
ବର୍ଣ୍ଣସ୍ତ୍ୱନ୍ୟଃ ପ୍ରୟୋକ୍ତବ୍ୟୋ ଦେଶଜାତିବୟଃଶ୍ରିତଃ ।
ଦେଶଂ କର୍ମ ଚ ଜାତିଂଚ ପୃଥ୍ବ୍ୟୁଦ୍ଦେଶ ସଂଶ୍ରୟମ୍ ।। ୧୦୪ ।।
ବିଜ୍ଞାୟ ବର୍ତ୍ତନା କାର୍ଯ୍ୟା ପୁରୁଷାଣାଂ ପ୍ରୟୋଗତଃ ।
କିରାତ ବର୍ବରାନ୍ଧ୍ରାଶ୍ଚ ଦ୍ରାବିଡା କାଶିକୋସଳାଃ ।। ୧୦୫ ।।
ପୁଳିନ୍ଦା ଦାକ୍ଷିଣାତ୍ୟାଶ୍ଚ ପ୍ରାୟେଣ ତ୍ୱସିତାଃ ସ୍ମୃତାଃ ।
ଶକାଶ୍ଚ ଯବନାଶ୍ଚୈବ ପହ୍ଲବା ବାହ୍ଲିକାଶ୍ଚ ଯେ ।। ୧୦୬ ।।
ପ୍ରାୟେଣ ଗୌରାଃ କର୍ତ୍ତବ୍ୟା ଉତ୍ତରା ଯେ ଶ୍ରିତାଃ ଦିଶମ୍ ।
ପାଞ୍ଚାଳାଃ ଶୂରସେନାଶ୍ଚ ମାହିଷା ଔଡ୍ରମାଗଧାଃ ।। ୧୦୭ ।।
ଅଙ୍ଗା ବଙ୍ଗାଃ କଳିଙ୍ଗାଶ୍ଚ ଶ୍ୟାମାଃ କାର୍ଯ୍ୟାସ୍ତୁ ବର୍ଣ୍ଣତଃ ।
ବ୍ରାହ୍ମଣା କ୍ଷତ୍ରିୟା ଶ୍ଚୈବ ଗୌରାଃ କାର୍ଯ୍ୟା ସ୍ତଥୈବ ହି ।। ୧୦୮ ।।
ବୈଶ୍ୟାଃ ଶୂଦ୍ରାସ୍ତଥା ଚୈବ ଶ୍ୟାମାଃକାର୍ଯ୍ୟାସ୍ତୁ ବର୍ଣ୍ଣତଃ ।
ଏବଂ କୃତ୍ୱା ଯଥାନ୍ୟାୟଂ ମୁଖାଙ୍ଗୋପାଙ୍ଗବର୍ତ୍ତନାମ୍ ।। ୧୦୯ ।।
ଶ୍ମଶ୍ରୁକର୍ମ ପ୍ରଯୁଞ୍ଜୀତ ଦେଶ କାଳବୟୋଽନୁଗମ୍ ।

ଏହିପରି ବିଧାନ ଅନୁଯାୟୀ ମୁଖ, ଅଙ୍ଗ ଓ ଉପାଙ୍ଗମାନଙ୍କୁ ବର୍ଣ୍ଣରେ ବର୍ଣ୍ଣିତ କରିସାରି, ଦେଶ, କର୍ମ ଓ କ୍ରିୟା ତଥା ବୟସ ଅନୁସାରେ ଶ୍ମଶ୍ରୁ କର୍ମ (କ୍ଷୌର କର୍ମ ବା ଦାଢ଼ୀ ସାଇଜ କରିବା, ନିଶ ରଖିବା ଇତ୍ୟାଦି) ଆରମ୍ଭ କରିବ ।। ୧୦୫-୧୦୯ ।। ବିବିଧ ଅବସ୍ଥା ଅନୁସାରେ ଶ୍ମଶ୍ରୁ (ଦାଢ଼ୀ) ଚାରିପ୍ରକାର ହେବ । ୧. ଶୁଦ୍ଧ (ଧବଳ), ୨.ଶ୍ୟାମ, ୩.ବିଚିତ୍ର, ୪.ରୋମଶ । ବାବାଜି, ମନ୍ତ୍ରୀ, ପୁରୋହିତ, ମଧ୍ୟମ ଶ୍ରେଣୀର ପ୍ରୌଢ଼ଲୋକ, ଏବଂ ଦୀକ୍ଷାନେଇଥିବାଲୋକଙ୍କର ଶୁକ୍ଳବର୍ଣ୍ଣର ଦାଢ଼ୀ ହେବ । ସିଦ୍ଧ, ବିଦ୍ୟାଧର ପ୍ରଭୃତି ଦିବ୍ୟ ପୁରୁଷ, କୁମାର, ରାଜକର୍ମଚାରୀ, ଶୃଙ୍ଗାରୀ (ସଉକୀବାଲା) ଏବଂ ଯୌବନୋନ୍ମାଦୀ ଏମାନଙ୍କର ବିଚିତ୍ର ନିଶ ଦାଢ଼ି ସବୁ ବେଶ ଶିଳ୍ପୀଙ୍କ ମନ ଅନୁଯାୟୀ କରାଯିବ । ଜିଦ୍ ଉପରେ ଥିବାଲୋକ (ପରୀକ୍ଷାରେ, ମକଦମାରେ ପାଶ୍ କଲେ, ଘର ତିଆରି ସରିଲେ, ତୁ ମଲେ ଇତ୍ୟାଦି) ଦୁଃଖିତ, ତପସ୍ୱୀ, ବିପଦଗ୍ରସ୍ତ ଏମାନଙ୍କର ସେହି ସମୟରେ ଶ୍ୟାମବର୍ଣ୍ଣର ଦାଢ଼ୀ କରାଯିବ । ତପସ୍ୟା ନିରତ, ଋଷିଗଣ ଏବଂ ସଙ୍କଳ୍ପକରି

Digitized by srujanika@gmail.com

ଶୁଦ୍ଧଂ ଶ୍ୟାମଂ ବିଚିତ୍ରଂ ଚ ତଥା ରୋମଶ ମେବ ଚ ॥ ୧୦୦ ॥
ଚତୁର୍ବିଧଂ ଭବେତ୍ ଶ୍ମଶ୍ରୁ ନାନାବସ୍ଥାନ୍ତରାଶ୍ରୟମ୍ ।
ଶୁଦ୍ଧଂ ତୁ ଲିଙ୍ଗିନାଂ କାର୍ଯ୍ୟଂ ତଥାମାତ୍ୟ ପୁରୋଧସାମ୍ ॥ ୧୧୧ ॥
ମଧ୍ୟସ୍ଥା ଯେ ଚ ପୁରୁଷା ଯେ ଚ ଦୀକ୍ଷାଂ ସମାଶ୍ରିତାଃ ।
ଦିବ୍ୟା ଯେ ପୁରୁଷାଃ କେଚିତ୍ ସିଦ୍ଧବିଦ୍ୟାଧରାଦୟଃ ॥ ୧୧୨ ॥
ପାର୍ଥିବାଶ୍ଚ କୁମାରାଶ୍ଚ ଯେ ଚ ରାଜୋପଜୀବିନଃ ।
ଶୃଙ୍ଗାରିଣଶ୍ଚ ଯେ ମର୍ତ୍ତ୍ୟା ଯୌବନୋନ୍ମାଦିନଶ୍ଚ ଯେ ॥ ୧୧୩ ॥
ତେଷାଂ ବିଚିତ୍ରଂ କର୍ତ୍ତବ୍ୟଂ ଶ୍ମଶ୍ରୁ ନାଟ୍ୟ ପ୍ରୟୋକ୍ତୃଭିଃ ।
ଅନିସ୍ତୀର୍ଣ୍ଣ ପ୍ରତିଜ୍ଞାନାଂ ଦୁଃଖିତାନାଂ ତପସ୍ୱିନାମ୍ ॥ ୧୧୪ ॥
ବ୍ୟସନାଭିହତାନାଂ ଚ ଶ୍ୟାମଂ ଶ୍ମଶ୍ରୁ ଭବେତ୍ ତଦା ।
ଋଷୀଣାଂ ତାପସାନାଂ ଚ ଯେ ଚ ଦୀର୍ଘବ୍ରତା ନରାଃ ॥ ୧୧୫ ॥
ତଥା ଚ ବୈରବଦ୍ଧାନାଂ ରୋମଶସ୍ତୁ ବିଧୀୟତେ ।
ଏବଂ ନାନା ପ୍ରକାରଂତୁ ଶ୍ମଶ୍ରୁକର୍ମ ପ୍ରୟୋଜୟେତ୍ ॥ ୧୧୬ ॥
ଅତ ଊର୍ଦ୍ଧ୍ୱଂ ପ୍ରବକ୍ଷ୍ୟାମି ବେଶାନ୍ ନାନା ପ୍ରୟୋଗଜାନ୍ ।
ଆଚ୍ଛାଦନଂ ବହୁବିଧଂ ନାନା ପତ୍ତନ ସମ୍ଭବମ୍ ॥ ୧୧୭ ॥
ଜ୍ଞେୟଂ ତଦ୍ ତ୍ରିପ୍ରକାରଂ ତୁ ଶୁଦ୍ଧଂରକ୍ତଂ ବିଚିତ୍ରକମ୍ ।
ଶୁଦ୍ଧୋ ବିଚିତ୍ରୋ ମଳିନ ସ୍ତ୍ରିବିଧୋ ବେଶ ଉଚ୍ୟତେ ॥ ୧୧୮ ॥

ଦୀର୍ଘ ବ୍ରତପାଳନ କରୁଥିବା ଲୋକ, ଏବଂ ଶତ୍ରୁର ବୈରତା ପ୍ରତିଶୋଧ ପରାୟଣଙ୍କର ଅଳିଆ ମଳିଆ (ରୋମଶ) ଦାଢ଼ୀ ବିଧେୟ । ଏହି ରୂପେ ନାନା ପ୍ରକାର ଶ୍ମଶ୍ରୁକର୍ମ ପ୍ରୟୋଗ କରିବ ॥ ୧୧୦-୧୧୧ ॥ ଏହାପରେ ଅଭିନୟ ପ୍ରଯୋଜ୍ୟ ନାନା ପ୍ରକାର ବେଶ ବିଷୟରେ କହିବି । ବିଭିନ୍ନ ନଗରମାନଙ୍କରେ ପ୍ରସ୍ତୁତ ଆଚ୍ଛାଦନ ନାନା ପ୍ରକାର । ତାହାକୁ ଶୁଦ୍ଧ, ରକ୍ତ, (ରଙ୍ଗିନ୍) ବିଚିତ୍ରକ(ଛିଟ) ତିନି ପ୍ରକାର ଗ୍ରହଣ କରାଯାଏ । ବେଶ ମଧ୍ୟ ଶୁଦ୍ଧ ବିଚିତ୍ର ଓ ମଳିନ ରୂପେ ତିନି ପ୍ରକାର ଅଟେ ॥ ୧୧୭-୧୧୮ ॥ ପ୍ରୟୋଗକର୍ତ୍ତା ଯେପରି କରିବା ଉଚିତ ସେହି ଅନୁଯାୟୀ ସେମାନଙ୍କର ବିଭାଗ କଥା ବ୍ୟାଖ୍ୟାକରି ବୁଝାଉଅଛି । ଦେବତାଙ୍କ ପାଖକୁ ଯିବାବେଳେ, ମଙ୍ଗଳକାର୍ଯ୍ୟରେ, ପୂଜା ବା ବ୍ରତ ପାଳନରେ, ବିବିଧ ତିଥି କ୍ଷେତ୍ରଯୋଗରେ (ବାର, ବ୍ରତ, ଓଷା, ସଂକ୍ରାନ୍ତି, ଜନ୍ମାଷ୍ଟମୀ) ବିବାହ ଏହିପରି ଧର୍ମ କାର୍ଯ୍ୟରେ (ମନ୍ଦିର ପ୍ରତିଷ୍ଠା ଯାଗ) ନିୟମାନୁବର୍ତ୍ତୀ ଲୋକର

Digitized by srujanika@gmail.com

ତେଷାଂ ବିଭାଗଂ ବ୍ୟାଖ୍ୟାସ୍ୟେ ଯଥା କାର୍ଯ୍ୟଂ ପ୍ରୟୋକ୍ତୃଭିଃ ।
ଦେବାଭିଗମନେ ଚୈବ ମାଙ୍ଗଲ୍ୟେ ନିୟମସ୍ଥିତେ ।। ୧୧୯ ।।
ତିଥିନକ୍ଷତ୍ର ଯୋଗେ ଚ ବିବାହ କରଣେ ତଥା ।
ଧର୍ମ ପ୍ରବୃତ୍ତଂ ଯଦ୍ କାର୍ଯ୍ୟଂ ସ୍ତ୍ରୀଣାଂ ଚ ପୁରୁଷସ୍ୟ ବା ।। ୧୨୦ ।।
ବେଶ ସ୍ତେଷାଂ ଭବେଦ୍ ଶୁଦ୍ଧୋ ଯେ ଚ ପ୍ରାୟତ୍ନିକା ନରାଃ ।
ଦେବ ଦାନବ ଯକ୍ଷାଣାଂ ଗନ୍ଧର୍ବୋରଗ ରକ୍ଷସାମ୍ ।। ୧୨୧ ।।
ନୃପାଣାଂ କର୍କଶାନାଂଚ ଚିତ୍ରୋ ବେଶୋ ଭବେଦ୍ତଦା ।
ବୃଦ୍ଧାନାଂ ବ୍ରାହ୍ମଣାନାଂଚ ଶ୍ରେଷ୍ଠାମାତ୍ୟ ପୁରୋଧସାମ୍ ।। ୧୨୨ ।।
ବଣିଜାଂ କାଞ୍ଚୁକୀୟାନାଂ ତଥା ଚୈବ ତପସ୍ୱିନାମ୍ ।
ବିପ୍ର କ୍ଷତ୍ରିୟ ବୈଶ୍ୟାନାଂ ସ୍ଥାନୀୟା ଯେ ଚ ମାନବାଃ ।। ୧୨୩ ।।
ଶୁଦ୍ଧୋବସ୍ତ୍ରବିଧିସ୍ତେଷାଂ କର୍ତ୍ତବ୍ୟୋ ନାଟକାଶ୍ରୟଃ ।
ଉନ୍ମତ୍ତାନାଂ ପ୍ରମତ୍ତାନାଂ ଜନାନାମଧ୍ୱଗାମିନାମ୍ ।। ୧୨୪ ।।
ବ୍ୟସନୋପଗତାନାଂ ଚ ମଳିନୋ ବେଶ ଇଷ୍ୟତେ ।
ଶୁଦ୍ଧରକ୍ତ ବିଚିତ୍ରାଣି ବାସାଂ ସ୍ୟୂର୍ଦ୍ଧାମ୍ବରାଣି ଚ ।। ୧୨୫ ।।
ଯୋଜୟେନ୍ନାଟ୍ୟ ତତ୍ତ୍ୱଜ୍ଞୋ ବେଶୟୋଃ ଶୁଦ୍ଧଚିତ୍ରୟୋଃ ।
କୁର୍ଯ୍ୟାଦ୍ ବେଶଂ ତୁ ମଳିନେ ମଳିନଂତୁ ବିଚକ୍ଷଣଃ ।। ୧୨୬ ।।

ବେଶ ଶୁଦ୍ଧ ହେବ, ସେ ପୁରୁଷ ହୁଅନ୍ତୁ ବା ସ୍ତ୍ରୀ ହୁଅନ୍ତୁ । ଦେବତା, ଦାନବ, ଗନ୍ଧର୍ବ, ଯକ୍ଷ, ନାଗ, ରାକ୍ଷସ, ରାଜା, ଏବଂ କର୍କଶା (ହୁଣ୍ଡା) ମାନଙ୍କର ବେଶ ଚିତ୍ର (ଛିଟ) ହେବ ।

ବୃଦ୍ଧ ବ୍ରାହ୍ମଣ, ପ୍ରଧାନମନ୍ତ୍ରୀ, ପୁରୋହିତ, ସୌଦାଗର, କଞ୍ଚୁକୀ (ଅନ୍ତଃପୁର ବ୍ୟବସ୍ଥାପକ) ତପସ୍ୱୀ, ବ୍ରାହ୍ମଣ-କ୍ଷତ୍ରିୟ-ବୈଶ୍ୟମାନଙ୍କ ମଧ୍ୟରେ ଖାତିରଦାର ଲୋକ ନାଟକରେ ଏମାନଙ୍କର ବେଶ ଶୁଦ୍ଧ ହେବ । ଉନ୍ମାଦଗ୍ରସ୍ତ, ମଦୁଆ, ଦୀର୍ଘ ପଥଚାରୀ, ଦୁଃଖରେ ପଡ଼ିଥିବା ବା ଅପରଧୀ, ଏମାନଙ୍କର ମଳିନ ବସନ ଆଶା କରାଯାଏ । ଶୁଦ୍ଧ ବେଶ ଏବଂ ଚିତ୍ରବେଶରେ ଶ୍ୱେତ, ରକ୍ତ ତଥା ବିଚିତ୍ର (ଛାଟ) ରଙ୍ଗର ବସ୍ତ୍ର ଓ ଉତ୍ତରୀୟ ନାଟ୍ୟ ତତ୍ତ୍ୱଜ୍ଞ ଲୋକ ସଂଯୋଜନା କରିବେ, ଅଭିଜ୍ଞ ଲୋକ ମଳିନ ସ୍ଥଳରେ ମଳିନ ବେଶକୁ ହିଁ ସଜାରେ ଦେବେ ।। ୧୧୯-୧୨୬ ।। ମୁନି ଦିଗମ୍ବରଜୈନ, (ଗ୍ରନ୍ଥି-ଖୋସଣି ନଥିବା ଲୋକ)ବୌଦ୍ଧସନ୍ୟାସୀ ବାବାଜି ଶୈବସନ୍ୟାସୀ ଲୌକିକ ଆଚାର ଅନୁଯାୟୀ ସେମାନଙ୍କ ଚରିତ ଅନୁଯାୟୀ ବେଶ କର୍ତ୍ତବ୍ୟ ଅଟେ ।। ୧୨୭ ।। ତପସ୍ୱୀମାନଙ୍କର କୌପୀନ, ବଲ୍କଳ ଏବଂ ବ୍ୟାଘ୍ର ପ୍ରଭୃତିଜୀବଙ୍କ ଚର୍ମ ପରିଧାନ ଆକାରରେ ବ୍ୟବହାର କରିବ ।

Digitized by srujanika@gmail.com

ମୁନିନିର୍ଗ୍ରନ୍ଥ ଶାକ୍ୟେଷୁ ଯତିପାଶୁପତେଷୁ ଚ ।
ବୃତ୍ତାନୁଗସ୍ତୁ କର୍ତ୍ତବ୍ୟୋ ବେଶୋ ଲୋକାନୁଭାବତଃ ॥ ୧୨୭ ॥
ଚୀର ବଲ୍କଳ ଚର୍ମାଣି ତାପସାନାଂ ତୁ କାରୟେତ୍ ।
ପରିବ୍ରାଡ୍ ମୁନିଶାକ୍ୟାନାଂ ବାସଃ କାଷାୟ ମିଷ୍ୟତେ ॥ ୧୨୮ ॥
ନାନା ଚିତ୍ରାଣି ବାସାଂସି କୁର୍ଯ୍ୟାତ୍ ପାଶୁପତେଷ୍ୱଥ ।
କୁଳାତୟଶ୍ଚ ଯେ ପ୍ରୋକ୍ତା ସ୍ତେଷାଂ ଚାପି ଯଥୋଚିତମ୍ ॥ ୧୨୯ ॥
ଅନ୍ତଃପୁରସ୍ୟ ରକ୍ଷାର୍ଥେ ବିନିଯୁକ୍ତା ହିଯେ ନରାଃ ।
କାଷାୟ କଞ୍ଚୁକ-ପଟାଃ କାର୍ଯ୍ୟାସ୍ତେଷ୍ୱପି ଯଥାବିଧି ॥ ୧୩୦ ॥
ଅବସ୍ଥାନ୍ତରମାସାଦ୍ୟ ସ୍ତ୍ରୀଣାଂ ବେଶୋ ଭବେତ୍ ତଥା ।
ବେଶଃ ସାଂଗ୍ରାମିକ ଶ୍ଚୈବ ଶୂରାଣାଂ ସଂପ୍ରକୀର୍ତ୍ତିତଃ ॥ ୧୩୧ ॥
ବିଚିତ୍ର ଶସ୍ତ୍ରକବଚେ ବଦ୍ଧତୂଣୋ ଧନୁର୍ଦ୍ଧରଃ ।
ଚିତ୍ରୋ ବେଶସ୍ତୁ କର୍ତ୍ତବ୍ୟୋ ନୃପାଣାଂ ନିତ୍ୟମେବଚ ॥ ୧୩୨ ॥
କେବଳସ୍ତୁ ଭବେତ୍ ଶୁଦ୍ଧୋ ନକ୍ଷତ୍ରୋତ୍ପାତ ମଙ୍ଗଳେ ।
ଏବମେଷ ଭବେଦ୍ ବେଶୋ ଦେଶଜାତିବୟୋଽନୁଗଃ ॥ ୧୩୩ ॥
ଉତ୍ତମାଧମ ମଧ୍ୟାନାଂ ସ୍ତ୍ରୀଣାଂ ନୃଣା ମଥାପି ଚ ।
ଏବଂ ବସ୍ତ୍ରବିଧିଃ କାର୍ଯ୍ୟଃ ପ୍ରୟୋଗେ ନାଟକାଶ୍ରୟେ ॥ ୧୩୪ ॥

ପରିବ୍ରାଜକ, ମୁନି ଓ ଶାକ୍ୟ ବାବାମାନଙ୍କର ବେଶ କଷାୟ ରଙ୍ଗର ବସ୍ତ୍ର ହେବ । ପାଶୁପତ(ଶୈବ)ମାନଙ୍କର ବିଭିନ୍ନ ରଙ୍ଗରେ ପୋଷାକ କରିବ । କୁଳାଦି ଭୂମିକାରେ ଯେଉଁମାନେ ଅଭିନୟ କରିବେ ସେମାନଙ୍କର କର୍ମ, ଚରିତ୍ର ଓ ଯୋଗ୍ୟତାକୁ ବିଚାରକରି ବେଶ ନିର୍ଣ୍ଣୟ କରିବ ॥ ୧୨୮,୧୨୯ ॥ ଅନ୍ତଃପୁର ରକ୍ଷାପାଇଁ ନିଯୁକ୍ତ ବୃଦ୍ଧ ବ୍ରାହ୍ମଣ ପଣ୍ଡିତଙ୍କର ଢାଉଆ ଆଲଖାଲା (କଷାୟକଞ୍ଚୁକ, କଣ୍ଠଠାରୁ ଆଣ୍ଠୁ ପର୍ଯ୍ୟନ୍ତ ପଡ଼ିଥିବା) କରାଯିବ । ଏହା ଅନ୍ତଃପୁରର ବିଧାନ ॥ ୧୩୦ ॥ ସ୍ତ୍ରୀମାନଙ୍କର ସ୍ୱାଧୀନ ଭର୍ତ୍ତୃକା ଖଣ୍ଡିତା ପ୍ରଭୃତି ଅବସ୍ଥା ଏବଂ ନାଟ୍ୟ ମଧ୍ୟରେ ସୁଖଦୁଃଖର ପରିସ୍ଥିତି ଦେଖି ସ୍ତ୍ରୀପାତ୍ରମାନଙ୍କର ବେଶ ବଦଳାବଦଳି କରାଯିବ । ବୀରମାନଙ୍କର ଯୁଦ୍ଧୋଚିତ ବେଶ ହେବ ॥ ୧୩୧ ॥ ରାଜାମାନଙ୍କର କାରୁକାର୍ଯ୍ୟ ମଣ୍ଡିତ ଶସ୍ତ୍ର, କବଚ (ସାଞ୍ଜୁ), ତୂଣିର (ଯେଉଁଥିରେ ବାଣ ରହେ) ବନ୍ଧା ହୋଇ ରହିଥିବ ଏବଂ କାନ୍ଧରେ ଧନୁ ପଡ଼ିଥିବ । ସଂପୂର୍ଣ୍ଣ ପୋଷାକ କାରୁକାର୍ଯ୍ୟ ଶୋଭିତ ହେବ । ଏହି ବେଶ ସବୁ ସମୟରେ ରହିଲେ ମଧ୍ୟ ଗ୍ରହଣ ପରାଗ କିମ୍ବା ଶୁଭ କାର୍ଯ୍ୟ ସମୟରେ ଶୁଦ୍ଧବେଶ (ସେହି ସେହି ବିଧାନ ଅନୁଯାୟୀ) ହେବ । ଦେଶ ଜାତି ଏବଂ ବୟସ ଅନୁସାରେ ଏହିପରି ବେଶ କରାଯିବ ॥ ୧୩୨/୧୩୩ ॥

Digitized by srujanika@gmail.com

ନାନାବସ୍ଥାଂ ସମାସାଦ୍ୟ ଶୁଭାଶୁଭକୃତସ୍ତଥା ।
ତଥା ପ୍ରତିଶିରଶ୍ଚାପି କର୍ତ୍ତବ୍ୟଂ ନାଟକାଶ୍ରୟମ୍ ॥ ୧୩୫ ॥
ଦେବାନାଂ ମାନୁଷାଣାଂ ଚ ଦେଶ ଜାତି ବୟଃଶ୍ରିତମ୍ ।
ପାର୍ଶ୍ୱାଗତା ମସ୍ତକିନଃ ତଥା ଚୈବ କିରୀଟିନଃ ॥ ୧୩୬ ॥
ତ୍ରିବିଧା ମୁକୁଟା ଜ୍ଞେୟା ଦିବ୍ୟପାର୍ଥିବ ସଂଶ୍ରୟା ।
ଦେବ ଗନ୍ଧର୍ବ ଯକ୍ଷାଣାଂ ପନ୍ନଗାନାଂ ସରକ୍ଷସାମ୍ ॥ ୧୩୭ ॥
କର୍ତ୍ତବ୍ୟା ନୈକବିହିତା ମୁକୁଟାଃ ପାର୍ଶ୍ୱମୌଳୟଃ ।
ଉତ୍ତମା ଯେ ଚ ଦିବ୍ୟାନାଂ ତେଷାଂ କାର୍ଯ୍ୟାଃ କିରୀଟିନଃ ॥ ୧୩୮ ॥
ମଧ୍ୟମା ମୌଳିନଶ୍ଚୈବ କନିଷ୍ଠାଃ ପାର୍ଶ୍ୱମୌଳିକଃ ।
ନରାଧିପାନାଂ କର୍ତ୍ତବ୍ୟା ସ୍ତଥା ମସ୍ତକିନୋ ବୁଧୈଃ ॥ ୧୩୯ ॥
ବିଦ୍ୟାଧରାଣାଂ ସିଦ୍ଧାନାଂ ଚାରଣାନାଂ ତଥୈବ ଚ ।
ଗ୍ରନ୍ଥିମଦ୍ କେଶ ମୁକୁଟଃ କର୍ତ୍ତବ୍ୟସ୍ତୁ ପ୍ରୟୋକ୍ତୃଭିଃ ॥ ୧୪୦ ॥
ରକ୍ଷୋ ଦାନବଦୈତ୍ୟାନାଂ ପିଙ୍ଗକେଶେକ୍ଷଣାନି ହି ।
ହରିତ୍ ଶ୍ମଶ୍ରୂଣିଚ ତଥା ମୁକୁଟାସ୍ୟାନି କାରୟେତ୍ ॥ ୧୪୧ ॥
ଉତ୍ତମାଶ୍ଚାପି ଯେ ତତ୍ର କାର୍ଯ୍ୟାସ୍ତେ ପାର୍ଶ୍ୱମୌଳିନଃ ।
କସ୍ମାଦ୍ ତୁ ମୁକୁଟାଃ ଶ୍ଳିଷ୍ଟାଃ ପ୍ରୟୋଗେ ଦିବ୍ୟପାର୍ଥିବେ ॥ ୧୪୨ ॥

ନାଟକାଶ୍ରିତ ପ୍ରୟୋଗ ସ୍ଥଳରେ ଉତ୍ତମ, ମଧ୍ୟମ, ଅଧମ, ସ୍ତ୍ରୀ, ପୁରୁଷ, ସମସ୍ତଙ୍କର ଏହିପରି ବସ୍ତ୍ର ପରିଧାନ ବିଧାନ କରିବା ଉଚିତ ॥ ୧୩୪ ॥ ଏହିସବୁ କ୍ଷେତ୍ରରେ ଶୁଭ ଅଶୁଭ ଏବଂ ଅନ୍ୟାନ୍ୟ ଅବସ୍ଥାକୁ ବିଚାରକରି ବେଶ ବଦଳାଉଥିବ । ସେହିପରି ନାଟକରେ ମସ୍ତକର ମଧ୍ୟ ସାଜସଜ୍ଜା ଉପରୋକ୍ତ ଅବସ୍ଥା ଓ ପାତ୍ରକୁ ନେଇ କରାଯିବ ॥ ୧୩୫ ॥ ଦେବତା ମନୁଷ୍ୟ ଓ ଦେଶଜାତି ବ୍ୟବସ୍ଥା ଅନୁଯାୟୀ ଆବଶ୍ୟକସ୍ଥଳେ ପ୍ରତିଶିର (ମୁଖା) ମଧ୍ୟ କରାଯିବ । ପାର୍ଶ୍ୱାଗତ, ମସ୍ତକୀ ଏବଂ କିରୀଟ ମୁକୁଟ ତିନିପ୍ରକାର । ଯାହାକି ଦେବତା ଓ ରାଜାମାନେ ବ୍ୟବହାର କରିବେ । ଦେବତା ଗନ୍ଧର୍ବ, ଯକ୍ଷ, ପନ୍ନଗ ଓ ରାକ୍ଷସ ଏମାନଙ୍କର ବିବିଧ ପ୍ରକାରର ପାର୍ଶ୍ୱମୌଳି ମୁକୁଟ କରାଯିବ । (ସୁନ୍ଦର ପଗଡ଼ି ଉପରେ ଗୋଟିଏ କଡ଼ରେ ଛୋଟ ମୁକୁଟ ଓ ପର ଲାଗିଥାଏ) ଦେବତାମାନଙ୍କ ମଧ୍ୟରେ ବରୁଣ, ଅଗ୍ନି ପ୍ରଭୃତି ପ୍ରସିଦ୍ଧମାନଙ୍କର କିରୀଟ (ସମ୍ମୁଖ ଭାଗରେ ପୁରା ମୁକୁଟ) କରାଯିବ । ମଧ୍ୟମ ଦେବତାମାନଙ୍କର ମୌଳିଯୁକ୍ତ (ଅଧାମୁକୁଟ ଲଗା ପଗଡ଼ି) କନିଷ୍ଠମାନଙ୍କର ପାର୍ଶ୍ୱମୌଳି ହେବ । ରାଜାମାନଙ୍କ ସମ୍ପୂର୍ଣ୍ଣ ମସ୍ତକକୁ ଆବରଣ କରୁଥିବା ମସ୍ତକୀ କରାଯିବ । ବିଦ୍ୟାଧର, ସିଦ୍ଧ, ଚାରଣ, ଏମାନଙ୍କ ଗଣ୍ଠିଥିବା କେଶ ମୁକୁଟ (କେଶୀ) ପ୍ରୟୋକ୍ତା ଲଗାଇବେ । (ତଳ ଗଣ୍ଠିମାନ ଓହଳିଥିବା କେଶମୁକୁଟ) ॥ ୧୪୦ ॥

Digitized by srujanika@gmail.com

କେଶାନାଂ ଛେଦନଂ ଦୃଷ୍ଟଂ ବେଦବାଦେ ଯଥାଶ୍ରୁତି ।
ଭଦ୍ରୀକୃତସ୍ୟ ବା ଯଜ୍ଞେ ଶିରସଶ୍ଛାଦନେପ୍ସୟା ॥ ୧୪୩ ॥
କେଶାନାଂ ନାତିଦୀର୍ଘତ୍ୱାଦ୍ ସ୍ମୃତଂ ମୁକୁଟ ଧାରଣମ୍ ।
ଅମାତ୍ୟାନାଂ କଞ୍ଚୁକୀନାଂ ତଥା ଶ୍ରେଷ୍ଠିପୁରୋଧସାମ୍ ॥ ୧୪୪ ॥
ବେଷ୍ଟନାବଦ୍ଧପଟ୍ଟାନି ପ୍ରତିଶୀର୍ଷାଣି କାରୟେତ୍ ।
ସେନାପତେଃ ପୁନଶ୍ଚାପି ଯୁବରାଜସ୍ୟ ଚୈବ ହି ॥ ୧୪୫ ॥
ଯୋଜୟେଦର୍ଦ୍ଧ ମୁକୁଟଂ ମହାମାତ୍ରାଶ୍ଚ ଯେନରାଃ ।
ପିଶାଚୋନ୍ମତ୍ତଭୂତାନାଂ ସାଧକାନାଂ ତପସ୍ୱିନାମ୍ ॥ ୧୪୬ ॥
ଅନିସ୍ତୀର୍ଣ୍ଣ ପ୍ରତିଜ୍ଞାନାଂ ଲମ୍ବକେଶଂତୁ ଶୀର୍ଷକମ୍ ।
ଶାକ୍ୟଶ୍ରୋତ୍ରିୟ ନିର୍ଗ୍ରନ୍ଥ ପରିବ୍ରାଡ୍ ଦୀକ୍ଷିତେଷୁ ଚ ॥ ୧୪୭ ॥
ଶିରୋମୁଣ୍ଡଂ ତୁକର୍ତ୍ତବ୍ୟଂ ଯଜ୍ଞଦୀକ୍ଷାନ୍ୱିତେଷୁ ଚ ।
ଯଥା ବୃତ୍ତାନୁଷଙ୍ଗେଣ ଶେଷାଣାଂ ଲିଙ୍ଗିନାଂ ଶିରଃ ॥ ୧୪୮ ॥
ମୁଣ୍ଡଂ ବା କୁଞ୍ଚିତଂ ବାପି ଲମ୍ବକେଶମଥାପିବା ।
ଧୂର୍ତ୍ତାନାଂ ଚୈବ କର୍ତ୍ତବ୍ୟଂ ଯେ ଚ ରାତ୍ର୍ୟୁପଜୀବିନଃ ॥ ୧୪୯ ॥

ରାକ୍ଷସ, ଦାନବ, ଦୈତ୍ୟ, ଏମାନଙ୍କର ପିଙ୍ଗଳ କେଶ, ପିଙ୍ଗଳନେତ୍ର ଓ ହରିତ ବର୍ଣ୍ଣର ଶ୍ମଶ୍ରୁକରି ଶ୍ମଶ୍ରୁକୁ ମୁକୁଟଭଳି ମାର୍ଜିତ କରିବ । ପୂର୍ବେ କୁହାଯାଇଥିବା ଅପରାଧୀ ଓ ଦୁଃଖୀଙ୍କ ପରି ଅମାର୍ଜିତ କରିବ ନାହିଁ । (ମୁକୁଟ ପରି ଆସ୍ୟ) ॥ ୧୪୧ ॥ ଏହି ରାକ୍ଷସ ଦାନବ ପ୍ରଭୃତିଙ୍କ ମଧ୍ୟରେ ଅପେକ୍ଷାକୃତ ଶ୍ରେଷ୍ଠମାନଙ୍କର ପାର୍ଶ୍ୱମୌଳୀ କରାଯିବ । (ଉପରଶ୍ଳୋକରେ ପାର୍ଶ୍ୱମୌଳି ଅଛି) । ଅଭିନୟରେ ଦେବତା ଓ ରାଜାମାନଙ୍କର ମୁକୁଟ ପିନ୍ଧାଯିବା କାରଣ- ବେଦରେ ନିୟମ ଅନୁଯାୟୀ କେଶବପନକରି ଭଦ୍ରକରାଯିବା ପରେ ମସ୍ତକର ଆଚ୍ଛାଦନ ପାଇଁ କେଶର ଅଳ୍ପତା ଯୋଗୁଁ ମୁକୁଟ ଧାରଣ ବ୍ୟବସ୍ଥା କରାଯାଇଥିଲା । ମନ୍ତ୍ରୀ, କଞ୍ଚୁକୀ, ସୌଦାଗର ଏବଂ ପୁରୋହିତ ଏମାନଙ୍କର ମୋଟା ଧରଣର ଠେକା ବା ପଗଡ଼ି ଗୁଡ଼େଇ ଗୁଡ଼େଇ ପିନ୍ଧାଇବ । ସେନାପତି ଓ ଯୁବରାଜଙ୍କର ମଧ୍ୟ ପଗଡ଼ି ରହିବ ॥ ୧୪୩-୧୪୫ ॥ ସାଧାରଣତଃ ସମ୍ମାନିତ ବ୍ୟକ୍ତିମାନଙ୍କର ଅଧାମୁକୁଟ ଦେବ । ପିଶାଚ, ଉନ୍ମତ୍ତ, ଭୂତ, ସାଧକ ତପସ୍ୱିଗଣ, ଏବଂ ପ୍ରତିଜ୍ଞାପୂରଣ କରି ପାରିନଥିବା ବ୍ୟକ୍ତିଙ୍କର ଅଯତ୍ନ ଲମ୍ବକେଶ କରିବ । ବୌଦ୍ଧ, ବ୍ରାହ୍ମଣ, ଦିଗମ୍ବର ଜୈନ, ପରିବ୍ରାଜକ (ଶଙ୍କର ପନ୍ଥୀ) ଦୀକ୍ଷିତ- ବ୍ରହ୍ମଚାରୀ, ଏମାନଙ୍କର ଓ ଯଜ୍ଞଦୀକ୍ଷିତମାନଙ୍କର ଶିରୋମୁଣ୍ଡନ କରିବ । ଅବଶିଷ୍ଟ ସାମ୍ପ୍ରଦାୟିକ ବାବାଜି ଫକିର ଓଗେରଙ୍କର ସେମାନେ ଯେପରି ଯେପରି କରନ୍ତି ସେହିପରି କରିବ ॥ ୧୪୬-୧୪୮ ॥

Digitized by srujanika@gmail.com

ଯେ ଚ ଶୃଙ୍ଗାରିଣ ସ୍ତେଷାଂ ଶିରଃ କୁଞ୍ଚିତ ମୂର୍ଦ୍ଧଜମ୍ ।
ବାଳାନାମପି କର୍ତ୍ତବ୍ୟଂ ତ୍ରିଶିଖଣ୍ଡ ବିଭୂଷିତମ୍ ॥ ୧୫୦ ॥
ଜଟା ମୁକୁଟ ବଦ୍ଧଂଚ ମୁନୀନାଂ ତୁ ଭବେଦ୍ ଶିରଃ ।
ଚେଟାନା ମପି କର୍ତ୍ତବ୍ୟଂ ତ୍ରିଶିଖଂ ମୁଣ୍ଡମେବ ବା ॥ ୧୫୧ ॥
ବିଦୂଷକସ୍ୟ ଖଳତିଃ ସ୍ୟାଦ୍ କାକପଦମେବ ବା ।
ଶେଷାଣାମର୍ଥଯୋଗେନ ଦେଶ ଜାତି ସମାଶ୍ରିତମ୍ ॥ ୧୫୨ ॥
ଶିରଃ ପ୍ରୟୋକ୍ତୃଭିଃ କାର୍ଯ୍ୟଂ ନାନାବସ୍ଥାନ୍ତରାଶ୍ରୟମ୍ ।
ଏବଂ ନାନାପ୍ରକାରୈସ୍ତୁ ବୁଦ୍ଧ୍ୟା ତୈଷାଂ ବିଭଜ୍ୟ ଚ ॥ ୧୫୩ ॥
ଭୂଷଣୈର୍ବର୍ଣ୍ଣକୈ ର୍ବସ୍ତ୍ରୈର୍ମାଲ୍ୟୈଶ୍ଚୈବ ଯଥାବିଧି ।
ଅବସ୍ଥାନୁକୃତିଃ ସ୍ଥାପ୍ୟା ପ୍ରୟୋଗରସସମ୍ଭବା ॥ ୧୫୪ ॥
ସ୍ତ୍ରୀଣାଂ ବା ପୁରୁଷାଣାଂ ବା ପ୍ୟବସ୍ଥାଂ ପ୍ରାପ୍ୟ ତାଦୃଶୀମ୍ ।
ସର୍ବେ ଭାବାଶ୍ଚ ଦିବ୍ୟାନାଂ କାର୍ଯ୍ୟା ମାନୁଷସଂଶ୍ରୟାଃ ॥ ୧୫୫ ॥
ତେଷାଂ ଚାନିମିଷତ୍ୱାଦି ଚୈବକାର୍ଯ୍ୟଂ ପ୍ରୟୋକ୍ତୃଭିଃ ।
ଇହଭାବ ରସା ଶ୍ଚୈବ ଦୃଷ୍ଟିଭିଃ ସଂପ୍ରତିଷ୍ଠିତାଃ ॥ ୧୫୬ ॥
ଦୃଷ୍ଟ୍ୟୈବ ସ୍ଥାପିତୋ ହ୍ୟର୍ଥଃ ପଶ୍ଚାଦଙ୍ଗୈ ର୍ବିଭାବ୍ୟତେ ।
ଏବଂ ଜ୍ଞେୟାଙ୍ଗରଚନା ନାନା ପ୍ରକୃତି ସମ୍ଭବା ॥ ୧୫୭ ॥

ଧୂର୍ତ୍ତ, (ଟାଉଟରେ) ଓ ରାତ୍ରିବେପାର ଯେଉଁମାନଙ୍କର (ଚୋର, ଡକାୟତ, ଲମ୍ପଟ) ସେମାନଙ୍କୁ ମୁଣ୍ଡିତକେଶ, କୁଞ୍ଚିତ କେଶ ଅଥବା ଅଯତ୍ନବର୍ଦ୍ଧିତ ଲମ୍ବକେଶ କରାଯାଇପାରିବ ॥ ୧୪୯ ॥ କାମୁକମାନଙ୍କର କୁଞ୍ଚିତ କେଶ ମସ୍ତକହେବ । ଛୋଟ ପିଲାମାନଙ୍କର ତିନିଟି କାକପକ୍ଷ କରାଯିବ ॥ ୧୫୦ ॥ ମୁନିମାନଙ୍କର ଲମ୍ବଜଟା ମୁକୁଟପରି ସଜାଇବ । ଦାସମାନଙ୍କର ତିନିଗୋଛାକରି କେଶସଜାକରିବ । ଅଥବା ମୁଣ୍ଡିତ ମସ୍ତକ କରିବ । ବିଦୂଷକର ଟାଙ୍ଗରମୁଣ୍ଡ ହେବ । ଅଥବା ମଝି ଟାଙ୍ଗର ଦୁଇ କଡ଼ରେ କେଶ ଓହଳିଥିବ । ଅବଶିଷ୍ଟମାନଙ୍କର ପ୍ରୟୋଜନ ଅନୁଯାୟୀ ଦେଶ ଜାତି ବୟସ ଓ ଲିଙ୍ଗ ତଥା ଅବସ୍ଥା ଲକ୍ଷ୍ୟକରି ସଜାଇବ । ଏହିପରି ଭାବେ ବୁଦ୍ଧିବଳରେ ପାତ୍ରମାନଙ୍କର ନାନାପ୍ରକାର ଭୂଷଣ, ବର୍ଣ୍ଣୀକରଣ, ବସ୍ତ୍ର, ମାଲ୍ୟ ଓ ଶିରଃ ପ୍ରସାଧନଦ୍ୱାରା ଯଥାବିଧି ଅବସ୍ଥାନୁକରଣ କରାଇବ, ଯାହାକି ପ୍ରୟୋଗରେ ଥିବା ରସର ସହାୟକ ହେବ ॥ ୧୫୩ ॥ ସ୍ତ୍ରୀପାତ୍ର ବା ପୁରୁଷ ପାତ୍ର ଯେ ହୁଅନ୍ତୁ ସେହିପରି ଅବସ୍ଥାରେ (ବିଭିନ୍ନ ରସାଭିନୟ ସ୍ଥଳରେ) ଦେବତାମାନଙ୍କର ସମସ୍ତ ଭାବ ମନୁଷ୍ୟ କ୍ଷେତ୍ରରେ ଯେପରି ହୁଏ ସେହିପରି କରିବ ॥ ୧୫୫ ॥ ବର୍ଣ୍ଣନା ଅଛି, ଦେବତାମାନଙ୍କର ପଲକ ପଡ଼େ ନାହିଁ । କିନ୍ତୁ ନାଟ୍ୟରେ ପ୍ରୟୋକ୍ତା ଏହିପରି କରିବେ ନାହିଁ । କାରଣ ନାଟ୍ୟରେ ନେତ୍ର ଭଙ୍ଗୀ ଉପରେ ଭାବ ଓ ରସ ଭରସା କରିଥାଏ ॥ ୧୫୬ ॥

Digitized by srujanika@gmail.com

ସଂଜୀବ- ସଂଜୀବ ଇତି ଯଃ ପ୍ରୋକ୍ତଃ ତସ୍ୟ ବକ୍ଷ୍ୟାମି ଲକ୍ଷଣମ୍ ।
ଯଃ ପ୍ରାଣିନାଂ ପ୍ରବେଶୋ ବୈ ସ ସଞ୍ଜୀବ ଇତି ସ୍ମୃତଃ ॥ ୧୫୮ ॥
ଚତୁଷ୍ପଦୋଽଥ ଦ୍ୱିପଦଃ ତଥା ଚୈବାପଦଃ ସ୍ମୃତଃ ।
ଭରଗା ହ୍ୟପଦା ଜ୍ଞେୟା ଦ୍ୱିପଦାଃ ଖଗମାନୁଷାଃ ॥ ୧୫୯ ॥
ଗ୍ରାମ୍ୟାରଣ୍ୟାଶ୍ଚ ପଶବଃ ବିଜ୍ଞେୟାସ୍ତେ ଚତୁଷ୍ପଦାଃ ।
ଅସ୍ତ୍ରବ୍ୟବହାରଃ-ଯେ ତେ ତୁଯୁଦ୍ଧସଂଫେଟେ ତ୍ୱବରୋଧେ ତଥୈବ ଚ ॥ ୧୬୦॥
ନାନା ପ୍ରହରଣୋପେତାଃ ପ୍ରଯୋଜ୍ୟା ନାଟକେ ବୁଧୈଃ ।
ଆୟୁଧାନି ଚ କାର୍ଯ୍ୟାଣି ତଜ୍ଜ୍ଞୈଃ ସମ୍ୟକ୍ ପ୍ରମାଣତଃ ॥ ୧୬୧ ॥
ତାନ୍ୟହଂ ସଂପ୍ରବକ୍ଷ୍ୟାମି ଯଥାଯୁକ୍ତି ପ୍ରମାଣତଃ ।
ଭିଣ୍ଡି ର୍ଦ୍ୱାଦଶତାଳଃ ସ୍ୟାଦ୍ ଦଶକୁନ୍ତୋ ଭବେଦଥ ॥ ୧୬୨ ॥
ଅଷ୍ଟୌ ଶତଘ୍ନୀ ଶୂଳଶ୍ଚ ତୋମରଃ ଶକ୍ତିରେବଚ ।
ଅଷ୍ଟତାଳଂ ଧନୁ ର୍ଜ୍ଞେୟ ମାୟାମୋଽସ୍ୟ ଦ୍ୱିହସ୍ତକଃ ॥ ୧୬୩ ॥
ଶରୋ ଗଦା ଚ ବଜ୍ରଂ ଚ ଚତୁସ୍ତାଳୋ ଭବେଦଥ ।
ଅଙ୍ଗୁଳାନି ତ୍ୱସିଃ କାର୍ଯ୍ୟଶ୍ଚତ୍ୱାରିଂଶଦ୍ ପ୍ରମାଣତଃ ॥ ୧୬୪ ॥
ଦ୍ୱାଦଶାଙ୍ଗୁଳକଂ ଚକ୍ରଂ ତତୋଽର୍ଦ୍ଧଂ ପ୍ରାସ ଉଚ୍ୟତେ ।
ପ୍ରାସବତ୍ ପଟ୍ଟିସଂ ବିଦ୍ୟାଦଣ୍ଡଂ ଚୈବ ହି ବିଂଶତିଃ ॥ ୧୬୫ ॥

ପ୍ରଥମେ ଯେକୌଣସି ଭାବନା (ଭାବ, ରସ) ଆଖି ଚାହାଣିରେ ସ୍ଥାପିତ ହୋଇ ପରେ ଅଙ୍ଗମାନଙ୍କ ଦ୍ୱାରା ବିଭାବିତ ହୋଇଥାଏ । ବିଭିନ୍ନ ପାତ୍ରମାନଙ୍କ ଅଙ୍ଗରଚନା ଏହିପରି ହେବ ବୋଲି ଜାଣିବା ଉଚିତ୍ ॥ ୧୫୭ ॥ ସଂଜୀବ ବୋଲି ଯାହା କୁହାଯାଇଛି ଏବେ ମୁଁ ତାହାର ଲକ୍ଷଣ କହୁଅଛି । ପ୍ରାଣୀମାନଙ୍କର ରଙ୍ଗମଞ୍ଚ ପ୍ରବେଶକୁ ସଞ୍ଜୀବ ବୋଲି କୁହାଯାଏ ॥ ୧୫୮ ॥ ପ୍ରାଣୀମାନେ ଚତୁଷ୍ପଦ, ଦ୍ୱିପଦ ଓ ପଦହୀନ ଏହିପରି ତିନି ପ୍ରକାର । ସର୍ପମାନେ ଅପଦ । ପକ୍ଷୀ ଓ ମନୁଷ୍ୟ ଦ୍ୱିପଦ । ଗୋ ମହିଷମାର୍ଜାର ପ୍ରଭୃତି ଓ ସିଂହ ବ୍ୟାଘ୍ର ମୃଗ ପ୍ରଭୃତି ଗ୍ରାମ୍ୟ ଓ ବନ୍ୟ ପଶୁଗଣ ଚତୁଷ୍ପଦ ଅଟନ୍ତି । ନାଟକରେ ଯେଉଁମାନେ ଯୁଦ୍ଧ, ସଂଫେଟ ଓ ଅବରୋଧରେ ନିଯୁକ୍ତ ହେବେ, ନାଟ୍ୟକାର ବା ପ୍ରୟୋଗକର୍ତ୍ତା ସେମାନଙ୍କୁ ବିବିଧ ପ୍ରହରଣ (ଅସ୍ତ୍ରଶସ୍ତ୍ରାଦି) ଦେଇ ସଜାଇବେ । କାହାର କିପରି ପ୍ରହରଣ ପ୍ରମାଣ ଅନୁଯାୟୀ ଦେବେ ॥ ୧୫୯/୧୬୧ ॥ ସେ ବିଷୟରେ ଯୁକ୍ତି ଓ ପ୍ରମାଣ ଅନୁଯାୟୀ ମୁଁ କରିବି । ଭିଣ୍ଡୀ (ଭିନ୍ଦୀ, ଭିନ୍ଦୀପାଳ) ବାରତାଳ ପରିମାଣ ହେବ । (ଅଙ୍ଗୁଷ୍ଠଠାରୁ ତର୍ଜନୀ ପର୍ଯ୍ୟନ୍ତ, ପ୍ରାଦେଶ, ଅଙ୍ଗୁଷ୍ଠଠାରୁ ମଧ୍ୟମା ପର୍ଯ୍ୟନ୍ତ ତାଳ, ଅଙ୍ଗୁଷ୍ଠଠାରୁ ଅନାମିକା ପର୍ଯ୍ୟନ୍ତ ଗୋକର୍ଣ୍ଣ ଓ ଅଙ୍ଗୁଷ୍ଠଠାରୁ କନିଷ୍ଠା ପର୍ଯ୍ୟନ୍ତ ମାପକୁ ବିତସ୍ତି ବା ଚାଖଣ୍ଡ କୁହାଯାଏ । ବିତସ୍ତି ବାର ଆଙ୍ଗୁଳ ହୋଇଥାଏ । ଏହି ଅନୁଯାୟୀ ତାଳର ପରିମାଣ ପ୍ରାୟ ଦଶ ଆଙ୍ଗୁଳୀ ।

Digitized by srujanika@gmail.com

କମ୍ପନଂ ଚ ଭବେଜ୍ ବିଂଶତ୍ୟଙ୍ଗୁଳୈଃ ପରିମାଣତଃ ।
ଷୋଡଶାଙ୍ଗୁଳି ବିସ୍ତୀର୍ଣ୍ଣଂ ଚର୍ମ କାର୍ଯ୍ୟଂ ଦ୍ୱିହସ୍ତତଃ ॥ ୧୬୬ ॥
ଷୋଡ଼ଶାଙ୍ଗୁଳି ବିସ୍ତୀର୍ଣ୍ଣଂ ସବାଦ୍ୟଂ ସପ୍ରଘଣ୍ଟିକମ୍ ।
ତ୍ରିଂଶଦଙ୍ଗୁଳମାନେନ କର୍ତ୍ତବ୍ୟଂ ଖେଟକଂ ବୁଧୈଃ ॥ ୧୬୭ ॥

ଅନ୍ୟାନ୍ୟୁ ପକରଣାନି -

ଜର୍ଜରୋ ଦଣ୍ଡକାଷ୍ଠଂଚ ତଥୈବ ପ୍ରତି ଶୀର୍ଷକମ୍ ।
ଛତ୍ରଂ ଚ ଚାମରଂ ଚୈବ ଧ୍ୱଜୋ ଭୃଙ୍ଗାର ଏବ ଚ ॥ ୧୬୮ ॥
ଯତ୍ କିଞ୍ଚିନ୍ମାନୁଷେ ଲୋକେ ଦ୍ରବ୍ୟଂ ପୁଂସାଂ ପ୍ରୟୋଗଜମ୍ ।
ତତ୍ସର୍ବଂ ତୂପକରଣଂ ନାଟ୍ୟେଽସ୍ମିନ୍ ସଂବିଧୀୟତେ ॥ ୧୬୯ ॥
ଯଦ୍ୟସ୍ୟ ବିଷୟ-ପ୍ରାପ୍ତଂ ତେନୋହ୍ୟଂ ତସ୍ୟ ଲକ୍ଷଣମ୍ ।
ଜର୍ଜରେ ଦଣ୍ଡକାଷ୍ଠେ ଚ ସଂପ୍ରବକ୍ଷ୍ୟାମି ଲକ୍ଷଣମ୍ ॥ ୧୭୦ ॥
ଶ୍ୱେତଭୂମ୍ୟାଂ ତୁ ଯେ ଜାତାଃ ପୁଷ୍ୟ ନକ୍ଷତ୍ରଜାସ୍ତଥା ।
ମାହେନ୍ଦ୍ରାସ୍ତୁ ଧ୍ୱଜାଃ ପ୍ରୋକ୍ତା ଲକ୍ଷଣୈ ବିଶ୍ୱକର୍ମଣା ॥ ୧୭୧ ॥
ତେଷାମନ୍ୟତମଂ କାର୍ଯ୍ୟଂ ଜର୍ଜରଂ ଦାରୁକର୍ମତଃ ।
ଅଥବା ବୃକ୍ଷଜାତସ୍ୟ ପ୍ରରୋହୋବାଽପି ଜର୍ଜରମ୍ ॥ ୧୭୨ ॥

ଏଣୁ ଭିନ୍ଦିପାଳ ପ୍ରାୟ ୫ହାତଲମ୍ବା) କୁନ୍ତ ଦଶତାଳ (୪ହାତ) ଶତଘ୍ନୀ ଆଠତାଳ, ଶୂଳ ଆଠତାଳ, ତୋମର ଓ ଶକ୍ତି ମଧ୍ୟ ଆଠତାଳ ଧନୁର ଲମ୍ବ ଆଠତାଳ । ଏହାକୁ ଗୁଣ ଦେଇଟାଣିଲେ ମଝି ଫୁଲା ଦୁଇ ହାତ ହେବ । ଶର, ଗଦା ଓ ବଜ୍ର ଚାରିତାଳ, ଅସି ଚାଳିଶି ଆଙ୍ଗୁଳ ହେବ । ଚକ୍ର ବାର ଆଙ୍ଗୁଳ ପ୍ରାସ ଛଅ ଆଙ୍ଗୁଳ । ପଟିସ ପ୍ରାୟ ପ୍ରାସ ପରି । ଦଣ୍ଡ କୋଡ଼ିଏ ତାଳ ହେବ ॥ ୧୬୨-୧୬୫ ॥ ଏହି ଦଣ୍ଡର କମ୍ପନ (ଉଞ୍ଚାଇବା ବା ଆଘାତ ଦେବା) କୋଡ଼ିଏ ଆଙ୍ଗୁଳ ଭିତରେ ହେବ । ଦୁଇ ହାତ ଲମ୍ବା ଷୋହଳ ଆଙ୍ଗୁଳ ଚଉଡ଼ା ଚର୍ମ (ଢାଲ) କରାଯିବ । ଏହା ଷୋହଳ ଆଙ୍ଗୁଳି ଚଉଡାର ହୋଇ କଡ଼ରେ ଛୋଟ ଘଣ୍ଟିମାନ ଦିଆଗଲେ ସବାଦ୍ୟ ହୁଏ । ଖେଟକ ତିରିଶ ଆଙ୍ଗୁଳ ପରିମାଣରେ କରାଯିବ ॥ ୧୬୬/୧୬୭ ॥ ଅନ୍ୟାନ୍ୟ ଉପକରଣ ...... ଜର୍ଜର, ଦଣ୍ଡକାଷ୍ଠ ଏବଂ ମୁଖା (ପ୍ରତିଶୀର୍ଷକ) ଛତ୍ର, ଚାମର, ପତାକା, ଭୃଙ୍ଗାର (ପାଣିଗଡୁ) ସଂସାରରେ ମନୁଷ୍ୟଙ୍କର ଯାହା କିଛି ଦରକାର ହୋଇଥାଏ, ସେହି ସମସ୍ତ ଉପକରରଣ ନାଟ୍ୟବିଧାନରେ ପ୍ରୟୋଗ କରାଯାଇଥାଏ ॥ ୧୬୮/୧୬୯ ॥ ଯେଉଁ ବିଷୟ ଯେଉଁଠାରେ ଯେଉଁପରି ଦରକାର ଆସିବ ତାହାର ସେହିଠାରେ ସେହିପରି ଲକ୍ଷଣ ଗ୍ରହଣ କରିବ । ଜର୍ଜର ଓ ଦଣ୍ଡକାଷ୍ଠର ଲକ୍ଷଣ କହିବି ॥ ୧୭୦ ॥

Digitized by srujanika@gmail.com

ବେଣୁରେବ ଭବେଦ୍ ଶ୍ରେଷ୍ଠସ୍ତସ୍ୟ ବକ୍ଷ୍ୟାମି ଲକ୍ଷଣମ୍ ।
ଶ୍ୱେତଭୂମ୍ୟାଂ ଚ ଯୋ ଜାତଃ ପୁଷ୍ୟନକ୍ଷତ୍ରଜସ୍ତଥା ।। ୧୭୩ ।।
ସଂଗ୍ରାହ୍ୟୋ ବିଧିନା ବେଣୁ ର୍ଜର୍ଜରାର୍ଥଂ ପ୍ରଯତ୍ନତଃ ।
ସ୍ଥୂଳଗ୍ରନ୍ଥିର୍ନ କର୍ତ୍ତବ୍ୟୋ ନ ଶାଖୀ ନ ଚ କୀଟବାନ୍ ।। ୧୭୪ ।।
ପ୍ରମାଣ ମଙ୍ଗୁଳାନାଂତୁ ଶତମଷ୍ଟୋତ୍ତରଂ ଭବେଦ୍ ।
ପଞ୍ଚପର୍ବା ଚତୁର୍ଗ୍ରନ୍ଥି ସ୍ତ୍ରାଜମାତ୍ର ସ୍ତଥୈବ ଚ ।। ୧୭୫ ।।
ନ କୃମିକ୍ଷତପର୍ବା ଚ ନିହତସ୍ତ୍ୱନ୍ୟବେଣୁଭିଃ ।
ଅକ୍ତଂ ତୁ ମଧୁସର୍ପିର୍ଭ୍ୟାଂ ମାଲ୍ୟଧୂପ ପୁରସ୍କୃତମ୍ ।। ୧୭୬ ।।
ଉପାସ୍ୟ ବିଧିବଦ୍ ବେଣୁଂ ଗୃହ୍ଣୀୟାଦ୍ ଜର୍ଜରଂପ୍ରତି ।
ଯୋ ବିଧିର୍ଯଃ କ୍ରମଶ୍ଚୈବ ମାହେନ୍ଦ୍ରେ ତୁ ଧ୍ୱଜେ ସ୍ମୃତଃ ।। ୧୭୭ ।।
ସ ଜର୍ଜରସ୍ୟ କର୍ତ୍ତବ୍ୟଃ ପୁଣ୍ୟବେଣୁ ସମାଶ୍ରୟଃ ।
ଭବେଦ୍ ବୈ ଦୀର୍ଘପର୍ବାତୁ ତନୁପର୍ବା ତଥୈବ ଚ ।। ୧୭୮ ।।
ପର୍ବାଗ୍ର ମଣ୍ଡଳଶ୍ଚୈବ ପୁଣ୍ୟବେଣୁଃ ପ୍ରକୀର୍ତ୍ତିତଃ ।
ଅତଊର୍ଦ୍ଧ୍ୱଂ ପ୍ରବକ୍ଷ୍ୟାମି ଦଣ୍ଡକାଷ୍ଠସ୍ୟ ଲକ୍ଷଣମ୍ ।। ୧୭୯ ।।

ଶ୍ୱେତଭୂମି (ଶୁଖିଲା ଧଳାମାଟିରେ) ପୁଷ୍ୟା ନକ୍ଷତ୍ରରେ ଯେଉଁ ଗଛଗୁଡ଼ିକ ଜନ୍ମଲାଭ କରିଥା'ନ୍ତି, ସେହିଗୁଡ଼ିକୁ ବିଶ୍ୱକର୍ମା ନିଜ ଲକ୍ଷଣ ଶାସ୍ତ୍ରରେ ଇନ୍ଦ୍ରଙ୍କ ଧ୍ୱଜବୋଲି କହିଛନ୍ତି । ସେହିଥିରୁ ଖଣ୍ଡିଏ ନେଇ ବଢ଼େଇ ଦ୍ୱାରା ଜର୍ଜର ତିଆରି କରିବ ଅଥବା ଗଛରୁ ବାହାରିଥିବା ଓହଳରୁ ଖଣ୍ଡିଏ ଆଣି ଜର୍ଜର କରିବ ।। ୧୭୧/୧୭୨ ।। ଏଥିପାଇଁ ବାଉଁଶ ମଧ୍ୟ ଶ୍ରେଷ୍ଠ । ତା ଲକ୍ଷଣ କହୁଛି । ସେହି ଶ୍ୱେତ ଭୂମିରେ ପୁଷ୍ୟା ନକ୍ଷତ୍ରରେ ଯେ ଜନ୍ମ ହୋଇଥିବ, ଜର୍ଜର ପାଇଁ ବିଧାନ ଅନୁଯାୟୀ ଯତ୍ନରେ ଖଣ୍ଡିଏ ସଂଗ୍ରହ କରିବ । ମୋଟା ଗଣ୍ଠି ନଥିବ, କଣି ଖେଞ୍ଚା ରଖିବ ନାହିଁ, ପୋକ ପଶି କଣା କରିନଥିବେ । ଶହେ ଆଠ ଆଙ୍ଗୁଳ (ସାଢ଼େ ଚାରିହାତ) ଲମ୍ବ, ପାଞ୍ଚଟି ପବ, ଚାରିଟି ଗଣ୍ଠି ଏବଂ ବୁଢ଼ା ଆଙ୍ଗୁଠିକୁ ମଝି ଆଙ୍ଗୁଳି ଲଗାଇଲେ ଯେତିକି ହେବ ସେତିକିମୋଟ, ପବରେ ପୋକ ପଶି ନଥିବ, ଅନ୍ୟ ବାଉଁଶ ଘସି ହୋଇ ଚେପା ହୋଇନଥିବ, ଏହିପରି ବାଉଁଶ ଆଣି ମହୁଘୃତ ତହିଁରେ ମାଖି ଧୂପ ମାଲ୍ୟ ଦେଇ ବିଧାନ ଅନୁଯାୟୀ ପୂଜା କରି ଜର୍ଜର ତିଆରି କରିବ । ମହେନ୍ଦ୍ର ଧ୍ୱଜ ପାଇଁ ଯେଉଁ ବିଧି ଓ କ୍ରମ କୁହାଯାଇଛି । ଜର୍ଜର ପାଇଁ ସେହି ବିଧାନ କରାଯିବ । ଏହି ପବିତ୍ର ବାଉଁଶ ଖଣ୍ଡିଏ ଆଣିବ । ଏହାର ପବ ଲମ୍ବ ବା ଛୋଟ ମଧ୍ୟ ହୋଇପାରେ । ପବର ଅଗ ଅର୍ଥାତ୍ ଗଣ୍ଠିକୁ ଗୋଲ କରି ଚାଞ୍ଛିବ । ଏହାକୁ ପୁଣ୍ୟବେଣୁ କୁହାଯାଏ । ଏହାପରେ ଦଣ୍ଡକାଷ୍ଠର ଲକ୍ଷଣ କହୁଛି ।। ୧୭୩-୧୭୯ ।।

Digitized by srujanika@gmail.com

କପିତ୍ଥ ବିଲ୍ୱବଂଶେଭ୍ୟୋ ଦଣ୍ଡକାଷ୍ଠଂ ଭବେତ୍ ସଦା ।
ବକ୍ରଂ ଚୈବ ହିତତ୍ କାର୍ଯ୍ୟଂ ତ୍ରିଭାଗେ ଲକ୍ଷଣାନ୍ୱିତମ୍ ॥ ୧୮୦ ॥
କୀଟୈ ର୍ନୋପହତଂ ଯଚ୍ଚ ବ୍ୟାଧିନା ନ ଚ ପୀଡ଼ିତମ୍ ।
ମନ୍ଦଶାଖଂ ଭବେଦ୍ ଯଷ୍ଠ ଦଣ୍ଡକାଷ୍ଠଂ ଚ ତଦ୍‌ଭବେତ୍ ॥ ୧୮୧ ॥
ଯସ୍ତ୍ୱେଭି ର୍ଲକ୍ଷଣୈ ର୍ହୀନଂ ଦଣ୍ଡକାଷ୍ଠଂ ସର୍ଜ୍ଜରମ୍ ।
କାରୟେତ୍ ସ ତ୍ୱପଚୟଂ ମହାନ୍ତଂ ପ୍ରାପ୍ନୁୟାଦ୍ ଧ୍ରୁବମ୍ ॥ ୧୮୨ ॥

ପଟୀ-ତଥା ଶୀର୍ଷ ବିଧାନାର୍ଥଂ ପଟୀ କାର୍ଯ୍ୟା ତୁ ମାନତଃ ।
ସ୍ୱପ୍ରମାଣ ବିନିର୍ଦ୍ଦିଷ୍ଟା ଦ୍ୱାତ୍ରିଂଶଚ୍ଚାଙ୍ଗୁଳାନି ବା ॥ ୧୮୩ ॥
ବିଲ୍ୱକଲ୍କେନ କର୍ତ୍ତବ୍ୟା ପଟୀ ଚୀର ସମାଶ୍ରୟା ॥
ଖିନ୍ନେନ ବିଲ୍ୱକଲ୍କେନ ଦ୍ରବେଣ ଚ ସମାଗତା ॥ ୧୮୪ ॥
ଭସ୍ମନା ବା ତୁଷୈର୍ବାପି ପ୍ରତି ଶୀର୍ଷାଣି କାରୟେତ୍ ।
ସଂଛାଦ୍ୟଂ ତୁ ତତୋ ବସ୍ତ୍ରୈ ର୍ବିଲ୍ୱଦିଗ୍ଧୈ ର୍ଧନାଶ୍ରୟୈଃ ॥ ୧୮୫ ॥
ବିଲ୍ୱକଲ୍କେନ ଚୀରଂ ତୁ ଦିଗ୍ଧ୍ୱା ସଂଯୋଜୟେତ୍ ପଟୀମ୍ ।
ନସ୍ଥୂଳାଂ ନଚ ତାଂ ତନ୍ୱୀଂ ନ ମୃଦ୍ୱୀଂ ଚୈବ କାରୟେତ୍ ॥ ୧୮୬ ॥
ଶୁଷ୍କାୟାଂ ତୁ ତତସ୍ତସ୍ୟା ମନିଲାତପ ଯୋଗତଃ ।
ଛେଦ୍ୟଂ ବୁଧସ୍ତୁକୁର୍ବୀତ ବିଧିଦୃଷ୍ଟେନକର୍ମଣା ॥ ୧୮୭ ॥

କଇଥ ଓ ବେଲ ଗଛରୁ ସବୁ ସମୟରେ ଦଣ୍ଡକାଷ୍ଠ ସଂଗ୍ରହ କରାଯିବ । ତାହାର ତିନିଭାଗ (ଚାରିଭାଗରୁ ତିନିଭାଗ)ଠାରେ ବାଙ୍କ ରହିବ । ଏହା ଲକ୍ଷଣଯୁକ୍ତ ହୋଇଥିବ । ପୋକ କଣା ହୋଇ ନଥିବ । ରୋଗିଣା ହୋଇନଥିବ । ସରଳ କାଠ ହୋଇଥିବ (ଗୁଡ଼ିଏ ଶାଖା ଥିଲେ ଗଣ୍ଠଗଣ୍ଠିଆ ହୋଇଯିବ ।) ଏହିପରି ଦଣ୍ଡକାଷ୍ଠ ହେବ । ଦଣ୍ଡକାଷ୍ଠ କିମ୍ବା ଝର୍ଝରକୁ ପ୍ରୋକ୍ତ ଲକ୍ଷଣ ଅନୁଯାୟୀ ଯେ ନ କରିବ, ନିଶ୍ଚୟ ତାହାର ବହୁ କ୍ଷତି ହେବ ॥ ୧୮୦-୧୮୨ ॥ ପଟୀ - ମୁଣ୍ଡରେ ପିନ୍ଧିବା ପାଇଁ ମାପ ଅନୁଯାୟୀ ପଟୀ କରାଯିବ । ଏହା ନିଜ ମନ ଅନୁଯାୟୀ ଅଥବା ବତିଶ ଆଙ୍ଗୁଳ ମାପରେ କରାଯାଇପାରେ । ବେଲ ଅଠାକୁ କମଡ଼ାରେ ଲଗାଇ ପଟି କରାଯାଏ । ବେଲରୁ ଝରୁଥିବା ଅଠା ଅଥବା ଅନ୍ୟ କୌଣସି ପତଳା ଅଠାରେ ପାଉଁଶ ଓ ଚଷୁକୁଣ୍ଡା ମିଶାଇ ପ୍ରତିଶୀର୍ଷ ତିଆରି କରିବ । ତାହା ଉପରେ ଏହାକୁ ମୋଟା ବେଲ ଅଠାଦିଆ କପଡାରେ ଆଚ୍ଛାଦିତ କରିବ । କପଡାରେ ବେଲ ଅଠା ଲଗାଇ ପଟୀ କରିବାକୁ ପଡ଼େ । ବେଶି ବହଳ କିମ୍ବା ବେଶି ପତଳା ଅଥବା ବେଶି କୋମଳ କରିବ ନାହିଁ ॥ ୧୮୩-୧୮୬ ॥ ଖରା ଓ ପବନରେ ସେ ଶୁଖିଗଲେ ତା ମଧ୍ୟରେ ଶିଳ୍ପୀ ଆବଶ୍ୟକ ଅନୁସାରେ କଣା କରିବା ଉଚିତ ॥ ୧୮୭ ॥

Digitized by srujanika@gmail.com

ସୁତୀକ୍ଷ୍ଣେନ ତୁ ଶସ୍ତ୍ରେଣ ଅର୍ଦ୍ଧାର୍ଧଂ ପ୍ରବିଭଜ୍ୟ ଚ ।
ସ୍ୱପ୍ରମାଣ ବିନିର୍ଦ୍ଦିଷ୍ଟଂ ଲଲାଟାକୃତି କୋଣକମ୍ ।। ୧୮୮ ।।
ଅର୍ଧାଙ୍ଗୁଳଂ ଲଲାଟଂତୁ ଛେଦ୍ୟଂ କାର୍ଯ୍ୟଂ ଷଡଙ୍ଗୁଳମ୍ ।
ଅଧ୍ୟର୍ଧ ମଙ୍ଗୁଳଂ ଛେଦ୍ୟଂ କଟୟୋ ସ୍ତ୍ୟଙ୍ଗୁଳଂ ଭବେତ୍ ।। ୧୮୯ ।।
କଟାନ୍ତେ କର୍ଣ୍ଣନାଳସ୍ୟ ଛେଦ୍ୟଂ ସ୍ୱାଧୀନ ମଙ୍ଗୁଳମ୍ ।
ତ୍ର୍ୟଙ୍ଗୁଳଂ କର୍ଣ୍ଣବିସ୍ତାରଂ ତଥାସ୍ୟଂ ଛେଦ୍ୟମେବଚ ।। ୧୯୦ ।।
ତତଶ୍ଚୈବାବର୍ତ୍ତଃ କାର୍ଯ୍ୟଃ ସୁଷମା ଦ୍ୱାଦଶାଙ୍ଗୁଳା ।
ପଟୀଚ୍ଛେଦ୍ୟକୃତଂ ହ୍ୟେତଦ୍ ବିଧାନଂ ବିହିତଂ ମୟା ।। ୧୯୧ ।।
ତସ୍ୟୋପରି ତତଃ କାର୍ଯ୍ୟା ମୁକୁଟା ବିବିଧାଶ୍ରୟାଃ ।
ନାନାରତ୍ନ ପ୍ରତିଚ୍ଛନ୍ନା ବହୁରୂପୋପଶୋଭିତାଃ ।। ୧୯୨ ।।
ତତ୍ରୋପକରଣାନୀହ ନାଟ୍ୟଯୁକ୍ତିକୃତାନି ଚ ।
ବହୁ ପ୍ରକାର ଯୁକ୍ତାନି କୁର୍ବୀତ ପ୍ରକୃତିଂ ପ୍ରତି ।। ୧୯୩ ।।
ଯତ୍‌କିଞ୍ଚିଦସ୍ମିନ୍ ଲୋକେ ତୁ ସଚରାଚରସଂଜ୍ଞିତେ ।
ବିହିତଂ କର୍ମ ଶିଳ୍ପଂ ବା ତତ୍ ତୂପକରଣଂ ସ୍ମୃତମ୍ ।। ୧୯୪ ।।
ଯଦ୍‌ଯସ୍ୟ ବିଷୟଂ ପ୍ରାପ୍ତଂ ତତ୍‌ତସ୍ମିନ୍ନଧିଗଚ୍ଛତି ।
ନାନ୍ୟତଃ ପୁରୁଷାଣାଂ ହି ନାଟ୍ୟୋପକରଣାଶ୍ରୟମ୍ ।। ୧୯୫ ।।

ଏହାକୁ ଦୁଇଟି ସମାନ ଭାଗରେ ବିଭକ୍ତ କରି ଖୁବ୍ ଧାରୁଆ ଶସ୍ତ୍ରରେ ନିଜ (ପାତ୍ର) ମାପ ଅନୁସାରେ ଛିଦ୍ର କରିବ । ପଟୀରେ ଅଧ ଆଙ୍ଗୁଳ ଓସାର ଏବଂ ଛଅ ଆଙ୍ଗୁଳ ଲମ୍ବା କପାଳ ଆକାର କୋଣଯୁକ୍ତ ଛିଦ୍ର କରଣୀୟ । ଦୁଇ ଆଙ୍ଗୁଳ ଲମ୍ବା ଓ ଚାରି ଆଙ୍ଗୁଳ ଓସାରର ଛିଦ୍ର କରିବ । କଟ (ହନୁହାଡ) ଦୁଇଟି ତିନି ଆଙ୍ଗୁଳ ହେବ । କଟ ଶେଷରେ କର୍ଣ୍ଣନାଳ ପାଇଁ ତିନି ଆଙ୍ଗୁଳ ଛେଦ୍ୟ ହେବ । କର୍ଣ୍ଣର ବିସ୍ତାର ମଧ୍ୟ ତିନି ଆଙ୍ଗୁଳ ହେବ । ମୁଖପାଇଁ ମଧ୍ୟ ତିନି ଆଙ୍ଗୁଳ ଛିଦ୍ର ରହିବ । ତାହାପରେ କାନଫୁଲଟି (ମନୁଷ୍ୟର ପଦାକୁ ଦେଖାଯାଉଥିବା କାନ ପରି) ସୁନ୍ଦରକରି ବାର ଆଙ୍ଗୁଳରେ ତିଆରି କରିବ । ପଟୀକୁ କାଟିବାର ଏହି ନିୟମ ମୁଁ କହିଲି ।। ୧୮୮-୧୯୧ ।। ପଟୀ ଉପରେ ବିବିଧ ଆକାରରେ ମୁକୁଟ କରି ତହିଁରେ ବିବିଧ ରତ୍ନ ଖଞ୍ଜିବ ।। ୧୯୨ ।। ନାଟ୍ୟର ଆବଶ୍ୟକତା ଅନୁସାରେ ପାତ୍ର ଏବଂ ନାଟ୍ୟକଥାଂଶକୁ ବିଚାରକରି ବହୁ ପ୍ରକାରର ଉପକରଣ ଯୋଗାଇବ । ସଂସାରରେ ଚରଠାରୁ ଅଚର ପର୍ଯ୍ୟନ୍ତ ସଜାଇବା ପାଇଁ ବିହିତ ଶିଳ୍ପ ଓ କର୍ମସବୁ ଉପକରଣ ତାଲିକାରେ ଯିବ ।। ୧୯୪ ।। ଯେଉଁ ଦେଶରେ ଯେପରି ଚଳେ ଓ ଯେପରି ଯାହା ମିଳେ ତାହାକୁ ନେଇ ନାଟ୍ୟୋପକରଣ ସଂଗ୍ରହ କରିବ । ଅନ୍ୟ ଦେଶରୁ ଉପକରଣ ଆଣି ନାଟ୍ୟରେ ବ୍ୟବହାର କଲେ ସଂଗ୍ରହରେ କଷ୍ଟ ଏବଂ ସେଠିକା ଲୋକଙ୍କର ଗ୍ରହଣୀୟ ହେବ ନାହିଁ ।। ୧୯୫ ।।

Digitized by srujanika@gmail.com

ଯଦ୍ ଯେନୋତ୍ପାଦିତଂ କର୍ମ ଶିଳ୍ପଯୋଗଃ କ୍ରିୟାପି ବା ।
ତସ୍ୟ ତେନ କୃତା ସୃଷ୍ଟିଃ ପ୍ରମାଣଂ ଲକ୍ଷଣଂ ତଥା ।। ୧୯୬ ।।
ଯା କାର୍ଷ୍ଣାୟସ ଭୂୟିଷ୍ଠା କୃତା ସୃଷ୍ଟିର୍ମହାତ୍ମନା ।
ନ ସାସ୍ମାକଂ ନାଟ୍ୟଯୋଗେ କସ୍ମାଦ୍ ଖେଦବହା ହିସା ।। ୧୯୭ ।।
ଯଦ୍ ଦ୍ରବ୍ୟଂ ଜୀବଲୋକେ ତୁ ନାନାଲକ୍ଷଣଲକ୍ଷିତମ୍ ।
ତସ୍ୟାନୁକୃତି ସଂସ୍ଥାନଂ ନାଟ୍ୟୋପକରଣଂ ଭବେତ୍ ।। ୧୯୮ ।।
ପ୍ରାସାଦଗୃହଯାନାନି ନାନା ପ୍ରହରଣାନି ଚ ।
ନ ଶକ୍ୟାନି ତଥା କର୍ତ୍ତୁଂ ଯଥୋକ୍ତାନୀହ ଲକ୍ଷଣୈଃ ।। ୧୯୯ ।।
ଲୋକଧର୍ମୀ ଭବେତ୍ ତ୍ୱନ୍ୟୋ ନାଟ୍ୟଧର୍ମୀ ତଥାପରଃ ।
ସ୍ୱଭାବୋ ଲୋକଧର୍ମୀ ତୁ ବିଭାବୋ ନାଟ୍ୟମେବ ହି ।। ୨୦୦ ।।
ଆୟସଂ ତୁ ନ କର୍ତ୍ତବ୍ୟଂ ନଗସାରମୟଂ ନ ଚ ।
ନାଟ୍ୟୋପକରଣଂ ତଜ୍ଜ୍ଞୈଃ ଗୁରୁତ୍ୱାଦ୍ ଖେଦକୃଦ୍ ହି ତତ୍ ।। ୨୦୧ ।।
ଜତୁକାଷ୍ଠ ଚର୍ମ ବସ୍ତ୍ର ଭାଣ୍ଡ ବେଣୁ ଜଳୈସ୍ତଥା ।
ନାଟ୍ୟୋପକରଣାନୀହ ଲଘୁ କର୍ମାଣି କାରୟେତ୍ ।। ୨୦୨ ।।
ବର୍ମ ଚର୍ମ ଧ୍ୱଜାଃଶୈଳା ପ୍ରାସାଦାଃ ଶିଖରାସ୍ତଥା ।
ହୟବାରଣ ଯାନାନି ବିମାନାନି ଗୃହାଣି ଚ ।। ୨୦୩ ।।

ଯେଉଁ ଶିଳ୍ପୀ ଯାହା ଉତ୍ପାଦନ କରେ ବା ଶିଳ୍ପ ଓ କ୍ରିୟାମାନ କରେ ସେ ତାହାର ସେହି ସୃଷ୍ଟିପାଇଁ ପ୍ରମାଣ୍ ଓ ଲକ୍ଷଣ କରିବେ ।। ୧୯୬ ।। ଓଜନିଆ ଲୁହାତିଆରୀ ଉପକରଣ ଭଲଶିଳ୍ପୀ ସୁନ୍ଦରକରି କଲେ ମଧ୍ୟ ଆମକୁ ଦୁଃଖଦାୟକ ଓ ଓଜନଦାର ବୋଲି ସେଗୁଡ଼ିକ ବ୍ୟବହାର କରିବା ନାହିଁ ।। ୧୯୭ ।। ସଂସାରରେ ଯେଉଁ ଦ୍ରବ୍ୟସବୁ ବିଭିନ୍ନ ଲକ୍ଷଣରେ ଦେଖାଯାଏ, ତାହାର ଅନୁକରଣାତ୍ମକ ଦ୍ରବ୍ୟକୁ ନାଟ୍ୟୋପକରଣ ବୋଲି କୁହାଯାଏ ।। ୧୯୮ ।।

ଏଠାରେ ଲକ୍ଷଣରେ ଯେଉଁ ପ୍ରାସାଦ, ଗୃହ, ଯାନ, ବିବିଧପ୍ରହରଣ, ବିଷୟ କୁହାଗଲା ସବୁଠାରେ ସେହିପରି କରିବା ସମ୍ଭବପର ନୁହେଁ ।। ୧୯୯ ।। ଲୋକଧର୍ମୀ ଅଲଗା ଓ ନାଟ୍ୟଧର୍ମୀ ଅଲଗା । ଲୋକଧର୍ମୀ ହେଲା ସ୍ୱଭାବ, କିନ୍ତୁ ବିଭାବ ହିଁ ନାଟ୍ୟଧର୍ମ ଅଟେ ।। ୨୦୦ ।। ଲୁହା ବା ଓଜନିଆ କାଠରେ ନାଟ୍ୟୋପକରଣ ନାଟ୍ୟବିଶାରଦମାନେ କରିବେ ନାହିଁ । ଏହା ଓଜନିଆ ଓ ଦୁଃଖ ଦାୟକ ।। ୨୦୧ ।। ଜଉ, ହାଲୁକାକାଠ, ଚମଡା, କପଡା, ମାଠିଆ, ବାଉଁଶ, ପତର ପ୍ରଭୃତି ହାଲୁକାଦ୍ରବ୍ୟ ଦ୍ୱାରା ଉପକରଣମାନ କରାଯିବ ।। ୨୦୨ ।। ସାଞ୍ଜୁ, ଢାଲ, ପତାକା, ପର୍ବତ, ପ୍ରାସାଦ, ଶିଖର, ଘୋଡା, ହାତୀ, ଯାନ ଓ ବିମାନ ଏବଂ ଗୃହ ମଧ୍ୟ ପ୍ରଥମେ ବାଉଁଶ ଓ ପତ୍ରଦ୍ୱାରା ନାଟକର ଭାବକୁ

Digitized by srujanika@gmail.com

ପୂର୍ବଂ ବେଣୁଦଳୈଃ କୃତ୍ୱା କୃତୀର୍ଭାବ ସମାଶ୍ରୟାଃ ।
ତତଃ ସୁରଙ୍ଗୈ ରାଚ୍ଛାଦ୍ୟ ବସ୍ତ୍ରୈଃ ସାରୂପ୍ୟ ମାନୟେତ୍ ॥ ୨୦୪ ॥
ଅଥବା ଯଦି ବସ୍ତ୍ରାଣାଂ ତଦ୍‌ବିଧାନା ମସମ୍ଭବଃ ।
ତାଳୀୟୈର୍ବା କିଳିଞ୍ଜୈ ର୍ବା ଶ୍ଳକ୍ଷ୍ଣୈର୍ବସ୍ତ୍ରୈଃ କ୍ରିୟା ଭବେତ୍ ॥ ୨୦୫ ॥
ତଥା ପ୍ରହରଣାନି ସ୍ୟୁଃ ତୃଣବେଣୁ ଦଳାଦିଭିଃ ।
ଜତୁଭାଣ୍ଡ କ୍ରିୟାଭିଶ୍ଚ ନାନାରୂପାଣି କାରୟେତ୍ ॥ ୨୦୬ ॥
ପ୍ରତିପାଦଂ ପ୍ରତିଶିରଃ ପ୍ରତିହସ୍ତଂ ପ୍ରତିତ୍ୱଚମ୍ ।
ତୃଣଜୈଃ କିଳିଞ୍ଜୈ ର୍ଭାଣ୍ଡୈଃ ସରୂପାଣୀହ କାରୟେତ୍ ॥ ୨୦୭ ॥
ଯଦ୍‌ଯସ୍ୟ ସଦୃଶଂ ରୂପଂ ସାରୂପ୍ୟ ଗୁଣସମ୍ଭବମ୍ ।
ମୃଣ୍ମୟଂ ତତ୍ରକୃତ୍ସ୍ନଂତୁ ନାନାରୂପଂ ତୁ କାରୟେତ୍ ॥ ୨୦୮ ॥
ଭାଣ୍ଡବସ୍ତ୍ର ମଧୂଚ୍ଛିଷ୍ଟୈଃ ଲାକ୍ଷୟାଦ୍ଭ୍ରଦଳେନ ଚ ।
ନଗାସ୍ତୁ ବିବିଧାଃ କାର୍ଯ୍ୟା ଶ୍ଚର୍ମ ବର୍ମ ଧ୍ୱଜାସ୍ତଥା ॥ ୨୦୯ ॥
ନାନା ପ୍ରଦେଶ ଜାତାନି ଫଳାନି କୁସୁମାନି ଚ ।
ବିବିଧାନି ଚ ଭାଣ୍ଡାନି ଲାକ୍ଷୟା ବେହ କାରୟେତ୍ ॥ ୨୧୦ ॥

ଆଶ୍ରୟକରି ପ୍ରତିକୃତି ତିଆରି କରିସାରି ତାହା ଉପରେ କପଡ଼ା ଆଚ୍ଛାଦନକରି ପ୍ରକୃତ ଦ୍ରବ୍ୟର ଅନୁରୂପ, ପ୍ରତିରୂପ ନିର୍ମାଣ କରିବ ॥ ୨୦୩, ୨୦୪ ॥

କିମ୍ବା ଯଦି ସେହିପରି ବସ୍ତ୍ର ନମିଳେ, ତାହେଲେ କଅଁଳିଆ ତାଳପତ୍ର କିମ୍ବା କାଇଁଚ ଦ୍ୱାରା ସେ କାର୍ଯ୍ୟ ଚଳାଇବ ॥ ୨୦୫ ॥ ଆୟୁଧଗୁଡ଼ିକ ମଧ୍ୟ କୁଟାଘାସ, ବାଉଁଶ ଓ ପତ୍ରଦ୍ୱାରା କରି ତହିଁରେ ଜଉ ପ୍ରଭୃତି ଦେଇ ଏବଂ ଭାଣ୍ଡକୁ ମଧ୍ୟ ରଙ୍ଗକରି ବିବିଧ ଆକାରରେ କରାଇବ ॥ ୨୦୬ ॥ ଯେକୌଣସି ହାତ, ପାଦ (ଗୋଡ଼) ମୁଣ୍ଡ ଓ ଚର୍ମକୁ ନକଲ କରିବା ପାଇଁ ଘାସକୁଟା କାଇଁଚ ଓ ଭାଣ୍ଡ ବ୍ୟବହାର କରି ନାନା ରୂପ ଦେବ ॥ ୨୦୭ ॥ ଯାହାର ଯେଉଁପରି ରୂପ ପ୍ରତିକୃତି କଲାବେଳେ ସେହି ଗୁଣ ଅନୁସାରେ ମାଟିରେ ସଂପୂର୍ଣ୍ଣ ଆକୃତିକୁ ଅନୁକରଣ କରି ବିବିଧ ରୂପମାନ ଗଢ଼ିବ ॥ ୨୦୮ ॥ ଯଟ, କାର୍ପାସ ବସ୍ତ୍ର, ମହମ, ଲାକ୍ଷା, ଅଭ୍ର, ପତ୍ର ପ୍ରଭୃତି ବ୍ୟବହାରକରି ପର୍ବତ, ନାଗ, ଚର୍ମ, ବର୍ମ ଓ ଧ୍ୱଜ ନିର୍ମାଣ କରିବ ॥ ୨୦୯ ॥ ବିଭିନ୍ନ ଦେଶମାନଙ୍କରେ ଉତ୍ପନ୍ନ ହେଉଥିବା ବିଚିତ୍ର ଫଳ ଫୁଲ ସବୁକୁ ବିଭିନ୍ନ ପ୍ରକାର ଭାଣ୍ଡ (ପାତ୍ର) ମଧ୍ୟ ଏହି ନାଟ୍ୟଜଗତ ପାଇଁ ଲାକ୍ଷାରେ ହିଁ କରାଇବ ॥ ୨୧୦ ॥ ନାଟ୍ୟ ପ୍ରୟୋଗ କ୍ଷେତ୍ରରେ ଭାଣ୍ଡ (ମାଠିଆ, ଘଡ଼ି, ଡବା ଇତ୍ୟାଦି) ବସ୍ତ୍ର, ମହମ, ତମ୍ବାତାର ବା ପାତିଆ ନୀଳରଙ୍ଗ, ବିବିଧ ପତ୍ରରସ ଏବଂ ରଙ୍ଗଦିଆ ଅଭ୍ରଖଣ୍ଡ ଦ୍ୱାରା ବିବିଧ ଅଳଙ୍କାର ଓ ମଣି ତିଆରି କରିବ । ଏହି ଅଳଙ୍କାର ଉପରେ ଖଞ୍ଜାଖଞ୍ଜି ପାଇଁ (ଉପାଶ୍ରୟ) ଡୋର, ତାର, ବା ସିସା ଝଳାଇ ଦ୍ୱାରା କରିବ ॥ ୨୧୨, ୨୧୩ ॥

Digitized by srujanika@gmail.com

ଭାଣ୍ଡବସ୍ତ୍ର ମଧୂଚ୍ଛିଷ୍ଟୈଃ ତାମ୍ରପତ୍ରୈଃ ତଥୈବ ଚ ।
ସମ୍ୟକ୍ ଚ ନୀଳାରାଗେଣ ସସ୍ୟଶାକେନ ଚୈବ ହି ॥ ୨୧୨ ॥
ରଞ୍ଜିତେନାଭ୍ରପତ୍ରେଣ ମଣୀଞ୍ଛୈବାତ୍ର କାରୟେତ୍ ।
ଉପାଶ୍ରୟ ମଥାପ୍ୟେଷାଂ ଶୁକ୍ଳବଙ୍ଗେନ କାରୟେତ୍ ॥ ୨୧୩ ॥
ବିବିଧା ମୁକୁଟା ଦିବ୍ୟାଃ ପୂର୍ବଂ ଯେ ଗଦିତା ମୟା ।
ତେଦ୍ଧଭ୍ରପତ୍ରୋଜ୍ଜ୍ୱଳାଃ କାର୍ଯ୍ୟା ମଣିବ୍ୟାଲୋକଶୋଭିତାଃ ॥ ୨୧୪ ॥
ନ ଶାସ୍ତ୍ରପ୍ରଭବଂ କର୍ମ ତେଷାଂ ହି ସମୁଦାହୃତମ୍ ।
ଆଚାର୍ଯ୍ୟ ବୁଦ୍ଧ୍ୟା କର୍ତ୍ତବ୍ୟମୂହାପୋହ ପ୍ରୟୋଜିତମ୍ ॥ ୨୧୫ ॥
ଏବଂ ମର୍ତ୍ତ୍ୟ କ୍ରିୟାଯୋଗୋ ଭବିଷ୍ୟନ୍ କଳ୍ପିତୋମୟା ।
କସ୍ମାଦଳ୍ପ ବଳତ୍ୱଂ ହି ମାନୁଷେଷୁ ଭବିଷ୍ୟତି ॥ ୨୧୬ ॥
ମର୍ତ୍ତ୍ୟାନା ମଳ୍ପ ଶକ୍ତୀନାଂ ନତାତୀବାଙ୍ଗଚେଷ୍ଟିତମ୍ ।
ନେଷ୍ଟାଃ ସୁବର୍ଣ୍ଣରତ୍ନୈସ୍ତୁ ମୁକୁଟା ଭୂଷଣାନି ବା ॥ ୨୧୭ ॥
ଯୁଦ୍ଧେ ନିଯୁଦ୍ଧେ ନୃତ୍ତେବା ଧୃଷ୍ଟିବ୍ୟାପାର କର୍ମଣି ।
ଗୁରୁଭାରାବସନ୍ନସ୍ୟ ସ୍ୱେଦୋ ମୂର୍ଚ୍ଛାପି ଜାୟତେ ॥ ୨୧୮ ॥
ସ୍ୱେଦମୂର୍ଚ୍ଛା କ୍ଳମାର୍ତ୍ତସ୍ୟ ପ୍ରୟୋଗସ୍ତୁ ବିନଶ୍ୟତି ।
ପ୍ରାଣାତ୍ୟୟଃ କଦାଚିତ୍ତୁ ଭବେଦ୍ ବ୍ୟାୟତଚେଷ୍ଟନାତ୍ ॥ ୨୧୯ ॥

ପୂର୍ବରୁ ବିବିଧ ମୁକୁଟ ବିଷୟରେ (ଦେବଯୋଗ୍ୟ) ଯାହା ମୁଁ କହିଅଛି, ସେଗୁଡ଼ିକୁ ଅଭ୍ରଖଣ୍ଡ ଦେଇ ଉଜ୍ଜଳ (ଚିକ୍ ଚିକ୍) କରି ମଣିଖଞ୍ଜି ସୁନ୍ଦର କରିବ ॥ ୨୧୪ ॥ ଏହି ସବୁ ବିଷୟରେ ଶାସ୍ତ୍ର ଦ୍ୱାରା ସବୁ କରିହେବ ନାହିଁ ବା କୁହାଯାଇ ନାହିଁ । ନାଟ୍ୟାଚାର୍ଯ୍ୟ ନିଜ ବୁଦ୍ଧିବଳରେ ଯୋଡ଼ିବା (ଉହ) ଓ କାଢ଼ିବା ଛିଡାଇବା (ଅପୋହ) ଇତ୍ୟାଦି ଦ୍ୱାରା ଏହା ସମ୍ପାଦନ କରିବେ ॥ ୨୧୫ ॥ ଭବିଷ୍ୟତରେ ହେବାକୁ ଥିବା ମାନବମାନଙ୍କର ଏହିପରି ନାଟ୍ୟକ୍ରିୟା ଯୋଗ ବିଷୟରେ ମୁଁ ବର୍ଣ୍ଣନା କରିଗଲି । କାରଣ, ଭବିଷ୍ୟତରେ ମନୁଷ୍ୟମାନେ ବଳହୀନ ହୋଇଯିବେ ॥ ୨୧୬ ॥ ଦୁର୍ବଳ ମାନବ (ନାଟ୍ୟର ପାତ୍ର) ଅଧିକ ଅଙ୍ଗ ସଂଚାଳନ କରିବ ନାହିଁ । ସୁବର୍ଣ୍ଣ ରତ୍ନ ପ୍ରଭୃତି ମଣ୍ଡିତ ମୁକୁଟ ଓ ଅଳଙ୍କାର ମଧ୍ୟ ଦରକାର ନାହିଁ ॥ ୨୧୭ ॥ ଯୁଦ୍ଧ, ବାହୁଯୁଦ୍ଧ, ନୃତ୍ୟ କିମ୍ବା ଧର୍ଷଣ (ଜବରଦସ୍ତ ତଳେ ପକାଇଦେବା) ପ୍ରଭୃତି କାର୍ଯ୍ୟରେ ଓଜନ ବେଶି ରହିଲେ ଝାଳ ବୋହିବ । ମୂର୍ଚ୍ଛା ମଧ୍ୟ ହୋଇପାରେ ॥ ୨୧୮ ॥ ସ୍ୱେଦ, ମୂର୍ଚ୍ଛା, କ୍ଳାନ୍ତିରେ ନଟ ହାଲିଆ ହୋଇଗଲେ ସବୁ ଅଭିନୟ ପୋଡ଼ିଯିବ । କଷ୍ଟ ଅବସ୍ଥାରେ ବି ଅଧିକ ଆୟାସ ଅଭିନୟ ପାଇଁ କଲେ ଦୈବାତ୍ ମରଣ ମଧ୍ୟ ହୋଇପାରେ ॥ ୨୧୯ ॥

Digitized by srujanika@gmail.com

ତସ୍ମାଦ୍ ତାମ୍ରମୟୈଃ ପତ୍ରୈରଭ୍ରକୈ ରଞ୍ଜିତୈ ରପି ।
ରକ୍ତାଚ୍ଛ ନୀଳହରିତା ଅଭ୍ରପତ୍ରେଣ ବେଷ୍ଟିତ୍‌ମ୍ ॥ ୨୨୦ ॥
ଭାଣ୍ଡୈରଥ ମଧୂ ଛିଷ୍ଟୈ କାର୍ଯ୍ୟାଣ୍ୟାଭରଣାନି ତୁ ॥ ୨୨୧ ॥
ଏବଂ ଲୋକୋପଚାରେଣ ସ୍ୱବୁଦ୍ଧି ବିଭବେନ ବା
ନାଟ୍ୟୋପକରଣାନୀହ ବୁଧଃ ସମ୍ୟକ୍ ପ୍ରୟୋଜୟେତ୍ ।
ମୋକ୍ତବ୍ୟଂ ନାୟୁଧଂ ରଙ୍ଗେ ନ ଛେଦ୍ୟଂ ନ ଚ ତାଡନମ୍ ॥ ୨୨୨ ॥
ପ୍ରାଦେଶମାତ୍ରଂ ଗୃହ୍ଣୀୟାଦ୍ ସଂଜ୍ଞାର୍ଥଂ ଶସ୍ତ୍ରମେବ ହି ।
ଶିକ୍ଷାଯୋଗେନ ନାଟ୍ୟେଦ୍ୱସ୍ମିନ୍ ବିଦ୍ୟାମାୟାକୃତେନ ବା ॥ ୨୨୩ ॥
ଶସ୍ତ୍ରମୋକ୍ଷସ୍ତୁ କର୍ତ୍ତବ୍ୟୋ ରଙ୍ଗମଧ୍ୟେ ପ୍ରୟୋକ୍ତୃଭିଃ ।
ନୋକ୍ତାନି ଚ ମୟା ଯାନି ଲୋକଗ୍ରାହ୍ୟାଣି ତାନ୍ୟପି ॥ ୨୨୪ ॥
ଆହାର୍ଯ୍ୟାଭିନୟୋ ହ୍ୟେଷ ମୟା ପ୍ରୋକ୍ତଃସମାସତଃ ।
ଅତ ଉର୍ଦ୍ଧ୍ୱଂ ପ୍ରବକ୍ଷ୍ୟାମି ସାମାନ୍ୟାଭିନୟଂ ପ୍ରତି ॥ ୨୨୫ ॥

ଇତି ଭରତନାଟ୍ୟ ଶାସ୍ତ୍ରେ ଆହାର୍ଯ୍ୟାଭିନୟୋନାମ ତ୍ରୟୋବିଂଶଃ ଅଧ୍ୟାୟଃ ॥

ତେଣୁ ତମ୍ବାତାର ବା ପାତ, (ଅଭ୍ର ଲାଗିଥିବା) ଲାଲ, ଧଳା, ନୀଳ, ସବୁଜ ଅଭ୍ରପାତ ଗୁଡ଼ା ହୋଇଥିବା ଭାଣ୍ଡ (ଆକାରଯୁକ୍ତ ଦ୍ରବ୍ୟ) ଓ ମହମ ବ୍ୟବହାର କରି ଆଭରଣମାନ ଲୋକ ବ୍ୟବହାରକୁ ଦେଖି ନିଜ ବୁଦ୍ଧିର ବିଚକ୍ଷଣତା ପ୍ରୟୋଗ କରି ଏହିପରି କରିବ । ନାଟ୍ୟ ଉପକରଣମାନ (ରଥ, ଅସ୍ତ୍ର, ଭବନ ଇତ୍ୟାଦି) ମଧ୍ୟ ତିଆରି କରିବ । ନାଟ୍ୟ ମଞ୍ଚରେ କେବେହେଲେ ଅସ୍ତ୍ରମୋକ୍ଷ କରିବ ନାହିଁ । କଟାକଟି ପିଟାପିଟି କରିବ ନାହିଁ । କେବଳ ଅଭିନୟ ଓ ସଙ୍କେତ ପାଇଁ ଅସ୍ତ୍ରଚାଳନା ମାତ୍ର ଚାଖଣ୍ଡେ ମାପରେ ଉଠାଇ କରିବ । ନାଟ୍ୟ ମଞ୍ଚରେ ପୂର୍ବ ତାଲିମ ଅନୁଯାୟୀ, ବିଦ୍ୟା ବା ଇନ୍ଦ୍ରଜାଲ ମାଧ୍ୟମରେ ଶସ୍ତ୍ରମୋକ୍ଷ କରାଯାଇପାରିବ । (ସ୍ୱତନ୍ତ୍ର ତାଲିମପ୍ରାପ୍ତ ଲୋକ ଇନ୍ଦ୍ରଜାଲ ବା ମାୟା ବିଷୟରେ) ଯେଉଁ ବିଷୟମାନ ମୁଁ କହିନାହିଁ, ସମସ୍ତ ଚଳଣି ଦୁନିଆଁରୁ ଗ୍ରହଣ କରିବ ॥ ୨୨୦-୨୨୪ ॥

ଆହାର୍ଯ୍ୟ ଅଭିନୟ ବିଷୟରେ ଏହି ସବୁ ମୁଁ ସଂକ୍ଷେପରେ କହିଲି । ଏହାପରେ ସାମାନ୍ୟାଭିନୟ ବିଷୟରେ କହିବି ॥ ୨୨୫ ॥

ଭରତନାଟ୍ୟ ଶାସ୍ତ୍ରରେ ଆହାର୍ଯ୍ୟାଭିନୟ ନାମକ ତେଇଶ ଅଧ୍ୟାୟ ସମାପ୍ତ ।

▼▼▼

Digitized by srujanika@gmail.com

ଚତୁର୍ବିଂଶଃ ଅଧ୍ୟାୟଃ

ସାମାନ୍ୟାଭିନୟଃ

ସତ୍ତ୍ୱମ୍-ସାମାନ୍ୟାଭିନୟୋ ନାମ ଜ୍ଞେୟୋ ବାଗଙ୍ଗସତ୍ତ୍ୱଜଃ ।
ସତ୍ତ୍ୱେ କାର୍ଯ୍ୟଃ ପ୍ରଯତ୍ନସ୍ତୁ ନାଟ୍ୟଂ ସତ୍ତ୍ୱେ ପ୍ରତିଷ୍ଠିତମ୍ ॥ ୧ ॥
ସତ୍ତ୍ୱାତିରିକ୍ତୋଽଭିନୟୋ ଜ୍ୟେଷ୍ଠ ଇତ୍ୟଭିଧୀୟତେ ।
ସମସତ୍ତ୍ୱୋ ଭବେନ୍ମଧ୍ୟଃ ସତ୍ତ୍ୱହୀନୋଽଧମଃସ୍ମୃତଃ ॥ ୨ ॥
ଅବ୍ୟକ୍ତରୂପଂ ସତ୍ତ୍ୱଂ ହି ବିଜ୍ଞେୟଂ ଭାବସଂଶ୍ରୟମ୍ ।
ଯଥାସ୍ଥାନ ରସୋପେତଂ ରୋମାଞ୍ଚାସ୍ରାଦିଭିର୍ଗୁଣୈଃ ॥ ୩ ॥

ସ୍ତ୍ରୀସୌନ୍ଦର୍ଯ୍ୟମ୍-ଅଳଙ୍କାରାସ୍ତୁ ନାଟ୍ୟଜ୍ଞୈ ର୍ଜ୍ଞେୟା ଭାବ ସମାଶ୍ରୟାଃ ।
ଯୌବନେଽଭ୍ୟଧିକାଃସ୍ତ୍ରୀଣାଂ ବିକାରା ବକ୍ତ୍ର ଗାତ୍ରଜାଃ ॥ ୪ ॥
ଆଦୌ ତ୍ରୟୋଽଙ୍ଗଜାସ୍ତେଷାଂ ଦଶ ସ୍ୱାଭାବିକାଃ ପରେ ।
ଅଯତ୍ନଜା ସ୍ତଥା ସପ୍ତ ପ୍ରୋକ୍ତା ଭାବୋପବୃଂହିତାଃ ॥ ୫ ॥
ଦେହାତ୍ମକଂ ଭବେତ୍ ସତ୍ତ୍ୱଂ ସତ୍ତ୍ୱାଦ୍ ଭାବଃ ସମୁତ୍‌ଥିତଃ ।
ଭାବାତ୍ ସମୁତ୍‌ଥିତୋ ହାବୋ ହାବାଦ୍ ହେଳା ସମୁତ୍‌ଥିତା ॥ ୬ ॥

ବାଚିକ, ଆଙ୍ଗିକ ଓ ସାତ୍ତ୍ୱିକ ଅଭିନୟ ସାମାନ୍ୟାଭିନୟ ନାମରେ ପରିଚିତ । ସତ୍ତ୍ୱ ବିଷୟରେ ଅଧିକ ଯତ୍ନ ବିଧେୟ । କାରଣ ନାଟ୍ୟ ସତ୍ତ୍ୱ ଉପରେ ଭରସା କରେ ॥ ୧ ॥ ଅଧିକ ସତ୍ତ୍ୱଅଭିନୟ ଜ୍ୟେଷ୍ଠ, ଏହା ସମ ପରିମିତ ହେଲେ ମଧ୍ୟମ ଏବଂ ସତ୍ତ୍ୱହୀନ ଅଭିନୟ ଅଧମ ଅଟେ ॥ ୨ ॥ ସତ୍ତ୍ୱ ନିଶ୍ଚିତ ଭାବରେ ଆତ୍ମାନୁଭବ ସ୍ୱରୂପ ଏକ ଅବ୍ୟକ୍ତଭାବ । ଅଭିନେତା କାବ୍ୟର ଭାବରେ ଯେତିକି ବୁଡ଼ିବ ସେତିକି ମାତ୍ରାରେ (ଅଧିକ ବା ଅଳ୍ପ) ଅନୁଭବ କରିବ କାବ୍ୟର ରସକୁ । ଏହି ରସାନୁଭୂତି ପରେ ଆପେ ଆପେ (ରସ ଅନୁଯାୟୀ) ତାହାର ରୋମାଞ୍ଚ, ଅଶ୍ରୁଧାରା, କେତେବେଳେ ଆଖି ବିସ୍ତାରିତ ହୋଇଯିବା ବା ମୁଦି ହୋଇଯିବା ଇତ୍ୟାଦି ଅବସ୍ଥା ହୋଇଯିବ । ଏହି ଗୁଣ ଗୁଡ଼ିକ ଶରୀରରେ ପ୍ରକାଶ ପାଇଲେ ଦର୍ଶକ ସେହି ଅବ୍ୟକ୍ତ ସତ୍ତ୍ୱକୁ ମଧ୍ୟ ଅନୁଭବ କରି କେବେ ଖୁସି ହେବେ ବା କାନ୍ଦିବେ ॥ ୩ ॥ ନାଟ୍ୟ ତତ୍ତ୍ୱବିଦ୍‌ଗଣ ସ୍ତ୍ରୀମାନଙ୍କର ଭାବସମାଶ୍ରିତ ଅଳଙ୍କାର ବିଷୟ ଜାଣିବା ଉଚିତ୍ । ନାରୀମାନଙ୍କର ଯୌବନ ସମୟରେ ଶରୀର ଓ ମୁଖ ନେତ୍ରରେ ଅଧିକ ବିକାର ଦେଖା ଦେଇଥାଏ ॥ ୪ ॥ ପ୍ରଥମେ ତିନିଟି ଅଙ୍ଗଜ ବିକାର । ଅବଶିଷ୍ଟ ଦଶଟି ସ୍ୱାଭାବିକ । ଏବଂ ପୁନରାୟ ସାତଟି ଭାବସମ୍ବନ୍ଧ ଅଯତ୍ନଜାତ ବିକାର ହୋଇଥା'ନ୍ତି ॥ ୫ ॥ ସତ୍ତ୍ୱଦେହାଶ୍ରିତ । ସତ୍ତ୍ୱରୁ ଭାବ ଉଦ୍‌ଭୂତ ହୁଏ । ଭାବରୁ ହାବ ଓ ହାବରୁ ହେଳା ଉତ୍ପନ୍ନ ହୋଇଥାଏ ॥ ୬ ॥

Digitized by srujanika@gmail.com

ଭାବୋ ହାବଶ୍ଚ ହେଳା ଚ ପରସ୍ପର ସମୁତ୍‌ଥିତାଃ ।
ସତ୍ତ୍ୱଭେଦା ଭବନ୍ତ୍ୟେତେ ଶରୀରେ ପ୍ରକୃତିସ୍ଥିତାଃ ॥ ୭ ॥
ଭାବଃ-ବାଗଙ୍ଗ ମୁଖରାଗୈଶ୍ଚ ସତ୍ତ୍ୱେନାଭିନୟେନ ଚ ।
କବେ ରନ୍ତର୍ଗତଂ ଭାବଂ ଭାବୟନ୍ ଭାବ ଉଚ୍ୟତେ ॥ ୮ ॥
ଭାବସ୍ୟାତିକୃତଂ ସତ୍ତ୍ୱଂ ବ୍ୟତିରିକ୍ତଂ ସ୍ୱଯୋନିଷୁ ।
ନୈକାବସ୍ଥାନ୍ତରଗତଂ ଭାବଂ ତମିହ ନିର୍ଦ୍ଦିଶେତ୍ ॥ ୯ ॥
ତତ୍ରାକ୍ଷିଭ୍ରୂବିକାରାଢ଼୍ୟଃ ଶୃଙ୍ଗାରାକାରସୂଚକଃ ।
ସଗ୍ରୀବା ରେଚକୋ ଜ୍ଞେୟୋ ଭାବଃସ୍ଥିତସମୁତ୍‌ଥିତଃ ॥ ୧୦ ॥
ଯୋବୈ ଭାବଃ ସଏବୈଷା ଶୃଙ୍ଗାରରସସଂଶ୍ରୟା ।
ସମାଖ୍ୟାତା ବୁଧୈର୍ହେଳା ଲଳିତାଭିନୟାତ୍ମିକା ॥ ୧୧ ॥
ଲୀଳା ବିଳାସୋ ବିଚ୍ଛିଭିଃ ବିଭ୍ରମଃ କିଲକିଞ୍ଚିତମ୍ ।
ମୋଟ୍ଟାୟିତଂ କୁଟ୍ଟମିତଂ ବିବ୍ବୋକୋ ଲଳିତଂ ତଥା ॥ ୧୨ ॥
ବିହୃତଂ ଚେତି ବିଜ୍ଞେୟା ଦଶ ସ୍ତ୍ରୀଣାଂ ସ୍ୱଭାବଜାଃ ।
ଅଳଙ୍କାରାସ୍ତଥୈତେଷାଂ ଲକ୍ଷଣଂ ଶୃଣୁତ ଦ୍ୱିଜାଃ ॥ ୧୩ ॥

ଭାବ, ହାବ, ହେଳା ଏମାନେ ପରସ୍ପରଠାରୁ ମଧ୍ୟ ଉତ୍ପନ୍ନ ହୋଇଥାଆନ୍ତି । (ପ୍ରକୃତି- ପାତ୍ର) ଅଭିନେତାର ଏମାନେ ସତ୍ତ୍ୱର ପ୍ରକାର ଭେଦରେ ପ୍ରକାଶ ପାଇଥା'ନ୍ତି ॥ ୭ ॥ ବାଣୀ, ଅଙ୍ଗ ଏବଂ ମୁଖଭଙ୍ଗୀ ମନୋଭାବ ଓ ଅଭିନୟ ଏହି ସମସ୍ତ ମାଧ୍ୟମରେ କବିର ମନୋଗତ ଭାବକୁ ଯଥାର୍ଥ ଅନୁଭବ କରି ଦର୍ଶକ ଜଗତରେ ପ୍ରକାଶ କରିବାକୁ ଭାବ କୁହାଯାଏ ॥ ୮ ॥ ଭାବର ଅଧିକ (ପ୍ରକୃତଭଙ୍ଗି) ଅଭିନୟ ହିଁ ସତ୍ତ୍ୱ । ବିବିଧ ରସାନୁଗଣ ଅବସ୍ଥାମାନଙ୍କରେ (ଯୋନି-ପାତ୍ର) ପାତ୍ରମାନଙ୍କଠାରେ ସେହି ସେହି ରସାନୁଗତ ଭାବମାନଙ୍କୁ ନିର୍ଦ୍ଦେଶନା ଦେବ ॥ ୯ ॥ ତନ୍ମଧ୍ୟରେ ନେତ୍ର ଭ୍ରୂବିକାରର ପ୍ରଚୁରତା ହିଁ ଶୃଙ୍ଗାର ଭାବର ସୂଚନା ଦେଇଥାଏ । ଏଣୁ ଏହି ଅଭିନୟ ଗ୍ରୀବାରେଚନ (ମୁହଁ ମୋଡ଼ିବା, ହଲାଇବା ଇତ୍ୟାଦି) ସହିତ ହେଲେ ଭାବ ନିଜେ ନିଜ ସ୍ଥିତି ବଜାୟ କରି ଅଧିକ ସମୃଦ୍ଧ ହୋଇ ସାମାଜିକ (ଦର୍ଶକ)ମାନଙ୍କୁ ମଧ୍ୟ ଆକୃଷ୍ଟ ଓ ଅଭିଭୂତ କରିଥାଏ, ଏହି ଅବସ୍ଥା ବା ଅଭିନୟ ରୀତିକୁ ହାବ କୁହାଯାଏ ॥ ୧୦ ॥ ଏହି ଭାବ ବୀର କରୁଣ ପ୍ରଭୃତି ରସରେ ଚମତ୍କାରିତା ଆଣିଥାଏ । କିନ୍ତୁ କୋମଳ ଲଳିତ ଅଭିନୟ ମଣ୍ଡିତ ହୋଇ କେବଳ ଶୃଙ୍ଗାରଶ୍ରିତ ଅବସ୍ଥାରେ ଏହାକୁ ହେଳା ବୋଲି କୁହାଯାଇଥାଏ ॥ ୧୧ ॥ ଲୀଳା, ବିଳାସ, ବିଚ୍ଛିତ୍ତି, ବିଭ୍ରମ, କିଳକିଞ୍ଚିତ, ମୋଟ୍ଟାୟିତ, କୁଟ୍ଟମିତ, ବିବ୍ବୋକ, ଲଳିତ, ବିହୃତ, ଏହି ଦଶଟି ସ୍ତ୍ରୀମାନଙ୍କର ସ୍ୱଭାବଜ ଅଳଙ୍କାର ବୋଲି ଜାଣିବ । ଏମାନଙ୍କର ଲକ୍ଷଣମାନ କହୁଛି, ହେ ବିପ୍ରଗଣ ଶ୍ରବଣରେ ॥ ୧୨, ୧୩ ॥

Digitized by srujanika@gmail.com

ବାଗଙ୍ଗାଲଙ୍କାରୈଃ ଶିଷ୍ଟୈଃ ପ୍ରୀତି ପ୍ରଯୋଜିତୈର୍ମଧୁରୈଃ ।
ଇଷ୍ଟଜନସ୍ୟାନୁକୃତିର୍ଲୀଳା ଜ୍ଞେୟା ପ୍ରୟୋଗଜ୍ଞୈଃ ॥ ୧୪ ॥
ସ୍ଥାନାସନ ଗମନାନାଂ ହସ୍ତଭ୍ରୂନେତ୍ରକର୍ମଣାଂ ଚୈବ ।
ଉତ୍ପଦ୍ୟତେ ବିଶେଷୋ ଯଃ ଶିଷ୍ଟଃ ସତୁ ବିଳାସଃ ସ୍ୟାତ୍ ॥ ୧୫ ॥
ମାଲ୍ୟଚ୍ଛାଦନ ଭୂଷଣ ବିଲେପନାନାମନାଦରନ୍ୟାସଃ ।
ସ୍ୱଳ୍ପୋଽପ୍ୟଧିକାଂ ଶୋଭାଂଜନୟତି ଯା ସାତୁ ବିଚ୍ଛିତ୍ତିଃ ॥ ୧୬ ॥
ବିବିଧାନାମର୍ଥାନାଂ ବାଗଙ୍ଗାହାର୍ଯ୍ୟ ସତ୍ତ୍ୱଯୁକ୍ତାନାମ୍ ।
ମଦ ରାଗ ହର୍ଷଜନିତୋ ବ୍ୟତ୍ୟାସୋ ବିଭ୍ରମୋନାମ ॥ ୧୭ ॥
ସ୍ମିତ ରୁଦିତ ହସିତ ଭୟ ରୋଷମୋହ ଦୁଃଖ ଶ୍ରମାଭିଷଙ୍ଗାନାମ୍ ।
ସଙ୍କରକରଣଂ ହର୍ଷାଦସକୃତ୍ କିଲକିଞ୍ଚିତଂ ଜ୍ଞେୟମ୍ ॥ ୧୮ ॥
ଇଷ୍ଟଜନସ୍ୟ କଥାୟାଂ ଲୀଳାହେଳାଦି ଦର୍ଶନେନାପି
ତଦ୍‌ଭାବନାକୃତଂ ମୋଟ୍ଟାୟିତ ମିତ୍ୟଭିଖ୍ୟାତମ୍ ॥ ୧୯ ॥
କେଶ ସ୍ତନାଧରାଦି ଗ୍ରହଣେଷ୍ୱତିହର୍ଷ ସଂଭ୍ରମୋତ୍ପନ୍ନମ୍ ।
କୁଟ୍ଟମିତଂ ବିଜ୍ଞେୟଂ ସୁଖମପି ଦୁଃଖୋପଚାରେଣ ॥ ୨୦ ॥

ପ୍ରିୟଲୋକର ପ୍ରୀତି ପାଇଁ ନିଜ ଅଳଙ୍କାର ଭିତରେ ବିଶିଷ୍ଟ (ଦାମିକା ନୁହେଁ ଯାହା ତାକୁ ଭଲ ଲାଗେ) ଅଳଙ୍କାରକୁ ପ୍ରଣୟମୋହିତ ମନରେ ପିନ୍ଧି ସେ ଚାହୁଁଥିବା ଭଙ୍ଗୀରେ ଚାହିଁବାକୁ (ତାଙ୍କର ଭାବାନୁକୃତିକରି) ପ୍ରୟୋଗଅଭିଜ୍ଞମାନେ ଲୀଳାବୋଲି କହିଥାଆନ୍ତି ॥ ୧୪ ॥ ଠିଆ ହେବା, ବସିବା, ଯିବା ପ୍ରଭୃତି ସମୟରେ ହାତ, ଆଖି, ଆଖିପତାର ଠାଣିମାନଙ୍କର ଅଭିନୟ ମିଶ୍ରଣର ବିଶେଷତାକୁ ବିଳାସ ବୋଲି ଜାଣିବ ॥ ୧୫ ॥ ମାଲ୍ୟ, ଉତ୍ତରୀୟ, ଅଳଙ୍କାର ଓ ଅଙ୍ଗରାଗ (ପ୍ରସାଧନ ସାମଗ୍ରୀ) ପ୍ରଭୃତିର ଯତ୍ନ ପୂର୍ବକ ଅଯତ୍ନ ନ୍ୟାସ, (ଅର୍ଥାତ୍ ମୁହଁକୁ ଦି'ଟା ଅଡୁଆବାଳ ପଡ଼ିଥିବ, କାନି ଖସି ଖସି ଆସୁଥିବ ।) ଦର୍ଶକ ଆଖିରେ ଅଧିକ ଶୋଭା ବର୍ଦ୍ଧନ କରିଥାଏ ବୋଲି ଏହାକୁ ବିଚ୍ଛିତ୍ତି କୁହନ୍ତି ॥ ୧୬ ॥ ବିବିଧ ଅର୍ଥ (ନାଟକର ସଂଜ୍ଞାପର ଭାବ) ବାକ୍ୟ, ଅଙ୍ଗଭଙ୍ଗୀ ଏବଂ ବେଶ ପରିପାଟୀ ଅନୁକୂଳ ହୋଇ ଗର୍ବ, ଅନୁରାଗ, ଆନନ୍ଦ ଯୋଗୁଁ ମଝିରେ ମଝିରେ ଟିକିଏ ଟିକିଏ ହେଉଥିବା ପରିବର୍ତ୍ତନ (ବ୍ୟତ୍ୟାସ)କୁ ବିଭ୍ରମ ବୋଲି ଜାଣିବ । (ଧନୁରେ ଗୁଣ ନଦେଇ ଶର ମାରିବା, ହାରକୁ ପାଦରେ ପିନ୍ଧି ପାଦନୂପୁରକୁ ଗଳାରେ ଲମ୍ବାଇବା ଇତ୍ୟାଦି) ॥ ୧୭ ॥ ସ୍ମିତହାସ୍ୟ, କ୍ରନ୍ଦନ, ହାସ୍ୟ, ଭୟ, ରୋଷ, ମୋହ, ଦୁଃଖ, ଶ୍ରମ ଏବଂ ବିପଦ ଏ ସମସ୍ତର ବାରମ୍ବାର (ଏକାବେଳକେ ନୁହେଁ, ଯେତେବେଳେ ଯାହା ଯେତିକି ସମ୍ଭବ) ମିଶ୍ରିତ ଅଭିନୟକୁ କିଲକିଞ୍ଚିତ କୁହନ୍ତି ॥୧୮॥

Digitized by srujanika@gmail.com

ଇଷ୍ଟାନାଂ ଭାବାନାଂ ପ୍ରାପ୍ତାବଭିମାନଗର୍ବସମ୍ଭୂତଃ ।
ସ୍ତ୍ରୀଣା ମନାଦରକୃତୋ ବିବ୍ବୋକୋ ନାମ ବିଜ୍ଞେୟଃ ॥ ୨୧ ॥
କରଚରଣାଙ୍ଗନ୍ୟାସଃ ସଭ୍ରୂନେତ୍ରୋଷ୍ଠସଂପ୍ରଯୁକ୍ତାସ୍ତୁ ।
ସୁକୁମାର ବିଧାନେନ ସ୍ତ୍ରୀଭିରିଦଂ ସ୍ମୃତଂ ଲଳିତମ୍ ॥ ୨୨ ॥
ପ୍ରାପ୍ତାନାମପି ବଚସାଂ କ୍ରିୟତେ ଯଦଭାଷଣଂ ହ୍ରିୟା ସ୍ତ୍ରୀଭିଃ ।
ବ୍ୟାଜାତ୍ ସ୍ୱଭାବତୋ ବା ପ୍ୟେତଦ୍ ସମୁଦାହୃତଂ ବିହୃତମ୍ ॥ ୨୩ ॥
ଶୋଭା କାନ୍ତିଶ୍ଚ ଦୀପ୍ତିଶ୍ଚ ତଥା ମାଧୁର୍ଯମେବ ଚ ।
ଧୈର୍ଯ୍ୟଂ ପ୍ରାଗଲ୍ଭ୍ୟ ମୌଦାର୍ଯ୍ୟ ମିତ୍ୟେତେ ସ୍ୟୁରଯତ୍ନଜାଃ ॥ ୨୪ ॥
ରୂପଯୌବନ ଲାବଣ୍ୟୈ ରୁପଭୋଗୋପବୃଂହିତୈଃ ।
ଅଳଙ୍କରଣମଙ୍ଗାନାଂ ଯଦ୍ ସା ଶୋଭେତି ଭଣ୍ୟତେ ॥ ୨୫ ॥
ବିଜ୍ଞେୟା ଚ ତଥା କାନ୍ତିଃ ଶୋଭୈବାପୂର୍ଣ୍ଣମନ୍ମଥା ।
କାନ୍ତିରେବାତି ବିସ୍ତୀର୍ଣ୍ଣା ଦୀପ୍ତିରିତ୍ୟଭି ଧୀୟତେ ॥ ୨୬ ॥
ସର୍ବାବସ୍ଥାବିଶେଷେଷୁ ଦୀପ୍ତେଷୁ ଲଳିତେଷୁ ଚ ।
ଅନୁକୂଳତ୍ୱଂ ଚେଷ୍ଟାୟାଂ ମାଧୁର୍ଯ୍ୟମିତି କୀର୍ତ୍ତିତମ୍ ॥ ୨୭ ॥

ପ୍ରିୟଜନର କଥାରେ ଲୀଳା ହେଲା (ପୂର୍ବରୁ କୁହାଯାଇଛି) ପ୍ରଭୃତି ଅଭିନୟ ପ୍ରଦର୍ଶନକରି ଉପସ୍ଥାପିତ ଭାବନାକୁ ମୋଟ୍ଟାୟିତ କୁହାଯାଏ ॥ ୧୯ ॥ ଶୃଙ୍ଗାର ରସରେ କେଶ ସ୍ତନ ଅଧର ପ୍ରଭୃତି ସ୍ପର୍ଶ ଅବସରରେ ବିଶେଷ ଖୁସି ହେଲେ ମଧ୍ୟ ଭୟ ଏବଂ କୁଣ୍ଠିତତା ଅଭିନୟକୁ କୁଟ୍ଟମିତ ବୋଲି ଜାଣିବ ॥ ୨୦ ॥ ଯାହା ଆଶା କରୁଥିଲେ ତାହା ହିଁ ପାଉଥିବା ଅବସରରେ (ସ୍ୱାମୀ ଉପହାର ଦେଉଥିବା) ସ୍ତ୍ରୀମାନଙ୍କର ଅଭିମାନ ଏବଂ ଗର୍ବଜନିତ ଦେଖାଇହେବା ଅନାଦରକୁ ବିବ୍ବୋକ କୁହାଯାଏ ॥ ୨୧ ॥ କର, ଚରଣ, ଅଙ୍ଗନ୍ୟାସ, ଭ୍ରୂ, ନେତ୍ର ଓ ଓଷ୍ଠ ଦ୍ୱାରା ସ୍ତ୍ରୀମାନଙ୍କର ସୌକୁମାର୍ଯ୍ୟ ଅଭିନୟକୁ ଲଳିତ ବୋଲି ଜାଣିବ । (ଏହି ଅଭିନୟ ଅତି ଉପାଦେୟ ଓ ଉପଭୋଗ୍ୟ) ॥ ୨୨ ॥ ପ୍ରିୟ ବା ତା ପ୍ରସଙ୍ଗରେ ସଖୀ କହୁଥିବା କଥାକୁ ମନଦେଇ ଶୁଣି ମଧ୍ୟ ଲାଜରେ ଉତ୍ତର ଦେଉ ନଥିବ । ତଳକୁ ମୁହଁ କରି କିମ୍ବା ଲୁଗାକାନିକୁ ଆଙ୍ଗୁଳିରେ ଗୁଡାଇ ଗୁଡାଇ କିମ୍ବା ଗଛଲତା କି ଛୋଟ ଛୁଆ, ବାଛୁରୀ ପ୍ରଭୃତିକୁ ଚାହିଁ ଅନ୍ୟମନସ୍କତା ଅଭିନୟ କରୁଥିବ । ସ୍ତ୍ରୀମାନଙ୍କର ଏହି ଅଭିନୟକୁ ବିହୃତ ବୋଲି ଜାଣିବ ॥୨୩॥ ସ୍ତ୍ରୀମାନଙ୍କର ଅଯତ୍ନଜନିତ ଅଳଙ୍କାର ହେଲା- ଶୋଭା, କାନ୍ତି, ଦୀପ୍ତି, ମାଧୁର୍ଯ୍ୟ, ଧୈର୍ଯ୍ୟ, ପ୍ରଗଲ୍ଭତା, ଉଦାରତା । (ଏହି ଅଭିନୟ ପାଇଁ ମଧ୍ୟ ଯତ୍ନ ଆବଶ୍ୟକ) ॥ ୨୪ ॥ ରୂପଯୌବନ ଲାବଣ୍ୟ ଅନୁଯାୟୀ ଖାପ ଖାଉଥିବା ବେଶ ଅଳଙ୍କାରକୁ ସଜାଇବା ଶୋଭା ॥୨୫॥

Digitized by srujanika@gmail.com

ଚାପଲେନାନୁପରତା ସର୍ବାର୍ଥେଷ୍ୱବିକତ୍ଥନା ।
ସ୍ୱାଭାବିକୀ ଚିତ୍ତବୃତ୍ତିଃ ଧୈର୍ଯ୍ୟ ମିତ୍ୟଭିଧୀୟତେ ।। ୨୮ ।।
ପ୍ରୟୋଗ ନିଃସାଧ୍ୱସତା ପ୍ରାଗଲ୍ଭ୍ୟଂ ସମୁଦାହୃତମ୍ ।
ଔଦାର୍ଯ୍ୟଂ ପ୍ରଶ୍ରୟଃ ପ୍ରୋକ୍ତଃ ସର୍ବାବସ୍ଥାନୁଗୋବୁଧୈଃ ।। ୨୯ ।।
ସୁକୁମାରା ଭବନ୍ତ୍ୟେତେ ପ୍ରୟୋଗେ ଲଳିତାତ୍ମକେ ।
ବିଳାସ ଲଳିତେ ହିତ୍ୱା ଦୀପ୍ତା ହ୍ୟେତେ ଭବନ୍ତି ହି ।। ୩୦ ।।
ଶୋଭା ବିଳାସୋ ମାଧୁର୍ଯ୍ୟଂ ସ୍ଥୈର୍ଯ୍ୟଂ ଗାମ୍ଭୀର୍ଯ୍ୟ ମେବ ଚ ।
ଲଳିତୌଦାର୍ଯ୍ୟ ତେଜାଂସି ସତ୍ତ୍ୱଭେଦାସ୍ତୁ ପୌରୁଷାଃ ।। ୩୧ ।।
ଦାକ୍ଷ୍ୟଂ ଶୌର୍ଯମଥୋତ୍ସାହୋ ନୀଚାର୍ଥେଷୁ ଜୁଗୁପ୍ସନମ୍ ।
ଉତ୍ତମୈଶ୍ଚ ଗୁଣୈଃ ସ୍ପର୍ଦ୍ଧା ଯତ୍ର ଶୋଭେତି ସା ସ୍ମୃତା ।। ୩୨ ।।
ସ୍ଥିର ସଂଚାରିଣୀ ଦୃଷ୍ଟିଃ ଗତି ର୍ଗୋବୃଷଭାନ୍ୱିତା ।
ସ୍ମିତପୂର୍ବ ମଥାଳାପୋ ବିଳାସ ଇତିକୀର୍ତ୍ତିତଃ ।। ୩୩ ।।
ଅଭ୍ୟାସାତ୍ କରଣାନାଂତୁ ଶ୍ଲିଷ୍ଟତ୍ୱଂ ଯତ୍ର ଜାୟତେ ।
ମହତ୍ସ୍ୱପି ବିକାରେଷୁ ତନ୍ମାଧୁର୍ଯ୍ୟମିତି ସ୍ମୃତମ୍ ।। ୩୪ ।।

କନ୍ଦର୍ପ ପରିପୂର୍ଣ୍ଣ ହୋଇ ନଥିବା (୧୨-୧୫ ବୟସ) ଅବସ୍ଥାରେ ଶରୀରଗଠନ ବ୍ୟତୀତ ଯେଉଁ ସ୍ୱତନ୍ତ୍ର ପ୍ରଭା ରହେ ତାହାକୁ କାନ୍ତି (ବା ଲାବଣ୍ୟ) କୁହାଯାଏ । ଏହି କାନ୍ତି ଅଧିକ ଥିଲେ କିମ୍ବା ଟିକିଏ ଖରଖରିଆ ହୋଇଥିଲେ ଦୀପ୍ତି ବୋଲି ଜାଣିବ ।। ୨୬ ।। ଅଭିନୟ ଦୀପ୍ତ ହେଉ ବା ଲଳିତ ହେଉ ସବୁ ଅବସ୍ଥାରେ (ପାତ୍ରର) ଚେଷ୍ଟାର ଅନୁକୂଳତାକୁ ମାଧୁର୍ଯ୍ୟ ବୋଲି କୁହାଯାଏ ।। ୨୭ ।। କୌଣସି ପ୍ରକାର ଚପଳତା ନଥିବା, ସମସ୍ତ କର୍ତ୍ତବ୍ୟରେ ନିଖୁଣ, ସବୁକ୍ଷେତ୍ର ଓ ସମୟରେ ସମାନ ରହୁଥିବ । ଏହିପରି ଚିତ୍ତବୃତ୍ତିକୁ ଧୈର୍ଯ୍ୟ କୁହାଯାଏ ।। ୨୮ ।। ନିର୍ଭୟ ଭାବରେ କାମ କରିବାକୁ ପ୍ରଗଲ୍ଭତା କୁହାଯାଏ (ଚାଲାଖ) । ଯେକୌଣସି ଅବସ୍ଥାରେ ବି ଅନ୍ୟମାନଙ୍କ ଭରସାର ପାତ୍ର ହେବାକୁ ଉଦାରତା କୁହନ୍ତି ।। ୨୯ ।। ଏହି ଗୁଣମାନେ ଲଳିତାତ୍ମକ ପ୍ରୟୋଗ କ୍ଷେତ୍ରରେ କୋମଳ (ସୁକୁମାର) ଏବଂ ବିଳାସ ଓ ଲାଳିତ୍ୟ ଛାଡ଼ିଦେଲେ ଏହିମାନେ ହିଁ ଦୀପ୍ତହୋଇ ଯାଆନ୍ତି ।। ୩୦ ।। ଶୋଭା, ବିଳାସ, ମାଧୁର୍ଯ୍ୟ, ସ୍ଥୈର୍ଯ୍ୟ, ଗାମ୍ଭୀର୍ଯ୍ୟ, ଲାଳିତ୍ୟ, ଉଦାରତା ଓ ତେଜ ଏହିଗୁଣମାନ ପୁରୁଷମାନଙ୍କର ସତ୍ତ୍ୱଗୁଣଭେଦ ଅଟନ୍ତି ।। ୩୧ ।। ଦକ୍ଷତା, ବୀରତ୍ୱ, ଉତ୍ସାହ, ଛୋଟ ଛୋଟ କଥାକୁ ବେଖାତିର ବା ଘୃଣା, ଭଲ କଥା ପ୍ରତି ବା ଗୁଣ ପ୍ରତି ଆଗ୍ରହ ଏହି ସମସ୍ତ ପୁରୁଷର ଶୋଭା ଗୁଣ ଅଟେ ।। ୩୨ ।।

Digitized by srujanika@gmail.com

ଧର୍ମାର୍ଥକାମସଂଯୁକ୍ତାଦ୍ ଶୁଭାଶୁଭ ସମୁଦ୍‌ଥିତାଦ୍ ।
ବ୍ୟବସାୟାଦଚଳନଂ ସ୍ଥୈର୍ଯ୍ୟମିତ୍ୟଭିଧୀୟତେ ॥ ୩୫ ॥
ଯସ୍ୟ ପ୍ରଭାବାଦାକାରା ରୋଷ ହର୍ଷ ଭୟାଦିଷୁ ।
ଭାବେଷୁ ନୋପଲଭ୍ୟନ୍ତେ ଗାମ୍ଭୀର୍ଯ୍ୟମିତି ଶଂସିତମ୍ ॥ ୩୬ ॥
ଅବୁଦ୍ଧିପୂର୍ବକଂ ଯତ୍ତୁ ସୁକୁମାରସ୍ୱଭାବଜମ୍ ।
ଶୃଙ୍ଗାରାକାରଚେଷ୍ଟତ୍ୱଂ ଲଳିତଂ ତଦ୍ ପ୍ରକୀର୍ତ୍ତିତମ୍ ॥ ୩୭ ॥
ଦାନମଭ୍ୟୁପପତ୍ତିଶ୍ଚ ତଥା ଚ ପ୍ରିୟଭାଷଣମ୍ ।
ସ୍ୱଜନେ ବା ପରେ ବାପି ତଦୌଦାର୍ଯ୍ୟମିତି ସ୍ମୃତମ୍ ॥ ୩୮ ॥
ଅଧିକ୍ଷେପାବମାନାଦେଃ ପ୍ରଯୁକ୍ତସ୍ୟ ପରେଣ ଯଦ୍ ।
ପ୍ରାଣାତ୍ୟୟେଷ୍ୱପ୍ୟସହନଂ ତଦ୍‌ତେଜଃ ସମୁଦାହୃତମ୍ ॥ ୩୯ ॥
ସତ୍ତ୍ୱଜୋଽଭିନୟଃ ପୂର୍ବଂ ମୟା ପ୍ରୋକ୍ତୋ ଦ୍ୱିଜୋତ୍ତମାଃ ।
ଶାରୀରଂ ଚାପ୍ୟଭିନୟଂ ବ୍ୟାଖ୍ୟାସ୍ୟାମ୍ୟନୁ ପୂର୍ବଶଃ ॥ ୪୦ ॥

ଆଙ୍ଗିକାଭିନୟଃ -

ଷଡାତ୍ମକସ୍ତୁ ଶାରୀରୋ ବାକ୍ୟଂ ସୂଚାଙ୍କୁରସ୍ତଥା ।
ଶାଖା ନାଟ୍ୟାୟିତଂ ଚୈବ ନିବୃତ୍ତ୍ୟଙ୍କୁର ଏବ ଚ ॥ ୪୧ ॥

ସ୍ଥିର ଦୃଷ୍ଟି, ଷଣ୍ଢଭଳି ଗମ୍ଭୀର ଧୀରଗତି, ଅଳପ ହସି କଥା କହିବା, ବିଳାସ ଗୁଣ ଅଟେ ॥ ୩୩ ॥ ଅଭ୍ୟାସ ବଶତଃ ଯେକୌଣସି ସାଂଘାତିକ ଅବସ୍ଥାରେ ମଧ୍ୟ ଇନ୍ଦ୍ରିୟମାନଙ୍କର ବିଚଳିତତା ନ ହେଉଥିବା ଗୁଣକୁ ମାଧୁର୍ଯ୍ୟ କୁହନ୍ତି ॥ ୩୪ ॥ ଧର୍ମ ଅର୍ଥ ଓ କାମ ସମ୍ବନ୍ଧିତ ଶୁଭ ଓ ଅଶୁଭର ଲୁଚୁକାଳି ଖେଳରେ ପରିମଣ୍ଡିତ କର୍ତ୍ତବ୍ୟ ଧାରାରୁ ଅବିଚଳିତ ରହିବାକୁ ସ୍ଥୈର୍ଯ୍ୟ କୁହାଯାଏ ॥ ୩୫ ॥ ଯାହା ପ୍ରଭାବ ଯୋଗୁଁ କ୍ରୋଧ ଆନନ୍ଦ ଓ ଭୟ ଅବସ୍ଥାରେ ମଧ୍ୟ ଆକାରର (ଚେହେରାରେ) କୌଣସି ପରିବର୍ତ୍ତନ ଲକ୍ଷିତ ହୁଏ ନାହିଁ ତାହା ହିଁ ଗାମ୍ଭୀର୍ଯ୍ୟ ॥ ୩୬ ॥ କିଛି ବିଚାର ନକରି (ହାଲୁକା ଭାବରେ) ଖୁସିବାସି ମନୋବୃତ୍ତିରେ କରାଯାଉଥିବା ଶୃଙ୍ଗାରଚେଷ୍ଟାକୁ ଲଳିତ ବୋଲି କୁହାଯାଏ ॥ ୩୭ ॥ ଆବଶ୍ୟକତା ଅନୁଭବ କଲେ ସେହି କ୍ଷେତ୍ରରେ ଦାନ, ସାହାଯ୍ୟ ବା ଆଶ୍ରୟପ୍ରାର୍ଥୀର ପ୍ରାର୍ଥନାଗ୍ରହଣ, ମଧୁର ଭାବରେ ପ୍ରିୟ କଥା କହିବା (ଅପ୍ରିୟ ଅନୁଭବ କଲେ ସେ କଥାନ କହିବା) ଶତ୍ରୁ ବା ମିତ୍ର ପ୍ରତି ସମାନ ବ୍ୟବହାର କରିବାକୁ ଔଦାର୍ଯ (ଉଦାରତା) କୁହାଯାଏ ॥ ୩୮ ॥ ଶତ୍ରୁ କରିଥିବା ଗାଳି, ଅପମାନ ପ୍ରଭୃତିକୁ ଜୀବନ ଚାଲିଗଲେ ମଧ୍ୟ ପ୍ରାଣ ବିନିମୟରେ ମଧ୍ୟ) ନ ସହିବାକୁ ତେଜ କୁହାଯାଏ ॥ ୩୯ ॥

Digitized by srujanika@gmail.com

ନାନାରସାର୍ଥଯୁକ୍ତୈ ର୍ବୃତ୍ତନିବନ୍ଧୈଃ ପଦୈଃ ସ ଚୂର୍ଣ୍ଣକୃତୈଃ ।
ପ୍ରାକୃତ ସଂସ୍କୃତ ପାଠୋ ବାକ୍ୟାଭିନୟୋ ବୁଧୈର୍ଜ୍ଞେୟଃ ॥ ୪୨ ॥
ବାକ୍ୟାର୍ଥୋ ବାକ୍ୟଂ ବା ସତ୍ତ୍ୱାଙ୍ଗୈଃ ସୂଚ୍ୟତେ ଯଦା ପୂର୍ବମ୍ ।
ପଶ୍ଚାଦ୍ ବାକ୍ୟାଭିନୟଃ ସା ସୂଚା ସୂରିଭି ର୍ଜ୍ଞେୟା ॥ ୪୩ ॥
ହୃଦୟସ୍ଥୋ ନିର୍ବଚନୈ ରଙ୍ଗାଭିନୟଃ କୃତୋ ନିପୁଣସାଧ୍ୟଃ ।
ସୂଚେବୋତ୍ପତ୍ତିକୃତୋ ବିଜ୍ଞେୟ ସ୍ତ୍ୱଙ୍କୁରାଭିନୟଃ ॥ ୪୪ ॥
ଯସ୍ତୁ ଶିରୋମୁଖ ଜଂଘୋରୁ ପାଣି ପାଦୈ ଯର୍ଥାକ୍ରମଂ କ୍ରିୟତେ ।
ଶାଖା ଦର୍ଶିତମାର୍ଗଃ ଶାଖାଭିନୟୋ ବୁଧୈର୍ଜ୍ଞେୟଃ ॥ ୪୫ ॥
ନାଟ୍ୟାୟିତ ମୁପଚାରୈର୍ଯଦ୍ କ୍ରିୟତେଽଭିନୟ ସୂଚନା ନାଟ୍ୟେ ।
କାଳପ୍ରକର୍ଷ ହେତୋଃ ପ୍ରବେଶନେ ସଂଗମଂ ଯାବଦ୍ ॥ ୪୬ ॥
ସ୍ଥାନେ ଧ୍ରୁବାସ୍ୱଭିନୟୋ ଯଃ କ୍ରିୟତେ ହର୍ଷରୋଷ ଶୋକାଦ୍ୟୈଃ ।
ଭାବରସ ସଂପ୍ରଯୁକ୍ତୋ ଜ୍ଞେୟୋ ନାଟ୍ୟାୟିତଂ ତଦ୍ ॥ ୪୭ ॥
ଯତ୍ରାନ୍ୟୋକ୍ତଂ ବାକ୍ୟଂ ସୂଚାଦ୍ଭିନୟେନ ଯୋଜୟେଦନ୍ୟଃ ।
ତଦ୍ ସମ୍ବନ୍ଧାର୍ଥକୃତଂ ନିବୃତ୍ତମେବାଙ୍କୁରଂ ବିଦ୍ୟାଦ୍ ॥ ୪୮ ॥

ହେ ବିପ୍ରଗଣ, ଏପର୍ଯ୍ୟନ୍ତ ମୁଁ ସାତ୍ତ୍ୱିକ ଅଭିନୟ ବିଷୟ କହିଗଲି । ଏବେ ଶାରୀରିକ ଅଭିନୟ ବିଷୟ ଯଥାକ୍ରମରେ କହିବି ॥ ୪୦ ॥ ବାକ୍ୟ, ସୂଚା, ଅଙ୍କୁର, ଶାଖା, ନାଟ୍ୟାୟିତ ଓ ନିବୃତ୍ତ୍ୟଙ୍କୁର ଭେଦରେ ଶାରୀରିକ ଅଭିନୟ ଛଅ ପ୍ରକାର ଅଟେ ॥ ୪୧ ॥ (ଏହାର ଅନ୍ୟନାମ ଆଙ୍ଗିକ ଅଭିନୟ) ଶୃଙ୍ଗାରାଦି ରସ ମଞ୍ଜୁଳ ବୃତ୍ତ ବା ଛନ୍ଦରେ ରଚିତପଦ, ଚୂର୍ଣ୍ଣିକା (ଛୋଟ ଛୋଟ ବାକ୍ୟ) ଏବଂ ପ୍ରାକୃତ ଓ ସଂସ୍କୃତ ମିଶ୍ରିତ କାବ୍ୟଧାରା ଯାହାକି ନାଟକରେ ବ୍ୟବହୃତ ହୁଏ ତାହାକୁ ରୀତି ଅନୁଯାୟୀ ପାଠ କରିବାକୁ ବାକ୍ୟାଭିନୟ କୁହାଯାଏ ॥ ୪୨ ॥ ଯେଉଁସ୍ଥଳରେ ପ୍ରଥମେ ବାକ୍ୟର ଅର୍ଥ ବା ବାକ୍ୟ ସାତ୍ତ୍ୱିକ ଓ ଆଙ୍ଗିକ ଅଭିନୟ ଦ୍ୱାରା ପ୍ରଥମେ ସୂଚିତ ହୋଇ ସାରିଥାଏ, ପଛରେ ବାକ୍ୟାଭିନୟରେ ଏହା ପଠିତ ହୁଏ ତାହାକୁ ସୂଚା କହନ୍ତି । ଯଥା- ଅଭିମାନରେ ମୁହଁ ଶୁଖାଇ ନାୟିକା ବସିଛି । ଆସି ପହଞ୍ଚୁଥିବା ନାୟକକୁ ନାୟିକାର ସଖୀ କହୁଛି - ଚାହଁ ଟିକିଏ ତା ଆଡକୁ । କେମିତି ଶୁଖି କଣ୍ଠା ହେଲାଣି । (ପ୍ରଥମେ ନାୟିକାର ଅବସ୍ଥା ଅଭିନୟରେ କୁହାସରିଛି । ପଛରେ ସଖୀବାକ୍ୟରେ କହିଲା ।) ॥ ୪୩ ॥ ବାକ୍ୟବିହୀନ ଭାବରେ ମନୋଗତ ଭାବକୁ ଅଭିଜ୍ଞ ଅଭିନେତା କେବଳ ଆଙ୍ଗିକ ଅଭିନୟ ମାଧ୍ୟମରେ ଯତ୍ନରେ 'ସୂଚା' ପରି ପ୍ରକାଶ କରୁଥିଲେ ଅଙ୍କୁରାଭିନୟ ହୁଏ ॥ ୪୪ ॥

Digitized by srujanika@gmail.com

ଏତେ ମାର୍ଗାସ୍ତୁ ନିର୍ଦ୍ଦିଷ୍ଟା ଯଥାଭାବରସାନ୍ୱିତାଃ ।
କାବ୍ୟବସ୍ତୁଷୁ ନିର୍ଦ୍ଧିଷ୍ଟା ଦ୍ୱାଦଶାଭିନୟାତ୍ମକାଃ ॥ ୪୯ ॥
ଆଳାପଶ୍ଚ ପ୍ରଳାପଶ୍ଚ ବିଳାପୋଽନ୍ୟସ୍ତଥୈବ ଚ ।
ଅନୁଳାପୋଽଥ ସଂଳାପଃ ହ୍ୟପଳାପସ୍ତଥୈବଚ ॥ ୫୦ ॥
ସନ୍ଦେଶଶ୍ଚାତିଦେଶଶ୍ଚ ନିର୍ଦ୍ଦେଶଶ୍ଚ ତଥୈବଚ ।
ଉପଦେଶୋଽପଦେଶଶ୍ଚ ବ୍ୟପଦେଶଃ ତଥୈବଚ ॥ ୫୧ ॥
ଆଭାଷଣେ ତୁ ଯଦ୍‌ବାକ୍ୟମାଳାପୋ ନାମ ସ ସ୍ମୃତଃ ।
ଅନର୍ଥକଂ ବଚୋଯଚ୍ଚ ପ୍ରଳାପଃ ସତୁ ସଂଜ୍ଞିତଃ ॥ ୫୨ ॥
କରୁଣପ୍ରଭବୋ ଯସ୍ତୁ ସ·ବିଳାପ ଇତି ସ୍ମୃତଃ ।
ବହୁଶୋ ବିହିତଂ ବାକ୍ୟମନୁଳାପଃ ପ୍ରକୀର୍ତ୍ତିତଃ ॥ ୫୩ ॥
ଉକ୍ତି ପ୍ରତ୍ୟୁକ୍ତି ସଂଯୁକ୍ତଃ ସଂଳାପ ଇତି ସ ସ୍ମୃତଃ ॥
ପୂର୍ବୋକ୍ତସ୍ୟାନ୍ୟଥା ଭାବୋ ହ୍ୟପଳାପଃ ପ୍ରକୀର୍ତ୍ତିତଃ ॥ ୫୪ ॥
ତଦିଦଂ ବଚନଂ ବ୍ରୂହୀତ୍ୟେଷ ସନ୍ଦେଶ ଇଷ୍ୟତେ ।
ଅତିଦେଶ ସ୍ତ୍ୱୟୋକ୍ତଂ ତନ୍ ମୟୋକ୍ତମିତି ସ ସ୍ମୃତଃ ॥ ୫୫ ॥
ସ ଏଷୋଽହଂ ବ୍ରବୀମୀତି ନିର୍ଦ୍ଦେଶଃ ସତୁ ସଂଜ୍ଞିତଃ ।
ବ୍ୟାଜାନ୍ତରେଣ କଥନଂ ବ୍ୟପଦେଶୋ ଭବେଦ୍ ତୁ ସଃ ॥ ୫୬ ॥

ମସ୍ତକ, ମୁଖ, ଜଂଘା, ଉରୁ, ହସ୍ତ ଓ ପାଦ ମାଧ୍ୟମରେ ଯଥାକ୍ରମେ (ଆବଶ୍ୟକାତାନୁଯାୟୀ) ଯେଉଁ ଅଭିନୟ କରାଯାଏ । ବୃକ୍ଷର ଶାଖାପରି ଶରୀରର ଶାଖାମାନଙ୍କ ଦ୍ୱାରା) ତାହାକୁ ଶାଖାଭିନୟ କୁହାଯାଏ ॥ ୪୫ ॥ ନାଟକ ପ୍ରୟୋଗ ଆରମ୍ଭରେ ଆଶୀର୍ନମସ୍କ୍ରିୟା ପୂଜା ଇତ୍ୟାଦି ମଧ୍ୟରେ ସମୟକୁ ସୁଖକର କରିବା ପାଇଁ ଆଗାମୀ ଅଭିନୟର ଯେଉଁ ସୂଚନା ବା ପାତ୍ର ପ୍ରବେଶର ସୂଚନା ଦିଆଯାଏ । ଯାହାକି ନାଟକର ନାୟକ ନାୟିକା ମିଳନ ଅଥବା କଥାବସ୍ତୁର ପ୍ରକୃତ ଆରମ୍ଭ ପର୍ଯ୍ୟନ୍ତ ସ୍ଥାୟୀ ହୁଏ ତାହାର ନାମ ନାଟ୍ୟାୟିତ । ପ୍ରାସଙ୍ଗିକ ସ୍ଥଳରେ ଧ୍ରୁବା ମଧ୍ୟରେ ହର୍ଷ, ରୋଷ, ଶୋକ ପ୍ରଭୃତି ଭାବ ରସ ସଂଯୁକ୍ତ ଅଭିନୟର ପ୍ରୟୋଗକୁ ମଧ୍ୟ ନାଟ୍ୟାୟିତ କହନ୍ତି ॥ ୪୬, ୪୭ ॥ ଅପରବ୍ୟକ୍ତି ଦ୍ୱାରା କଥିତ ବାକ୍ୟକୁ ଅନ୍ୟବ୍ୟକ୍ତି ନିଜ ଅଭିନୟରେ ଅର୍ଥ ଓ ପ୍ରାସଙ୍ଗିକତା ଠିକ ରଖି କଲେ ନିବୃତ୍ତାଙ୍କୁର ବୋଲି ଜାଣିବ । ଯଥା - ୧ମ ପାତ୍ର ବା ସୂତ୍ରଧାର - ବଡ଼ ଲୋକଙ୍କୁ ତ ଉତ୍ତର ନାହିଁ । ନଟୀ - ମୁଁ ସେଇଥି ପାଇଁ କିଛି କହୁଛି । (ପାତ୍ର ପ୍ରବେଶ) ସେନାପତି- ମୁଁ ସେଇଥିପାଇଁ ତୁମକୁ କିଛି କହୁନି । ସୈନ୍ୟ - ଆପଣ କହିବାକୁ ବାଧ୍ୟ - ଇତ୍ୟାଦି ନାଟକ ଆରମ୍ଭ ॥ ୪୮ ॥

Digitized by srujanika@gmail.com

ଇଦଂ କୁରୁ ଗୃହାଣେଦମୁପଦେଶ ଇତି ସ୍ମୃତଃ ।
ଅନ୍ୟାର୍ଥକଥନଂ ଯତ୍ ସ୍ୟାତ୍ ସୋଽପଦେଶଃ ପ୍ରକୀର୍ତ୍ତିତଃ ॥ ୫୭ ॥

ଏତେ ମାର୍ଗା ହି ବିଜ୍ଞେୟା ବାକ୍ୟାଭିନୟଯୋଜକାଃ ।
ସପ୍ତପ୍ରକାରମେତେଷାଂ ପୁନର୍ବକ୍ଷ୍ୟାମି ଲକ୍ଷଣମ୍ ॥ ୫୮ ॥

ପ୍ରତ୍ୟକ୍ଷଶ୍ଚ ପରୋକ୍ଷଶ୍ଚ ତଥା କାଳକୃତାସ୍ତ୍ରୟଃ ।
ଆତ୍ମସ୍ଥଶ୍ଚ ପରସ୍ଥଶ୍ଚ ପ୍ରକାରାଃ ସପ୍ତ ଏବ ତେ ॥ ୫୯ ॥

ଏବଂ ବ୍ରବୀତି ନାହଂଭୋ ବଦାମୀତି ଚ ଯଦ୍‌ବଚଃ ।
ପ୍ରତ୍ୟକ୍ଷଶ୍ଚ ପରସ୍ଥଶ୍ଚ ବର୍ତ୍ତମାନଶ୍ଚ ତଦ୍‌ଭବେତ୍ ॥ ୬୦ ॥

ଅହଂ କରୋମି ଗଚ୍ଛାମି ବଦାମି ବଚନଂ ତବ ।
ଆତ୍ମସ୍ଥୋ ବର୍ତ୍ତମାନଶ୍ଚ ପ୍ରତ୍ୟକ୍ଷ ଶ୍ଚୈବ ସଂସ୍ମୃତଃ ॥ ୬୧ ॥

କରିଷ୍ୟାମି ଗମିଷ୍ୟାମି ବଦିଷ୍ୟାମୀତି ଯଦ୍‌ବଚଃ ।
ଆତ୍ମସ୍ଥଶ୍ଚ ପରୋକ୍ଷଶ୍ଚ ଭବିଷ୍ୟତ୍‌କାଳ ଏବ ସଃ ॥ ୬୨ ॥

ହତା ଜିତାଶ୍ଚ ଭଗ୍ନାଶ୍ଚ ମୟାସର୍ବେ ଦ୍ୱିଷଦ୍‌ଗଣାଃ ।
ଆତ୍ମସ୍ଥଶ୍ଚ ପରସ୍ଥଶ୍ଚ ବୃତ୍ତକାଳସ୍ତୁ ସ ସ୍ମୃତଃ ॥ ୬୩ ॥

ତ୍ୱୟା ହତା ଜିତାଶ୍ଚେତି ଯୋ ବଦେନ୍ନାଟ୍ୟ କର୍ମଣି ।
ପରୋକ୍ଷଶ୍ଚ ପରସ୍ଥଶ୍ଚ ବୃତ୍ତକାଳସ୍ତଥୈବ ଚ ॥ ୬୪ ॥

ଭାବ ଏବଂ ରସକୁ ଅନୁସରଣ କରି କାବ୍ୟାର୍ଥମାନଙ୍କ ଅଭିନୟାତ୍ମକ ଏହି ବାରଟି ମାର୍ଗ (ପଦ୍ଧତି) ନିର୍ଦ୍ଦିଷ୍ଟ କରାଯାଇଅଛି ॥ ୪୯ ॥ (ପ୍ରୋକ୍ତ ଦ୍ୱାଦଶ ପ୍ରକାର ଅଭିନୟ) ଆଳାପ, ପ୍ରଳାପ, ବିଳାପ, ଅନୁଳାପ, ସଂଳାପ, ଅପଳାପ, ସନ୍ଦେଶ, ଅତିଦେଶ, ନିର୍ଦ୍ଦେଶ, ଉପଦେଶ, ଅପଦେଶ ଓ ବ୍ୟପଦେଶ ॥ ୫୦-୫୧ ॥ ପରସ୍ପର ସମ୍ଭାଷଣ ଯେଉଁ ବାକ୍ୟ ତାହା ଆଳାପ । ଅର୍ଥହୀନ ବାକ୍ୟ ପ୍ରଳାପ ॥ ୫୨ ॥ କରୁଣ ଅବସ୍ଥାରେ ଉତ୍ପନ୍ନ ବାକ୍ୟ ବିଳାପ । ଅନେକ ଥର କୁହାଯାଉଥିବା ବାକ୍ୟ ଅନୁଳାପ ॥ ୫୩ ॥ ଦୁଇଜଣଙ୍କର ଉକ୍ତି ପ୍ରତ୍ୟୁକ୍ତି ସଂପୃକ୍ତ ବାକ୍ୟକୁ ସଂଳାପ ଏବଂ ପୂର୍ବରୁ କୁହାଯାଇଥିବା କଥାର ଅନ୍ୟଥା କରିବାକୁ ଅପଳାପ କୁହାଯାଏ ॥ ୫୪ ॥ "ତେବେ ଏହି କଥାଟି କହିଦେବ ।" ଏହିପରି ଖବରକୁ ସନ୍ଦେଶ କହନ୍ତି । "ତୁମେ ଯାହା କହିଲ ମୁଁ ତ ତାହା ହିଁ କହିଲି ।" ଏହିପରି କଥନକୁ ଅତିଦେଶ କହନ୍ତି ॥ ୫୫ ॥ "ସେହି ଲୋକ ମୁଁ କହୁଛି ।" ଏହିପରି ବାକ୍ୟକୁ ନିର୍ଦ୍ଦେଶ ବୋଲି ଜାଣିବ । ଛଳେଇ ବା ଦେଖାଇ ଶିଖାଇ କହିବାକୁ ବ୍ୟପଦେଶ କୁହାଯାଏ ॥ ୫୬ ॥

Digitized by srujanika@gmail.com

ଏଷ ବ୍ରବୀତି କୁରୁତେ ଗଚ୍ଛତୀତ୍ୟାଦି ଯଦ୍‌ବଚଃ ।
ପରସ୍ଥୋ ବର୍ତ୍ତମାନଶ୍ଚ ପ୍ରତ୍ୟକ୍ଷଶ୍ଚ ଭବେଦ୍ ତୁ ତଦ୍ ॥ ୬୫ ॥

ସ ଗଚ୍ଛତି କରୋତୀତି ବଚନଂ ଯଦୁଦାହୃତମ୍ ।
ପରସ୍ଥୋ ବର୍ତ୍ତମାନଶ୍ଚ ପରୋକ୍ଷ ଶ୍ଚୈବତଦ୍ ଭବେଦ୍ ॥ ୬୬ ॥

କରିଷ୍ୟନ୍ତି ବଦିଷ୍ୟନ୍ତି ଗମିଷ୍ୟନ୍ତୀତି ଯଦ୍‌ବଚଃ ।
ପରସ୍ଥଶ୍ଚ ଭବିଷ୍ୟଶ୍ଚ ପରୋକ୍ଷ ଶ୍ଚୈବ ତଦ୍ ଭବେଦ୍ ॥ ୬୭ ॥

ମମାଦ୍ୟୈବ ଚ ସମ୍ପାଦ୍ୟଂ ତତ୍‌କାର୍ଯ୍ୟଂ ଭବତା ସହ ।
ଆତ୍ମସ୍ଥଶ୍ଚ ପରସ୍ଥଶ୍ଚ ବର୍ତ୍ତମାନଶ୍ଚ ସସ୍ମୃତଃ ॥ ୬୮ ॥

ହସ୍ତ ମନ୍ତରିତଂ କୃତ୍ୱା ଯଦ୍‌ବଦେନ୍ନାଟ୍ୟ କର୍ମଣି ।
ଆତ୍ମସ୍ଥଂ ହୃଦୟସ୍ଥଂ ଚ ପରୋକ୍ଷଂ ଚୈବ ତନ୍ମତମ୍ ॥ ୬୯ ॥
ପରେଷା ମାତ୍ମନଶ୍ଚୈବ କାଳସ୍ୟୈବ ଭେଦା ଜ୍ଞେୟା ଅନେକଧା ॥ ୭୦ ॥

ଏତେ ପ୍ରୟୋକ୍ତୃଭି ର୍ଜ୍ଞେୟା ମାର୍ଗା ହ୍ୟଭିନୟେ ସ୍ମୃତାଃ ।
ଏଭିରେବ ବିନିଷ୍ପନ୍ନୋ ବିବିଧୋଽଭିନୟୋ ମତଃ ॥ ୭୧ ॥

ସାମାନ୍ୟାଭିନୟଃ-ଶିରୋବଦନ ପାଦୋରୁ ଜଂଘୋଦରକଟୀକୃତଃ ।
ସମଃ କର୍ମ ବିଭାଗୋ ଯଃ ସାମାନ୍ୟାଭିନୟସ୍ତୁ ସଃ ॥ ୭୨ ॥

"ଏହିପରି" "ଏହାନିଅ" । ଏହିପରି ବାକ୍ୟ ଉପଦେଶ ବୋଲି ଜାଣିବ । ସହଦେବ ଭୀମଙ୍କୁ କହିଲେ - ଗୁରୁଦ୍ରୋଣ ଦୁର୍ଯ୍ୟୋଧନଙ୍କୁ କହୁଥିଲେ ..... । ଏହିପରି ବାକ୍ୟକୁ ଅପଦେଶ କୁହାଯାଏ ॥ ୫୭ ॥ ବାକ୍ୟାଭିନୟ ଯୋଜନର ପଦ୍ଧତି ଏହିପରି ସବୁ କରିବ । ଏବେ ଏହିମାନଙ୍କର ପୁଣି ସାତ ପ୍ରକାର ଓ ତାହାର ଲକ୍ଷଣ କହିବି ॥ ୫୮ ॥ ପ୍ରତ୍ୟକ୍ଷ, ପରୋକ୍ଷ, ତିନିପ୍ରକାର କାଳ (ଅତୀତ ବର୍ତ୍ତମାନ, ଭବିଷ୍ୟତ) କୃତ, ଆତ୍ମସ୍ଥ ଓ ପରସ୍ଥ । ଏହିପରି ମୋଟ ସାତ ପ୍ରକାର ॥୫୯॥ "ଇଏ କହୁଛି । ମୁଁ କହୁନାହିଁ ।" ଏହିପରି ବାକ୍ୟ ପ୍ରତ୍ୟକ୍ଷ, ପରସ୍ଥ ଓ ବର୍ତ୍ତମାନ କାଳ ॥ ୬୦ ॥ "ମୁଁ କରୁଅଛି । ଯାଉଛି । ତୁମକୁ କହୁଛି ॥" ଏହା ଆତ୍ମସ୍ଥ ବର୍ତ୍ତମାନ ଓ ପ୍ରତ୍ୟକ୍ଷ ବାକ୍ୟ ଅଟେ ॥୬୧॥ "ମୁଁ କରିବି, ଯିବି, କହିବି ॥" ଏହିପରି ବାକ୍ୟକୁ ଆତ୍ମସ୍ଥ, ପରୋକ୍ଷ, ଭବିଷ୍ୟକାଳ ବୋଲି କୁହାଯାଏ ॥ ୬୨ ॥ "ମୁଁ ସବୁଶତ୍ରୁଙ୍କୁ ଜୟକରି ମାରିଦେଇଛି । ଏଠୁ ହଟାଇ ଦେଇଛି । ଏହା ଆତ୍ମସ୍ଥ ପରସ୍ଥ ଓ ଅତୀତକାଳ ॥ ୬୩ ॥ ନାଟ୍ୟମଞ୍ଚରେ ତୁମେ ମାରିଛ ଓ ଜୟ କରିଛ । ଏହିପରି କଥାକୁ ପରୋକ୍ଷ, ପରସ୍ଥ, ଏବଂ ଅତୀତ କାଳ ବୋଲି ଜାଣିବ ॥୬୪॥

Digitized by srujanika@gmail.com

ଲଳିତୈ ର୍ହସ୍ତ ସଂଚାରୈଃ ତଥାମୃଦ୍ୱଙ୍ଗଚେଷ୍ଟିତୈଃ
ଅଭିନେୟସ୍ତୁ ନାଟ୍ୟଜ୍ଞୈଃ ରସଭାବ ସମନ୍ୱିତୈଃ ।। ୭୩ ।।

ଅନୁଦ୍ଧତ ମସଂଭ୍ରାନ୍ତ ମନାବିଦ୍ଧାଙ୍ଗଚେଷ୍ଟିତମ୍ ।
ଲୟ ତାଳ କଳାପାତ ପ୍ରମାଣ ନିୟତାତ୍ମକମ୍ ।। ୭୪ ।।

ସୁବିଭକ୍ତ ପଦାଳାପ ମନିଷ୍ଠୁର ମନାକୁଳମ୍ ।
ଯଦୀଦୃଶଂ ଭବେନ୍ନାଟ୍ୟଂ ଜ୍ଞେୟମାଭ୍ୟନ୍ତରଂତୁ ତଦ୍ ।। ୭୫ ।।

ଏତଦେବ ବିପର୍ଯସ୍ତଂ ସ୍ୱଚ୍ଛନ୍ଦଗତିଚେଷ୍ଟିତମ୍ ।
ଅନିବଦ୍ଧଂ ଗୀତବାଦ୍ୟୈ ର୍ନାଟ୍ୟଂ ବାହ୍ୟମିତି ସ୍ମୃତମ୍ ।। ୭୬ ।।

ଲକ୍ଷଣାଭ୍ୟନ୍ତରତ୍ୱାଦ୍ଧି ତଦାଭ୍ୟନ୍ତର ମିଷ୍ୟତେ ।
ଶାସ୍ତ୍ରବାହ୍ୟଂ ଭବେଦ୍ ଯତ୍ତୁ ତଦ୍‌ବାହ୍ୟମିତି ସଂଜ୍ଞିତମ୍ ।। ୭୭ ।।

ଲକ୍ଷଣମ୍-ଅନେନ ଲକ୍ଷ୍ୟତେ ଯସ୍ମାଦ୍ ପ୍ରୟୋଗଃ କର୍ମ ଚୈବ ହି ।
ତସ୍ମାଲ୍ଲକ୍ଷଣ ମେତଦ୍ଧି ନାଟ୍ୟେଽସ୍ମିନ୍ ସଂପ୍ରୟୋଜିତମ୍ ।। ୭୮ ।।

ଅନାଚାର୍ଯୋପୌଷିତା ଯେ ଚ ଯେ ଚ ଶାସ୍ତ୍ରବହିଷ୍କୃତାଃ ।
ବାହ୍ୟଂତେ ତୁ ପ୍ରୟୋକ୍ଷନ୍ତେ କ୍ରିୟାମନ୍ୟୈଃ ପ୍ରୟୋଜିତାମ୍ ।। ୭୯ ।।

ଇନ୍ଦ୍ରିୟାଭିନୟଃ-ଶବ୍ଦଂ ସ୍ପର୍ଶଂ ଚ ରୂପଂ ଚ ରସଂ ଗନ୍ଧଂ ତଥୈବଚ ।
ଇନ୍ଦ୍ରିୟାଣୀନ୍ଦ୍ରିୟାର୍ଥୈଶ୍ଚ ଭାବୈରଭିନୟେଦ୍ ବୁଧଃ ।। ୮୦ ।।

"ଏହି ଲୋକ କହୁଅଛି । କରୁଅଛି । ଯାଉଅଛି । "ଏହିପରି କଥା ପରସ୍ଥ, ବର୍ତ୍ତମାନ, ପ୍ରତ୍ୟକ୍ଷ, ।। ସେ ଯାଇଛି, କରୁଅଛି, ଏହିପରି କୁହାଯାଉଥିବା ବାକ୍ୟ ପରସ୍ଥ, ବର୍ତ୍ତମାନକାଳ ଓ ପରୋକ୍ଷ ।। ୬୫, ୬୬ ।। କରିବେ, କହିବେ, ଯିବେ, ଏହିପରି ବାକ୍ୟକୁ ପରସ୍ଥ, ଭବିଷ୍ୟତ୍‌କାଳ, ପରୋକ୍ଷ ବୋଲି ଜାଣିବ ।। ୬୭ ।। ଆପଣଙ୍କ ସହିତ ସେହିକାର୍ଯ୍ୟକୁ ମୋତେ ଏବେ କରିବାକୁ ପଡ଼ିବ । ଏହିପରି ବାକ୍ୟ ଆତ୍ମସ୍ଥ, ପରସ୍ଥ, ବର୍ତ୍ତମାନକାଳ ।।୬୮।। ନାଟ୍ୟ ମଞ୍ଚରେ ହାତ ଆଡ଼କରି ଯେଉଁ କଥା କୁହାଯାଏ, ତାହାକୁ ଆତ୍ମସ୍ଥ, ହୃଦୟସ୍ଥ ଓ ପରୋକ୍ଷ ବୋଲି ସ୍ୱୀକାର କରାଯାଏ ।। ୬୯ ।। ପର ଓ ନିଜ ଭେଦରେ ଏବଂ କାଳଭେଦରେ ଏହି ସାତପ୍ରକାର ଅନେକ ପ୍ରକାର ହୋଇପାରିବ ବୋଲି ଜାଣିବ ।। ୭୦ ।। ପ୍ରୟୋକ୍ତାମାନେ ଅଭିନୟରେ ଏହି ମାର୍ଗମାନଙ୍କୁ ଜାଣିବା ଉଚିତ । ଏହିଗୁଡ଼ିକ ସାହାଯ୍ୟରେ ବିବିଧ ଅଭିନୟ ନିଷ୍ପନ୍ନ ହୋଇଥାଏ ବୋଲି ମନେ କରିବ ।। ୭୧ ।। ମସ୍ତକ, ମୁଖ, ପାଦ, ଉରୁ ଜଂଘା, ଉଦର ଓ କଟି ସାହାଯ୍ୟରେ ସମାନ

Digitized by srujanika@gmail.com

ଭାବରେ ଯେଉଁ କର୍ମ ବିଭାଗ, ତାହାକୁ ସାମାନ୍ୟାଭିନୟ କୁହାଯାଏ । ଅର୍ଥାତ୍ ପ୍ରତ୍ୟେକ ସ୍ଥଳରେ କର୍ମ ବିଭାଗ, ତାହାକୁ ସାମାନ୍ୟାଭିନୟ କୁହାଯାଏ । ଅର୍ଥାତ୍ ପ୍ରତ୍ୟେକ ସ୍ଥଳରେ (ଦୁଇଜଣ ପାତ୍ର କଥାବାର୍ତ୍ତା ହେଉଥିଲେ କହିବା ଲୋକର ଯେତିକି ଅଭିନୟ ଅପେକ୍ଷିତ ଶୁଣିବା ଲୋକର କିମ୍ବା ଅଧିକ ଲୋକ ଥିଲେ ସେମାନଙ୍କର ମଧ୍ୟ) ସମସ୍ତ ଅଙ୍ଗର ଅଭିନୟ ଆବଶ୍ୟକ, ଯେଉଁ ସମସ୍ତ ଲେଖିବା ବା କହିବା ସମ୍ଭବ ନୁହେଁ । ଯେପରି ଚିନ୍ତାଗ୍ରସ୍ତ ଅବସ୍ଥାରେ ମୁଣ୍ଡ ନୁଆଁଇ ଶୁଣିବ । ଅଣ୍ଟା ମଧ୍ୟ ନଇଁବ । ହାତ କାନ କୁଣ୍ଡାଇବ ଇତ୍ୟାଦି । ଏସବୁକୁ ସାମାନ୍ୟାଭିନୟ କହନ୍ତି ॥ ୭୨ ॥ କଳାତ୍ମକ ଭାବରେ ହସ୍ତଚାଳନା ଏବଂ କୋମଳ ଅଙ୍ଗଚେଷ୍ଟା ଦ୍ୱାରା ଅଭିନୟକୁ ଅଭିଜ୍ଞପାତ୍ରମାନେ ରସ ଭାବ ସମନ୍ୱିତ କରିବେ ॥ ୭୩ ॥ ସାମାନ୍ୟାଭିନୟ ବିଷୟରେ ସମସ୍ତ ବିଚାର କରିସାରି ଏବେ ମୁନି ଭରତ ନର୍ତ୍ତକର ଆଭ୍ୟନ୍ତର ନୃତ୍ୟ ବା ଅଭିନୟ କଳାର ଦାର୍ଶନିକ ବ୍ୟାଖ୍ୟା କରିବାକୁ ଯାଇ କହୁଛନ୍ତି-ନର୍ତ୍ତକ ଜଣେ ଚରମ ସାଧକ । ସେ ନିଜକୁ ଖଳନାୟକ ଭୂମିକାରେ ଅବତୀର୍ଣ୍ଣକରି ଉଦ୍ଧତ ଅଭିନୟରେ ନିଜକୁ ଓ ସଭାସଦମାନଙ୍କୁ ଅଭିଭୂତ କରାଉଥିଲେ ମଧ୍ୟ ଅନ୍ତରରେ ଔଦ୍ଧତ୍ୟକୁ ଗ୍ରହଣ କରୁନଥିବ । ଏହିପରି ସଂଭ୍ରାନ୍ତତା, ଅଖଣ୍ଡିତ ଅଙ୍ଗଚେଷ୍ଟା ବିଷୟରେ ସଚେତନ ରହିବ । ଯଦି ନୃତ୍ୟ ବା ଗୀତ ବିଷୟ ହୋଇଥାଏ, ତେବେ ଲୟ ତାଳ କଳାପାତ ଓ ପ୍ରମାଣ ବିଷୟରେ ହୃଦୟ ଢାଳି ଦେଉଥିବ । ବାକ୍ୟ ଉଚ୍ଚାରଣରେ ଲହରାଇ ବା ଲଟେଇ କିମ୍ବା ଚଞ୍ଚଳ ନକହି ପଦଚ୍ଛେଦ ଠିକ ରଖିବ । ରୁକ୍ଷ ଭାବରେ ବା ବ୍ୟସ୍ତ ହୋଇ କହିବ ନାହିଁ । ଏହିପରି ନର୍ତ୍ତକମାନଙ୍କର ପ୍ରସ୍ତୁତିକୁ ଆଭ୍ୟନ୍ତର ନାଟ୍ୟବୋଲି ଜାଣିବ ॥ ୭୪,୭୫ ॥ ଏହା ଯଦି (ଏହି ସାଧନାର ଅଭାବ ହେଲେ) ବିପର୍ଯ୍ୟସ୍ତ ହୁଏ, ମନଇଚ୍ଛା ଯିବା ଆସିବା ଓ ଚେଷ୍ଟା, ତଥା ଯଥାସ୍ଥାନ ଯଥା ରୀତିରେ ଗୀତ ବାଦ୍ୟ ସଂଯୋଜନା ନହୋଇ 'ଯା ଇଚ୍ଛା ତା' ହୋଇଥିବ ତାହାକୁ ବାହ୍ୟନୃତ୍ୟ (ଗାଉଁଲୀ ନାଟ ବା ଲୋକ ନୃତ୍ୟ) ବୋଲି କୁହାଯିବ । ଶାସ୍ତ୍ରର ଯେଉଁ ନିୟମମାନ କୁହାଗଲା, ତାହା ପାଳନ କଲେ ଆଭ୍ୟନ୍ତର ବା ଶାସ୍ତ୍ରୀୟ ନୃତ୍ୟ ବୋଲି ଗ୍ରହଣୀୟ । ଶାସ୍ତ୍ର ବାହାରର ହେଲେ ଶୃଙ୍ଖଳାନଥିଲେ ବାହ୍ୟ (ଲୋକନୃତ୍ୟ) ନୃତ୍ୟବୋଲି ଜାଣିବ ॥ ୭୬, ୭୭ ॥ ପ୍ରୟୋଗ ଓ ଚେଷ୍ଟାକୁ ଏହା ଲକ୍ଷ୍ୟ କରେ (ଜଗିଥାଏ) । ଏଣୁ ଏହାକୁ ଲକ୍ଷଣ କୁହାଯାଏ । ସେଥିପାଇଁ ନାଟ୍ୟରେ ଏହି ଲକ୍ଷଣମାନ ସଂଯୋଜନା କରାଯାଇଛି ॥ ୭୮ ॥ ଯେଉଁମାନେ ଗୁରୁଙ୍କ ପାଖରେ ରହି ନାହାନ୍ତି, ଯେଉଁମାନେ (ନାଟ୍ୟ) ଶାସ୍ତ୍ର ବିଷୟ ଛୁଇଁ ନାହାନ୍ତି, ସେମାନେ (ମେଲୋଡ଼ିରେ) କିଏ କ'ଣ କରୁଛି ଦେଖି ସେହିପରି ଫାଡାମି କରନ୍ତି ॥ ୭୯ ॥ ଶାରୀରିକ ଅଭିନୟ ବିଷୟ କହିସାରି ଏବେ ଇନ୍ଦ୍ରିୟ ଅଭିନୟ ବିଷୟରେ କହୁଛନ୍ତି-ଶବ୍ଦ, ସ୍ପର୍ଶ, ରୂପ, ରସ, ଗନ୍ଧ ଏହି ସମସ୍ତ ଇନ୍ଦ୍ରିୟ ଭୋଗ୍ୟ ବସ୍ତୁକୁ ଏବଂ ଇନ୍ଦ୍ରିୟମାନଙ୍କୁ ମଧ୍ୟ ନାଟ୍ୟବିଶାରଦ ଭାବରେ ଅଭିନୟ କରିବେ ॥ ୮୦ ॥ ଟିକିଏ ବଙ୍କେଇ ତାହିଁ ଗୋଟିଏ ପାଖକୁ ମୁଣ୍ଡ ନୁଆଁଇ ତର୍ଜନୀ ଅଙ୍ଗୁଳିକୁ ଗଣ୍ଡଦେଶରେ ଲଗାଇ ଶବ୍ଦକୁ ବୁଦ୍ଧିମାନ ଅଭିନୟ କରିବ ॥ ୮୧ ॥ ଆଖିପତାକୁ ଅଳପ କମାଇବ କିନ୍ତୁ ଭ୍ରୂ ଉପରକୁ କରିବ । କାନ୍ଧ ଓ ଗଣ୍ଡସ୍ଥଳକୁ ସ୍ପର୍ଶ କରିବ । ଏହିପରି ସ୍ପର୍ଶ ଅଭିନୟ କରାଯାଏ ॥ ୮୨ ॥

Digitized by srujanika@gmail.com

କୃତ୍ୱା ସାଚୀକୃତାଂ ଦୃଷ୍ଟିଂ ଶିରଃ ପାର୍ଶ୍ୱନତଂ ତଥା ।
ତର୍ଜନୀଂ କର୍ଣ୍ଣଦେଶେ ତୁ ଶବ୍ଦଂ ତ୍ୱଭିନୟେଦ୍ ବୁଧଃ ॥ ୮୧ ॥
କିଞ୍ଚିଦାକୁଞ୍ଚିତେ ନେତ୍ରେ ଭ୍ରୁବୋରୁତ୍‌କ୍ଷେପଣେନ ଚ ।
ତଥାଂସଗଣ୍ଡୟୋଃ ସ୍ପର୍ଶାତ୍ ସ୍ପର୍ଶମେବଂ ବିନିର୍ଦ୍ଦିଶେତ୍ ॥ ୮୨ ॥
କୃତ୍ୱା ପତାକୌ ମୂର୍ଦ୍ଧ୍ନିସ୍ଥୌ କିଞ୍ଚିତ୍ ପ୍ରଚଳିତାଙ୍ଗୁଳିଃ ।
ନିର୍ବର୍ଣ୍ଣୟନ୍ତ୍ୟା ଦୃଷ୍ଟ୍ୟା ତୁ ରୂପଂ ତ୍ୱଭିନୟେଦ୍ ବୁଧଃ ॥ ୮୩ ॥
କିଞ୍ଚିଦାକୁଞ୍ଚିତେ ନେତ୍ରେ କୃତ୍ୱୋତ୍ଫୁଲ୍ଲାଂ ଚ ନାସିକାମ୍ ।
ଏକୋଚ୍ଛ୍ୱାସେନ ଦୃଷ୍ଟେଷ୍ଟୌ ରସଗନ୍ଧୌ ବିନିର୍ଦ୍ଦିଶେତ୍ ॥ ୮୪ ॥
ପଞ୍ଚାନାମିନ୍ଦ୍ରିୟାଣାଂଚ ଭାବା ହ୍ୟେତେଷ୍ୱନୁଭାବଜାଃ ।
ତ୍ୱକ୍ ଚକ୍ଷୁର୍ଘ୍ରାଣ ଜିହ୍ୱାନାଂ ଶ୍ରୋତ୍ରସ୍ୟ ଚ ତଥୈବ ହି ॥ ୮୫ ॥

ମନଃ ପ୍ରାଧାନ୍ୟମ୍ - ଇନ୍ଦ୍ରିୟାର୍ଥ ଶ୍ଚ ମନସା ଭାବ୍ୟତେ ହ୍ୟନୁଭାବିତଃ ।
ନ ବେତ୍ତି ହ୍ୟମନାଃ କିଞ୍ଚିତ୍ ବିଷୟଂ ପଞ୍ଚହେତୁକମ୍ ॥ ୮୬ ॥
ମନସ ସ୍ତ୍ରିବିଧୋ ଭାବୋ ବିଜ୍ଞେୟୋଽଭିନୟଂ ପ୍ରତି ।
ଇଷ୍ଟୋଽନିଷ୍ଟସ୍ତଥାଚୈବ ମଧ୍ୟସ୍ଥଶ୍ଚ ତଥୈବ ହି ॥ ୮୭ ॥

ନିଜ ମସ୍ତକ ଯେତିକି ଉଚ୍ଚ ସେତିକି ପର୍ଯ୍ୟନ୍ତ ହାତ ଉଠାଇବ । ହାତର ଆଙ୍ଗୁଳିଗୁଡ଼ିକ ଖୋଲା ରଖି ଟିକିଏ ହଲାଇବ । ଆଖିର ଅଭିନୟ ବର୍ଣ୍ଣନାତ୍ମକ କରି ଅଭିଜ୍ଞ ଲୋକ ରୂପର ଅଭିନୟ କରିବ ॥ ୮୩ ॥ ନିଜକୁ ଭଲ ଲାଗୁଥିବା ରସ ଓ ଗନ୍ଧକୁ ଅଭିନୟ କରିବାକୁ ଯାଇ ଆଖିକୁ ଅଳପ ଆକୁଞ୍ଚିତ କରିବ । ନାସିକାକୁ ଫୁଲାଇ ଦେବ । ବଡ଼ ବଡ଼ ନିଶ୍ୱାସ ନେଇ ଆଗ୍ରହ ପ୍ରକଟ କରିବ ॥ ୮୪ ॥ ଅନୁଭବ ମାଧ୍ୟମରେ ଦର୍ଶକମାନଙ୍କୁ ଅନୁଭବ ଯୋଗ୍ୟ କରାଇବା ପାଇଁ ଚର୍ମ, ନେତ୍ର, ଘ୍ରାଣ, ଜିହ୍ୱା ଓ କର୍ଣ୍ଣ ଏହି ପାଞ୍ଚଟି ଇନ୍ଦ୍ରିୟର ଏହି ଭାବଗୁଡ଼ିକୁ ଅଭିନୟ ଯୋଗ୍ୟ କରିବ ॥ ୮୫ ॥ ରୂପରସ ଗନ୍ଧ ସ୍ପର୍ଶ, ଶବ୍ଦ, ଏହି ପାଞ୍ଚଟିକୁ ଇନ୍ଦ୍ରିୟାର୍ଥ କହନ୍ତି । ନିଜେ ଅନୁଭବ କଲେ ହିଁ ଏହା ଅନ୍ୟକୁ ଅନୁଭବ କରାଇହେବ । ଯାହାର ଭଲ ନିର୍ମଳ ମନଟିଏ ନାହିଁ ସେ ଏହି ଅନୁଭବ ଜାଣି ବି ପାରିବ ନାହିଁ ॥ ୮୬ ॥ ଅଭିନୟ କ୍ଷେତ୍ରରେ ଇଷ୍ଟ ଅନିଷ୍ଟ ଓ ମଧ୍ୟସ୍ଥ ଏହିପରି ମନର ତିନି ପ୍ରକାର ଭାବ ଜାଣିବ ॥ ୮୭ ॥ ଇଷ୍ଟ ଅର୍ଥ ଆକାଂକ୍ଷିତ ଏବଂ ଖୁସି ହେବା । ମନକୁ ଖୁସି କଲେ ଦେହ ଉଲସି ଉଠିବ । ମୁହଁରୁ ହସ ବାହାରିବ ନାହିଁ । ମାତ୍ର ଗଣ୍ଡ ଫୁଲିଯିବ । ଏହିପରି ଅଭିନୟରେ ଖୁସିକୁ ଦେଖାଇବ ॥ ୮୮ ॥ ଭଲ ଲାଗୁଥିବା, ଅତି ଭଲ ଲାଗୁଥିବା ରୂପ, ରସ, ଗନ୍ଧ, ସ୍ପର୍ଶ ଓ ଶବ୍ଦକୁ ସତେ ଯେମିତି ନିଜେ ପାଇ ଉପଭୋଗ କରୁଛ ଏହିଭଳି ଅଭିନୟ କରି ଦର୍ଶକଙ୍କ ସମ୍ମୁଖକୁ ପ୍ରକୃତ ଖୁସିକୁ ପହଞ୍ଚାଇବ ମୁଣ୍ଡ ହଲାଇ, ନ ଚାହିଁ, ନାକଟେକି, ଆଖି ଛିଞ୍ଚାଡ଼ି ଅସୁଖ ବା ଅବାଞ୍ଛିତର ପ୍ରଦର୍ଶନ କରିବ ॥ ୯୦ ॥

Digitized by srujanika@gmail.com

ପ୍ରହ୍ଲାଦନେନ ଗାତ୍ରସ୍ୟ ତଥା ପୁଲକିତେନ ଚ ।
ଆନନପ୍ରକ୍ରିୟାଭିଶ୍ଚ ସର୍ବମିଷ୍ଟଂ ନିରୂପୟେତ୍ ॥ ୮୮ ॥
ଇଷ୍ଟେ ଶବ୍ଦେ ଯଥା ରୂପେ ସ୍ପର୍ଶେ ଗନ୍ଧେ ରସେଷ୍ୱପିବା ।
ଇନ୍ଦ୍ରିୟୈ ର୍ମନସା ପ୍ରାପ୍ତୈଃ ସୌମୁଖ୍ୟଂ ସଂପ୍ରଦର୍ଶୟେତ୍ ॥ ୮୯ ॥
ପରାବୃତ୍ତେନ ଶିରସାଦ୍ଧପ୍ରଦାନେନ ଚ ଚକ୍ଷୁଷଃ ।
ନେତ୍ର ନାସାଞ୍ଚିତତୟା ହ୍ୟନିଷ୍ଟମଭି ନିର୍ଦ୍ଦିଶେତ୍ ॥ ୯୦ ॥
ନ ଚାତିମାତ୍ର ହୃଷ୍ଟସ୍ତୁ ନ ଚାତ୍ୟନ୍ତ ଜୁଗୁପ୍ସୟା ।
ମଧ୍ୟସ୍ଥେନୈବ ଭାବେନ ମଧ୍ୟସ୍ଥମଭି ନିର୍ଦ୍ଦିଶେତ୍ ॥ ୯୧ ॥
ତେନେଦଂ ତସ୍ୟ ବାପୀଦଂ ସଏବ ପ୍ରକରୋତି ବା ।
ପରୋକ୍ଷାଭିନୟୋ ଯସ୍ତୁ ମଧ୍ୟସ୍ଥ ଇତି ସମ୍ମତଃ ॥ ୯୨ ॥
ଆତ୍ମାନୁଭାବୀ ଯୋଦ୍ଧର୍ଥଃ ସ୍ୟାତ୍ ସ ଆତ୍ମସ୍ଥ ଇତି ସ୍ମୃତଃ ॥
ପରସ୍ୟ ବର୍ଣ୍ଣନୀୟଶ୍ଚ ପରସ୍ଥଃ ସତୁ ସଂଜ୍ଞିତଃ ॥ ୯୩ ॥
ପ୍ରାୟେଣ ସର୍ବଭାବାନାଂ କାମାନିଷ୍ପତ୍ତି ରିଷ୍ୟତେ ।
ସ ଚେଚ୍ଛାଗୁଣସମ୍ପନ୍ନୋ ବହୁଧା କାମ ଇଷ୍ୟତେ ॥ ୯୪ ॥

ବେଶି ଗୁଡାଏ ଖୁସି ହେବ ନାହିଁ ବା ବେଶି ଅସନ୍ତୋଷ କି ଘୃଣା ଅଭିନୟ କରିବ ନାହିଁ । ଏହିପରି ମଝି ମଝିଆ ଅଭିନୟରେ ମଧ୍ୟସ୍ଥ ଭାବ ପ୍ରକାଶ କରିବ ॥ ୯୧ ॥ ଏହା ସେ କରିଛି, ତାହାର କାମ, ସେ ହିଁ ଏହା କରେ, ଏହିପରି ପରୋକ୍ଷାଭିନୟକୁ ମଧ୍ୟସ୍ଥ କୁହାଯାଏ ॥ ୯୨ ॥ ଯେଉଁ ଇନ୍ଦ୍ରିୟାର୍ଥ (ରୂପ-ରସ ଇତ୍ୟାଦି) ନିଜ ଅନୁଭବରେ ଆସିଥାଏ ସ୍ମୃତି ବାଟଦେଇ ତାହା ଆତ୍ମସ୍ଥ ହୋଇଥାଏ । ଯାହା ବିଷୟରେ ଅନୁଭବ ନିଜର ନାହିଁ ପରର ବର୍ଣ୍ଣନା କରାଯାଏ ତାହା ପରସ୍ଥ ଅର୍ଥ ନାମରେ ପରିଚିତ ॥ ୯୩ ॥ ସମସ୍ତ ଭାବ କାମରୁ (କାମନା) ଜାତ ହୋଇଥାଏ ବୋଲି ଜାଣିବ । ସେହି କାମ ଇଚ୍ଛାର ଗୁଣଯୁକ୍ତ ଅଟେ । କାମ, ଅନେକ ପ୍ରକାର ଅଟେ ॥ ୯୪ ॥ ଧର୍ମକାମ, ଅର୍ଥକାମ, ମୋକ୍ଷକାମ ଏବଂ ସ୍ତ୍ରୀପୁରୁଷଙ୍କର ସଂଯୋଗକୁ ମଧ୍ୟ କାମ କୁହାଯାଇଥାଏ ॥ ୯୫ ॥ ସଂସାରରେ ସବୁ ଲୋକଙ୍କର ସୁଖ ଦୁଃଖରେ ପର୍ଯ୍ୟବସିତ ଅଶେଷ କାମ (କାମନା) ଦେଖାଯାଏ । ଯାହା କି ଦୁଃଖ ବା ବିପଦ ସମୟରେ ମଧ୍ୟ ସୁଖ ଦେଇଥାଏ ॥ ୯୬ ॥ ସ୍ତ୍ରୀପୁରୁଷମାନଙ୍କର ମିଳାମିଶା ରତି ସଂଯୋଗର କାରକ ହୋଇଥାଏ । ଏହାକୁ ହିଁ ଶୃଙ୍ଗାର ବୋଲି କୁହାଯାଏ । ଯାହାର ପରିଚୟ ମାଳା ଗନ୍ଧ ଭୂଷଣ ଏବଂ ଆଲିଙ୍ଗନ ଚୁମ୍ବନ ପ୍ରଭୃତି ଉପଚାର ଦ୍ୱାରା ମିଳେ ଓ ସୁଖଦାୟକ ମଧ୍ୟ ହୋଇଥାଏ । (ଏଠାରେ ସୁଖ ଶବ୍ଦ ସୁଖଦ ଅର୍ଥରେ ସ୍ୱାର୍ଥେବା ଅସ୍ତ୍ୟର୍ଥରେ 'ଅ' ପ୍ରତ୍ୟୟ ହୋଇଅଛି । ପାପୋଦ୍ଧହଂ ପରି, ଅନ୍ୟଥା ସୁଖଶବ୍ଦ ନିତ୍ୟ କ୍ଳୀବଲିଙ୍ଗ) ॥ ୯୭ ॥

Digitized by srujanika@gmail.com

ଧର୍ମକାମୋଽର୍ଥକାମଶ୍ଚ ମୋକ୍ଷକାମସ୍ତଥୈବଚ ।
ସ୍ତ୍ରୀପୁଂସୟୋସ୍ତୁ ଯୋଗୋ ଯଃ ସ ତୁ କାମ ଇତି ସ୍ମୃତଃ ।। ୯୫ ।।
ସର୍ବସ୍ୟୈବ ହି ଲୋକସ୍ୟ ସୁଖଦୁଃଖନିବର୍ହଣଃ ।
ଭୂୟିଷ୍ଠଂ ଦୃଶ୍ୟତେ କାମଃ ସୁଖଦୋ ବ୍ୟସନେଷ୍ୱପି ।। ୯୬ ।।
ଯଃ ସ୍ତ୍ରୀପୁରୁଷସଂଯୋଗୋ ରତିସଂଯୋଗକାରକଃ ।
ସ ଶୃଙ୍ଗାର ଇତି ଜ୍ଞେୟଃ ଉପଚାର କୃତଃ ସୁଖଃ ।। ୯୭ ।।
ଇହ ପ୍ରାୟେଣ ଲୋକୋଽୟଂ ସୁଖମିଚ୍ଛତି ନିତ୍ୟଶଃ ।
ସୁଖସ୍ୟ ଚ ସ୍ତ୍ରିୟୋମୂଳଂ ନାନାଶୀଳାଶ୍ଚ ତାଃ ପୁନଃ ।। ୯୮ ।।
ସ୍ତ୍ରୀପ୍ରକାର ଭେଦାଃ-ଦେବତାଽସୁର ଗନ୍ଧର୍ବ ରକ୍ଷୋନାଗ ପତତ୍ତ୍ରିଣାମ୍ ।
ପିଶାଚ ଯକ୍ଷ ବ୍ୟାଳାନାଂ ନରବାନର ହସ୍ତିନାମ୍ ।। ୯୯ ।।
ମୃଗ ମୀନୋଷ୍ଟ୍ର ମକର ଖର ଶୂକର ବାଜିନାମ୍ ।
ମହିଷାଜ ଗବାଦୀନାଂ ତୁଲ୍ୟଶୀଳାଃ ସ୍ତ୍ରିୟଃ ସ୍ମୃତାଃ ।। ୧୦୦ ।।
ସ୍ନିଗ୍ଧା ଚାଙ୍ଗୈରୁପାଙ୍ଗୈଶ୍ଚ ସ୍ଥିରା ମନ୍ଦନିମେଷିଣୀ ।
ଅରୋଗା ଦୀପ୍ତ୍ୟୁପେତା ଚ ଦାନସତ୍ୟାର୍ଜ୍ଜବାନ୍ୱିତା ।। ୧୦୧ ।।

ସଂସାରରେ ସମସ୍ତେ ସବୁବେଳେ ସୁଖ ଚାହିଁ ଥାଆନ୍ତି । ଏହି ସୁଖର ନାରୀମାନେ ହିଁ ମୂଳକାରଣ । ସେମାନେ ପୁଣି ନାନା ପ୍ରକୃତିର ହୋଇଥାନ୍ତି ।। ୯୮ ।। ଦେବତା, ଅସୁର, ଗନ୍ଧର୍ବ, ରାକ୍ଷସ, ନାଗ, ପକ୍ଷୀ, ପିଶାଚ, ଯକ୍ଷ, ସର୍ପ, ମନୁଷ୍ୟ, ବାନର, ହସ୍ତୀ, ମୃଗ, ମୀନ, ଓଟ, ମକର, ଗର୍ଦ୍ଦଭ, ଶୂକର, ଅଶ୍ୱ, ମହିଷ, ଛାଗ ଏବଂ ଗୋ ପ୍ରଭୃତି ଜୀବଙ୍କ ପରି ସ୍ତ୍ରୀମାନଙ୍କର ସ୍ୱଭାବ ଅଟେ ।। ୯୯, ୧୦୦ ।। ଦେବୀ, ସ୍ନେହଶୀଳା, ଚିକ୍କଣ ଅଙ୍ଗ- ପ୍ରତ୍ୟଙ୍ଗମୟୀ, ଧୀରସ୍ଥିର ସ୍ୱଭାବ, ଚକ୍ଷୁର ପଲକ ଅଳ୍ପ ପକାଏ, ରୋଗହୀନ, କାନ୍ତିମତୀ, ଦାନସତ୍ୟ ସରଳତା ପ୍ରତି ଅଧିକ ଆଦରଶୀଳା, ଖୁବ କମ ସ୍ୱେଦ ହୁଏ, ରତିରେ ସମାନ ରୁଚିମୟୀ, ଅଳ୍ପାହାରିଣୀ, ସୁଗନ୍ଧ ପ୍ରିୟା, ନୃତ୍ୟ-ଗୀତ ବାଦ୍ୟରେ ଆସକ୍ତା ମନୋମୁଗ୍ଧକରୀ ନାରୀ ଦେବାଙ୍ଗନା ଶ୍ରେଣୀରେ ଯାଆନ୍ତି ।।୧୦୧, ୧୦୨।। **ଅସୁରୀ**- ଅଧର୍ମ ଶଠତାରେ ନିରତା, କ୍ରୋଧକୁ ନ ଭୁଲି ମନେ ରଖୁଥିବ, ଅତି ନିଷ୍ଠୁରା, ମଦ୍ୟ ଓ ମାଂସରେ ଅଧିକ ରୁଚି ରଖୁଥିବ, ଅନବରତ ନିଜେ ରାଗୁଥିବ, ଅତ୍ୟନ୍ତ ଅଭିମାନିନୀ, ଚପଳ ସ୍ୱଭାବା, ଅତି ଲୋଭଶୀଳା, ରୁକ୍ଷସ୍ୱଭାବା, (ସ୍ନେହ ନଥିବ) କଳହ ପ୍ରିୟା, ଈର୍ଷାଶୀଳା, ସ୍ନେହ କେବେ କେବେ ଦେଖାଦେଲେ ମଧ୍ୟ ଏହା ଅସ୍ଥିର ଏହି ଚରିତ୍ରର ସ୍ତ୍ରୀମାନେ ଅସୁରୀ ଗଣରେ ଗଣିତ ହୁଅନ୍ତି ।। ୧୦୩, ୧୦୪ ।। **ରାକ୍ଷସୀ ଶ୍ରେଣୀର ନାରୀ** -ଅଙ୍ଗଗୁଡ଼ିକ ବଡ଼ ବଡ଼ ମୋଟାମୋଟା ଓ ଲମ୍ବ, ଲମ୍ବାଲାଲ ଆଖି, ଗଧର ରୋମପରି ଦେହରେ ଲୋମ, ଦିନରେ ଶୋଇବା ଅଭ୍ୟାସ, ଉଚ୍ଚସ୍ୱରରେ କଥା କହନ୍ତି, ନଖ ଓ ଦନ୍ତଦ୍ୱାରା (ପ୍ରିୟର ଅଙ୍ଗରେ) କ୍ଷତ କରନ୍ତି । କ୍ରୋଧ, ଈର୍ଷ୍ୟା ଏବଂ କଳହ ରସିକା, ରାତିରେ ବୁଲିବାକୁ ଭଲ ପାଆନ୍ତି ।।୧୦୭, ୧୦୮ ।।

Digitized by srujanika@gmail.com

ଅଳ୍ପସ୍ୱେଦା ସମରତା ସ୍ୱଳ୍ପଭୁକ୍ ସୁରଭିପ୍ରିୟା ।
ଗାନ୍ଧର୍ବବାଦ୍ୟାଭିରତା ହୃଦ୍ୟାଦେବାଙ୍ଗନା ସ୍ମୃତା ।। ୧୦୨ ।।
ଅଧର୍ମ ଶାଠ୍ୟାଭିରତା ସ୍ଥିରକ୍ରୋଧାହ୍ୱତିନିଷ୍ଠୁରା ।
ମଦ୍ୟମାଂସ ପ୍ରିୟାନିତ୍ୟଂ କୋପନା ଚାତିମାନିନୀ ।। ୧୦୩ ।।
ଚପଳା ଚାତିଲୁବ୍ଧା ଚ ପରୁଷା କଳହପ୍ରିୟା ।
ଈର୍ଷ୍ୟାଶୀଳା ଚଳସ୍ନେହା ଚାସୁରଂ ଶୀଳମାସ୍ଥିତା ।। ୧୦୪ ।।
ଅନେକାରାମଭୋଗ୍ୟାଚ ନଖଦନ୍ତୈଃ ସୁପୁଷ୍ଟିତୈଃ ।
ସ୍ମିତାଭିଭାଷିଣୀ ତନ୍ୱୀ ମନ୍ଦଚାରା ରତିପ୍ରିୟା ।। ୧୦୫ ।।
ଗୀତେ ବାଦ୍ୟେ ଚ ନୃତ୍ତେଚ ନିତ୍ୟଂ ହୃଷ୍ଟା ମୃଜାବତୀ ।
ଗାନ୍ଧର୍ବଶୀଳା ବିଜ୍ଞେୟା ସ୍ନିଗ୍ଧତ୍ୱକ୍ କେଶଲୋଚନା ।। ୧୦୬ ।।
ବୃହଦ୍ ବ୍ୟାୟତ ସର୍ବାଙ୍ଗୀ ରକ୍ତବିସ୍ତୀର୍ଣ୍ଣ ଲୋଚନା ।
ଖର ରୋମା ଦିବା ସ୍ୱପ୍ନ ନିର୍ବୃତାହ୍ୱତ୍ୟୁଚ୍ଚଭାଷିଣୀ ।। ୧୦୭ ।।
ନଖଦନ୍ତ କ୍ଷତକରୀ, କ୍ରୋଧେର୍ଷ୍ୟା କଳହ ପ୍ରିୟା ।
ନିଶା ବିହାରଶୀଳା ଚ ରାକ୍ଷସଂ ସତ୍ତ୍ୱମାଶ୍ରିତା ।। ୧୦୮ ।।
ତୀକ୍ଷ୍ଣ ନାସାଗ୍ରରଦନା ସୁତନୁ ସ୍ତାମ୍ରଲୋଚନା ।
ନୀଳୋତ୍ପଳ ସବର୍ଣ୍ଣା ଚ ସ୍ୱପ୍ନୋଦ୍‌ବେଗାତୀ କୋପନା ।। ୧୦୯ ।।
ତୀର୍ଯ୍ୟଗ୍ ଗତିଶ୍ଚଳାରମ୍ଭା ବହୁଶ୍ୱାସାତିମାନିନୀ
ଗନ୍ଧମାଲ୍ୟାସବରତା ନାଗସତ୍ତ୍ୱାଙ୍ଗନା ସ୍ମୃତା ।। ୧୧୦ ।।

ନାଗାଙ୍ଗନାମାନେ - ନାସାଗ୍ର ଏବଂ ଦନ୍ତ ଅତିତୀକ୍ଷ୍ଣ, ସୁନ୍ଦର ଚେହେରା, ତମ୍ବାଳିଆ ଆଖି, ନୀଳକଇଁ ପରି ଶରୀରବର୍ଣ୍ଣ, ଶୋଇକରି ନିଦରେ ବିଳିବିଳାଇ ଥାଆନ୍ତି, ଅତ୍ୟନ୍ତକୋପନା, ବଙ୍କେଇ ବଙ୍କେଇ ଚାଲନ୍ତି, ଖୁବ୍ ଶୀଘ୍ର କାର୍ଯ୍ୟ ଆରମ୍ଭ କରନ୍ତି ମାତ୍ର ଶେଷଯାଏ ସ୍ଥିର ରହନ୍ତି ନାହିଁ । ଅଧିକ ଶ୍ୱାସ ପକାନ୍ତି କିମ୍ବା ସଶବ୍ଦ ଶ୍ୱାସ ନିଅନ୍ତି, ଅତି ଗର୍ବିଣୀ, ଚନ୍ଦନ, ମାଲ୍ୟ ଓ ମଦ୍ୟରେ ଏମାନଙ୍କର ଆସକ୍ତି ଥାଏ ।। ୧୦୯, ୧୧୦ ।। **ବିହଙ୍ଗିନୀ ପ୍ରକୃତିର ନାରୀ** - ଟିକିଏ ଅଧିକ ଚିରାପାଟି, ତୀକ୍ଷ୍ଣ ଚରିତ୍ର (ଚାଣ୍ଟ), ନଦୀପ୍ରିୟା ମଦ୍ୟ ଓ କ୍ଷୀର ଉଭୟରେ ସମାନ ଆସକ୍ତି, ବହୁ ସନ୍ତାନବତୀ, ଫଳଭୋଜନପ୍ରିୟା, ସର୍ବଦା ଅଧିକ ନିଶ୍ୱାସ ନେଉଥିବେ, ଉଦ୍ୟାନ ଏବଂ ବନରେ ଅଧିକ ସଉକି, ଚଞ୍ଚଳା (ଅସ୍ଥିରା) ବେଶି କଥା କହୁଥିବେ, ଶୀଘ୍ର କ୍ରିୟାଶୀଳା ଅଟନ୍ତି ।। ୧୧୧, ୧୧୨ ।। **ପିଶାଚୀ ପ୍ରକୃତିର ନାରୀ** - ହାତରେ ଅଳ୍ପ ବା ଅଧିକ ଆଙ୍ଗୁଳିଥିବ, ରାତିରେ ଘର ପାଖ ବଗିଚାରେ ବୁଲୁଥିବେ ।

Digitized by srujanika@gmail.com

ଅତ୍ୟନ୍ତ ବ୍ୟାବୃତାସ୍ୟା ଚ ତୀକ୍ଷ୍ଣଶୀଳା ସରିଦ୍‌ପ୍ରିୟା ।
ସୁରାସବକ୍ଷୀରରତା ବହ୍ୱପତ୍ୟା ଫଳପ୍ରିୟା ।। ୧୧୧ ।।
ନିତ୍ୟଂ ଶ୍ୱସନଶୀଳା ଚ ସଦୋଦ୍ୟାନବନପ୍ରିୟା ।
ଚପଳା ବହୁବାକ୍ ଶୀଘ୍ରା ଶାକୁନଂ ସତ୍ତ୍ୱମାଶ୍ରିତା ।। ୧୧୨ ।।
ଊନାଧିକାଙ୍ଗୁଳିକରା ରାତ୍ରୌ ନିଷ୍କୁଟଚାରିଣୀ ।
ବାଳୋଦ୍‌ବେଜନ ଶୀଳା ଚ ପିଶୁନା କ୍ଳିଷ୍ଟଭାଷିଣୀ ।। ୧୧୩ ।।
ସୁରତେଷ୍ୱୀହିତାଚାରା ରୋମଶାଙ୍ଗୀ ମହାସ୍ୱନା ।
ପିଶାଚ ସତ୍ତ୍ୱା ବିଜ୍ଞେୟା ମଦ୍ୟମାଂସାସବ ପ୍ରିୟା ।। ୧୧୪ ।।
ସ୍ୱପ୍ନ ପ୍ରସ୍ୱେଦନାଙ୍ଗୀ ଚ ସ୍ଥିରଶଯ୍ୟାସନ ପ୍ରିୟା ।
ମେଧାବିନୀ ତୁ ମୃଦ୍ୱଙ୍ଗୀ ମଦ୍ୟଗନ୍ଧାମିଷପ୍ରିୟା ।। ୧୧୫ ।।
ଚିରଦୃଷ୍ଟେ ତୁ ହର୍ଷଂଚ କୃତଜ୍ଞତ୍ୱାଦୁପୈତି ଯା ।
ଅଦୀର୍ଘଶାୟିନୀ ଚୈବ ଜ୍ଞେୟା ଯକ୍ଷାନୁୟାଙ୍ଗନା ।। ୧୧୬ ।।
ତୁଲ୍ୟମାନାବମାନା ଯା ପରୁଷତ୍ୱକ୍ ଖରସ୍ୱନା ।
ଶଠାଦ୍ଧନୃତୋଦ୍ଧତକଥା ବ୍ୟାଳସତ୍ତ୍ୱାଥ ପିଙ୍ଗଦୃକ୍ ।। ୧୧୭ ।।
ଆର୍ଜ୍ଜବାଭିରତା ନିତ୍ୟଂ ଦକ୍ଷା କ୍ଷାନ୍ତିଗୁଣାନ୍ୱିତା ।
ବିଭକ୍ତାଙ୍ଗୀ କୃତଜ୍ଞା ଚ ଗୁରୁଦେବାର୍ଚ୍ଚନେ ରତା ।। ୧୧୮ ।।
ଧର୍ମକାମାର୍ଥ ନିତ୍ୟାଚ ଅହଂକାରବିବର୍ଜ୍ଜିତା ।
ସୁହୃଦ୍‌ପ୍ରିୟା ସୁଶୀଳା ଚ ମାନୁଷଂ ସତ୍ତ୍ୱମାଶ୍ରିତା ।। ୧୧୯ ।।

(ନିଷ୍କୁଟ- ଘର ପାଖ ଉପବନ) ପିଲାଙ୍କୁ ଚିଡ଼ାଚି ଓ ପିଲାମାନେ ଯାହାଙ୍କୁ ଦେଖିଲେ ଚିଡ଼ନ୍ତି ଓ ଡରନ୍ତି । ନିଷ୍ଠୁର ପ୍ରକୃତି, କଥାସରଳ ଭାବରେ ନକହି ବଙ୍କା ଟେଢ଼ା କହନ୍ତି, ସୁରତକ୍ରିୟାରେ ସହଯୋଗ ନକରି ଦାୟରେ ପଡ଼ିଲା ଭଳି ବ୍ୟବହାର କରନ୍ତି । ଲୋମଶ ଶରୀର, ବଡ଼ପାଟି (ଉଚ୍ଚ ଅଣ୍ଡିରାସ୍ୱର) ମଦ୍ୟ ମାଂସ ଓ ଆସବରେ ଅଧିକ ଆଗ୍ରହବତୀ ହୋଇଥା'ନ୍ତି ।। ୧୧୩, ୧୧୪ ।। **ଯକ୍ଷିଣୀ ପ୍ରକୃତିର ନାରୀ**- ନିଦ୍ରିତ ଅବସ୍ଥାରେ ଝାଳବୋହି ଓଦା ହୋଇଯାଆନ୍ତି, କଠିନ ଶଯ୍ୟା ଓ ଆସନକୁ ଭଲ ପାଆନ୍ତି । ମେଧାବିନୀ, କୋମଳାଙ୍ଗୀ, ଶରୀରର ଗନ୍ଧ ମଦ୍ୟପରି, ଆମିଷ ପ୍ରିୟା ବହୁ ଦିନ ପରେ ଦେଖାହେଲେ କୃତଜ୍ଞତା ଦେଖାଇ ସ୍ୱାଗତ କରିଥାନ୍ତି ଓ ଖୁସି ହୁଅନ୍ତି । ଅଧିକ ଶୁଅନ୍ତି ନାହିଁ ।। ୧୧୫, ୧୧୬ ।। **ସର୍ପଚରିତ୍ର** - ମାନ ଓ ଅପମାନରେ ସମାନ, ରୁକ୍ଷଚର୍ମ, (ସାପକାତିପରି) (ଚେଁ ଚେଁ) ଖରସ୍ୱନା, ଶଠ (ଠକିବା) ପ୍ରକୃତି । ମିଛ ଓ ଟାଇଁ ଟାଇଁ କଥା, ଚକ୍ଷୁ ପିଙ୍ଗଳବର୍ଣ୍ଣ ।। ୧୧୭ ।। ମାନବୀ -ନିଜର ସରଳ ସ୍ୱଭାବ ଓ ସରଳତାକୁ ଭଲପାଏ, କାର୍ଯ୍ୟକୁଶଳା, କ୍ଷମାମୟୀ, ଯେଉଁ ଅଂଗ ଯେଉଁପରି ହେବା ଉଚିତ ଠିକ ସେହିପରି । କୃତଜ୍ଞା (ଅନ୍ୟର ଉପକାରକୁ ମନେ ରଖେ) ଗୁରୁଜନ ଦେବତା ପ୍ରଭୃତିଙ୍କୁ ଭକ୍ତି

Digitized by srujanika@gmail.com

ବାନରୀ -ସଂହତାଙ୍ଗତନୁ ଧୃଷ୍ଟା ପିଙ୍ଗରୋମା ଫଳପ୍ରିୟା ।
ପ୍ରଗଳ୍ଭା ଚପଳା ତୀକ୍ଷ୍ଣା ବୃକ୍ଷାରାମବନପ୍ରିୟା ।। ୧୨୦ ।।
ସ୍ୱଳ୍ପମପ୍ୟୁକାରଂ ତୁ ନିତ୍ୟଂ ଯା ବହୁ ମନ୍ୟତେ ।
ପ୍ରସହ୍ୟରତିଶୀଳା ଚ ବାନରଂ ସତ୍ତ୍ୱମାଶ୍ରିତା ।। ୧୨୧ ।।
ହସ୍ତିନୀ - ମହାହନୁଲଲାଟା ଚ ମାଂସଳୋପଚୟାନ୍ୱିତା
ପିଙ୍ଗାକ୍ଷୀ ରୋମଶାଙ୍ଗୀ ଚ ଗନ୍ଧମାଲ୍ୟାସବ ପ୍ରିୟା ।। ୧୨୨ ।।
କୋପନା ସ୍ଥିର ସତ୍ତ୍ୱା ଚ ଜଳୋଦ୍ୟାନବନପ୍ରିୟା ।
ମଧୁରାଭିରତା ଚୈବ ହସ୍ତିସତ୍ତ୍ୱା ରତିପ୍ରିୟା ।। ୧୨୩ ।।
ମୃଗୀ - ସ୍ୱଳ୍ପୋଦରୀ ମଗ୍ନନାସା ତନୁଜଂଘା ବନପ୍ରିୟା ।
ରକ୍ତବିସ୍ତୀର୍ଣ୍ଣନୟନା ଚପଳା ଶୀଘ୍ରଗାମିନୀ ।। ୧୨୪ ।।
ଦିବା ତ୍ରାସପରା ଭୀରୁ ର୍ଗୀତବାଦ୍ୟରତିପ୍ରିୟା ।
କୋପନାଦ୍ୱସ୍ଥିରସତ୍ତ୍ୱାଚ ମୃଗସତ୍ତ୍ୱାଙ୍ଗନା ସ୍ମୃତା ।। ୧୨୫ ।।
ମୀନା- ଦୀର୍ଘ ପୀନୋନ୍ନତୋରସ୍କା ଚପଳା ନିର୍ନିମେଷିଣୀ ।
ବହୁଭୃତ୍ୟା ବହୁସୁତା ମତ୍ସ୍ୟସତ୍ତ୍ୱା ଜଳପ୍ରିୟା ।। ୧୨୬ ।।
ଉଷ୍ଟ୍ରୀ- ଲମ୍ବୋଷ୍ଠୀ ସ୍ୱେଦ ବହୁଳା କିଞ୍ଚିଦ୍ ବିକଟ ଗାମିନୀ ।
କୃଶୋଦରୀ ଫୁଲ୍ଲଫଳ ଲବଣାମ୍ଳକଟୁପ୍ରିୟା ।। ୧୨୭ ।।
ଉଦ୍ବଦ୍ଧକଟିପାର୍ଶ୍ୱାଚ ଖରନିଷ୍ଠୁରଭାଷିଣୀ ।
ଅଭ୍ୟୁନ୍ନତଖରଗ୍ରୀବା - ଉଷ୍ଟ୍ରସତ୍ତ୍ୱାଟବୀ ପ୍ରିୟା ।। ୧୨୮ ।।

ଓ ସେବାକରେ, ଧର୍ମ କାମ ଓ ଅର୍ଥରେ ସର୍ବଦା ସମାନ ଧାରଣା ରଖେ, ନିରହଙ୍କାର, ବନ୍ଧୁସ୍ନେହୀ, ଉତ୍ତମ ବ୍ୟବହାର ଶୀଳା, ଏହି ପ୍ରକୃତିର ନାରୀ ମାନବୀ ।। ୧୧୮, ୧୧୯ ।। **ବାନରୀ ସ୍ୱଭାବର ନାରୀମାନେ** - ବଳି ହୋଇଥିବା କ୍ଷୁଦ୍ର ଶରୀର ବିଶିଷ୍ଟା । ଧୃଷ୍ଟା, ପିଙ୍ଗଳବର୍ଣ୍ଣର ରୋମଯୁକ୍ତା । ଫଳ ଲୋଲୁପା, ପ୍ରଗଳ୍ଭା, ଚଞ୍ଚଳ ସ୍ୱଭାବା, ତୀକ୍ଷ୍ଣା (ଚାଇଁ) ବୃକ୍ଷ ଉପବନ ଓ ବନପ୍ରିୟା, ସାମାନ୍ୟ କିଛି ଉପକାର ପାଇଲେ ବହୁତ ହେଲା ବୋଲି ଭାବନ୍ତି ଓ ବରାବର ମନେ ରଖନ୍ତି ଏବଂ ବଳାତ୍କାର ରତିକୁ ଭଲ ପା'ନ୍ତି ।। ୧୨୦, ୧୨୧ ।। **ହସ୍ତିନୀ ସ୍ୱଭାବା** - ବଡ଼କପୋଳ, ପ୍ରଶସ୍ତ ଲଲାଟ, ଦେହ ମାଂସଳ, ପିଙ୍ଗଳନେତ୍ର, ଲୋମଶ ଶରୀର ଚନ୍ଦନ ମାଲ୍ୟ ଏବଂ ଆସବରେ ଆସକ୍ତା, କୋପନା, ବଳ ଓ ପ୍ରାଣଶକ୍ତି ସ୍ଥିର, ଜଳ ଉଦ୍ୟାନ ଏବଂ ଉପବନବିହାରିଣୀ, ମଧୁର ରସରେ ବିଶେଷ ଆସକ୍ତି ଓ ରତିପ୍ରିୟା ହୋଇଥାନ୍ତି ।। ୧୨୩ ।। **ହରିଣୀସ୍ୱଭାବଶୀଳା** -କୃଶୋଦରୀ, ଚେପେଟା ନାକୀ, ଗୋଡ଼ ନଳ ନଳ । ବନକୁ ଭଲ ପା'ନ୍ତି । ରକ୍ତବର୍ଣ୍ଣର ବିଶାଳଲୋଚନ, ଚପଳ ସ୍ୱଭାବା, ବେଗଗାମିନୀ, ଦିନରେ ଡର ଲାଗେ, ଭୟଶୀଳ ସ୍ୱଭାବା, ଗୀତ ବାଦ୍ୟ ଏବଂ ରତିରେ ଆସକ୍ତା, କୋପନା ଓ ଅସ୍ଥିର ସ୍ୱଭାବା ଅଟନ୍ତି ।। ୧୨୪,୧୨୫ ।।

Digitized by srujanika@gmail.com

ମକରୀ-ସ୍ଥୂଳଶୀର୍ଷା ସ୍ଥିରଗ୍ରୀବା, ବାରିତାସ୍ୟା ମହାସ୍ୱନା ।
ଜ୍ଞେୟା ମକର ସତ୍ତ୍ୱାଚ କ୍ରୂରା ମତ୍ସ୍ୟଗୁଣୈର୍ଯୁତା ॥ ୧୨୯ ॥
ଗର୍ଦ୍ଧଭୀ-ସ୍ଥୂଳଜିହ୍ୱୋଷ୍ଠଦଶନା, ରୁକ୍ଷତ୍ୱକ୍ କଟୁଭାଷିଣୀ ।
ରତି ଯୁଦ୍ଧକରୀ ଧୃଷ୍ଟା ନଖଦନ୍ତକ୍ଷତ ପ୍ରିୟା ॥ ୧୩୦ ॥
ସପତ୍ନୀଦ୍ୱେଷିଣୀ ଦକ୍ଷାଦ୍ଧଚପଳାଦ୍ଧଶୀଘ୍ରଗାମିନୀ ।
ସରୋଷା ବହ୍ୱପତ୍ୟା ଚ ଖରସତ୍ତ୍ୱା ପ୍ରକୀର୍ତ୍ତିତା ॥ ୧୩୧ ॥
ଶୂକରୀ-ଦୀର୍ଘପୃଷ୍ଠୋଦରମୁଖୀ ରୋମଶାଙ୍ଗୀ ବଳାନ୍ୱିତା ।
ସୁସଂକ୍ଷିପ୍ତ ଲଲାଟା ଚ କନ୍ଦମୂଳ ଫଳପ୍ରିୟା ॥ ୧୩୨ ॥
କୃଷ୍ଣା ଦନ୍ତୋତ୍କଟମୁଖୀ ପୀବରୋରୁଂଶିରୋରୁହା ।
ହୀନାଚାରା ବହ୍ୱପତ୍ୟା ଶୌକରଂ ସତ୍ତ୍ୱମାସ୍ଥିତା ॥ ୧୩୩ ॥
ଘୋଟକୀ-ସ୍ଥିରା ବିଭକ୍ତ ପାର୍ଶ୍ୱୋରୁକଟିପୃଷ୍ଠଶିରୋଧରା ।
ସୁଭଗା ଦାନଶୀଳା ଚ ଋଜୁସ୍ଥୂଳ ଶିରୋରୁହା ॥ ୧୩୪ ॥
କୃଶା ଚପଳଚିତ୍ତା ଚ ତୀକ୍ଷ୍ଣବାକ୍ ଶୀଘ୍ରଗାମିନୀ ।
କାମକ୍ରୋଧପରା ଚୈବ ହୟସତ୍ତ୍ୱାଙ୍ଗନା ସ୍ମୃତା ॥ ୧୩୫ ॥
ମହିଷୀ-ସ୍ଥୂଳ ପୃଷ୍ଠାସ୍ଥିଦଶନା ତନୁପାର୍ଶ୍ୱୋଦରା ସ୍ଥିରା ।
ହରିରୋମାଞ୍ଚିତା ରୌଦ୍ର ଲୋକଦ୍ୱିଷ୍ଟା ରତିପ୍ରିୟା ॥ ୧୩୬ ॥
ବୃହଲ୍ଲଲାଟା ସୁଶ୍ରୋଣୀ ମାହିଷଂ ସତ୍ତ୍ୱମାସ୍ଥିତା ॥ ୧୩୭ ॥

ମୀନାଙ୍ଗନା -ମତ୍ସ୍ୟସ୍ୱଭାବର ନାରୀମାନେ ଦୀର୍ଘ ପୀବର ଏବଂ ଉନ୍ନତ ବକ୍ଷୋଜବତୀ, ଚପଳା ଅଛ ନିମେଷପାତ ସ୍ୱଭାବା, ଜଳ ପ୍ରିୟା ଓ ବହୁ ସନ୍ତାନ ତଥା ଦାସଦାସୀ ବେଷ୍ଟିତା ॥ ୧୨୬ ॥
ଉଷ୍ଟ୍ରାଙ୍ଗନା - ଓଟଚରିତ୍ରର ମହିଳାଗଣଙ୍କର ଓଠ ଲମ୍ବା, ଅଧିକ ସ୍ୱେଦ ବୁହେ । ଡିପେଇ ଡିପେଇ ଚାଲନ୍ତି । କୃଶୋଦରୀ ଫୁଲ, ଫଳ, ଲବଣ, ଅମ୍ଳ ଓ କଟୁ ରସ ପ୍ରିୟା । କଟି ଓ ପାର୍ଶ୍ୱ ଉପରକୁ ପୋଛିନେଲାପରି, ରୁକ୍ଷ ସ୍ୱରରେ ବାଧିଲାଭଳି କଥାବାର୍ତ୍ତା କରନ୍ତି । ଗ୍ରୀବା ଉପରକୁ ଟେକିହୋଇ ରହିଥାଏ ॥ ୧୨୭, ୧୨୮ ॥
ମକର ପ୍ରକୃତିର ନାରୀ - ମସ୍ତକଟି ବଡ଼, ବେକଟିକିଏ ମୋଟା, ଚିରାବଡ଼ପାଟି, ଦୀର୍ଘସ୍ୱର, ନିଷ୍ଠୁରା ଅନ୍ୟାନ୍ୟ ମତ୍ସ୍ୟଗୁଣରେ ପରିପୂର୍ଣ୍ଣ ଅଟନ୍ତି ॥ ୧୨୯ ॥
ଗର୍ଦ୍ଦଭ ପ୍ରକୃତିର ନାରୀ - ଜିହ୍ୱା ଓଷ୍ଠ ଓ ଦାନ୍ତ ମୋଟାମୋଟା, ଚର୍ମ ରୁକ୍ଷ, କଟୁଭାଷିଣୀ, ରତିକ୍ରିୟାରେ ଯୁଦ୍ଧ କରନ୍ତି (ସ୍ୱାମୀ ସହିତ ସମାନ ଭାବରେ ବଳ ପ୍ରୟୋଗ ଓ ପୁରୁଷାୟିତ ଇତ୍ୟାଦି) ଧୃଷ୍ଟା, ରତି କ୍ରିୟାରେ କାମୁଡ଼ା ରାମୁଡ଼ା ଇତ୍ୟାଦିକୁ ଭଲପା'ନ୍ତି । ସପତ୍ନୀ ଓ ଯାଆମାନଙ୍କ ପ୍ରତି ଦ୍ୱେଷଶୀଳା, କର୍ମକୁଶଳା, ଧୀରସ୍ଥିର, ମଠଗାମିନୀ ବା ଥିରିପାଦୀ, କୋପନା, ବହୁ ସନ୍ତାନବତୀ, ଅଟନ୍ତି ॥ ୧୩୦, ୧୩୧ ॥

Digitized by srujanika@gmail.com

ଛାଗୀ- କୃଶା ତନୁଭୁଜୋରସ୍କା ନିଷ୍କଶ୍ୱେତରଲୋଚନା ।
ସଂକ୍ଷିପ୍ତପାଣିପାଦା ଚ ସୂକ୍ଷ୍ମରୋମସମାଚିତା ।। ୧୩୮ ।।
ଭୟଶୀଳା ଜଳୋଦ୍‌ବିଗ୍ନା ବହ୍ୱପତ୍ୟା ବନପ୍ରିୟା ।
ଚଞ୍ଚଳା ଶୀଘ୍ରଗମନା ହ୍ୟଜାଶୀଳାଙ୍ଗନା ସ୍ମୃତ ।। ୧୩୯ ।।

କୁକ୍କୁରୀ -ଉଦ୍‌ବୃଦ୍ଧପାତ୍ର ନୟନା ବିଜୃୟଣ ପରାୟଣା ।
ଦୀର୍ଘାକ୍ଷବଦନା ସ୍ୱଳ୍ପପାଣିପାଦବିଭୂଷଣା ।। ୧୪୦ ।।
ଉଚ୍ଚୈଃସ୍ୱନା ସ୍ୱଳ୍ପନିଦ୍ରା କ୍ରୋଧନା ବହୁଭାଷିଣୀ ।
ହୀନାଚାରା କୃତଜ୍ଞା ଚ ସା ଶ୍ୱଶୀଳା ପ୍ରକୀର୍ତ୍ତିତା ।। ୧୪୧ ।।

ଧେନୁଃ- ପୃଥୁପୀନୋନ୍ନତଶ୍ରୋଣୀ ତନୁଜଂଘା ସୁହୃତ୍‌ପ୍ରିୟା ।
ସଂକ୍ଷିପ୍ତପାଣିପାଦା ଚ ଦୃଢ଼ାରମ୍ଭା ପ୍ରଜାହିତା ।। ୧୪୨ ।।
ପିତୃଦେବାର୍ଚ୍ଚନରତା ନିତ୍ୟଶୌଚା ଗୁରୁପ୍ରିୟା ।
ସ୍ଥିରା ପରିକ୍ଳେଶସହା ଗବାଂ ସତ୍ତ୍ୱଂ ସମାଶ୍ରିତା ।। ୧୪୩ ।।

ନାରୀଂ ପ୍ରତି ଆଚରଣମ୍-ନାନାଶୀଳାଃ ସ୍ତ୍ରିୟୋ ଜ୍ଞେୟାଃ ସ୍ୱଂ ସ୍ୱଂ ସତ୍ତ୍ୱଂ ସମାଶ୍ରିତାଃ ।
ବିଜ୍ଞାୟ ଚ ଯଥା ସତ୍ତ୍ୱମ୍ ଉପସର୍ପେଦ୍ ତୁ ତାଃ ବୁଧଃ ।। ୧୪୪ ।।

ବରାହ ସ୍ୱଭାବ-ପୃଷ୍ଠ, ଉଦର ଓ ମୁଖ ଲମ୍ବା, ଲୋମଶ ଶରୀର, ସବଳା, ଲଲାଟ ନିହାତି ଛୋଟ, ମୂଳ ଜାତୀୟ ଖାଦ୍ୟରେ ଅଧିକ ରୁଚି, କୃଷ୍ଣବର୍ଣ୍ଣା, ଦାନ୍ତ ପଦାକୁ ବାହାରିଥାଏ, ଯାହାକି ଅସୁନ୍ଦର ଦିଶେ, ମୋଟା ଏବଂ ବହଳ କେଶ ପାଶ, ଅଶୁଦ୍ଧ ଆଚାର, ବହୁ ସନ୍ତାନବତୀ ଅଟନ୍ତି ।।୧୩୨,୧୩୩।। **ଅଶ୍ୱପ୍ରକୃତିର ନାରୀ -** ସ୍ଥିରଚିତ୍ତା, ପାର୍ଶ୍ୱ ଉରୁ କଟି ପୃଷ୍ଠ ଏବଂ କଣ୍ଠ ଯଥାରୀତିରେ ଗଠିତ । ସୁନ୍ଦରୀ, ଦାନଶୀଳା, ପତଳା କିନ୍ତୁ ବହଳ କେଶପାଶ, ପତଳା ଶରୀର, କ୍ଷଣକ୍ଷଣକେ ମତ ପରିବର୍ତ୍ତନ କରନ୍ତି, ଟାଇଁ ଟାଇଁ ବାଧିଲାଭଳି କଥା, ବେଗଗତି, କାମ ଓ କ୍ରୋଧ ଏମାନଙ୍କର ଅଧିକ ଅଟେ ।। ୧୩୪, ୧୩୫ ।। **ମହିଷସ୍ୱଭାବା -** ପୃଷ୍ଠାସ୍ଥି ଏବଂ ଦଶନ ସ୍ଥୂଳ, ପାର୍ଶ୍ୱ ଏବଂ ଉଦର ସଂକ୍ଷିପ୍ତ, ଅଳସ, ପିଙ୍ଗଳ ବର୍ଣ୍ଣ ରୋମରାଜି, ଭୀଷଣ ପ୍ରକୃତି, ମଣିଷ ଗୁଡାକ ଭଲ ଲାଗନ୍ତି ନାହିଁ । ସୁରତରେ ଅଧିକ ଆସକ୍ତି । ମୁଖରଗଠନ ଉପରମୁହାଁ, ଜଳକ୍ରୀଡ଼ା ଏବଂ ବନଭ୍ରମଣରେ ଅଧିକ ରୁଚି, ପ୍ରଶସ୍ତ ଲଲାଟ, ନିତମ୍ବ ଅତିରମଣୀୟ, ଅଟନ୍ତି ।। ୧୩୬, ୧୩୭ ।। **ଛାଗ ସ୍ୱଭାବା-**ପତଳା ଶରୀର, ବାହୁ ଓ ବକ୍ଷୋଜ କ୍ଷୀଣ, ଛନ ଛନ ଚାହାଣୀ, ପାଦ ଓ ହସ୍ତ ସରୁ ସରୁ, ଶରୀରର ରୋମ ପତଳା, ଭୟଶୀଳା, ଜଳୋଦ୍‌ବିଗ୍ନା, ବହୁ ସନ୍ତାନବତୀ, ଅରଣ୍ୟ ପ୍ରିୟା, ଚଞ୍ଚଳା, ଶୀଘ୍ରଗାମିନୀ, ଏହିପରି ନାରୀ ଅଜା ଚରିତ୍ରା ଅଟନ୍ତି ।। ୧୩୮, ୧୩୯ ।। **ଶ୍ୱାନସ୍ୱଭାବା-** ଶରୀର ଓ ନେତ୍ର ସର୍ବଦା ପ୍ରସ୍ଫୁଟ ରହିଥିବ, ଅଧିକ ଜୃମ୍ଭାବତୀ (ହାଇ ମାରୁଥିବେ) ଲମ୍ବା ଓ ସରୁଆ ମୁହଁ, ସରୁସରୁ ହାତଗୋଡ଼ । ଅଳଙ୍କାର ମଧ୍ୟ ଅଳ୍ପ ବ୍ୟବହାର କରୁଥିବେ, ଉଚ୍ଚସ୍ୱର, ସ୍ୱଳ୍ପ ନିଦ୍ରାବତୀ, କୋପଶୀଳା, ବହୁଭାଷିଣୀ, ଅପରିଷ୍କାର ଓ ଅପବିତ୍ର ଆଚାର, କୃତଜ୍ଞା, (ଉପକାର ମନେ ରଖେ) ଏହିପରି ନାରୀ ଶ୍ୱାନ ପ୍ରକୃତିର ଅଟନ୍ତି ।।୧୪୦,୧୪୧ ।।

Digitized by srujanika@gmail.com

ଉପଚାରୋ ଯଥା ସତ୍ତ୍ୱଂ ସ୍ତ୍ରୀଣାମଳ୍ପୋଽପି ହର୍ଷଦଃ ।
ମହାନପ୍ୟନ୍ୟଥା ଯୁକ୍ତୋ ନୈବ ତୁଷ୍ଟିକରୋ ଭବେତ୍ ।। ୧୪୫ ।।
ଯଥା ସଂପ୍ରାର୍ଥିତାବାପ୍ତ୍ୟା ରତିଃ ସମୁପଜାୟତେ ।
ସ୍ତ୍ରୀପୁଂସୟୋଶ୍ଚ ରତ୍ୟର୍ଥମ୍ ଉପଚାରୋ ବିଧୀୟତେ ।। ୧୪୬ ।।
ଧର୍ମାର୍ଥଂ ହି ତପଶ୍ଚର୍ଯ୍ୟା ସୁଖାର୍ଥଂ ଧର୍ମ ଇଷ୍ୟତେ ।
ସୁଖସ୍ୟ ମୂଳଂ ପ୍ରମଦାଃ ତାସୁ ସମ୍ଭୋଗ ଇଷ୍ୟତେ ।। ୧୪୭ ।।
କାମୋପଚାରୋ ଦ୍ୱିବିଧୋ ନାଟ୍ୟଧର୍ମେ ବିଧୀୟତେ ।
ବାହ୍ୟଶ୍ଚାଭ୍ୟନ୍ତର ଶ୍ଚୈବ ନାରୀପୁରୁଷସମ୍ଭବଃ ।। ୧୪୮ ।।
ଆଭ୍ୟନ୍ତରଃ ପାର୍ଥିବାନାଂ ସ ଚ କାର୍ଯ୍ୟସ୍ତୁ ନାଟକେ ।
ବାହ୍ୟୋ ବେଶ୍ୟାକୃତଶ୍ଚୈବ ସତୁ ପ୍ରକରଣେ ଭବେତ୍ ।। ୧୪୯ ।।
ତତ୍ର ରାଜୋପଭୋଗନ୍ତୁ ବ୍ୟାଖ୍ୟାସ୍ୟାମ୍ୟନୁପୂର୍ବଶଃ ।
ଉପଚାରବିଧିଂ ସମ୍ୟକ୍ କାମତନ୍ତ୍ରସମୁତ୍ଥିତମ୍ ।। ୧୫୦ ।।

ନାରୀ ଶ୍ରେଣୀତ୍ରୟମ୍-ତ୍ରିବିଧା ପ୍ରକୃତିଃ ସ୍ତ୍ରୀଣାଂ ନାନାସତ୍ତ୍ୱସମୁଦ୍ଭବା ।
ବାହ୍ୟା ଚାଭ୍ୟନ୍ତରା ଚୈବ ସ୍ୟାଦ୍ ବାହ୍ୟାଭ୍ୟନ୍ତରାଽପରା ।। ୧୫୧ ।।

ଧେନୁ ଚରିତ୍ରା- ବହଳ ଓ ପୀବର ନିତମ୍ବ, ଜଂଘା ହ୍ରସ୍ୱ, ବନ୍ଧୁସ୍ନେହୀ, ହସ୍ତ ପାଦ ଯଥୋଚିତ, କର୍ତ୍ତବ୍ୟରେ ଦୃଢ଼, ସନ୍ତାନ ତଥା ପରିବାର ସଭ୍ୟମାନଙ୍କ ହିତକାରିଣୀ, ପିତୃଦେବତାଭକ୍ତିମତୀ, ସର୍ବଦା ପବିତ୍ର ଆଚାର ଓ ସ୍ୱଭାବଶୀଳା, ଗୁରୁଜନମାନଙ୍କର ପ୍ରିୟା (ପସନ୍ଦ) ଅଚଞ୍ଚଳା, ଦୁଃଖ ସହିବା ଭଳି ଧୈର୍ଯ୍ୟବତୀ ଗୋଚରିତ୍ର ଅଟନ୍ତି ।। ୧୪୨, ୧୪୩ ।।

ନାରୀମାନଙ୍କ ପ୍ରତି ଆଚରଣ-ସ୍ତ୍ରୀମାନେ ନାନା ଚରିତ୍ରର ବୋଲି ଜାଣିବ । ନିଜ ନିଜ ପ୍ରାଣିପ୍ରକୃତିକୁ ଆଶ୍ରୟ କରି ଥାଆନ୍ତି । ସେହି ଜୀବ ଚରିତ୍ରକୁ ଓ ଲକ୍ଷଣକୁ ସ୍ୱଭାବ ସହିତ ଏହି ଲକ୍ଷଣ ଅନୁଯାୟୀ ମିଳାଇ ବୁଦ୍ଧିମାନ୍ ଲୋକ ସେମାନଙ୍କ ସହିତ ମିଶିବ । ନିଜ ସଙ୍କୋଚିତ ବ୍ୟବହାର ନ କଲେ ସେମାନେ ତୁଷ୍ଟ ତ ହେବେ ନାହିଁ ବରଂ ରୁଷ୍ଟ ହେବେ ।। ୧୪୪ ।। ପ୍ରାଣୀର ପ୍ରାଣ ପ୍ରବୃତ୍ତି ଅନୁଯାୟୀ ଅଳ୍ପ ଉପଚାର ହେଲେ ମଧ୍ୟ ସ୍ତ୍ରୀମାନଙ୍କର ଆନନ୍ଦ ଦାୟକ ହୋଇଥାଏ । ଅନ୍ୟ ପ୍ରକାର ଯେତେ ବହୁତ ଉପଚାର କଲେ ମଧ୍ୟ ଏହା ସନ୍ତୋଷଦାୟକ ହୋଇନଥାଏ । ଯଥା-ଆମିଷାଶିନୀ ପାଇଁ ସାମାନ୍ୟ ମାଛଟିଏଟି ସ୍ଥାନରେ ଅମାପ ଘିଅ ଦହି ମିଠା ଆଣି ଦେଲେ ଅଧିକ ଖର୍ଚ୍ଚ ବା କଷ୍ଟ ହେଲେ ମଧ୍ୟ ସେହି ମାତ୍ରାର ଖୁସିକରି ପାରେ ନାହିଁ । ଇତ୍ୟାଦି ।। ୧୪୫ ।। ଆକାଂକ୍ଷିତ ବସ୍ତୁଟି ପାଇଗଲେ ଯେପରି ମନ ଖୁସିରେ ପ୍ରୀତି ଜାତ ହେବ, ସ୍ତ୍ରୀ ଏବଂ ପୁରୁଷର ରତି ପାଇଁ ସେହିପରି ଉପଚାର ବ୍ୟବସ୍ଥା କରିବା ଉଚିତ । ୧୪୬ ।। ଧର୍ମ ଅର୍ଜନ ପାଇଁ ତପସ୍ୟା କରାଯାଏ । ଧର୍ମ ସୁଖ ଲାଭ ପାଇଁ ଅପେକ୍ଷିତ । ସୁଖର ମୂଳ କିନ୍ତୁ ନାରୀ । ସେମାନଙ୍କର ସମ୍ଭୋଗ ଏଣୁ ଅଭିପ୍ରେତ ଅଟେ ।। ୧୪୭ ।।

Digitized by srujanika@gmail.com

କୁଳୀନାଭ୍ୟନ୍ତରା ଜ୍ଞେୟା ବାହ୍ୟା ବେଶ୍ୟାଙ୍ଗନା ସ୍ମୃତା ।
କୃତଶୌଚା ଚ ଯା ନାରୀ ସାବାହ୍ୟାଭ୍ୟନ୍ତରା ସ୍ମୃତା ॥ ୧୫୨ ॥
ଅନ୍ତଃପୁରୋପଚାରେ ତୁ କୁଳଜା କନ୍ୟକାପିବା ।
ନହି ରାଜୋପଚାରେ ତୁ ବାହ୍ୟସ୍ତ୍ରୀଭୋଗ ଇଷ୍ୟତେ ॥ ୧୫୩ ॥
ଆଭ୍ୟନ୍ତରୋ ଭବେଦ୍ରାଜ୍ଞୋ ବାହ୍ୟୋ ବାହ୍ୟଜନସ୍ୟ ବା ।
ଦିବ୍ୟବେଶ୍ୟାଙ୍ଗନାନାଂ ହି ରାଜ୍ଞୋ ଭବତି ସଙ୍ଗମଃ ॥ ୧୫୪ ॥
କୁଳଜାକାମିତଂ ଯଚ୍ଚ ତଜ୍ଜ୍ଞେୟଂ କନ୍ୟକାସ୍ୱପି ।
ଯା ଚାପି ବେଶ୍ୟା ସାଦ୍ଧପ୍ୟତ୍ର ଯଥୈବ କୁଳଜାସ୍ତଥା ॥ ୧୫୫ ॥

କାମସ୍ୟ ଉତ୍ପତ୍ତିଃ-ଇହ କାମ ସମୁତ୍ପତ୍ତି ର୍ନାନାବୀଜସମୁଦ୍ଭବା ।
ସ୍ତ୍ରୀଣାଂ ବା ପୁରୁଷାଣାଂ ବା ଉତ୍ତମାଧମମଧ୍ୟମା ॥ ୧୫୬ ॥
ଶ୍ରବଣାଦ୍ ଦର୍ଶନାଦ୍ ରୂପାଦଙ୍ଗଲୀଳାବିଚେଷ୍ଟିତୈଃ ।
ମଧୁରୈଃ ସଂପ୍ରଳାପୈଶ୍ଚ କାମଃ ସମୁପଜାୟତେ ॥ ୧୫୭ ॥
ରୂପଗୁଣାଦିସଂଯୁକ୍ତଂ କଳାବିଜ୍ଞାନ ଯୌବନୋପେତମ୍ ।
ଦୃଷ୍ଟ୍ୱା ପୁରୁଷବିଶେଷଂ ନାରୀ ମଦନାତୁରା ଭବତି ॥ ୧୫୮ ॥

ନାଟ୍ୟ ଜଗତରେ ଦୁଇ ପ୍ରକାର କାମ ଉପଚାର ବିଧାନ କରାଯାଇଅଛି । ବାହ୍ୟ ଏବଂ ଆଭ୍ୟନ୍ତର । ଯାହାକି ନାରୀ ଓ ପୁରୁଷ କର୍ତ୍ତୃକ ସମ୍ଭବ (ଅଭିନୀତ) ହୋଇଥାଏ ॥୧୪୮ ॥ ଆଭ୍ୟନ୍ତର କାମୋପଚାର କେବଳ ନାଟକରେ ରାଜାଦି ପାତ୍ର ବା ନାୟକ ଦ୍ୱାରା ପ୍ରଦର୍ଶିତ କରାଯାଏ । ବାହ୍ୟ ଉପଚାର ବେଶ୍ୟାକୃତ । ଏହା କେବଳ ପ୍ରକରଣରେ ହେବ (ନାଟକରେ ହେବ ନାହିଁ) ॥ ୧୪୯ ॥ ସେହି ପ୍ରସଙ୍ଗରେ ଯଥାକ୍ରମେ ରାଜୋପଭୋଗ ବିଷୟ ମୁଁ ବ୍ୟାଖ୍ୟା କରିବି । ଯାହା କି କାମତନ୍ତ୍ରରେ କୁହାଯାଇଥିବା ଉପଚାର ବିଧି ଅଟେ ॥ ୧୫୦ ॥ ନାନାପ୍ରାଣୀ ଚରିତ୍ରବତୀ ନାରୀଙ୍କର ମଧ୍ୟ ପ୍ରକୃତି ବାହ୍ୟା, ଆଭ୍ୟନ୍ତରା, ବାହ୍ୟାଭ୍ୟନ୍ତରା ଏହିପରି ତିନି ପ୍ରକାର ଅଟେ ॥୧୫୧॥ ବଂଶଜା ନାରୀକୁ ଆଭ୍ୟନ୍ତରା ବୋଲି ଜାଣିବ । ବେଶ୍ୟାଙ୍ଗନା ବାହ୍ୟା । ଯେଉଁ ନାରୀର ଆଚରଣ ଇତ୍ୟାଦି ପରୀକ୍ଷା କରାଯାଇଥିବ ସେ ବାହ୍ୟାଭ୍ୟନ୍ତରା ବୋଲି ଜାଣିବ ॥୧୫୨॥ କୁଳନାରୀ ବା କୁମାରୀ ରାଜ ଅନ୍ତଃପୁରରେ ଉପଚାର ଯୋଗ୍ୟା । (ଉପଚାର-ପୂଜାଦି ପାଇଁ ଦ୍ରବ୍ୟ ଯୋଗାଇବା, ରାଣୀ ବା ରାଜଜେମାଙ୍କ ସଖୀ, ତାମ୍ବୁଳ ଚାମର ସେବା ଇତ୍ୟାଦି ଇତ୍ୟାଦି) ରାଜ ପରିବାର ମଧ୍ୟରେ ବାହ୍ୟସ୍ତ୍ରୀ ଉପଚାର ଅଭୀପ୍ସିତ ନୁହେଁ ॥ ୧୫୩ ॥ ରାଜାମାନଙ୍କର ଆଭ୍ୟନ୍ତର ଏବଂ ବାହ୍ୟ ବା ସାଧାରଣ ନାଗରିକ କ୍ଷେତ୍ରରେ ବାହ୍ୟନାରୀ ଉପଚାର ହୋଇପାରେ । ଅପ୍ସରାମାନଙ୍କ ସହିତ ରାଜାଙ୍କ ମିଳନ ବର୍ଣ୍ଣନା କରାଯାଇପାରେ ॥୧୫୪॥ କୁଳାଙ୍ଗନାମାନଙ୍କର ପ୍ରେମର ରୀତି ବା ପଦ୍ଧତି କନ୍ୟକା କ୍ଷେତ୍ରରେ ପ୍ରୟୋଗ କରିବ । ନାଟ୍ୟ ପ୍ରୟୋଗରେ ବେଶ୍ୟା ମଧ୍ୟ କୁଳଜାର ପଦ୍ଧତି ଅନୁସରଣ କରିବ ॥ ୧୫୫ ॥

Digitized by srujanika@gmail.com

ତତଃ କାମୟମାନାନାଂ ନୃଣାଂ ସ୍ତ୍ରୀଣାମଥାପି ଚ ।
କାମ ଭାବେଙ୍ଗିତାନୀହ ତଜ୍‌ଜ୍ଞଃ ସମୁପଲକ୍ଷୟେତ୍ ॥ ୧୫୯ ॥
କାମଲକ୍ଷଣମ୍-ଲଳିତା ଚଳପକ୍ଷ୍ମା ଚ ସାସ୍ରା ମୁକୁଳିତେକ୍ଷଣା ।
ସ୍ରସ୍ତୋତ୍ତରପୁଟା ଚୈବ କାମ୍ୟା ଦୃଷ୍ଟିର୍ଭବେଦିହ ॥ ୧୬୦ ॥
ଫୁଲ୍ଲିତାନ୍ତା ସଲାଳିତ୍ୟସସ୍ମିତୈ ର୍ବ୍ୟଞ୍ଜିତୈଃ ସଦା ।
ଦୃଷ୍ଟିଃ ସା ଲଳିତା ନାମ ସ୍ତ୍ରୀଣାମର୍ଦ୍ଧବିଲୋକନେ ॥ ୧୬୧ ॥
ଈଷତ୍ ସଂରକ୍ତଗଣ୍ଡଶ୍ଚ ସ୍ୱେଦବିନ୍ଦୁ ବିଚିତ୍ରିତଃ ।
ପ୍ରସ୍ପନ୍ଦମାନରୋମାଞ୍ଚୋ ମୁଖରାଗସ୍ତୁ କାମଜଃ ॥ ୧୬୨ ॥
କାମ୍ୟେନାଙ୍ଗବିକାରେଣ ସକଟାକ୍ଷନିରୀକ୍ଷିତୈଃ ।
ତଥାଭରଣସଂସ୍ପର୍ଶାତ୍ କର୍ଣ୍ଣକଣ୍ଡୂୟନାଦପି ॥ ୧୬୩ ॥
ଅଙ୍ଗୁଷ୍ଠାଗ୍ରେଣ ଲିଖନାତ୍ ସ୍ତନନାଭିପ୍ରଦର୍ଶନାତ୍ ।
ନଖନିସ୍ତୋଦନାଚ୍ଚାପି କେଶସଂଯମନାଦପି ॥ ୧୬୪ ॥
ବେଶ୍ୟାମେବଂବିଧୈ ର୍ଭାବୈର୍ଲକ୍ଷୟେନ୍ମଦନାତୁରାମ୍ ।
କୁଳଜାୟାସ୍ତଥା ଚୈବ ବିଜ୍ଞେୟାନୀଙ୍ଗିତାନି ବୈ ॥ ୧୬୫ ॥

ସ୍ତ୍ରୀ ଓ ପୁରୁଷମାନଙ୍କର ବିବିଧ କାରଣକୁ ନେଇ ଉତ୍ତମ ମଧ୍ୟମ ଓ ଅଧମ ତିନି ପ୍ରକାର କାମ ଉତ୍ପତ୍ତି ହୋଇଥାଏ ॥ ୧୫୬ ॥ ରୂପ ଅଙ୍ଗସୌଷ୍ଠବ ଓ ବ୍ୟବହାର ବିଷୟ ଶ୍ରବଣ ବା ଦର୍ଶନଯୋଗୁଁ, ମଧୁର ଆଳାପ ଓ ଚେଷ୍ଟା ଦ୍ୱାରା (ସ୍ତ୍ରୀ ଓ ପୁରୁଷ ଉଭୟଙ୍କର) କାମଭାବ ଉତ୍ପନ୍ନ ହୋଇଥାଏ ॥ ୧୫୭ ॥ ରୂପ ଗୁଣରେ ଭୂଷିତ, କଳା ବିଜ୍ଞାନ ପାଣ୍ଡିତ୍ୟରେ ମଣ୍ଡିତ, ଯୌବନ ଉଦ୍ଦୀପ୍ତ କୌଣସି ପୁରୁଷକୁ ଦେଖିଲେ କାମିନୀ କାମାତୁରା ହୋଇଥା'ନ୍ତି ॥ ୧୫୮ ॥ ତାହାପରେ କାମ୍ୟ ବା କାମ୍ୟାକୁ କାମନା କରୁଥିବା ସ୍ତ୍ରୀ ଓ ପୁରୁଷମାନଙ୍କର କାମ ଭାବ ଓ ଇଙ୍ଗିତମାନ ନାଟ୍ୟବିତ୍ ଯଥାବିଧି ବର୍ଣ୍ଣନା କରିବେ ॥ ୧୫୯ ॥ କାମାବସ୍ଥାରେ ନାରୀ ବ୍ୟବହାର ସୁନ୍ଦର ଓ କୋମଳ ହୁଏ । ଆଖିପତା ଚଞ୍ଚଳ ହୋଇଥାଏ । କାମ୍ୟ ସହିତ ଆଳାପବେଳେ ଆଖି ଛଳ ଛଳ, କେବେ ପୁଣି ମୋଟେ ପତା ପଡ଼େ ନାହିଁ । ଛାତି ଭିତର ଫୁଲି ଉଠିଥାଏ ଲାଳିତ୍ୟ ସ୍ମିତ ଦ୍ୱାରା ମନର ଭାବ ବ୍ୟକ୍ତ ହୋଇପଡ଼େ । ଆଡ ଚାହାଣିରେ ଚାହୁଁ ଥାଆନ୍ତି । ଏହିପରି ଦୃଷ୍ଟିକୁ ଲଳିତାଦୃଷ୍ଟି କୁହାଯାଏ ॥ ୧୬୧ ॥ ଝାଳେଇ ଆସୁଥିବା ଗାଲ ନାଲି ପଡ଼ିଯାଏ । ଦେହ ଶୀତେଇ ଶୀତେଇ ଲୋମ ଟାଙ୍କୁରି ଉଠିଥାଏ । ଏହିପରି ମୁଖରାଗକୁ କାମଜ ବୋଲି ଜାଣିବ ॥ ୧୬୨ ॥ ଏହିପରି କାମଜ ଅଙ୍ଗ ବିକାର ଦ୍ୱାରା କଟାକ୍ଷ ଦୃଷ୍ଟିପାତ, ଅଳଙ୍କାରମାନଙ୍କର ସ୍ପର୍ଶ, କର୍ଣ୍ଣ କଣ୍ଡୂୟନ, ପାଦର ଅଙ୍ଗୁଷ୍ଠ ଦ୍ୱାରା ଭୂମିଲିଖନ,

Digitized by srujanika@gmail.com

ପ୍ରହସନ୍ତୀବ ନେତ୍ରାଭ୍ୟାଂ ପ୍ରତତଂ ଚ ନିରୀକ୍ଷତେ ।
ସ୍ମୟତେ ଚ ନିଗୂଢ଼ଂତୁ ବାକ୍ୟଂ ଚାଧୋମୁଖୀ ବଦେତ୍ ॥ ୧୬୬ ॥
ସ୍ମିତୋତ୍ତରା ମନ୍ଦବାକ୍ୟା ସ୍ୱେଦାକାର ନିଗୂହନା ।
ପ୍ରସ୍ପନ୍ଦିତାଧରାଚୈବ ଚକିତା ଚ କୁଳାଙ୍ଗନା ॥ ୧୬୭ ॥
ଏବଂବିଧୈଃ କାମଲିଙ୍ଗୈଃ ଅପ୍ରାପ୍ତସୁରତୋତ୍ସବା ।
ଦଶାବସ୍ଥାଗତଂ କାମଂ ନାନାଭାବୈଃ ପ୍ରକାଶୟେତ୍ ॥ ୧୬୮ ॥

ଦଶକାମଦଶାଃ-ପ୍ରଥମେ ତ୍ୱଭିଳାଷଃ ସ୍ୟାତ୍ ଦ୍ୱିତୀୟେ ଚିନ୍ତନଂ ଭବେତ୍ ।
ଅନୁସ୍ମୃତିଃ ତୃତୀୟେତୁ ଚତୁର୍ଥେ ଗୁଣକୀର୍ତ୍ତନମ୍ ॥ ୧୬୯ ॥
ଉଦ୍‌ବେଗଃ ପଞ୍ଚମେ ପ୍ରୋକ୍ତୋ ବିଳାପଃ ଷଷ୍ଠ ଉଚ୍ୟତେ ।
ଉନ୍ମାଦଃ ସପ୍ତମେ ଜ୍ଞେୟଃ ଭବେଦ୍ ବ୍ୟାଧିସ୍ତଥାଷ୍ଟମେ ॥ ୧୭୦ ॥
ନବମେ ଜଡ଼ତା ପ୍ରୋକ୍ତା ଦଶମେ ମରଣଂ ଭବେତ୍ ।
ସ୍ତ୍ରୀପୁଂସୟୋରେଷବିଧିଃ ଲକ୍ଷଣଂ ଚ ନିବୋଧତ ॥ ୧୭୧ ॥
ବ୍ୟବସାୟାଦ୍ ସମାରବ୍ଧଃ ସଙ୍କଳ୍ପେଚ୍ଛା ସମୁଦ୍‌ଭବଃ ।
ସମାଗମୋପାୟକୃତଃ ସୋଽଭିଳାଷଃ ପ୍ରକୀର୍ତ୍ତିତଃ ॥ ୧୭୨ ॥

ସ୍ତନ ଓ ନାଭିର ପ୍ରଦର୍ଶନ ଦୁଇ ହାତ ଏକାଠି କରି ଆଙ୍ଗୁଳିରୁ ନଖ ଛିଡାଇବା, କେଶଗ୍ରନ୍ଥି ଫିଟାଇ ପୁଣି ବାନ୍ଧିବା, ଏହିପରି ଲକ୍ଷଣ ଯୁଭାବସ୍ଥାର ବେଶ୍ୟାକୁ ମଦନାତୁରା ବୋଲି ଜାଣିବ । କୁଳଜାମାନଙ୍କର ମଧ୍ୟ କାମାର୍ତ୍ତାବସ୍ଥାର ଇଙ୍ଗିତମାନ ଜାଣିବା ଉଚିତ ॥ ୧୬୨-୧୬୫ ॥ ହସ ହସ ନୟନରେ ବହୁ ସମୟ ଚାହେଁ, ଗୋପନରେ ମଧୁର ହସେ, ତଳକୁ ମୁହଁ କରି କଥା କହେ, ହସି ହସି କଥାର ଉତ୍ତର ଦିଏ । ଅଳପ କହେ । ଘର୍ମାଭାବସ୍ଥା ଅନୁଭବ କଲେ ଲୁଚାଉଥାଏ । ଓଠ ଥରି ଉଠେ । ଟିକିଏ ଛନ ଛନିଆ ଚାହେଁ । ଏହି ସମସ୍ତ କୁଳାଙ୍ଗନାର କାମ ଉପଚାର ପ୍ରକାଶର ମାର୍ଗ ॥ ୧୬୬, ୧୬୭ ॥ ଏହିପରି କାମୋପଚାର ଚିହ୍ନଦ୍ୱାରା ସୁରତ ଉତ୍ସବ ପାଇ ନ ପାରିଲେ ନିମ୍ନର ଦଶଟି କାମଦଶାର ପ୍ରୟୋଗ କରାଯିବ ॥ ୧୬୮ ॥ (ବର୍ଣ୍ଣନା) ପ୍ରଥମରେ ଅଭିଳାଷ ଅର୍ଥାତ୍ କାମନା, ଦ୍ୱିତୀୟରେ ଚିନ୍ତନ, ତୃତୀୟରେ ସ୍ମରଣ, ଚତୁର୍ଥରେ ଗୁଣ କୀର୍ତ୍ତନ, ପଞ୍ଚମରେ ଉଦ୍‌ବେଗ, ଷଷ୍ଠରେ ବିଳାପ, ଉନ୍ମାଦ ସପ୍ତମ, ବ୍ୟାଧି ଅଷ୍ଟମ, ନବମରେ ଜଡ଼ତା, ଦଶମରେ ମରଣ, ସ୍ତ୍ରୀ ଏବଂ ପୁରୁଷ ଉଭୟଙ୍କର ଏହି ଦଶଟି କାମଦଶା ହୋଇଥାଏ । ସେମାନଙ୍କର ଲକ୍ଷଣ ଏବେ ମନେରଖ ॥ ୧୬୯, ୧୭୧ ॥ ଚେଷ୍ଟାରୁ ଅଭିଳାଷ ଜନ୍ମଲାଭ କରେ । ସଙ୍କଳ୍ପ ଓ ଇଚ୍ଛାଦ୍ୱାରା ଏହା ପ୍ରକାଶ ବା ଅନୁଭବଯୋଗ୍ୟ ହୋଇଥାଏ । ଏଣୁ ଏହି ଅଭିଳାଷ ସଂଗମର ଉପାୟ ବୋଲି କୁହାଯାଇଥାଏ ॥ ୧୭୨ ॥

Digitized by srujanika@gmail.com

ନିର୍ଯାତି ବିଶତି ଚ ମୁହୁଃ କରୋତି ଚାକାରମେବ ମଦନସ୍ୟ ।
ତିଷ୍ଠତି ଚ ଦର୍ଶନପଥେ ପ୍ରଥମସ୍ଥାନେ ସ୍ଥିତା କାମେ ॥ ୧୭୩ ॥
କେନୋପାୟେନ ସଂପ୍ରାପ୍ତିଃ କଥଂ ବା ସମ୍ଭବେନ୍ମମ ।
ଦୂତୀ ନିବେଦିତୈ ର୍ବାକ୍ୟୈ ରିତି ଚିନ୍ତାଂ ବିନିର୍ଦ୍ଦିଶେତ୍ ॥ ୧୭୪ ॥
ଆକେକରାକ୍ଷି ବିପ୍ରେକ୍ଷିତାନି ବଳୟରଶନାପରାମର୍ଶଃ ।
ନୀବୀନାଭ୍ୟୂରୂଣାଂ ସ୍ପର୍ଶଃ କାର୍ଯ୍ୟୋଦ୍ୱିତୀୟେ ତୁ ॥ ୧୭୫ ॥
ମୁହୁର୍ମୁହୁ ର୍ନିଃଶ୍ୱସିତୈ ର୍ମନୋରଥ ବିଚିନ୍ତନୈଃ ।
ପ୍ରଦ୍ୱେଷ ସ୍ତ୍ୱନ୍ୟ କାର୍ଯ୍ୟାଣାମନୁସ୍ମୃତି ରୁଦାହୃତା ॥ ୧୭୬ ॥
ନୈବାସନେ ନ ଶୟନେ ଧୃତିମୁପଲଭତେ ସ୍ୱକର୍ମଣି ବିହସ୍ତା ।
ତଚ୍ଚିନ୍ତୋପଗତତ୍ୱାଦ୍ ତୃତୀୟମେବଂ ପ୍ରଯୁଞ୍ଜୀତ ॥ ୧୭୭ ॥
ଅଙ୍ଗ ପ୍ରତ୍ୟଙ୍ଗ ଲୀଳାଭିର୍ବାକ୍ ଚେଷ୍ଟା ହସିତେକ୍ଷିତୈଃ ।
ନାସ୍ତ୍ୟନ୍ୟଃ ସଦୃଶ ସ୍ତେନେତ୍ୟେତତ୍ ସ୍ୟାଦ୍ ଗୁଣକୀର୍ତ୍ତନମ୍ ॥ ୧୭୮ ॥
ଗୁଣକୀର୍ତ୍ତନୋଲ୍ଲସନୈ ରଶ୍ରୁସ୍ୱେଦାପମାର୍ଜନୈଶ୍ଚାପି ।
ଦୂତ୍ୟବିରହବିସ୍ରମ୍ଭୈ ରଭିନୟଯୋଗ ଶ୍ଚତୁର୍ଥେ ତୁ ॥ ୧୭୯ ॥

ପ୍ରଥମ କାମଦଶା (ଅଭିଳାଷ) ଅବସ୍ଥାରେ (ପାତ୍ର ବା ଅଭିନେତା) ଲୋକଟି ଟିକିଏ ବାହାରକୁ ଯାଉଥାଏ ପୁଣି ଭିତରକୁ ଫେରିଆସେ । ବାରମ୍ବାର କାମାର୍ତ୍ତର ସ୍ୱରୂପ ଧାରଣ କରେ । ଆକାଂକ୍ଷିତ ଜନର ଦୃଷ୍ଟିଗୋଚର ହେବା ଭଳି ସ୍ଥାନରେ ରହିଥାଏ ॥ ୧୭୩ ॥ କିପରି ତାହାକୁ ପାଇବି ! କିଭଳି ବା ସେ ମିଳିବ ? ଏହିପରି ଦୂତୀକୁ କହୁଥିବା କଥା ଦ୍ୱାରା ଚିନ୍ତାକୁ ଅଭିନୟ କରାଯିବ ॥ ୧୭୪ ॥ ଏହି ଅବସ୍ଥାରେ ଅର୍ଦ୍ଧନିମୀଳିତ ଦୃଷ୍ଟିପାତ, ବଳୟ ଓ କଟି ମେଖଳାକୁ ଏପାଖ ସେପାଖ କରିବା, ନୀବୀ (ଖୋସଣୀ) ନାଭି ଓ ଉରୁସ୍ପର୍ଶ କରାଯାଇଥାଏ ॥ ୧୭୫ ॥ ବାରମ୍ବାର ନିଶ୍ୱାସ ତ୍ୟାଗ, ସେଇ ବ୍ୟକ୍ତିଟି (ସ୍ତ୍ରୀ ବା ପୁରୁଷ) ବିଷୟରେ ଚିନ୍ତାକରିବା, ଅନ୍ୟ ଯେ କୌଣସି କାର୍ଯ୍ୟପ୍ରତି ବିରକ୍ତଭାବ ପ୍ରକାଶ କରିବା ଅନୁସ୍ମୃତିର ଲକ୍ଷଣ ॥ ୧୭୬ ॥ ଏହି ତୃତୀୟ ଅବସ୍ଥାରେ ତା'ରି ଚିନ୍ତାକୁ ଖାଲି ଘାରି ହେଉଥିବା ବେଳେ ଶୋଇଲେ କି ବସିଲେ ଟିକିଏ ବି ଶାନ୍ତି ମିଳେ ନାହିଁ କି ଧୈର୍ଯ୍ୟ ରହେ ନାହିଁ । କୌଣସି କାମକୁ ହାତ ଯାଏ ନାହିଁ । ଏହିପରି ଏହି ଦଶାକୁ ଉପସ୍ଥାପିତ କରିବ ॥ ୧୭୭ ॥ ତା ଅଙ୍ଗ ପ୍ରତ୍ୟଙ୍ଗର ଠାଣିମାଣି (ଲୀଳା) ! କଥା କହିବାର ଭଙ୍ଗୀ ! କାମ କରିବା ଶୈଳୀ ! କି ହସ ! କି ଚାହାଣି ! ସଂସାରରେ ଯା ତୁଳନା ନାହିଁ । ଏହିପରି ଅନୁଭୂତିର ଅଭିନୟ ଗୁଣକୀର୍ତ୍ତନ ବୋଲି ଜାଣିବ ॥ ୧୭୮ ॥ ଗୁଣକୀର୍ତ୍ତନ ବେଳେ ଦେହ ଉଲ୍ଲସି ଉଠୁଥିବ, କେବେ ଅଶ୍ରୁପାତ ତ କେବେ ସ୍ୱେଦ ଦେଖାଦେଲେ ପୋଛି ପକାଉଥିବ । ଏକୁଟିଆ ବେଳେ ଦୂତୀ ସହିତ ତା'ରି ମିଳନ ବିଷୟରେ ଆଳାପକୁ ଗୁଣକୀର୍ତ୍ତନ ମଧ୍ୟରେ ଅଭିନୟ କରିବ ॥ ୧୭୯ ॥

Digitized by srujanika@gmail.com

ଆସନେ ଶୟନେ ଚାପି ନ ତୃଷ୍ୟତି ନ ହୃଷ୍ୟତି
ନିତ୍ୟମେବୋତ୍ସୁକା ଯସ୍ମାଦ୍ ଉଦ୍‌ବେଗସ୍ଥାନମେବତତ୍ ॥ ୧୮୦ ॥
ଚିନ୍ତା ନିଃଶ୍ୱାସ ସ୍ୱେଦୈଶ୍ଚ ହୃଦ୍‌ଦାହାଭିନୟେନ ଚ ।
ତଦେବ କୁର୍ଯ୍ୟାଦତ୍ୟନ୍ତ ମୁଦ୍‌ବେଗାଭିନୟେନ ଚ ॥ ୧୮୧ ॥
ଇହାସ୍ଥିତ ଇହାସୀନ ଇହ ଚୋପଗତୋମୟା ।
ଇତି ତୈସ୍ତୈଃ ବିଲପିତୈ ର୍ବିଳାପଂ ସଂପ୍ରୟୋଜୟେତ୍ ॥ ୧୮୨ ॥
ଉଦ୍‌ବିଗ୍ନାତ୍ୟର୍ଥ ମୌତ୍ସୁକ୍ୟାଦ୍ ଅରତ୍ୟା ଚ ବିଳାପିନୀ ।
ଇତସ୍ତତଶ୍ଚ ଭ୍ରମତି ବିଳାପସ୍ଥାନମାଶ୍ରିତା ॥ ୧୮୩ ॥
ତତ୍‌ସଂଶ୍ରିତାଂ କଥାଂ ଯୁଂକ୍ତେ ସର୍ବାବସ୍ଥାଗତା ପି ହିଁ ।
ପ୍ରଦ୍ୱେଷ୍ଟି ଚାପରାନ୍ ପୁଂସଃ ଯତ୍ରୋନ୍ମାଦଃ ସଉଚ୍ୟତେ ॥ ୧୮୪ ॥
ତିଷ୍ଠତ୍ୟନିମିଷଦୃଷ୍ଟି ର୍ଦୀର୍ଘଂ ନିଃଶ୍ୱସିତି ଗଚ୍ଛତି ଧ୍ୟାନମ୍ ।
ରୋଦିତି ବିରହକାଳେ ନାଟ୍ୟମିଦଂ ସ୍ୟାଦ୍ ତଥୋନ୍ମାଦେ ॥ ୧୮୫ ॥
ସମଦନାର୍ଥସମ୍ଭୋଗୈଃ କାମ୍ୟୈଃ ସଂପ୍ରୋକ୍ଷଣୈରପି ।
ସର୍ବେ ରବଶୀକରଣାଦ୍ ବ୍ୟାଧିଃ ସମୁପଜାୟତେ ॥ ୧୮୬ ॥

ଶୋଇଲେ କି ବସିଲେ କୋଉଥିରେ ତାର ସନ୍ତୋଷ ନାହିଁ ବା ଖୁସି ବି ନାହିଁ । ସବୁ ସମୟରେ କେବଳ ଉତ୍ସୁକ ଭାବ । ଏହାକୁ ଉଦ୍‌ବେଗ ବୋଲି ଜାଣିବ ॥ ୧୮୦ ॥ ଚିନ୍ତା, ଦୀର୍ଘ ବିଶ୍ୱାସ, ସ୍ୱେଦ, ଛାତିରେ ଯନ୍ତ୍ରଣା ଅନୁଭବ, ଅତ୍ୟନ୍ତ, ଉଦ୍‌ବେଗ ଦେଖାଇବା ଉଦ୍ଦେଶ୍ୟରେ ଏହି ସବୁ ଅଭିନୟ କରାଯିବ ॥ ୧୮୧ ॥ ଏହିଠାରେ ଠିଆ ହୋଇଥିଲେ । ଏଇଠି ବସିଥିଲେ । ଏଇଠି ତ ମୋ ସହିତ ମିଶି କଥା ହେଉଥିଲେ । ଏହିପରି କହି କହି କାନ୍ଦି ବିଳାପର ପ୍ରୟୋଗ କରିବ ॥ ୧୮୨ ॥ ଅତ୍ୟନ୍ତ ଉତ୍ସୁକତାବଶତଃ ଉଦ୍‌ବିଗ୍ନା ହୋଇ ଏବଂ ମିଳନର ଅଭାବଯୋଗୁଁ ବିଳାପ କରି ଇଆଡ଼େ ସିଆଡ଼େ ବୁଲିବା ଦ୍ୱାରା ବିଳାପକୁ ପ୍ରକଟିତ କରାଯିବ ॥ ୧୮୩ ॥ କେବଳ ତାଙ୍କରି କଥା ହିଁ ଆରମ୍ଭ କରିବ । ଯେକୌଣସି ଅବସ୍ଥା ବା ସ୍ଥଳରେ ସେହି ଜଣଙ୍କର ଚିନ୍ତା । ଅନ୍ୟ ପୁରୁଷ ବା ଅନ୍ୟ ପୁରୁଷର ପ୍ରସଙ୍ଗ ପଡ଼ିଲେ ଚିଡ଼ୁଥିବ । ଏହିପରି ସ୍ଥିତିକୁ ଉନ୍ମାଦ କୁହାଯାଏ ॥ ୧୮୪ ॥ ଜଳ ଜଳ ଚାହିଁଥିବ, ପତା ପଡୁ ନଥିବ ଆଖିରେ । ମଝିରେ ମଝିରେ ଦୀର୍ଘ ନିଃଶ୍ୱାସ ପକାଉଥିବ । ଯୋଗୀ ଧ୍ୟାନ କଲାପରି ଧ୍ୟାନ କରୁଥିବ । ବିରହ ସମୟରେ କାନ୍ଦୁଥିବ । ଏହି ସମସ୍ତ ଦୃଶ୍ୟ ଉନ୍ମାଦ ଅବସ୍ଥାରେ ନାଟ୍ୟରେ କରାଯିବ ॥ ୧୮୫ ॥ ଆକାଂକ୍ଷିତ କାମ ବିଷୟକ ସମ୍ଭୋଗଦ୍ୱାରା ବା ଶୀତଳ ଉପଚାର ଦ୍ୱାରା ଯେବେ ବଶୀକରଣ ସମ୍ଭବ ହୋଇ ନପାରେ ସେହି ସମୟରେ ବ୍ୟାଧି (ରୋଗ)ଜାତ ହୁଏ ॥ ୧୮୬ ॥

Digitized by srujanika@gmail.com

ମୁହ୍ୟତି ହୃଦୟଂ କ୍ୱାପି ପ୍ରୟାତି ଶିରସଶ୍ଚ ବେଦନା ତୀବ୍ରା
ନ ଧୃତିଂ ଚାପ୍ୟୁପଲଭତେ ହ୍ୟଷ୍ଟମମେବଂ ପ୍ରଯୁଞ୍ଜୀତ ॥ ୧୮୭ ॥
ପୃଷ୍ଟା ନ କିଞ୍ଚିଦ୍ ପ୍ରବ୍ରୂତେ ନ ଶୃଣୋତି ନ ପଶ୍ୟତି ।
ତୂଷ୍ଣୀଂ ହା କଷ୍ଟଭଷା ଚ ନଷ୍ଟଚିତ୍ତା ଜଡା ସ୍ମୃତା ॥ ୧୮୮ ॥
ଅକାଣ୍ଡେ ଦତ୍ତହୁଙ୍କାରା ତଥା ପ୍ରଶିଥିଳାଙ୍ଗିକା ।
ଶ୍ୱାସଗ୍ରସ୍ତାନନା ଚୈବ ଜଡତାଭିନୟେ ଭବେତ୍ ॥ ୧୮୯ ॥
ସର୍ବୈଃ କୃତୈଃ ପ୍ରତୀକାରୈ ର୍ଯଦି ନାସ୍ତି ସମାଗମଃ ।
କାମାଗ୍ନିନା ପ୍ରଦୀପ୍ତାୟା ଜାୟତେ ମରଣଂ ତତଃ ॥ ୧୯୦ ॥
ଏବଂ ସ୍ଥାନାନି କାର୍ଯ୍ୟାଣି କାମତନ୍ତ୍ରଂ ସମୀକ୍ଷ୍ୟତୁ ।
ଅପ୍ରାପ୍ତୌ ଯାନି କାମସ୍ୟ ବର୍ଜ୍ଜୟିତ୍ୱାତୁ ନୈଧନମ୍ ॥ ୧୯୧ ॥
ବିବିଧୈଃ ପୁରୁଷୋଦ୍ଭବୈଃ୍ୟବଂ ବିପ୍ରଲମ୍ଭସମୁଦ୍ଭବୈଃ ।
ଭାବୈରେତାନି କାମସ୍ୟ ନାନାରୂପାଣି ଯୋଜୟେତ୍ ॥ ୧୯୨ ॥
ଏବଂ କାମୟମାନାନାଂ ସ୍ତ୍ରୀଣାଂ ନୃଣାମଥାପି ବା ।
ସାମାନଗୁଣଯୋଗେନ ଯୁଞ୍ଜୀତାଭିନୟଂ ବୁଧଃ ॥ ୧୯୩ ॥

ମୂର୍ଚ୍ଛିତା ହୋଇଯାଏ । ହୃଦୟ କୁଆଡ଼େ ଚାଲିଯାଏ । କିଛି ବି ଭାବିପାରେ ନାହିଁ । ମୁଣ୍ଡ ଭୀଷଣ ବିନ୍ଧେ । ଟିକିଏ ବି ଧୈର୍ଯ୍ୟ ରହି ନଥାଏ । ଏହିପରି ଭାବରେ ଅଷ୍ଟମ ଅବସ୍ଥା (ବ୍ୟାଧି)କୁ ପ୍ରୟୋଗ କରିବ ॥ ୧୮୭ ॥ ପଚାରିଲେ କିଛି ଉତ୍ତର ଦିଏ ନାହିଁ । କିଛି ଶୁଣେ ନାହିଁ ବା ଦେଖେ ନାହିଁ । ଚୁପ୍‌ଚାପ୍ ବସିଥାଏ । କେବେ କେମିତି 'ହାୟ' ବୋଲି ଅତି କଷ୍ଟରେ କହୁଥାଏ । ଏହିପରି ଅକାମୀ ମନଟିକୁ ନେଇ ଅଭିନୟକୁ ଜଡ଼ତା କୁହାଯାଏ ॥୧୮୮॥ ଜଡ଼ତା ଅଭିନୟରେ--ଅସମୟ ଓ ଅସ୍ଥାନରେ ହୁଙ୍କାର ଦେବା, ହାତ ଗୋଡ଼ ଝୋଲା ମାରିଯିବା, ଦୀର୍ଘ ନିଶ୍ୱାସ ପକାଇବା, ପ୍ରଭୃତି ଅଭିନୟରେ ବ୍ୟବହାର କରିବ ॥ ୧୮୯ ॥ ଶୀତଳ ଉପଚାର ହିମଗୃହ ନିବାସ ପ୍ରଭୃତି ପ୍ରତିକାର କଲେ ମଧ୍ୟ ଯଦି ମିଳନ ସେହି ସମୟାବଧିରେ ହୋଇ ନପାରେ ତେବେ ଦୀପ୍ତକନ୍ଦର୍ପ ଅଗ୍ନିରେ ସେ ଭସ୍ମ ହୋଇ ମରିଯାଏ । କିନ୍ତୁ କାମତନ୍ତ୍ରକୁ ଦେଖି (ଶୃଙ୍ଗାର ରସ ପରିବେଷଣ ପାଇଁ ଯେଉଁ କଥାବସ୍ତୁ ହେବ, ତାହାକୁ ଏପରି ସଜାଇବ) ଏହିପରି ସ୍ଥିତି ଆଣିବ, ମିଳନ ଅପ୍ରାପ୍ତିକୁ ଯେପରି ମରଣ ପର୍ଯ୍ୟନ୍ତ ନେବାକୁ ନ ପଡ଼େ ॥ ୧୯୦, ୧୯୧ ॥ ଏହିପରି ବିପ୍ରଲମ୍ଭଜନିତ ବିବିଧ ବିକାର ବର୍ଣ୍ଣନା ବା ଅଭିନୟ ଦ୍ୱାରା ପୁରୁଷାଭିନୟ ମଧ୍ୟ ସାଧିତ ହେବ ॥ ୧୯୨ ॥ ନାଟ୍ୟ ବିଶାରଦ କାମାର୍ତ୍ତ ସ୍ତ୍ରୀ ଓ ପୁରୁଷମାନଙ୍କର ଏହିପରି ପୂର୍ବ ଲିଖିତ ଦଶାମାନଙ୍କର ସାମାନ୍ୟ ଗୁଣମାନ ବ୍ୟବହାର କରି ରଚନା ଓ ଅଭିନୟ ଯୋଗ କରିବେ ॥ ୧୯୩ ॥

Digitized by srujanika@gmail.com

ଚିନ୍ତାନିଃଶ୍ୱାସ ଖେଦେନ ଦେହସ୍ୟାୟାସନେନ ଚ ।
ତଥାନୁଗମନାଚ୍ଚାପି ତଥୈବାଧ୍ୱନିରୀକ୍ଷଣାତ୍ ॥ ୧୯୪ ॥
ଆକାଶ ବୀକ୍ଷଣାଚ୍ଚାପି ତଥା ଦୀନ ପ୍ରଭାଷଣାତ୍ ।
ସ୍ପର୍ଶନାନ୍ ମୋଟନାଚ୍ଚାପି ତଥା ଚୋପାଶ୍ରୟାଶ୍ରୟାତ୍ ॥ ୧୯୫ ॥
ଏଭି ର୍ନାନାଶ୍ରୟୋପ୍ତନ୍ନୈ ର୍ବିପ୍ରଲମ୍ଭସମୁଦ୍‌ଭବୈଃ ।
କାମସ୍ଥାନାନି ସର୍ବାଣି ଭୂୟିଷ୍ଠଂ ସଂପ୍ରୟୋଜୟେତ୍ ॥ ୧୯୬ ॥
କାମାର୍ତ୍ତସ୍ୟ ଜ୍ୱାଳା ନିରସନମ୍ ....
ବାସୋ ଭୂଷଣଗନ୍ଧାଂଶ୍ଚ ଗୃହାଣ୍ୟୁପବନାନି ଚ ।
କାମାଗ୍ନିନା ଦହ୍ୟମାନଃ ଶୀତଳାନି ନିଷେବତେ ॥ ୧୯୭ ॥
ପ୍ରଦହ୍ୟମାନଃ କାମାର୍ତ୍ତୋ ବହୁସ୍ଥାନ ସମର୍ଦ୍ଧିତଃ ।
ପ୍ରେଷୟେତ୍ କାମଦୂତୀଂ ତୁ ସ୍ୱାବସ୍ଥାଦର୍ଶନଂ ପ୍ରତି ॥ ୧୯୮ ॥
ସନ୍ଦେଶଂ ଚୈବ ଦୂତ୍ୟାସ୍ତୁ ପ୍ରଦଦ୍ୟାନ୍ମଦନାଶ୍ରୟମ୍ ।
ତସ୍ୟେୟଂ ସମବସ୍ଥେତି କଥୟେଦ୍ ବିନୟେନ୍ ସା ॥ ୧୯୯ ॥
ଅଥାବେଦିତଭାବାର୍ଥୋ ରତ୍ୟୁପାୟଂ ବିଚିନ୍ତୟେତ୍ ।
ଅୟଂ ବିଧି ର୍ବିଧାନଜ୍ଞୈଃ କାର୍ଯ୍ୟଃ ପ୍ରଚ୍ଛନ୍ନକାମିତେ ॥ ୨୦୦ ॥

ଚିନ୍ତା, ଦୀର୍ଘନିଃଶ୍ୱାସ, ଅବସାଦ, ଶାରୀରିକ ଆୟାସ (ହାଲିଆ) ଏବଂ ପ୍ରିୟକ୍ରିୟାର ଅନୁକରଣ, ବାଟକୁ ଚାହିଁ ରହିବା, ଆକାଶକୁ ଚାହିଁବା, କାତରବଚନ, ଆଉଁଷିବା ବା ଆଉଁଷି ହେବା, ଜିନିଷ ପତ୍ର ଭଙ୍ଗା ଫିଙ୍ଗା କରିବା, ଏଣୁତେଣୁ କାମ ଅନ୍ୟ ମନସ୍କ ଭାବରେ କରିବା, ଏହିପରି ବିଶୃଙ୍ଖଳା ଆଚରଣକୁ ବିବିଧ ଅବସ୍ଥାରେ ବର୍ଣ୍ଣନାକରି ବହୁଳ ଭାବରେ ବିରହ ଅବସ୍ଥାରେ ପ୍ରୟୋଗ କରିବ ॥ ୧୯୪,୯୫,୯୬ ॥ କାମାର୍ତ୍ତ ବ୍ୟକ୍ତି ସୁଖକର ବସ୍ତ୍ର, ସୁନ୍ଦର ଅଳଙ୍କାର, ଚନ୍ଦନଲେପନ, ଶୀତଳ ଗୃହ ଓ ଉପବନ ସବୁ ଉପଭୋଗ କରେ ॥ ୧୯୭ ॥ କାମାର୍ତ୍ତ ଅତିଦହ୍ୟମାନ ଅବସ୍ଥାରେ, (ପୂର୍ବୋକ୍ତ ବର୍ଣ୍ଣନାନୁଯାୟୀ) ବହୁ ଅବସ୍ଥା ଭୋଗ କରେ । ନିଜର ଅବସ୍ଥା ଦେଖିବା ପାଇଁ କାମଦୂତୀକୁ କାନ୍ତ ପାଖକୁ ପଠାଏ ॥ ୧୯୮ ॥ ଦୂତୀଦ୍ୱାରା କନ୍ଦର୍ପଦଶାଜନିତ ଅବସ୍ଥାକୁ ସେ କାନ୍ତକୁ ଜଣାଇଥାଏ । ଦୂତୀ ମଧ୍ୟ ତାଙ୍କ ପାଖକୁ ଯାଇ ବିନୀତ ଭାବରେ "ତା'ର ଏହିପରି ଅବସ୍ଥା" ବୋଲି କହିଥାଏ ॥ ୧୯୯ ॥ ଗୁପ୍ତପ୍ରେମ ସମସ୍ୟାରେ ନାଟ୍ୟବିଧାନବିଦ୍ ଏହିପରି ବ୍ୟବସ୍ଥା କରିବେ । ଯେପରି ଦୂତୀଠାରୁ ଠିକ୍ ଖବର ପାଇଁ ନାୟକ ସବୁ ସମସ୍ୟା ଜାଣି ମିଳନର ଉପାୟ ଚିନ୍ତା କରିବ ॥ ୨୦୦ ॥ ରାଜାଙ୍କର କାମଚର୍ଯ୍ୟାରେ ଆଭ୍ୟନ୍ତର ଉପଚାର ତତ୍ତ୍ୱକୁ ମୁଁ ପୁନରାୟ କହୁଅଛି ॥ ୨୦୧ ॥

Digitized by srujanika@gmail.com

ବିଧିଂ ରାଜୋପଚାରସ୍ୟ ପୁନର୍ବକ୍ଷ୍ୟାମି ତତ୍ତ୍ୱତଃ ।
ଆଭ୍ୟନ୍ତରଗତଂ ସମ୍ୟକ୍ କାମତନ୍ତ୍ରସମୁଦ୍‌ଥିତମ୍ ॥ ୨୦୧ ॥
ସୁଖ ଦୁଃଖ କୃତାନ୍ ଭାବାନ୍ ନାନାଶୀଳସମୁଦ୍‌ଥିତାନ୍ ।
ଯାନ୍ ଯାନ୍ ପ୍ରକୁରୁତେ ରାଜା ତାଂସ୍ତାନ୍ ଲୋକୋଽନୁବର୍ତ୍ତତେ ॥ ୨୦୨ ॥
ନ ଦୁର୍ଲଭା ନୃପାଣାଂତୁ ସ୍ତ୍ରିୟୋ ହ୍ୟାଜ୍ଞାକୃତୋ ଗୁଣାଃ ।
ଦାକ୍ଷିଣ୍ୟାଦ୍ ତୁ ସମୁଦ୍‌ଭୂତଃ କାମୋ ରତିକରୋ ଭବେଦ୍ ॥ ୨୦୩ ॥
ବହୁମାନେନ ଦେବୀନାଂ ବଲ୍ଲଭାନାଂ ଭୟେନ ଚ ।
ପ୍ରଚ୍ଛନ୍ନକାମିତଂ ରାଜ୍ଞଃ କାର୍ଯ୍ୟଂ ପରିଜନଂ ପ୍ରତି ॥ ୨୦୪ ॥
ଯଦ୍ୟପ୍ୟସ୍ତି ନୃପାଣାଂ ତୁ କାମତନ୍ତ୍ରମନେକଧା ।
ପ୍ରଚ୍ଛନ୍ନକାମିତଂ ଯତ୍ତୁ ଦେବୈରତିକରଂ ଭବେଦ୍ ॥ ୨୦୫ ॥
ଯଦ୍‌ବାମାଭିନିବେଶିତ୍ୱଂ ଯତଶ୍ଚୈବ ନିବାର୍ଯ୍ୟତେ ।
ଦୁର୍ଲଭତ୍ୱଂ ଚ ଯନ୍ନାର୍ଯ୍ୟାଃ କାମିନଃ ସା ରତିଃପରା ॥ ୨୦୬ ॥
ରାଜ୍ଞାମନ୍ତଃପୁରଜନେ ଦିବା ସମ୍ଭୋଗ ଇଷ୍ୟତେ ।
ବାସୋପଚାରୋ ଯଶ୍ଚୈବ ସ ରାତ୍ରୌପରିକୀର୍ତ୍ତିତଃ ॥ ୨୦୭ ॥
ବାସକ- ପରିପାଟ୍ୟାଂ ଫଳାର୍ଥେ ବା ନବେ ପ୍ରସବ ଏବବା ।
ଦୁଃଖେ ଚୈବ ପ୍ରମୋଦେ ଚ ଷଡ଼େତେ ବାସକାଃ ସ୍ମୃତାଃ ॥ ୨୦୮ ॥

ରାଜା ନାନା ପ୍ରକାର ଭାବରୁ ଜନ୍ମଲାଭ କରିଥିବା ସୁଖ ଦୁଃଖକୁ ଯେଭଳି ପ୍ରକାଶ କରନ୍ତି, ଲୋକେ (ପ୍ରଜାମାନେ) ସେହିପରି ବ୍ୟବହାର ଅନୁକରଣ କରିଥାଆନ୍ତି ॥ ୨୦୨ ॥ ରାଜାଙ୍କ ପାଇଁ ନାରୀ ଅଭାବ ନୁହନ୍ତି । କାରଣ ରାଜାଙ୍କର ବିବିଧ ଗୁଣ ମଧ୍ୟରେ ଆଜ୍ଞାକାରୀ ଗୁଣ ରହିଛି । ଅର୍ଥାତ୍ ହୁକୁମ କଲେ ନାରୀ ଆସି ପହଞ୍ଚିବେ । କିନ୍ତୁ କ୍ଷମତା ବ୍ୟବହାର କଲେ ପ୍ରୀତି ମଧୁର ହୁଏ ନାହିଁ । ଏହା ସରଳତା ବା ମନକିଣା କଥା । ଏହିପରି ମନ କିଣାକିଣି ହେଲେ ହିଁ ରତି ସୁଖକର ହୋଇଥାଏ ॥ ୨୦୦୩ ॥ ଦେବୀ (ରାଣୀ)ମାନଙ୍କର ଗର୍ବ ଏବଂ ରତିମାନ ଅଧିକ । ଏବଂ କେତେକ କ୍ଷେତ୍ରରେ ରାଜା ଭଲ ପାଉଥିବା ସାଧାରଣ ଅନ୍ତଃପୁର ନାରୀକୁ ଦେବୀମାନଙ୍କଠାରୁ ପ୍ରୋକ୍ତଭୟ ହେତୁ ଲୁଚାଇବାକୁ ପଡ଼େ । ଏବଂ ଯଦି ଭଲ ପାଉଥିବା ନାରୀଟି ବିବାହିତା ତେବେ ତା ସ୍ୱାମୀଙ୍କୁ ମଧ୍ୟ ଭୟ କରିବାକୁ ପଡ଼େ । ଏଣୁ ପରିଜନ ଭିତରେ ଥିବା ସ୍ତ୍ରୀ ପ୍ରତି ରାଜାଙ୍କର ପ୍ରଚ୍ଛନ୍ନକାମିତା କରଣୀୟ ॥୨୦୪॥ ରାଜାମାନଙ୍କ ପାଇଁ କାମତନ୍ତ୍ରରେ ଅନେକ ବ୍ୟବସ୍ଥା ଅଛି, କିନ୍ତୁ ପରିଜନ ପ୍ରତି ପ୍ରଚ୍ଛନ୍ନ କାମିତା ବର୍ଣ୍ଣନୀୟ ଅଟେ । କାରଣ ଏହା ଅତ୍ୟନ୍ତ ରୁଚିକର ॥ ୨୦୫ ॥ ଧରାଦେଉ ନଥିବା ନାୟିକା ପ୍ରତି ଆସକ୍ତି । ଯେଉଁ ନାୟିକା ନାହିଁ ନାହିଁ କରୁଥିବ ତାପ୍ରତି ଅନୁରାଗ, ଅଥବା ଯେଉଁ ପ୍ରଣୟିନୀ ମିଳିବା ଅସମ୍ଭବ, ସେହି ସବୁକ୍ଷେତ୍ରରେ ପ୍ରଣୟିର ପ୍ରଣୟ ବର୍ଣ୍ଣନା ବା ନାୟିକାକୁ ପାଇବାର ପ୍ରକାର (ଢାଳ) ବର୍ଣ୍ଣନା ଅଧିକ ରତିପ୍ରୀତି ପ୍ରଦ ହୋଇଥାଏ ॥୨୦୬॥

Digitized by srujanika@gmail.com

ଉଚିତେ ବାସକେ ସ୍ତ୍ରୀଣାମୃତୁକାଲେଽପି ବା ନୃପୈଃ ।
ଦ୍ୱେଷ୍ୟାଣା ମଥବେଷ୍ଟାନାଂ କର୍ତ୍ତବ୍ୟମୁପସର୍ପଣମ୍ ॥ ୨୦୯ ॥

ନାୟିକାଷ୍ଟ ପ୍ରକାରାଃ–ତତ୍ର ବାସକସଜ୍ଜା ବା ବିରହୋତ୍କଣ୍ଠିତାପି ବା ।
ସ୍ୱାଧୀନ ଭର୍ତ୍ତୃକା ଚାପି କଲହାନ୍ତରିତାପି ବା ॥ ୨୧୦ ॥
ଖଣ୍ଡିତା ବିପ୍ରଲବ୍ଧା ବା ତଥା ପ୍ରୋଷିତଭର୍ତ୍ତୃକା ।
ତଥାଭିସାରିକା ଚୈବ ଇତ୍ୟଷ୍ଟୌ ନାୟିକାଃ ସ୍ମୃତାଃ ॥ ୨୧୧ ॥
ଉଚିତେ ବାସକେ ଯା ତୁ ରତିସମ୍ଭୋଗଲାଳସା ।
ମଣ୍ଡନଂ କୁରୁତେ ହୃଷ୍ଟା ସା ବୈ ବାସକସଜ୍ଜିକା ॥ ୨୧୨ ॥
ଅନେକକାର୍ଯ୍ୟବ୍ୟାସଙ୍ଗାଦ୍ ଯସ୍ୟାନାଗଚ୍ଛତି ପ୍ରିୟଃ ।
ଅନାଗମନଦୁଃଖାର୍ତ୍ତା ବିରହୋତ୍କଣ୍ଠିତା ତୁ ସା ॥ ୨୧୩ ॥
ସୁରତାତିରସୈର୍ବଦ୍ଧୋ ଯସ୍ୟାଃ ପାର୍ଶ୍ୱଗତଃ ପ୍ରିୟଃ ।
ସାନ୍ଦ୍ରମୋଦଗୁଣ ସଂଯୁକ୍ତା ଭବେତ୍ ସ୍ୱାଧୀନଭର୍ତ୍ତୃକା ॥ ୨୧୪ ॥
ଈର୍ଷ୍ୟାକଳହ ନିଷ୍କ୍ରାନ୍ତୋ ଯସ୍ୟାନାଗଚ୍ଛତି ପ୍ରିୟଃ ।
ଅମର୍ଷବଶସଂତପ୍ତା କଲହାନ୍ତରିତା ଭବେତ୍ ॥ ୨୧୫ ॥
ବ୍ୟାସଙ୍ଗାଦୁଚିତେ ଯସ୍ୟାଃ ବାସକେ ନାଗତଃ ପ୍ରିୟଃ ।
ତଦନାଗମନାର୍ତ୍ତା ତୁ ଖଣ୍ଡିତେତ୍ୟଭିଧୀୟତେ ॥ ୨୧୬ ॥

ରାଜାମାନଙ୍କ ଅନ୍ତଃପୁର ବର୍ଣ୍ଣନାରେ ଦିବାସମ୍ଭୋଗ ମଧ୍ୟ ଗ୍ରହଣୀୟ । ବିଧିବଦ୍ଧ ଶଯ୍ୟାସନ ଏବଂ ବାସକସଜ୍ଜା ଅଭିସାରିକା ପ୍ରଭୃତିମାନଙ୍କ ରତି ରାତ୍ରିରେ ବର୍ଣ୍ଣନୀୟ ॥ ୨୦୭ ॥ ସଜାଇ ହୋଇ ରହିଥିବା ବାସକସଜ୍ଜା), ସନ୍ତାନକାମିନୀ, ନୂଆହୋଇ ଆସିଥିବା, ପ୍ରସବ ସମୟ, ଦୁଃଖସମୟ ଓ ଆନନ୍ଦ ଉତ୍ସବମୟ ଏହି ଛଅଟି ଅବସ୍ଥାକୁ ବାସକ କୁହାଯାଏ ॥ ୨୦୮ ॥ (ଅନ୍ତଃପୁର ନାରୀମାନଙ୍କର ସବୁସଂବାଦ ପରିଚାରିକା ମାଧ୍ୟମରେ କଞ୍ଚୁକୀ ସଂଗ୍ରହ କରି ରାଜାଙ୍କୁ ପ୍ରତିଦିନ ଦିଅନ୍ତି ।) ଉଚିତବାସକ ଅବସ୍ଥାରେ, ଋତୁ ଚତୁର୍ଥ ଦିନରେ, ରାଜା ସ୍ତ୍ରୀମାନଙ୍କ ସହିତ ନିଶ୍ଚୟ ମିଶିବେ, ସେହି ପତ୍ନୀମାନେ ପ୍ରିୟ ହୁଅନ୍ତୁ ବା ଅପ୍ରିୟ ହୁଅନ୍ତୁ ବିଚାର କରିବେ ନାହିଁ ॥ ୨୦୯ ॥ ଏହି ନାୟିକାମାନେ ବାସକସଜ୍ଜା, ବିରହୋତ୍କଣ୍ଠିତା, ସ୍ୱାଧୀନଭର୍ତ୍ତୃକା, କଳହାନ୍ତରିତା, ଖଣ୍ଡିତା, ବିପ୍ରଲବ୍ଧା, ପ୍ରୋଷିତ ଭର୍ତ୍ତୃତା, ଅଭିସାରିକା, ଅବସ୍ଥା ଭେଦରେ ଆଠ ପ୍ରକାର ॥ ୨୧୦, ୨୧୧ ॥ ଉଚିତ ବାସକ ସମୟରେ (ଋତୁସ୍ନାତା) ରତିସମ୍ଭୋଗ ଆଶାରେ ଶଯ୍ୟା ଓ ଶୟନାଗାର ତଥା ବସନ ଭୂଷଣ ଓ ମଣ୍ଡନକୁ ଯଥାଯଥ ସଜାଇ ଅପେକ୍ଷା କରିଥାଏ ସେ ବାସକସଜ୍ଜା ॥ ୨୧୨ ॥ ସେହି ଦୁଃଖରେ ଦୁଃଖିତାକୁ ବିରହୋତ୍କଣ୍ଠିତା ବା ଉତ୍କଣ୍ଠିତା ମଧ୍ୟ କୁହାଯାଇଥାଏ ॥ ୨୧୩ ॥ ଯାହାର ପ୍ରେମ ଓ ବ୍ୟବହାରରେ ମୁଗ୍ଧ ହୋଇ ପ୍ରିୟ କେବେହେଲେ ପାଖ ଛାଡ଼େ ନାହିଁ, ଅତ୍ୟନ୍ତ ଆମୋଦମୟୀ ଏହି ନାୟିକା ସ୍ୱାଧୀନ ଭର୍ତ୍ତୃକା ॥ ୨୧୪ ॥

Digitized by srujanika@gmail.com

ଯସ୍ୟା ଦୂତୀଂ ପ୍ରିୟଃ ପ୍ରେଷ୍ୟ ଦତ୍ତ୍ୱା ସଙ୍କେତମେବ ବା ।
ନାଗତଃ କାରଣେନେହ ବିପ୍ରଲବ୍ଧା ତୁ ସା ଭବେତ୍ ॥ ୨୧୭ ॥
ଗୁରୁକାର୍ଯ୍ୟାନ୍ତରବଶାଦ୍ ଯସ୍ୟା ବିପ୍ରୋଷିତଃ ପ୍ରିୟଃ ।
ସାରୂଢ଼ାଳକକେଶାନ୍ତା ଭବେତ୍ ପ୍ରୋଷିତଭର୍ତ୍ତୃକା ॥ ୨୧୮ ॥
ହିତ୍ୱା ଲଜ୍ଜାଂତୁ ଯାଶ୍ଳିଷ୍ଟା ମଦେନ ମଦନେନ ବା
ଅଭିସାରୟତେ କାନ୍ତଂ ସା ଭବେଦଭିସାରିକା ॥ ୨୧୯ ॥
ଆସ୍ୱବସ୍ଥାସୁ ବିଜ୍ଞେୟା ନାୟିକା ନାଟକାଶ୍ରୟାଃ ।
ଏତାସାଂ ଚୈବ ବକ୍ଷ୍ୟାମି କାମତନ୍ତ୍ର ମନେକଧା ॥ ୨୨୦ ॥
ଚିନ୍ତାନିଃଶ୍ୱାସଖେଦୈଶ୍ଚ ହୃଦ୍‌ଦାହାଭିନୟେନ ଚ ।
ସଖୀନାଂ ସଂପ୍ରଳାପୈଶ୍ଚ ଆତ୍ମାବସ୍ଥାବଲୋକନୈଃ ॥ ୨୨୧ ॥
ଗ୍ଲାନିଦୈନ୍ୟାଶ୍ରୁପାତୈଶ୍ଚ ରୋଷସ୍ୟାଗମନେନ ଚ ।
ନିର୍ଭୂଷଣାଙ୍ଗୀ ବିମୃଜା ଦୁଃଖେନ ରୁଦିତେନ ଚ ॥ ୨୨୨ ॥
ଖଣ୍ଡିତା ବିପ୍ରଲବ୍ଧା ବା କଳହାନ୍ତରିତାପି ବା ।
ତଥା ପ୍ରୋଷିତକାନ୍ତା ଚ ଭାବୈରେବଂ ପ୍ରୟୋଜୟେତ୍ ॥ ୨୨୩ ॥
ବିଚିତ୍ରୋଜ୍ଜ୍ୱଳବେଶା ଚ ପ୍ରମୋଦୋଦ୍ୟୋତିତାନନା ।
ଉଦୀର୍ଣ୍ଣ ଶୋଭାତିଶୟା କାର୍ଯ୍ୟା ସ୍ୱାଧୀନଭର୍ତ୍ତୃକା ॥ ୨୨୪ ॥

ବିବିଧ କର୍ତ୍ତବ୍ୟ ଜଞ୍ଜାଳରେ ବାନ୍ଧି ହୋଇ କଥା ଦେଇ ମଧ୍ୟ ପ୍ରିୟ ନ ଆସିଲେ କଳି ତକରାଳ କରି ପ୍ରିୟତମକୁ (ପତି ବା ଜାର) ବିଦାୟ ଦେବା ଯୋଗୁଁ ସେ ଆଉ ଆସେ ନାହିଁ । ପରେ "କାହିଁକି ରାଗିଲି" ବୋଲି ଅନୁତାପ କରୁଥିବା ବିରହିଣୀ କଳହାନ୍ତରିତା ॥ ୨୧୫ ॥ ଅନ୍ୟ ନାୟିକା ପ୍ରତି ଆସକ୍ତ ହୋଇ, ପ୍ରସ୍ତୁତ ହୋଇ ଅପେକ୍ଷା କରିଥିବା ପ୍ରଣୟିନୀପାଖକୁ ଯଦି ପ୍ରଣୟୀ ନ ଆସିଥାଏ ସେହି ନାୟିକା ଖଣ୍ଡିତା ॥ ୨୧୬ ॥ ଯାହା ପାଖକୁ ଦୂତୀଦ୍ୱାରା ଖବରପଠାଇ ଅଥବା ନିଜେ ସଂକେତରେ ସ୍ଥାନ ସମୟ ନିଶ୍ଚିତକରି କୌଣସି କାରଣବଶତଃ ନାୟକ ଆସି ପାରିଲା ନାହିଁ, ସେହି ନାୟିକା ବିପ୍ରଲବ୍ଧା ॥ ୨୧୭ ॥ କର୍ତ୍ତବ୍ୟର ତାଡ଼ନାରେ ପଡ଼ି ଯାହାର ପ୍ରିୟତମ ବିଦେଶ ଯାଇଥା'ନ୍ତି, ସେ ପ୍ରୋଷିତ ଭର୍ତ୍ତୃକା । ରୁକ୍ଷ ବେଣୀ ତାର ସେହି ପୁରୁଣା ବନ୍ଧାରେ ପଡ଼ିଥାଏ । ମୁଖମଣ୍ଡଳକୁ ଅଳକାବଳୀ ବିଶୃଙ୍ଖଳ ବା ବିପର୍ଯ୍ୟସ୍ତ ହୋଇ ଅସୁନ୍ଦର କରି ଦେଇଥା'ନ୍ତି ॥ ୨୧୮ ॥ କନ୍ଦର୍ପ ବେଦନାରେ ଆକ୍ରାନ୍ତା ଅଥବା ଆସବ ସେବନରେ ଆସକ୍ତା ହୋଇ ଯେଉଁ ନାୟିକା ଲଜ୍ଜା ତ୍ୟାଗକରି ନିଜ ପ୍ରିୟକୁ ସଙ୍କେତସ୍ଥାନକୁ ନିମନ୍ତ୍ରଣ କରି ଆଣିଥାଏ, ଅଥବା ନିଜେ ସଙ୍କେତ ସ୍ଥାନକୁ ବା ନାୟକ ଘରକୁ ଅଭିସାରରେ ଯାଇଥାଏ ସେ ଅଭିସାରିକା ॥୨୧୯॥ ନାଟକରେ ଆଶ୍ରିତ ଏହି ନାୟିକାମାନଙ୍କର ଏହି ଅବସ୍ଥାନୁଯାୟୀ ଭେଦଗୁଡ଼ିକ ଜାଣିବ । ଏମାନଙ୍କର ଅନେକ ପ୍ରକାର କାମତନ୍ତ୍ର (ପ୍ରୟୋଗ) ବିଷୟ ମୁଁ କହିବି ॥ ୨୨୦ ॥ ଚିନ୍ତା, ନିଃଶ୍ୱାସ, ଖେଦ, ହୃଦ୍‌ଦାହ (ଛାତିଯନ୍ତ୍ରଣା) ସଖୀମାନଙ୍କ ସହିତ (ତାଙ୍କରି ବିଷୟ) ଆଳାପ, ନିଜର ଅବସ୍ଥା ବିଶ୍ଳେଷଣ, ଗ୍ଲାନି, ବିକଳ ହୋଇପଡ଼ିବା, ଲୁହ ଗଡ଼ାଇବା,

Digitized by srujanika@gmail.com

ଅଭିସାର ପଦ୍ଧତିଃ- ବେଶ୍ୟାୟାଃ କୁଳଜାୟା ପ୍ରେଷ୍ୟାୟା ବାଥବା ନୃପୈଃ ।
ଏଭିର୍ଭାବବିଶେଷୈସ୍ତୁ କର୍ତ୍ତବ୍ୟମଭିସାରଣମ୍ ॥ ୨୨୫ ॥
ସମଦା ମୃଦୁଚେଷ୍ଟା ଚ ତଥା ପରିଜନାବୃତା ।
ନାନାଭରଣଚିତ୍ରାଙ୍ଗୀ ଗଚ୍ଛେଦ୍ ବେଶ୍ୟାଙ୍ଗନା ଶନୈଃ ॥ ୨୨୬ ॥
ସଂଲୀନା ସ୍ୱେଷୁଗାତ୍ରେଷୁ ତ୍ରସ୍ତା ବିପ୍ରେକ୍ଷିତାନନା ।
ଅବଗୁଣ୍ଠନ ସଂବୀତା ଗଚ୍ଛେଚ କୁଳଜାଙ୍ଗନା ॥ ୨୨୭ ॥
ମଦସ୍ଖଳିତ ସଂଳାପା ବିଭ୍ରମୋ ଫୁଲ୍ଲଲୋଚନା ।
ଆବିଦ୍ଧଗତିସଂଚାରା ଗଚ୍ଛେତ୍ ପ୍ରେଷ୍ୟା ସମୁଦ୍ଧତମ୍ ॥ ୨୨୮ ॥
ନିଦ୍ରିତ ପ୍ରିୟ ବୋଧନମ୍-ସ୍ୟାଦୟଂ ଶୟିତୋ ବ୍ୟକ୍ତଂ ପଶ୍ୟେତ୍ ସୁପ୍ତଂ ପ୍ରିୟଂଯଦା ।
ଅନେନ ତୂପଚାରେଣ ତସ୍ୟ କୁର୍ଯ୍ୟାତ୍ ପ୍ରବୋଧନମ୍ ॥ ୨୨୯ ॥
ଅଳଙ୍କାରେଣ କୁଳଜା ବେଶ୍ୟା ଗନ୍ଧୈସ୍ତୁ ଶୀତଳୈଃ ।
ପ୍ରେଷ୍ୟାତୁ ବସ୍ତ୍ରବ୍ୟଜନୈ ର୍ବୋଧୟେତ୍ ଶୟିତଂ ପ୍ରିୟମ୍ ॥ ୨୩୦ ॥
କୁଳାଙ୍ଗନା ବେଶ୍ୟାଦୀନାଂ ପ୍ରୋକ୍ତଃ କାମାଶ୍ରୟୋ ବିଧିଃ ।
ସର୍ବାବସ୍ଥାନୁଭାବ୍ୟଂ ତୁ ଯସ୍ମାଦ୍ ଭବତି ନାଟକମ୍ ॥ ୨୩୧ ॥

ରୋଗରେ ପଡ଼ିବା, ଭୂଷଣ ହୀନତା, ଶରୀର ବସନ ଭୂଷଣରେ ମଳିନତା, ଦୁଃଖ ଏବଂ କ୍ରନ୍ଦନ ଏହି ସମସ୍ତ ଅଭିନୟକୁ ଖଣ୍ଡିତା, ବିପ୍ରଲବ୍ଧା, କଳହାନ୍ତରିତା, ପ୍ରୋଷିତକାନ୍ତା, ସ୍ଥାନରେ ପ୍ରୟୋଗ କରିବ ॥ ୨୨୧, ୨୨୨, ୨୨୩ ॥ ସ୍ୱାଧୀନ ଭର୍ତ୍ତୃକା କିନ୍ତୁ ଫିନ୍ ଫିନ୍ ସଉକିନ୍ ଶାଢ଼ୀ, ସେହିପରି ଉତ୍ତରୀୟ ଓ ଅଳଙ୍କାର ପିନ୍ଧି, ଚିକ୍କଣ ସୁବାସିତ ଅଙ୍ଗରାଗ ଲଗାଇ ହସ ହସ ମୁହଁରେ ନିଜର ଶୋଭାକୁ ଦ୍ୱିଗୁଣିତକରି ଚମକୁଥିବା ଭଳି ସଜାଇବ ॥ ୨୨୪ ॥ ବେଶ୍ୟା, କୁଳଙ୍ଗନା ବା ଦୂତୀଙ୍କର ରାଜାଙ୍କ ପାଖକୁ ଅଭିସାରଣ ପରଶ୍ଳୋକରେ କୁହାଯାଇଥିବା ଭାବ ବିଶେଷ ବ୍ୟବହାର କରି ଦେଖାଇବ ॥ ୨୨୫ ॥ ଟିକିଏ ଆସବ ପାନ କରିଥିବ । କୋମଳ ବ୍ୟବହାର କରୁଥିବ । ଚିଡ଼ାଚିଡ଼ି କରୁନଥିବ । ସଖୀ ଦୂତୀ ପ୍ରଭୃତିଙ୍କ ସହିତ ମିଳିମିଶି ଯାଉଥିବ । ପୋଷାକ ଓ ଅଳଙ୍କାର ମଣ୍ଡିତା ହୋଇଥିବ । ବେଶ୍ୟା ଅଭିସାରିକା ହେଲେ ଏହିପରି ଭାବେ ଆସ୍ତେ ଆସ୍ତେ ଯିବ ॥ ୨୨୬ ॥ କୁଳାଙ୍ଗନା ଅଭିସାରିକା ହେଲେ ଚାକିଚୁକି ହୋଇ ଡରିଡରି, ଚାରିଆଡ଼କୁ ଛନଛନ ଚାହିଁ, ଓଢ଼ଣୀ ଟାଣି ଚାଲୁଥିବ ॥ ୨୨୭ ॥ ଦୂତୀ ବା ଦାସୀ ଭଳି ନାରୀ ଅଭିସାରିକା ହେଲେ, ନିଜ ମାପରୁ ଟିକିଏ ଅଧିକ ପିଇ ହୁଗୁଳା କଥାବାର୍ତ୍ତା କରୁଥିବ । ଭଲ ସଜାଇ ହୋଇଛି ବୋଲି ତା ଆଖିରୁ ଗର୍ବ ଖସି ପଡୁଥିବ । ଠାଣି ମାଣିରେ ଔଦ୍ଧତ୍ୟ ପ୍ରକାଶକରି ବାଟୋଇ ଆଖିକୁ ଲାଗିଲା ଭଳି ରୀତିରେ ଚାଲୁଥିବ ॥ ୨୨୮ ॥ ଶୋଇ ପଡ଼ିଥିବା ପ୍ରିୟକୁ କୁଳାଙ୍ଗନା ଭଲକରି ଲକ୍ଷ୍ୟ କରି "ଇଏ ଶୋଇ ପଡ଼ିଛନ୍ତି କି ?" ଦେଖିବ । ତା'ପରେ କାତ ଝୁଣ୍ଣୁ ଝୁଣ୍ଣୁକରି ଉଠାଇବ । (ହାତପିନ୍ଧାଚୁଡ଼ି) । ବେଶ୍ୟା ପ୍ରିୟ ମୁହଁରେ ଚନ୍ଦନ ବା ସ୍ନୋ ପ୍ରଭୃତି ବୋଳି, ପ୍ରେଷ୍ୟା (ଦାସୀ) କାନିରେ ବିଞ୍ଚି ବିଞ୍ଚି ନିଦରୁ ଉଠାଇବେ ॥୨୨୯, ୨୩୦॥

Digitized by srujanika@gmail.com

ଫୁସଃ ରତିପ୍ରସ୍ତୁତିଃ - ନବକାମ ପ୍ରବୃତ୍ତାୟାଃ କ୍ରୁଦ୍ଧାୟା ବା ସମାଗମେ ।
ସାପଦେଶୈରୁପାୟୈସ୍ତୁ ବାସକଂ ସଂପ୍ରୟୋଜୟେତ୍ ॥ ୨୩୨ ॥
ନାନାଳଂକାର - ବସ୍ତ୍ରାଣି ଗନ୍ଧମାଲ୍ୟାନି ଚୈବ ହି ।
ନିତ୍ୟଂ ସୁଖାନ୍ୟଦାତ୍ତାନି ସେବେତ ମଦନାନ୍ୱିତଃ ॥ ୨୩୩ ॥
ନ ତଥା ଭବତି ବିଶେଷୋ ମଦନବଶଃ କାମିନୀମଲଭମାନଃ ।
ଦ୍ୱିଗୁଣୋପଜାତହର୍ଷୋ ଭବତି ଯଥା ସଙ୍ଗତଃ ପ୍ରିୟୟା ॥ ୨୩୪ ॥
ରତୌ ଆଚରଣମ୍- ବିଳାସଭାବେଙ୍ଗିତ ବାକ୍ୟଲୀଳା ବିଶେଷ ମାଧୁର୍ଯ ଗୁଣୋପପନ୍ନଃ ।
ପରସ୍ପରପ୍ରେମନିରୀକ୍ଷିତେନ ସମାଗମଃ କାମକୃତସ୍ୟ କାର୍ଯ୍ୟଃ ॥ ୨୩୫ ॥
ସ୍ତ୍ରୀୟାରତିପ୍ରସ୍ତୁତିଃ- ନାର୍ଯ୍ୟାପ୍ୟଥ ବିଶେଷେଣ ପ୍ରମୋଦରସସମ୍ଭବଃ ।
ବାସୋପଚାରଃ କର୍ତ୍ତବ୍ୟୋ ନାୟକାଗମନଂ ପ୍ରତି ॥ ୨୩୬ ॥
ଗନ୍ଧମାଲ୍ୟଂ ଗୃହୀତ୍ୱାତୁ ଚୂର୍ଣ୍ଣବାସସ୍ତଥୈବଚ ।
ସ୍ଥାପୟେନ୍ନାୟକକୃତେ କୁର୍ଯ୍ୟାଚ୍ଛାମ୍ପ୍ରସାଧନମ୍ ॥ ୨୩୭ ॥
ବାସୋପଚାରେ ନାର୍ତ୍ୟର୍ଥଂ ଭୂଷଣଗ୍ରହଣଂ ଭବେତ୍ ।
ରସନା ନୂପୁରପ୍ରାୟଂ ସ୍ୱନବଚ୍ଚ ପ୍ରଶସ୍ୟତେ ॥ ୨୩୮ ॥

ଯେଉଁ ବିଧି ନାଟକରେ ହୁଏ ସେହି ରୀତିରେ କୁଳାଙ୍ଗନା ଓ ବେଶ୍ୟା ପ୍ରଭୃତିଙ୍କର ସମସ୍ତ ଅବସ୍ଥା ଭେଦରେ ଅନୁଭାବ୍ୟ ବିଧିମାନ କହିଗଲି ॥୨୩୧॥ ନବୀନା ନାୟିକା କିମ୍ବା କୁପିତା ନାୟିକାକୁ ବଶ କରିବା ପାଇଁ ବିଭିନ୍ନ ଛଳରେ ଉପହାର (ପୋଷାକ ଅଳଙ୍କାର ଅଙ୍ଗରାଗ ପ୍ରଭୃତି) ଦେବା ପ୍ରୟୋଗ କରିବ ॥ ୨୩୨ ॥ କାମାସକ୍ତ ଲୋକ ସୁନ୍ଦର ଅଳଙ୍କାରମାନ, ମୂଲ୍ୟବାନ୍ ସୌଖିନ ବସ୍ତ୍ର ସୁଗନ୍ଧିଦ୍ରବ୍ୟ, ସୁବାସିତ କୁସୁମମାଳା ଓ ଅନ୍ୟାନ୍ୟ ସୁଖକର ବିଳାସଯୋଗ୍ୟ ବସ୍ତୁମାନ ନିତ୍ୟ ବ୍ୟବହାର କରିବେ ॥୨୩୩॥ ପ୍ରିୟତମାକୁ ନ ପାଇଥିବା ଅବସ୍ଥାରେ କାମୁକ ସେତେବେଶି କାମାସକ୍ତ ହୁଏ ନାହିଁ। ବରଂ ପ୍ରିୟାକୁ ନିକଟରେ ପାଇଥିବା ଅବସ୍ଥା ତାହାର କାମ ପ୍ରବୃତ୍ତିକୁ ଦିଗୁଣିତ କରେ ॥ ୨୩୪ ॥ ବିଳାସଭାବ, ଇଙ୍ଗିତ, (ଠାର) ବାକ୍ୟ, ଲୀଳା, ବିଶେଷ ମାଧୁର୍ଯ୍ୟ ଗୁଣଭରା ପରସ୍ପର ସପ୍ରେମ ନିରୀକ୍ଷଣ, ଏହି ସମସ୍ତ ଭାବ ଦ୍ୱାରା ପ୍ରେମର ଅଭିନୟ କରଣୀୟ ॥୨୩୫॥ ନାୟିକାଟି ମଧ୍ୟ ଶୃଙ୍ଗାର ରସର ଉପଭୋଗ୍ୟ ସ୍ଥଳରେ ନାୟକ ଆଗମନ ପ୍ରତି ବିଶେଷ ଭାବରେ ବାସୋପଚାର କରିବ ॥ ୨୩୬ ॥ ପୁଷ୍ପମାଳା ଚନ୍ଦନ ଚୂର୍ଣ୍ଣବାସ (ପାଉଡ୍ର) ପ୍ରଭୃତି ନିଜେ ଲଗାଇ ସଜାଇହୋଇ ନାୟକ ପାଇଁ ମଧ୍ୟ ବ୍ୟବହାର ସକାଶେ ରଖିଥିବ ॥୨୩୭॥ ବେଶବାସ ସାଜସଜାରେ (ଆସନ୍ନ ମିଳନ ପାଇଁ) ଗୁଡାଏ ବେଶି ଅଳଙ୍କାର ପିନ୍ଧିବ ନାହିଁ। କଟୀ ପିନ୍ଧା ଗୋଠ, ପାଦଝୁମୁକା (ଶବ୍ଦ ହେଉଥିବା ଅଳଙ୍କାର)କୁ ବିଶେଷ ପ୍ରଶଂସା କରାଯାଏ ॥ ୨୩୮ ॥

Digitized by srujanika@gmail.com

ନିଷିଦ୍ଧକର୍ମାଣି- ନ ମଞ୍ଚଗ୍ରହଣଂ ରଙ୍ଗେ ନ ସ୍ନାନଂ ନାନୁଲେପନମ୍ ।
ନାଞ୍ଜନଂ ନାଙ୍ଗରାଗଞ୍ଚ ନ ଚ କେଶପ୍ରସାଧନମ୍ ॥ ୨୩୯ ॥
ନାପାବୃତା ନୈକବସ୍ତ୍ରା ରାଗଂ ନୈବାଧରସ୍ୟ ତୁ ।
ଉତ୍ତମା ମଧ୍ୟମା ବାପି ପ୍ରକୁର୍ଯ୍ୟାତ୍ ପ୍ରମଦା କ୍ୱଚିତ୍ ॥ ୨୪୦ ॥
ଅଧମାନାଂ ଭବେଦେବଂ ବିଧିଃ ପ୍ରକୃତି ସମ୍ଭବଃ ।
ତାସାମପି ହ୍ୟସଭ୍ୟଂ ଯନ୍ନ ତତ୍‌କାର୍ଯ୍ୟଂ ପ୍ରୟୋକ୍ତୃଭିଃ ॥ ୨୪୧ ॥
ପ୍ରମଦାଭିର୍ନରୈର୍ବାପି ନାନାଭାବସ୍ତୁନାଟକେ ।
ଭୂଷଣଗ୍ରହଣଂ କାର୍ଯ୍ୟଂ ପୁଷ୍ପାଣାଂ ଗ୍ରହଣଂ ତଥା ॥ ୨୪୨ ॥
ଗୃହୀତମଣ୍ଡନା କିଞ୍ଚିଦ୍ ପ୍ରତୀକ୍ଷେତ ପ୍ରିୟାଗମମ୍ ।
ଲୀଳୟା ମଣ୍ଡିତଂ ଚୈବ କୁର୍ଯ୍ୟାଦ୍ ଯନ୍ନ ବିରୁଧ୍ୟତେ ॥ ୨୪୩ ॥
ବିଧିବଦ୍ ବାସକଂ କୁର୍ଯ୍ୟାନ୍ନାୟିକା ନାୟକାଗମେ ।
ପ୍ରତୀକ୍ଷମାଣା ଚ ତତୋ ନାଳିକାଶବ୍ଦମାଦିଶେତ୍ ॥ ୨୪୪ ॥
ଶ୍ରୁତ୍ୱାତୁ ନାଳିକାଶବ୍ଦଂ ନାୟକାଗମବିକ୍ଲବା ।
ବିଷଣ୍ଣା ବେପମାନା ଚ ଗଚ୍ଛେତ୍ ତୋରଣମେବ ହି ॥ ୨୪୫ ॥
ବାମେନ ତୋରଣଂ ଗୃହ୍ୟ କପାଟଂ ଦକ୍ଷିଣେନ ତୁ ।
ହସ୍ତେନ ସମ୍ମୁଖୀଭୂୟ ଉଦୀକ୍ଷେତ ପ୍ରିୟାଗମମ୍ ॥ ୨୪୬ ॥

ରଙ୍ଗେ ନିଷିଦ୍ଧ (ରଙ୍ଗମଞ୍ଚରେ ଅକରଣୀୟ) ଖଟ ଚେୟାର ପ୍ରଭୃତି ବ୍ୟବହାର କରିବ ନାହିଁ । ସ୍ନାନ ଓ ଅଙ୍ଗରାଗ ଓ ଅନୁଲେପନ, ଚନ୍ଦନ ଲେପନ, ନେତ୍ରରେ ଅଞ୍ଜନ ଗ୍ରହଣ ଓ କେଶ ପ୍ରସାଧନ କରାଯିବ ନାହିଁ ॥ ୨୩୯ ॥ କୌଣସି ଅବସ୍ଥାରେ ବି ନାରୀ ଦର ଲଙ୍ଗଳା, ଓଢ଼ଣୀ ବା ବକ୍ଷବାସ ପ୍ରଭୃତି ନଥାଇ ଖଣ୍ଡିକିଆ ପିନ୍ଧିବା (ନ ଏକବସ୍ତ୍ରା) ଅବସ୍ଥାରେ ରଙ୍ଗକୁ ଯିବ ନାହିଁ । ରଙ୍ଗ ମଞ୍ଚରେ ଅଧର ରଞ୍ଜନ କରିବ ନାହିଁ । ସେ ଉତ୍ତମା ବା ମଧ୍ୟମା ଯାହାହେଉ ॥ ୨୪୦ ॥ ଏହିବିଧି ଅଧମା କ୍ଷେତ୍ରରେ ଟିକିଏ ଢ଼ିଲା କରାଯାଇପାରେ ପ୍ରାକୃତିକତାକୁ ଲକ୍ଷ୍ୟକରି ମାତ୍ର ସେମାନଙ୍କ କ୍ଷେତ୍ରରେ ମଧ୍ୟ ପ୍ରୟୋକ୍ତକ ଅସଭ୍ୟସ୍ତରକୁ ଯିବେ ନାହିଁ । ନାଟକରେ ନାରୀ ଓ ପୁରୁଷମାନଙ୍କ ନାନାଭାବ ଭରି ରହିଛି (ସଭ୍ୟତାର ସ୍ତର ମଧ୍ୟରେ) ତେଣୁ ଅଳଙ୍କାର ପୁଷ୍ପମାଳା ଦିଆନିଆ କରିପାରିବ ॥ ୨୪୧, ୨୪୨ ॥ ନାୟିକା ସାଜସଜ୍ଜାସାରି ପ୍ରିୟତମ ଆଗମନକୁ ଟିକିଏ ଅପେକ୍ଷା କରିବ । ସାମାନ୍ୟ ଟିକିଏ ସଜଡ଼ା ସଜଡ଼ି ମଧ୍ୟ ବେଶକୁ କରୁଥିବ ଯାହାକି ଶାସ୍ତ୍ର ବିରୁଦ୍ଧ ହେଉ ନଥିବ ॥ ୨୪୩ ॥ ବିଧାନ ଅନୁଯାୟୀ ନାୟକର ଆଗମନକୁ ଅପେକ୍ଷାକରି ନାୟିକା ବାସକ (ଘର ଓ ନିଜ ସଜ୍ଜା ଏବଂ ଉପହାର ଇତ୍ୟାଦି) କରିବେ । ଅପେକ୍ଷା କରିବା ଅବସ୍ଥାରେ (ନାଳିକା ଶବ୍ଦ) ସୁଷିର ବଜାଇବା (ହୁଇସିଲ୍ ଭଳି ପାଟିରେ କରାଯାଉଥିବା ଶବ୍ଦ) ଶବ୍ଦକୁ କାନେଇ ରହିବ ॥ ୨୪୪ ॥ ସୁଷିର ଶୁଣିବା ମାତ୍ରେ "ଆସି ଗଲେ" ବୋଲି ବ୍ୟସ୍ତ ହୋଇପଡ଼ି ଆହ୍ଲାଦ ଅଧିକ ହେତୁ ଥରି ଥରି ଗେଟ୍ ବା ଦୁଆର ମୁହଁ ପାଖକୁ ଯିବେ ॥ ୨୪୫ ॥

Digitized by srujanika@gmail.com

ଶଙ୍କାଂ ଚିନ୍ତାଂ ଭୟଂ ଚୈବ କୁର୍ଯ୍ୟାତ୍ କାରଣସଂସ୍ଥିତମ୍ ।
ଅଦୃଷ୍ଟ୍ୱା ରମଣଂ ନାରୀ ବିଷଣ୍ଣା ତୁ କ୍ଷଣଂ ଭବେତ୍ ॥ ୨୪୭ ॥
ଦୀର୍ଘଂ ଚୈବ ବିନିଃଶ୍ୱସ୍ୟ ଅସ୍ରଂ ଚୈବ ନିପାତୟେତ୍ ।
ସନ୍ନଂ ଚ ହୃଦୟଂ କୃତ୍ୱା ବିସୃଜେଦଙ୍ଗମାସନେ ॥ ୨୪୮ ॥
ବ୍ୟାକ୍ଷେପାଦ୍ ବିମୃଶେଚ୍ଚାପି ନାୟକାଗମନଂ ପ୍ରତି ।
ତୈସ୍ତୈର୍ବିଚାରଣୈଶ୍ଚାପି ଶୁଭାଶୁଭସମୁଦ୍ଭବୈଃ ॥ ୨୪୯ ॥
ଗୁରୁକାର୍ଯ୍ୟେଣ ମିତ୍ରୈର୍ବା ମନ୍ତ୍ରିଣା ରାଜ୍ୟ ଚିନ୍ତୟା ।
ଅନୁବଦ୍ଧଃ ପ୍ରିୟଃ କିନ୍ନୁ ଧୃତୋ ବଲ୍ଲଭୟାପି ବା ॥ ୨୫୦ ॥
ଉତ୍ପାତାନ୍ ନିର୍ଦ୍ଦିଶେଚ୍ଚାପି ଶୁଭାଶୁଭସମୁଦ୍ଭବାନ୍ ।
ନିମିତ୍ତୈରାତ୍ମସଂସ୍ଥୈସ୍ତୁ ସ୍ଫୁରିତୈଃ ସ୍ପନ୍ଦିତୈସ୍ତଥା ॥ ୨୫୧ ॥
ଶୋଭନେଷୁ ଚ କାର୍ଯ୍ୟେଷୁ ନିମିତ୍ତଂ ବାମତଃ ସ୍ତ୍ରିୟାଃ ।
ଅନିଷ୍ଟେଷୁ ଚ କାର୍ଯ୍ୟେଷୁ ନିମିତ୍ତଂ ଦକ୍ଷିଣଂ ଭବେତ୍ ॥ ୨୫୨ ॥
ସବ୍ୟଂ ନେତ୍ରଂ ଲଲାଟଂ ଚ ଭ୍ରୂରଥୋଷ୍ଠଂ ତଥୈବଚ ।
ଉରୂ ବାହୁଃସ୍ତନଶ୍ଚୈବ ସ୍ଫୁରେତ୍ ଯଦି ସମାଗମଃ ॥ ୨୫୩ ॥

ବାମହାତରେ ଦୁଆରବନ୍ଧ ଧରି ଏବଂ ଡାହାଣ ହାତରେ କବାଟକୁ ଧରି ମଝିରେ ନିଜେ ଠିଆ ହୋଇ ପ୍ରିୟତମର ଆଗମନକୁ ଅପେକ୍ଷା କରିବ ॥ ୨୪୬ ॥ ବିବିଧ କାରଣକୁ ମନେ ପକାଇ ଆଶଙ୍କା ଚିନ୍ତା ଏବଂ ଭୟର ଅଭିନୟ କରିବ । ପ୍ରିୟକୁ ନ ଦେଖି ଏତେବେଳ ଯାଏ କାହିଁ ଆସିଲେ ନାହିଁ ବୋଲି ଟିକିଏ ମୁହଁ ଶୁଖାଇବ । ଦୀର୍ଘ ନିଃଶ୍ୱାସ ପକାଇ ଲୁହ ଗଡ଼ାଇ ହାଲିଆ ମନରେ ଶେଯରେ ଗଡ଼ିଯିବ ॥ ୨୪୭, ୨୪୮ ॥ ନାୟକର ଆସିବା ବିଷୟରେ ଏଣୁ ତେଣୁ ଗୁଡାଏ ବିଚାର କରିବ । ଏହି ବିଚାରରେ ଭଲ ମନ୍ଦ ସବୁ ମିଶିଥିବ ॥ ୨୪୯ ॥ ତାଙ୍କ ବାପା କୋଉଠିକି ପଠାଇ ଦେଲେ କି ! କୌଣସି ଅତି ଜରୁରୀ କାର୍ଯ୍ୟ ପଡ଼ିଲାକି ! କୌଣସି ଘନିଷ୍ଟ ମିତ୍ର ଅଟକାଇ ଦେଲେ କି ! ମନ୍ତ୍ରୀ କ'ଣ ସମସ୍ୟା ଆଣି ପହଞ୍ଚାଇଲେ କି ! ରାଜ୍ୟର କୌଣସି କଠିନ ସମସ୍ୟା ପଡ଼ିଲାକି ! ଏଇଥିପାଇଁ ପ୍ରିୟ ମୋର ରହିଗଲେ କିମ୍ବା କୌଣସି ପ୍ରିୟତମା ସୁନ୍ଦରୀ ଅଟକାଇ ଦେଲା ! ॥ ୨୫୦ ॥ ଏହାପରେ ସେ ଭଲ ମନ୍ଦର ସୂଚକମାନ ଆଶଙ୍କା କରିବ । ନିଜ ଶରୀରର ସ୍ଫୁରଣ ବା ସ୍ପନ୍ଦନରୁ ସେ ସେସବୁକୁ ସୂଚନା ଦେବ ॥ ୨୫୧ ॥ ଶୁଭ କାର୍ଯ୍ୟମାନଙ୍କରେ ସ୍ତ୍ରୀମାନଙ୍କର ବାମ ଅଙ୍ଗର ଏବଂ ଅଶୁଭରେ ଦକ୍ଷିଣ ଅଙ୍ଗର ସ୍ଫୁରଣ ଓ ସ୍ପନ୍ଦନ (ବାହୁ ସ୍ଫୁରଣ, ନେତ୍ର ସ୍ପନ୍ଦନ) ହୁଏ ॥ ୨୫୨ ॥ ମିଳନର ସମ୍ଭାବନାରେ ବାମ ନେତ୍ରର ସ୍ଫୁରଣ, ଲଲାଟ, ଭ୍ରୂ, ଓଷ୍ଠ, ଉରୁ ବାହୁ ଓ ସ୍ତନରେ ସ୍ପନ୍ଦନ ଅନୁଭୂତ ହୋଇଥାଏ ॥ ୨୫୩ ॥

Digitized by srujanika@gmail.com

ଅତୋଦ୍ଧନ୍ୟଥା ସ୍ପନ୍ଦମାନେ ଦୁରିତଂ ଦକ୍ଷିଣେ ଭବେତ୍ ।
ଦର୍ଶନେ ଦୁର୍ନିମତ୍ତସ୍ୟ ମୋହଂ ଗଚ୍ଛେତ୍ କ୍ଷଣଂ ତତଃ ॥ ୨୫୪ ॥
ଅପ୍ରାପ୍ତେଦ୍ଧଥୈବ କର୍ତ୍ତବ୍ୟଃ ପ୍ରିୟେ ଗଣ୍ଡାର୍ପିତଃ କରଃ ।
ଭୂଷଣେ ଚାପ୍ୟବଜ୍ଞାନଂ ରୋଦନଂ ଚ ସମାଚରେତ୍ ॥ ୨୫୫ ॥
ତତଶ୍ଚ ଶୋଭନଂ ପଶ୍ୟନ୍ ନିମିତ୍ତଂ ବୈ ପ୍ରିୟାଗମେ ।
ସୂଚ୍ୟୋ ନାୟିକୟାସନ୍ନୋ ଗନ୍ଧାଘ୍ରାଣେନ ନାୟକଃ ॥ ୨୫୬ ॥
ଦୃଷ୍ଟ୍ୱା ଚୋତ୍‌ଥାୟ ହୃଷ୍ଟାଙ୍ଗୀ ପ୍ରତ୍ୟୁଦ୍‌ଗଚ୍ଛେଦ୍ଧି ନାୟକମ୍ ।
ଯଦି ସ୍ୟାଦପରାଦ୍ଧସ୍ତୁ ତତସ୍ତୈସ୍ତୈ ରୁପକ୍ରମୈଃ ॥ ୨୫୭ ॥
ଉପାଲମ୍ଭକୃତୈର୍ବାକ୍ୟୈ ରଭିଭାଷ୍ୟସ୍ତୁ ନାୟକଃ ।
ମାନାପମାନସମ୍ଭୋହୈ ରବହିତ୍‌ଥୈ ର୍ଯଥାକ୍ରମମ୍ ॥ ୨୫୮ ॥
ବଚନସ୍ୟ ସମୁତ୍‌ପତ୍ତିଃ ସ୍ତ୍ରୀଣାଂ ଗର୍ହାକୃତା ଭବେତ୍ ।
ବିଶ୍ରମ୍ଭସ୍ନେହରାଗେଷ୍ଣୁ ସନ୍ଦେହେ ପ୍ରଣୟେ ତଥା ॥ ୨୫୯ ॥
ପରିତୋଷେ ଚ ସଂଘର୍ଷେ ଦାକ୍ଷିଣ୍ୟାକ୍ଷେପବିସ୍ମୟେ ।
ଧର୍ମାର୍ଥକାମଯୋଗେଷ୍ଣୁ ପ୍ରଚ୍ଛନ୍ନବଚନେଷ୍ଣୁ ଚ ॥ ୨୬୦ ॥
ହାସ୍ୟେ କୁତୂହଳେ ଚୈବ ସମ୍ଭ୍ରମେ ବ୍ୟଞ୍ଜନେ ତଥା ।
ହାସ୍ୟୋପସ୍ଥାନ ସଂପ୍ରାପ୍ତୌ ଦୋଷୋପକ୍ଷେପନିହ୍ନବେ ॥ ୨୬୧ ॥

ଏହାର ବିପରୀତ ସ୍ପନ୍ଦନ ହେଲେ, ଦକ୍ଷିଣ ଅଙ୍ଗ ସ୍ପନ୍ଦନରେ ଅମଙ୍ଗଳ ହୁଏ । ଅମଙ୍ଗଳ ଆଶଙ୍କା ଦେଖାଗଲେ ମହୂର୍ତ୍ତକରେ ସେ ମୂର୍ଚ୍ଛା ହୋଇଯିବ ॥ ୨୫୪ ॥ ପ୍ରିୟ ନ ଆସିଲେ ସେ ଗାଲରେ ହାତଦେଇ ବସିବ । ବେଶବାସ ଅବ୍ୟବସ୍ଥିତ ହୋଇପଡ଼ିବ । ଶେଷକୁ କାନ୍ଦିବା ଆରମ୍ଭ କରିବ ॥୨୫୫॥ ତା'ପରେ ଶୁଭସୂଚକମାନ ଅନୁଭବ କଲେ ପ୍ରିୟ ଆଗମନର ନିଶ୍ଚିତତା ଅନୁଭବ କରି ନିକଟବର୍ତ୍ତୀ ନାୟକର ଶରୀରଗନ୍ଧରୁ ସେ ସୂଚନା ପାଉଥିବା ଅଭିନୟ କରିବ ॥ ୨୫୬ ॥ ଏହାପରେ ସେ ଦେଖି ଉଠିପଡ଼ି ଖୁସି ହୋଇ ପ୍ରିୟକୁ ପାଛୋଟି ଆଣିବାକୁ ଦିପାଦେ ଆଗେଇ ଯିବ । ଯଦି ସେହି ପ୍ରିୟ ଅପରାଧୀ ହୋଇଥାଏ, ତେବେ ସେହି ଅପରାଧ ଅନୁଯାୟୀ ଅପମାନଜନକ କଥା ବା ବାଧିଲାଭଳି କଥା କହିବ । ଅଭିମାନ ଅପମାନ, ଭଲମନ୍ଦ ବିଚାର ନରହିବା, ନିଜର ମନ କଥା ଲୁଚାଇବା, ଏହିସବୁ ମନୋବୃତ୍ତିମାନ ସ୍ତ୍ରୀମାନେ ଗାଳିଦେବାକୁ ଗଲାବେଳେ ପ୍ରକାଶ ପାଇବ ॥ ୨୫୮, ୨୫୯ ॥ ବିଶ୍ୱସ୍ତତା, ସ୍ନେହ, ଅନୁରାଗ, ସନ୍ଦେହ, ପ୍ରଣୟ, ସନ୍ତୋଷ, ସଂଘର୍ଷ, ଦାକ୍ଷିଣ୍ୟ (ସମତା-ଉଦାରତା) ଆକ୍ଷେପ, ବିସ୍ମୟ, ଧର୍ମ-ଅର୍ଥ କାମଯୋଗ, ଗୋପନୀୟ କଥା ଆଳାପ, ହାସ୍ୟ, କୌତୁକ, ବ୍ୟସ୍ତତା, ବୁଝାଇବା, ହାସ୍ୟ କଥା ବିଷୟରେ, ଦୋଷର ଆକ୍ଷେପକୁ ଲୁଚାଇବା ସ୍ଥଳ । ଏହିପରି ସ୍ଥଳରେ କଥା କହିବା ଉଚିତ ନଥିଲେ ମଧ୍ୟ ପିୟକୁ କଥାକୁହାଯିବ ॥ ୨୫୯(ଖ)-୨୬୨(କ) ॥

Digitized by srujanika@gmail.com

ଅନାଭାଷ୍ୟୋଽପି ସଂଭାଷ୍ୟଃ ପ୍ରିୟ ଏଭିସ୍ତୁ କାରଣୈଃ ।
ଯତ୍ର ସ୍ନେହୋଭୟଂ ତତ୍ର ଯତ୍ରେର୍ଷ୍ୟା ତତ୍ର ମନ୍ମଥଃ ॥ ୨୬୨ ॥
ଚତସ୍ରୋ ଯୋନୟଃ ତସ୍ୟାଃ କୀର୍ତ୍ତ୍ୟମାନା ନିବୋଧତ ।
ବୈମନସ୍ୟଂ ବ୍ୟଲୀକଂ ଚ ବିପ୍ରିୟଂ ମନ୍ୟୁରେବ ଚ ॥ ୨୬୩ ॥
ଏତେଷାଂ ସଂପ୍ରବକ୍ଷ୍ୟାମି ଲକ୍ଷଣାନି ଯଥାକ୍ରମମ୍ ।
ନିଦ୍ରାଖେଦାଳସଗତିଂ ସଚିହ୍ନଂ ସରସବ୍ରଣମ୍
ଏବଂ ବିଧଂ ପ୍ରିୟଂ ଦୃଷ୍ଟ୍ୱା ବୈମନସ୍ୟଂ ଭବେତ୍ ସ୍ତ୍ରିୟାଃ ॥ ୨୬୪ ॥
ତୀବ୍ରାସୂୟିତବଦନା ରୋଷାଦ୍ ବହୁଶଃ ପ୍ରକମ୍ପମାନୋଷ୍ଠୀ ।
ସାଧ୍ୱିତି ସୁଷ୍ଠ୍ୱିତି ବାକ୍ୟୈଃ ଶୋଭନମିତ୍ୟଭିନୟଂ ଯୁଞ୍ଜ୍ୟାତ୍ ॥ ୨୬୫ ॥
ବହୁଶୋଽବଧାର୍ଯ୍ୟମାଣୋଽପି ଯସ୍ତସ୍ମିନ୍ନେବ ଦୃଶ୍ୟତେ ।
ସଂଘର୍ଷାଚ୍ଚାତ୍ର ମାତ୍ସର୍ଯ୍ୟାଦ୍ ବ୍ୟଲୀକଂ ତୁ ଭବେତ୍ ସ୍ତ୍ରିୟାଃ ॥ ୨୬୬ ॥
କୃତ୍ୱୋରସି ବାମକରଂ ଦକ୍ଷିଣହସ୍ତଂ ତଥା ବିଧୂନ୍ୱାନା
ଚରଣ ବିନିଷ୍କମ୍ପେନାସ୍ମିନ୍ ଅକୁର୍ବୀତ ସାଭିନୟମ୍ ॥ ୨୬୭ ॥
ଜୀବନ୍ତ୍ୟା ତ୍ୱୟି ଜୀବାମି ଦାସୋଽହଂ ତ୍ୱଂଚ ମେ ପ୍ରିୟା ।
ଉକ୍ତ୍ୱୈବଂ ଯୋଽନ୍ୟଥା କୁର୍ଯ୍ୟାଦ୍ ତଦ୍ୱିପ୍ରିୟମିତି ସ୍ତ୍ରିୟାଃ ॥ ୨୬୮ ॥
ଦୂତୀଲେଖ ପ୍ରତିବଚନ ଭେଦନୈଃ କ୍ରୋଧହସିତ ରୁଦିତୈଶ୍ଚ ।
ବିପ୍ରିୟକରଣେଽଭିନୟଃ ସଶିରଃକମ୍ପଃ ପ୍ରୟୋକ୍ତବ୍ୟଃ ॥ ୨୬୯ ॥

ଯେଉଁଠାରେ ସ୍ନେହ ଥାଏ ସେହିଠାରେ ହିଁ ଭୟ ରହେ । ଯେଉଁଠାରେ ଈର୍ଷ୍ୟା (ପର ଅଭ୍ୟୁଦୟ ଅସହିଷ୍ଣୁତା । ଏ କ୍ଷେତ୍ରରେ ଅନ୍ୟ ନାୟିକାର ପ୍ରଶଂସା ବା ସମୃଦ୍ଧି ।) ସେହିଠାରେ କନ୍ଦର୍ପ ॥ ୨୬୨ ॥ ଏହି ଈର୍ଷ୍ୟାର ଚାରିଟି ହେତୁ ଅଟନ୍ତି । ଅନ୍ୟମନସ୍କତା, ପୀଡାନୁଭୂତି, (ପୀଡାର୍ଥେଽପି ବ୍ୟଳୀକ) ଅପ୍ରିୟତା ଓ କ୍ରୋଧ ॥ ୨୬୩ ॥ ଏମାନଙ୍କର ଲକ୍ଷଣ ଯଥାକ୍ରମେ କହୁଛି । ଅନିଦ୍ରାଜନିତ ଅବସାଦ, ଗମନରେ ଅଳସତା, ସମ୍ଭୋଗ ଚିହ୍ନମାନ, ଚୁମ୍ବନ ଚିହ୍ନ, ଏହିସବୁ ଦେଖିଲେ ସ୍ତ୍ରୀର ବୈମନସ୍ୟ ହୁଏ ॥ ୨୬୪ ॥ ଏହି କ୍ଷେତ୍ରରେ ଅସୂୟାରେ ମୁହଁ ନାଲି ପଡ଼ିଯିବ । ରାଗିଯିବାରୁ ଓଠ ଥରୁଥିବ । "ଆହା ଭାରୀ ସୁନ୍ଦର ଦିଶୁଛ । ଗାଲ ଉପରେ ଚୁମ୍ବନ ଚିହ୍ନଟି ଭାରି ବଢ଼ିଆ ଦିଶୁଛି ।" ଏହିପରି କହି ଗାଳି ଦେଇ ଅଭିନୟ ତଦନୁଯାୟୀ କରିବ ॥ ୨୬୫ ॥ ଯେତେ ଗାଳି ଦେଇ ଯାହା କହିଲେ ମଧ୍ୟ ଯେଉଁ ନାୟକ ମୋଟେ ସେଠାରୁ ନଯିବ, ସଂଘର୍ଷ ଓ ମାତ୍ସର୍ଯ୍ୟ ହେତୁ ସ୍ତ୍ରୀର ବହୁତ ପୀଡା ଅନୁଭବ ହେବ ॥ ୨୬୬ ॥ ଛାତିରେ ବାମହାତ ଦେଇ ଡାହାଣ ହାତ ହଲାଇ ଗୋଡ଼ ମାଟିରେ ବାଡ଼େଇ ଏହି କ୍ଷେତ୍ରରେ ସେ ଅଭିନୟ କରିବେ ॥ ୨୬୭ ॥ ତୁ ମୋ ଜୀବନ ଲୋ, ତୁ ବଞ୍ଚିଲେ ମୁଁ ବଞ୍ଚିବି । ମୁଁ ପରା ତୋ କିଣା ଚାକର । ତୁ ମୋର ପ୍ରାଣପ୍ରିୟା ଏହିପରି କେତେ କଥା କହି କାମରେ ଯେ ଅନ୍ୟଥା କରେ ସେ ସ୍ତ୍ରୀର ଅପ୍ରିୟ ॥ ୨୬୮ ॥

Digitized by srujanika@gmail.com

ପ୍ରତିପକ୍ଷସକାଶାଦ୍ ତୁ ଯଃ ସୌଭାଗ୍ୟବିକତ୍ଥନଃ ।
ଉପସର୍ପେଦ୍ ସଚିହ୍ନଶ୍ଚ ମନ୍ୟୁସ୍ତତ୍ର ଭବେଦ୍ ସ୍ତ୍ରିୟାଃ ॥ ୨୭୦ ॥
ବଳୟପରିବର୍ତ୍ତନେନ ଚ ସଶିଥିଳ ମୁପକ୍ଷେପଣେନ ରସନୟୋଃ ।
ମନ୍ୟୁସ୍ତ୍ୱଭିନେତବ୍ୟଃ ସଶଙ୍କିତଂ ଚାସ୍ରମୋକ୍ଷେୈଶ୍ଚ ॥ ୨୭୧ ॥

ଅପରାଦ୍ଧଂ ନାୟକଂ ପ୍ରତି ନାର୍ଯ୍ୟା ଆଚରଣମ୍ -

ଦୃଷ୍ଟ୍ୱା ସ୍ଥିତଂ ପ୍ରିୟତମଂ ସଶଙ୍କିତଂ ସାପରାଧମତିଲଜ୍ଜମ୍ ।
ଈର୍ଷ୍ୟାବଚନସମୁତ୍ଥୈଃ ଖେଦୟିତବ୍ୟୋ ହ୍ୟୁପାଲମ୍ଭୈଃ ॥ ୨୭୨ ॥
ନଚ ନିଷ୍ଠୁର ମତିଭାଷ୍ୟୋ ନଚାପ୍ୟତିକ୍ରୋଧନସ୍ତୁ ପରିଭାଷ୍ୟଃ ।
ବାଷ୍ପୋନ୍ମିଶ୍ରୈ ର୍ବଚନୈ ରାତ୍ମୋପନ୍ୟାସ ସଂଯୁକ୍ତୈଃ ॥ ୨୭୩ ॥
ମଧ୍ୟାଙ୍ଗୁଲ୍ୟୋଷ୍ଠାଗ୍ର ବିଚ୍ୟବାଦ୍ ପାଣିନା ହ୍ୟୁରଃସ୍ଥେନ ।
ଉଦ୍‌ବର୍ତ୍ତିତନେତ୍ରତୟା ତଥା ପ୍ରତତବୀକ୍ଷଣାଚ୍ଚାପି ॥ ୨୭୪ ॥
କଟିହସ୍ତ ନିବିଷ୍ଟତୟା ବିଚ୍ଛିନ୍ନତୟା ତଥାଙ୍ଗୁଳୈଃ କରଣାଦ୍ ।
ମୂର୍ଦ୍ଧଭ୍ରମଣନିକୁଞ୍ଚିତନିପାତସଂଶ୍ଳେଷଣାଚ୍ଚାପି ॥ ୨୭୫ ॥
ଅବହିତ୍‌ଥ ବୀକ୍ଷଣାଦ୍ ବା ଅଙ୍ଗୁଳିଭଙ୍ଗୈଶ୍ଚ ତର୍ଜ୍ଜନୈ ର୍ଲଳିତୈଃ ।
ଏଭିର୍ଭାବବିଶେଷୈରସ୍ୟାଭିନୟଃ ପ୍ରୟୋକ୍ତବ୍ୟଃ ॥ ୨୭୬ ॥

ଦୂତୀ ହାତରେ ଦିଆଯାଇଥିବା ପ୍ରେମପତ୍ରକୁ ଉତ୍ତର ନଦେଇ ଚିରି ଫୋପାଡ଼ିବା ରାଗିଯାଇ ହସିବା, ପୁଣି କାନ୍ଦିବା ଓ ମୁଣ୍ଡ ଝାଡ଼ି ବିରକ୍ତ ହେବା ଭଳି ଅଭିନୟ ବିପ୍ରିୟ କ୍ଷେତ୍ରରେ ପ୍ରୟୋଗ କରାଯିବ ॥ ୧୬୯ ॥ ନାୟକ ଅନ୍ୟସ୍ତ୍ରୀର ସମ୍ଭୋଗ ଚିହ୍ନରେ ଚିହ୍ନିତ ହୋଇ ସେହି ସ୍ତ୍ରୀର ଶ୍ରଦ୍ଧାରେ ନିଜକୁ ସୌଭାଗ୍ୟବାନ୍ ମନେ କରୁଥିବା ଅବସ୍ଥାରେ ନାୟିକାର କୋପ ହୁଏ ॥ ୨୭୦ ॥ ଏହି କ୍ଷେତ୍ରରେ ହାତରୁ କଙ୍କଣ ଉତାରିବା ଏବଂ ଧୀରେ ଧୀରେ ଫୋପାଡ଼ି ଦେବା, ଅଣ୍ଟାରୁ ଦୋସରିଆ ଗୋଠକୁ ଖୋଲି ପକାଇବା, ଆକ୍ଷେପ ଆଶଙ୍କା କରି ଲୁହଗଡ଼ାଇବା ପ୍ରଭୃତି ଭାବଦ୍ୱାରା ଏହି କୋପ ଅଭିନୟ କରାଯିବ ॥ ୨୭୧ ॥ ଅପରାଧୀ ପ୍ରିୟତମକୁ ସାମନାରେ ଲଜ୍ଜିତ ଭାବରେ ଡରି ଡରି ଠିଆହୋଇଥିବା ଦେଖି ଈର୍ଷ୍ୟାଯୁକ୍ତ ଭାଷାରେ ଗାଳିଦେଇ ଦୁଃଖ ଦେବ ॥ ୨୭୨ ॥ ବେଶି ନିଷ୍ଠୁର ଭାଷା କହିବ ନାହିଁ । ବେଶି ରାଗିକରି ମଧ୍ୟ କହିବ ନାହିଁ କିମ୍ବା ନାୟକ ମଧ୍ୟ ବୁଝିବା ଅବସ୍ଥାରେ ନ ଥାଇ ରାଗୁଥିଲେ କିଛି କହିବ ନାହିଁ । କାନ୍ଦି କାନ୍ଦି ଲୁହ ବୁହା କଥାରେ ତାକୁ ଶୁଣାଇ କେବଳ ନିଜକୁ ହିଁ "ମୁଁ ହତଭାଗୀ" ଇତ୍ୟାଦି ଭାଷାରେ ଗାଳିଦେବ ॥ ୨୭୩ ॥ ହାତର ମଝି ଆଙ୍ଗୁଳିକୁ ଓଠରେ ଲଗାଇ ଟିକିଏ ହଲାଇବା, ହାତ ଛାତିରେ ପକାଇବା, ଆଖି ଡୋଳା ଲେଉଟାଇବା, ବିସ୍ତାରିତ ଦୃଷ୍ଟିରେ ଦୂର ଦିଗ୍‌ବଳୟ ଅଥବା ଆକାଶକୁ ଚାହିଁବା, ଅଥବା, ଅଣ୍ଟାରେ ହାତଦେଇ ହାତର ଆଙ୍ଗୁଳିକୁ ହତାଶିଆ ଭାବରେ

Digitized by srujanika@gmail.com

ଶୋଭସେ ସାଧୁ-ଦୃଷ୍ଟୋଽସି ଗଚ୍ଛତ୍ୱଂ କିଂ ବିଳମ୍ବସେ ।
ମା ମାଂ ସ୍ପ୍ରାକ୍ଷୀଃ ପ୍ରିୟାଂ ଯାହି ତବ ଯା ହୃଦି ସଂସ୍ଥିତା ॥ ୨୭୭ ॥
ଗଚ୍ଛେତ୍ୟୁକ୍ତ୍ୱା ପରାବୃତ୍ୟ ବିନିବୃତ୍ତାନ୍ତରେଣ ତୁ ।
କେନଚିଦ୍ ବଚନାର୍ଥେନ ପ୍ରହର୍ଷଂ ଯୋଜୟେଦ୍ ପୁନଃ ॥ ୨୭୮ ॥
ରଭସଗ୍ରହଣାଚ୍ଚାପି ବସ୍ତ୍ରେ ହସ୍ତେଽଥ ମୂର୍ଦ୍ଧନି ।
କାର୍ଯ୍ୟଂ ପ୍ରସାଦନଂ ନାର୍ଯ୍ୟା ହ୍ୟପରାଧଂ ସମୀକ୍ଷ୍ୟ ତୁ ॥ ୨୭୯ ॥
ହସ୍ତେ ବସ୍ତ୍ରେଽଥ କେଶାନ୍ତେ ନାର୍ଯ୍ୟାପ୍ୟଥ ଗୃହୀତୟା ।
କାନ୍ତମେବାପସର୍ପନ୍ତ୍ୟା କର୍ତ୍ତବ୍ୟଂ ମୋକ୍ଷଣଂ ଶନୈଃ ॥ ୨୮୦ ॥
ଗୃହୀତୟାଥ କେଶାନ୍ତେ ହସ୍ତେ ବସ୍ତ୍ରେଽଥବା ପୁନଃ ।
ଯଥା ପ୍ରିୟୋ ନ ପଶ୍ୟେଽଦ୍ଧି ସ୍ପର୍ଶୋଗ୍ରାହ୍ୟସ୍ତଥାସ୍ତ୍ରିୟା ॥ ୨୮୧ ॥
ପଦାଗ୍ରସ୍ଥିତୟା ନାର୍ଯ୍ୟା ତଥୈବାକୁଞ୍ଚିତାଙ୍ଗୟା ।
ଅଶ୍ୱକ୍ରାନ୍ତେନ କର୍ତ୍ତବ୍ୟଂ କେଶାନାଂ ମୋକ୍ଷଣଂଶନୈଃ ॥ ୨୮୨ ॥
ଅମୁଚ୍ୟମାନେ କେଶାନ୍ତେ ନାର୍ଯ୍ୟା ସସ୍ୱେଦଲେଶୟା ।
ହୁଂ ହୁଂ ମୁଞ୍ଚାପସର୍ପେତି ବାଚ୍ୟଃ ସ୍ୱର୍ଣାଳସାଙ୍ଗୟା ॥ ୨୮୩ ॥
ଗଚ୍ଛେତି ରୋଷବାକ୍ୟେନ ଗତ୍ୱା ପ୍ରତିନିବୃତ୍ୟ ଚ ।
କେନଚିଦ୍ ବଚନାର୍ଥେନ ଚାଳାପଂ ଯୋଜୟେଦ୍ ପୁମାନ୍ ॥ ୨୮୪ ॥

ହଲାଇବା, ମୁଣ୍ଡ ବୁଲାଇବା, ଧୀରେ ଧୀରେ ବସି ପଡ଼ିବା (ଦୁଲ୍‌କରି ପଡ଼ିବ ନାହିଁ) ନିଜକୁ ଭୁଲି ଶୃଙ୍ଖଳା ଚାହିଁବା, ଆଙ୍ଗୁଠି ଦେଖାଇ ଶୂନ୍ୟକୁ ଶାସନକରିବା, ଇତ୍ୟାଦି ଏହିପରି ଭାବମାନଙ୍କୁ ଯଥାସମ୍ଭବ ରୀତିରେ ଅଭିନୟକରି ଏହି ଈର୍ଷାଭିନୟ ପ୍ରୟୋଗ କରିବ ॥ ୨୭୪-୨୭୬ ॥ ଯାହାହେଉ କିନ୍ତୁ ଭାରି ସୁନ୍ଦର ଦିଶୁଛ । (ସେ ଚୁମ୍ବନ ଚିହ୍ନଟି) ବଡ଼ ସୁନ୍ଦର ଦିଶୁଛି । ଯାଅ ଯାଅ, ଡେରି ହୋଇ ଯିବଣି । ସେହି ପ୍ରିୟା ତୁମ ହୃଦୟ ସିଂହସନରେ ବସିଛି । ତା ପାଖକୁ ଯାଅ, ମୋତେ ଛୁଅଁନା । ଯାଅ ବୋଲି କହି ମୁହଁ ବୁଲାଇଯିବ । କିଛି ପାଦ ଯାଇ ପୁଣି ମନକୁ ବୁଝାଇ ମୁହଁ ବୁଲାଇ ଆଉ ଏକ ଅନ୍ୟ ପ୍ରସଙ୍ଗ ମାଧ୍ୟମରେ (ପୂର୍ବ ପ୍ରସଙ୍ଗ ଛାଡ଼ି) ଖୁସି ଆଳାପ ଆରମ୍ଭ କରିବ ॥୨୭୭,୨୭୮॥ ହଠାତ୍ ସେ ଲୁଗାକାନି କି ହାତ ଅଥବା ବେଣୀଟାକୁ ଧରି ପକାଇଲେ ଅପରାଧର ମାତ୍ରାକୁ ବିଚାରକରି ନାୟିକା ଅବୁଝା ହେବ ନାହିଁ ॥ ୨୭୯ ॥ ହାତ, ଲୁଗାକାନି ବା ବେଣୀ ଧରିଦେଲେ କାନ୍ତକୁ ଟିକିଏ ଠେଲି ଦେଇ ନିଜକୁ ଧୀରେ ଧୀରେ ମୁକ୍ତ କରିବ ॥ ୨୮୦ ॥ ପୁଣି ଥରେ ଏହିପରି ଧରିଲେ ଛଡାଇହେବା ବାହାନାରେ ପ୍ରିୟଜାଣି ନପାରିଲା ଭଳି ନାୟିକା କାନ୍ତ ସ୍ପର୍ଶ ସୁଖ ଗ୍ରହଣ କରିବ ୧॥ ୨୮୧ ॥ ଆଗ ତଳକୁ ଟିକିଏ ନଇଁ ପଡ଼ି ପୁଣି ହଠାତ୍ ଉପରକୁ ଉଠିପଡ଼ି ପାଦ ଅଗରେ ଠିଆହୋଇ ମୋଡ଼ି ହୋଇ ଡେଇଁ ପଡ଼ି କାନ୍ତ ହସ୍ତରୁ କେଶମୋକ୍ଷଣ କରିବ । (ଏତେ ଯୁଦ୍ଧ ପାଇଁ ସେ ଆଗରୁ ପ୍ରସ୍ତୁତ ନଥିବ । ଘୋଡ଼ାଯେପରି ମୁହଁ ବୁଲାଇ ଡେଇଁ ପଡ଼େ ।) ॥ ୨୮୨ ॥

Digitized by srujanika@gmail.com

ବିଧୂନନଂ ଚ ହସ୍ତସ୍ୟ ହୁଂକାରଂ ସ୍ତ୍ରୀ ପ୍ରୟୋଜୟେତ୍ ।
ସ ଚାବଧୂନନେ କାର୍ଯ୍ୟଃ ଶପଥୈ ର୍ବ୍ୟାଜ ଏବ ଚ ।। ୨୮୫ ।।
ଅକ୍ଷୋଃ ସଂବରଣଂ କାର୍ଯ୍ୟଂ ପୃଷ୍ଠତ ସ୍ତୋପଗୂହନମ୍ ।
ନାର୍ଯ୍ୟାସ୍ତ୍ୱପହୃତେ ବସ୍ତ୍ରେ ନୀବୀଚ୍ଛାଦନ ମେବବା ।। ୨୮୬ ।।
ତାବଦ୍ ଖେଦୟିତବ୍ୟସ୍ତୁ ଯାବଦ୍ ପାଦଗତୋ ଭବେତ୍ ।
ତତଶ୍ଚରଣୟୋଃ ପାତେ କୁର୍ଯ୍ୟାଦ୍ ଦୂତୀନିରୀକ୍ଷଣମ୍ ।। ୨୮୭ ।।
ଉତ୍ଥାପ୍ୟାଲିଙ୍ଗୟେଦେନଂ ନାୟିକା ନାୟକଂ ତତଃ ।
ରତିଭୋଗଗତା ହୃଷ୍ଟା ଶୟନାଭିମୁଖୀ ବ୍ରଜେତ୍ ।। ୨୮୮ ।।
ଏତଦ୍ ଗୀତବିଧାନେନ ସୁକୁମାରେଣ ଯୋଜୟେତ୍ ।
ଯଦା ଶୃଙ୍ଗାରସଂଯୁକ୍ତୋ ରତିସଂଯୋଗକାରଣମ୍ ।। ୨୮୯ ।।
ଯଦାଚାକାଶ ପୁରୁଷଂ ପରସ୍ଥବଚନାଶ୍ରୟମ୍ ।
ଭବେତ୍ କାବ୍ୟଂ ତଥା ହ୍ୟେଷ କର୍ତ୍ତବ୍ୟୋଽଭିନୟଃ ସ୍ତ୍ରିୟା ।। ୨୯୦ ।।
ଯଦନ୍ତଃପୁର ସମ୍ବନ୍ଧଂ କାବ୍ୟଂ ଭବତି ନାଟକେ ।
ଶୃଙ୍ଗାରସ ସଂଯୁକ୍ତଂ ତତ୍ରାପ୍ୟେଷ ବିଧି ର୍ଭବେତ୍ ।। ୨୯୧ ।।
ରଙ୍ଗନିଷିଦ୍ଧକର୍ମାଣି- ନ କାର୍ଯ୍ୟଂ ଶୟନଂ ରଙ୍ଗେ ନାଟ୍ୟଧର୍ମଂ ବିଜାନତା ।
କେନଚିଦ୍ ବଚନାର୍ଥେନ ଅଙ୍କଚ୍ଛେଦୋବିଧୀୟତେ ।। ୨୯୨ ।।

ଯଦି କେଶର ଶେଷ ଭାଗଟା ତାଙ୍କ ହାତରେ ରହିଯାଏ, ତେବେ ନାରୀ ସ୍ୱେଦକ୍ଲାନ୍ତା ହୋଇ- ଉହୁଁ, ଛାଡ଼ି ଦେଉନ ! ନାଇଁ ତୁମେ ଗଲ ଏଠୁ ! ଅଳସ ଭଙ୍ଗୀରେ ଏହିପରି ମଧୁରଭାବେ ମୁହଁଛିଆଡ଼ି କହିବ ।। ୨୮୩ ।। ପୁରୁଷଟି ଏହି ମଧୁର ରୋଷ ବାକ୍ୟ ଶୁଣି ଚାଲିଯାଉଥିବ । ପୁଣି ଟିକିଏ ପଛକୁ ଫେରି ଆସି- କୌଣସି ପ୍ରସଙ୍ଗାନ୍ତର କଥା ଯୋଡ଼ି (ଯଥା, ଆଚ୍ଛା, ଆଜି ତୁମ ଭାଇ ଆସିବାର ଥିଲାପରା !) ପୁନରାୟ ଆଳାପ ଆରମ୍ଭ କରି ପାଖକୁ ଆସି ଲାଗି ଲାଗିଯିବ ।। ୨୮୪ ।।ହାତଧରି ଟିକିଏ ହଲାଇଦେବା ପରେ ନାୟିକା ହୁଁଃ, ଉହୁଁ କହିବ । ତା'ପରେ କାନ୍ତ ହାତଧରି ହଲାଉଥିବା ଭିତରେ ଗୁଡାଏ ଛଳନା ପୂର୍ଣ୍ଣ ହଳପ ଯଥା (ଆଉ କେବେ ଦେଖିବ ନାହିଁ ।) ଇତ୍ୟାଦି କରିବ । ପଛପଟୁ ଆଖିବୁଜି ଧରିବ । ପଛରୁ ଆଲିଙ୍ଗନ କରିବ । ନାରୀର ବସ୍ତ୍ର ଅପହୃତ ହେଲେ ଅଣ୍ଟା ଖୋସଣୀ ଭିଡ଼ି ଧରିବ । ସେହି ପର୍ଯ୍ୟନ୍ତ କାନ୍ତକୁ କାମିନୀ ହଇରାଣ କରିବ, ଯେ ପର୍ଯ୍ୟନ୍ତ ସେ ପାଦତଳେ ନ ପଡ଼ିଛି । ତା'ପରେ ସେ ପାଦରେ ପଡ଼ିଯିବା ପରେ ଦୂତୀ ଆଡକୁ ଚାହିଁବ । (ଅର୍ଥାତ୍ ଦୂତୀକୁ ପଳାଇବାକୁ ଇଙ୍ଗିତ ଦେବ ।) ତା'ପରେ ତାକୁ ଉଠାଇ ନାୟିକା ଆଲିଙ୍ଗନ କରିବ । ତାହାପରେ ଆନନ୍ଦରେ ରତିଭୋଗ ଲାଳସାରେ ଶଯ୍ୟା ଆଡକୁ ଯିବ ।। ୨୮୫-୨୮୮ ।। ଏହି ଯେଉଁ ସବୁ ଅଭିନୟ କଥା କୁହାଗଲା ତାହା ରଙ୍ଗମଞ୍ଚରେ ହେବ ନାହିଁ । ଯେତେବେଳେ ଶୃଙ୍ଗାର ଅଭିନୟ ପରିବେଶ ହୋଇଥିବ ସେହି ସ୍ଥଳରେ ଆକାଶ ଭାଷିତ କିମ୍ବା ସଖୀ ଦୁହିଁଙ୍କର ଏହି ନାୟିକା ବିଷୟକ ଆଲୋଚନାରେ ଏହିପରି ଏହିପରି ହୋଇଥିଲା ବୋଲି ଅତି ସୁନ୍ଦର ପଦବିନ୍ୟାସ ଓ ମଧୁର ଛନ୍ଦ ଯୋଜନା କରି

Digitized by srujanika@gmail.com

ଯଦା ସ୍ୱପେଦର୍ଥବଶାଦେକାକୀ ସହିତୋଦ୍ଧପିବା ।
ଚୁମ୍ବନାଲିଙ୍ଗନଂ ଚୈବ ତଥା ଗୁହ୍ୟଂ ଚ ଯଦ୍‌ଭବେତ୍ ।। ୨୯୩ ।।
ଦନ୍ତଚ୍ଛେଦ୍ୟଂ ନଖକ୍ଷତଂ ନୀବୀସ୍ରଂଶନମେବବା ।
ସ୍ତନାଧରବିମର୍ଦ୍ଦଂଚ ରଙ୍ଗମଧ୍ୟେ ନ କାରୟେତ୍ ।। ୨୯୪ ।।
ଭୋଜନଂ ସଲିଳକ୍ରୀଡ଼ାଂ ତଥା ଲଜ୍ଜାକରଂତୁ ଯତ୍ ।
ଏବଂବିଧଂ ଭବେଦ୍ ଯଦ୍‌ଯଦ୍ ତତ୍ ତଦ୍ରଙ୍ଗେ ନ କାରୟେତ୍ ।। ୨୯୫ ।।
ପିତୃପୁତ୍ରସ୍ନୁଷାଶ୍ୱଶ୍ରୂ- ଦୃଶ୍ୟଂ ଯସ୍ମାଦ୍ ତୁ ନାଟକମ୍ ।
ତସ୍ମାଦେତାନି ସର୍ବାଣି ବର୍ଜ୍ଜନୀୟାନି ଯତ୍ନତଃ ।। ୨୯୬ ।।
ବାକ୍ୟୈଃ ସାତିଶୟୈଃ ଶ୍ରବ୍ୟୈ ର୍ମଧୁରୈ ର୍ନାତିନିଷ୍ଠୁରୈଃ ।
ହିତୋପଦେଶଜନନୈଃ ତଜ୍ଜ୍ଞୈଃକାର୍ଯ୍ୟଂ ତୁ ନାଟକମ୍ ।। ୨୯୭ ।।

ପ୍ରିୟାଂ ପ୍ରତ୍ୟାଦରସମ୍ଭାଷଣମ୍ -

ସମାଗମେଷ୍ୱଥ ନାରୀଣାଂ ବାଚ୍ୟାନି ମଦନାଶ୍ରୟେ ।
ପ୍ରିୟେଷୁ ବଚନାନୀହ ଯାନି ତାନି ନିବୋଧତ ।। ୨୯୮ ।।
ପ୍ରିୟଃ କାନ୍ତୋ ବିନୀତଶ୍ଚ ନାଥଃ ସ୍ୱାମ୍ୟଥ ଜୀବିତମ୍ ।
ନନ୍ଦନଶ୍ଚେତ୍ୟଭିପ୍ରୀତେ ବଚନାନି ଭବନ୍ତି ହି ।। ୨୯୯ ।।

ଗୀତ ମାଧ୍ୟମରେ ପରିବେଷଣ କରାଯିବ । ଯେପରି କି ଶ୍ରୋତା ତଥା ଦର୍ଶକଙ୍କ ଅନ୍ତରରେ ଶୃଙ୍ଗାର ରସ ପୁରା ଆବୋରି ବସିବ ।। ୨୮୯, ୨୯୦ ।। ନାଟକରେ ଯେଉଁସ୍ଥଳରେ ଅନ୍ତଃପୁର ସମ୍ବନ୍ଧିତ କାବ୍ୟ ପରିବେଷଣ ହେବ ସେହି ସ୍ଥଳରେ ଶୃଙ୍ଗାର ବର୍ଣ୍ଣନାରେ ଏହି ବିଧି ପ୍ରୟୋଗ ହେବ ।। ୨୯୨ ।। ଯଦି କୌଣସି ପରିସ୍ଥିତିରେ ରଙ୍ଗମଞ୍ଚରେ ଏକାକୀ ଅଥବା ଦୁହିଁଙ୍କୁ ଶୋଇବାକୁ ପଡ଼େ, ତେବେ ସେ ସ୍ଥଳରେ ଚୁମ୍ବନ, ଆଲିଙ୍ଗନ ଏବଂ ଯାହା କିଛି ଗୋପନୀୟ କର୍ମ ଦନ୍ତଚ୍ଛେଦ, ନଖକ୍ଷତ, ନୀବୀ ବିସ୍ରଂଶନ, ସ୍ତନମର୍ଦ୍ଦନ, ଅଧରସ୍ପର୍ଶ ଏ ସମସ୍ତ କେବେହେଲେ କରିବ ନାହିଁ । ଭୋଜନ, ଜଳକ୍ରୀଡ଼ା ଏବଂ ଆଉ ଯାହା ଯାହା ଲାଜ କଥା ସେସବୁ ରଙ୍ଗମଞ୍ଚ ମଧ୍ୟରେ କରିବ ନାହିଁ ।। ୨୯୩-୨୯୫ ।। କାରଣ ନାଟକକୁ ବାପ-ପୁଅ, ଶାଶୂ-ବୋହୂ, ନାତି ନାତୁଣୀ ଏକାଠି ବସି ଦେଖୁଥିବେ ଶୁଣୁଥିବେ । ତେଣୁ ଚେଷ୍ଟାକରି ଦୃଶ୍ୟ ଏଡାଇ ଏହି ସବୁ ଦୃଶ୍ୟକୁ ବର୍ଜ୍ଜନ କରିବ । ଶୁଣିବାକୁ ମଧୁର ହୋଇଥିବ ଏହିପରି ଲଳିତ କବିତାରେ (ଯାହା କି ନୀତି ଗର୍ଭିତ ମଧ୍ୟ ହୋଇଥିବ, ଉପଦେଶ କିଛି ଥିବ ।) ନାଟ୍ୟବିଜ୍ଞ କବିମାନେ ନାଟକ ରଚନା କରିବେ ।। ୨୯୬-୨୯୫ ।। ଶୃଙ୍ଗାର ପରିବେଶରେ ପ୍ରିୟତମା ଆସି ପହଞ୍ଚିଲେ ସ୍ୱାମୀଙ୍କୁ ଯାହା ଯାହା ଯେଉଁଳି କହିବେ ସେ କଥା ଶୁଣ ।। ୨୯୮ ।। ପ୍ରିୟ, କାନ୍ତ, ବିନୀତ, ନାଥ, ସ୍ୱାମୀ, ଜୀବିତ, ନନ୍ଦନ, ଖୁସିରେ ଏହିପରି ପଦମାନଙ୍କ ବ୍ୟବହାର କରିବ ।। ୨୯୯ ।।

Digitized by srujanika@gmail.com

ଦୁଃଶୀଲୋଽଥ ଦୁରାଚାରଃ ଶଠୋବାମୋ ବିରୂପକଃ ।
ନିର୍ଲଜ୍ଜୋ ନିଷ୍ଠୁରଶ୍ଚେତି ପ୍ରାୟଃକ୍ରୋଧେଽଭିଧୀୟତେ ।। ୩୦୦ ।।
ଯୋ ବିପ୍ରିୟଂ ନ କୁରୁତେ ନ ଚାଯୁକ୍ତଂ ପ୍ରଭାଷତେ ।
ତଥାର୍ଜ୍ଜବସମାଚାରଃ ପ୍ରିୟଇତ୍ୟୁଚ୍ୟତେ ବୁଧୈଃ ।। ୩୦୧ ।।
ଅନ୍ୟନାରୀ ସମୁଦ୍‌ଭୂତଂ ଚିହ୍ନଂ ଯସ୍ୟ ନ ଦୃଶ୍ୟତେ ।
ଅଧରେ ବା ଶରୀରେ ବା ସ କାନ୍ତ ଇତି ଭଣ୍ୟତେ ।। ୩୦୨ ।।
ସଂକ୍ରୁଦ୍ଧୋଽପି ହି ଯୋ ନାର୍ଯ୍ୟା ନୋତ୍ତରୋତ୍ତରଭାଷଣମ୍ ।
ପରୁଷଂ ବା ନ ବଦତି ବିନୀତଃ ସୋଽଭିଧୀୟତେ ।। ୩୦୩ ।।
ସାମଦାନାର୍ଥସମ୍ଭୋଗୈ ସ୍ତଥା ଲାଳନପାଳନୈଃ ।
ନାରୀଂ ସଂଭଜତେ ଯସ୍ତୁ ସ ନାଥ ଇତି ସଂଜ୍ଞିତଃ ।। ୩୦୪ ।।
ହିତୈଷୀ ରକ୍ଷଣେ ଶକ୍ତୋ ନ ମାନୀ ନଚ ମତ୍ସରୀ ।
ସର୍ବକାର୍ଯ୍ୟେଷ୍ୱସଂମୂଢ଼ଃ ଯଃ ସ ସ୍ୱାମୀତିକୀର୍ତ୍ତିତଃ ।। ୩୦୫ ।।
ନାରୀପ୍ସିତୈରଭିପ୍ରାୟୈ ର୍ନିପୁଣଂ ଶୟନକ୍ରିୟାଂ ।
କରୋତି ଯସ୍ତୁ ସମ୍ଭୋଗେ ଜୀବିତଃ ସୋଽଭିଧୀୟତେ ।। ୩୦୬ ।।
କୁଳୀନୋ ଧୃତିମାନ୍ ଦକ୍ଷୋ ଦକ୍ଷିଣୋ ବାଗ୍‌ବିଶାରଦଃ ।
ଶ୍ଲାଘନୀୟଃ ସଖୀମଧ୍ୟେ ନନ୍ଦନୋ ନାମ ସଂଜ୍ଞିତଃ ।। ୩୦୭ ।।

ରାଗିଗଲେ ଦୁଃଶୀଳ, ଦୁରାଚାର, ଶଠ, ବାମ, ବିରୂପ, ନିର୍ଲଜ, ନିଷ୍ଠୁର ବୋଲି କହିଥାଏ ।। ୩୦୦ ।। ଯେଉଁ ନାୟକ ନାୟିକାର କୌଣସି ଅପ୍ରିୟ ଆଚରଣ କରେ ନାହିଁ, ଅଯୌକ୍ତିକ କଥା କହେ ନାହିଁ। ବ୍ୟବହାର ଅତିସରଳ ତାହାକୁ ପଣ୍ଡିତମାନେ ପ୍ରିୟ ବୋଲି କୁହନ୍ତି ।।୩୦୧।। ଯାହାର ଶରୀର ବା ଅଧରରେ ଅନ୍ୟନାରୀ ସମ୍ଭୋଗଜନିତ କୌଣସି ଚିହ୍ନ ଦେଖାଯାଏ ନାହିଁ, ସେ କାନ୍ତବୋଲି ପରିଚିତ ହୁଏ ।। ୩୦୨ ।। ଯେତେ ରାଗିଲେ ମଧ୍ୟ ଯେ ସ୍ତ୍ରୀ ସହିତ ପଦକୁ ପଦଯୋଡ଼ି କଳି କରେ ନାହିଁ, କିମ୍ବା ରୁକ୍ଷ ଭାଷାରେ ଗାଳିଗୁଲଜ କରେ ନାହିଁ ତାହାକୁ ବିନୀତ ବୋଲି କୁହାଯାଏ ।। ୩୦୩ ।। ବିପଦ ମଧୁର କଥା କହଲକ୍ଷ୍ୟକରି ମାତ୍ର ସେମାନଙ୍କଠି, ଉପହାରଠାରୁ ଆରମ୍ଭକରି ଆର୍ଥିକ ଦାନ ମଧ୍ୟ ଯେ ଦେଇଥାଆନ୍ତି ଏବଂ ସମସ୍ତ ଯତ୍ନରେ ନାରୀକୁ ଲାଳନପାଳନ କରି ସମ୍ଭୋଗରେ ମଧ୍ୟ ତୃପ୍ତି ଦେଇ ଥାଆନ୍ତି, ସେ ନାଥ ବୋଲି ପରିଚିତ ହୁଅନ୍ତି ।। ୩୦୪ ।। ସ୍ତ୍ରୀର ହିତଚିନ୍ତା କରନ୍ତି, ରକ୍ଷା ବା ପାଳନ କରିବା ସାମର୍ଥ୍ୟ ଅଛି, ଅଭିମାନୀ ନୁହନ୍ତି ବା ଅନ୍ୟର ଶୁଭରେ ଅସହିଷ୍ଣୁତା ପ୍ରକାଶ ଯେ ନ କରନ୍ତି, ସମସ୍ତ କର୍ତ୍ତବ୍ୟ ଯେ ବୁଝି ବିଚାରି କରିଥାଆନ୍ତି, ସେ ସ୍ୱାମୀ ବୋଲି ପରିଚିତ ହୁଅନ୍ତି ।। ୩୦୫ ।। ପ୍ରିୟାର ଆକାଂକ୍ଷିତ ରୀତି ଓ ବନ୍ଧ ପ୍ରଭୃତି ଦ୍ୱାରା ଶୟନକ୍ରିୟା ଓ ସମ୍ଭୋଗରେ ଯେ ନିପୁଣ ସେ ଜୀବିତ ବୋଲି କଥିତ ହୋଇଥାଏ ।। ୩୦୬ ।। ବଂଶଜ, ଧୈର୍ଯ୍ୟଶୀଳ, କର୍ମଠ ସମଦର୍ଶୀ, ସୁବକ୍ତା, ସଖୀମାନଙ୍କ ମୁଖରେ ଯାହାର ପ୍ରଶଂସା ରହୁଥାଏ । ସେହି ନାୟକ ନନ୍ଦନ ନାମରେ ଖ୍ୟାତ ଅଟନ୍ତି ।। ୩୦୭ ।।

Digitized by srujanika@gmail.com

ଏତେ ବଚନ ବିନ୍ୟାସା ରତି ପ୍ରୀତିକରାଃ ସ୍ମୃତାଃ ।
ତଥାଚାପ୍ରୀତିବାକ୍ୟାନି ଗଦତୋ ମେ ନିବୋଧତ ।। ୩୦୮ ।।

ସକୋପ ସଂଭାଷଣମ୍ –

ନିଷ୍ଠୁର ଶ୍ଚାସହିଷ୍ଣୁର୍ଯୋ ମାନୀ ଧୃଷ୍ଟୋ ବିକତ୍ଥନଃ ।
ଉତ୍ତରୋତ୍ତରବାଦୀ ଚ ସ ଦୁଃଶୀଳ ଇତି ସ୍ମୃତଃ ।। ୩୦୯ ।।
ତାଡନଂ ବନ୍ଧନଂ ବାପି ଯୋଽବିମୃଶ୍ୟ ସମାଚରେତ୍ ।
ତଥା ପରୁଷବାକ୍ୟଶ୍ଚ ଦୁରାଚାରଃ ସ ସଂଜ୍ଞିତଃ ।। ୩୧୦ ।।
ବାଚୈବ ମଧୁରୋ ଯସ୍ତୁ କର୍ମଣା ନୋପପାଦୟେତ୍ ।
ଯୋଷିତଂ କଞ୍ଚିଦ୍‌ପ୍ୟର୍ଥଂ ସ ଶଠଃ ପରିକୀର୍ତ୍ତିତଃ ।। ୩୧୧ ।।
ବାର୍ଯ୍ୟତେ ଯତ୍ର ଯତ୍ରାର୍ଥେ ତଂତମେବ କରୋତି ଯଃ ।
ଭବେଦଭିନିବେଶୀ ଚ ସ ବାମ ଇତି ସଂଜ୍ଞିତଃ ।। ୩୧୨ ।।
ସରସବ୍ରଣଚିହ୍ନୋ ଯଃ ସ୍ତ୍ରୀସୌଭାଗ୍ୟବିକତ୍ଥନଃ ।
ଅତିମାନୀ ତଥା ସ୍ତବ୍ଧଃ ସ ବିରୂପ ଇତି ସ୍ମୃତଃ ।। ୩୧୩ ।।
ବାର୍ଯ୍ୟମାଣୋ ଦୃଢ଼ତରଂ ଯୋ ନାରୀ ମଭିସର୍ପତି ।
ସଚିହ୍ନଃ ସାପରାଧଶ୍ଚ (ସଃ) ନିର୍ଲଜ୍ଜ ଇତି ସଂଜ୍ଞିତଃ ।। ୩୧୪ ।।

ଏହି ବାକ୍ ବିଳାସ ରତି ପ୍ରସଂଗରେ ପ୍ରୀତିବର୍ଦ୍ଧନ କରିଥାଏ । ଅପ୍ରୀତିକର ବାକ୍ୟ କଥା ମୁଁ କହୁଅଛି ଶୁଣ ।। ୩୦୮ ।। ଯେଉଁ ବ୍ୟକ୍ତି ନିଷ୍ଠୁର, ଅସହିଷ୍ଣୁ, ଗର୍ବୀ, ଦୁଷ୍ଟ, ପାଞ୍ଚଜଣ ଯାହାକୁ ନିନ୍ଦା ବା ଘୃଣା କରନ୍ତି, ପଦକୁ ପଦ ଯୋଡ଼ି କଳିରୁ କେବେ ନିବୃତ୍ତ ହୁଏ ନା ସେ ଦୁଃଶୀଳ ଅଟେ ।। ୩୦୯ ।। କିଛି ବିଚାର ନକରି ଯେଉଁ ଲୋକ ମାରପିଟ୍ ଓ ବାନ୍ଧି ପକାଇବା ପ୍ରଭୃତି କାମ କରେ ଏବଂ ଯାହାର ଭାଷା ଅତି ଅସଂଯତ ଓ ରୁକ୍ଷ ସେ ଦୁରାଚାର ।। ୩୧୦ ।। ଯାହାର କଥାଟି ଭାରି ଚିକ୍କଣ କିନ୍ତୁ କଥାର କାର୍ଯ୍ୟ ସହିତ କୌଣସି ସମ୍ବନ୍ଧ ନଥାଏ । ସ୍ତ୍ରୀର କୌଣସି କାମନା କେବେ ପୂରଣ କରି ନଥାଏ ସେ ଶଠ (ଠକ) ।। ୩୧୧ ।। ଯାହା ଯାହା ମନାକରିବ ସେଇଥା ହିଁ ଯେ ବରାବର କରି ଚାଲିଥାଏ, ଏବଂ ଅତ୍ୟନ୍ତ ଆସକ୍ତି ପରାୟଣ ସେ ବାମ (ଅଖାଡୁ) ନାମରେ ପରିଚିତ ।। ୩୧୨ ।। ସ୍ୱାମୀ ଶ୍ରଦ୍ଧା ବା ପ୍ରୀତି ସ୍ତ୍ରୀର ଏକଚାଟିଆ ଅଧିକାର । କିନ୍ତୁ ଏହି କଥାକୁ ବେଖାତିର କରି ପରନାରୀ ସଂଭୋଗସୂଚକ ଚିହ୍ନକୁ ଗର୍ବର ଭୂଷଣ ଭାବି (ବାହାଦୁରୀ) ଅତିଗର୍ବରେ ଠେଉଁ ପ୍ରକୃତିରେ ଯେ ସ୍ତ୍ରୀ ପାଖରେ ଆସି ପହଞ୍ଚେ ସେ ବିରୂପ ବୋଲି ଖ୍ୟାତ ।। ୩୧୩ ।। ମନାକଲେ ବିରକ୍ତ ହୋଇ କାହୁଥିଲେ ମଧ୍ୟ ସର୍ବବିଧ ଚିହ୍ନରେ ଚିହ୍ନିତ ହୋଇ ଅପରାଧୀ ସତ୍ତ୍ୱେ ମାଡ଼ମାରି ବଳପୂର୍ବକ ସେ ନାରୀ ଅଭିସର୍ପଣ କରେ ତାକୁ ନିର୍ଲଜ୍ଜ କୁହାଯାଏ ।। ୩୧୪ ।।

Digitized by srujanika@gmail.com

ଯୋଦ୍ଧପରାଦ୍ଧସ୍ତୁ ରଭସା ନାରୀଂ ସେବିତୁମିଚ୍ଛତି ।
ଅପ୍ରସାଦନବୁଦ୍ଧିଶ୍ଚ ନିଷ୍ଠୁରଃ ସୋଦ୍ଧଭିଧୀୟତେ ॥ ୩୧୫ ॥
ଏତେ ବଚନବିନ୍ୟାସାଃ ପ୍ରିୟାପ୍ରିୟବିଭୂଷିତାଃ ।
ନାନାବସ୍ଥାଂ ସମାସାଦ୍ୟ ବିଚାର୍ଯ୍ୟ ତାନ୍ ସମାଚରେତ୍ ॥ ୩୧୬ ॥
ଏଷ ଗୀତବିଧାନେ ତୁ ସୁକୁମାରବିଧି ର୍ଭବେତ୍ ।
ଶୃଙ୍ଗାରରସସମ୍ଭୂତୋ ରତିସମ୍ଭୋଗସ୍ୱେଦଜଃ ॥ ୩୧୭ ॥
ଯଚ୍ଚୈବାକାଶପୁରୁଷଂ ପରସ୍ଥବଚନାଶ୍ରୟମ୍ ।
ଶୃଙ୍ଗାର ଏବଂ ବାଚ୍ୟଃ ସ୍ୟାତ୍ ତତ୍ରାପ୍ୟେଷ ବିଧିର୍ଭବେତ୍ ॥ ୩୧୮ ॥
ଯଦ୍ ବା ପୁରୁଷସମ୍ବନ୍ଧଂ କାର୍ଯ୍ୟଂ ଭବତି ନାଟକେ ।
ଶୃଙ୍ଗାରରସସଂଯୁକ୍ତଂ ତତ୍ରାପ୍ୟେଷ କ୍ରମୋ ଭବେତ୍ ॥ ୩୧୯ ॥
ଏବମନ୍ତଃପୁରଗତଃ ପ୍ରୟୋକ୍ତ୍ୟୋଦ୍ଧଭିନୟୋ ବୁଧୈଃ ।
ଦିବ୍ୟାଙ୍ଗନାନାଂ ତୁ ବିଧିଂ ବ୍ୟାଖ୍ୟାସ୍ୟାମ୍ୟନୁପୂର୍ବଶଃ ॥ ୩୨୦ ॥
ମାନବାକୃତିଦେବୀ-ନିତ୍ୟମେବୋଜ୍ଜ୍ୱଳୋ ବେଶୋ ନିତ୍ୟଂ ପ୍ରମୁଦିତଂ ମନଃ ।
ନିତ୍ୟମେବ ସୁଖଃ କାଳୋ ଦେବୀନାଂ ଲଳିତାଶ୍ରୟଃ ॥ ୩୨୧ ॥

ଦୋଷୀ ହୋଇ ମଧ୍ୟ ଯେଉଁ ଲୋକ ନାରୀକୁ ପ୍ରସନ୍ନ ନକରି ହଠାତ୍ ସମ୍ଭୋଗ ଆଶା କରେ ତାକୁ ନିଷ୍ଠୁର କୁହାଯାଏ ॥ ୩୧୫ ॥ ଏହିସବୁ ବାଚନିକ ପାରିଭାଷିକ ଶବ୍ଦ ଅଟେ । ପ୍ରିୟ ଏବଂ ଅପ୍ରିୟ ସ୍ଥଳରେ ଏମାନଙ୍କୁ ଅବସ୍ଥାର ସ୍ତର ବିଚାର କରି ବ୍ୟବହାର କରିବ ॥ ୩୧୬ ॥ ଶୃଙ୍ଗାର ରସ ଅଭିନୟରେ ରତି ସମ୍ଭୋଗ ବର୍ଣ୍ଣନା କ୍ଷେତ୍ରରେ ଗୀତ ରଚନା କଲାବେଳେ ଏହା ଏକ ସୁକୁମାର ବିଧି ବୋଲି (ସହଜ ଉପାୟ, ଅର୍ଥାତ୍ ଅନେକ ଭାବକୁ ଗୋଟିଏ ଶବ୍ଦରେ କହିବା) ଜାଣିବ ॥ ୩୧୭ ॥ ଯେଉଁ କ୍ଷେତ୍ରରେ ଆକାଶବାଣୀ ଆବଶ୍ୟକ ଅଥବା ପରବଚନ (ନାୟକ ନାୟିକା ଏକାଠି ନହୋଇ ହୁଏତ ନାୟିକା ନିଜ ଅନୁଭୂତି ସାଙ୍ଗକୁ କହୁଥିବ ଅଥବା ସାଙ୍ଗ ଆଉ ଜଣେ ସାଙ୍ଗକୁ ପୂର୍ବ ବିଷୟ ବର୍ଣ୍ଣନା କହୁଥିବ) ଶୃଙ୍ଗାର ରସ ପ୍ରୟୋଗ ଅବସରରେ ଏହି ବିଧାନ ହିଁ କାର୍ଯ୍ୟକାରି କରାଯିବ ॥ ୩୧୮, ୩୧୯ ॥ ନାଟ୍ୟ ବିଶାରଦ ରାଜ ଅନ୍ତଃପୁର ଭିତରର ବା ଅଭିଜାତ ଅନ୍ତଃପୁରର ଶୃଙ୍ଗାର ରସ ଅଭିନୟ ବିଷୟ ଏହିପରି ପ୍ରୟୋଗ କରିବେ (ମନୁଷ୍ୟ ପାତ୍ର ସ୍ଥଳରେ) । ଏବେ ଦିବ୍ୟାଙ୍ଗନା (ଦେବ କନ୍ୟା ବା ଅପ୍ସରା) ବିଷୟରେ ଯଥାକ୍ରମେ କହୁଛି ॥ ୩୨୦ ॥ ମାନବ ଆକୃତିର ଦେବୀର ଉଜ୍ଜ୍ୱଳ ବେଶ ପରିପାଟୀ । ହାଲୁକା ଓ ପ୍ରସନ୍ନ ମନ । ସର୍ବଦା ସୁଖାନୁଭୂତିଶୀଳ ସମୟ ହେବ ଏବଂ କୋମଳତା ଓ ଚାତୁରୀ ଭରି ରହିବ ॥ ୩୨୧ ॥

Digitized by srujanika@gmail.com

ନ ଚେର୍ଷ୍ୟା ନୈବ ଚ କ୍ରୋଧୋ ନାସୂୟା ନ ପ୍ରସାଦନମ୍ ।
ଦୃଶ୍ୟତେ ଦିବ୍ୟପୁଂସାଂ ହି ଶୃଙ୍ଗାରେ ଯୋଷିତଂ ପ୍ରତି ।। ୩୨୨ ।।
ଯଦା ମାନୁଷସଂଯୋଗୋ ଦିବ୍ୟାନାଂ ଯୋଷିତାଂ ଭବେତ୍ ।
ତଦା ସର୍ବେ ପ୍ରକର୍ତ୍ତବ୍ୟା ଯେ ଭାବା ମାନୁଷାଶ୍ରୟାଃ ।। ୩୨୩ ।।
ଶାପାଦ୍ ଭ୍ରଂଶସ୍ତୁ ଦିବ୍ୟାନାମଙ୍ଗନାନାଂ ଯଦା ଭବେତ୍ ।
କାର୍ଯୋ ମାନୁଷସଂଯୋଗସ୍ତଥା ଚୈବୋପସର୍ପଣମ୍ ।। ୩୨୪ ।।
ପୁଷ୍ପୈ ର୍ଭୂଷଣଜୈଃ ଶବ୍ଦୈଃ ଅଦୃଶ୍ୟାତ୍ରାପି ଯାଭବେତ୍ ।
ପୁନଃ ସଂଦର୍ଶନଂ ଦତ୍ତ୍ୱା କ୍ଷଣାଦନ୍ତର୍ହିତା ଭବେତ୍ ।। ୩୨୫ ।।
ବସ୍ତ୍ରାଭରଣମାଲ୍ୟୈସ୍ତୁ ଲେଖସଂପ୍ରେଷଣୈରପି ।
ଇତ୍ଥଂଶୈରଭ୍ୟୁପଗମୈଃ ସମୁନ୍ମାଦ୍ୟସ୍ତୁ ନାୟକଃ ।। ୩୨୬ ।।
ଉନ୍ମାଦନାଦ୍ ସମୁତ୍ପନ୍ନଃ କାମୋରତିକରୋ ଭବେତ୍ ।
ସ୍ୱଭାବୋପଗତୋ ଯସ୍ତୁ ନାସାବତ୍ୟର୍ଥଭାବକଃ ।। ୩୨୭ ।।

ଦେବୀମାନଙ୍କ କ୍ଷେତ୍ରରେ କୌଣସି ପ୍ରକାର ଈର୍ଷ୍ୟା, କ୍ରୋଧ, ଅସୂୟା ବା ମାନଭଞ୍ଜନର ଅବକାଶ ଶୃଙ୍ଗାର ରସରେ ପୁରୁଷର ରହିବ ନାହିଁ ।। ୩୨୨ ।। ଯେଉଁ କ୍ଷେତ୍ରରେ ଦିବ୍ୟନାରୀମାନଙ୍କର ମନୁଷ୍ୟ ସହିତ ମିଳନ ପ୍ରସଂଗ ଆସିବ ସେ ସ୍ଥଳରେ ମନୁଷ୍ୟ ଆଶ୍ରିତ ପୂର୍ବ ବର୍ଣ୍ଣିତ ଭାବମାନ ପ୍ରୟୋଗ କରିବ ।। ୩୨୩ ।। ଅଭିଶାପବଶତଃ ଦିବ୍ୟନାରୀମାନଙ୍କର ଯେତେବେଳେ ପତନ ହୁଏ ସେହି ଅବସ୍ଥାରେ ମନୁଷ୍ୟ ସଂଯୋଗ ଓ ଉପସର୍ପଣ ବିଧିମାନ ବର୍ଣ୍ଣନା କରାଯିବ ।। ୩୨୪ ।। ଫୁଲ ପକାଇବା କିମ୍ବା ଅଳଙ୍କାର ଶବ୍ଦ ଦ୍ୱାରା ଅଦୃଶ୍ୟା ଦିବ୍ୟନାରୀ ନିଜ ସୂଚନା ପ୍ରଥମେ ଦେବେ । ପୁଣି ଦେଖା ଟିକିଏ ଦେଇ ଅନ୍ତର୍ଦ୍ଧାନ ଅଭିନୟ କରିବେ ।। ୩୨୫ ।। ଏହି ଦିବ୍ୟାଙ୍ଗନା ଦିବ୍ୟବସ୍ତ୍ର ଦିବ୍ୟକୁସୁମ ହାର କିମ୍ବା ଅଲକ୍ଷ୍ୟରେ ଲେଖା ପକାଇବା ପ୍ରଭୃତି- ଦ୍ୱାରା ନାୟକକୁ ଆଗ୍ରହାନ୍ୱିତ କରିସାରି ସାକ୍ଷାତ୍କାର ଦେବେ ।। ୩୨୬ ।। ଉନ୍ମାଦନାଯୋଗୁଁ ଉତ୍ପନ୍ନ ହୋଇଥିବା ନାୟକଗତ କାମଭାବ ରତିପାଇଁ କାରଣ ହୋଇଥାଏ । ଆପେ ଆପେ ଆସି ପହଞ୍ଚି ସହଜରେ ମିଳନ ହୋଇଗଲେ ଏହା ମନକୁ ଛୁଏଁ ନାହିଁ ।। ୩୨୭ ।।

Digitized by srujanika@gmail.com

ଯେ ଭାବା ମାନୁଷାଣାଂତୁ ଯଦଙ୍ଗଂ ଯଚ୍ଚ ଚେଷ୍ଟିତମ୍ ।
ତତ୍ସର୍ବଂ ମାନୁଷଂ ପ୍ରାପ୍ୟ କାର୍ଯ୍ୟଂ ଦିବ୍ୟୈରପି ଦ୍ୱିଜାଃ ॥ ୩୨୮ ॥
ଏବଂ ରାଜୋପଚାରୋହି କର୍ତ୍ତବ୍ୟୋଽଭ୍ୟନ୍ତରାଶ୍ରୟଃ ।
ବାହ୍ୟମପ୍ୟୁପଚାରଂ ତୁ ବ୍ୟାଖ୍ୟାସ୍ୟାମ୍ୟଥ ବୈଶିକେ ॥ ୩୨୯ ॥

ଇତି ଭରତନାଟ୍ୟ ଶାସ୍ତ୍ରେ ସାମାନ୍ୟାଭିନୟୋନାମ
ଚତୁର୍ବିଂଶଃ ଅଧ୍ୟାୟଃ ।

ମନୁଷ୍ୟମାନଙ୍କର ଯେଉଁସବୁ ଭାବ ଏବଂ ଯେଉଁ ସବୁ ଅଙ୍ଗାଭିନୟ ବିଷୟ କୁହାଯାଇଛି, ମନୁଷ୍ୟ ଅବସ୍ଥା ପ୍ରାପ୍ତ ଦେବତାମାନଙ୍କ କ୍ଷେତ୍ରରେ ସେହି ସମସ୍ତ କରଣୀୟ ଅଟେ ॥ ୩୨୮ ॥

ଅନ୍ତଃପୁରଗତ ରାଜୋପଚାରମାନ ଏହିପରି କରାଯିବ । ଏବେ ବୈଶିକ ପ୍ରକରଣରେ ବାହ୍ୟ ଉପଚାର ବିଷୟ ଯଥାକ୍ରମେ କହିବି ॥ ୩୨୯ ॥

ଭରତ ନାଟ୍ୟଶାସ୍ତ୍ରରେ ସାମାନ୍ୟାଭିନୟ ନାମକ
ଚତୁର୍ବିଂଶ ଅଧ୍ୟାୟ ସମାପ୍ତ ।

▼▼▼

Digitized by srujanika@gmail.com

-: ପଞ୍ଚବିଂଶ ଅଧ୍ୟାୟ :-

ବାହ୍ୟୋପଚାରଃ

ବୈଶେଷିକଃ ତସ୍ୟଲକ୍ଷଣଂଚ –

ବିଶେଷୟେତ୍ କଳାଃ ସର୍ବାଃ ଯସ୍ମାଦ୍ ବୈଶେଷିକସ୍ତୁ ସଃ ।
ବେଶୋପଚାରତୋ ବାପି ବୈଶିକଃ ପରିକୀର୍ତ୍ତିତଃ ॥ ୧ ॥
ଯୋହି ସର୍ବକଳୋପେତଃ ସର୍ବଶିଳ୍ପ ବିଚକ୍ଷଣଃ ।
ସ୍ତ୍ରୀଚିତ୍ତଗ୍ରାହକଶ୍ଚୈବ ବୈଶିକଃ ସ ଭବେତ୍ ପୁମାନ୍ ॥ ୨ ॥

ଅଥାସ୍ୟଗୁଣାଃ-ଗୁଣାସ୍ତସ୍ୟ ତୁ ବିଜ୍ଞେୟାଃ ସ୍ୱଶରୀରସମୁଦ୍‌ଭବାଃ ।
ଆହାର୍ଯ୍ୟାଃ ସହଜାଶ୍ଚୈବ ତ୍ରୟସ୍ତ୍ରିଂଶଦ୍ ସମାସତଃ ॥ ୩ ॥
ଶାସ୍ତ୍ରବିଦ୍ ଶିଳ୍ପସମ୍ପନ୍ନୋ ରୂପବାନ୍ ପ୍ରିୟଦର୍ଶନଃ ।
ବିକ୍ରାନ୍ତୋ ଧୃତିମାଂଶ୍ଚୈବ ବୟୋବେଶକୁଳାନ୍ୱିତଃ ॥ ୪ ॥
ସୁରଭିର୍ମଧୁରସ୍ତ୍ୟାଗୀ ସହିଷ୍ଣୁ ରବିକତ୍‌ଥନଃ ।
ଅଶଂକିତଃ ପ୍ରିୟଭାଷୀ ଚତୁରଃ ସୁଭଗଃ ଶୁଚିଃ ॥ ୫ ॥

ବାହ୍ୟୋପଚାରାଃ –

ବୈଶେଷିକ ଓ ତାହାର ଲକ୍ଷଣ--ସମସ୍ତ କଳାକୁ ସେ ଫୁଟାଇଥାଏ । ଏଣୁ ତାକୁ ବୈଶେଷିକ ବୋଲି କୁହାଯାଏ । ବେଶ ଏବଂ ଉପଚାର ତାରକ୍ଷେତ୍ର ହୋଇଥିବା ଯୋଗୁଁ ତାହାକୁ ବୈଶିକ ବୋଲି ମଧ୍ୟ କୁହାଯାଏ । ଯେଉଁ ଲୋକ ସମସ୍ତ କଳାରେ ନିପୁଣ, ସବୁ ଶିଳ୍ପ ବିଦ୍ୟାରେ ବିଚକ୍ଷଣ, କାମିନୀ ମନୋହରଣ ବିଜ୍ଞ ସେହି ପୁରୁଷ ହିଁ ବୈଶିକ ହୋଇ ପାରିବ ॥ ୨ ॥ ବୈଶିକର ଗୁଣଗ୍ରାମ- ତାର ଗୁଣ ନିଜମନରୁ ଜାତ (ଫାଜିବା), ଆହାର୍ଯ ଓ ସହଜ, ଏସମସ୍ତ ମୋଟରେ ତେତ୍ରିଶଟି ଅଟନ୍ତି ॥ ୩ ॥ ଯଥା- ଶାସ୍ତ୍ରଜ୍ଞ, ଶିଳ୍ପବିତ୍, ରୂପବାନ୍, ପ୍ରିୟଦର୍ଶନ (ଚାହାଣୀର ଗଭୀରତା ଓ ଠାଣିଥିବ) ବିକ୍ରମଯୁକ୍ତ, ଧୈର୍ଯ୍ୟବାନ, ବୟସବେଶ ଓ ବଂଶାଭିମାନରେ ପ୍ରସ୍ତୁତ ଥିବ । ସୁଗୁଣରେ ଚାରିଆଡ଼େ ତାର ମହକ ଥିବ, ମଧୁର ବ୍ୟବହାର ଶୀଳ, ତ୍ୟାଗୀ, ସହିଷ୍ଣୁ, ଲୋକେ ନିନ୍ଦା କରୁ ନଥିବେ । ନିର୍ଭୀକ, ପ୍ରିୟଭାଷୀ, ଚତୁର, ସୌଭାଗ୍ୟଯୁକ୍ତ, ପବିତ୍ର ଶୃଙ୍ଗାରୋପଚାରଦକ୍ଷ, ବହୁ ନାୟିକା ଥିବା କ୍ଷେତ୍ରରେ ସମସ୍ତଙ୍କଠାରେ ସମାନ ଆଦରଶୀଳ, ଦେଶକାଳବିତ୍ (ଯେତେବେଳେ ଯେଉଁ ସ୍ଥଳରେ ଯେପରି କରିବାକୁ ହେବ ସେ ବିଷୟରେ ପଣ୍ଡିତ) ବାକ୍ୟକୁଣ୍ଠିତ ନୁହେଁ । (ପଦେ ପଚାରିଲେ ବେଖାତିର କରି ମୁହଁ ବୁଲାଏନା) ହସି ହସି କଥା କହୁଥିବ (ସ୍ମିତବାକ୍) ସୁବକ୍ତା, ଦକ୍ଷ, ମିଷ୍ଟଭାଷୀ, ଅଲୁବ୍ଧ, ସଂବିଭାଗୀ, (ଯାହାକୁ ଯେପରି ଦିଆଯିବା କଥା, ଯେ ଯେଉଁଠାରେ ଯେପରି ରହିବା କଥା ଏ ବିଷୟରେ ଅଭିଜ୍ଞ) ଶ୍ରଦ୍ଧାଶୀଳ, କର୍ତ୍ତବ୍ୟ ପରାୟଣ

Digitized by srujanika@gmail.com

କାମୋପଚାର କୁଶଲୋ ଦକ୍ଷିଣୋ ଦେଶକାଳବିତ୍ ।
ଅଦୀନବାକ୍ୟଃ ସ୍ମିତବାକ୍ ବାଗ୍ମୀଦକ୍ଷଃ ପ୍ରିୟଂବଦଃ ।। ୬ ।।
ଅଲୁବ୍ଧଃ ସଂବିଭାଗୀ ଚ ଶ୍ରଦ୍ଧଧାନୋ ଦୃଢ଼ବ୍ରତଃ ।
ଗମ୍ୟାସୁ ଚାପ୍ୟବିଶ୍ରମ୍ଭୀ ମାନୀ ଚେତି ଚ ବୈଶିକଃ ।। ୭ ।।
ଅନୁରକ୍ତଃ ଶୁଚିର୍ଦାନ୍ତୋ ଦକ୍ଷିଣଃ ପ୍ରତିପତ୍ତିମାନ୍ ।
ଭବେତ୍ ଚିତ୍ରାଭିଧାୟୀ ଚ ବୟସ୍ୟଃ ତସ୍ୟଷଡ୍‌ଗୁଣାଃ ।। ୮ ।।

ଦୂତୀ-ବିଜ୍ଞାନ ଗୁଣସମ୍ପନ୍ନା କଥିନୀ ଲିଙ୍ଗିନୀ ତଥା ।
ରଙ୍ଗୋପଜୀବନା ଚାପି ପ୍ରତିପତ୍ତି ବିଚକ୍ଷଣା ।। ୯ ।।
ପ୍ରତିବେଶ୍ୟା ସଖୀଦାସୀ କୁମାରୀ କାରୁଶିଳ୍ପିକା ।
ଧାତ୍ରୀ ପାଷଣ୍ଡିନୀ ଚୈବ ଦୂତ୍ୟ ସ୍ତ୍ୱିକ୍ଷଣିକାସ୍ତଥା ।। ୧୦ ।।

ଦୂତୀଗୁଣାଃ-ପ୍ରୋତ୍ସାହନେଷ୍ଟୁ କୁଶଳା ମଧୁରକଥା ଦକ୍ଷିଣାଚ କାଳଜ୍ଞା ।
ଲଡହା ସଂବୃତମନ୍ତ୍ରା ଦୂତୀ ତ୍ୱେଭିର୍ଗୁଣୈଃ କାର୍ଯ୍ୟା ।। ୧୧ ।।
ତୟା ପ୍ରୋତ୍ସାହନଂ କାର୍ଯ୍ୟଂ ନାନାଦର୍ଶିତକାରଣମ୍ ।
ଯଥୋକ୍ତ କଥନଂ ଚୈବ ତଥା ଭାବ ପ୍ରଦର୍ଶନମ୍ ।। ୧୨ ।।
ନ ଜଡଂ ରୂପବନ୍ତଂ ଚ ନାର୍ଥବନ୍ତଂ ନ ଚାତୁରମ୍ ।
ଦୂତଂ ବା ପୀ ହି ଦୂତୀଂଚ ବୁଧଃ କୁର୍ଯ୍ୟାତ୍ କଦାଚନ ।। ୧୩ ।।

(ଦୃଢବ୍ରତ) ଭୋଗ୍ୟାପତ୍ନୀମାନଙ୍କ ପ୍ରତି ଅତ୍ୟନ୍ତ ବିଶ୍ୱସ୍ତ (ପରନାରୀ ଲୋଲୁପତା ବିହୀନ) ମାନୀ (ନିଜର ସମ୍ମାନ ବା ଓଜନ ପ୍ରତି ସଚେତନ) ଏହି ତେତ୍ରିଶଟି ଗୁଣଯୁକ୍ତ ହେଲେ ବୈଶିକ ହୁଏ ।। ୪-୭ ।। **ବୟସ୍ୟ-** ଏହି ବୟସ୍ୟଙ୍କର (ମିତ୍ର) ଛଅଟି ଗୁଣ । ଅନୁରକ୍ତ (ମିତ୍ରପ୍ରତି),ପବିତ୍ର କ୍ଷମାଶୀଳ, ସମଦର୍ଶୀ, ଖ୍ୟାତିଶୀଳ, କଥାଚାତୁର୍ଯ୍ୟଶୀଳ, (ବକ୍ରୋକ୍ତିକୁଶଳ) ।। ୮ ।। **ଦୂତୀ-** ଶିଳ୍ପଶାସ୍ତ୍ର ଅଭିଜ୍ଞା, କଥା କହିବା ଓ ଶୁଣିବାରେ ସଉକ ଥିବା, ସନ୍ନ୍ୟାସିନୀ (ମାତା) ରଜକୀ, ଚାରଣପତ୍ନୀ, ନାୟକ ନାୟିକାଙ୍କର ସ୍ଥିତି ପ୍ରତିପତ୍ତି ବିଷୟରେ ସଚେତନା, ପଡୋଶୀକନ୍ୟା ବା ପ୍ରତିବେଶିନୀ, ସଖୀ, ଦାସୀ, କୁମାରୀ କନ୍ୟା, ମାଳିଆଣୀ ପ୍ରଭୃତି । ଧାତ୍ରୀ, ବୌଦ୍ଧପ୍ରଭୃତି ଧର୍ମର ମାତା ଏବଂ ଜୁକୁମ ପ୍ରଭୃତି ଜୈବ ଜୀବିନୀ ନାରୀ, ବା ଝଡାଫୁଙ୍କା (ଇକ୍ଷଣିକା) ବ୍ୟବସାୟ କରୁଥିବା ସ୍ତ୍ରୀମାନେ ଦୂତୀହୋଇଥାନ୍ତି ।। ୯, ୧୦ ।। ପ୍ରୋତ୍ସାହନ ଦେବା ବିଷୟରେ କୁଶଳା, ମଧୁର କଥାବତୀ, ଉଦାର ସ୍ୱଭାବା, ସମୟ ଜ୍ଞାନଥିବ (କେତେବେଳେ କିପରି କୁହାଯିବ) ପତଳା ଆକୃତିର ସୁନ୍ଦରୀ, ପରସ୍ପର କଥାକୁ ଗୋପନ ରଖି ପାରୁଥିବ ଏହି ସବୁ ଗୁଣ ଦୂତୀର ଥିବା ଏକାନ୍ତ ଆବଶ୍ୟକ ।। ୧୧ ।। ବିବିଧକାରଣ ଦେଖାଇ ସେ ନାୟକ ବା ନାୟିକାକୁ ମିଳନ ପାଇଁ ପ୍ରୋତ୍ସାହନ ଦେବ । ସ୍ଥଳ ଅନୁଯାୟୀ ଯାହା କହିବା କଥା ଭାବ ଦେଖାଇ କହିପାରୁଥିବ ।। ୧୨ ।। ଜଡ଼, ଅତିସୁନ୍ଦର, ଧନୀ, ଦୁଃଖୀ ଏମାନଙ୍କୁ ବୁଦ୍ଧିମାନ ଲୋକ ଦୂତ ବା ଦୂତୀ କରିବ ନାହିଁ ।। ୧୩ ।।

Digitized by srujanika@gmail.com

କୁଳଭୋଗ ଧନାଧିକ୍ୟଂ କାର୍ଯ୍ୟଂ ଚୈବ ବିକତ୍ଥନମ୍
ଦୂତୀ ନିବେଦୟେଦ୍ କାମମର୍ଥାନାଂ ଚୈବ ଭାଷଣମ୍ ॥ ୧୪ ॥
ନବକାମପ୍ରବୃତ୍ତାୟାଃ କ୍ରୁଦ୍ଧାୟା ବା ସମାଗମଃ ।
ନାନୋପାୟୈଃ ପ୍ରକର୍ତ୍ତବ୍ୟୋ ଦୂତ୍ୟା ହି ପୁରୁଷାଶ୍ରୟଃ ॥ ୧୫ ॥
ଉତ୍ସବେ ରାତ୍ରିସଞ୍ଚାରେ ଉଦ୍ୟାନେ ଜ୍ଞାତିବେଶ୍ମନି ।
ଧାତ୍ରୀଗୃହେ ସଖୀଗେହେ ତଥା ଚୈବ ନିମନ୍ତ୍ରଣେ ॥ ୧୬ ॥
ବ୍ୟାଧିତବ୍ୟପଦେଶେନ ଶୂନ୍ୟାଗାରସମାଶ୍ରୟେ ।
ଏବଂ ସମାଗମଃ କାର୍ଯ୍ୟୋ ନୃଣାଂ ପ୍ରଥମସଙ୍ଗମେ ॥ ୧୭ ॥
ଏବଂ ସମାଗମଂ କୃତ୍ୱା ନାନୋପାୟବିଧାନଜମ୍ ।
ଅନୁରକ୍ତାଂ ବିରକ୍ତାଂ ବା ଚିହ୍ନୈଃ ସମୁପଲକ୍ଷୟେଦ୍ ॥ ୧୮ ॥
କାମାତୁରା- ସ୍ୱଭାବଭାବାତିଶୟୈ ର୍ଯା ନାରୀ ମଦନାର୍ଦ୍ଦିତା ।
କରୋତ୍ୟନିଭୃତଂ ଲୀଳାଂ ଜ୍ଞେୟା ସା ମଦନାତୁରା ॥ ୧୯ ॥
ଅନୁରକ୍ତା- ଗୁଣାନ୍ ସଖୀନା ମାଖ୍ୟାତି ସ୍ୱଧନଂ ପ୍ରଦଦାତି ଚ ।
ସଂପୂଜୟତି ମିତ୍ରାଣି ଦ୍ୱେଷ୍ଟି ଶତ୍ରୁଜନଂ ତଥା ॥ ୨୦ ॥
ସମାଗମଂ ପ୍ରାର୍ଥୟତେ ଦୃଷ୍ଟ୍ୱା ହୃଷ୍ୟତି ଚାଧିକମ୍ ।
ତୁଷ୍ୟତ୍ୟସ୍ୟ କଥାଭିସ୍ତୁ ସସ୍ନେହଂ ଚ ନିରୀକ୍ଷତେ ॥ ୨୧ ॥

ଦୂତୀ ନାୟିକା ନିକଟରେ ନାୟକର ବଂଶ, ଭୋଗଭାଗ୍ୟ (କୃପଣତାର ବିପରୀତ) ଧନର ପ୍ରଚୁରତା ଏଗୁଡ଼ିକ ବଢ଼େଇ ବଢ଼େଇ କହିବ । ଖାତିର ପ୍ରଭୃତି ବିଷୟ ମଧ୍ୟ କହିବ ॥ ୧୪ ॥ ନବୀନା କୁମାରୀ କିମ୍ବା କୋପନା ନାୟିକା କ୍ଷେତ୍ରରେ ନାୟକ ନାୟିକା ମିଳନ ପାଇଁ ପୁରୁଷର ଗିତିକୁ ଲକ୍ଷ୍ୟକରି ଦୂତୀ ନାନା ଉପାୟ କରିବ ॥ ୧୫ ॥ ନାୟକ ନାୟିକା ପ୍ରଥମ ମିଳନ କ୍ଷେତ୍ରରେ ପ୍ରୋକ୍ତ ଉପାୟ ଓ ସଂକେତ ସ୍ଥାନମାନ ବ୍ୟବହାର କରାଯିବ । ଉତ୍ସବ, ମେଳାଯାତ୍ରା ପ୍ରଭୃତିରେ ରାତିବୁଲା, ଉଦ୍ୟାନ, ଜ୍ଞାତିଘରକୁ ବୁଲିଯାଇ ସେଠାରେ, ଧାଈଘର, ସାଙ୍ଗଘର, କୌଣସି ନିମନ୍ତ୍ରଣସ୍ଥଳ, ରୋଗୀ ଦେଖିବା ବାହାନାରେ ଶୂନ୍ୟ ଗୃହ ବା ମନ୍ଦିର ॥ ୧୬, ୧୭ ॥ ନାନା ଉପାୟରେ ଏହିପରି ସମାଗମ କରିବା ପରେ, ନିମ୍ନଲିଖିତ ଲକ୍ଷଣରୁ ଅନୁରକ୍ତା ବା ବିରକ୍ତା ନାୟିକାର ମନୋବୃତ୍ତି ଲକ୍ଷ୍ୟ କରିବ ॥୧୮॥ ନିଜର ସ୍ୱାଭାବିକ ମନୋବୃତ୍ତି ଯୋଗୁଁ ଯେଉଁନାରୀ ଖୋଲାଖୋଲି ଉପରେ ପଡ଼ି ନିଜେ ଇଙ୍ଗିତ ଦିଏ ସେ କାମାତୁରା ବୋଲି ଜାଣିବ ॥ ୧୯ ॥ ଅନୁରକ୍ତା- ସଖୀମାନଙ୍କ ଆଗରେ ପ୍ରିୟର ଗୁଣ ବଖାଣୁ ଥାଏ, ନିଜ ଧନରେ ପ୍ରିୟକୁ ଉପହାର ଦିଏ, ପ୍ରିୟର ବନ୍ଧୁମାନଙ୍କୁ ସମ୍ମାନ ଦିଏ ଏବଂ ପ୍ରିୟର ଶତ୍ରୁମାନଙ୍କୁ ଦ୍ୱେଷ କରେ । ପୁଣି କେତେବେଳେ ଆସିବ ବୋଲି ଅନୁରୋଧ କରେ, ଦେଖା ହେଲେ ଭାରି ବେଶି ଖୁସି ହୋଇଯାଏ ।

Digitized by srujanika@gmail.com

ସୁପ୍ତେ ଚ ପଶ୍ଚାଦ୍ ସ୍ୱପିତି ଚୁମ୍ବିତା ପ୍ରତିଚୁମ୍ବତି ।
ଉତ୍ତିଷ୍ଠତ୍ୟପି ପୂର୍ବଂଚ ତଥା କ୍ଲେଶସହାପି ଚ ॥ ୨୨ ॥
ସମା ଦୁଃଖେ ସୁଖେ ଚ ସ୍ୟାଦ୍ ନ କ୍ରୋଧମୁପଯାତି ଚ ।
ଏବଂ ବିଧୈର୍ଗୁଣୈର୍ଯୁକ୍ତା ଯାଦ୍ଵନୁରକ୍ତା ତୁସା ଭବେଦ୍ ॥ ୨୩ ॥

ବିରକ୍ତା-ବିରକ୍ତାୟାସ୍ତୁ ଲିଙ୍ଗାନି ଚୁମ୍ବିତାସ୍ୟଂ ପ୍ରମାର୍ଜତି ।
ଅନିଷ୍ଟଂ ଚ କଥାଂ ବ୍ରୂତେ ପ୍ରିୟମୁକ୍ତା ପି କୁପ୍ୟତି ॥ ୨୪ ॥
ପଦ୍ଵେଷ୍ଟି ଚାସ୍ୟ ମିତ୍ରାଣି ଶତ୍ରୁଂ ତସ୍ୟ ପ୍ରଶଂସତି ।
ଶେତେ ପରାଙ୍ମୁଖୀ ଚୈବ ଶଯ୍ୟାୟାଂ ପୂର୍ବଶାୟିନୀ ॥ ୨୫ ॥
ସୁମହତ୍ୟୁପଚାରେଷ୍ଵପି ନ ତୁଷ୍ୟତିକଦାଚନ ।
ନ କ୍ଲେଶଂ ସହତେ ସାଦ୍ଧପି ତଥାକୁପ୍ୟତ୍ୟକାରଣାଦ୍ ॥ ୨୬ ॥
ନ ଚ ଚକ୍ଷୁର୍ଦଦାତ୍ୟସ୍ୟ ନଚୈନମଭିନନ୍ଦତି ।
ଯସ୍ୟାମେବଂ ବିକାରାଃ ସ୍ୟୁର୍ବିରକ୍ତାଂ ତାଂ ବିନିର୍ଦିଶେଦ୍ ॥ ୨୭ ॥
ହୃଦୟ ଗ୍ରହଣାନି ସ୍ୟୁର୍ବ୍ୟାପାରସ୍ୟ ବିଚେଷ୍ଟିତମ୍ ।
ଅର୍ଥପ୍ରଦର୍ଶନଂ ଚୈବ ତଥା ସଦ୍‌ଭାବଦର୍ଶନମ୍ ॥ ୨୮ ॥
ଅର୍ଥୋପନ୍ୟାସ ଏବ ସ୍ୟାଦର୍ଥଦାନଂ ତଥୈବ ଚ ।
ବ୍ୟାଜାଦ୍ ତ୍ୟାଗୋଦ୍ଧଥ ନିକଟାଦ୍ ଭାବୋପକ୍ଷେପ ଏବ ଚ ॥ ୨୯ ॥

ପ୍ରିୟ କିଛି କଥା କହୁଥିବା ଅବସ୍ଥାରେ ଅଥବା ଅନ୍ୟକେହି ତା ପ୍ରସଙ୍ଗ ପକାଉଥିବା ଅବସ୍ଥାରେ କାନଡେରି ଶୁଣି ଅତ୍ୟନ୍ତ ସନ୍ତୋଷ ପ୍ରକାଶ କରେ, ସ୍ନେହବୋଳା ଚାହାଣିରେ ଚାହେଁ, ପ୍ରିୟ ଶୋଇବା, ପରେ ଶୁଏ, ଚୁମ୍ବନ ପାଇଲେ ପ୍ରତିଚୁମ୍ବନ ଦିଏ, ସ୍ୱାମୀ ଉଠିବା ପୂର୍ବରୁ ଉଠେ, ସମସ୍ତ କ୍ଲେଶ ସ୍ନେହରେ ସହିଯାଏ । ସ୍ୱାମୀର ସୁଖ, ଦୁଃଖରେ ସମାନ ଭାଗୀଦାର ହୁଏ, କେବେହେଲେ ପ୍ରିୟତମ ଉପରେ ରାଗିପାରେ ନାହିଁ । ଏହି ସମସ୍ତ ଗୁଣ ଅନୁରକ୍ତା ପ୍ରିୟତମାର ଅଟେ ॥ ୨୦-୨୩ ॥ ବିରକ୍ତା ଚିହ୍ନ- ଚୁମ୍ବନ ଦେଲେ ସେହି ସ୍ଥାନକୁ ଲୁଗାକାନିରେ ପୋଛି ଦିଏ, ଅନିଷ୍ଟ ଅଶୁଭ କଥାମାନ (ଡରାଇ ବା ନିନ୍ଦାକରି) କହେ, ଭଲ କଥା କହିଲେ ବି ଚିଡ଼େ । ସ୍ୱାମୀର ଆତ୍ମୀୟମାନଙ୍କ ଉପରେ ଚିଡ଼େ, ଶତ୍ରୁମାନଙ୍କୁ ପ୍ରଶଂସା କରେ, ଶେଯରେ ଓଲଟା ଆଡକୁ ମୁହଁକରି ଶୁଏ ଏବଂ ଆଗରୁ ଶୋଇ ପଡ଼ିଥାଏ, ଯେତେ ଯାହା ଖୋସାମତି ଯୋଡ଼ିଲେ ବା ଉପହାର ଦେଲେ ମଧ୍ୟ ସନ୍ତୋଷ ନଥାଏ, କୌଣସି କଷ୍ଟ ସହେ ନାହିଁ, ବୃଥାଟାରେ ରାଗେ । ମୁହଁକୁ ଚାହେଁ ନାହିଁ, ଘରେ ଆସି ସ୍ୱାମୀ ପହଞ୍ଚିଲେ ଖୁସି ନ ହୋଇ ମୁହଁ ଶୁଖାଇଥାଏ । ଏହିସବୁ ବିକାର ଯାହାଠାରେ ପ୍ରକାଶ ପାଏ, ସେ ବିରକ୍ତା ନାୟିକା ବୋଲି ଜାଣିବ ॥ ୨୪-୨୭ ॥ ନାରୀର ମନମୋହନର ଉପାୟ ଓ ଚେଷ୍ଟା ବିଷୟରେ କହୁଛନ୍ତି - ଧନ ବିଭବର ପ୍ରଦର୍ଶନ, ସ୍ନେହ ପ୍ରଦର୍ଶନ, ଧାରଦେବା କିମ୍ବା ଧନ ଦେଇଦେବା, ମଝିରେ ମଝିରେ ବାହାନାକରି ଛାଡ଼ିଦେବା, ପାଖରେ ଥାଇ ମନୋଭାବ ଜାଣି ତଦନୁଯାୟୀ ଉପଚାର କରିବା, ଏହିସବୁ ଉପାୟରେ ନାରୀ ମନହରଣ କରାଯାଏ ॥୨୮, ୨୯॥

Digitized by srujanika@gmail.com

ଦାରିଦ୍ର୍ୟାଦ୍ ବ୍ୟାଧିତୋ ଦୁଃଖାତ୍ ପାରୁଷ୍ୟାଦଶ୍ରୁତାଦ୍ତଥା ।
ପ୍ରବାସଗମନାନ୍ ମାନାଦ୍ ଅତିଲୋଭାଦତିକ୍ରମାଦ୍ ।। ୩୦ ।।
ଅତିବେଳାଗମତ୍ୱାଚ୍ଚ ତଥା ବିପ୍ରିୟସେବନାଦ୍ ।
ଏଭିଃସ୍ତ୍ରୀ ପୁରୁଷୋ ବାହ୍ୱପି କାରଣୈସ୍ତୁ ବିରଜ୍ୟତେ ।। ୩୧ ।।
ଭାବଗ୍ରାହୀଣି ନାରୀଣାଂ କାର୍ଯ୍ୟାଣି ମଦନାଶ୍ରୟେ ।
ଯତଶ୍ଚ ପ୍ରୀୟତେ ନାରୀ ପ୍ରାପ୍ୟତେ ପୁରୁଷୈରଥ ।। ୩୨ ।।
ଲୁବ୍ଧାମର୍ଥପ୍ରଦାନେନ କଳାଜ୍ଞାନେନ ପଣ୍ଡିତାମ୍ ।
ଚତୁରାଂ ଲଡହତ୍ୱେନ ହ୍ୟନୁବୃତ୍ତ୍ୟାତୁ ମାନିନୀମ୍ ।। ୩୩ ।।
ଭୂଷଣଗ୍ରହଣାଚ୍ଚାପି ଶୃଙ୍ଗାରମୁଖତା ଭବେଦ୍ ।
ପୁରୁଷଦ୍ୱେଷିଣୀ ମିଷ୍ଟ କଥାଯୋଗୈ ରୁପକ୍ରମେଦ୍ ।। ୩୪ ।।
ଉପକ୍ରୀଡ଼ନକୈ ର୍ବାଲାଂ ଭୀତାମାଶ୍ୱାସନେନ ଚ ।
ଗର୍ବିତାଂ ନୀଚସେବାଭି ରୁଦାତ୍ତାଂଶିଚ୍ଛଦର୍ଶନୈଃ ।। ୩୫ ।।
ସର୍ବାସାମେବ ନାରୀଣାଂ ତ୍ରିବିଧା ପ୍ରକୃତିର୍ମତା ।
ଉତ୍ତମା ମଧ୍ୟମା ନୀଚା ବେଶ୍ୟାନାଂତୁ ସ୍ୱଭାବଜା ।। ୩୬ ।।

ପୁରୁଷ ବା ସ୍ତ୍ରୀ ପରସ୍ପର ଉପରେ ଅଶାନ୍ତିର କାରଣମାନ କହୁଛନ୍ତି -- ଦାରିଦ୍ର୍ୟ, ରୋଗ, ଦୁଃଖ, ରୁକ୍ଷ ବ୍ୟବହାର, ଜଣେ କିଛି କହୁଥିବା ଅବସ୍ଥାରେ ଅନ୍ୟଜଣକ ନ ଶୁଣିବା, ବହୁଦିନ ବିଦେଶଗମନ, ଅତିଲୋଭ, ପରସ୍ପରର ଅନୁରୋଧକୁ ଅବଜ୍ଞା କରିବା, ଅତ୍ୟଧିକ ସଂଗମବାସନା (ବେଳକାଳ ସ୍ଥାନାସ୍ଥାନ ନ ମାନି), ଅପ୍ରିୟ (ନିଶା) ସେବନ, ଏହି ସମସ୍ତ କାରଣଯୋଗୁଁ ପତି ପତ୍ନୀ ମଧ୍ୟରେ ବୈରାଗ୍ୟ ସୃଷ୍ଟି ହୋଇଥାଏ ।। ୩୦, ୩୧ ।। ଶୃଙ୍ଗାର ପ୍ରକରଣରେ ନାରୀର ମନ ଅନୁଯାୟୀ କାର୍ଯ୍ୟ କରିବା ଆବଶ୍ୟକ । ଯେଉଁ ଉପାୟରେ କାମିନୀ ନିଜେ ପ୍ରେମିକା ରୂପେ ଆସି କାନ୍ତ ପାଖରେ ପହଞ୍ଚିବ ।। ୩୨ ।। ନାରୀ ଯଦି ଲୋଭଯୁକ୍ତା ତାକୁ ଧନଦେଇ, ପଣ୍ଡିତାକୁ ପାଣ୍ଡିତ୍ୟ ବଳରେ, ଚତୁରା ବା ସୁନ୍ଦରୀକୁ ପ୍ରସାଧିତ ହୋଇ ସୌନ୍ଦର୍ଯ୍ୟ ବଢ଼ାଇ, ଅଭିମାନବତୀକୁ ସେ ଯେମିତି ଯାହା କହୁଛି, ସେହିପରି ତାହାକରି, ଅଳଙ୍କାର ଓ ପ୍ରସାଧନ ସାମଗ୍ରୀ ଉପହାର ଦେଇ ଶୃଙ୍ଗାରାଭିମୁଖିନୀ କରାଯାଇ ଥାଏ । ପୁରୁଷ ଦ୍ୱେଷିଣୀ (ଅଣ୍ଡିରୀଚଣ୍ଡୀ)କୁ ବିଚିତ୍ର କଥା ଆଳାପ ମାଧ୍ୟମରେ ବଶ କରାଯାଇଥାଏ ।। ୩୩, ୩୪ ।। ବାଳା (୧୨-୨୦) କାମିନୀକୁ ଦାମିକିଆ ଘରସଜା ବା ତା' ଦରକାରୀ ଉପହାର ଦେଇ (ପୋଷାକ ପତ୍ର ଓଗେର) ଭୟଶୀଳାକୁ ଆଶ୍ୱାସନା ଓ ଭରସା ଦେଇ, ଗର୍ବିତା ନାୟିକାକୁ ଦରକାର ହେଲେ ଗୋଡ଼ମୋଡ଼ି, ମହୀୟସୀ ନାରୀକୁ ଶିଳ୍ପ ଚାତୁରୀ ଦେଖାଇ, ବଶ କରାଯାଇଥାଏ । ସବୁ ନାରୀଙ୍କର ପ୍ରକୃତି ଉତ୍ତମ ମଧ୍ୟମ ଓ ଅଧମ ବା ନୀଚ ଭାବେ ତିନିପ୍ରକାର । ବେଶ୍ୟାମାନଙ୍କର ପ୍ରକୃତି କିନ୍ତୁ ସେମାନଙ୍କର ନିଜସ୍ୱ ସ୍ୱାଭାବିକ । (ତିନି ପ୍ରକାର ଯାକ ସବୁ ମଧ୍ୟ ସାମୟିକ ପରିବର୍ତ୍ତନ ନେଇ ହୋଇପାରେ ।) ।। ୩୬ ।।

Digitized by srujanika@gmail.com

ଯା ବିପ୍ରିୟେଽପି ନିଷ୍ଟସ୍ଥଂ ନ ବଦତ୍ୟପ୍ରିୟଂ ପ୍ରିୟମ୍ ।
ଅଦୀର୍ଘରୋଷା ଚ ତଥା କଳାସୁ ଚ ବିଚକ୍ଷଣା ।। ୩୭ ।।
କାମ୍ୟତେ ପୁରୁଷୈ ର୍ଯାତୁ କୁଳଭୋଗଧନାବିଭିଃ ।
କୁଶଳା କାମତନ୍ତ୍ରେଷୁ ଦକ୍ଷିଣା ରୂପଶାଳିନୀ ।। ୩୮ ।।
ଗୃହ୍ଣାତି କାରଣାଦ୍ରୋଷଂ ଗତେର୍ଷ୍ୟା ପ୍ରବ୍ରବୀତି ଚ ।
କାର୍ଯ୍ୟକାଳବିଶେଷଜ୍ଞା ସୁଭଗା ସା ସ୍ମୃତୋତ୍ତମା ।। ୩୯ ।।
ପୁଂସଃ କାମୟତେ ଯାତୁ ପୁରୁଷୈର୍ଯାତୁ କାମ୍ୟତେ ।
କାମୋପଚାରକୁଶଳା ପ୍ରତିପକ୍ଷାଭ୍ୟସୂୟିକା ।। ୪୦ ।।
ଈର୍ଷ୍ୟାତୁରା ଚାନିଭୃତା କ୍ଷଣକ୍ରୋଧାଭିଗର୍ବିତା ।
କ୍ଷଣପ୍ରସାଦା ଯାନାରୀ ସା ନାରୀ ମଧ୍ୟମା ସ୍ମୃତା ।। ୪୧ ।।
ଅସ୍ଥାନେ କୋପନା ଯାତୁ ଦୁଃଶୀଳା ଚାତିମାନିନୀ ।
ଚପଳା ପରୁଷା ଚୈବ ଦୀର୍ଘରୋଷାଧମା ସ୍ମୃତା ।। ୪୨ ।।
ସର୍ବାସାଂ ନାରୀଣାଂ ଯୌବନ ଲୀଳାଣ୍ଟତସ୍ରଃ ସ୍ୟୁଃ ।
ନୋଥ୍ୟରୂପଚେଷ୍ଟାଗୁଣୈସ୍ତୁ ଶୃଙ୍ଗାରମାସାଦ୍ୟ ।। ୪୩ ।।

ଯେଉଁ ସ୍ତ୍ରୀ ରାଗିଲେ ମଧ୍ୟ ସଙ୍ଗେ ସଙ୍ଗେ ତରଳିଯାଏ । ସର୍ବବିଧ କଳାରେ ବିଚକ୍ଷଣା ହୋଇଥାଏ । ନାୟକ ବିବିଧଦୋଷ ଦୁଷ୍ଟ ହୋଇ ଅତିବିପ୍ରିୟ ହୋଇଥିଲେ ମଧ୍ୟ ଗଭୀର ଭାବରେ ସବୁ ସହି କେବେହେଲେ ତାକୁ ଅପ୍ରିୟ ବୋଲି କହେ ନାହିଁ ।। ୩୭ ।। କୁଳ ଭୋଗ ଧନ ଓ ବିଭବ ସମସ୍ତ ବିନିମୟରେ ମଧ୍ୟ ପୁରୁଷ ଯାହାକୁ ଚାହେଁ, କାମକଳାରେ ନିପୁଣା, ସହିଷ୍ଣୁ, ସୁନ୍ଦରୀ, କିଛି ପ୍ରକୃତକାରଣ ଥିଲେ ଟିକିଏ ଚିଡ଼େ, କିନ୍ତୁ ଆପେ ଆପେ ବୁଝି ପୁଣି ଆଳାପ ଆରମ୍ଭକରେ, କେତେବେଳେ କ'ଣ ହେବ ସେ ବିଷୟରେ କର୍ମ ନିଷ୍ଠା, ଏହି ସୌଭାଗ୍ୟବତୀକୁ ଉତ୍ତମା କୁହାଯାଏ ।। ୩୮, ୩୯ ।। ଯେଉଁ ନାରୀ ବହୁପୁରୁଷକାମନା କରେ ଏବଂ ଅନେକ ପୁରୁଷ ମଧ୍ୟ ଯାହାକୁ କାମନା କରିଥା'ନ୍ତି । ରତିକଳାରେ ପଣ୍ଡିତା ପ୍ରତିପକ୍ଷନାରୀ ପ୍ରତି ଅସହିଷ୍ଣୁ ଈର୍ଷ୍ୟା (ଅନ୍ୟର ଉନ୍ନତି ନ ସହିବା) ଶୀଳା, ଏକୁଟିଆ ରହିବାକୁ ଭଲ ପାଏ ନାହିଁ, ସାମାନ୍ୟ କଥାରେ ସଙ୍ଗେ ସଙ୍ଗେ ରାଗି ଯାଏ, ଅତିଗର୍ବିଣୀ, ସାଙ୍ଗେ ସାଙ୍ଗେ (ଟିକିଏ ଖୋସାମତି ପ୍ରସନ୍ନ ହୋଇଯାଏ ଏହି ପ୍ରକୃତିର ନାରୀ ମଧ୍ୟମା ଅଟେ ।। ୪୦, ୪୧ ।। ଅସ୍ଥାନରେ ପାଞ୍ଚଜଣଙ୍କ ବା ଗୁରୁଜନମାନଙ୍କ ଆଗରେ ନାୟକ ଉପରେ ଚିଡ଼େ, ବ୍ୟବହାର ମନ୍ଦ, ଅତିଗର୍ବବତୀ, ଚଞ୍ଚଳ (ଖରଖରିଆ) ପ୍ରକୃତି କାର୍ଯ୍ୟ ଭାଷା ଓ ଶରୀର ମଧ୍ୟ ରୁକ୍ଷ, ଥରେ ରାଗିଲେ ମଲାଯାଏ କ୍ରୋଧକୁ ମନେ ରଖିଥାଏ ଏହି ପ୍ରକୃତିର ନାରୀ ଅଧମା ଅଟେ ।। ୪୨ ।। ସବୁ କାମିନୀଙ୍କର ଯୌବନ ଲୀଳା, ଶୃଙ୍ଗାର ପ୍ରସଙ୍ଗରେ ନେପଥ୍ୟ, ରୂପ, ଚେଷ୍ଟା ଓ ଗୁଣକୁ ନେଇ ଚାରି ପ୍ରକାର ହୋଇଥାଏ ।। ୪୩ ।।

Digitized by srujanika@gmail.com

ପୀନୋରୁଗଣ୍ଡଜଘନାଧରସ୍ତନଂ କର୍କଶଂ ରତିମନୋଜ୍ଞମ୍ ।
ସୁରତଂ ପ୍ରତି ସୋତ୍ସାହଂ ପ୍ରଥମଂତଦ୍ ଯୌବନଂ ଜ୍ଞେୟମ୍ ॥ ୪୪ ॥
ଗାତ୍ରଂ ପୂର୍ଣ୍ଣାବୟବଂ ପୀନୌ ଚ ପୟୋଧରୌ କୃଶଂ ମଧ୍ୟମ୍ ।
କାମସ୍ୟ ସାରଭୂତଂ ଯୌବନମେତଦ୍ ଦ୍ୱିତୀୟଂ ତୁ ॥ ୪୫ ॥
ସର୍ବଶ୍ରୀସମ୍ଭୃତଂ ରତିକର ମୁନ୍ମାଦନଂ ବହୁଗୁଣାଢ଼୍ୟମ୍ ।
କାମାପ୍ୟାୟିତଶୋଭଂ ଯୌବନ ମେତଦ୍‌ତୃତୀୟଂ ତୁ ॥ ୪୬ ॥
ନବଯୌବନେ ବ୍ୟତୀତେ ତଥା ଦ୍ୱିତୀୟେ ତୃତୀୟକେ ଚାପି ।
ଶୃଙ୍ଗାର ଶତ୍ରୁଭୂତଂ ଯୌବନମେତଦ୍ ଚତୁର୍ଥଂ ତୁ ॥ ୪୭ ॥
ଆମ୍ଳାନ ଗଣ୍ଡଜଘନାଧର ସ୍ତନ ଶେଷ ପାତ୍ର ଲାବଣ୍ୟମ୍ ।
କାମଂ ପ୍ରତି ନୋତ୍ସାହଂ ଯୌବନମେତଚ୍ଚତୁର୍ଥଂ ତ ॥ ୪୮ ॥
ନାତ୍ୟର୍ଥଂ କ୍ଳେଶସହା ନ କୁପ୍ୟତି ନ ହୃଷ୍ୟତି ପ୍ରତିସ୍ତ୍ରୀଷୁ ।
ସୌମ୍ୟଗୁଣେଷ୍ୱାସକ୍ତା ଚ ନାରୀ ନବଯୌବନା ଜ୍ଞେୟା ॥ ୪୯ ॥
କିଞ୍ଚିଦ୍ କରୋତି ମାନଂ କିଞ୍ଚିଦ୍ କ୍ରୋଧଂଚ ମତ୍ସରଂ ଚୈବ ।
କ୍ରୋଧେ ଚ ଭବତି ତୂଷ୍ଣୀଂ ଯୌବନମେତଦ୍ ଦ୍ୱିତୀୟଂ ତୁ ॥ ୫୦ ॥
ରତି ସମ୍ଭୋଗଦକ୍ଷା ପ୍ରତିପକ୍ଷାସୂୟିନୀ ଗୁଣାଢ଼୍ୟା ଚ ।
ଅନିଭୃତଗର୍ବିତଚେଷ୍ଟା ନାରୀ ଜ୍ଞେୟା ତୃତୀୟେତୁ ॥ ୫୧ ॥

ଉରୁ, ଗଣ୍ଡ, ଜଘନ, ଅଧର ଓ ସ୍ତନ ସ୍ଥୂଳ ଓ କର୍କଶ (ଟାଣ) ହୋଇଥାଏ । ଆଖି ପଡ଼ିଲେ ଉଦ୍ଦୀପନା ଆସେ, ସୁରତ ପ୍ରତି ଆଗ୍ରହ ଥାଏ । ଏହି ଅବସ୍ଥାକୁ ନବଯୌବନ ବା ପ୍ରଥମ ଯୌବନ ବୋଲି ଜାଣିବ ॥ ୪୪ ॥ ଶରୀରର ସମସ୍ତ ଅବୟବ ପରିପୂର୍ଣ୍ଣ, ସ୍ତନଯୁଗଳ ଉତୁଙ୍ଗ ସ୍ଥୂଳ, ମଧ୍ୟସ୍ଥାନ (ଅଣ୍ଟା) କୃଶ, କନ୍ଦର୍ପଲୀଳାର ସାରସ୍ୱରୂପ ଏହି ବୟସ ଦ୍ୱିତୀୟ ଯୌବନ ॥୪୫॥ ସମସ୍ତ ଶୋଭା ସଂଚିତ ହୋଇ ରହିଥାଏ, ରତି ପ୍ରୀତିଜନକ, ଉନ୍ମାଦକ, ବହୁଗୁଣ ପରିପୂର୍ଣ୍ଣ କେବଳ କାମଲୀଳାରେ ଆପ୍ୟାୟିତ ହୋଇ ଯାହାର ଶୋଭା ବଢ଼ିଥାଏ,(ଅନ୍ୟଥା ଶୁଖିଲା ଦିଶେ)ଏହା ତୃତୀୟ ଯୌବନ ॥୪୬॥ ନବଯୌବନ ଚାଲିଗଲା, ଦ୍ୱିତୀୟ ଯୌବନ ଫେରିଗଲା, ତୃତୀୟ ଉଭେଇଗଲା । ଶୃଙ୍ଗାରଲୀଳାର ଶତ୍ରୁସ୍ୱରୂପ ଏହି ଚତୁର୍ଥ ଯୌବନ ଆସି ଉପସ୍ଥିତ ହେଲା ॥୪୭॥ ଗଣ୍ଡ ଜଘନ ଅଧର ଓ ସ୍ତନ ଝାଉଁଳି ପଡ଼ିଥାଏ, ମଉଳି ଯାଇଥାଏ ଶରୀର ଲାବଣ୍ୟ, କାମଲୀଳାରେ ବିଶେଷ ଉତ୍ସାହ ନଥାଏ । ଏହା ଚତୁର୍ଥ ଯୌବନ ଅଟେ ॥୪୮॥ ନାରୀ ନବଯୌବନ (୧୫-୨୦) ଅବସ୍ଥାରେ ବେଶିକଷ୍ଟ ସହିପାରେନା,ପ୍ରତିପକ୍ଷ ନାରୀପ୍ରତି ରାଗେ ନାହିଁ ବା ଖୁସି ମଧ୍ୟ ହୁଏ ନାହିଁ । କମନୀୟଗୁଣ ପ୍ରତି ଆସକ୍ତା ହୁଏ ବୋଲି ଜାଣିବ ॥୪୯॥ ଦ୍ୱିତୀୟ ଯୌବନ ଅବସ୍ଥାରେ (୨୧-୩୦) ଟିକିଏ ଅଭିମାନ କରେ, ଟିକିଏ କୋପ ମଧ୍ୟ ପ୍ରକାଶ କରିଥାଏ, ଅସହିଷ୍ଣୁତା ମଧ୍ୟ ଦେଖାଦିଏ, ବେଶି ରାଗିଗଲେ ଚୁପ୍ ହୋଇଯାଏ, ଏହା ଦ୍ୱିତୀୟ ଯୌବନର ପ୍ରକ୍ରିୟା ବୋଲି ଜାଣିବ ॥୫୦॥ ତୃତୀୟ ଯୌବନ ଅବସ୍ଥାରେ (୩୧-୪୦) ରତିବନ୍ଧ ସମ୍ଭୋଗ ବିଷୟରେ ପ୍ରବୀଣା, ପ୍ରତିପକ୍ଷନାରୀ ଉପରେ

Digitized by srujanika@gmail.com

ପୁରୁଷ ଗ୍ରହଣ ସମର୍ଥା କାମାଭିଜ୍ଞାପ୍ୟମର୍ଷରୋପେତା ।
ଅବିରହମିଚ୍ଛତି ନିତ୍ୟଂ ନାରୀ ଜ୍ଞେୟା ଚତୁର୍ଥେ ତୁ ।। ୫୨ ।।
ଯୌବନଭେଦା ହ୍ୟେତେ ବିଜ୍ଞେୟା ନାଟକେଷୁ ଚତ୍ୱାରଃ ।
ପୁନରେବ ତୁ ପୁରୁଷଗୁଣାନ୍ କାମତନ୍ତ୍ରେ ପ୍ରବକ୍ଷ୍ୟାମି ।। ୫୩ ।।
ଚତୁରୋତ୍ତମୌ ମଧ୍ୟମ ସ୍ତଥାଧମଃ ସଂପ୍ରବୃତ୍ତକଶ୍ଚୈବ ।
ସ୍ତ୍ରୀଣାଂ ପ୍ରୟୋଗବିଷୟେ ବିଜ୍ଞେୟାଃ ପୁରୁଷାସ୍ତ୍ୱିମେ ପଞ୍ଚ ।। ୫୪ ।।
ସମଦୁଃଖଃ କ୍ଳେଶସହଃ ପ୍ରଣୟକ୍ରୋଧ ପ୍ରସାଦନେ କୁଶଳଃ ।
ଯୋଽବର୍ଥୀ ନାମ୍ନଛନ୍ଦୋ ଦକ୍ଷ ଶ୍ଚତୁରଃ ସ ବୋଦ୍ଧବ୍ୟଃ ।। ୫୫ ।।
ଯୋ ବିପ୍ରିୟଂ ନ କୁରୁତେ ନାର୍ଯ୍ୟାଃ କିଞ୍ଚିଦ୍ ବିରାଗସଂଜ୍ଞାତମ୍ ।
ଆଜ୍ଞାତ ହୃଦୟେପ୍ସିତୋ ଜ୍ଞେୟଃ ସ୍ମୃତିମାନ୍ ସତୁ ଜ୍ୟେଷ୍ଠଃ ।। ୫୬ ।।
ମଧୁରସ୍ତ୍ୟାଗୀ ରାଗଂ ନୟତି ଚ ମଦନସ୍ୟ ନାପି ବଶମେତି ।
ଅବମାନିତଶ୍ଚ ନାର୍ଯ୍ୟା ବିରଜ୍ୟତେ ସଚ ଭବେଦ୍ ଜ୍ୟେଷ୍ଠଃ ।। ୫୭ ।।
ସର୍ବାର୍ଥୈର୍ମଧ୍ୟସ୍ଥୋ ଭାବଗ୍ରହଣଂ କରୋତି ଯୋ ନାର୍ଯ୍ୟାଃ ।
କଂଚିଦ୍ ଦୋଷଂ ଦୃଷ୍ଟ୍ୱା ବିରଜ୍ୟତେ ମଧ୍ୟମଃ ପୁରୁଷଃ ।। ୫୮ ।।

ପ୍ରବଳ ଅସହିଷ୍ଣୁତା (ସ୍ୱାମୀ କୌଣସି ଭଦ୍ର ମହିଳା ସହିତ କଥା ପଦେ କହିବା ଦେଖିଲେ ଚିଡ଼ି ଉଠିବା ଗାର୍ହସ୍ଥ୍ୟ କର୍ମ ନିପୁଣା, ଖୋଲାଖୋଲି ଗର୍ବ ପ୍ରକାଶ କରିବା, ପ୍ରଭୃତି ପ୍ରକ୍ରିୟା ଦେଖାଯାଇଥାଏ ।।୫୧।। ଚତୁର୍ଥ ଯୌବନ ଅବସ୍ଥାରେ (୫୨..) ନାରୀ ପୁରୁଷର ଦୋଷ ଗୁଣ ଓ ରତିସାମର୍ଥ୍ୟ (କମ୍ ବା ବେଶି) ଗ୍ରହଣ କରିବା ସାମର୍ଥ୍ୟ ଅର୍ଜନ କରିଥାଏ । କାମକଳାରେ ଅଭିଜ୍ଞା, ଏହି ଅବସ୍ଥାରେ ଅସହିଷ୍ଣୁତା (ପରିବାର ବା ପରସ୍ତ୍ରୀ) କମିଯାଏ । କିନ୍ତୁ ଏକୁଟିଆ ରହିବାକୁ ଭଲ ନପାଇ ସ୍ୱାମୀ ସହିତ ସର୍ବଦା ରହିବାକୁ ଭଲ ପାଏ ।। ୫୨ ।। ନାଟକରେ ଏହି ଚାରି ପ୍ରକାର ଯୌବନ ଭେଦ ଜାଣିବ । ଏବେ କାମଶାସ୍ତ୍ର ଅନୁଯାୟୀ ପୁରୁଷ ଭେଦ କହିବି ।।୫୩।। ନାରୀମାନଙ୍କ ପ୍ରୟୋଜନୀୟ ପୁରୁଷ ପାଞ୍ଚ ପ୍ରକାର ଅଟନ୍ତି । ଚତୁର, ଉତ୍ତମ, ମଧ୍ୟମ, ଅଧମ ଏବଂ ସଂପ୍ରବୃତ୍ତକ ।। ୫୪ ।। ସୁଖ ଦୁଃଖରେ ସମାନ, କ୍ଳେଶସହିଷ୍ଣୁ, ପ୍ରଣୟକୋପକୁ ଶାନ୍ତିକରିବା କଳାରେ ପ୍ରବୀଣ, ମଧୁର ବଚନରେ ପ୍ରଣୟ ପ୍ରାର୍ଥନା କରେ, ସ୍ୱାର୍ଥୀନୁହେଁ, ଏହାକୁ ସକଳ ବିଷୟରେ ଚତୁର ପୁରୁଷ କୁହାଯାଏ ।। ୫୫ ।। ସ୍ତ୍ରୀର ମନଖରାପ ହେବ ଏଭଳି ବିପ୍ରିୟକାର୍ଯ୍ୟ ଯେ କେବେହେଲେ କରେ ନାହିଁ, ସବୁ ମନକଥା (ସ୍ତ୍ରୀର) ଜାଣିପାରେ,ସବୁକଥା ମଧ୍ୟ ମନେ ରଖେ ଏହି ପୁରୁଷ ଜ୍ୟେଷ୍ଠ ନାୟକ ।।୫୬।। ଖୁସିବାସିଆ ବ୍ୟବହାର, ତ୍ୟାଗୀ, କନ୍ଦର୍ପ ଲୀଳାରେ ଏକାନ୍ତ ଅନୁରାଗୀ କିନ୍ତୁ ସହଜରେ ବଶତା ସ୍ୱୀକାର କରେ ନାହିଁ । ନାରୀର କୌଣସି ଅବମାନନା ସହେ ନାହିଁ । ବରଂ ଚିଡ଼ି ଉଠେ । ଏହା ଜ୍ୟେଷ୍ଠ ନାୟକର ବ୍ୟବହାର ।। ୫୭ ।। ସବୁ ବିଷୟରେ ମଝି ମଝିଆ, ନାରୀର ମନୋଭାବ ମଧ୍ୟ ଏହି ରୀତିରେ ଯେ ଗ୍ରହଣ କରେ, ସାମାନ୍ୟ ଦୋଷ (ସ୍ତ୍ରୀର) ଦେଖିଲେ ମନ ଖରାପ କରିଦିଏ ସେ ମଧ୍ୟମ ପ୍ରକୃତିର ନାୟକ ।।୫୮।।

Digitized by srujanika@gmail.com

କାଳେ ଦାତା ହ୍ୟବମାନିତୋଽପି ନ କ୍ରୋଧମତିତରାମେତି ।
ଦୃଷ୍ଟ୍ୱା ବ୍ୟଲୀକମାତ୍ରଂ ବିରଜ୍ୟତେ ମଧ୍ୟମୋଽୟମପି ॥ ୫୯ ॥
ଅବମାନିତୋଽପି ନାର୍ଯ୍ୟା ନିର୍ଲଜ୍ଜତୟୋପସର୍ପତି ଯ ଏନାମ୍ ।
ଅନ୍ୟତରଂ ସଂକ୍ରାନ୍ତା ମନ୍ୟସ୍ନେହ ପରାବୃତ୍ତଭାବଶ୍ଚ ॥ ୬୦ ॥
ଅଭିନବକୃତେ ବ୍ୟଲୀକେ ପ୍ରତ୍ୟକ୍ଷଂ ରଜ୍ୟତେ ଦୃଢ଼ତରଂ ଚ ଯଃ ।
ମିତ୍ରୈର୍ନିବାର୍ଯ୍ୟମାଣୋଽପି ସୋଽଧମୋନାମ ବିଜ୍ଞେୟଃ ॥ ୬୧ ॥
ଅବିଗଣିତ ଭୟାମର୍ଷୋ ମୂର୍ଖପ୍ରକୃତିଃପ୍ରକୃଷ୍ଟହାସଶ୍ଚ ।
ଏକାନ୍ତ ଦୃଢ଼ଗ୍ରାହୀ ନିର୍ଲଜ୍ଜଃ କାମତନ୍ତ୍ରେଷୁ ॥ ୬୨ ॥
ରତିକଳହ ସଂପ୍ରହାରେଷୁ କର୍କଶଃ କ୍ରୀଡ଼ନୀୟକଃ ସ୍ତ୍ରୀଣାମ୍ ।
ଏବଂ ବିଧୋ ବିଧିଜ୍ଞୈର୍ବିଜ୍ଞେୟଃ ସଂପ୍ରବୃତ୍ତଃ ସ୍ୟାତ୍ ॥ ୬୩ ॥
ନାନାଶୀଳାଃସ୍ତ୍ରିୟୋ ଜ୍ଞେୟା ଗୂଢ଼ାର୍ଥହୃଦୟାଶ୍ଚ ତାଃ ।
ବିଜ୍ଞାୟ ଚ ଯଥାସତ୍ତ୍ୱମୁପସର୍ପେତ୍ ତୁ ତାଃ ବୁଧଃ ॥ ୬୪ ॥
ଭାବାଭାବୌ ବିଦିତ୍ୱା ଚ ତତସ୍ତୈସ୍ତୈରୁପକ୍ରମୈଃ ।
ପୁମାନୁପଚରେନ୍ନାରୀଂ କାମତନ୍ତ୍ରଂ ସମୀକ୍ଷ୍ୟ ତୁ ॥ ୬୫ ॥

ଏହି ପ୍ରକୃତିର ନାୟକ ଆବଶ୍ୟକସ୍ଥଳରେ ଯେତିକି ଦରକାର ସେତିକି ଦିଅନ୍ତି । ଅବମାନିତ ହେଲେ ମଧ ବେଶୀଏ ରାଗନ୍ତି ନାହିଁ । କୌଣସି ପୀଡ଼ା ପରିସ୍ଥିତି ଦେଖିଲେ ସେ ପ୍ରସଙ୍ଗରୁ ଭାଙ୍ଗି ଆସନ୍ତି ॥ ୫୯ ॥ ଅଧମ ନାୟକ କିନ୍ତୁ ଅବମାନିତ ହେଲେ ମଧ୍ୟ ନିର୍ଲଜ୍ଜ ଭାବରେ ସ୍ତ୍ରୀ ପାଖରେ ପହଞ୍ଚେ । ସ୍ତ୍ରୀ ହୁଏତ ଅନ୍ୟ କାହାପ୍ରତି ଆସକ୍ତ (ଏହାକୁ ଭଲ ପାଉନାହିଁ) ଭଏ ନିଜେ ଅନ୍ୟ କୌଣସି ନାୟିକାଠାରୁ ପାନେ ପାଇକରି ଆସିଥିବ । ନୂଆ କିଛି ପୀଡାଦାୟକ ସ୍ଥିତିରେ ସେହି ସୁବିଧା ନେଇ ଯେ ଗଭୀର ଅନୁରକ୍ତି ପ୍ରକାଶ କରେ । ଏଭଳି ସ୍ଥିତିକୁ ତାହାର ମିତ୍ରମାନେ ବାରଣ କରୁଥିଲେ ମଧ୍ୟ ମନା ମାନେ ନାହିଁ । (ଶଶୁର ଘରେ ପହଞ୍ଚି ଭଲ କିଛି ଉତ୍ତମ ମଧ୍ୟ ଯେ ଶଳାମାନଙ୍କଠାରୁ ଖାଏ ॥ ୬୦, ୬୧ ॥ ସଂପ୍ରବୃତ୍ତ ନାୟକ:- ଭୟ କ୍ରୋଧ କାହାରିକୁ ଖାତିର ନାହିଁ । ମୂର୍ଖ ଏବଂ ମୂଢ଼ ପ୍ରକୃତିର ଲୋକ ଯାହା ଯେପରି କରିବା କଥା ସେଥିରେ ଦକ୍ଷ, ଖୁବ୍ ବଡ଼ପାଟିରେ ହସେ । ନିଜ ଜିଦରେ ଅଟଳ (ଯାହା ବୁଝିଥିବ ସେଇଆ) କାମକେଳି ବିଷୟରେ ଅତିନିର୍ଲଜ୍ଜ । (ଅସ୍ଥାନରେ ଅକାଳରେ ଆଲିଙ୍ଗନାଦି ଆଶଙ୍କା ଥାଏ) ରତି କଳହ ଓ ଯୁଦ୍ଧ କ୍ଷେତ୍ରରେ (ସ୍ୱାମୀ-ସ୍ତ୍ରୀ ଅପଦ୍ ସ୍ଥଳରେ) କର୍କଶ । (ପିଟାପିଟି ଆଶଂକା) ସ୍ତ୍ରୀମାନଙ୍କର ଖେଳନା ସଦୃଶ । ଏହିପରି ବ୍ୟବହାର ଶୀଳ ନାୟକକୁ ଶାସ୍ତ୍ରଜ୍ଞମାନେ ସଂପ୍ରବୃତ୍ତ ନାୟକ କରିଥାନ୍ତି । ୬୨,୬୩ ॥ ସ୍ତ୍ରୀମାନଙ୍କର ସ୍ୱଭାବ ନାନାପ୍ରକାର ବୋଲି ଜାଣି ରଖିବା ଉଚିତ । ସେମାନେ ନିଜ ମନ କଥାକୁ ଅତ୍ୟନ୍ତ ଗୋପନୀୟ କରି ରଖିଥାଆନ୍ତି । ସେମାନଙ୍କ ମନୋଭାବକୁ ବୁଦ୍ଧିମାନ୍ ଲୋକ ଅନୁଧ୍ୟାନ କରି ସେମାନଙ୍କ ପାଖକୁ ଯିବ ॥ ୬୪ ॥ ଭାବ ଓ ଅଭାବକୁ ବୁଝିସାରି ସେହି ସେହି ପରିସ୍ଥିତି ପାଇଁ ନିଜକୁ ପ୍ରସ୍ତୁତକରି ସାରି (ଉପାୟମାନ ଅବଲମ୍ବନ କରି) କାମଶାସ୍ତ୍ର ଅନୁସାରେ ପୁରୁଷ ସ୍ତ୍ରୀମାନଙ୍କୁ ଆୟତ୍ତ କରିବା ଉଚିତ ॥ ୬୫ ॥

Digitized by srujanika@gmail.com

ସାମ ଚୈବ ପ୍ରଦାନଂ ଚ ଭେଦୋ ଦଣ୍ଡସ୍ତଥୈବ ଚ ।
ଉପେକ୍ଷା ଚୈବ କର୍ତ୍ତବ୍ୟା ନାରୀଣାଂ ବିଷୟଂ ପ୍ରତି ॥ ୬୬ ॥
ତବାସ୍ମି ମମ ଚୈବାସି ତ୍ୱମହଂ ତ୍ୱଂ ଚ ମେ ପ୍ରିୟା ।
ଆତ୍ମୋପକ୍ଷେପଣକୃତଂ ତତ୍ ସାମେତ୍ୟଭିଧୀୟତେ ॥ ୬୭ ॥
କାଳେଽକାଳେ ପ୍ରଦାତବ୍ୟଂ ଧନଂ ବିଭବମାତ୍ରୟା ।
ଯନ୍ନିମିତ୍ତାନ୍ତରକୃତଂ ପ୍ରଦାନଂ ନାମ ତତ୍ସ୍ମୃତମ୍ ॥ ୬୮ ॥
ଭେଦଃ ସ୍ୟାତ୍ ତତ୍ ପ୍ରିୟସ୍ୟେହ ସୋପାୟଂ ଦୋଷଦର୍ଶନମ୍,
ବନ୍ଧନଂ ତାଡ଼ନଂ ବାପି ଦଣ୍ଡ ଇତ୍ୟଭିଧୀୟତେ ॥ ୬୯ ॥
ମଧ୍ୟସ୍ଥାଂ ମାନୟେତ୍ ସାମ୍ନା ଲୁବ୍ଧାମର୍ଥ ପ୍ରଦାନତଃ ।
ଅନ୍ୟାବବଦ୍ଧଭାବାଂଚ ଭେଦେନ ପ୍ରତିପାଦୟେତ୍ ॥ ୭୦ ॥
ଦୁଷ୍ଟାଚାରେ ସମାରବ୍ଧେ ତ୍ୱନ୍ୟଭାବେ ସମୁତ୍ଥିତେ ।
ଦଣ୍ଡଃ ପାତୟିତବ୍ୟୋ ହି ମୃଦୁବନ୍ଧନତାଡ଼ନୈଃ ॥ ୭୧ ॥
ସାମାଦୀନାଂ ପ୍ରୟୋଗେ ତୁ ପରିକ୍ଷୀଣେ ଯଥାକ୍ରମମ୍ ।
ନ ସ୍ୟାତ୍ ଯା ବଶମାପନ୍ନା ତାମୁପେକ୍ଷେତ ବୁଦ୍ଧିମାନ୍ ॥ ୭୨ ॥
ମୁଖରାଗେଣ ନେତ୍ରୈର୍ବା ବିଜ୍ଞେୟସ୍ତ୍ୱଙ୍ଗଚେଷ୍ଟିତୈଃ ।
ଦ୍ୱେଷ୍ୟୋବାପି ପ୍ରିୟୋବାପି ମଧ୍ୟସ୍ଥୋବାପି ଯୋଷିତାମ୍ ॥ ୭୩ ॥

ନାରୀ ପରିତର୍ଯ୍ୟା ପାଇଁ ସାମ, ଦାନ, ଭେଦ, ଦଣ୍ଡ ଓ ଉପେକ୍ଷା ଏହି ପାଞ୍ଚଟି ଉପାୟ ॥୬୬ ॥ ମୁଁ ତ ତୁମର, ତୁମେ ମୋର । ତୁମର ମୁଁ ଏକାନ୍ତ ପ୍ରିୟ ତୁମେ ମୋର ପ୍ରାଣପ୍ରିୟା । ନିଜକୁ ଟିକିଏ ସାନ କରିଦେଇ ଏହିପରି କହି ଖୋସାମତି କରିବାକୁ ସାମ ବୋଲି କୁହାଯାଏ ॥୬୭ ॥ ସମୟ ହେଉ ବା ଅସମୟ ହେଉ ନିଜର ଆର୍ଥିକ ସମ୍ବଳକୁ ଚାହିଁ କିଛି ଦେବାକୁ ପଡ଼ିବ । (ନଗଦ ଧନ ହେଉ ବା ଉପହାର ଆକାରରେ ହେଉ) ଯେକୌଣସି ଯାତ୍ରା ତୀର୍ଥ ବା ପୂଜାବ୍ରତ ଇତ୍ୟାଦି କାରଣ ଦେଖାଇ ଏହା କରିବ । ଏହାକୁ ଦାନ କୁହାଯାଏ ॥୬୮॥ ଅନ୍ୟକୌଣସି ନାୟକଠାରେ ନବୀନାର ଆସକ୍ତି ଲକ୍ଷ୍ୟକଲେ ସେହି ଅନ୍ୟ ପୁରୁଷର ଅସାଧ୍ୟ ଦୋଷସବୁ ଉପାୟକରି ଅର୍ଥାତ୍ ଯେପରି ଉପସ୍ଥାପିତ କଲେ ନାୟିକାର ବିଶ୍ୱାସ ହେବ, ସେହିପରି କହି ଅନ୍ୟନାୟକଠାରେ ନାୟିକାର ଦ୍ୱେଷ ଉତ୍ପନ୍ନ କରାଇବା ଭେଦ । ବନ୍ଧନ ବା ତାଡ଼ନକୁ ଦଣ୍ଡ କୁହାଯାଏ ॥ ୬୯ ॥ ମଧ୍ୟା ନାୟିକାର ଅଭିମାନକୁ ସାମ ପ୍ରୟୋଗକରି ମାନଭଞ୍ଜନ କରିବ । ଲୋଭ ପରବଶାକୁ ଦିଆନିଆକରି ବଶ କରିବ । ଅନ୍ୟ ନାୟକଠାରେ ଆସକ୍ତାକୁ ଭେଦନୀତି ଅବଲମ୍ବନକରି ସେହି ନାୟକଠାରୁ ଛଡାଇ ଆଣିବ । ଅନ୍ୟଠାରେ ଭାବରଖି ନାୟକ ସହିତ ଦୁଷ୍ଟ ବ୍ୟବହାର କରୁଥିବା ସ୍ଥଳରେ କୋମଳ ବନ୍ଧନ ଓ କୋମଳ ତାଡ଼ନ ଦ୍ୱାରା ଦଣ୍ଡଦେବ ॥ ୭୦,୭୧ ॥ ଯଥାକ୍ରମେ ସାମ, ଦାନ, ଭେଦ ଓ ଦଣ୍ଡ ଫେଲ ମାରିଲେ ନିହାତି ନାୟିକା ଜିଦ୍‌କରି ବଶ୍ୟତା ସ୍ୱୀକାର ନକଲେ ବୁଦ୍ଧିମାନ ନାୟକ ତାହାକୁ ପରିତ୍ୟାଗ କରିବ ॥୭୨॥ ନାୟକ ନିଜକୁ ସ୍ତ୍ରୀର ଦ୍ୱେଷ୍ୟ, ପ୍ରିୟ କିମ୍ବା ମଧ୍ୟସ୍ଥ ଏହା କେବଳ ମୁଖର ରଙ୍ଗ, ନୟନର ଠାଣି ଓ ଅଙ୍ଗଭଙ୍ଗୀମାନଙ୍କରୁ ଜାଣିପାରିବ ॥୭୩॥

Digitized by srujanika@gmail.com

ଅର୍ଥ ହେତୋସ୍ତୁ ବେଶ୍ୟାନାମପ୍ରିୟୋ ବା ଯଦି ପ୍ରିୟଃ ।
ଗମ୍ୟୋ ହି ପୁରୁଷୋ ନିତ୍ୟଂ ମୁକ୍ତ୍ୱା ଦିବ୍ୟନୃପସ୍ତ୍ରିୟଃ ॥ ୭୪ ॥
ଦ୍ୱେଷ୍ୟଂ ତୁ ପ୍ରିୟମିତ୍ୟାହୁଃ ପ୍ରିୟମପ୍ୟପ୍ରିୟଂ ତଥା ।
ଦୁଃଶୀଳଂ ଚ ସୁଶୀଳଂ ଚ ନିର୍ଗୁଣଂ ଗୁଣବାନିତି ॥ ୭୫ ॥
ପ୍ରହସନ୍ତୀବ ନେତ୍ରାଭ୍ୟାଂ ଯଂ ଦୃଷ୍ଟ୍ୱୋତ୍ଫୁଲ୍ଲତାରକା ।
ପ୍ରସନ୍ନମୁଖରାଗା ଚ ଲକ୍ଷ୍ୟତେ ଭାବରୂପଣୈଃ ॥ ୭୬ ॥
ଉପଚାର ଫଳତ୍ୱାଚ୍ଚ ବିପ୍ରଲମ୍ଭକୃତେନ ଚ ।
ତାସୁ ନିଷ୍ପଦ୍ୟତେ କାମଃ କାଷ୍ଠାଦଗ୍ନିରିବୋଦ୍‌ଥିତଃ ॥ ୭୭ ॥
ଯୋଷିତା ମୁପଚାରୋଽୟଂ ଯଥୋକ୍ତୋ ବୈଶିକାଶ୍ରୟଃ ।
କାର୍ଯ୍ୟଃ ପ୍ରକରଣେ ଚାପି ଯଥାଯୋଗଂ ଚ ନାଟକେ ॥ ୭୮ ॥
ଏବଂ ବେଶ୍ୟୋପଚାରୋଽୟଂ ତଜ୍‌ଜ୍ଞୈଃ କାର୍ଯ୍ୟୋ ଦ୍ୱିଜୋତ୍ତମାଃ ।
ଅତଊର୍ଦ୍ଧ୍ୱଂ ପ୍ରବକ୍ଷ୍ୟାମି ଚିତ୍ରସ୍ୟାଭିନୟଂ ପ୍ରତି ॥ ୭୯ ॥

ଇତି ଭରତ ନାଟ୍ୟଶାସ୍ତ୍ରେ ବାହ୍ୟୋପଚାରୋ ନାମ
ପଞ୍ଚବିଂଶଃ ଅଧ୍ୟାୟଃ ॥

ଦେବକାମିନୀ ବା ଅପ୍ସରା ଏବଂ ରାଜା ଓ ସମ୍ଭ୍ରାନ୍ତ ଘର ସ୍ତ୍ରୀମାନଙ୍କ ବ୍ୟତୀତ, ବେଶ୍ୟାମାନେ କେବଳ ଅର୍ଥ ଉଦ୍ଦେଶ୍ୟରେ ଯେତେ ଅପ୍ରିୟ ହେଉ ବରଂ ପ୍ରିୟଭଳି ବ୍ୟବହାର କରି ତା ପାଖକୁ ଯାଇ ଥାଆନ୍ତି ॥ ୭୪ ॥ ଶତ୍ରୁକୁ ମଧ୍ୟ ସେମାନେ ପ୍ରିୟତମ ବୋଲି କହିଥାଆନ୍ତି । ଅର୍ଥହୀନ ପ୍ରିୟକୁ ମଧ୍ୟ ଅପ୍ରିୟ ବୋଲି କହିଥାଆନ୍ତି । ଏହି ଅର୍ଥକୁ କାରଣମାନି ଚରିତ୍ରହୀନକୁ ସୁଶୀଳ ବୋଲି ଏବଂ ନିର୍ଗୁଣକୁ ଗୁଣବାନ୍ ବୋଲି କୁହନ୍ତି ॥ ୭୫ ॥ ଆଖିରେ ଆଖିଏ ହସ । ଡୋଳା ନାଚି ଉଠୁଥିବ । ମୁହଁରୁ ହସ ଖସି ପଡୁଥିବ । ଗାଲ ନାଲି ପଡ଼ି ଯାଇଥିବ । ଏବେ ଭାବ ନିରୂପଣ ପାଇଁ ଲକ୍ଷ୍ୟକର ॥ ୭୬ ॥ ସେମାନଙ୍କଠାରେ ଉପଚାରମାନଙ୍କର ପରିଣାମ ସ୍ୱରୂପ ଏବଂ ବିପ୍ରଲମ୍ଭ ଯୋଗୁଁ ମଧ୍ୟ ସେମାନଙ୍କଠାରେ କନ୍ଦର୍ପ ଭାବନା ଜାତ ହୋଇଥାଏ । ଠିକ୍ ଅରଣି କାଠ ଘସିଲେ ଯେପରି ଅଗ୍ନି ଜାତ ହୁଏ । (ନ ଘସିଲେ ହୁଏ ନାହିଁ ।) ॥ ୭୭ ॥ ବୈଶିକାଶ୍ରୟ ବିଧିରେ କାମିନୀ ଉପଚାରମାନ କୁହାଗଲା । ପ୍ରକରଣରେ ଏବଂ ନାଟକରେ ମଧ୍ୟ ଯଥାବିଧି ଏହି ଉପଚାରମାନ ପ୍ରୟୋଗ କରିବ ॥ ୭୮ ॥ ହେ ବିପ୍ରଗଣ, ଏହି ବାହ୍ୟୋପଚାରକୁ ବିଧିବିଶେଷଜ୍ଞମାନେ ଏହିପରି ବ୍ୟବହାର କରିବା ଉଚିତ୍ । ଏହାପରେ ଚିତ୍ରାଭିନୟ ବିଷୟରେ ମୁଁ କହିବି ॥ ୭୯ ॥

ଭରତ ନାଟ୍ୟଶାସ୍ତ୍ରରେ ବାହ୍ୟ ଉପଚାର ନାମକ ଏହି
ପଞ୍ଚବିଂଶ ଅଧ୍ୟାୟ ସମାପ୍ତ ॥

▼▼▼

Digitized by srujanika@gmail.com

-: ଷଡ୍‌ବିଂଶଃ ଅଧ୍ୟାୟଃ :-

ଚିତ୍ରାଭିନୟ ପ୍ରକରଣମ୍

ଅଙ୍ଗାଦ୍ୟଭିନୟସ୍ୟେହ ଯୋ ବିଶେଷଃ କ୍ୱଚିଦ୍ କ୍ୱଚିତ୍ ।
ଅନୁକ୍ତ ଉଚ୍ୟତେ ଚିତ୍ରଃ ସ ଚିତ୍ରାଭିନୟଃ ସ୍ମୃତଃ ।। ୧ ।।

ଉତ୍ତାନୌତୁ କରୌକୃତ୍ୱା ପତାକେ ସ୍ୱସ୍ତିକଂ ତଥା ।
ଉଦ୍‌ବାହିତେନ ଶିରସା ତଥା ଚୋର୍ଦ୍ଧ୍ୱନିରୀକ୍ଷିତୈଃ ।। ୨ ।।

ପ୍ରଭାତଂ ଗଗନଂ ରାତ୍ରିଂ ପ୍ରଦୋଷଂ ଦିବସଂ ତଥା ।
ଋତୂନ୍ ଘନାନ୍ ବନାନ୍ତାଂଶ୍ଚ ବିସ୍ତୀର୍ଣ୍ଣାଂଶ୍ଚ ଜଳାଶୟାନ୍ ।। ୩ ।।

ଦିଶୋ ଗ୍ରହାନ୍ ସନକ୍ଷତ୍ରାନ୍ କିଞ୍ଚିଦ୍ ସ୍ୱସ୍ଥଂ ଚ ଯଦ୍‌ଭବେତ୍ ।
ତସ୍ୟ ତ୍ୱଭିନୟଃ କାର୍ଯ୍ୟୋ ନାନାଦୃଷ୍ଟିସମନ୍ୱିତଃ ।। ୪ ।।

ଏଭିରେବ କରୈର୍ଭୂୟଃ ତେନୈବ ଶିରସା ପୁନଃ ।
ଅଧୋନିରୀକ୍ଷଣେନୈବ ଭୂମିଷ୍ଠାନ୍ ସଂପ୍ରଦର୍ଶୟେତ୍ ।। ୫ ।।

ସ୍ପର୍ଶସ୍ୟ ଗ୍ରହଣେନୈବ ତଥୋଲ୍ଲୁକସନେନ ଚ ।
ଚନ୍ଦ୍ରଂ ଜ୍ୟୋତ୍ସ୍ନାଂ ସୁଖଂ ବାୟୁଂ ରସଂ ଗନ୍ଧଂ ଚ ନିର୍ଦ୍ଦିଶେତ୍ ।। ୬ ।।

ଅଙ୍ଗାଦି ଅଭିନୟର କୌଣସି କୌଣସି ସ୍ଥଳରେ ଯାହା ବିଶେଷ ଅଛି, ଯେଉଁ ଚିତ୍ର ଏଠାରେ ଏ ପର୍ଯ୍ୟନ୍ତ କୁହାଯାଇନାହିଁ, ତାହାକୁ ଚିତ୍ରାଭିନୟ କୁହାଯାଏ ।। ୧ ।। ହାତ ପାପୁଲିକୁ ଉପର ମୁହାଁକରି ପତାକା ଏବଂ ସ୍ୱସ୍ତିକ ମୁଦ୍ରା ଆକାର କରି ଉଦ୍‌ବାହିତ ମସ୍ତକ କରି ଉପରକୁ ଚାହିଁବା ଦ୍ୱାରା ପ୍ରଭାତ, ଆକାଶ, ରାତ୍ରି ସନ୍ଧ୍ୟା, ଦିବସ, ଋତୁଗୁଡ଼ିକ, ମେଘ, ବନାନ୍ତ, ବିସ୍ତୀର୍ଣ୍ଣ ଜଳାଶୟ, ଦିଗ, ଗ୍ରହ ନକ୍ଷତ୍ର କୌଣସି ସ୍ଥିର ଦ୍ରବ୍ୟର ମଧ୍ୟ ଅଭିନୟକୁ ନାନା ପ୍ରକାର ଦୃଷ୍ଟି ନିକ୍ଷେପ କରି କରିବ ।। ୨-୪ ।। (ମୁଦ୍ରାମାନଙ୍କୁ ଚିତ୍ର ପୃଷ୍ଠାରେ ଦେଖନ୍ତୁ) ଏହିପରି କର ମୁଦ୍ରାରେ ଏବଂ ସେହିପରି ମସ୍ତକ ରଖି ତଳକୁ ଚାହିଁ ଭୂମିସ୍ଥିତ ଦ୍ରବ୍ୟମାନଙ୍କୁ ଦେଖାଇବ ।। ୫ ।। ସ୍ପର୍ଶର ଗ୍ରହଣ ଦ୍ୱାରା ଉଲ୍ଲୁକପରି ଅବଲୋକନ କରି (ଦିଗ ଓ ଆକାଶକୁ) ଚନ୍ଦ୍ର, ଜ୍ୟୋତ୍ସ୍ନା, ସୁଖକର ପବନ ଓ ସୁଖକର ରସ ଗନ୍ଧର ଅଭିନୟ କରିବ ।। ୬ ।।

Digitized by srujanika@gmail.com

ବକ୍ତ୍ରାବଗୁଣ୍ଠନାତ୍ ସୂର୍ଯ୍ୟଂ ରଜୋଧୂମାନଳାଂସ୍ତଥା ।
ଭୂମିତାପଂ ତଥାଚୋଷ୍ଣଂ କୁର୍ଯ୍ୟାତ୍ ଛାୟାଭିଳାଷତଃ ।। ୭ ।।

ଊର୍ଦ୍ଧ୍ୱାକେକରଦୃଷ୍ଟିସ୍ତୁ ମଧ୍ୟାହ୍ନେ ସୂର୍ଯ୍ୟ ମାଦିଶେତ୍ ।
ଉଦୟାସ୍ତମନେ ଚୈବ ଗମ୍ଭୀରାର୍ଥୈଃ ପ୍ରଦର୍ଶୟେତ୍ ।। ୮ ।।

ଯାନି ସୌମ୍ୟାର୍ଥଯୁକ୍ତାନି ସୁଖଭାବକୃତାନି ଚ ।
ଗାତ୍ରସ୍ପର୍ଶୈଃ ସରୋମାଞ୍ଚୈଃ ତେଷାମଭିନୟୋ ଭବେତ୍ ।। ୯ ।।

ଯାନି ସ୍ୟୁଃ ତୀକ୍ଷ୍ଣରୂପାଣି ତାନି ତ୍ୱଭିନୟେନ୍ନରଃ ।
ଅଙ୍ଗସ୍ପର୍ଶେ ସ୍ତଥୋଦ୍‌ବେଗୈ ସ୍ତଥାସୁଖବିକୁଣ୍ଠନୈଃ ।। ୧୦ ।।

ଗମ୍ଭୀରୋଦାତ୍ତସଂଯୁକ୍ତାନେତାନଭିନୟେତ୍ ବୁଧଃ ।
ସାଟୋପୈଶ୍ଚ ସଗର୍ବୈଶ୍ଚ ଗାତ୍ରୈଃ ସୌଷ୍ଠବ ସଂଯୁତୈଃ ।। ୧୧ ।।

ଯଜ୍ଞୋପବୀତଦେଶେତୁ କୃତ୍ୱାରାଳୌ କରାବୁଭୌ ।
ସ୍ୱସ୍ତିକୌ ବିଚ୍ୟୁତୌ ହାର ସ୍ରଗ୍‌ଦାମାର୍ଥାନ୍ ବିନିର୍ଦ୍ଦିଶେତ୍ ।। ୧୨ ।।

ସୂର୍ଯ୍ୟ ଧୂଳି ଧୂମ ଏବଂ ଅଗ୍ନିକୁ ମୁଖ ଆବରଣ କରି ଅଭିନୟ କରିବ । ଭୂମିର ତାପ ଓ ଉଷ୍ଣତାକୁ ଛାୟା ପ୍ରତି ଅଭିଳାଷ ବ୍ୟକ୍ତକରି ଅଭିନୟ କରିବ ।। ୭ ।। ଉପରକୁ ମୁହଁକରି ଟିକିଏ ତେରଛା ଚାହିଁ ମଧ୍ୟାହ୍ନ ସୂର୍ଯ୍ୟକୁ ସୂଚିତ କରିବ । ଉଦୟ ଓ ଅସ୍ତ ସମୟ ବା ଏହି ଅବସ୍ଥାର ସୂର୍ଯ୍ୟକୁ ଗମ୍ଭୀର (କାବ୍ୟିକ) ଅର୍ଥଦ୍ୱାରା ପ୍ରକାଶ କରିବ ।। ୮ ।। ଯାହା କମନୀୟ ଏବଂ ସୁଖକର ଏବଂ ମନଃ ପ୍ରସନ୍ନତାକାରକ ସେଗୁଡ଼ିକୁ ରୋମାଞ୍ଚଯୁକ୍ତ ଗାତ୍ର ସ୍ପର୍ଶର ଅଭିନୟରେ ପ୍ରକାଶ କରିବ ।। ୯ ।। ଅଙ୍ଗସ୍ପର୍ଶ (ହାତରେ ଛୁଇଁ ଚିହିକି ଉଠି କାଢ଼ି ଆଣିବା) ଉଦ୍‌ବେଗ ଏବଂ ମୁଖ ବିକୃତିଦ୍ୱାରା ତୀବ୍ର ବିଷୟର ଅଭିନୟ କରିବା ଉଚିତ୍ ।। ୧୦ ।। ବୁଦ୍ଧିମାନ ଅଭିନେତା ଏହି ସମସ୍ତ ଭାବକୁ ଅଭିନୟ କରିବା ବେଳେ ଅବସ୍ଥାନୁଯାୟୀ କେବେ ଗମ୍ଭୀର ଓ କେବେ ସରଳ ମନୋଭାବ ନେଇ ଏବଂ ଆଟୋପ ଓ ଗର୍ବର ସହିତ ଅଥବା କୋମଳ ଅଙ୍ଗବିଳାସ ବ୍ୟବହାର କରି କରିବେ ।। ୧୧ ।। ଫୁଲ ହାର ପ୍ରଭୃତିର ଅଭିନୟ ସମୟରେ ଯଜ୍ଞୋପବୀତ ଧାରଣ ସ୍ଥାନରେ ହସ୍ତ ଦୁଇଟିକୁ ଅରାଳ ମୁଦ୍ରାରେ (ଅଧ୍ୟାୟ ୪୬) ରଖି ସ୍ୱସ୍ତିକ (୯/୧୩୭) ମୁଦ୍ରାଯୁକ୍ତ ହସ୍ତରେ ବିଚ୍ୟୁତି କରାଇବ ।।୧୨।। (ରଖିବା ବେଳେ ଅରାଳ, ହାତ କାଢ଼ିଲା ବେଳେ ସ୍ୱସ୍ତିକ ।)

Digitized by srujanika@gmail.com

ଭ୍ରମଣେନ ପ୍ରଦେଶିନ୍ୟା ଦୃଷ୍ଟେଃ ପରିଗମେନ ଚ ।
ଅଙ୍ଗପଲ୍ଲବ ପୀଡାତଃ ସର୍ବାର୍ଥ ଗ୍ରହଣଂ ଭବେତ୍ ।। ୧୩ ।।

ଶ୍ରବ୍ୟଂ ଶ୍ରବଣଯୋଗେନ ଦୃଶ୍ୟଂ ଦୃଷ୍ଟିବିଲୋକନୈଃ ।
ଆତ୍ମସ୍ଥଂ ବା ପରସ୍ଥଂ ବା ମଧ୍ୟସ୍ଥଂ ବା ବିନିର୍ଦ୍ଦିଶେତ୍ ।। ୧୪ ।।

ବିଦ୍ୟୁଦୁଲ୍କା ଘନରବୋ ବିସ୍ଫୁଲିଙ୍ଗାର୍ଚ୍ଚିଷସ୍ତଥା ।
ସ୍ରସ୍ତାଙ୍ଗାକ୍ଷିନିମେଷୈଶ୍ଚ ତେଽଭିନେୟାଃ ପ୍ରୟୋକ୍ତୃଭିଃ ।। ୧୫ ।।

ଉଦ୍‌ବେଷ୍ଟିତ ପରାବୃତ୍ତୌ କରୌ କୃତ୍ୱା ନତଂ ଶିରଃ ।
ଅସଂସ୍ପର୍ଶେ ତ୍ୱନିଷ୍ଟେ ଚ ଜିହ୍ମଦୃଷ୍ଟେନ କାରୟେତ୍ ।। ୧୬ ।।

ବାୟୁ ମୁଷ୍ଣଂ ନଭସ୍ତେଜୋ ମୁଖପ୍ରଚ୍ଛାଦନେନ ଚ ।
ରେଣୁତୋୟପତଙ୍ଗାନାଂ ଭ୍ରମରାଣାଂ ଚ ବାରଣମ୍ ।। ୧୭ ।।

କୃତ୍ୱା ସ୍ୱସ୍ତିକସଂସ୍ଥାନୌ ପଦ୍ମକୋଶାବଧୋମୁଖୌ ।
ସିଂହର୍କ୍ଷବାନର ବ୍ୟାଘ୍ର ଶ୍ୱାପଦାଂଶ୍ଚ ନିରୂପୟେତ୍ ।। ୧୮ ।।

ତର୍ଜ୍ଜନୀ ଅଙ୍ଗୁଳିକୁ ହଲାଇ, ଚାରିଆଡକୁ ଆଖି ବୁଲାଇ ଦରକାରହେଲେ ଦୁଇହାତର ପାପୁଲିକୁ ମଳି ସମସ୍ତ ବିଷୟର ବା ସାମୂହିକ ବିଷୟର ଅଭିନୟ ବୋଧ କରାଯାଏ ।। ୧୩ ।। ଶୁଣିବା ଭଳି ବିଷୟକୁ କାନରେ ହାତ ଦେଇ ଅଥବା କାନଡେରି, ଦୃଶ୍ୟକୁ ଦୃଷ୍ଟି ନିକ୍ଷେପ ଦ୍ୱାରା ନିଜର ପରର ବା ଉପସ୍ଥିତ ତୃତୀୟବ୍ୟକ୍ତିର ଶ୍ରବ୍ୟ ଦୃଶ୍ୟ ବିଷୟକୁ ଗ୍ରହଣ କରିବ ।। ୧୪ ।। ଅଭିନେତା ବିଦ୍ୟୁତ୍ ଉଲ୍କା ମେଘଗର୍ଜ୍ଜନ, ସ୍ଫୁଲିଙ୍ଗ, ଅଗ୍ନିଶିଖା ଏହି ସବୁକୁ ଶରୀର ନେତ୍ର ଓ ପଲକର ସଙ୍କୋଚନ ପ୍ରସାରଣ ପ୍ରଭୃତି ଦ୍ୱାରା ଅଭିନୟ କରିବେ ।। ୧୫ ।। ଯାହା ସ୍ପର୍ଶକରି ହେବ ନାହିଁ ବା ଯାହା ଅନିଷ୍ଟକାରକ ଏହି ବିଷୟର ଅଭିନୟନରେ ହାତକୁ ଉଦ୍‌ବେଷ୍ଟିତ (୯/୨୧୭) ମୁଦ୍ରା ଓ ପରାବୃତ୍ତ ମୁଦ୍ରାରେ ରଖି (୯/୨୧୯) ମୁଣ୍ଡ ନୁଆଇଁ କୁଟିଳ ଦୃଷ୍ଟି ଦ୍ୱାରା ଅଭିନୟ କରିବ ।। ୧୬ ।। ଝଞ୍ଜାପବନ, ଆକାଶ, ସୂର୍ଯତେଜ, ଧୂଳି, ଜଳ, ପୋକ, ଭ୍ରମରବାରଣ ପ୍ରଭୃତି ସ୍ଥଳରେ ମୁଖ ପ୍ରଚ୍ଛାଦନ ଦ୍ୱାରା ଅଭିନୟ କରିବ ।। ୧୭ ।। ସିଂହ, ଭଲ୍ଲୁକ, ବାନର, ବ୍ୟାଘ୍ର ଏବଂ ଅନ୍ୟାନ୍ୟ ଶ୍ୱାପଦମାନଙ୍କ ସ୍ୱସ୍ତିକ ଆକାର (୯/୧୩) ପଦ୍ମକୋଶ ରୂପକ (୯/୮୧-୮୪) ହସ୍ତ ଦ୍ୱୟକୁ ନିମ୍ନାଭିମୁଖ କରି ପ୍ରଦର୍ଶନ କରିବ ।। ୧୮ ।।

Digitized by srujanika@gmail.com

ସ୍ୱସ୍ତିକୌ ତ୍ରିପତାକୌତୁ ଗୁରୂଣାଂ ପାଦବନ୍ଦନେ ।
ସ୍ୱସ୍ତିକୌ କଟକାସେୌତୁ ପ୍ରତୋଦଗ୍ରହଣେ ସ୍ମୃତୌ ॥ ୧୯ ॥

ଏକଂ ଦ୍ୱେ ତ୍ରୀଣି ଚତ୍ୱାରି ପଞ୍ଚ ଷଟ୍ ସପ୍ତଚାଷ୍ଟ ବା ।
ନବ ବା ଦଶ ବା ଚୈବ ଗଣନାଙ୍ଗୁଳିଭିର୍ଭବେତ୍ ॥ ୨୦ ॥

ଦଶାଖ୍ୟାଶ୍ଚ ଶତାଖ୍ୟାଶ୍ଚ ସହସ୍ରାଖ୍ୟାସ୍ତଥୈବ ଚ ।
ପତାକାଭ୍ୟାଂ ତୁ ହସ୍ତାଭ୍ୟାମ୍ ଅଭିନେୟାଃ ପ୍ରୟୋକ୍ତୃଭିଃ ॥ ୨୧ ॥

ଦଶାଖ୍ୟଗଣନାୟାସ୍ତୁ ପରତୋ ଯା ଭବେଦିହ ।
ବାକ୍ୟାର୍ଥେନୈବ ସାଧ୍ୟା ସା ପରୋକ୍ଷାଭିନୟେନ ଚ ॥ ୨୨ ॥

ଛତ୍ରଧ୍ୱଜପତାକାଶ୍ଚ ନିର୍ଦ୍ଦେଶ୍ୟାଦଣ୍ଡଧାରଣୈଃ ।
ନାନା ପ୍ରହରଣଂ ଚୈବ ନିର୍ଦ୍ଦେଶ୍ୟଂ ଧାରଣାଶ୍ରୟମ୍ ॥ ୨୩ ॥

ଏକଚିତ୍ତୋଽପ୍ୟଧୋ ଦୃଷ୍ଟିଃ ଶିରଃ କିଞ୍ଚିନ୍ନତଂ ଭବେତ୍ ।
ସବ୍ୟହସ୍ତଶ୍ଚ ସଂଦଂଶଃ ସ୍ମୃତୌ ଧ୍ୟାନେ ଚ ନିର୍ଦ୍ଦିଶେତ୍ ॥ ୨୪ ॥

ଗୁରୁଜନମାନଙ୍କର ପାଦବନ୍ଦନା ପାଇଁ ହସ୍ତଦ୍ୱୟ ସ୍ୱସ୍ତିକ ଓ ତ୍ରିପତାକ (୯/୧୩୬ ଓ ୨୮୬) କରଣୀୟ । କିନ୍ତୁ ଚାବୁକ ଧରିବାବେଳେ ସ୍ୱସ୍ତିକ ଓ କଟକାମୁଖ (୯/୬୧-୬୪) ମୁଦ୍ରା ହେବ ॥ ୧୯ ॥ ସଂଖ୍ୟା ଗଣନା ଅବସରରେ ଏକଠାରୁ ଦଶ ପର୍ଯ୍ୟନ୍ତ ସଂଖ୍ୟାର ଗଣନା ଅଙ୍ଗୁଳିଦ୍ୱାରା ହେବ । ଦଶ ଶତ ଓ ସହସ୍ର ସଂଖ୍ୟାର ଅଭିନୟ ପତାକାହସ୍ତ (୯/୧୮) ଦ୍ୱାରା କରାଯିବ ॥ ୨୦-୨୧) ॥ ଦଶ ଗୁଣିତ ପର ପରର ସଂଖ୍ୟାଗୁଡ଼ିକ (ପରାର୍ଦ୍ଧ ପର୍ଯ୍ୟନ୍ତ) ଯାହା ସବୁ ନାଟ୍ୟ ଜଗତରେ ହେବ, ସେ ସମସ୍ତ ବାକ୍ୟାର୍ଥ ଦ୍ୱାରା ଅଥବା ପରୋକ୍ଷ ଅଭିନୟ ଦ୍ୱାରା (ବାଚନିକ ପ୍ରକ୍ରିୟାରେ) କରାଯିବ ॥ ୨୨ ॥ ଛତ୍ର ଧ୍ୱଜ (ସଂକେତ) ପତାକା ଏସବୁକୁ ଦଣ୍ଡ (ବେଣ୍ଟ) ଧରି ଦେଖାଇବ । ଅନ୍ୟାନ୍ୟ ଅସ୍ତ୍ର ଯେ ଯେପରି ଧାରଣ କରାଯାଏ ସେହିପରି ଧରି ଅଭିନୟ କରିବ ॥ ୨୩ ॥ ଧ୍ୟାନ- ସ୍ମରଣ ବା ଧ୍ୟାନର ଅଭିନୟ ସ୍ଥଳରେ ଏକାଗ୍ରତା, ନିମ୍ନଦୃଷ୍ଟି, ମୁଣ୍ଡ ସାମାନ୍ୟ ନଇଁବ ଓ ବାମହସ୍ତ ସଂଦଂଶ (୯/୧୧୧-୧୧୫) ମୁଦ୍ରାରେ ରହିବ ॥ ୨୪ ॥

Digitized by srujanika@gmail.com

ଉଦ୍‌ବାହିତଂ ଶିରଃକୃତ୍ୱା ହଂସପକ୍ଷୌ ପ୍ରଦକ୍ଷିଣୌ ।
ଅପତ୍ୟରୂପଣେ କାର୍ଯ୍ୟମ୍ ଉଚ୍ଛ୍ରୟେଚ ପ୍ରୟୋକ୍ତୃଭିଃ ॥ ୨୫ ॥
ଅରାଳଂ ତୁ ଶିରଃସ୍ଥାନେ ସମୁଦ୍‌ବାହ୍ୟ ତୁ ବାମତଃ ।
ଗତେ ନିବୃତ୍ତେ ଧ୍ୱସ୍ତେ ଚ ଶ୍ରୁତେ ବାକ୍ୟେ ଚ ଯୋଜୟେତ୍ ॥ ୨୬ ॥
ସର୍ବେନ୍ଦ୍ରିୟସ୍ୱସ୍ଥତୟା ଦିକ୍ ପ୍ରସନ୍ନତୟା ତଥା
ବିଚିତ୍ରଭୂତଳାଲୋକୈଃ ଶରଦଂ ତୁ ବିନିର୍ଦ୍ଦିଶେତ୍ ॥ ୨୭ ॥
ଗାତ୍ର ସଂକୋଚନେନାପି ସୂର୍ଯ୍ୟାଗ୍ନିପଟସେବନାତ୍ ।
ହେମନ୍ତଃ ସ୍ୱଭିନେୟଃ ସ୍ୟାଦ୍ ପୁରୁଷୈର୍ମଧ୍ୟମାଧମୈଃ ॥ ୨୮ ॥
ଶିରୋଦନ୍ତୌଷ୍ଠ-କମ୍ପେନ ଗାତ୍ରସଂକୋଚନେନ ଚ ।
କୂଜିତୈଶ୍ଚ ସସୀତ୍‌କାରୈଃ ଅଧମଃ ଶୀତମାଦିଶେତ୍ ॥ ୨୯ ॥
ଅବସ୍ଥାନ୍ତର ସଂପ୍ରାପ୍ତୌ ରୁତ୍ତମୈଶ୍ଚ କଦାଚନ ।
ଶୀତାଭିନୟନଂ କାର୍ଯ୍ୟଂ ଚ୍ଛୈବବ୍ୟସନସଂଭବେ ॥ ୩୦ ॥

ଉଚ୍ଚତା - ମସ୍ତକକୁ ଉଦ୍‌ବାହିତ (୮/୨୬) କରି ଦକ୍ଷିଣ ଆଡକୁ ହସ୍ତଦୁଇଟି ହଂସପକ୍ଷ କରି (ଅସଂଯତ ମୁଦ୍ରା ନଂ ୨୨) ସନ୍ତାନମାନଙ୍କର ଉଚ୍ଚତା ଓ ଆକୃତି ନିର୍ଣ୍ଣୟ କରିବ ॥ ୨୫ ॥

ଅତୀତ, ନିବୃତ୍ତ, ଧ୍ୱଂସ ଓ ଶ୍ରୁତବାକ୍ୟ (ଶୁଣାକଥା) ଅଭିନୟରେ ମୁଣ୍ଡର ବାମ ପାଖରେ ଅରାଳମୁଦ୍ରାର ହାତ ଲଗାଇ (୯/୪୬) ଅଭିନୟ କରିବ ॥ ୨୬ ॥

ଶରତ ଋତୁକୁ ଦେଖାଇବାକୁ ସବୁ ଇନ୍ଦ୍ରିୟର ସ୍ୱଚ୍ଛତା, ଦିଙ୍‌ମଣ୍ଡଳର ଉଜ୍ଜ୍ୱଳତା, ଏବଂ ପୃଥିବୀକୁ ଏକ ଅପୂର୍ବ ସୌନ୍ଦର୍ଯ୍ୟମୟୀ ରୂପେ ଦେଖି ଅଭିନୟ କରିବ ॥ ୨୭ ॥

ଶରୀର ସଂକୋଚନ, ସୂର୍ଯ୍ୟ ଅଗ୍ନି ଓ ଚାଦର ବା ଶାଲ୍ ଘୋଡ଼ିହୋଇ ମଧ୍ୟମ ଓ ଅଧମ ନାୟକ ଶୀତକାଳର ଅଭିନୟ କରିବେ ॥ ୨୮ ॥

ମୁଣ୍ଡ ଓ ଓଠ ଥରିଯାଉଥିବ, ଦାନ୍ତ ଠକ ଠକ ହେଉଥିବ । ଶରୀର ଢାକିଢୁକି ହେଉଥିବ ସୀତ୍‌କାର ଶବ୍ଦ କରୁଥିବ, ଅଧମ ଲୋକ ଏହିପରି ଶୀତର ଅଭିନୟ କରିବେ ॥ ୨୯ ॥

ଅଭିଶାପ ପ୍ରଭୃତି ବଶତଃ ଦେବତା ପ୍ରଭୃତି ଉତ୍ତମ ପାତ୍ର ପତିତ ହେଲେ ଏହିପରି ମଧ୍ୟ ଶୀତ ଅଭିନୟ କରିବେ ॥ ୩୦ ॥

Digitized by srujanika@gmail.com

ଋତୁଜାନାଂ ତୁ ପୁଷ୍ପାଣାଂ ଗନ୍ଧଘ୍ରାଣୈସ୍ତଥୈବ ଚ ।
ରୁକ୍ଷାଚ୍ଚ ବାୟୋଃ ସ୍ପର୍ଶାଚ୍ଚ ଶିଶିରଂ ରୂପୟେଦ୍ ବୁଧଃ ॥ ୩୧ ॥

ପ୍ରମୋଦ ଜନନାରମ୍ଭୈ ରୁପଭୋଗୈସ୍ତଥୋତ୍ସବୈଃ ।
ବସନ୍ତଃ ସ୍ୱଭିନେତବ୍ୟୋ ନାନାପୁଷ୍ପପ୍ରଦର୍ଶନାତ୍ ॥ ୩୨ ॥

ସ୍ୱେଦାପମାର୍ଜନାଚ୍ଚାପି ଭୂମିତାପୈଃ ସବୀଜନୈଃ ।
ଉଷ୍ଣାଚ୍ଚ ବାୟୋଃ ସ୍ପର୍ଶାଚ୍ଚ ଗ୍ରୀଷ୍ମଂ ତ୍ୱଭିନୟେଦ୍ ବୁଧଃ ॥ ୩୩ ॥

କଦମ୍ବ-ନିମ୍ବ-କୁଟଜୈଃ ଶାଦ୍ୱଲୈଃ ସେନ୍ଦ୍ରଗୋପକୈଃ ।
କଦମ୍ବକୈ ର୍ମୟୂରାଣାଂ ପ୍ରାବୃଷଂ ସଂନିରୂପୟେତ୍ ॥ ୩୪ ॥

ମେଘୌଘନାଦଗମ୍ଭୀର-ଧାରା ପ୍ରପତନୈରପି ।
ବିଦ୍ୟୁନ୍ନିର୍ଘାତଘୋଷୈଶ୍ଚ ବର୍ଷରାତ୍ରଂ ବିନିର୍ଦ୍ଦିଶେତ୍ ॥ ୩୫ ॥

ଯଦ୍ୟଚ୍ଚ ଚିହ୍ନଂ ବେଶୋ ବା କର୍ମ ବା ରୂପମେବ ବା ।
ଋତୁଃ ସ ତେନ ନିର୍ଦ୍ଦେଶ୍ୟଃ ଇଷ୍ଟାନିଷ୍ଟାର୍ଥଦର୍ଶନାତ୍ ॥ ୩୬ ॥

ଶୀତକାଳିକ ପୁଷ୍ପର ଗନ୍ଧ ଆଘ୍ରାଣ ବର୍ଣ୍ଣନା ତଥା ହାଲପା ଶୀତୁଆପବନର ସ୍ପର୍ଶ ଦ୍ୱାରା ଶିଶିର ଋତୁକୁ ନିରୂପଣ କରିବ ॥ ୩୧ ॥ ଆନନ୍ଦ ଉପଭୋଗ ଓ ଉତ୍ସବର ବିସ୍ତାର ବର୍ଣ୍ଣନାକରି ବିବିଧ ପୁଷ୍ପସମ୍ଭାର ବର୍ଣ୍ଣନା କରି ବସନ୍ତ ଋତୁକୁ ଉପସ୍ଥାପିତ କରିବ ॥ ୩୨ ॥ ଝାଳ ପୋଛି ପୋଛି ତାତିଲା ମାଟିର ଉତ୍ତାପ ଏବଂ ଝଞ୍ଜାପବନ କଟୁତା ତଥା ବିଶ୍ରୁହେବା ଅଭିନୟ କରି ଗ୍ରୀଷ୍ମକୁ ରଙ୍ଗରେ ଉପସ୍ଥାପିତ କରିବ ॥ ୩୩ ॥ କଦମ୍ବ ନିମ୍ବ କୁଟଜ ଶାଦ୍ୱଳ (ଶିଉଳୀ) ଇନ୍ଦ୍ରଗୋପକ (ସାଧବଘର ବୋହୂ ନାମକ ନାଲି ପୋକ) ମୟୂର ଦଳ, ଏହିମାନଙ୍କ ବର୍ଣ୍ଣନା ମାଧ୍ୟମରେ ବର୍ଷାର ଅଭିନୟ କରିବ ॥ ୩୪ ॥ ମେଘର ଘନ ଗର୍ଜ୍ଜନ, ପ୍ରବଳ ବର୍ଷାପାତ, ବିଜୁଳି ମାରିବା ଓ ବଜ୍ରସଂପାତ ଏହି ସମସ୍ତ ବର୍ଣ୍ଣନା ମାଧ୍ୟମରେ ବର୍ଷା ରଜନୀର ଅଭିନୟ ହେବ ॥ ୩୫ ॥

ଯେଉଁ ଋତୁରେ ଯେଉଁ ଲକ୍ଷଣ (ଶୀତ ଉଷ୍ଣ ଇତ୍ୟାଦି ସ୍ପର୍ଶ) ଛତା କମ୍ବଳ ପ୍ରକୃତି ବେଶର ବୈଶିଷ୍ଟ୍ୟ ଏବଂ କୃଷି ପ୍ରକୃତି କର୍ମ (କେବେ ବୁଣା, ବଛା, କଟା) ଏବଂ ପ୍ରକୃତିର ରୂପ, ଏବଂ ବନ୍ୟା ବାତ୍ୟା ଇତ୍ୟାଦି ଇଷ୍ଟାନିଷ୍ଟ ବର୍ଣ୍ଣନା ବ୍ୟବହାର କରି ସେହି ସେହି ଋତୁ ବିଷୟ ରଙ୍ଗଭୂମିରେ ପରିବେଷଣ କରାଯିବ ॥ ୩୬ ॥

Digitized by srujanika@gmail.com

ଏତାନ୍ ଋତୂନ୍ ଅର୍ଥବଶାଦ୍ ପ୍ରଯୁଞ୍ଜୀତ ଯଥାରସମ୍ ।
ସୁଖିତେଷୁ ସୁଖୋପେତାନ୍ ଦୁଃଖାର୍ତ୍ତେ ଦୁଃଖାସଂଯୁତାନ୍ ॥ ୩୭ ॥

ଭାବାଭିନୟନଂ କୁର୍ଯ୍ୟାଦ୍ ବିଭାବାନାଂ ନିଦର୍ଶନୈଃ ।
ତଥୈବ ଚାନୁଭାବାନାଂ ଭାବାଦ୍ ସିଦ୍ଧିଃ ପ୍ରକୀର୍ତ୍ତିତଃ ॥ ୩୮ ॥

ବିଭାବେନାହୃତଂ କାର୍ଯ୍ୟମ୍ ଅନୁଭାବେନ ରୂପ୍ୟତେ ।
ଆତ୍ମାନୁଭବନଂ ଭାବୋ ବିଭାବଃ ପରଦର୍ଶନମ୍ ॥ ୩୯ ॥

ଗୁରୁର୍ମିତ୍ରଂ ସଖା ସ୍ନିଗ୍ଧଃ ସମ୍ବନ୍ଧୀ ବନ୍ଧୁରେବ ବା ।
ଆବେଦ୍ୟତେ ହି ଯଃ ପ୍ରାପ୍ତୋ ବିଭାବଃ ସ ତୁ ସଂଜ୍ଞିତଃ ॥ ୪୦ ॥

ଯସ୍ତସ୍ୟ ସଂଭ୍ରମୋତ୍‌ଥାନମର୍ଘାସନପରିଗ୍ରହଃ ।
ପୂଜନଂ କ୍ରିୟତେ ବାଚା ସୋଽନୁଭାବଃ ପ୍ରକୀର୍ତ୍ତିତଃ ॥ ୪୧ ॥

ରସର ପ୍ରସଙ୍ଗ ଅନୁଯାୟୀ ହି ଋତୁମାନଙ୍କୁ ପ୍ରୟୋଜନ ଅନୁଯାୟୀ ବ୍ୟବହାର କରିବ । ସୁଖିତ ଅବସ୍ଥାରେ ଅର୍ଥାତ୍ ନବ ଦମ୍ପତି କ୍ଷେତ୍ରରେ ହିମଗୃହ କର୍ପୂରଚନ୍ଦନ ମଲ୍ଲୀପୁଷ୍ପର ଗ୍ରୀଷ୍ମ, ଦୁଃଖିତ ବର୍ଣ୍ଣନା ସ୍ଥଳରେ ପ୍ରଚଣ୍ଡତାପ ଛଡାଟିଏ ନାହିଁ । ଉପରକୁ ଚାହିଁ ଛିଣ୍ଡାଗାମୁଛାକୁ ମୁଣ୍ଡରେ ପକାଇ ପାଣି ଟୋପିଏ ପାଇଁ ଛଟପଟ ହେଉଥିବ, ଏହିପରି ସବୁ ଋତୁକୁ ଦୁଇ ପ୍ରକାର ବ୍ୟବହାର କରିବ ॥ ୩୭ ॥

ଭାବାଭିନୟ - ବିଭାବ ଅନୁଭାବ ବ୍ୟଭିଚାରିଭାବ ବା ସଂଚାରିଭାବ ବିଷୟରେ ୭ମ ଅଧ୍ୟାୟ ୪ର୍ଥ, ୫ମ ଶ୍ଳୋକରେ କୁହାଯାଇଛି । ବିଭାବମାନଙ୍କର ପ୍ରଦର୍ଶନ ଦ୍ୱାରା ଭାବର ଅଭିନୟ କରିବ । ସେହିପରି ଅନୁଭାବମାନଙ୍କର ସିଦ୍ଧି ଭାବରୁ ହିଁ ହୋଇଥାଏ ॥ ୩୮ ॥ ବିଭାବଦ୍ୱାରା ଆହୃତ କାର୍ଯ୍ୟକୁ ଅନୁଭାବ ରୂପଦିଏ । (ଅନୁଭାବ ଦ୍ୱାରା ଅଭିନୀତ ହୁଏ) ନିଜର ଅନୁଭୂତି ହିଁ ଭାବ । ନିଜ ସହିତ ସମ୍ବନ୍ଧ ପରିଦର୍ଶନ ହେତୁ ବିଭାବ ହୋଇଥାଏ ॥ ୩୯ ॥ ଗୁରୁ, ମିତ୍ର, ସଖା, ସ୍ନେହୀ ଲୋକ, ଆତ୍ମୀୟ ବା ବନ୍ଧୁ ଯେ ପହଞ୍ଚିଲେ ଆମ ମନରେ ତଦନୁକୂଳ ଭାବ ଜାତ ହୋଇଥାଏ । ଗୁରୁ ଆସି ପହଞ୍ଚିଲେ, ତାଙ୍କୁ ଦେଖି ଉଠିଆସି ପ୍ରଣାମ କରିବା ପାଇଁ, ବନ୍ଧୁଟିକୁ ଆସି ପହଞ୍ଚିବା ଦେଖିଲେ ଉଠିପଡ଼ି କୁଣ୍ଢାଇ ପକାଇବା ପାଇଁ ଯେଉଁ ମାନସିକ ଭାବ ଜାତ ହୁଏ ସେଥିପାଇଁ ଗୁରୁ ପ୍ରଭୃତି (କାରଣ ହେଉଥିବା ଯୋଗୁଁ) ବିଭାବ ସେହି ସେହି ଭାବ ପାଇଁ ଅଟନ୍ତି । ଏଥିପାଇଁ ବ୍ୟସ୍ତହୋଇ ଉଠିପଡ଼ିବା, ନିଜ ଆସନରେ ଡାକି କୁଣ୍ଢାଇଆଣି ବସାଇବା, ପୂଜା ବା ମଧୁର ଆଳାପ ଏମାନେ ଅନୁଭାବ ଅଟନ୍ତି ॥ ୪୦, ୪୧ ॥

Digitized by srujanika@gmail.com

ଏବମନ୍ୟେଷ୍ୱପି ତଥା ନାନାକାର୍ଯ୍ୟପ୍ରଦର୍ଶନାତ୍ ।
ବିଭାବୋ ବାପି ଭାବୋବା ବିଜ୍ଞେୟୋଽର୍ଥବଶାଦ୍ ବୁଧୈଃ ।। ୪୨ ।।

ଯଷ୍ଚାପି ପ୍ରତିସନ୍ଦେଶୋ ଦୂତସ୍ୟେହ ପ୍ରତୀୟତେ ।
ସୋଽନୁଭାବ ଇତି ଜ୍ଞେୟଃ ପ୍ରତିସନ୍ଦେଶଦର୍ଶିତଃ ।। ୪୩ ।।

ଏବଂ ଭାବୋ ବିଭାବୋବା ଅନୁଭାବସ୍ତଥୈବଚ ।
ପୁରୁଷୈରଭିନେୟଃ ସ୍ୟାଦ୍ ପ୍ରମଦାଭିରଥାପି ବା ।। ୪୪ ।।

ସ୍ୱଭାବାଭିନୟେ ସ୍ଥାନଂ ପୁଂସାଂ କାର୍ଯ୍ୟଂ ତୁ ବୈଷ୍ଣବମ୍ ।
ଆୟତଂ ଚାବହିତ୍ଥଂ ବା ସ୍ତ୍ରୀଣାଂ କାର୍ଯ୍ୟ-ପ୍ରୟୋଗତଃ ।। ୪୫ ।।

ପ୍ରୟୋଜନବଶାଦ୍ ଚୈବ ସ୍ଥାନାନ୍ୟନ୍ୟାନି ଯୋଜୟେତ୍ ।
ନାନାଭାବାଭିନୟନୈଃ ପ୍ରୟୋଗୈଶ୍ଚ ପୃଥଗ୍‌ବିଧୈଃ ।। ୪୬ ।।

ଧୈର୍ଯ୍ୟଲୀଳାଙ୍ଗ ସମ୍ପନ୍ନଂ ପୁରୁଷାଣାଂ ବିଚେଷ୍ଟିତମ୍ ।
ମୃଦୁଲୀଳାଙ୍ଗହାରୈଶ୍ଚ ସ୍ତ୍ରୀଣାଂ କାର୍ଯ୍ୟଂତୁ ଚେଷ୍ଟିତମ୍ ।। ୪୭ ।।

କେତେକ ଉଦାହରଣ କୁହାଗଲା । ଏହିପରି ଅନ୍ୟାନ୍ୟ ରସମାନଙ୍କରେ ତଦନୁକୂଳ ନାନା କାର୍ଯ୍ୟମାନ ଦେଖି ଅର୍ଥକୁ ଲକ୍ଷ୍ୟକରି ବିଜ୍ଞବ୍ୟକ୍ତି ବିଭାବ ବା ଭାବକୁ ଆଣିପାରିବେ । ଦୂତ ସନ୍ଦେଶ ଦେଇ ଯେଉଁ ପ୍ରତିସନ୍ଦେଶ ଆଣେ, ସେହି ପ୍ରତି ସନ୍ଦେଶ ଅନୁଭାବ ବୋଲି ଜାଣିବ ।। ୪୩ ।। ପୁରୁଷ ବା ସ୍ତ୍ରୀ ଯେକୌଣସି ପାତ୍ର ହୁଅନ୍ତୁ, ଏହିପରି ଭାବ, ବିଭାବ ଏବଂ ଅନୁଭାବକୁ ଅଭିନୟ କରିବେ ।। ୪୪ ।। ସ୍ୱାଭାବାଭିନୟ କ୍ଷେତ୍ରରେ ପୁରୁଷମାନଙ୍କର ବୈଷ୍ଣବସ୍ଥାନ (୧୦/୯୪) କରଣୀୟ । କାର୍ଯ୍ୟର ପ୍ରୟୋଗ ଆବଶ୍ୟକତାନୁଯାୟୀ ସ୍ତ୍ରୀମାନଙ୍କର ଆୟତ ବା ଅବହିତ୍ଥସ୍ଥାନ କରାଯିବ ।। ୪୫ ।। (୧୨/୧୬୧, ୧୬୬) ନାନା ପ୍ରକାର ଅଭିନୟ ଓ ବିଭିନ୍ନ ପ୍ରକାର ପ୍ରୟୋଗ ଦ୍ୱାରା ପ୍ରୟୋଜନ ଅନୁଭବ କଲେ ଅନ୍ୟ ସ୍ଥାନମାନ ବ୍ୟବହାର କରାଯାଇପାରେ ।। ୪୬ ।। ପୁରୁଷାମାନଙ୍କର ଚେଷ୍ଟା ଗମ୍ଭୀରତା ଓ ଧୈର୍ଯ୍ୟ ସମନ୍ୱିତ ଲୀଳାମୟ ଅଙ୍ଗାଭିନୟ ହେବା ବେଳେ ସ୍ତ୍ରୀମାନଙ୍କର ମୃଦୁଲୀଳା ଅଙ୍ଗହାର (୪/୩୧-୩୩) ବିଧିରେ ଚେଷ୍ଟା ହେବ ।। ୪୭ ।।

Digitized by srujanika@gmail.com

କର ପାଦାଙ୍ଗ ସଂଚାରଃ ସ୍ତ୍ରୀଣାଂତୁ ଲଳିତୋ ଭବେତ୍ ।
ସୁଧୀରଶ୍ଚୋଦ୍ଧତଶ୍ଚୈବ ପୁରୁଷାଣାଂ ପ୍ରକୀର୍ତ୍ତିତଃ ।। ୪୮ ।।
ନରାଣାଂ ପ୍ରମଦାନାଂ ଚ ଶବ୍ଦାର୍ଥାଭିନୟଃ ପୃଥକ୍ ।
ଭାବାନୁଭାବନଂ ଯୁକ୍ତଂ ବ୍ୟାଖ୍ୟାସ୍ୟାମ୍ୟନୁ ପୂର୍ବଶଃ ।। ୪୯ ।।
ଆଲିଙ୍ଗନେନ ଗାତ୍ରାଣାଂ ସସ୍ମିତେନ ଚ ଚକ୍ଷୁଷା ।
ଯଥୋଲ୍ଲୁକସନାଦ୍ ଚାପି ହର୍ଷଂ ସଂଯୋଜୟେଦ୍ ବୁଧଃ । ୫୦ ।।
କ୍ଷିପ୍ରଂ ସଂଜାତରୋମାଞ୍ଚା ବାଷ୍ପେନାବୃତଲୋଚନା ।
କୁର୍ବୀତ ନର୍ତ୍ତକୀ ହର୍ଷଂ ପ୍ରୀତ୍ୟା ବାକ୍ୟୈଶ୍ଚ ସସ୍ମିତୈଃ ।। ୫୧ ।।
ଉଦ୍‌ବୃତ୍ତରକ୍ତନେତ୍ରଶ୍ଚ ସଂଦଂଶେନାଧରସ୍ୟଚ ।
ନିଃଶ୍ୱାସ କମ୍ପିତାଙ୍ଗଶ୍ଚ କ୍ରୋଧଂ ତ୍ୱଭିନୟେଦ୍ ବୁଧଃ ।। ୫୨ ।।
ବାଷ୍ପପୂର୍ଣ୍ଣେକ୍ଷଣାଚ୍ଚୈବ ଚିବୁକୌଷ୍ଠପ୍ରକମ୍ପନାଦ୍ ।
ଶିରସଃ କମ୍ପନାଚ୍ଚୈବ ଭ୍ରୂକୁଟୀକରଣେନ ଚ ।। ୫୩ ।।
ମୌନେନାଙ୍ଗୁଳିଭଙ୍ଗେନ ମାଲ୍ୟାଭରଣବର୍ଜ୍ଜନାଦ୍ ।
ଆୟତ ସ୍ଥାନକ ସ୍ଥାୟାଃ ଈର୍ଷ୍ୟାକ୍ରୋଧୋ ଭବେତ୍‌ସ୍ତ୍ରିୟଃ ।। ୫୪ ।।

ସ୍ତ୍ରୀମାନଙ୍କର ହସ୍ତପାଦଚାଳନା ଲଳିତ ହେବ । ପୁରୁଷମାନଙ୍କର କିନ୍ତୁ ଧୀର ଓ ଉଦ୍ଧତ ହେବ (କ୍ଷେତ୍ର ଅନୁସାରେ) ।। ୪୮ ।। ପୁରୁଷ ଓ ସ୍ତ୍ରୀମାନଙ୍କର ଶବ୍ଦାର୍ଥାଭିନୟ ସମାନ ପ୍ରକାର ହେବ ନାହିଁ । ଉପଯୁକ୍ତ ଭାବ ଓ ଅନୁଭାବ ଅନୁଯାୟୀ ଆନୁପୂର୍ବିକ ଭାବେ କହିବି ।। ୪୯ ।। ସ୍ଥାନକାଳପାତ୍ର ଅନୁଯାୟୀ ପୁରୁଷ ନିଜ ଆନନ୍ଦକୁ ଆଲିଙ୍ଗନ ଦ୍ୱାରା କିମ୍ବା ହସ ହସ ଆଖିରେ । ଅଥବା ବଡ଼ ବଡ଼ ଆଖିକରି ଲୁଟେକି ଟାହିଁ ପ୍ରକାଶ କରିବ ।। ୫୦ ।। ନାରୀ (ନର୍ତ୍ତକୀ) ସହସା ରୋମାଞ୍ଚ ଅନୁଭବ, ଛଳଛଳ ଆଖି ଏବଂ ମଧୁର ହସ ସହିତ କଥିଲ କଥାରେ ନିଜର ଆନନ୍ଦ ପ୍ରକାଶ କରିବ ।। ୫୧ ।। ପୁରୁଷ ଲାଲ୍ ଲାଲ୍ ଆଖି ତରାଟି ଓଠ କାମୁଡ଼ି ଦୀର୍ଘ ନିଃଶ୍ୱାସ ପକାଇ ଛାତି ଓ ସମସ୍ତ ଶରୀର ଥରାଇ କ୍ରୋଧର ଅଭିନୟ କରିବ ।। ୫୨ ।। ନାରୀ ଧାର ଧାର ଲୁହ ଗଡ଼ାଇ, ଚିବୁକ ଓ ଓଠ ଥରାଇ, ମୁଣ୍ଡଝାଡ଼ି, ମୁହଁ ମୋଡ଼ି, ଦୁଇହାତର ଆଙ୍ଗୁଳିକୁ ମୋଡ଼ି ମୋଡ଼ି ମୌନ ଅବଲମ୍ବନ କରି, ଅଳଙ୍କାର ପତ୍ର ଛିଣ୍ଡାଇ ଫୋପାଡ଼ି, ଆୟତସ୍ଥାନକ (୧୨/୧୬୧-୧୬୫)ରେ ରହି ଈର୍ଷ୍ୟାଯୁକ୍ତ କ୍ରୋଧ ବା ଈର୍ଷ୍ୟା ଓ କ୍ରୋଧକୁ ଅଭିନୟ କରିବ । (ଯେଉଁ ସ୍ଥାନରେ କାବ୍ୟ ଅର୍ଥରେ ଯେଉଁ ଅଭିନୟ ପ୍ରଯୁଜ୍ୟ ତାହା ଲକ୍ଷ୍ୟକରି ଏଥି ମଧ୍ୟରୁ ପ୍ରୟୋଗ କରିବ । ସବୁଯାକ ଏକାବେଳକରେ ଅଭୀପ୍ସିତ ନୁହେଁ ।।) ୫୩, ୫୪ ।।

Digitized by srujanika@gmail.com

ନିଃଶ୍ୱାସୋଚ୍ଛ୍ୱାସବହୁଳୈ ରଧୋମୁଖବିଚିନ୍ତନୈଃ ।
ଆକାଶବଚନାଚ୍ଚାପି ଦୁଃଖଂ ପୁଂସାଂ ପ୍ରୟୋଜୟେତ୍ ॥ ୫୫ ॥
ରୁଦିତୈଃ ଶ୍ୱସିତୈ ଶ୍ଚୈବ ଉରୋଦ୍ଧାଭିହନନେନ ଚ ।
ଭୂମି ଘାତାଭିଘାତୈଶ୍ଚ ଦୁଃଖଂ ସ୍ତ୍ରୀଷୁ ପ୍ରୟୋଜୟେତ୍ ॥ ୫୬ ॥
ଆନନ୍ଦଜଂ ଚାର୍ତ୍ତିଜଂବା ଈର୍ଷ୍ୟାସମ୍ଭବମେବ ବା ।
ଯତ୍ ପୂର୍ବମୁକ୍ତଂ ସକଳଂ ସ୍ତ୍ରୀ ନୀଚେଷୁ ପ୍ରୟୋଜୟେତ୍ ॥ ୫୭ ॥
ସମ୍ଭ୍ରମୋଦ୍‌ବେଗଚେଷ୍ଟାଭିଃ ଶସ୍ତ୍ରସଂପତନେନ ଚ ।
ପୁରୁଷାଣାଂ ଭୟଂ କାର୍ଯ୍ୟଂ ଧୈର୍ଯ୍ୟୋଦ୍‌ବେଗବଳାଦିଭିଃ ॥ ୫୮ ॥
ଚଳତାରକନେତ୍ରତ୍ୱାତ୍ ଗାତ୍ରୈଃ ସ୍ଫୁରିତକମ୍ପିତୈଃ ।
ସଂତ୍ରସ୍ତହୃଦୟତ୍ୱାଚ୍ଚ ପାର୍ଶ୍ୱାଭ୍ୟା ମବଲୋକନୈଃ ॥ ୫୯ ॥
ତ୍ରାତୁରନ୍ୱେଷଣାଚ୍ଚାପି ଉଚ୍ଚୈରାକ୍ରନ୍ଦିତେନ ଚ ।
ପ୍ରିୟସ୍ୟାଲିଙ୍ଗନାଚ୍ଚାପି ଭୟଂ କାର୍ଯ୍ୟଂ ଭବେଦ୍ ସ୍ତ୍ରିୟାମ୍ ॥ ୬୦ ॥

ଘନ ଘନ ନିଃଶ୍ୱାସ ଏବଂ ଦୀର୍ଘ ନିଃଶ୍ୱାସ ପକାଇ, ତଳକୁ ମୁହଁକରି ଚିନ୍ତାକରି କିମ୍ବା ଆକାଶକୁ ଚାହିଁ ଆକ୍ଷେପ କରି କହି (ଅଥବା ଏହି ଅଭିନେତା ତଳକୁ ମୁହଁ ପୋତି ବସିଥିବା ଅବସ୍ଥାରେ ନେପଥ୍ୟରୁ ତାମନ କଥା କହିବା) ଏହି ପ୍ରକାର ଅଭିନୟରେ ପୁରୁଷର ଦୁଃଖ ପ୍ରକାଶିତ କରାଯିବ ॥ ୫୫ ॥ କାନ୍ଦି କାନ୍ଦି, ଦୀର୍ଘ ନିଃଶ୍ୱାସ ପକାଇ, ଛାତିକୁ ନିଜ ହାତରେ ଆଘାତ କରି, ଭୂମି ଉପରେ ମୁଣ୍ଡ ଓ ହାତ ବାଡ଼େଇ ସ୍ତ୍ରୀମାନଙ୍କର ଦୁଃଖ ଅଭିନୀତ ହେବ ॥ ୫୬ ॥ ଆନନ୍ଦଜନିତ ହେଉ ବା ଦୁଃଖଜନିତ ହେଉ କିମ୍ବା ଈର୍ଷ୍ୟାଜନିତ ହେଉ, ପୂର୍ବରୁ ଯେଉଁ ସବୁ ଅଭିନୟ ବିଷୟରେ କୁହାଯାଇଛି ସେହି ସମସ୍ତ ସ୍ତ୍ରୀ ଓ ନୀଚ ପାତ୍ରମାନଙ୍କ କ୍ଷେତ୍ରରେ ପ୍ରଯୋଜ୍ୟ ॥ ୫୭ ॥ ଉତ୍ତମ ଓ ମଧ୍ୟମ ପୁରୁଷ ପାତ୍ର ଙ୍କରେ ଭୟର ଅଭିନୟ ହଠାତ୍ ବ୍ୟସ୍ତ ହୋଇ ପଡ଼ିବା, ଶଙ୍କିଯିବା, କରୁଥିବା କାର୍ଯ୍ୟରେ ଭୁଲ ଭାଲ ବା ଗୋଳମାଳ ହେବା, ହାତରୁ ଅସ୍ତ୍ର ପ୍ରଭୃତି ପଡ଼ିଯିବା, ନିଜକୁ ନିଜେ ଆଶ୍ୱାସନା ଦେଇ (ଦେଖାଯିବ, ଯାହା ହେବାର ହେବ) ବଳ ପ୍ରଦର୍ଶନ (ବାହାଦୁରୀ ଦେଖାଇହେବା) ଇତ୍ୟାଦି ଦ୍ୱାରା କରାଯିବ ॥ ୫୮ ॥ ସ୍ତ୍ରୀ ପାତ୍ର ଙ୍କରେ, ଛନ ଛନ ଆଖି, ଡୋଳା ଖାଲି ହଲୁଥିବ, ଦେହ ଖାଲି ଚମକୁ ଥିବ, ଥରୁଥିବ, ଛାତି ଧଡ଼ ଧଡ଼ ହେବା, ଏପାଖ ସେପାଖ କନକନ ହୋଇ ଚାହିଁବ, ସାହାଯ୍ୟକାରୀକୁ ଖୋଜିବ, (ଶେଷକୁ) ବଡ଼ପାଟିରେ ଗର୍ଜନ କରି କାନ୍ଦିବ । ପାଖରେ ଥିବା ପ୍ରିୟଲୋକ ବା ସ୍ୱାମୀଙ୍କୁ ଆଲିଙ୍ଗନ କରିବ, ଏହିପରି ଅଭିନୟକରି ଭୟକୁ ପରିବେଷଣ କରିବ ॥ ୫୯, ୬୦ ॥

Digitized by srujanika@gmail.com

ଯଦା ଯେ ବିହିତାଃ ପୂର୍ବଂ ତାନ୍ ସ୍ତ୍ରୀନୀଚେଷ୍ଟୁ ଯୋଜୟେତ୍ ।
ମୃଦୁଭିଃ ସ୍ଖଳିତୈଃ କାର୍ଯ୍ୟମାକାଶସ୍ୟାବଲମ୍ବନମ୍ ॥ ୬୧ ॥
ନେତ୍ରାବଘୂର୍ଣ୍ଣନାଚ୍ଚାପି ବିଲଗ୍ନୈଃ କଥିତୈସ୍ତଥା ।
ଗାତ୍ରାଣାଂ କମ୍ପନାଚ୍ଚୈବ ମଦଃକାର୍ଯ୍ୟୋ ଭବେତ୍ ସ୍ତ୍ରିୟଃ ॥ ୬୨ ॥
ଅନେକ ବିଧିନା କାର୍ଯ୍ୟଃ ପ୍ରୟୋଗଃ କାରଣୋତ୍ଥିତଃ ।
ପୌରୁଷଃ ସ୍ତ୍ରୀକୃତୋ ବାପି ଭାବାଭିନୟନଂ ପ୍ରତି ॥ ୬୩ ॥
ସର୍ବେ ତୁ ଲଳିତା ଭାବାଃ ସ୍ତ୍ରୀଣାଂ କାର୍ଯ୍ୟାଃ ପ୍ରୟୋଗତଃ ।
ଧୈର୍ଯ୍ୟମାଧୁର୍ଯ୍ୟସମ୍ପନ୍ନାଃ ଭାବାଃ କାର୍ଯ୍ୟାଶ୍ଚ ପୌରୁଷାଃ ॥ ୬୪ ॥
ତ୍ରିପତାକାଙ୍ଗୁଳିଭ୍ୟାଂ ତୁ ଚଳିତାଭ୍ୟାଂ ପ୍ରୟୋଜୟେତ୍ ।
ଶୁକାଶ୍ଚ ଶାରିକା ଶ୍ଚୈବ ସୂକ୍ଷ୍ମା ଯେ ଚୈବ ପକ୍ଷିଣଃ ॥ ୬୫ ॥
ଶିଖି-ସାରସ ହଂସାଦ୍ୟାଃ ସ୍ଥୂଳା ଯେଽପି ସ୍ୱଭାବତଃ ।
ରେଚକୈ ରଙ୍ଗହାରୈଶ୍ଚ ତେଷାମଭିନୟୋ ଭବେତ୍ ॥ ୬୬ ॥
ଖରୋଷ୍ଟ୍ରାଶ୍ୱେଭସିଂହାଶ୍ଚ ବ୍ୟାଘ୍ରଗୋମହିଷାଦୟଃ ।
ଗତିପ୍ରଚାରୈ ରଙ୍ଗୈଶ୍ଚ ତେଽଭିନେୟାଃ ପ୍ରୟୋକ୍ତୃଭିଃ ॥ ୬୭ ॥

ଏବେ ପୂର୍ବରୁ ଯାହା ସବୁ କୁହାଗଲା ସ୍ତ୍ରୀ ନା ନୀଚ ପ୍ରକୃତି ପାତ୍ରରେ ସେଗୁଡ଼ିକ ପ୍ରୟୋଗ କରିବ । ସ୍ତ୍ରୀ ପାତ୍ରର ମତ୍ତତା ଅଭିନୟରେ ମୃଦୁସ୍ଖଳନ, ଶୂନ୍ୟକୁ ହାତବଢ଼ାଇ ଭରସା କରିବା, ଚାରିଆଡ଼କୁ ଚାହିଁବା, ଅସଂଲଗ୍ନ କଥା, ଦେହ ଥରିବା ପ୍ରଭୃତି ବ୍ୟବହାର କରିବ ॥ ୬୧, ୬୨ ॥ କାରଣ ଅନୁଯାୟୀ ଏହି ବିଧାନରେ ପ୍ରୟୋଗ କରିବ । ସ୍ତ୍ରୀ ଓ ପୁରୁଷ ପ୍ରତ୍ୟେକ ସ୍ଥଳରେ ଭାବାଭିନୟର ଏହି ପ୍ରୟୋଗ ବିଧାନ ଅଟେ ॥ ୬୩ ॥ ପ୍ରୟୋଗ କ୍ଷେତ୍ରରେ ସବୁପ୍ରକାର ଲଳିତଭାବ ସ୍ତ୍ରୀମାନଙ୍କ କ୍ଷେତ୍ରରେ ଓ ପୁରୁଷମାନଙ୍କ କ୍ଷେତ୍ରରେ ଧୈର୍ଯ୍ୟ, ମାଧୁର୍ଯ୍ୟ ସମ୍ପନ୍ନ ଭାବ ଗ୍ରହଣୀୟ ଅଟେ ॥ ୬୪ ॥ ଶୁକ ଶାରିକାଭିନୟ- ଶୁକ ସାରିକା ଏବଂ ଏହି ଧରଣର ଅନ୍ୟାନ୍ୟ ଛୋଟ ପକ୍ଷୀମାନଙ୍କ ଅଭିନୟ ତ୍ରିପତାକ (୯/୨୮-୩୮) ହସ୍ତର ଦୁଇଟି ଅଙ୍ଗୁଳି ଚାଳିତ କରି କରିବ ॥ ୬୫ ॥ ମୟୂର, ସାରସ, ହଂସାଦି ସ୍ୱାଭାବିକ ମୋଟା ପକ୍ଷୀମାନଙ୍କର ରେଚକ (୪/୨୪୭) ଓ ଅଙ୍ଗହାର (୪/୧୬୯) ଦ୍ୱାରା ଅଭିନୟ କରାଯିବ ॥ ୬୬ ॥ ଗଧ, ଓଟ, ଘୋଡ଼ା, ହାତୀ, ସିଂହ, ବାଘ, ଗୋ, ମହିଷ ପ୍ରଭୃତିଙ୍କୁ ଉପଯୁକ୍ତ ଅଙ୍ଗଭଙ୍ଗୀ ଓ ଗତି ପ୍ରଚାର ଦ୍ୱାରା ଅଭିନୟ କରିବ ॥ ୬୭ ॥

Digitized by srujanika@gmail.com

ଭୂତାଃ ପିଶାଚା ଯକ୍ଷାଶ୍ଚ ଦାନବା ରାକ୍ଷସାସ୍ତଥା ।
ଅଙ୍ଗହାରୈ ର୍ବିନିର୍ଦ୍ଦେଶ୍ୟାଃ ନାମସଂକୀର୍ତ୍ତନାଦପି ।। ୬୮ ।।
ଅଙ୍ଗହାରୈ ର୍ବିନିର୍ଦ୍ଦେଶ୍ୟାଃ ଅପ୍ରତ୍ୟକ୍ଷା ଭବନ୍ତି ଯେ ।
ପ୍ରତ୍ୟକ୍ଷା ସ୍ତ୍ୱଭିନେୟାଃ ସ୍ୟୁଃ ଭୟୋଦ୍‌ବେଗୈଃ ସବିସ୍ମୟୈଃ ।। ୬୯ ।।
ଦେବାଃ ପ୍ରଣାମକରଣୈ ର୍ଭାବୈଶ୍ଚାପି ବିଚେଷ୍ଟିତୈଃ ।
ଅଭିନେୟା ହ୍ୟର୍ଥବଶା ଦପ୍ରତ୍ୟକ୍ଷାଃ ପ୍ରୟୋକ୍ତୃଭିଃ ।। ୭୦ ।।
ପାର୍ଶ୍ୱୋତ୍‌ଥିତେନ ହସ୍ତେନ ହ୍ୟରାଳେନ ଶିରଃ ସ୍ପୃଶେତ୍ ।
ନରେଷ୍ୱଭିବାଦନଂ ହ୍ୟେତଦପ୍ରତ୍ୟକ୍ଷେ ବିଧୀୟତେ ।। ୭୧ ।।
ଖଟକା ବର୍ଦ୍ଧମାନେନ କପୋତାଖ୍ୟେନ ବା ପୁନଃ ।
ଦୈବତାନି ଗୁରୂଂଶ୍ଚୈବ ପ୍ରମଦାଶ୍ଚାଭିବାଦୟେତ୍ ।। ୭୨ ।।
ଦିବୌକସଶ୍ଚ ପୂଜ୍ୟାଶ୍ଚ ପ୍ରତ୍ୟକ୍ଷାଶ୍ଚ ଭବନ୍ତି ଯେ ।
ତାନ୍ ପ୍ରଣାମୈଃ ପ୍ରଭାବୈଶ୍ଚ ଗମ୍ଭୀରାର୍ଥୈଃ ପ୍ରୟୋଜୟେତ୍ ।। ୭୩ ।।
ମହାଜନଂ ସଖିଜନଂ ବିଟଧୂର୍ତ୍ତଜନଂ ତଥା ।
ପରିମଣ୍ଡଳସଂସ୍ଥେନ ହସ୍ତେନାଭିନୟେଦ୍‌ବୁଧଃ ।। ୭୪ ।।

ଭୂତ ପିଶାଚ ଯକ୍ଷଦାନବ ଓ ରାକ୍ଷସ ଏମାନଙ୍କୁ ଅଙ୍ଗହାର ଦ୍ୱାରା (୪/୨୭-୩୩) ଅଭିନୟରେ ଦେଖାଇବେ ନାମମଧ୍ୟ କହିବେ ।। ୬୮ ।। ଯେଉଁ ପିଶାଚାଦି ପ୍ରତ୍ୟକ୍ଷ ଭାବରେ ଦେଖାଦେବାର ନାହିଁ ସେମାନଙ୍କୁ କେବଳ ଅଙ୍ଗହାରରେ ଅଭିନୟ କରାଯିବ । ପ୍ରତ୍ୟକ୍ଷ ହେଲେ ଭୟ, ଉଦ୍‌ବେଗ ଓ ବିସ୍ମୟର ସହିତ ଅଭିନୟ ପ୍ରଦର୍ଶନ କରିବାକୁ ପଡ଼ିବ ।। ୬୯ ।। **ଦେବତା :** ଅପ୍ରତ୍ୟକ୍ଷ ଦେବତାମାନଙ୍କୁ ପ୍ରଣାମ କରି ଭାବ ଓ ଚେଷ୍ଟା (ଅଭିନୟ) ଦ୍ୱାରା ଅବଶ୍ୟକ କ୍ଷେତ୍ରରେ ପ୍ରକାଶ କରିବ ।। ୭୦ ।। **ଅପ୍ରତ୍ୟକ୍ଷ ମନୁଷ୍ୟ :** ଆବଶ୍ୟକ ସ୍ଥଳରେ ପ୍ରୟୋଗକୁଶଳ ନାଟ୍ୟ ପ୍ରୟୋଜକ ଗୋଟିଏ ପାଖକୁ ଅରାଳହସ୍ତ (୯/୪୬-୫୨)କୁ ଉଠାଇ ମସ୍ତକ ସ୍ପର୍ଶକରି ଅପ୍ରତ୍ୟକ୍ଷ ବ୍ୟକ୍ତି ପ୍ରତି ଅଭିବାଦନର ଅଭିନୟ କରିବେ ।। ୭୧ ।। ଦେବତା, ଗୁରୁଜନ ଓ ନାରୀମାନଙ୍କୁ ଖଟକା ବର୍ଦ୍ଧମାନକ (୯/୧୩୮-୧୩୯) ବା କପୋତ ହସ୍ତ ମୁଦ୍ରାରେ ଅଭିବାଦନ ଜଣାଇବେ ।।୭୨।। (କପୋତ - ୯/୧୩୧-୧୩୩) ପ୍ରତ୍ୟକ୍ଷ କ୍ଷେତ୍ରରେ ସ୍ୱର୍ଗବାସୀ ପୂଜ୍ୟମାନଙ୍କୁ ପ୍ରଥମେ ପ୍ରଣାମ ଓ ପରେ ତାଙ୍କର ପ୍ରଭାବ ଗୁଣକୁ ଗମ୍ଭୀର ଶବ୍ଦଯୋଜନାଯୁକ୍ତ ବାକ୍ୟରେ ପ୍ରକାଶକରିବ ।। ୭୩ ।। ସମ୍ଭ୍ରାନ୍ତ ଲୋକ, ବୟସ୍କ ବନ୍ଧୁବାନ୍ଧବ, ଜ୍ଞାନୀ, ବିଟ (ରାଜାଙ୍କ ଶୃଙ୍ଗାର ସହାୟ) ଧୂର୍ତ୍ତ (ଅତିବ୍ୟୟ ବା ଅପଚୟରେ ଧନହୀନ) ଏମାନଙ୍କୁ ପରିମଣ୍ଡଳସ୍ଥିତ (୯/୨୦୫) ହସ୍ତରେ ଅଭିବାଦ ଅଭିନୟ କରିବ ।।୭୪।।

Digitized by srujanika@gmail.com

ପର୍ବତାନ୍ ପାଂଶୁଯୋଗେନ ବୃକ୍ଷାଂଶ୍ଚୈବ ସମୁଚ୍ଛ୍ରିତାନ୍ ।
ପ୍ରସାରିତାଭ୍ୟାଂ ବାହୁଭ୍ୟାମୁତ୍‌କ୍ଷିପ୍ତାଭ୍ୟାଂ ପ୍ରଦର୍ଶୟେତ୍ ॥ ୭୫ ॥

ସମୂହଂ ସାଗରାମ୍ଭୂନାଂ ବହୁବିସ୍ତୀର୍ଣ୍ଣମେବ ଚ ।
ପତାକାଭ୍ୟାଂ ତୁ ହସ୍ତାଭ୍ୟାଂ ବିକ୍ଷିପ୍ତଭ୍ୟାଂ ପ୍ରଦର୍ଶୟେତ୍ ॥ ୭୬ ॥

ତତଃ ଶୌର୍ଯ୍ୟଂ ଚ ଦର୍ପଂଚ ଗର୍ବମୌଦାର୍ଯ୍ୟ ମୁଚ୍ଛ୍ରୟମ୍ ।
ଲଲାଟଦେଶ ସଂସ୍ଥେନ ଅରାଳେନ ବିନିର୍ଦ୍ଦିଶେତ୍ ॥ ୭୭ ॥

ବକ୍ଷୋଦେଶାଦପାବୃତ୍ତୌ କରୌତୁ ମୃଗଶୀର୍ଷକୌ ।
ବିସ୍ତୀର୍ଣ୍ଣପ୍ରଦ୍ରୁତୋତ୍‌କ୍ଷିପ୍ତୌ ଯୋଜ୍ୟୌ ଯଦ୍‌ସ୍ୟାଦପାବୃତମ୍ ॥ ୭୮ ॥

ଅଧୋମୁଖୋତ୍ତାନତଳୌ ହସ୍ତୌ କିଞ୍ଚିତ୍ ପ୍ରସାରିତୌ ।
କୃତ୍ୱା ନିଦର୍ଶୟେତ୍ ତତ୍ ତଦ୍‌ଗୃହଧ୍ୱାନ୍ତଂ ବିଳଂ ଗୁହାମ୍ ॥ ୭୯ ॥

କାମଂ ଶାପଗ୍ରହଗ୍ରସ୍ତାନ୍ ଜ୍ୱରୋପହତମାନସଃ ।
ତେଷା ମଭିନୟଃ କାର୍ଯ୍ୟଃ ମୁଖଗାତ୍ରବିଚେଷ୍ଟିତୈଃ ॥ ୮୦ ॥

ଉଚ୍ଚ ପର୍ବତ ଓ ଝଙ୍କା ଏବଂ ଉଚ୍ଚ ବୃକ୍ଷମାନଙ୍କ ଅଭିନୟ ପ୍ରସାରିତ ବାହୁ ଯୁଗଳକୁ ଉପରକୁ ଦେଖାଇ କରିବ ॥ ୭୫ ॥ ସମୁଦ୍ରର ବିଶାଳ ଜଳରାଶିର ବହୁବିସ୍ତୀର୍ଣ୍ଣତାକୁ ବିକ୍ଷିପ୍ତ ପତାକା ହସ୍ତରେ (୯/୧୮) ପ୍ରଦର୍ଶନ କରିବ ॥ ୭୬ ॥ ତାହା ପରେ ଶୌର୍ଯ୍ୟ, ଗର୍ବ, ଦର୍ପ, ଉଦାରତା ଓ ଉନ୍ନତିକୁ କପାଳସ୍ଥିତ ଅରାଳ (୯/୪୬-୫୨) ହସ୍ତଦ୍ୱାରା ଅଭିନୟ କରାଯିବ ॥ ୭୭ ॥ ମୃଗ ଶୀର୍ଷକ ହସ୍ତ (୯-୮୭, ୮୮) ଦୁଇଟିକୁ ଛାତି ପାଖରୁ ଖସାଇଆଣି ବିସ୍ତୀର୍ଣ୍ଣ ଦ୍ରୁତ ଏବଂ ଉକ୍ଷିପ୍ତ ଅବସ୍ଥାରେ ଯୋଗକଲେ ଅପାବୃତ (ଖୋଲିଯିବା) କ୍ରିୟାର ଅଭିନୟ ହୁଏ ॥ ୭୮ ॥ ଉପରମୁହାଁ ହାତକୁ (ହାତର ପିଠିପଟ ତଳକୁ ରଖି) ତଳକୁ କରି ଟିକିଏ ପ୍ରସାରିତ କରି ଘର ଅନ୍ଧକାର, ଗାତ ଓ ପର୍ବତର ଗୁମ୍ଫାର ପ୍ରଦର୍ଶନ କରିବ ॥ ୭୯ ॥ କାମାର୍ତ୍ତ, ଅଭିଶାପ ଗ୍ରସ୍ତ, ଜ୍ୱରାର୍ଦ୍ଦିତ ଏମାନଙ୍କୁ ମୁଖ ଏବଂ ଗାତ୍ରର ବିକୃତ ଚେଷ୍ଟା ଦ୍ୱାରା ପ୍ରଦର୍ଶିତ କରାଯିବ ॥ ୮୦ ॥

Digitized by srujanika@gmail.com

ଦୋଲାଭିନୟନଂ କାର୍ଯ୍ୟଂ ଦୋଳାୟାସ୍ତୁ ବିଲୋକନୈଃ ।
ସଂକ୍ଷୋଭେଣ ଚ ଗାତ୍ରାଣାଂ ରଜ୍ଜ୍ୱା ପ୍ରଗ୍ରହଣେନ ଚ ॥ ୮୧ ॥
ତଦା କମ୍ପକତୀ ଦୋଲା ଭବେଦ୍ ପ୍ରତ୍ୟକ୍ଷ ସଂଶ୍ରୟା ।
ଆସନେ ହ୍ୟୁପବିଷ୍ଟାନାଂ କୀର୍ତ୍ତିତଂ ତତ୍ର ଦୋଳନମ୍ ॥ ୮୨ ॥
ଆକାଶ ବଚନାନୀହ ବକ୍ଷ୍ୟାମ୍ୟାତ୍ମଗତାନି ଚ ।
ଅପବାରିତକଂ ଚାପି ଜନାନ୍ତିକମଥାପି ବା ॥ ୮୩ ॥
ଦୂରସ୍ଥାଭାଷଣଂ ଯଦ୍‌ସ୍ୟାଦଶରୀରନିବେଦନମ୍ ।
ପରୋକ୍ଷାନ୍ତରିତଂ ବାକ୍ୟ ମାକାଶବଚନଂ ତୁ ତଦ୍ ॥ ୮୪ ॥
ତତ୍ରୋତ୍ତରକୃତୈର୍ବାକ୍ୟୈଃ ସଂଲାପଂ ସଂପ୍ରୟୋଜୟେଦ୍ ।
ନାନାକାରଣସଂଯୁକ୍ତୈଃ କାବ୍ୟଭାବସମୁଦ୍‌ଥିତୈଃ ॥ ୮୫ ॥
ଅତିହର୍ଷମଦୋନ୍ମାଦ ରାଗଦ୍ୱେଷ ଭୟାର୍ଦ୍ଦିତଃ ।
ବିସ୍ମୟକ୍ରୋଧଦୁଃଖାର୍ତ୍ତିବଶାଦେକୋଽପି ଭାଷତେ ॥ ୮୬ ॥
ହୃଦୟସ୍ଥଂ ବଚୋ ଯତ୍ତୁ ତଦାତ୍ମଗତ ମିଷ୍ୟତେ ।
ସବିତର୍କଂ ଚ ତଦ୍ ଯୋଜ୍ୟଂ ପ୍ରାୟଶୋ ନାଟକାଦିଷୁ ॥ ୮୭ ॥

ଦୋଳାଟିକୁ ଝୁଲାଇ, ଶରୀରର କ୍ଲାନ୍ତି ଅଭିନୟ କରି, ଦଉଡ଼ି ଧରି ଦୋଳାର ଅଭିନୟ କରାଯିବ ॥ ୮୧ ॥ ସେହି ଅବସ୍ଥାରେ ପ୍ରତ୍ୟକ୍ଷରେ ଦୋଳା ଝୁଲିବ । ବସିଥିବା ଲୋକେ ଥରିବେ ବା ହଲିବେ । ଏହା ଦୋଳାର ଅଭିନୟ ବୋଲି ଜାଣିବ ॥ ୮୨ ॥ ଏବେ ଆକାଶବଚନ, ଆତ୍ମଗତ, ଅପବାରିତକ ଓ ଜନାନ୍ତିକ ବିଷୟ କରୁଛି ॥ ୮୩ ॥ ଦୂରରୁ ସମ୍ଭାଷଣ, ଯାହା କୌଣସି ଅବିଦ୍ୟମାନ ବ୍ୟକ୍ତିର ବଚନ, ଅଥବା ଅବିଦ୍ୟମାନ ବ୍ୟକ୍ତିକୁ ବକ୍ତବ୍ୟ, ପରୋକ୍ଷାନ୍ତରିତକ (ମନର ବ୍ୟଥା ବା କ୍ଲେଶ) ବାକ୍ୟ ଆକାଶବଚନ ରୂପେ ପରିଚିତ । ଏଥିରେ ଉତ୍ତର ସ୍ୱରୂପ ବାକ୍ୟରେ ବିଭିନ୍ନ କାରଣ ସହିତ କାବ୍ୟବନ୍ଧର ପ୍ରାସଙ୍ଗିକତାକୁ ଲକ୍ଷ୍ୟକରି ସଂଳାପ ଯୋଜନା କରିବ ॥ ୮୪, ୮୫ ॥ ଅତ୍ୟଧିକ ଆନନ୍ଦ, ମତ୍ତତା (ମାତାଲ ଅବସ୍ଥା) ଉନ୍ମାଦ, ରାଗ-ଦ୍ୱେଷ ଏବଂ ଭୟରେ ପୀଡ଼ିତ ବ୍ୟକ୍ତି, ବିସ୍ମୟ, କ୍ରୋଧ ଏବଂ ଆର୍ତ୍ତି (ତର୍କଣ, ଅନୁମାନ) ଏହି ଅବସ୍ଥାମାନଙ୍କରେ ବ୍ୟକ୍ତି ଏକା ଏକା କଥାବାର୍ତ୍ତା କରେ । ମନର କଥାକୁ ମଧ୍ୟ ଆତ୍ମଗତ ବୋଲି କୁହାଯାଏ । ଏହି ଆତ୍ମଗତ କଥାକୁ ଉକ୍ତି ପ୍ରତ୍ୟୁକ୍ତି ବା ଯୁକ୍ତି ପ୍ରତିଯୁକ୍ତି ଛଳରେ ନାଟକରେ ପ୍ରାୟ ଉପସ୍ଥାପନା କରାଯାଇଥାଏ । ଲୁଚାଇକରି କହୁଥିବା କଥାକୁ ଅପବାରିତକ କୁହାଯାଏ ॥ ୮୬-୮୭ ॥

Digitized by srujanika@gmail.com

ନିଗୂଢ଼ଭାବ ସଂଯୁକ୍ତ ମପବାରିତକଂ ସ୍ମୃତମ୍ ॥ ୮୮ ॥
କାର୍ଯ୍ୟବଶା ଦଶ୍ରବଣଂ ପାର୍ଶ୍ୱର୍ତୈର୍ଯଦ୍ ଜନାନ୍ତିକଂ ତତ୍ ସ୍ୟାତ୍ ।
ହୃଦୟସ୍ଥଂ ସବିତର୍କଂ ଭାବସ୍ଥଂ ଚାତ୍ମଗତମେବ ॥ ୮୯ ॥
ଯାନି ଗୁହ୍ୟାର୍ଥ-ଯୁକ୍ତାନି ବଚନାନୀହ ନାଟକେ ।
କର୍ଣ୍ଣେ ନିବେଦ୍ୟ ମେବମେବ ମିତ୍ୟଭିଧାୟ ଚ ॥ ୯୦ ॥
ପୂର୍ବବୃତ୍ତଂ ତୁ ଯତ୍‌କାର୍ଯ୍ୟଂ ଭୂୟଃ କଥ୍ୟଂତୁ କାରଣାତ୍ ।
କର୍ଣ୍ଣ ପ୍ରଦେଶେ ତଦ୍‌ବାଚ୍ୟଂ ମାଗାତ୍ ତତ୍ ପୁନରୁକ୍ତତାମ୍ ॥ ୯୧ ॥
ଅବ୍ୟଭିଚାରେଣ ପଠେଦାକାଶଜନାନ୍ତିକାତ୍ମଗତପାଠ୍ୟାନ୍ ।
ପ୍ରତ୍ୟକ୍ଷ ପରୋକ୍ଷ କୃତାନାତ୍ମସମୁତ୍‌ଥାନ୍ ପରସ୍ଥାଂଶ୍ଚ ॥ ୯୨ ॥
ହସ୍ତମନ୍ତରିତଂ କୃତ୍ୱା ତ୍ରିପତାକଂ ପ୍ରୟୋକ୍ତୃଭିଃ ।
ଜନାନ୍ତିକଂ ପ୍ରୟୋକ୍ତବ୍ୟ ମପବାରିତକଂ ତଥା ॥ ୯୩ ॥
ସମ୍ଭ୍ରମୋତ୍ପାତ ରୋଷେଷୁ ଶୋକାବେଗ କୃତେଷୁ ଚ ।
ଯାନି ବାକ୍ୟାନି ଉଚ୍ୟନ୍ତେ ପୁନରୁକ୍ତାନି ତେଷ୍ୱିହ ॥ ୯୪ ॥

ଆବଶ୍ୟକତା ଦୃଷ୍ଟେ ନିକଟରେ ଥିବା ଲୋକଙ୍କୁ ନ ଶୁଣାଇବା ଉଦ୍ଦେଶ୍ୟରେ ହାତଦେଇ ବା ଅନ୍ୟଦିଗକୁ ମୁହଁ ବୁଲାଇ କୁହାଯାଉଥିବା କଥାକୁ ଜନାନ୍ତିକ କୁହାଯାଏ । ତର୍କ ବା ବିଚାର ସହିତ ମନର କଥାକୁ ମଧ୍ୟ ଆତ୍ମଗତ ବୋଲି କୁହାଯାଏ ॥ ୮୯ ॥ ନାଟକ ମଧ୍ୟରେ ଯେଉଁଗୁଡ଼ିକ ଗୋପନୀୟ କଥା ସେସବୁକୁ କାନପାଖରେ ''ଏମିତି ଏମିତି'' ବୋଲି କହିବାକୁ ହେବ ॥ ୯୦ ॥ ପୂର୍ବରୁ ଯାହାସବୁ ଘଟିଯାଇଛି, ଦରକାର ପଡ଼ିବାରୁ ପୁଣି କହିବାକୁ ପଡ଼ିଛି । ତାହା ପୁନରୁକ୍ତ ନହେଉ ଏହି ଭୟରେ ତାହାକୁ କାନ ପାଖରେ କହିବାକୁ ହୁଏ ॥ ୯୧ ॥ ପ୍ରତ୍ୟକ୍ଷ, ପରୋକ୍ଷ, ଆତ୍ମସଂକ୍ରାନ୍ତ ବା ଅନ୍ୟ ସଂକ୍ରାନ୍ତ ବିଷୟକ ପାଠ୍ୟମାନ (ନାଟକୀୟ ବଚନିକା) ପୂର୍ବୋକ୍ତ ନିୟମକୁ ନ ଫାଙ୍କି ଆକାଶବଚନ, ଜନାନ୍ତିକ ଓ ଆତ୍ମଗତ ରୂପେ ପ୍ରୟୋଗ କରିବ ॥ ୯୨ ॥ ତ୍ରିପତାକ ମୁଦ୍ରାରେ (୯/୨୮) ହାତ ଆଡୁଆଳ ଦେଇ ପ୍ରୟୋକ୍ତାମାନେ ଜନାନ୍ତିକ ଓ ଅପବାରିତକର ପ୍ରୟୋଗ କରିବେ ॥ ୯୩ ॥ ପୁନରୁକ୍ତ - ଭୟ, ପ୍ରାକୃତିକ ବିପର୍ଯ୍ୟୟ, କ୍ରୋଧ, ଶୋକ, ଆବେଗ, ଏହି ସବୁ ସ୍ଥଳରେ କୁହାଯାଉଥିବା କଥା ସବୁ ପୁନରୁକ୍ତ ହେଲେ ଅଧିକ ଗ୍ରହଣୀୟ ହୁଏ ॥ ୯୪ ॥

Digitized by srujanika@gmail.com

ସାଧ୍ୱହୋ ମା'ଚ ହାହେତି କିଂ କିଂ ମାମା ବଦେତି ଚ ।
ଏତାନି ବଚନାନୀହ ଦ୍ୱିତ୍ରି ସଂଖ୍ୟାନି କାରୟେତ୍ ॥ ୯୫ ॥

ଅଭିନୟାଯୋଗ୍ୟାନି -

ପ୍ରତ୍ୟଙ୍ଗହୀନଂ ଯତ୍ କାବ୍ୟଂ ବିକୃତଂ ଚ ପ୍ରଯୁଜ୍ୟତେ ।
ନ ଲକ୍ଷଣକୃତସ୍ତତ୍ର କାର୍ଯ୍ୟସ୍ତ୍ୱଭିନୟୋ ବୁଧୈଃ ॥ ୯୬ ॥

ଭାବୋ ଯ ଉତ୍ତମାନାଂ ତୁ ନ ତଂ ମଧ୍ୟେଷୁ ଯୋଜୟେତ୍ ।
ଯୋ ଭାବଶ୍ଚୈବ ମଧ୍ୟାନାଂ ନ ତଂ ନୀଚେଷୁ ଯୋଜୟେତ ॥ ୯୭ ॥

ପୃଥକ୍ ପୃଥଗ୍ ଭାବରସୈ ରାତ୍ମଚେଷ୍ଟାସମୁତ୍‌ଥିତୈଃ ।
ଜ୍ୟେଷ୍ଠ ମଧ୍ୟମ ନୀଚେଷୁ ନାଟ୍ୟଂ ରାଗଂ ଚ ବାଞ୍ଛତି ॥ ୯୮ ॥

ସ୍ୱପ୍ନାୟିତେଷୁ ଭାବାଃ କର୍ତ୍ତବ୍ୟା ନ ଖଳୁହସ୍ତ ସଂଚାରୈଃ ।
ସୁପ୍ତାଭିହିତୈରେବ ତୁ ବାକ୍ୟାର୍ଥୈନୈବ ତେ ସାଧ୍ୟାଃ ॥ ୯୯ ॥

ମନ୍ଦସ୍ୱରସଞ୍ଚାରଂ ବ୍ୟକ୍ତାବ୍ୟକ୍ତ ଦ୍ୱିରୁକ୍ତ ବଚନାର୍ଥମ୍ ।
ପୂର୍ବାନୁସ୍ମରଣକୃତଂ କାର୍ଯ୍ୟଂ ସ୍ୱପ୍ନାୟିତେ ପାଠ୍ୟମ୍ ॥ ୧୦୦ ॥

ଭଲ ଭଲ, ଓହୋ ଓହୋ, ମୋତେ ମୋତେ (ଦିଅ, ଦେଖ, ରଖ) ହାୟ ହାୟ କ'ଣ କ'ଣ, ନାହିଁ ନାହିଁ, କୁହ କୁହ, ଏହିପରି ଦୁଇ ତିନିଥର ଏହିସବୁ କଥା ପୂର୍ବୋକ୍ତ ସ୍ଥଳମାନଙ୍କରେ ପ୍ରୟୋଗ କରିବା ଉଚିତ୍ ॥ ୯୫ ॥

ଅଭିନୟ ଅଯୋଗ୍ୟ - ପ୍ରତ୍ୟଙ୍ଗହୀନ ଓ ବିକୃତ ଯେଉଁ ଆମାର୍ଜିତ ନାଟକମାନ ଦେଖାଯାଏ ପଣ୍ଡିତମାନେ ସେଥିରେ ଏହି ଲକ୍ଷଣଯୁକ୍ତ ଅଭିନୟକୁ ପ୍ରୟୋଗ କରିବେ ନାହିଁ ॥ ୯୬ ॥ ଉତ୍ତମ ପାତ୍ରଙ୍କ ଭାବକୁ ମଧ୍ୟମପାତ୍ରରେ ପ୍ରୟୋଗ କରିବ ନାହିଁ । ସେହିପରି ମଧ୍ୟମ ପାତ୍ର ଯୋଗ୍ୟ ଭାବକୁ ନୀଚ ବା ଅଧମ ପାତ୍ରରେ ପ୍ରୟୋଗ କରିବ ନାହିଁ ॥ ୯୭ ॥ ଯଥାଯୋଗ୍ୟ ଅଲଗା ଅଲଗା ଭାବ ଓ ରସ ଏବଂ ନିଜ ନିଜ ଚେଷ୍ଟା ଦ୍ୱାରା ସମୃଦ୍ଧ ବା ମଣ୍ଡିତ ହେଲେ ଉତ୍ତମ ମଧ୍ୟମ ଅଧମ ପାତ୍ର ପରିଚାଳିତ ନାଟକଟି ଗ୍ରାହକଙ୍କ ଅନୁରାଗ ବଢ଼ାଇଥାଏ ॥ ୯୮ ॥ ସ୍ୱପ୍ନାୟିତ ଅବସ୍ଥାରେ କେବଳ ସ୍ୱପ୍ନାୟିତ ଭାଷାରେ ଭାବ କୁହାଯିବ । କୌଣସି ହସ୍ତାଦି ଅଙ୍ଗମୁଦ୍ରା ବ୍ୟବହାର କରାଯିବ ନାହିଁ ॥ ୯୯ ॥ ସୁପ୍ତାଭିହିତ ଭାଷା - ସ୍ୱର ଧୀର ହେବ, ବୁଝି ହେଉ ଥିବ ନ ଥିବ । ପଦେ ପଦେ ଦ୍ୱିରୁକ୍ତ ହେଉଥିବ, ଅତୀତ ବିଷୟ ମଧ୍ୟ ଏଥିରେ ମନେ ପକାଯାଉଥିବ । ଏହିପରି ସ୍ୱପ୍ନାୟିତ ଭାଷା କୁହାଯିବ ॥ ୧୦୦ ॥

Digitized by srujanika@gmail.com

ବୃଦ୍ଧାନାଂ ଯୋଜୟେତ୍ ପାଠ୍ୟଂ ଗଦ୍‌ଗଦସ୍ଖଳିତାକ୍ଷରମ୍ ।
ଅସମାପ୍ତାକ୍ଷରଂ ଚୈବ ବାଲାନାଂ ତୁ କଳସ୍ୱରମ୍ ।। ୧୦୧ ।।
ପ୍ରଶିଥିଳ ଗୁରୁକରଣାକ୍ଷର ଘଣ୍ଟାନୁସ୍ୱରିତ ବାକ୍ୟଂ ଗଦ୍‌ଗଦବତ୍ ।
ହିକ୍କାଶ୍ୱାସୋପେତାଂ କାକୁଂକୁର୍ଯ୍ୟାନ୍ ମରଣକାଳେ ।। ୧୦୨ ।।
ହିକ୍କାଶ୍ୱାସୋପେତାଂ ମୂର୍ଚ୍ଛାଗମେ ତୁ ମରଣବତ୍ କଥୟେତ୍ ।
ଅତିମତ୍ତେଷ୍ୱପି କାର୍ଯ୍ୟଂ ପାଠ୍ୟଂ ପୁନରୁକ୍ତ ସଂଯୁକ୍ତମ୍ ।। ୧୦୩ ।।
ନାନାଭାବୋପଗତୋ ମରଣାଭିନୟୋ ବହୁ ପ୍ରକାରସ୍ତୁ ।
ବିକ୍ଷିପ୍ତହସ୍ତପାଦୈ ର୍ନିବୃତ୍ତୈଃ ସର୍ବୈସ୍ତଥା ଗାତ୍ରୈଃ ।। ୧୦୪ ।।
ବ୍ୟାଧିପ୍ଲୁତେ ତୁ ମରଣଂ ନିଷଣ୍ଣଗାତ୍ରେଣ ସଂପ୍ରୟୋକ୍ତବ୍ୟମ୍ ।
ହିକ୍କାଶ୍ୱାସୋପେତମନବେକ୍ଷିତଗାତ୍ରସଂଚାରମ୍ ।। ୧୦୫ ।।
ବିଷପୀତେଷ୍ୱପି ଚ ମରଣଂ କାର୍ଯ୍ୟଂ ବିକ୍ଷିପ୍ତଗାତ୍ରକରଚରଣମ୍ ।
ବିଷବେଗ ସଂପ୍ରଯୁକ୍ତଂ ବିସ୍ଫୁରିତାଙ୍ଗକ୍ରିୟୋପେତମ୍ ।। ୧୦୬ ।।

ବୃଦ୍ଧମାନଙ୍କ କ୍ଷେତ୍ରରେ ଭାଷାର ସ୍ୱର ଗଦ୍‌ଗଦ ହେବ ଏବଂ ମଝିରେ ମଝିରେ ଅକ୍ଷର ଖସି ରହିଯାଉଥିବ । ବାକ୍ୟର ଶେଷ ନ ସରିବା ପରି ହେଉଥିବ । ଛୋଟ ପିଲାଙ୍କ ସ୍ଥଳରେ ପ୍ରାୟ ଭାଷା ଏହିପରି ହେଲେ ମଧ୍ୟ ସ୍ୱର କଳସ୍ୱନ ହେବ ।। ୧୦୧ ।।
ମୁମୂର୍ଷୁ ବାକ୍ୟ- ଅବଶ ଇନ୍ଦ୍ରିୟମାନଙ୍କରୁ ବହୁଶ୍ରମ ବା ଯତ୍ନ ଫଳରେ ସ୍ୱର ଆସୁଥିବ, (କୁନ୍ଥାଇ କହିବା) ଘଣ୍ଟାବାଜିବା ପରେ ଅନୁସ୍ୱରଣ ହୁଏ (ଘଣ୍ଟାଶବ୍ଦ ନୁହେଁ) ଏହି ଅନୁସ୍ୱରିତ ସ୍ୱରପରି ସ୍ୱରର ଗଦ୍‌ଗଦ ବାକ୍ୟ । ତା ମଧ୍ୟରେ ହିକ୍କା ଶ୍ୱାସ (ପେଲି ହେବା) ଏବଂ ଲହରାଇବା ଭଙ୍ଗୀ ରହିବ । ମରଣ କାଳର ଭାଷା ଏହିପରି ହେବ ।। ୧୦୨ ।। ମୂର୍ଚ୍ଛା ସ୍ଥଳରେ ମଧ୍ୟ ହିକ୍କା ଓ ଶ୍ୱାସ ଯୁକ୍ତବାକ୍ୟ ପ୍ରାୟ ମରଣବାକ୍ୟ ପରି ପ୍ରୟୋଗ କରିବ । ଅତି ମଦନିଶା ସ୍ଥଳରେ କିନ୍ତୁ ହିକ୍କା ଶ୍ୱାସ ଛାଡ଼ି ପୁନରୁକ୍ତ ଓ ଅକ୍ଷର ବିଚ୍ୟୁତି, କାକୁ (ଲହରାସ୍ୱର) ବ୍ୟବହାର କରାଯିବ ।। ୧୦୩ ।। ମରଣର ଅଭିନୟ ନାନାଭାବରେ ବହୁ ପ୍ରକାର ହୋଇଥାଏ । ଏଥିରେ ହାତ ଗୋଡ଼ ବିଛାଡ଼ି ହୋଇ ପଡ଼ିଥାଏ ହୁଗୁଳା ଭାବରେ ଏବଂ ସର୍ବାଙ୍ଗ ନିଷନ୍ଦ ହୋଇଯାଏ ।। ୧୦୪ ।। ରୋଗରେ ପଡ଼ି ମରିବା କ୍ଷେତ୍ରରେ ମୂର୍ଚ୍ଛାବାଟ ଦେଇ (ପ୍ରୟୋଗ) ଅଭିନୟ କରାଯିବ ।। ହିକ୍କା ସ୍ୱାସ ପରେ ଶରୀରଟି ଧୀରେ ନିଷନ୍ଦ ହୋଇଯିବ ।। ୧୦୫ ।। ବିଷପାନ ଜନିତ ମୃତ୍ୟୁକ୍ଷେତ୍ରରେ ହାତଗୋଡ଼ ଓ ସମସ୍ତ ଶରୀର ବିକ୍ଷିପ୍ତ ହୋଇ ପଡ଼ିବ । ବିଷଜ୍ୱାଳାରେ ଦେହ ଚାଟୋଳ ଦେଇ ଥରୁଥିବା ଅଭିନୟ କରାଯିବ ।। ୧୦୬ ।।

Digitized by srujanika@gmail.com

ପ୍ରଥମେ ବେଗେ କାର୍ଶ୍ୟଂ ତ୍ୱଭିନେୟଂ ବେପଥୁ ଦ୍ୱିତୀୟେତୁ ।
ଦାହସ୍ତଥା ତୃତୀୟେ ହିକ୍କାଂ କୁର୍ଯ୍ୟାଚ୍ଚତୁର୍ଥେତୁ ॥ ୧୦୭ ॥

ଫେନଶ୍ଚ ପଞ୍ଚମେ ବୈ ଗ୍ରୀବାଭଙ୍ଗଃ ତଥୈବ ଷଷ୍ଠେତୁ ।
ଜଡ଼ତା ତୁ ସପ୍ତମେ ବୈ ପ୍ରୋକ୍ତଂ ମରଣଂ ତଥାଷ୍ଟମେ ଚୈବ ॥ ୧୦୮ ॥

ପ୍ରବିଷ୍ଟତାରକେ ନେତ୍ରେ କପୋଳାଧରମେବ ଚ ।
ଅଂସୋଦର ଭୁଜାନାଂ ତୁ କୃଶତା କାର୍ଶ୍ୟ ରୂପଣମ୍ ॥ ୧୦୯ ॥

ହସ୍ତୟୋଃ ପାଦୟୋର୍ମୂର୍ଧ୍ନି ଯୁଗପଦ୍ ପୃଥଗେବ ବା ।
କମ୍ପନେନ ଯଥାଯୋଗଂ ବେପଥୁଂ ସଂପ୍ରୟୋଜୟେଦ୍ ॥ ୧୦୦ ॥

ସର୍ବାଙ୍ଗବେପନୋଦ୍ବେଜନେନ କଣ୍ଡୂୟନାଦ୍ ତଥାଙ୍ଗାନାମ୍ ।
ବିକ୍ଷିପ୍ତ ହସ୍ତଗାତ୍ରୈ ର୍ଦାହଶ୍ଚୈବା ଭିନେତବ୍ୟଃ ॥ ୧୧୧ ॥

ଉଦ୍‌ବୃତ୍ତନିମେଷତ୍ୱା ଦୁଦ୍‌ଗାର ଛର୍ଦନୈ ସ୍ତଥାକ୍ଷେପୈଃ ।
ଅବ୍ୟକ୍ତାକ୍ଷରକଥନୈ ର୍ହିକ୍କାମେବଂତ୍ୱଭିନୟେଦ୍ ॥ ୧୧୨ ॥

ବିଷକ୍ରିୟାର ପ୍ରଥମ ଅବସ୍ଥାରେ କୃଶତା, ଦ୍ୱିତୀୟରେ କମ୍ପ, ତୃତୀୟରେ ଦାହ, ଚତୁର୍ଥରେ ହିକ୍କା, ପଞ୍ଚମରେ ପାଟିରୁ ଫେଣ ବାହାରିବା, ଷଷ୍ଠରେ ବେକ ମୋଡ଼ିହୋଇ ପଡ଼ିବା, ସପ୍ତମରେ ଜଡ଼ତା, ଅଷ୍ଟମ ଅବସ୍ଥାରେ ମୃତ୍ୟୁ ଅଭିନୟ କରାଯିବ ॥ ୧୦୭, ୧୦୮ ॥ ଆଖିଡୋଳା ପଶିଯିବ, ଗାଲ ପଶିଯିବ, ଅଧର ଓ ଓଠ ଶୁଖିଯିବ । ବେକ କାନ୍ଧ ପେଟ ଓ ବାହୁ ଶୁଖିଯିବ । ଏହା କୃଶତାର ଅଭିନୟ ॥ ୧୦୯ ॥ ହାତଗୋଡ଼, ମୁଣ୍ଡ ଏକାବେଳକେ ବା ଅଲଗା ଅଲଗା, ଥରିବା ଦ୍ୱାରା ବେପଥୁ ଅଭିନୟ ପ୍ରୟୋଗ କରାଯିବ ॥ ୧୧୦ ॥ ସର୍ବାଙ୍ଗରେ କମ୍ପଜନିତ ଉଦ୍‌ବେଗ, ପୂରାଦେହ କୁଣ୍ଡାଇ ହେବା, ହାତଗୋଡ଼ ବାଡ଼େଇ ହେବ, ଇତ୍ୟାଦି ଦ୍ୱାରା ଦାହ ବା ଜଳାପୋଡ଼ାର ଅଭିନୟ କରିବ ॥ ୧୧୧ ॥ ଉପରକୁ ଆଖି ଖୋସିବା, ହାକୁଟି, ବାନ୍ତି, ଗଡ଼ିବା, ଅସ୍ପଷ୍ଟବର୍ଣ୍ଣ ବାକ୍ୟ କହିବା, ଏହିସବୁ ଦ୍ୱାରା ହିକ୍କା ଅଭିନୟ କରିବ ॥ ୧୧୨ ॥

Digitized by srujanika@gmail.com

ଉଦ୍‌ଗାରବମନଯୋଗୈଃ ଶିରସଶ୍ଚ ବିଲୋକନୈରନେକବିଧୈଃ ।
ଫେନଃ ସ୍ୟାଦଭିନେତବ୍ୟୋ ନିଃସଞ୍ଜ୍ଞତୟାନିମେଷାଚ୍ଚ ॥ ୧୧୩ ॥
ଅଂସ କପୋଳସ୍ପର୍ଶାଦ୍ ଗ୍ରୀବାଭଙ୍ଗୋ ବିବର୍ତ୍ତନାତ୍ ଶିରସଃ ।
ସର୍ବେନ୍ଦ୍ରିୟ ସମ୍ମୋହାଦ୍ ଜଡତାମେବଂ ପ୍ରଯୁଞ୍ଜୀତ ॥ ୧୧୪ ॥
ସମ୍ମୀଳିତ ନେତ୍ରତୟା, ବ୍ୟାଧିବିବୃଦ୍ଧୌ ଭୁଜଙ୍ଗ ଦଂଶନାଦ୍ ବା ।
ଏବଂ ହି ନାଟ୍ୟଧର୍ମେ ମରଣାନି ବୁଧୈଃ ପ୍ରୟୋଜ୍ୟାନି ॥ ୧୧୫ ॥
ଏତେଷ୍ୱଭିନୟବିଶେଷାଃ କର୍ତ୍ତବ୍ୟାଃ ସତ୍ତ୍ୱଭାବଯୁକ୍ତାଃ ସ୍ୟୁଃ ।
ଅନ୍ୟେଷ୍ୱପି ଲୌକିକା ଯେ ତେ ସର୍ବେ ଲୋକତଃ ସାଧ୍ୟାଃ ॥ ୧୧୬ ॥
ନାନାବିଧୈ ର୍ଯଥାପୁଷ୍ପୈ ର୍ମାଲ୍ୟଂ ଗ୍ରଥ୍ନାତି ମାଲ୍ୟକୃତ୍ ।
ଅଙ୍ଗୋପାଙ୍ଗୈ ରସୈର୍ଭାବୈ ସ୍ତଥା ନାଟ୍ୟଂ ପ୍ରୟୋଜୟେତ୍ ॥ ୧୧୭ ॥
ଯା ଯସ୍ୟ ଲୀଳା ନିୟତା ଗତିଶ୍ଚ ରଙ୍ଗ ପ୍ରବିଷ୍ଟସ୍ୟ ବିଧାନତସ୍ତୁ ।
ତାମେବ କୁର୍ଯ୍ୟାଦବିମୁକ୍ତ ସତ୍ତ୍ୱୋ ଯାବନ୍ନରଙ୍ଗାତ୍ ପ୍ରତିନିଃସୃତଃ ସଃ ॥୧୧୮॥

ଉଗାରି ହୋଇ ବାନ୍ତି ହେଉଥିବ, ମୁଣ୍ଡ ଗଡାଉଥିବ, (ବିଭିନ୍ନ ଆତଙ୍କୁ) ଅଜ୍ଞାନ ହେବ ଏବଂ ଆଖିଖୋସି ହୋଇଯିବ, ଏହିପରି ଫେନ (ପାଟିରୁ ଫେନ ବାହାରିବା ଅବସ୍ଥାକୁ) ଅଭିନୟ କରାଯିବ ॥ ୧୧୩ ॥ କାନ୍ଧରେ ଗାଲକୁ ଲଗାଇ ବେକଭାଙ୍ଗି ମୁଣ୍ଡକୁ ମୋଡ଼ିଲେ ବେକଭଙ୍ଗା (ଗ୍ରୀବାଭଙ୍ଗ)ର ଅଭିନୟ କରାଯିବ । ସମସ୍ତ ଇନ୍ଦ୍ରିୟକୁ ଅବଶକରି ଆଖି ଖୋସିଦେଲେ (ଜଡ଼ତା) ଅବଶ ଭାବର ଅଭିନୟ କରାହେବ । ଏହା ବ୍ୟାଧିର ବର୍ଦ୍ଧିତ ଅବସ୍ଥା କିମ୍ବା ସର୍ପଦଂଶନରେ ପ୍ରଯୁଜ୍ୟ । ନାଟ୍ୟ ସଂସାରରେ ପଣ୍ଡିତଗଣ ଏହିପରି ମରଣର ପ୍ରୟୋଗ କରିବେ ॥ ୧୧୪/୧୧୫ ॥ ଏହିସବୁ କରଣୀୟ ଅଭିନୟଗୁଡ଼ିକ ସତ୍ତ୍ୱଭାବଯୁକ୍ତ ହେବା ଉଚିତ । ଅର୍ଥାତ୍ ଆଗ୍ରହ ପ୍ରାଣଶକ୍ତି ସମ୍ପନ୍ନ ଅଭିନେତା ଅଭିନୟ ମାଧ୍ୟମରେ ନିଜର ପ୍ରାଣ ଶକ୍ତିକୁ ଯେତିକି ପରିମାଣରେ ମିଶାଇ ପାରିବ ବା ବ୍ୟବହାର କରି ପାରିବ ଅଭିନୟ ସେତିକି ଜୀବନ୍ତ ହେବ । ଯାହାକୁହା ଗଲା ଏହା ପରେ ଯାହା ଲୌକିକ ବ୍ୟବହାରରେ ଅଛି ସେସବୁ ଗ୍ରହଣ କରିବ ॥ ୧୧୬ ॥ ମାଳୀଟି ବିଭିନ୍ନ ଆକାର ଓ ରଙ୍ଗର ଫୁଲ ଆଣି ଯେପରି ମାଳାଟି ଗୁନ୍ଥେ, ଅଙ୍ଗାଭିନୟ ଉପାଙ୍ଗାଭିନୟ, ରସ, ଭାବ ସବୁକୁ ମିଶାଇ ସେହିପରି ନାଟ୍ୟ ପ୍ରୟୋଜନା କରିବ ॥ ୧୧୭ ॥ ରଙ୍ଗ ମଞ୍ଚରେ ପଶିଗଲେ ଯେପର୍ଯ୍ୟନ୍ତ ତହିଁରୁ ନ ବାହାରିଛ ସେହି ଅବଧିରେ ଯାହାପାଇଁ ଯେଉଁ ଲୀଳା, ଗତି ନାଟ୍ୟଶାସ୍ତ୍ର ଅନୁଯାୟୀ ବିଧାନ କରାଯାଇଅଛି, ତାହା ସତ୍ତ୍ୱପ୍ରବୃତ୍ତି ସହିତ (ସଂପୂର୍ଣ୍ଣମନ ପ୍ରାଣ ଦେଇ) କରିବ ॥ ୧୧୮ ॥

Digitized by srujanika@gmail.com

ଏବମେତେ ମୟା ପ୍ରୋକ୍ତା ବାଗଙ୍ଗାଭିନୟା କ୍ରମାତ୍ ।
ନୋକ୍ତା ଯେ ଚ ମୟାତତ୍ର ଲୋକାତ୍ ଗ୍ରାହ୍ୟାସ୍ତୁତେ ବୁଧୈଃ ।। ୧୧୯ ।।

ଲୋକୋ ବେଦାସ୍ତଥାଧ୍ୟାତ୍ମଂ ପ୍ରମାଣଂ ତ୍ରିବିଧଂ ସ୍ମୃତମ୍ ।
ବେଦାଧ୍ୟାତ୍ମ ପଦାର୍ଥେଷୁ ପ୍ରାୟୋନାଟ୍ୟଂ ପ୍ରତିଷ୍ଠିତମ୍ ।। ୧୨୦ ।।

ବେଦାଧ୍ୟାତ୍ମ ପ୍ରପନ୍ନଂତୁ ଶବ୍ଦଛନ୍ଦଃ ସମନ୍ୱିତମ୍ ।
ଲୋକସିଦ୍ଧଂ ଭବେତ୍ ସିଦ୍ଧଂ ନାଟ୍ୟଂ ଲୋକସ୍ୱଭାବଜମ୍ ।। ୧୨୧ ।।

ତସ୍ମାନ୍ନାଟ୍ୟପ୍ରୟୋଗେ ତୁ ପ୍ରମାଣଂ ଲୋକ ଇଷ୍ୟତେ ।
ଦେବତାନାମୃଷୀଣାଂ ଚ ରାଜ୍ଞାମଥ କୁଟୁମ୍ବିନାମ୍ ।। ୧୨୨ ।।

କୃତାନୁକରଣଂ ଲୋକେ ନାଟ୍ୟମିତ୍ୟଭିଧୀୟତେ ।
ଲୋକସ୍ୟ ଚରିତଂ ଯତ୍ତୁ ନାନାବସ୍ଥାନ୍ତରାତ୍ମକମ୍ ।। ୧୨୩ ।।

ତଦଙ୍ଗାଭିନୟୋପେତଂ ନାଟ୍ୟ ମିତ୍ୟଭି ସଂଜ୍ଞିତମ୍ ।
ଏବଂ ଲୋକସ୍ୟ ଯା ବାର୍ତ୍ତା ନାନାବସ୍ଥାନ୍ତରାତ୍ମିକା ।। ୧୨୪ ।।

କ୍ରମ ଅନୁସାରେ ମୁଁ ଏହିପରି ବାକ୍ ଓ ଅଙ୍ଗ ଅଭିନୟ କହିଗଲି । ସେ ଭିତରେ ଯାହା ମୁଁ କହିପାରିନାହିଁ, ପଣ୍ଡିତଗଣ ସଂସାରରୁ ସେସବୁ ଗ୍ରହଣ କରିବେ ।। ୧୧୯ ।। ସଂସାର, ବେଦ ଏବଂ ଅଧ୍ୟାତ୍ମ (ଚେତନା) ନାଟ୍ୟର ଏହି ତିନୋଟି ପ୍ରମାଣ । ଅଧିକ ଭାବରେ ବେଦ ଓ ଅଧ୍ୟାତ୍ମ ଚେତନାରେ ନାଟ୍ୟ ପ୍ରତିଷ୍ଠିତ ହୋଇଥାଏ ।। ୧୨୦ ।। ବେଦ ଓ ଅଧ୍ୟାତ୍ମ ଚେତନାରୁ ଉତ୍ପନ୍ନ ଶବ୍ଦ ଓ ଛନ୍ଦ ସମନ୍ୱିତ ନାଟ୍ୟ ସାଧାରଣ ଲୋକସ୍ୱଭାବ ସଂବଳିତ ହୋଇ ଯଦି ଦର୍ଶକ ମହଲର ଆଦର ଲାଭ କରେ ତେବେ ଯାଇ ନାଟ୍ୟ ସିଦ୍ଧ ହେଲା ବୋଲି ଜାଣିବ । ତେଣୁ ନାଟ୍ୟ ପ୍ରୟୋଗ କ୍ଷେତ୍ରରେ ସାଧାରଣ ଲୋକ ହିଁ (ଦର୍ଶକ) ତାହାର ଶ୍ରେଷ୍ଠ ପ୍ରମାଣ ଅଟନ୍ତି । ଦେବତା, ଋଷି, ରାଜା ଓ ଗୃହସ୍ଥ ଏସମସ୍ତଙ୍କର କାର୍ଯ୍ୟକୁ ଅନୁକରଣ କରୁଥିବା କୃତ୍ରିମ (ହେଲେ ମଧ୍ୟ ପ୍ରାକୃତିକ ପରି) ସଂସାରଟିକୁ ନାଟ୍ୟବୋଲି କୁହାଯାଇ ଥାଏ । ସଂସାରରେ ନାନା ଅବସ୍ଥାମାନଙ୍କରେ ଯାହା ଲୋକଚରିତ୍ର ତାହା ହିଁ ଅଙ୍ଗାଭିନୟ ମାଧ୍ୟମରେ ରଙ୍ଗରେ ପହଞ୍ଚି ନାଟ୍ୟ ନାମ ନେଇଥାଏ । ଏହିପରି ବିବିଧ ଅବସ୍ଥାମାନଙ୍କରେ ଲୋକ ସାଧାରଣଙ୍କର ଯେଉଁ ବାର୍ତ୍ତା (ସମସ୍ୟା ବା ଅଭିଯୋଗ) ନାଟ୍ୟ ବିଚକ୍ଷଣ କବି ସେ ସମସ୍ତକୁ ନାଟ୍ୟରେ ସଂଧାନ କରିବା ଉଚିତ ।। ୧୨୧-୧୨୪ ।।

Digitized by srujanika@gmail.com

ସା ନାଟ୍ୟେ ସଂବିଧାତବ୍ୟା ନାଟ୍ୟବେଦ ବିଚକ୍ଷଣୈଃ ।
ଯାନି ଶାସ୍ତ୍ରାଣି ଯେ ଧର୍ମା ଯାନି ଶିଳ୍ପାନି ଯାଃ କ୍ରିୟା ॥ ୧୨୫ ॥
ଲୋକଧର୍ମ ପ୍ରବୃତ୍ତାନି ତାନି ନାଟ୍ୟଂ ପ୍ରକୀର୍ତ୍ତିତମ୍ ।
ନ ଚ ଶକ୍ୟଂ ହି ଲୋକସ୍ୟ ସ୍ଥାବରସ୍ୟ ଚରସ୍ୟ ଚ ॥ ୧୨୬ ॥
ଶାସ୍ତ୍ରେଣ ନିର୍ଣ୍ଣୟଂ କର୍ତ୍ତୁଂ ଭାବଚେଷ୍ଟାବିଧିଂ ପ୍ରତି ।
ନାନାଶୀଳାଃ ପ୍ରକୃତୟଃ ଶୀଳେ ନାଟ୍ୟଂ ପ୍ରତିଷ୍ଠିତମ୍ ॥ ୧୨୭ ॥
ତସ୍ମାଲ୍ଲୋକପ୍ରମାଣଂ ହି କର୍ତ୍ତବ୍ୟଂ ନାଟ୍ୟଯୋକ୍ତୃଭିଃ ।
ଏବଂ ଭାବାନୁକରଣେ ନାନା ପ୍ରକୃତିସମ୍ଭବେ ।
ଭାବାଙ୍ଗସତ୍ତ୍ୱସଂଯୁକ୍ତୋ ଯତ୍ନଃ କାର୍ଯ୍ୟଃ ପ୍ରୟୋକ୍ତୃଭିଃ ॥ ୧୨୮ ॥
ଏଭିଃ କ୍ରମୈ ର୍ଯୋଦ୍ଧଭିନୟଂ ତୁ ସମ୍ୟଗ୍
    ବିଜ୍ଞାୟ ରଙ୍ଗେ ମନୁଜଃ ପ୍ରଯୁଞ୍ଜ୍ୟାତ୍ ।
ସ ନାଟ୍ୟତତ୍ତ୍ୱାଭିନୟପ୍ରୟୋକ୍ତା
    ସମ୍ମାନ ମଗ୍ର୍ୟଂ ଲଭତେ ହି ଲୋକେ ॥ ୧୨୯ ॥
ଜ୍ଞେୟା ସ୍ତ୍ୱଭିନୟା ହ୍ୟେତେ ବାଙ୍‌ନେପଥ୍ୟାଙ୍ଗସଂଶ୍ରୟାଃ ।
ପ୍ରୟୋଗଜ୍ଞେନ କର୍ତ୍ତବ୍ୟା ନାଟକେ ସିଦ୍ଧି ମିଚ୍ଛତା ॥ ୧୩୦ ॥
ଇତି ଭରତନାଟ୍ୟଶାସ୍ତ୍ରେ ଚିତ୍ରାଭିନୟୋନାମ ଷଡ୍‌ବିଂଶଃ ଅଧ୍ୟାୟଃ ।

ସଂସାରରେ ଜନସମାଜରେ ଯେତେ ଶାସ୍ତ୍ର ଯେତେ ଧର୍ମ ଯେତେ ଶିଳ୍ପ ଓ ଯେତେ କ୍ରିୟା ଅଛି ସେ ସମସ୍ତର ସମନ୍ୱୟ ହିଁ ନାଟ୍ୟ ବୋଲି କୁହାଯାଏ । ସଂସାରରେ ଚରାଚର ଜଗତର ଭାବ ଚେଷ୍ଟା ଓ ବିଧିକୁ ଶାସ୍ତ୍ରଲେଖି ନିର୍ଣ୍ଣୟ କରିବା ସମ୍ଭବ ନୁହେଁ । ପ୍ରାଣୀମାନେ ବିଭିନ୍ନ ଚରିତ୍ରର ଅଟନ୍ତି । ନାଟ୍ୟ କେବଳ ଚରିତ୍ର ଉପରେ ହିଁ ଆଧାରିତ ହୋଇଥାଏ ॥ ୧୨୪-୧୨୭ ॥ ଏଣୁ ପ୍ରାଣିଜଗତର ନାନା ଚରିତ୍ର ଓ ସ୍ଥିତି ଉପରେ ଆଧାରିତ ଭାବ ଅନୁକରଣ ବିଷୟରେ ଭାବ ଅଙ୍ଗ ସତ୍ତ୍ୱସଂପୃକ୍ତ ଯତ୍ନ ପ୍ରୟୋକ୍ତାମାନେ କରିବେ ॥ ୧୨୮ ॥ ଯେଉଁ ଲୋକ ଅଭିନୟ ବିଷୟରେ ସମ୍ୟକ୍ ଜ୍ଞାନ ଲାଭ କରି ରଙ୍ଗରେ ଏହି କ୍ରମରେ ଅଭିନୟ ପ୍ରୟୋଗ କରିବେ, ନାଟ୍ୟତତ୍ତ୍ୱ ଓ ଅଭିନୟର ସେହି ପ୍ରୟୋକ୍ତା ସଂସାରରେ ସର୍ବଶ୍ରେଷ୍ଠ ସମ୍ମାନ ଲାଭ କରିବେ ॥ ୧୨୯ ॥ ବାକ୍ୟ ନେପଥ୍ୟ ଓ ଅଙ୍ଗାଶ୍ରିତ ଏହି ଅଭିନୟ ବିଧିମାନ ଜାଣି ପ୍ରୟୋଗବିତ୍ ନାଟକର ସିଦ୍ଧି ଆକାଂକ୍ଷାକରି ଏମାନଙ୍କ ପ୍ରୟୋଗ କରିବେ ॥ ୧୩୦ ॥

ଭରତନାଟ୍ୟ ଶାସ୍ତ୍ରରେ ଚିତ୍ରାଭିନୟ ନାମକ ଏହି ଷଡ୍‌ବିଂଶ ସଂଖ୍ୟକ
ଅଧ୍ୟାୟ ସମାପ୍ତ ।

▼▼▼

Digitized by srujanika@gmail.com

ସପ୍ତବିଂଶଃ ଅଧ୍ୟାୟଃ

ସିଦ୍ଧି ବ୍ୟଞ୍ଜକଃ

ସିଦ୍ଧୀନାଂ ତୁ ପ୍ରବକ୍ଷ୍ୟାମି ଲକ୍ଷଣଂ ନାଟକାଶ୍ରୟମ୍ ।
ଯସ୍ମାତ୍ ପ୍ରୟୋଗଃ ସର୍ବୋଦ୍ଧୟଂ ସିଦ୍ଧ୍ୟର୍ଥେ ସଂପ୍ରତିଷ୍ଠିତଃ ।। ୧ ।।
ସିଦ୍ଧିସ୍ତୁ ଦ୍ୱିବିଧା ଜ୍ଞେୟା ବାକ୍‌ସତ୍ତ୍ୱାଙ୍ଗ ସମୁଦ୍‌ଭବା ।
ଦୈବିକୀ ମାନୁଷୀ ଚୈବ ନାନାଭାବ ରସାଶ୍ରୟା ।। ୨ ।।
ମାନୁଷୀ ସିଦ୍ଧିଃ -ଦଶାଙ୍ଗା ମାନୁଷୀ ସିଦ୍ଧିଃ ଦୈବିକୀ ଦ୍ୱିବିଧା ସ୍ମୃତା ।
ନାନାସତ୍ତ୍ୱାଶ୍ରୟକୃତା ଶାରୀରୀ ବାଙ୍‌ମୟୀ ତଥା ।। ୩ ।।
ବାଙ୍‌ମୟୀ ସିଦ୍ଧିଃ - ସ୍ମିତାର୍ଦ୍ଧହାସାତିହାସା ସାଧ୍ୱହୋ କଷ୍ଟମେବ ଚ ।
ପ୍ରବୃଦ୍ଧନାଦା ଚ ତଥା ଜ୍ଞେୟା ସିଦ୍ଧିସ୍ତୁ ବାଙ୍‌ମୟୀ ।। ୪ ।।
ଶାରୀରୀ ସିଦ୍ଧିଃ -ପୁଲକୈଶ୍ଚ ସରୋମାଞ୍ଚୈଃ ଅଭ୍ୟୁତ୍‌ଥାନୈସ୍ତଥୈବ ଚ ।
ଚେଳ ଦାନାଙ୍ଗୁଳିକ୍ଷେପୈଃ ଶାରୀରୀ ସିଦ୍ଧିରିଷ୍ୟତେ ।। ୫ ।।
କିଞ୍ଚିତ୍ ଶିଷ୍ଟରସୋ ହାସ୍ୟୋ ନୃତ୍ୟଦ୍‌ଭିର୍ଯଃ ପ୍ରଯୁଜ୍ୟତେ ।
ସ୍ମିତେନ ସ ପରିଗ୍ରାହ୍ୟଃ ପ୍ରେକ୍ଷକୈର୍ନିତ୍ୟମେବ ତୁ ।। ୬ ।।

ନାଟକରେ ସିଦ୍ଧିମାନଙ୍କର ଲକ୍ଷଣ ବୁଝାଇ କହିବି । କାରଣ, ଏ ସମସ୍ତ ପ୍ରୟୋଗ କେବଳ ସିଦ୍ଧି ପାଇଁ ହି ଉଦ୍ଦିଷ୍ଟ ଅଟେ ।। ୧ ।। ବାକ୍ ସତ୍ତ୍ୱ ଓ ଅଙ୍ଗସମୁଦ୍‌ଭବ ତଥା ନାନାଭାବ ଓ ରସକୁ ଆଶ୍ରୟ କରିଥିବା ସିଦ୍ଧି ଦୈବୀ ଓ ମାନୁଷୀ ଦୁଇ ପ୍ରକାର ବୋଲି ଜାଣିବ ।। ୨ ।। (୨୬/୧୧୪ରେ ସତ୍ତ୍ୱ ଦେଖ) **ମାନୁଷୀ ସିଦ୍ଧି-** ମାନୁଷୀ ସିଦ୍ଧି ଦଶାଙ୍ଗ ବିଶିଷ୍ଟ, ଦୈବୀ ସିଦ୍ଧି ଦୁଇ ପ୍ରକାର । ଏହି ସିଦ୍ଧି ବିଭିନ୍ନ ସତ୍ତ୍ୱଗୁଣ ଉପରେ ଆଶ୍ରୟ କରିଥାଏ । ପ୍ରଥମ ଶାରୀରୀ ଓ ଦ୍ୱିତୀୟ ବାଙ୍‌ମୟୀ ।। ୩ ।। **ବାଙ୍‌ମୟୀ ସିଦ୍ଧି-** ସ୍ମିତ ଅର୍ଦ୍ଧହାସ୍ୟ, ଅତିହାସ୍ୟ, ସାଧୁ (ଭଲ) ଅହେ ! (ଆହା, ଓହୋ,) କଷ୍ଟ, ପ୍ରବୃଦ୍ଧନାଦ, (ଉଚ୍ଚଧ୍ୱନି) ଏହି ସମସ୍ତ ବାଙ୍‌ମୟୀ ସିଦ୍ଧି ।। ୪ ।। **ଶାରୀରୀ ସିଦ୍ଧି-**ରୋମାଞ୍ଚ ସହିତ ଆନନ୍ଦ, ଅଭ୍ୟୁତ୍‌ଥାନ (ଆସନରୁ ଉଠି ପଡ଼ିବା) ଶାଲ୍, ପ୍ରଭୃତି ଟଙ୍କା ବା ପଦକ ପ୍ରଭୃତି ଉପହାର ଦେବା, ମୁଦି ଫୋପାଡ଼ିବା । ଏହି ସମସ୍ତ ଶାରୀରୀସିଦ୍ଧି ।। ୫ ।। (ଏସବୁ ପ୍ରେକ୍ଷକମାନଙ୍କ କର୍ମ କୁହାଯାଇଛି । ପୂର୍ବରୁ ନାଟକର କ୍ଷେତ୍ର ଦର୍ଶକ ବୋଲି କୁହାଯାଇଛି । ସେମାନଙ୍କର ସନ୍ତୋଷ ହିଁ ନାଟକର ସିଦ୍ଧି । ସେମାନଙ୍କ ସନ୍ତୋଷ ପରିପ୍ରକାଶନ ଭଙ୍ଗୀ ବର୍ଣ୍ଣନା କରାଯାଇଛି) ସାମାନ୍ୟ ଟିକିଏ ହସ କଥା ବା ପ୍ରସଙ୍ଗ ଥିବା ବିଷୟ ନର୍ତ୍ତକ ପ୍ରୟୋଗ କରୁଥିବା ଅବସରରେ ପ୍ରେକ୍ଷକଙ୍କ ମୁହଁରେ ସ୍ମିତ ଦେଖାଯିବା ଉଚିତ । ବରାବର ପ୍ରେକ୍ଷକ ଏହିପରି ରସ ଗ୍ରହଣ କରିବା ଉଚିତ ।। ୬ ।। (କାଠ ଭଳି ଚେୟାରରେ ବସିବା ଅଥବା ନିଜ ଭିତରେ ଗପକରିବାକୁ ମୁନି ନିଷେଧ କରୁଛନ୍ତି ।)

Digitized by srujanika@gmail.com

କିଞ୍ଚିଦସ୍ପଷ୍ଟହାସ୍ୟଂ ଯତ୍ ତଥା ବଚନମେବ ବା ।
ଅର୍ଦ୍ଧ ହାସ୍ୟେନ ତଦ୍ ଗ୍ରାହ୍ୟଂ ପ୍ରେକ୍ଷକୈର୍ନିତ୍ୟମେବ ତୁ ॥ ୭ ॥
ବିଦୂଷକୋଛେକ କୃତଂ ଭବେତ୍ ଶିଳ୍ପକୃତଂ ତୁ ଯତ୍ ।
ଅତିହାସ୍ୟେନ ତଦ୍‌ଗ୍ରାହ୍ୟଂ ପ୍ରେକ୍ଷକୈ ର୍ନିତ୍ୟମେବହି ॥ ୮ ॥
ବାଙ୍ମୟୀ ସିଦ୍ଧିଃ- ଯଦ୍ ଧର୍ମପଦ ସଂଯୁକ୍ତଂ ତଥାତିଶୟସମ୍ଭବମ୍ ।
ତତ୍ର ସାଧ୍ୱିତି ବାକ୍ୟଂ ତୁ ପ୍ରୟୋକ୍ତବ୍ୟଂ ହି ସାଧକୈଃ ॥ ୯ ॥
ଅହୋକାର ସ୍ତଥା କାର୍ଯ୍ୟୋ ନୃଣାଂ ପ୍ରକୃତିସମ୍ଭବଃ ।
ବିସ୍ମୟାଦିଷୁ ଭାବେଷୁ ପ୍ରହର୍ଷାର୍ଥେଷୁ ଚୈବ ହି ॥ ୧୦ ॥
କରୁଣେ ତୁ ପ୍ରୟୋକ୍ତବ୍ୟଂ ସାସ୍ରଂ କଷ୍ଟେତି ଚୈବ ହି ।
ପ୍ରବୃଦ୍ଧନାଦଃ କର୍ତ୍ତବ୍ୟୋ ବିସ୍ମୟାର୍ଥେଷୁ ନିତ୍ୟଶଃ ॥ ୧୧ ॥
ସାଧିକ୍ଷେପେଷୁ ବାକ୍ୟେଷୁ ପ୍ରସ୍ପନ୍ଦିତ ତନୂରୁହୈଃ ।
କୁତୂହଳାନ୍ତରାବେଦ୍ୟଂ ବହୁମାନେନ ସାଧ୍ୟତେ ॥ ୧୨ ॥

କେତେକ ସ୍ଥଳରେ ହାସ୍ୟରସ ଅଛି । ତେବେ ବିଶେଷ ସ୍ପଷ୍ଟ ନୁହେ । ଏହିପରି କଥାକୁ ପ୍ରେକ୍ଷକ ଅର୍ଦ୍ଧହାସ୍ୟରେ ଗ୍ରହଣ କରିବା ଉଚିତ ॥ ୭ ॥ (ଅନ୍ୟଥା ପରିବେକ୍ଷଣ ସିଦ୍ଧି ଜଣାପଡ଼ିବ ନାହିଁ ।) ବିଦୂଷକ ଖୋଲାଖୋଲି ଯେଉଁ ହାସରସ ପରିବେଷଣ କରିବେ, ଅଥବା ଶିଳ୍ପକୃତ (ପାଣ୍ଡବ ପଳାଇ ଆସିବା ପରେ ଜତୁଗୃହ ଜଳିବା ଓ ଶତ୍ରୁ ଆନନ୍ଦିତ ହେବା ଇତ୍ୟାଦି ଶିଳ୍ପକୃତ) ବୈଚିତ୍ର୍ୟ କ୍ଷେତ୍ରରେ ବରାବର ଦର୍ଶକ ଅତିହାସର ସହିତ ଦୃଶ୍ୟ ଗ୍ରହଣ କରିବେ ॥୮॥ **ବାଙ୍ମୟୀ ସିଦ୍ଧି-** ଯେଉଁ ଧର୍ମ ବିଷୟ ଆଲୋଚନା ପ୍ରସଙ୍ଗ ହୋଇଥିବ କିମ୍ୱା ଜଣେ ଅନ୍ୟର ଅନ୍ୟାୟକୁ ପ୍ରତିବାଦ କରି ନ୍ୟାୟ ସଂଗତଯୁକ୍ତି ଖୁବ୍ ଜୋରରେ ଉପସ୍ଥାପନ କରୁଥିବ, ସେହି ସବୁ ସ୍ଥଳରେ ବାଃ, ହଁ, ଠିକ୍ ଠିକ୍ ବୋଲି ଦର୍ଶକ ମଧ୍ୟ କହିବା ଆବଶ୍ୟକ ॥ ୯ ॥ ଖୁସି ବା ବିସ୍ମୟ ସ୍ଥଳରେ ଲୋକେ ସ୍ୱଭାବତଃ ଓହୋ ବୋଲି କହିଥାନ୍ତି । ତେଣୁ ବିସ୍ମୟ ପ୍ରଭୃତି କ୍ଷେତ୍ରରେ ଏହା ଦର୍ଶକ କହିବା ଉଚିତ ॥ ୧୦ ॥ କରୁଣରସ ପ୍ରୟୋଗ ଚାଲିଯିବା ବେଳେ (ହରିଶ୍ଚନ୍ଦ୍ର ଶୈବ୍ୟା ସହିତ ରୋହିତାଶ୍ୱବିକ୍ରୟ) 'ଆହା' ବୋଲି ପଦିଏ କହିବା ଉଚିତ । ଆଖିରୁ ଲୁହ ବହି ଯାଉଥିବ 'କି କଷ୍ଟ' ବୋଲି କହିବ । (ନର୍ତ୍ତକ ନିଜ ସିଦ୍ଧିରେ ଖୁସି ହେବ) ବିସ୍ମୟ ଦୃଶ୍ୟମାନଙ୍କରେ ବଡ଼ ପାଟିର 'ବାହାବା' ଦେବ ॥ ୧୧ ॥ ନାଟକର ଦୃଶ୍ୟରେ ପାତ୍ରଦ୍ୱୟ ପରସ୍ପର ଗାଳିଗୁଲଜ କରୁଥିବା କ୍ଷେତ୍ରରେ ଯୌକ୍ତିକତା ଅନୁଭବ କରି ନିଜର କୌତୁହଳ ସୂଚକ ସ୍ପନ୍ଦନ କ୍ଷେତ୍ର ବିଶେଷରେ ବହୁମାନ (ଠିକ୍ ହୋଇଛି, ଏମିତି ହେବା ଦରକାର) ମଧ୍ୟ ପ୍ରକାଶ କରାଯାଇ ଥାଏ ॥ ୧୨ ॥

Digitized by srujanika@gmail.com

ଦୀପ୍ତପ୍ରଦ୍ୱେଷଂ କାବ୍ୟଂ ଯତ୍ ଛେଦ୍ୟଭେଦ୍ୟାହବାତ୍ମକମ୍ ।
ସବିଦ୍ରବମଥୋତ୍ପାତଂ ତଥା ଲଘୁ ନିଯୁଦ୍ଧକମ୍ ।। ୧୩ ।।
ସକମ୍ପିତାଂସକଗିରଃ ସାସ୍ରଂ ସୋଚ୍ଛାସମେବ ଚ ।
ତତ୍ ପ୍ରେକ୍ଷକୈସ୍ତୁ କୁଶଳୈଃ ସାଧ୍ୟମେବଂ ବିଧାନତଃ ।। ୧୪ ।।
ଏବଂ ସାଧୟିତବ୍ୟୈଷା ତଜ୍ଞୈଃ ସିଦ୍ଧିସ୍ତୁ ମାନୁଷୀ ।
ଦୈବିକୀ ସିଦ୍ଧିଃ - ଦୈବିକୀଂ ଚ ତଥା ସିଦ୍ଧିଂ କୀର୍ତ୍ତ୍ୟମାନାଂ ନିବୋଧତ ।।୧୫।।
ସା ସତ୍ତ୍ୱାତିଶୟା ଜ୍ଞେୟା ଭାବଯୁକ୍ତା ତଥୈବ ଚ ।
ନାଟ୍ୟେ ସଂପ୍ରେକ୍ଷକୈର୍ଜ୍ଞେୟା ନିତ୍ୟଂ ସିଦ୍ଧିସ୍ତୁ ଦୈବିକୀ ।। ୧୬ ।।
ନ ଶବ୍ଦେନୈବ ଚ କ୍ଷୋଭୋ ନ ଚୋତ୍ପାତନିଦର୍ଶନମ୍ ।
ସଂପୂର୍ଣ୍ଣତା ଚ ରଙ୍ଗସ୍ୟ ସା ସିଦ୍ଧି ଦୈବିକୀ ସ୍ମୃତା ।। ୧୭ ।।
ଏବଂ ସିଦ୍ଧିସ୍ତୁ ବିଜ୍ଞେୟା ସିଦ୍ଧିସ୍ତୁ ଦିବ୍ୟମାନୁଷୀ ।
ଅତଊର୍ଦ୍ଧ୍ୱଂ ପ୍ରବକ୍ଷ୍ୟାମି ଘାତାନ୍ ଦେବ ସମୁତ୍‌ଥିତାନ୍ ।। ୧୮ ।
ତ୍ରିବିଧା ଘାତାଃ- ଦୈବାତ୍ମପର ସମୁତ୍‌ଥା ସ୍ତ୍ରୀବିଧା ଘାତା ବୁଧୈସ୍ତୁ ବିଜ୍ଞେୟାଃ ।
ଔତ୍ପାତିକଶ୍ଚତୁର୍ଥଃ କଦାଚିଦପି ସମ୍ଭବତ୍ୟେବ ।। ୧୯ ।।

କାବ୍ୟ ବିଷୟ ବସ୍ତୁରେ ଖୋଲାଖୋଲି ବିଦ୍ୱେଷ ପ୍ରକାଶ ପାଉଥିବା କ୍ଷେତ୍ର । ଛେଦନ (ଖଣ୍ଡା) ଭେଦନ (ବର୍ଚ୍ଛା ମାଡ଼) ଯୁଦ୍ଧ ରୂପକ କ୍ଷେତ୍ର, ପଳାୟନ, ଭୂମିକମ୍ପ ପ୍ରଭୃତି ଉତ୍ପାତ, ତଥା ସାମାନ୍ୟ ବାହୁ ଯୁଦ୍ଧସ୍ଥଳରେ (ସ୍ଥାନ ଅନୁଯାୟୀ) ମୁଣ୍ଡ ହଲାଇ, କାନ୍ଧ ହଲାଇ, (ଅଶ୍ରୁ)ଲୁହ ଗଡ଼ାଇ, ବା ଦୀର୍ଘ ନିଃଶ୍ୱାସ ପକାଇ କୁଶଳୀ ପ୍ରେକ୍ଷକଗଣ ନୃତ୍ୟଶିଳ୍ପୀମାନଙ୍କ ପ୍ରଚେଷ୍ଟା ଗ୍ରହଣ କରିବେ । ବିଜ୍ଞପ୍ରେକ୍ଷକଙ୍କ ଉପରେ ଏହି ମାନୁଷୀ ସିଦ୍ଧି ନିର୍ଭର କରେ ଏଣୁ ସେମାନେ ଏହା କରିବେ ।। ୧୩,୧୪ ।।

ଦୈବୀ ସିଦ୍ଧି - ଦୈବୀ ସିଦ୍ଧି ବିଷୟରେ ବର୍ଣ୍ଣନା କରୁଅଛି ଶୁଣ - ଯେଉଁଥିରେ ସତ୍ତ୍ୱର ଆଧିକ୍ୟ ଅଛି ଓ ଭାବଗମ୍ଭୀର ପ୍ରେକ୍ଷକଗଣ ସେହି ସ୍ଥଳରେ ଦୈବୀ ସିଦ୍ଧି ନିଶ୍ଚିତ ଅଛି ବୋଲି ଅନୁଭବ କରିବେ ।। ୧୬ ।। କୌଣସି ଗୋଳମାଳ ନାହିଁ, ବିକ୍ଷୋଭ ନାହିଁ, ଉତ୍ପାତର ନିଦର୍ଶନ ମଧ୍ୟ ନାହିଁ, ରଙ୍ଗର ନିର୍ବିଘ୍ନ ସଂପୂର୍ଣ୍ଣତା ଏହି ଅବସ୍ଥା ଦୈବୀ ସିଦ୍ଧି ବୋଲି ଜାଣିବ ।। ୧୭ ।। ଏହିପରି ଦୈବୀ ଓ ମାନୁଷୀସିଦ୍ଧି ଦର୍ଶକମାନେ ଜାଣିବେ । ଏହାପରେ ଦୈବୀ ଘାତ(ବିଘ୍ନ) ବିଷୟରେ ବିଶଦ ଭାବରେ କହୁଅଛି ।। ୧୮ ।।

ତ୍ରିବିଧ ଘାତ- ଦୈବଆତ୍ମୋଦ୍‌ଭୂତ ଓ ପରୋଦ୍‌ଭୂତ ଏହିପରି ତିନିଟି ଘାତ ବୋଲି ପଣ୍ଡିତମାନେ ଜାଣିବା ଉଚିତ । ଚତୁର୍ଥ ଘାତ ଔତ୍ପାତିକ, ଏହା ମଧ୍ୟ କେବେକେବେ ହୋଇପାରେ ।। ୧୯ ।।

Digitized by srujanika@gmail.com

ବାତାଗ୍ନିବର୍ଷକୁଞ୍ଜରଭୁଜଙ୍ଗସଂକ୍ଷୋଭବଜ୍ରପତନାନି ।
କୀଟବ୍ୟାଳପିପୀଳିକାପଶୁପ୍ରବେଶନା ଶ୍ଚ ଦୈବକୃତାଃ ।। ୨୦ ।।
ଅଭିରଚିତ ବିସ୍ଫୋଟିତାନି ଅଥୋତ୍କୃଷ୍ଟ ତାଳିକା ପାତାଃ ।
ଗୋମୟ ଲୋଷ୍ଟ୍ର ତୃଣୋପଳ ବିକ୍ଷେପାଶ୍ଚସ୍ୟୁଃ ପରସଂଭୂତାଃ ।। ୨୧ ।।
ମାତ୍ସର୍ଯ୍ୟାଦ୍ ଦ୍ୱେଷାଦ୍ ବା ତତ୍ପକ୍ଷତ୍ୱାତ୍ ତଥାର୍ଥଭେଦାଦ୍ ବା ।
ଏତେ ପରପ୍ରଯୁକ୍ତା ଘାତା ଜ୍ଞେୟା ବୁଧୈର୍ନିତ୍ୟମ୍ ।। ୨୨ ।।
ଔତ୍ପାତିକା ସ୍ତଥା ସ୍ୟୁଃ କ୍ଷିତିକମ୍ପୋଲ୍କାଦି ବାତ ନିର୍ଘାତାଃ ।
ପୁନରାତ୍ମ ସମୁତ୍ଥା ଯେ ଘାତାସ୍ତାଂସ୍ତାନ୍ ସଂପ୍ରବକ୍ଷ୍ୟାମି ।। ୨୩ ।।
ବୈଲକ୍ଷ୍ୟମନ୍ୟଚେଷ୍ଟିତବିଭୂମିକତ୍ୱସ୍ମୃତିପ୍ରମୋକ୍ଷାଃ ସ୍ୟୁଃ ।
ଅନ୍ୟବଚନଂ ଚ କାବ୍ୟେ ତଥାର୍ତ୍ତନାଦୋ ବିହସ୍ତତ୍ୱମ୍ ।। ୨୪ ।।
ମୁକୁଟାଭରଣପ୍ରପତନପୁଷ୍କରବାଗ୍‌ଭୀତିଦୋଷାଶ୍ଚ ।
ଅତିହସିତ ରୁଦିତାନି ସିଦ୍ଧିବାଧପ୍ରମାଣ କରଣାନି ।
କୀଟ ପିପୀଲିକା ପାତାଃ ସିଦ୍ଧିଂ ସର୍ବାତ୍ମନା ଘ୍ନନ୍ତି ।। ୨୫ ।।

ଝଡ଼, ଅଗ୍ନି, (ଦୈବାତ୍ ପ୍ରେକ୍ଷାଳୟରେ ନିଆଁଲାଗିବା) ବୃଷ୍ଟି, ଗଜ, ସର୍ପ, ସଂକ୍ଷୋଭ (ଗୋଳମାଳ) ବଜ୍ରପାତ, କୀଟ, ବ୍ୟାଳ (ଧଣ, ଧୂଳିଆ ଜନ୍ଦା ପର୍ଯ୍ୟନ୍ତ, ଯେଉଁମାନେ ସରା ଅଶାନ୍ତି କରିପାରନ୍ତି) ପିମ୍ପୁଡ଼ି ମନ୍ଦା, ଷଣ୍ଢପୁରାଇବା ବା ପଶିଯିବା । ଏହି ସମସ୍ତ ଦୈବକୃତ ଘାତବୋଲି ଜାଣିବ ।। ୨୦ ।। ଚିତ୍କାର (ଗର୍ଜନ ହୋହଲ୍ଲା) ବିସ୍ଫୋଟିତ (ବାଣ ବା ବମ୍ ଫୁଟାଇବା) ବିରକ୍ତିକର ତାଳିମାଡ଼ ଗୋବର ଫିଙ୍ଗିବା, ଟେକା ଘାସକୁଟା, ପଥର ଫିଙ୍ଗିବା, ପରସମ୍ଭୂତ ଘାତ ବୋଲି ବିଜ୍ଞମାନେ ଜାଣିବେ । ମତ୍ସରଣ (ଅନ୍ୟ ପ୍ରଶଂସା ସହି ନ ପାରିବା) ଶତ୍ରୁତା, ଅନ୍ୟକୌଣସି ପାଟି ଦ୍ୱାରା ପ୍ରେରିତ କିମ୍ବା କୌଣସ ହିସାବ ଗୋଳମାଳ ଯୋଗୁଁ ଏଗୁଡ଼ିକ ପରପ୍ରଯୁକ୍ତ ଘାତ ହୋଇଥାଏ ବୋଲି ବୁଝିବ ।। ୨୧, ୨୨ ।। ଭୂମିକମ୍ପ, ଉଲ୍କାପାତ, ଝଡ଼ଝଞ୍ଜା, ଓ ବଜ୍ରପାତକୁ ଔତ୍ପାତିକ ବୋଲି ବୁଝିବ ।
ଆତ୍ମ ସମୁତ୍ଥ ଘାତ - ଏବେ ଆତ୍ମସମୁତ୍ଥ ଘାତ ବିଷୟ କହିବି-ଅପ୍ରସ୍ତୁତ ଅବସ୍ଥା (ମଞ୍ଚ ଦୁର୍ବଳତା।) ଅନ୍ୟମନସ୍କତା, ବିଭୂମିକତ୍ୱ (ଅଯୋଗ୍ୟ ପାତ୍ରଚୟନ ଯେ ଯେଉଁ ଭୂମିକା ପାଇଁ ଯୋଗ୍ୟ ନୁହେଁ, ମାଇଚିଆକୁ ସେନାପତି) ସ୍ମୃତିଭ୍ରଂଶ, ଅନ୍ୟବଚନ (ଅନ୍ୟ ପାତ୍ରର ବଚନିକାକୁ ଭୁଲରେ କହି ପକାଇବା) ଏ ସମସ୍ତ କାବ୍ୟଗତ, ଆର୍ତ୍ତନାଦ, ବିହସ୍ତତ୍ୱ (ବିଷୟ ଅନୁଯାୟୀ ହସ୍ତଚାଳନା ନକରି ଓଲଟାକରିବା, ଯାହାକୁ ଅଙ୍ଗୁଳି ଦେଖାଇବା କଥା ତାକୁ ନ ଦେଖାଇ ଅନ୍ୟକୁ ଦେଖାଇବା ଇତ୍ୟାଦି) ମୁକୁଟ ଓ ଅଳଙ୍କାର ରଙ୍ଗମଞ୍ଚରେ ଗଳି ପଡ଼ିବା (ବନ୍ଧା ଢ଼ୁଗୁଳା ଯୋଗୁଁ) ପୁଷ୍କର ବାଗ୍‌ଭୀତ (ପାଟି ଖଣିମାରିବା) ଏହିସମସ୍ତ ଦୋଷ ଆତ୍ମ ସମୁତ୍ଭୂତ ଅଟେ । ଅତିହାସ୍ୟ ଓ ଅତିଭୋଜନ ମଧ୍ୟ ସିଦ୍ଧିବାଧକ । କୀଟ ପିପୀଳିକା ପାତ (କାମୁଡୁଥିବା ଭଳି ପୋକ ଓ ପିମ୍ପୁଡ଼ି ରଙ୍ଗଭୂମିରେ ପଡ଼ିଲେ ସର୍ବଥା ସିଦ୍ଧିରେ ବାଧା ପହଞ୍ଚିଥାଏ ।।୨୩-୨୫।।

Digitized by srujanika@gmail.com

ମୁକୁଟାଭରଣ ନିପାତଃ ପ୍ରବୃଦ୍ଧନାଦଶ୍ଚ ନାଶକୋ ଭବତି ।
ପଶୁବିଶସନମପି ଜ୍ଞେୟଂ ବାଧାଜନନଂ ପ୍ରୟୋଗସ୍ୟ ।। ୨୬ ।।
ମୁକଟ ପ୍ରପତନ ମୁକ୍ତ୍ୱଷଘ୍ନଂ ସ୍ୱୈରଂ ଚେଦ୍ ତଥୈବ ପାଦଘ୍ନମ୍ ।
ବାଗ୍‌ଭୀତି ର୍ଭାଣ୍ଡଦୋଷାଃ ସିଦ୍ଧିଂ ସର୍ବାତ୍ମନା ଘ୍ନନ୍ତି ।। ୨୭ ।।
ଜ୍ଞେୟୌତୁ କାବ୍ୟଯୁକ୍ତୌଦ୍ୱୌ ଦୋଷାବପ୍ରତିକ୍ରିୟୌ ନିତ୍ୟମ୍ ।
ପ୍ରକୃତିବ୍ୟସନସମୁତ୍‌ଥଃ ଶେଷୋଦକ ନାଳିକାତ୍ଥଂ ଚ ।। ୨୮ ।।
ପୁନରୁକ୍ତଂ ହ୍ୟସମାସୋ ବିଭକ୍ତିଭେଦୋ ବିସନ୍ଧୟୋଦ୍ଧପାର୍ଥାଃ ।
ତ୍ରିଲିଙ୍ଗଜାଶ୍ଚ ଦୋଷାଃ ପ୍ରତ୍ୟକ୍ଷ ପରୋକ୍ଷ ସଂମୋହଃ ।। ୨୯ ।।
ଛନ୍ଦୋବୃତ୍ତତ୍ୟାଗୋ ଗୁରୁଲାଘବସଂକରୋ ଯତେର୍ଭେଦଃ ।
ଏତାନି ଯଥାସ୍ଥଳଂ ଘାତସ୍ଥାନାତି କାବ୍ୟସ୍ୟ ।। ୩୦ ।।
ବିସ୍ୱରମଜାତରାଗଂ ବର୍ଣ୍ଣସ୍ୱରସମ୍ପଦା ଚ ପରିହୀନମ୍ ।
ଅଜ୍ଞାତସ୍ଥାନଲୟଂ ସ୍ୱରଗତ ମେବଂ ବିଧିଂ ହନ୍ୟାଦ୍ ।। ୩୧ ।।

ମୁକୁଟ ତଥା ଅଳଙ୍କାର ଖସିପଡ଼ିବା, ରଡ଼ି ଛାଡ଼ିବା, ସିଦ୍ଧିନାଶକ ହୋଇଥାଏ । ପ୍ରୟୋଗ କାଳରେ (ନୃତ୍ୟଚାଲୁଥିବା ଅବସ୍ଥାରେ) ମଲା ଧଣ୍ଡ ପ୍ରଭୃତି ପକାଇଲେ ପ୍ରୟୋଗରେ ବାଧା ଜାତ ହୁଏ ।। ୨୬ ।। ମୁଣ୍ଡରୁ ମୁକୁଟ ଖସି ପଡ଼ିବା ଏକ ଅତ୍ୟନ୍ତ ଅଶୋଭନୀୟ । ଆପେ ଆପେ ଏହା ଖସି ପଡ଼ିଲେ ଭାବିବ ଯେ ସିଦ୍ଧିର ଏକପାଦ ନଷ୍ଟ (୧/୪) ହୋଇଗଲା । ମଞ୍ଚ ଉପରକୁ ଆସି ପାଟିରୁ କଥା ନ ବାହାରିଲେ ଅଥବା ବାଦ୍ୟ ବଜାଇବାରେ ବେତାଳ ହେଲେ ଦୃଶ୍ୟର ସିଦ୍ଧି ସଂପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଏ ।। ୨୭ ।। କାବ୍ୟ (ନାଟକ ପ୍ରୟୋଗ) ପାଇଁ ପ୍ରତିକାର ହୀନ ଦୋଷ ଦୁଇଟି ବୋଲି ଜାଣିବ । (୧) ପ୍ରାକୃତିକ ବିପର୍ଯ୍ୟୟ, (୨) ନାଳିକାରୁ ପାଣି ଶୁଖିଯିବା । (ସେ ସମୟରେ ଜଳଘଟୀ ଯନ୍ତ୍ର ବ୍ୟବହାର କରାଯାଉଥିଲା ସମୟ ଜାଣିବା ପାଇଁ । ଯଦି ରନ୍ଧ୍ର ବଡ଼ ହୋଇ ଯାଏ ତେବେ ଶୀଘ୍ର ପାଣି ସରିଗଲେ । ଅଥବା ରନ୍ଧ୍ରମୁହଁ ପ୍ରତିବନ୍ଧକରେ ବନ୍ଦ ହୋଇଗଲେ ଘଟୀଯନ୍ତ୍ର ଅକର୍ମଣ୍ୟ ହୋଇଯାଏ । ବ୍ୟବଧାନ ବା ସମୟର ଅବଧି ଜାଣି ହେବ ନାହିଁ ।) ।। ୨୮ ।। ପୁନରୁକ୍ତି, ସମାସ ହୀନତା, ବିଭକ୍ତି ଦୋଷ, ସନ୍ଧିହୀନତା, (ତଥା ଅପି) ଅପାର୍ଥ, (ଅର୍ଥହୀନ ପଦ ପ୍ରୟୋଗ ବା ସନ୍ଧିପରେ କି ଦୁଇ ପଦଯୋଗରେ ଅଶ୍ଳୀଳ ହେଉଥିବା ଶବ୍ଦ) ଭୁଲ ଲିଙ୍ଗ ପ୍ରୟୋଗ, ପ୍ରତ୍ୟକ୍ଷକୁ ପରୋକ୍ଷ ଓ ପରୋକ୍ଷକୁ ପ୍ରତ୍ୟକ୍ଷ ଭାବେ କହିବା, ଛନ୍ଦ ଓ ବୃତ୍ତି ନିୟମ ନମାନିବା, ଗୁରୁ ଲଘୁକୁ ମିଶାମିଶି କରିବା, ଯତି ବିଶ୍ରାମ ସ୍ଥାନକୁ ନ ମାନିବା, କାବ୍ୟରେ ସେହି ସେହି ସ୍ଥାନରେ ଏଗୁଡ଼ିକ ଘାତସ୍ଥାନ ଅଟନ୍ତି ।। ୨୯, ୩୦ ।। ବିକୃତସ୍ୱର, ରାଗ ଠିକ ନଥିବ, ବର୍ଣ୍ଣ ଓ ସ୍ୱର ନିୟମବିହୀନ ହୋଇଥିବ । ସ୍ଥାନ ଓ ଲୟ ଜଣାନଥିବ, ଏ ସମସ୍ତ ସ୍ୱରବିଧିକୁ ନାଶ କରିଥାଏ ।। ୩୧ ।।

Digitized by srujanika@gmail.com

ବିଷମଂ ମାର୍ଗବିହୀନଂ ବିମାର୍ଜନଂ ଚାକୁଳପ୍ରହାରଂ ଚ
ଅବିଭକ୍ତ ଗ୍ରହମୋକ୍ଷଂ ପୁଷ୍କରଗତମୀଦୃଶଂ ହନ୍ୟାତ୍ ।। ୩୨ ।।
ଅପ୍ରତିହାସ ସ୍ଖଳିତଂ ବିସ୍ୱରମୁଚ୍ଚାରଣଂ ଚ କାବ୍ୟସ୍ୟ ।
ଅସ୍ଥାନ ଭୂଷଣତ୍ୱଂ ମୁକୁଟ ନିପାତଶ୍ଚ ଭୂଷଣାଗ୍ରହଣମ୍ ।। ୩୩ ।।
ରଥ-ନାଗ-ବାଜି-କୁଞ୍ଜର-ଖରୋଷ୍ଟ୍ର-ଶିବିକା-ବିମାନ-ଯାନନାମ୍ ।
ଆରୋହଣାବତରଣେଷ୍ୱନଭିଜ୍ଞାତତ୍ୱଂ ବିହସ୍ତତ୍ୱମ୍ ।। ୩୪ ।।
ପ୍ରହରଣ କବଚାନାଂ ବାଦ୍ଧଯଥାବଦ୍ ଗ୍ରହଣଂ ସାଧନଂ ବାଦ୍ଧପି ।
ଅମୁକୁଟଭୂଷଣଯୋଗୋ ରଙ୍ଗେ ତୁ ଚିରପ୍ରବେଶୋ ବା ।। ୩୫ ।।
ଏଭିଃ ସ୍ଥାନବିଶେଷୈ ର୍ଘାତା ଲକ୍ଷ୍ୟାସ୍ତୁ ସୂରିଭିଃ କୁଶଳୈଃ ।
ଯୂପାଗ୍ନିଚୟନ ଦର୍ଭସ୍ରୁଗ୍ଭାଣ୍ଡ ପରିଗ୍ରହାଂସ୍ତ୍ୟକ୍ତ୍ୱା ।। ୩୬ ।।
ସିଦ୍ଧେର୍ମିଶ୍ରୋ ଘାତଃ ସର୍ବଗତ ଶ୍ଚୈକଦେଶଜୋଦ୍ଧପି ।
ନାଟ୍ୟକୁଶଳୈଃ ସଂଲେଖ୍ୟା ନୈବ ହି ସିଦ୍ଧିର୍ନ ଘାତଶ୍ଚ ।। ୩୭ ।।

ପ୍ରୋକ୍ତ ପୁଷ୍କର (ପଖଉଜ ବା ତବଲା) ଦୋଷ ମଧ୍ୟ ସିଦ୍ଧିରେ ବ୍ୟାଘାତ କରିଥାଏ । ବିଷମ (ସମତା ରକ୍ଷା କରୁ ନଥିବ) ବଣୁଆ ବଜାଉଥିବ (ରସ ଅନୁଯାୟୀ ସଂଳାପରେ ସାହାଯ୍ୟ କରୁନଥିବ) ବାଦ୍ୟଟି ନିଜେ ସଫା ବା ଭିଡ଼ା ଓ ପାଉଡ଼ର ଦିଆ ନହୋଇଥିବ । ଆକୁଳ ପ୍ରହାର (ଭୂତ ପରି ପିଟୁଥିବ) ଗୀତ ବା ସଂଳାପକୁ ଗ୍ରହଣ ଓ ମୋକ୍ଷଣ ବିଷୟରେ ବିଭାଗ ଠିକ ରଖୁ ନଥିବ ।। ୩୨ ।। ମନେ ନ ପଡ଼ିବାରୁ ସଂଳାପରୁ ବାକ୍ୟ ଛାଡ଼ି ଯିବା, ବିରୁଦ୍ଧ ସ୍ୱରରେ ଉଚ୍ଚାରଣ (କରୁଣରେ ଶୃଙ୍ଗାର ପରି ଶୃଙ୍ଗାରରେ ରୌଦ୍ରପରି) ଅଳଂକାରକୁ ଭୁଲ ପିନ୍ଧିବା, ମୁକୁଟ ଗଳି ପଡ଼ିବା, ଅଳଙ୍କାର ନ ପିନ୍ଧିବା ରଥ, ହାତୀ, ଘୋଡ଼ା, ବିଶିଷ୍ଟ ଆଟୋପରେ ଅଳଂକୃତ ହାତୀ, ଗଧ, ଓଟ, ଶିବିକା (ଶୁଆରୀ) ବିମାନ (ପାଲିଙ୍କି) ପ୍ରଭୃତିରେ ଚଢ଼ିବା ଓ ଓହ୍ଲାଇବା ନ ଜାଣି ଏହି ସମୟରେ ଖସି ପଡ଼ି ହାସ୍ୟ ସୃଷ୍ଟି କରିବ, କାବ୍ୟାର୍ଥ ବା ବାକ୍ୟାର୍ଥ ଅନୁଯାୟୀ ହାତ ନ ଚଳାଇବା, ଅସ୍ତ୍ର ଓ କବଚକୁ ଯଥାରୀତି ଧାରଣ ଓ ବ୍ୟବହାର କରି ନ ପାରିବା, ଯେଉଁ ସ୍ଥଳରେ (ଜାମ୍ବବାନ୍, ହନୁମାନ) ମୁଖା ଦରକାର ସେ ସ୍ଥଳରେ ମୁଖା ନ ନେବା, ଡେରି କରି ମଞ୍ଚକୁ ଯିବା, ଏହିସବୁ ସ୍ଥାନମାନଙ୍କରେ ଦକ୍ଷ ପଣ୍ଡିମାନେ ଘାତ ହେଲାବୋଲି ଲକ୍ଷ୍ୟ କରିବେ ।। ଯୂପକାଷ୍ଠ, ଅଗ୍ନିଚୟନ (ନାଟ୍ୟରେ ଯଜ୍ଞଥିଲେ ସେଥିପାଇଁ ଅଗ୍ନି ସଂସ୍କାର) କୁଶ, ସ୍ରୁବ, ଯଜ୍ଞରପାତ୍ର ଏସବୁକୁ ଧରିବେ ନାହିଁ ।। ସିଦ୍ଧିର ବ୍ୟାଘାତ (ତିନିପ୍ରକାର) ମିଶ୍ର, ସର୍ବଗତ ଓ ଏକଦେଶଜ (ଆଂଶିକ) ।। ୩୩-୩୬ ।। ପ୍ରକୃତରେ ନାଟ୍ୟ ନିପୁଣ ବ୍ୟକ୍ତି ସିଦ୍ଧି ବା ଘାତ ଏସବୁ ଧରିବେ ନାହିଁ ।। ୩୭ ।।

Digitized by srujanika@gmail.com

ସିଦ୍ଧିର୍ବା ଘାତୋବା ସର୍ବଗତୋ ବ୍ୟକ୍ତଲକ୍ଷଣୋ ବହୁଶଃ ।
ଯସ୍ତ୍ୱେକଦେଶଜାତଃ ନ ପ୍ରତ୍ୟବରୋହି ଲେଖ୍ୟସ୍ତୁ ॥ ୩୮ ॥
ଝର୍ଝରମୋକ୍ଷସ୍ୟାନ୍ତର୍ନାଳିକସିଦ୍ଧିଶ୍ଚ ଲେଖ୍ୟସିଦ୍ଧିଶ୍ଚ ।
କର୍ତ୍ତବ୍ୟା ତ୍ୱିହ ସତତଂ ନାଟ୍ୟେଦ୍ଧସ୍ମିନ୍ ପ୍ରାଶ୍ନିକୈଃ ସମ୍ୟକ୍ ॥ ୩୯ ॥
ନାନ୍ଦୀତ୍ରୁଟିଃ-ଯୋଦ୍ଧନ୍ୟସ୍ୟ ମହେ ମୂଢ଼ୋ ନାନ୍ଦୀଶ୍ଳୋକଂ ପଠେଦନ୍ୟସ୍ୟ ।
ଦେବସ୍ୟ ପୂର୍ବରଙ୍ଗେ ଚ ଘାତ ସ୍ତସ୍ୟାପି ବିଲେଖ୍ୟଃ ସ୍ୟାତ୍ ॥ ୪୦ ॥
ପ୍ରକ୍ଷେପଃ-ଯୋଦ୍ଧନ୍ୟସ୍ୟ କବେଃ କାବ୍ୟଂ କାବ୍ୟେନ ମିଶ୍ରୟେତ୍ ତଥାନ୍ୟେନ ।
ତସ୍ୟାପି ବଳାଦ୍ରଙ୍ଗେ ତଜ୍ଞୈ ର୍ଘାତୋ ବିଲେଖ୍ୟସ୍ତୁ ॥ ୪୧ ॥
ଯୋଦ୍ଧନ୍ୟସ୍ୟ କବେର୍ନାମ୍ନା କାବ୍ୟେନ ମିଶ୍ରୟେନ୍ ମୋହାତ୍ ।
ନିର୍ଦ୍ଦିଷ୍ଟ ଦୋଷତୋଦ୍ଧସ୍ମିନ୍ ସିଦ୍ଧ୍ୟା ଲେଖ୍ୟୋ ବୁଧୈଃ କ୍ରମଶଃ ॥ ୪୨ ॥
ଯୋ ଦେଶବେଶଭାଷାବ୍ୟପେତ ମପିଚ ପ୍ରଯୋଜୟେତ୍ କାବ୍ୟମ୍ ।
ତସ୍ୟାପି ବିଲେଖ୍ୟଃ ସ୍ୟାତ୍ ଘାତୋ ଦେଶବିଧୌ ତଜ୍ଞୈଶ୍ଚ ॥ ୪୩ ॥
କଃ ଶକ୍ତୋ ନାଟ୍ୟ-ବିଧୌ ଯଥାବଦୁପପାଦନେ ପ୍ରୟୋଗେ ଚ ।
ଧୃଷ୍ଟୋ ବ୍ୟଗ୍ରମନା ବା ଯଥାବଦୁକ୍ତଂ ପରିଜ୍ଞାତୁମ୍ ॥ ୪୪ ॥

ସିଦ୍ଧି ହେଉ ବା ଘାତ ହେଉ ସବୁଠାରେ ବହୁ ଭାବରେ ଲକ୍ଷଣ ଅନୁଯାୟୀ ଦେଖିଲେ ଜଣାପଡ଼ିବ । କିନ୍ତୁ କୌଣସି ସ୍ଥଳରେ ଆଂଶିକ ଦୋଷକୁ ଗ୍ରହଣକରିବ ନାହିଁ । ଉପର ଠଉରିଆ କରି ଛାଡ଼ିଯିବ ॥ ୩୮ ॥

ନାନ୍ଦୀ ତ୍ରୁଟି- ନାଟ୍ୟରେ ଝର୍ଝର ଅବତରଣ ପରେ ପ୍ରାଶ୍ନିକ (ସମାଲୋଚକମାନେ) ଗଣ ନାଳିକ ସିଦ୍ଧି (ଜଳଘଣ୍ଟା ଠିକ ଅଛି କି ନାହିଁ) ଓ ଲେଖାସିଦ୍ଧି (ମୂଳ ନାଟକ ବହି) ବରାବର କରିବା ଉଚିତ୍ ॥ ୩୯ ॥ ଯେଉଁ ମୂର୍ଖ ଗୋଟିଏ ଦେବତାର ପୂଜା କରିବାକୁ ଯାଇ ଅନ୍ୟଦେବତାର ସ୍ତୋତ୍ରାତ୍ମକ ନାନ୍ଦୀ ଶ୍ଳୋକ ପାଠକରେ ଏହାକୁ ପୂର୍ବ ରଙ୍ଗରେ ତାହାର ଘାତ ହେଲା ବୋଲି ଗ୍ରହଣ କରାଯିବ ॥ ୪୦ ॥

ପ୍ରକ୍ଷେପ- ଯେଉଁ ପ୍ରଯୋକ୍ତା ଜଣେ କବିର ଲିଖିତ ଦୃଶ୍ୟକୁ ଆଉ ଜଣଙ୍କ ଲିଖିତ ଦୃଶ୍ୟରେ ମିଶାଇଥାଏ, ବିଜ୍ଞମାନେ ଏହାକୁ ରଙ୍ଗମଞ୍ଚୀୟ ଦୋଷ ବୋଲି ଗ୍ରହଣ କରିବେ ॥ ୪୧ ॥ ଯେ ନ ଜାଣି ଅନ୍ୟ କବିର ନାଟକର ବା କବିର ନାମ ଭୁଲରେ ପ୍ରଯୋଗ କରେ ନାଟକର ପ୍ରଯୋଗ ସିଦ୍ଧିଯୁକ୍ତ ହେଲେ ମଧ୍ୟ ସିଦ୍ଧିସହିତ ଘାତକୁ ବି ଗ୍ରହଣ ଯଥାକ୍ରମେ କରାଯିବ ॥୪୨॥ ଯେ ଦେଶ, ବେଶ, ଭାଷା, ବିରୁଦ୍ଧ ବା ବିଚ୍ୟୁତ ଭାବରେ କାବ୍ୟ ପ୍ରଯୋଗ କରିବେ, ବିଜ୍ଞମାନେ ତାଙ୍କର ସେହିକ୍ଷେତ୍ରରେ ସେହି ସେହି ଅଂଶରେ ଦୋଷ (ଘାତ) ଗ୍ରହଣ କରିବେ ॥ ୪୩ ॥ କୌଣସି ଧୃଷ୍ଟ ବା ବ୍ୟାକୁଳ ଚିତ୍ତ ବ୍ୟକ୍ତି ନାଟ୍ୟବିଧିର ଯଥାଯଥ ରଚନା ବା ଆଙ୍ଗିକ ବାଚିକ ପ୍ରଯୋଗ ଯାହା କୁହାଗଲା ତାହା ଜାଣି ପାରିବ ନାହିଁ ॥ ୪୪ ॥

Digitized by srujanika@gmail.com

ତସ୍ମାଦ୍ ଗମ୍ଭୀରାର୍ଥାଃ ଶବ୍ଦା ଯେ ଲୋକବେଦ ସଂସିଦ୍ଧାଃ ।
ସର୍ବଜନେନ ଗ୍ରାହ୍ୟାଃ ସଂଯୋଜ୍ୟା ନାଟକେ ବିଧିବତ୍ ।। ୪୫ ।।
ନଚ କିଞ୍ଚିଦ୍ ଗୁଣହୀନଂ ଦୋଷୈଃ ପରିବର୍ଜିତଂନ ବା କିଞ୍ଚିତ୍ ।
ତସ୍ମାନ୍ନାଟ୍ୟପ୍ରକୃତୌ ଦୋଷା ନାତ୍ୟର୍ଥତୋ ଗ୍ରାହ୍ୟାଃ ।। ୪୬ ।।
ନାଦରସ୍ତୁ କାର୍ଯୋନଟେନ ଗୌଣବାଗଙ୍ଗସତ୍ତ୍ୱ ନେପଥ୍ୟେ ।
ରସଭାବନୃତ୍ତଗୀତାତୋଦ୍ୟେ ଲୋକଯୁକ୍ତ୍ୟାଂତୁ ।। ୪୭ ।।
ଏବମେତଦ୍ଧି ବିଜ୍ଞେୟଂ ସିଦ୍ଧୀନାଂ ଲକ୍ଷଣଂ ବୁଧୈଃ ।
ଅତଊର୍ଦ୍ଧ୍ୱଂ ପ୍ରବକ୍ଷ୍ୟାମି ପ୍ରେକ୍ଷକାଣାଂ ତୁ ଲକ୍ଷଣମ୍ ।। ୪୮ ।।
ଦର୍ଶକଲକ୍ଷଣମ୍-ଚାରିତ୍ରାଭିଜନୋପେତାଃ ଶାନ୍ତବୃତ୍ତାଃ ଶ୍ରୁତାନ୍ୱିତାଃ ।
ଯଶୋଧର୍ମରତାଶ୍ଚୈବ ମଧ୍ୟସ୍ଥା ବୟସାନ୍ୱିତାଃ ।। ୪୯ ।।
ଷଡଙ୍ଗ ନାଟ୍ୟକୁଶଳାଃ ପ୍ରବୁଦ୍ଧାଃ ଶୁଚୟଃ ସମାଃ ।
ଚତୁରାତୋଦ୍ୟକୁଶଳାଃ ନେପଥ୍ୟଜ୍ଞାଃ ସୁଧାର୍ମିକାଃ ।। ୫୦ ।।
ଦେଶଭାଷାବିଧାନଜ୍ଞାଃ କଳାଶିଳ୍ପବିଚକ୍ଷଣାଃ ।
ଚତୁର୍ଥାଭିନୟଜ୍ଞାଶ୍ଚ ସୂକ୍ଷ୍ମଜ୍ଞା ରସଭାବୟୋଃ ।। ୫୧ ।।
ଶବ୍ଦଚ୍ଛନ୍ଦୋ ବିଧାନଜ୍ଞା ନାନାଶାସ୍ତ୍ରବିଚକ୍ଷଣାଃ ।
ଏବଂ ବିଧାସ୍ତୁ କର୍ତ୍ତବ୍ୟାଃ ପ୍ରେକ୍ଷକା ନାଟ୍ୟଦର୍ଶନେ ।। ୫୨ ।।

ତେଣୁ ଲୋକ ସମାଜ ଓ ବେଦରେ ବ୍ୟବହୃତ ଗମ୍ଭୀରାର୍ଥ ବୋଧକ ଶବ୍ଦ ହେଲେ ମଧ୍ୟ ସର୍ବଜନବୋଧ୍ୟ ହେଉଥିବ ଏହିପରି ଭାଷାରେ ବିଧିବଦ୍ ନାଟକ ସଂଯୋଜନା କରିବ ।।୪୫।। କୌଣସି ଶବ୍ଦ, ଅର୍ଥ ବା ବସ୍ତୁ ଗୁଣହୀନ ବା ଦୋଷହୀନ ହୋଇ ସଂସାରରେ ନାହିଁ । ତେଣୁ ନାଟ୍ୟ ପ୍ରୟୋଗ କ୍ଷେତ୍ରରେ ବିଶେଷ ଦୋଷ ଗ୍ରହଣ କରିବ ନାହିଁ।। ୪୬ ।। ଅପେକ୍ଷାକୃତ ନିମ୍ନସ୍ତରର ବାକ୍ ଅଙ୍ଗ ସତ୍ତ୍ୱ ଓ ନେପଥ୍ୟରେ ନଟ ଆଗ୍ରହ ପ୍ରକାଶ କରିବା ଉଚିତ ନୁହେଁ। ସେହିପରି ରସ ଭାବ, ନୃତ୍ତ, ଗୀତ, ଆତୋଦ୍ୟ, (ବାଦ୍ୟରାଶି) ଏବଂ ସମାଜ ପ୍ରଚଳିତ ପ୍ରଥାରେ ମଧ୍ୟ ନିମ୍ନସ୍ତରକୁ ଆଗ୍ରହ କରିବ ନାହିଁ।। ୪୭ ପଣ୍ଡିତମାନେ ଏହିପରି ସିଦ୍ଧିଗୁଡ଼ିକର ଲକ୍ଷଣମାନ ବୁଝିବେ । ଏହାପରେ ଦର୍ଶକମାନଙ୍କ ଲକ୍ଷଣ ବିଷୟରେ କହିବି ।। ୪୮ ।।
ଦର୍ଶକ ଲକ୍ଷଣ-ସଚ୍ଚରିତ୍ର, ସଦ୍‌ବଂଶଜ, ଶାନ୍ତଚରିତ, ବିଦ୍ୟାବାନ୍, ଯଶସ୍ୱୀ, ଧାର୍ମିକ, ପକ୍ଷପାତଶୂନ୍ୟ, ବୟସ୍କ, ଶିକ୍ଷା କଳ୍ପ ପ୍ରଭୃତି ଷଡ୍‌ବେଦାଙ୍ଗ ଓ ନାଟ୍ୟବେଦରେ ଦକ୍ଷ, ଅନନ୍ୟମନସ୍କ, ପବିତ୍ର, ସମସ୍ତ ରସରେ ସମାନ ରସିକ ଚତୁର, ବାଦ୍ୟାଦି ବିଷୟରେ ବିଜ୍ଞ, ଦେଶ ଭୂଷା ବିଷୟକ ଜ୍ଞାନବାନ୍, ବେଶଧର୍ମ ବିଷୟରେ ଜ୍ଞାନଯୁକ୍ତ ଦେଶର ଭାଷା ଓ ବିଧାନ ବିଜ୍ଞ, କଳା ଓ ଶିଳ୍ପ ଅଭିଜ୍ଞ, ଚାରି ପ୍ରକାର ଅଭିନୟ ବିଷୟରେ (ବାଚିକ ଆଙ୍ଗିକ, ଆହାର୍ଯ୍ୟ ସାତ୍ତ୍ୱିକ) ଜ୍ଞାନବାନ୍ ରସ ଓ ଭାବର ସୂକ୍ଷ୍ମଦର୍ଶୀ, ଶବ୍ଦ ଓ ଛନ୍ଦର ବିଧାନଜ୍ଞ, ପ୍ରାୟ ସମସ୍ତ ଶାସ୍ତ୍ର ପ୍ରବେଶ ଥିବ, ନାଟ୍ୟ ଦର୍ଶନ ପାଇଁ ଏହିପରି ପ୍ରେକ୍ଷକଙ୍କୁ (ନିମନ୍ତ୍ରଣ) କରିବ ।।୪୯,୫୦,୫୧,୫୨।।

Digitized by srujanika@gmail.com

ଅବ୍ୟଗ୍ରୈ ରିନ୍ଦ୍ରିୟୈଃ ଶୁଦ୍ଧ ଊହାପୋହବିଶାରଦଃ ।
ତ୍ୟକ୍ତଦୋଷୋଽନୁରାଗୀ ଚ ସ ନାଟ୍ୟେ ପ୍ରେକ୍ଷକଃ ସ୍ମୃତଃ ॥ ୫୩ ॥
ଯଃ ତୁଷ୍ଟୌ ତୁଷ୍ଟିମାୟାତି ଶୋକେ ଶୋକମୁପୈତି ଚ ।
ଦୈନ୍ୟେ ଦୀନତ୍ୱ ମଭ୍ୟେତି ସ ନାଟ୍ୟେ ପ୍ରେକ୍ଷକଃ ସ୍ମୃତଃ ॥ ୫୪ ।
ନ ଚୈବୈତେ ଗୁଣାଃ ସର୍ବେ ଏକସ୍ମିନ୍ ପ୍ରେକ୍ଷକେ ସ୍ମୃତାଃ ।
ତସ୍ମାଦ୍ ବହୁତ୍ୱାଦ୍ ଜ୍ଞାନାନାମଚଳତ୍ୱାଦାୟୁଷସ୍ତଥା ॥ ୫୫ ॥
ଉତ୍ତମାଧମମଧ୍ୟାନାଂ ସଂକୀର୍ଣ୍ଣାୟାଂ ତୁ ପର୍ଷଦି ।
ନ ଶକ୍ୟ ମଧମୈ ର୍ଜ୍ଞାତୁ ମୁତ୍ତମାନାଂ ବିଚେଷ୍ଟିତମ୍ ॥ ୫୬ ॥
ଯଦ୍ୟସ୍ୟ ଶିଳ୍ପଂ ନେପଥ୍ୟଂ କର୍ମବାକ୍ ଚେଷ୍ଟିତଂ ତଥା ।
ତସ୍ୟ ତେନୈବ ତତ୍ସାଧ୍ୟଂ ସ୍ୱକର୍ମ ବିଷୟାଶ୍ରୟମ୍ ॥ ୫୭ ॥

ଦର୍ଶକାନାଂ ଶ୍ରେଣୀବିଭାଗଃ ମାନସିକତା ଚ -

ନାନାଶୀଳାଃ ପ୍ରକୃତୟଃ ଶୀଳେ ନାଟ୍ୟଂ ପ୍ରତିଷ୍ଠିତମ୍ ।
ଉତ୍ତମାଧମମଧ୍ୟାନାଂ ବୃଦ୍ଧବାଳିଶଯୋଷିତାମ୍ ॥ ୫୮ ॥
ତୁଷ୍ୟନ୍ତି ତରୁଣାଃ କାମେ ବିଦଗ୍ଧାଃ ସମୟାଶ୍ରିତେ ।
ଅର୍ଥେଷ୍ୱର୍ଥପରାଶ୍ଚୈବ ମୋକ୍ଷେଷ୍ୱଥ ବିରାଗିଣଃ ॥ ୫୯ ॥
ଶୂରା ବୀଭତ୍ସ ରୌଦ୍ରେଷୁ ନିଯୁଦ୍ଧେଷ୍ୱାହବେଷୁ ଚ ।
ଧର୍ମାଖ୍ୟାନ ପୁରାଣେଷୁ ବୃଦ୍ଧାସ୍ତୁଷ୍ୟନ୍ତି ନିତ୍ୟଶଃ ॥ ୬୦ ॥

ଧୀରସ୍ଥିର ପବିତ୍ର ମତି ଯୁକ୍ତି ଓ ପ୍ରତିଯୁକ୍ତି ବିଚାରରେ ଦକ୍ଷ ନିର୍ଦ୍ଦୋଷ ଏବଂ ନାଟ୍ୟପ୍ରତି ଅନୁରାଗୀ ଲୋକ ନାଟ୍ୟର ପ୍ରେକ୍ଷକ ହିସାବରେ ସ୍ୱୀକୃତ ହୁଅନ୍ତି ॥ ୫୩ ॥ ଖୁସି ପ୍ରସଙ୍ଗ ପଡ଼ିଲେ ଯେ ଖୁସି ହୋଇ ଯାଆନ୍ତି, ଶୋକ ପ୍ରସଙ୍ଗରେ ଯାହା ଆଖିରୁ ଲୁହ ଗଡ଼ିଆସେ, ଦୁଃଖ ସମସ୍ୟାରେ ଦୁଃଖିତ ହୁଅନ୍ତି ସେହିବ୍ୟକ୍ତି ହିଁ ନାଟକର ପ୍ରେକ୍ଷକ ॥ ୫୪ ॥ ଜଣେ ମାତ୍ର ଦର୍ଶକଠାରେ ଏତେଗୁଡ଼ିଏ ଗୁଣ ରହିବା ସମ୍ଭବ ନୁହେଁ । ଜ୍ଞାନ ଅମାପ, ମାତ୍ର ପରମାୟୁ ସୀମିତ । ସଭାରେ ଉତ୍ତମ ମଧ୍ୟମ ଅଧମ ସମସ୍ତେ ବସିବେ । କିନ୍ତୁ ଅଧମ ଉତ୍ତମଙ୍କ ବିଚାର ଗ୍ରହଣ କରି ପାରିବେ ନାହିଁ ॥ ୫୫-୫୬ ॥ ବାକ୍ୟ ଓ ଭୂମିକା ନିର୍ଣ୍ଣୟ କରାଯାଇଅଛି । ସେହି ସବୁକୁ ସେହି ସେହି ଉପାୟରେ ସାଧନ କରିବା ଉଚିତ ॥ ୫୭ ॥ **ଦର୍ଶକମାନଙ୍କର ଶ୍ରେଣୀ ବିଭାଗ ଓ ମାନସିକତା -** ଶ୍ରୋତାମାନେ ବିଭିନ୍ନ ସ୍ୱଭାବର ଅଟନ୍ତି । ଲୋକସ୍ୱଭାବ ଉପରେ ହିଁ ନାଟକ ପ୍ରତିଷ୍ଠିତ ଅଟେ । ଉତ୍ତମ, ମଧ୍ୟମ ଅଧମ ଓ ଆବାଳବୃଦ୍ଧ ବନିତା ସମସ୍ତଙ୍କର ସ୍ୱଭାବ ନାଟ୍ୟର ଅପେକ୍ଷିତ ॥ ୫୮ ॥ ଯୁବକମାନେ ଶୃଙ୍ଗାରରେ, ପଣ୍ଡିତମାନେ ସାମୟିକ ସମସ୍ୟା ଉପରେ ଅର୍ଥପର ଲୋକମାନେ ଅର୍ଥରେ, ଉଦାସିଆ ଲୋକମାନେ ମୋକ୍ଷ ପ୍ରସଙ୍ଗରେ ଆନନ୍ଦ ଲାଭ କରନ୍ତି ॥ ୫୯ ॥ ବୀରମାନେ ବୀଭତ୍ସ, ରୌଦ୍ର ଓ ବୀର ରସରେ, ବାହୁ ଯୁଦ୍ଧ ଏବଂ ଅସ୍ତ୍ରଯୁଦ୍ଧରେ ଏବଂ ବୃଦ୍ଧମାନେ ବରାବର ଧର୍ମକଥା ଓ ପୁରାଣ କଥାରେ ଖୁସି ହୁଅନ୍ତି ॥ ୬୦ ॥

Digitized by srujanika@gmail.com

ବାଳା ମୂର୍ଖାଃ ସ୍ତ୍ରିୟଶ୍ଚୈବ ହାସ୍ୟନେପଥ୍ୟୟୋଃ ସଦା ।
ଏବଂ ଭାବାନୁକରଣେ ଯୋ ଯସ୍ମିନ୍ ପ୍ରବିଶେନ୍ନରଃ ॥ ୬୧ ॥
ପ୍ରେକ୍ଷକସ୍ତୁ ସ ମନ୍ତବ୍ୟୋ ଗୁଣୈରେତୈ ରଳଂକୃତଃ ।
ଏବଂ ତେ ପ୍ରେକ୍ଷକା ଜ୍ଞେୟାଃ ପ୍ରୟୋଗେ ନାଟ୍ୟସଂଶ୍ରୟେ ॥ ୬୨ ॥
ପ୍ରାଶ୍ନିବାଃ-ସଂଘର୍ଷେ ଚ ସମୁତ୍ପନ୍ନେ ପ୍ରାଶ୍ନିକାନ୍ ସଂନିବୋଧତ ।
ଯଜ୍ଞବିନ୍ନର୍ତ୍ତକ ଶ୍ଚୈବ ଛନ୍ଦୋବିଦ୍ ଶବ୍ଦବିନ୍ନୃପଃ ॥ ୬୩ ॥
ଇଷ୍ୱାସ ଶ୍ଚିତ୍ରବିଦ୍ ବେଶ୍ୟା ଗନ୍ଧର୍ବୋ ରାଜସେବକଃ ।
ଯଜ୍ଞବିଦ୍ ଯଜ୍ଞଯୋଗେ ଚ ନର୍ତ୍ତକୋଽଭିନୟେ ତଥା ॥ ୬୪ ॥
ଛନ୍ଦୋବିଦ୍ ନୃତ୍ତବନ୍ଧେତୁ ଶବ୍ଦବିଦ୍ ପାଠ୍ୟବିସ୍ତରେ ।
ବିଭୂତିଗୁଣ ସଂଯୋଗେ ତଥାନ୍ତଃ ପୁରଚେଷ୍ଟିତେ ॥ ୬୫ ॥
ରାଜାତ୍ମଚରିତେ ଚ ସ୍ୟାଦ୍ ଇଷ୍ୱାସଃ ସୌଷ୍ଠବେ ତଥା ।
ପ୍ରଣାମକୃତି ଚେଷ୍ଟାସୁ ବସ୍ତ୍ରାଭରଣଯୋଜନେ ।
ନାଟ୍ୟମୂଳେ ଚ ନେପଥ୍ୟେ ଚିତ୍ରକୃଦ୍ ସଂପ୍ରଶସ୍ୟତେ ॥ ୬୬ ॥
କାମୋପଚାରେ ବେଶ୍ୟା ଚ ଗନ୍ଧର୍ବଃ ସ୍ୱରତାଳୟୋଃ ।
ସେବକସ୍ତୂପଚାରେ ଚ ଦଶୈତେ ପ୍ରାଶ୍ନିକାଃ ସ୍ମୃତାଃ ॥ ୬୭ ॥
ଏଭିର୍ଧର୍ମ ମଭିପ୍ରେକ୍ଷ୍ୟ ଦୋଷାବାଚ୍ୟା ସ୍ତଥା ଗୁଣାଃ ।
ଅଶାସ୍ତ୍ରଜ୍ଞେ ବିବାଦୋ ହି ଯଦାଭବତି କର୍ମତଃ ॥ ୬୮ ॥
ତଦୈତେ ପ୍ରାଶ୍ନିକା ଜ୍ଞେୟା ଗଦିତା ଯେ ମୟାନଘାଃ ।
ଶାସ୍ତ୍ରଜ୍ଞାନେ ଯଦା ତୁ ସ୍ୟାଦ୍ ସଂଘର୍ଷଃ ଶାସ୍ତ୍ରସଂଶ୍ରୟଃ ॥ ୬୯ ॥

ପିଲାମାନେ ସାଧାରଣ ମୂଳିଆ ଶ୍ରେଣୀର ଲୋକ ଏବଂ ସରଳସ୍ତ୍ରୀଲୋକମାନେ ହାସ୍ୟରସ ଓ ସାଜସଜା ଏବଂ ପୋଷାକରେ ମଜି ଯାଆନ୍ତି । ଏହି ପରି ଭାବରେ ଭାବାନୁକରଣ ବିଷୟରେ ଯେଉଁଲୋକ ଯେଉଁଥିରେ ଖୁସି ହେବ ସେହି ଗୁଣରେ ଅଳଂକୃତ ସେହି ଲୋକ ସେହି ବିଷୟ ପାଇଁ ପ୍ରେକ୍ଷକ ବୋଲି ଗ୍ରହଣ କରିବ । ଏହି ଗୁଣରେ ଅଳଂକୃତ ପ୍ରେକ୍ଷକ ବୋଲି ନାଟ୍ୟ ପରିବେଶରେ ଗ୍ରହଣ କରାଯିବ ॥ ୬୧, ୬୨) ପ୍ରାଶ୍ନିକ (ବିଚାରକ) : କୌଣସି ସଂଘର୍ଷ ପରିସ୍ଥିତି ପଡ଼ିଲେ ପ୍ରାଶ୍ନିକମାନଙ୍କ ଆବଶ୍ୟକତା ମନେ ରଖିବ । ସେମାନେ ହେଲେ- ଯାଜ୍ଞିକ, ନର୍ତ୍ତକ, ଛନ୍ଦଶାସ୍ତ୍ରଜ୍ଞ, ଶାବ୍ଦିକ, ରାଜା, ଧନୁର୍ବୀର, ଚିତ୍ରବିଦ୍, ବେଶ୍ୟା, ଗନ୍ଧର୍ବ (ବାଦ୍ୟକରଗଣ) ରାଜସେବକ ଯଜ୍ଞ ପ୍ରସଙ୍ଗରେ ଯାଜ୍ଞିକ, ଅଭିନୟ ବିଷୟରେ ନର୍ତ୍ତକ, ଛନ୍ଦ ଅଭିଜ୍ଞ ସଂଗୀତରେ, ଶାବ୍ଦିକ କାବ୍ୟର ବାକ୍ୟ ଓ ବ୍ୟାକରଣ ବିଷୟରେ, ରାଜା ମର୍ଯ୍ୟାଦା, ଶାସନ, ଅନ୍ତଃପୁର ଚେଷ୍ଟା ଓ ଆତ୍ମଚରିତରେ, ଧନୁର୍ଦ୍ଧର ଯୁଦ୍ଧାଭିନୟ ନିର୍ଦୋଷତାରେ, ଚିତ୍ରକର ପ୍ରଣାମ, କୃତି, ଚେଷ୍ଟା ଏବଂ ବସ୍ତ୍ର ଆଭରଣ ଯୋଜନାରେ ସଂପୂର୍ଣ୍ଣ ପ୍ରଶଂସାଯୋଗ୍ୟ (ବିଚାରକ) ପ୍ରାଶ୍ନିକ ଅଟନ୍ତି ॥ ୬୩-୬୬ ॥ ଶୃଙ୍ଗାର ରସ ପରିସରରେ କାମୋ ପଚାର ସ୍ଥଳରେ ବେଶ୍ୟା, ସ୍ୱରତାଳ ବିଷୟରେ ଗନ୍ଧର୍ବ, ରାଜସେବକ ଉପଚାର ବିଧାନରେ । ଏହି ଦଶ ପ୍ରକାର ପ୍ରାଶ୍ନିକ ସେହି ସେହି ବିଷୟ ମାନଙ୍କ ପାଇଁ ଅଟନ୍ତି ॥ ୬୭ ॥

Digitized by srujanika@gmail.com

ଶାସ୍ତ୍ରପ୍ରମାଣ ନିର୍ମାଣୋ ବ୍ୟବହାରୋ ଭବେତ୍ ତତଃ ।
ଅଭିନୟ ବିତର୍କଃ-ସ୍ୱାମି ନିୟୋଗାଦନ୍ୟୋନ୍ୟବିଗ୍ରହସ୍ପର୍ଦ୍ଧୟା ଚ ଭରତାନାମ୍ ॥୭୦॥
ଅର୍ଥପତାକାହେତୋଃ ସଂଘର୍ଷୋନାମ ସଂଭବତି ।
ମୀମାଂସା ପଦ୍ଧତିଃ-ତେଷାଂ ବ୍ୟବହାର ଗତାବପକ୍ଷପାତେନ ଦର୍ଶନଂ କାର୍ଯ୍ୟମ୍ ॥୭୧॥
କୃତ୍ୱା ପଣଂ ପତାକା ସଂବ୍ୟବହାରଂ ଗମୟିତବ୍ୟମ୍ ।
ଦୋଷଲେଖା-ତୈଃ ସଦ୍‌ଭାବିତମତିଭିଃ ସୁଖୋପବିଷ୍ଟୈ ର୍ବିଶୁଦ୍ଧଭାବୈଶ୍ଚ ॥୭୨॥
ଲେଖକ ଗଣକ ସହାୟୈଃ ସିଦ୍ଧେର୍ଘାତାଃ ସମଭିଲେଖ୍ୟାଃ ।
ନାତ୍ୟାସନ୍ନୈ ର୍ନଚ ଦୂରସ୍ଥିତିଭିଃ ପ୍ରେକ୍ଷକୈଶ୍ଚ ଭବିତବ୍ୟମ୍ ॥ ୭୩ ॥
ତେଷାମାସନଯୋଗୋ ଦ୍ୱାଦଶ ହସ୍ତସ୍ଥିତିଃ କାର୍ଯ୍ୟା ।
ଯାନି ବିହିତାନି ପୂର୍ବଂ ସିଦ୍ଧିସ୍ଥାନାନି ତାନି ଲକ୍ଷ୍ୟାଣି ।
ଘାତାଶ୍ଚ ଲକ୍ଷଣୀୟାଃ ଯଥୋଦ୍‌ଥିତା ନାଟ୍ୟଯୋଗେ ତୁ ॥ ୭୪ ॥
ଉପେକ୍ଷଣୀୟାଃ ଦୋଷାଃ-
ଦୈବୋତ୍ପାତ ସମୁଦ୍‌ଥାଃ ପରୋଦ୍‌ଥିତା ବା ବୁଧୈ ର୍ନ ଲିଖିତବ୍ୟାଃ ।
ଘାତା ନାଟ୍ୟସମୁତ୍‌ଥା ହ୍ୟାତ୍ମସମୁଦ୍‌ଥାସ୍ତୁ ଲେଖ୍ୟାଃ ସ୍ୟୁଃ ॥ ୭୫ ॥

ଏମାନେ ଧର୍ମକୁ ଚାହିଁ ଦୋଷ ଓ ଗୁଣର ବିଚାର କରିବେ । ଯେତେବେଳେ କାର୍ଯ୍ୟକ୍ଷେତ୍ରରେ (ପ୍ରୟୋଗବେଳେ) ଅଶାସ୍ତ୍ରଜ୍ଞ (ମୂର୍ଖଗୁଡ଼ାକ)ମାନେ କଳିହଗଡ଼ା କରିବେ, ସେହି ସମୟରେ ପ୍ରାଶ୍ନିକ (ବିଚାରକ) ଭାବରେ ଯେଉଁ ନିଷ୍ପାପମାନଙ୍କୁ ମୁଁ କହିଲି ସେହିମାନେ ହିଁ ଶାସ୍ତ୍ରଜ୍ଞାନ ଓ ବିଚାର ଦେଇ ସଂଘର୍ଷର ମୀମାଂସା କରିବେ । ଶାସ୍ତ୍ର ପ୍ରମାଣ ଦ୍ୱାରା ଲୋକ (ସମାଜ) ବ୍ୟବହାର ନିର୍ମିତ ହେବ ॥ ୬୯ ॥
ସଂଘର୍ଷ ହେବା କାରଣ- ମାଲିକଙ୍କ ବରାଦ (ନାଟ୍ୟଦଳର ମ୍ୟାନେଜର ଅଥବା ଆଞ୍ଚଳିକ ପ୍ରଭୁ) ପରସ୍ପରକୁ ଟପିଯିବା ଆସ୍ପର୍ଦ୍ଧା, କିମ୍ବା ପୁରସ୍କାରର ଅର୍ଥ ଓ ପତାକା (ଶିରିପା) ସକାଶେ ସଂଘର୍ଷଟା ହୋଇଥାଏ ॥ ୭୦ ॥ ସେଗୁଡ଼ିକୁ ପ୍ରଚଳିତ ପ୍ରଥା ଅନୁଯାୟୀ ପକ୍ଷପାତ ନ କରି ଟିକିଏ ଭଲ କରି ଦେଖିବା ଉଚିତ ॥ ୭୧ ॥ ପତାକାକ୍ଷେତ୍ରରେ (ଶିରିପା) ଆବଶ୍ୟକ ମନେ କଲେ ଶ୍ରେଷ୍ଠ ବିବେଚିତ ଦୁହିଁଙ୍କ ମଧ୍ୟରେ ଆଉ ଗୋଟିଏ ପ୍ରତିଯୋଗିତାକରି ପତାକା ବ୍ୟବହାର ନିର୍ଣ୍ଣୟ କରିବା ଉଚିତ । **ଦୋଷଲେଖା** - ସେମାନେ ସମସ୍ତେ ଖାଇପିଇ ସୁଖରେ ବସିବେ (ହୋହଲ୍ଲା ପରିସ୍ଥିତି ନଥିବ) । ଶାନ୍ତମନ ହୋଇଥିବ, ସେହି ସମୟରେ ଲେଖକ ଓ ଗଣକଙ୍କ ସହିତ ମିଶି ସିଦ୍ଧିର ଘାତ ବିଷୟରେ ବିଚାର ଆରମ୍ଭ କରିବ ॥ ଦର୍ଶକମାନଙ୍କର ବସିବା ସ୍ଥାନ-ଦର୍ଶକମାନେ ଖୁବ ନିକଟରେ ବା ଅତି ଦୂରରେ ବସିବେ ନାହିଁ ॥ ୭୨, ୭୩ ॥ ରଙ୍ଗଭୂମିଠାରୁ ବାରହାତ ଦୂରରେ ସେମାନଙ୍କର ଆସନ ବ୍ୟବସ୍ଥା କରାଯିବ । ସେମାନେ ପୂର୍ବରୁ ନାଟ୍ୟାଭିନୟରେ ବିହିତ ସିଦ୍ଧିସ୍ଥାନ ଗୁଡ଼ିକୁ ଲକ୍ଷ୍ୟ କରିବେ । ନାଟ୍ୟ ପ୍ରୟୋଗରେ ଯେଉଁସବୁ ଘାତମାନ ହେବ ତାହା ମଧ୍ୟ ଲକ୍ଷ୍ୟ କରିବେ ॥ ୭୪ ॥ ଅଗ୍ରାହ୍ୟ ଦୋଷ - ଦୈବୀ ଉତ୍ପାତ ବା ଶତ୍ରୁ (ବିବାଦୀ) ଦ୍ୱାରା କରାଯାଉଥିବା ଗୋଳମାଳକୁ ଧରିବେ ନାହିଁ । ପଣ୍ଡିତମାନେ କେବଳ ନାଟକର ଭାବଗତ ଏବଂ ନଟମାନଙ୍କର ଅଭିନୟ (ଚାରିପ୍ରକାର) ଗତ ଦୋଷ ବିଚାର କରିବେ ॥ ୭୫ ॥

Digitized by srujanika@gmail.com

ଘାତା ଯସ୍ୟ ତ୍ୱଳ୍ପସଂଖ୍ୟାତାଃ ସିଦ୍ଧୟଶ୍ଚ ବହୁଧା ସ୍ୟୁଃ ।
ବିଦିତଂ କୃତ୍ୱା ରାଜ୍ଞେ ତସ୍ମୈ ଦେୟା ପତାକା ତୁ ।। ୭୬ ।।

ପତାକାଦାନ ପଦ୍ଧତିଃ-

ସମକର୍ମଗୁଣାଃ ସ୍ୟୁଃ ତସ୍ମିନ୍ ଭରତାଃ ପ୍ରୟୋଗେ ତଥାକୁଶଳାଃ ।
ସିଦ୍ଧ୍ୟଧିକେ ତୁ ପତାକା ସମସିଦ୍ଧୌ ବାଦ୍ଧବଜ୍ଞୟା ନୃପତେଃ ।। ୭୭ ।।
ଅଥ ନରପତିଃ ସମଃସ୍ୟାଦ୍ ଉଭାବପି ତୁ ଲକ୍ଷଣୀୟୌ ତୌ ।
ଏବଂ ବିଧିଜ୍ଞୈ ର୍ଦ୍ରଷ୍ଟବ୍ୟଂ ବ୍ୟବହାରସମଞ୍ଜସମ୍ ।। ୭୮ ।।
ସ୍ୱସ୍ଥଚିତ୍ତୈଃ ସୁଖାସୀନୈଃ ସୁବିଶିଷ୍ଟୈର୍ଗୁଣାଦଦ୍ଭିଃ ।
ବିମୃଶ୍ୟ ପ୍ରେକ୍ଷକୈର୍ଗ୍ରାହ୍ୟଂ ସର୍ବରାଗପରାଙ୍ମୁଖୈଃ ।। ୭୯ ।।
ସାଧନଂ ଦୂଷଣାଭାସଂ ପ୍ରୟୋଗସମୟାଶ୍ରିତୈଃ ।
ସମତ୍ୱମଙ୍ଗମାଧୁର୍ଯ୍ୟଂ ପାଠ୍ୟଂ ପ୍ରକୃତୟୋ ରସାଃ ।। ୮୦ ।।
ଗାନଂ ବାଦ୍ୟଂ ସନେପଥ୍ୟମେତଜ୍ଜ୍ଞେୟଂ ପ୍ରଯତ୍ନତଃ ।
ଧ୍ରୁବାଣାଂ ଗାନଯୋଗେ ତୁ କାଳାନ୍ତରକଳାସୁ ଚ ।। ୮୧ ।।
ଯଦଙ୍ଗଂ କ୍ରିୟତେ ନାଟ୍ୟେ ସମନ୍ତାଦ୍ ସମମୁଚ୍ୟତେ ।
ଅଙ୍ଗୋପାଙ୍ଗସମାଯୋଗଂ ଗୀତତାଳଲୟାନ୍ୱିତମ୍ ।। ୮୨ ।।

ଯେଉଁ କ୍ଷେତ୍ରରେ ଯାହାର ଘାତ ଅଳପ, ସିଦ୍ଧି ଅଧିକ ହୋଇଥିବ, ରାଜାଙ୍କୁ ଜଣାଇ ତାହାକୁ ପତାକା ଦେବା ବ୍ୟବସ୍ଥା କରିବେ ।। ୭୬ ।। **ପତାକାଦାନ ପଦ୍ଧତି-** ଅଭିନେତାମାନେ ସମାନ ଅଭିନୟ କରୁଥିବେ । ପ୍ରୟୋଗରେ ସମସ୍ତେ କୁଶଳୀଥିବେ । କିନ୍ତୁ ଯାହାର ସିଦ୍ଧି(ନମ୍ବର) ଅଧିକ ତାକୁ ହିଁ ପତାକା ଦିଆଯିବ । ସମାନ ସିଦ୍ଧି କ୍ଷେତ୍ରରେ ମଧ୍ୟ ରାଜାଙ୍କ ଆଦେଶରେ ଜଣକୁ ବା ସମୂହକୁ ବା ସମସ୍ତ ବ୍ୟକ୍ତିଙ୍କୁ ଦିଆଯାଇପାରେ ।। ୭୭ ।। ଯଦି ରାଜା ପ୍ରତିଯୋଗୀ ଦୁହିଁଙ୍କୁ ସମାନ ଦୃଷ୍ଟିରେ ଦେଖନ୍ତି ତେବେ ଉଭୟଙ୍କୁ ପତାକା ଦିଆଯାଇପାରେ, ବିଧିଜ୍ଞମାନେ ଏହି ବ୍ୟବହାର ସାମଞ୍ଜସ୍ୟ ଦେଖିବେ ।। ୭୮ ।। ଧୀରଶାନ୍ତ ମନରେ ସୁଖରେ ବସି ବିଶେଷଜ୍ଞ ପ୍ରେକ୍ଷକଗଣ ସମସ୍ତ ପ୍ରକାର ଆସକ୍ତି, ବା ବିରକ୍ତିରୁ ଦୂରରେ ରହି ବିଚାର କରି ଗୁଣମାନ (ନାଟକର ଓ ପାତ୍ରମାନଙ୍କର) ଗ୍ରହଣ କରିବା ଉଚିତ ।। ୭୯ ।। ସେମାନେ ଅଭିନୟ, ଅଭିନୟର ପ୍ରଥାଗତ ସାମାନ୍ୟ ଦୋଷ, ସମୟାଶ୍ରିତ ପ୍ରୟୋଗ, ସମତା (ମିଳିତ ଅଭିନୟ-ଜଣେ କହୁଥିବାବେଳେ ଯାହାକୁ କହୁଥିବ ସେ ଆଉ ଆଡକୁ ଚାହିଁବା ମିଳିତ ଦୋଷ ଏହାର ଅଭାବ ସମତା) ଅଙ୍ଗସଞ୍ଚାର ମଧୁରତା, ନାଟ୍ୟବଚନିକା, ଏବଂ ଆରମ୍ଭଠାରୁ ଉପସଂହାର ପର୍ଯ୍ୟନ୍ତ ପାଞ୍ଚଟି ଅର୍ଥ ପ୍ରକୃତି, ରସ ପ୍ରୟୋଗ, ଗାନ, ବାଦ୍ୟ, ବେଶସଜ୍ଜା (ନେପଥ୍ୟ) ଏହି ସବୁକୁ ଯତ୍ନରେ ଦେଖିବେ ।। ଧ୍ରୁବାମାନଙ୍କର ଗାନ ଯୋଗରେ (ପାଞ୍ଚଶ୍ରେଣୀର ଧ୍ରୁବା ବିଷୟ ୩୨ଶ ଅଧ୍ୟାୟରେ ବିଶ୍ଲିଷ୍ଟ ଭାବେ କୁହାଯାଇଅଛି) କାଳାନ୍ତର କଳା (ତାଳଯୁକ୍ତ ନୃତ୍ୟ)ରେ ନାଟ୍ୟରେ ଯେଉଁ ଅଙ୍ଗଭଙ୍ଗୀ କରାଯାଏ ଏହି ଏକକାଳିକ ଯୋଗକୁ ସମ କୁହାଯାଏ । ଯେଉଁ ନାଟ୍ୟରେ ଗୀତ ତାଳ ଓ ଲୟଯୁକ୍ତ ତଥା ଉପାଙ୍ଗ ଯୋଗ ସହିତ ଭାଣ୍ଡ ବାଦ୍ୟର (ପଖଉଜ, ତବଲା, ଏବଂ ମାଠିଆରେ ମଧ୍ୟ ଏକବାଦ୍ୟ ବଜାଯାଏ ତାହା) ତାଳକୁ ସମବୋଲି କୁହାଯାଏ ।।୮୦-୮୨।।

Digitized by srujanika@gmail.com

ଭାଣ୍ଡବାଦ୍ୟଂ ସମଂଚୈବ ଯସ୍ମିଂସ୍ତତ୍ ସମମୁଚ୍ୟତେ ।
ଅଙ୍ଗସୌନ୍ଦର୍ଯ୍ୟମ୍- ଅନିର୍ଭଗ୍ନମୁରଃ କୃତ୍ୱା ଚତୁରସ୍ରାୟତୌ ଭୁଜୌ ॥ ୮୩ ॥
ଗ୍ରୀବାଞ୍ଚିତା ତଥା କାର୍ଯ୍ୟା ଅଙ୍ଗମାଧୁର୍ଯ୍ୟ ମୁଚ୍ୟତେ ।
ପୂର୍ବୋକ୍ତାନୀହ ଶେଷାଣି ଯାନି ସାଧ୍ୟାନି ସାଧକୈଃ ॥ ୮୪ ॥
ବାଦ୍ୟଂ ପ୍ରକୃତୟୋ ଗାନଂ ବକ୍ଷ୍ୟମାଣାନି ନିର୍ଦ୍ଦିଶେତ୍ ।
ଯାନି ସ୍ଥାନାନି ସିଦ୍ଧୀନାଂ ତୈଃ ସିଦ୍ଧିଂତୁ ପ୍ରକାଶୟେତ୍ ॥ ୮୫ ॥
ହର୍ଷାଦଙ୍ଗସମୁଦ୍‌ଭୂତାଂ ନାନାରସସମୁତ୍‌ଥିତାମ୍ ।
ଅଭିନୟକାଳଃ-ବାରଃ କାଳଶ୍ଚ ବିଜ୍ଞେୟୋ ବିବିଧୋନାଟ୍ୟ ଯୋକ୍ତୃଭିଃ ॥୮୬॥
ଦିବସଶ୍ଚୈବ ରାତ୍ରିଶ୍ଚ ବିଶେଷାସ୍ଥାନୟୋଃ ସ୍ମୃତାଃ ।
ପୂର୍ବାହ୍ଣସ୍ତ୍ୱଥ ମଧ୍ୟାହ୍ନଃ ତ୍ୱପରାହ୍ଣ ସ୍ତଥୈବ ଚ ॥ ୮୭ ॥
ଦିବା ସମୁତ୍‌ଥିତାବେତୌ ନାଟ୍ୟବାରୌ ପ୍ରକୀର୍ତ୍ତିତୌ ।
ପ୍ରାଦୋଷିକାର୍ଦ୍ଧରାତ୍ରଶ୍ଚ ତଥା ପ୍ରାଭାତିକୋଽପିଚ ॥ ୮୮ ॥
ନାଟ୍ୟବାରାଃ ଭବନ୍ତ୍ୟେତେ ରାତ୍ରିଗର୍ଭସମାଶ୍ରିତାଃ ।
ଏତେଷାଂ ତୁ ଯଥାଯୋଗ୍ୟଂ ନାଟ୍ୟଂ କାର୍ଯ୍ୟଂ ରସାଶ୍ରୟମ୍ ॥ ୮୯ ॥
ତଦହଂ ସଂପ୍ରବକ୍ଷ୍ୟାମି ବାରଂ କାଳସମୁତ୍‌ଥିତମ୍ ।
ଯତ୍ ଶ୍ରୋତ୍ରରମଣୀୟଂ ସ୍ୟାତ୍ ଧର୍ମାଖ୍ୟାନକୃତଂ ତଥା ॥ ୯୦ ॥

ଅଙ୍ଗ ସୌନ୍ଦର୍ଯ୍ୟ- ବକ୍ଷଦେଶ ଅବନତ ହେବ ନାହିଁ, ସମାନ ଭାବେ ଲମ୍ବିରହିବ ହାତ ଦୁଇଟି । ଗ୍ରୀବା ଟିକିଏ କଡକୁ ଅଣେଇ ରହିବ । ଏହାକୁ ଅଙ୍ଗମାଧୁର୍ଯ୍ୟ କୁହାଯାଏ ॥ ୮୨-୮୩ ॥ ପୂର୍ବରୁ କୁହାଯାଇଥିବା ବିଷୟର ଅବଶିଷ୍ଟ ଯାହା ରହିଲା ସାଧକମାନେ ସେ ସମସ୍ତ ସାଧନ କରିବେ । ଆଗକୁ କୁହାଯିବା ବାଦ୍ୟ ଓ ପ୍ରକୃତି (ପାତ୍ରର ଭୂମିକା) ଓ ଗାନ ବିଷୟରେ ମନ ଦେବେ । ସିଦ୍ଧିର ଯାହାସବୁ କାରଣ ସେହିମାନଙ୍କ ସାହାଯ୍ୟରେ ସିଦ୍ଧିକୁ ପ୍ରକାଶ କରିବ ॥ ୮୩-୮୫ ॥ ନିଜେ ଖୁସି ରହି ନାନାରସକୁ ନିଜ ଅଙ୍ଗରେ ଫୁଟାଇଲେ ସିଦ୍ଧି ମିଳେ ॥ ୮୬ ॥ **ଅଭିନୟ କାଳ-**ନାଟ୍ୟ ପ୍ରୟୋକ୍ତାମାନେ ବାର (ଥର କେତେ ଥର) ଓ ସମୟ ମଧ୍ୟ ଜାଣିବା ଉଚିତ ॥୮୬ ॥ ଦିନ ଓ ରାତି ଏବଂ ଏହି ଦୁଇଟି ମଧ୍ୟରେ ନିର୍ଦ୍ଦିଷ୍ଟ ସମୟ ଜାଣିବା କଥା । ପୂର୍ବାହ୍ଣ, ମଧ୍ୟାହ୍ନ, ଅପରାହ୍ଣ, ଦିନରେ ଏହି ଦୁଇଟି ନାଟ୍ୟକାର ବୋଲି ପରିଚିତ ॥ (ତିନିଟି କହି ପରେ ଦୁଇ କହିବା ଅର୍ଥ ପୂର୍ବାହ୍ଣ ଆରମ୍ଭ ମଧ୍ୟାହ୍ନକୁ ଗ୍ରାସ କରିବ । ମଧ୍ୟାହ୍ନ-ଆରମ୍ଭ ଅପରାହ୍ଣକୁ ଧରିଯିବ) ପ୍ରାଦୋଷିକ, ଅର୍ଦ୍ଧରାତ୍ର, ପ୍ରାଭାତିକ, ରାତ୍ରି ମଧ୍ୟରେ ଏହି ତିନିଥର ନାଟ୍ୟବାର ହୋଇଥାଏ । ଯଥାଯୋଗ୍ୟ ରସାଶ୍ରିତ ନାଟ୍ୟକୁ ମୁଁ କହୁଛି ॥ ୮୭-୮୯ ॥ ତେଣୁ ମୁଁ ସମୟୋଚିତ ବାର ବିଷୟରେ କହିବି । ଧର୍ମ ଆଖ୍ୟାନ (ପୁରାଣ ଅଖ୍ୟାୟିକା) ସମ୍ପର୍କୀୟ ହୋଇ (କାନକୁ ଭଲ ଶୁଭୁଥିବ) ଶ୍ରୋତ୍ର ରମଣୀୟ ହୋଇଥିବ, ଏହା ଶୁଦ୍ଧ ହେଉ ଅଥବା ସାମାନ୍ୟ ବିଭିନ୍ନ ରସ ମିଶିମିଶି ହେଉ । ଯେଉଁଥିରେ ଶ୍ରୋତା ବା ଦର୍ଶକଙ୍କର ସତ୍ତ୍ୱଶକ୍ତିର ଅଭ୍ୟୁଦୟ ହେବ ଏବଂ ବାଦ୍ୟ ବହୁଳ ହୋଇଥିବ । ଏହିପରି କାବ୍ୟ ମଧ୍ୟାହ୍ନରେ ପର୍ଯ୍ୟାପ୍ତ ସିଦ୍ଧି ଯୁକ୍ତ ହୁଏ ।

Digitized by srujanika@gmail.com

ତଦ୍ ପୂର୍ବାହ୍ନେ ବୁଧୈଃ କାର୍ଯ୍ୟଂ ଶୁଦ୍ଧଂତୁ ବିକୃତଂ ତଥା ।
ସତ୍ତ୍ୱୋଦ୍ଥାନଗୁଣୈର୍ଯୁକ୍ତଂ ବାଦ୍ୟଭୂୟିଷ୍ଠମେବ ଚ ॥ ୯୧ ॥
ପୁଷ୍କଳଂ ସିଦ୍ଧିଯୁକ୍ତଂ ତୁ ଅପରାହ୍ନେ ପ୍ରୟୋଜୟେଦ୍ ।
କୈଶିକୀବୃତ୍ତି ସଂଯୁକ୍ତଂ ଶୃଙ୍ଗାରରସସଂଶ୍ରୟମ୍ ॥ ୯୨ ॥
ଗୀତବାଦିତ୍ରଭୂୟିଷ୍ଠଂ ପ୍ରଦୋଷେ ନାଟ୍ୟମିଷ୍ୟତେ ।
ଯନ୍ନର୍ମ ହାସ୍ୟ ସଂଯୁକ୍ତଂ କରୁଣପ୍ରାୟମେବ ଚ ॥ ୯୩ ॥
ପ୍ରଭାତକାଳେ ତଦ୍ କାର୍ଯ୍ୟଂ ନାଟ୍ୟଂ ନିଦ୍ରାବିନାଶନମ୍ ।
ଅର୍ଦ୍ଧରାତ୍ରେ ନ ଯୁଞ୍ଜୀତ ନ ମଧ୍ୟାହ୍ନେ ତଥୈବଚ ॥ ୯୪ ॥
ସନ୍ଧ୍ୟାଭୋଜନ କାଳେ ଚ ନାଟ୍ୟଂ ନ ଚ କଦାଚନ ।
ଏବଂ କାଳଂ ଚ ଦେଶଂ ଚ ପ୍ରସମୀକ୍ଷ୍ୟ ସସଂଶ୍ରୟମ୍ ॥ ୯୫ ॥
ନାଟ୍ୟକାଳଂ ପ୍ରଯୁଞ୍ଜୀତ ଯଥାଭାବଂ ଯଥାରସମ୍ ।
କାଳବ୍ୟତିକ୍ରମଃ-ଅଥବା ଦେଶକାଳୌ ତୁ ନ ପରୀକ୍ଷ୍ୟୌ କଦାଚନ ॥ ୯୬ ॥
ଯତ୍ର ବାଞ୍ଛାପୟେଦ୍ ଭର୍ତ୍ତା ତତ୍ର ଯୋଜ୍ୟମସଂଶୟମ୍ ।
ତଦା ସମୁଦିତାଶ୍ଚୈବ ପ୍ରୟୋଗା ନାଟକାଶ୍ରୟାଃ ॥ ୯୭ ॥
ପାତ୍ରଂ ପ୍ରୟୋଗମୃଦ୍ଧିଶ୍ଚ ବିଜ୍ଞେୟାସ୍ତୁ ତ୍ରୟୋ ଗୁଣାଃ ।
ନଟଗୁଣାଃ-ବୁଦ୍ଧି ସତ୍ତ୍ୱସ୍ୱରୂପଂ ଚ ଲୟତାଳଜ୍ଞତା ତଥା ॥ ୯୮ ॥

ଏଣୁ ଏହାକୁ ଦେଖାଇ ପ୍ରୟୋଗ କରିବ ॥ ପ୍ରଦୋଷ (ସାୟାହ୍ନ)ରେ କୈଶିକୀ ବୃତ୍ତି ସଂଯୁକ୍ତ ଓ ଶୃଙ୍ଗାର ରସାଶ୍ରିତ ନାଟକ ପ୍ରୟୋଗ କରାଯିବ । ଗୀତ ଏବଂ ବାଦ୍ୟ ଏଥିରେ ପ୍ରଚୁର ରହିବ । ମଧୁରିଆ ହାସ ପରିହାସରେ ଭରି ରହିଥିଲେ ମଧ୍ୟ ଦୟା ଦାକ୍ଷିଣ୍ୟ ବିଷୟ ହୋଇଥିବ ଏହିପରି ନାଟକ ଶେଷ ରାତ୍ରରେ କରାଯିବ । ଯାହା କି ପ୍ରଭାତ ନିଦ୍ରାନାଶକ ହେବ । ଅଧରାତି କିମ୍ବା ମଧ୍ୟାହ୍ନରେ ନାଟ୍ୟ ପ୍ରୟୋଗ କରିବ ନାହିଁ ॥୯୦-୯୪॥ ସନ୍ଧ୍ୟା ସମୟରେ ଏବଂ ଭୋଜନ ସମୟରେ ନାଟ୍ୟ ପ୍ରୟୋଗ କେବେହେଲେ କରିବ ନାହିଁ । ଏହିପରି କାଳ ଓ ଦେଶ ବିଚାରକରି ସବୁ ସୁବିଧା ଦେଖି ରସ ଓ ଭାବକୁ ସମୟୋପଯୋଗୀ ଭାବରେ ବିଚାରି ନାଟ୍ୟର ସମୟ ନିର୍ଦ୍ଧାରଣ କରିବ ॥ ୯୫ ॥

କାଳବ୍ୟତିକ୍ରମ-ଯେଉଁଠାରେ ମାଲିକ ଆଦେଶ ଦେବେ ସେ କ୍ଷେତ୍ରରେ ଦେଶ କାଳର ବିଚାର କରାଯିବ ନାହିଁ । ନିଶ୍ଚୟ ନାଟ୍ୟଯୋଜନା କରାଯିବ । ପାତ୍ର, ପ୍ରୟୋଗ, ଋଦ୍ଧି ଏହି ତିନିଟି ନାଟକର ଗୁଣ ବୋଲି ଜାଣିବ । ଏହା ଠିକ୍ ରହିଲେ ତେବେ ଯାଇ ନାଟକାଶ୍ରିତ ପ୍ରୟୋଗ ପରିପୂର୍ଣ୍ଣ ହୋଇ ଉଠିବ ॥ ୯୬-୯୭ ॥ **ନଟମାନଙ୍କ ଗୁଣ**- ବୁଦ୍ଧି, ସତ୍ତ୍ୱ, ସ୍ୱରୂପ, ଲୟ ଓ ତାଳର ଜ୍ଞାନ, ରସ ଓ ଭାବ ଜ୍ଞାନ, ଉପଯୁକ୍ତ ବୟସ (ଯେଉଁ ଭୂମିକା ପାଇଁ ଯେଉଁ ବୟସ ଅପେକ୍ଷିତ) କୁତୂହଳ (ଆଗ୍ରହ) ଜ୍ଞାନ ଓ କଳାବିଷୟକୁ ଗ୍ରହଣ କରି (ଗୁରୁଙ୍କଠାରୁ) ମନେ

Digitized by srujanika@gmail.com

ରସଭାବଜ୍ଞତା ଚୈବ ବୟସ୍ଥତ୍ୱଂ କୁତୂହଳମ୍ ।
ଗ୍ରହଣଂ ଧାରଣଂ ଚୈବ ଗାନଂ ନାଟ୍ୟକୃତଂ ତଥା ॥ ୯୯ ॥
ଢିତସାଧ୍ୱସତୋତ୍ସାହାବିତି ପାତ୍ରଗତୋ ବିଧିଃ ।
ଆଦର୍ଶଃ ଅଭିନୟଃ-ସୁବାଦ୍ୟତା ସୁଗାନତ୍ୱଂ ସୁପାଠ୍ୟତ୍ୱଂ ତଥୈବ ଚ ॥ ୧୦୦ ॥
ଶାସ୍ତ୍ରକର୍ମସମାଯୋଗଃ ପ୍ରୟୋଗଃ ସତୁ ସଂଜ୍ଞିତଃ ।
ସମୃଦ୍ଧିଃ- ସୁବିଭୂଷଣତା ଯାତୁ ସୁମାଲ୍ୟାମ୍ବରତା ତଥା ॥ ୧୦୧ ॥
ଯା ତ୍ୱଙ୍ଗରଚନା ଚୈବ ସମୃଦ୍ଧିରିତି ସା ସ୍ମୃତା ।
ଉତ୍ତମାଭିନୟଃ- ଯଦା ସର୍ବେ ସମୁଦିତା ଏକୀଭୂତା ଭବନ୍ତି ହି ।
ଅଳଙ୍କାରଃ ସତୁ ତଥା ମନ୍ତବ୍ୟୋ ନାଟ୍ୟଯୋକ୍ତୃଭିଃ ॥ ୧୦୨ ॥
ଏତଦୁକ୍ତଂ ମୟା ସମ୍ୟକ୍ ସିଦ୍ଧୀନାଂ ଲକ୍ଷଣଂ ଦ୍ୱିଜାଃ ।
ଅତଊର୍ଦ୍ଧ୍ୱଂ ପ୍ରବକ୍ଷ୍ୟାମି ଆତୋଦ୍ୟାନାଂ ବିକଳ୍ପନମ୍ ॥ ୧୦୩ ॥

ଇତି ଭରତନାଟ୍ୟ ଶାସ୍ତ୍ରେ ସିଦ୍ଧିବ୍ୟଞ୍ଜକୋ ନାମ
ସପ୍ତବିଂଶଃ ଅଧ୍ୟାୟଃ ।

ରଖିବା, ନାଟ୍ୟାନ୍ତର୍ଗତଗାନ ଉପରେ ଧାରଣା, ନିର୍ଭୀକତା, ଉତ୍ସାହ ଏହି ସମସ୍ତ ଗୁଣ ପାତ୍ରମାନଙ୍କଠାରେ ରହିବା ଉଚିତ ॥ ୯୮, ୯୯ ॥ ସୁନ୍ଦର ରୁଚିଶୀଳ ବାଦ୍ୟ, ମନୋହର ଗାନ, ବାକ୍ୟାବଳୀର ମଧୁର ଉଚ୍ଚାରଣ ଏବଂ ଶାସ୍ତ୍ର (ନାଟ୍ୟଶାସ୍ତ୍ର ଓ ଧର୍ମ-ବେଦ-ପୁରାଣ ପ୍ରଭୃତି) ସମନ୍ୱୟ ଏସବୁ ମିଳିଲେ ପ୍ରୟୋଗ ବୋଲି କୁହାଯାଇଥାଏ ।

ସମୃଦ୍ଧି- ଅଳଙ୍କାରମାନଙ୍କର ସୁନ୍ଦର ବିନ୍ୟାସ, ବସ୍ତ୍ରସଜ୍ଜା ଓ ମାଲ୍ୟାଦି ସଜ୍ଜା ଅଙ୍ଗରଚନା (ରୂପ ସଜ୍ଜା, ପାଉଡ଼ର ପ୍ରଭୃତି ବା ଅଙ୍ଗରାଗ ଦେଇ ଭୂମିକା ପାତ୍ରର ମୁଖ ଓ ଶରୀରର ରଙ୍ଗ ବଦଳାଇବା) ଏହି ସମସ୍ତକୁ ସମୃଦ୍ଧି କୁହାଯାଏ ।

ଉତ୍ତମ ଅଭିନୟ- ଯେତେବେଳେ ସମସ୍ତେ ନିଖୁଣଭାବେ ମିଶି ଏକୀଭୂତ ହୁଅନ୍ତି, ଆୟୋଜକମାନେ ତାହାକୁ ଅଳଙ୍କାର ବୋଲି (ଉତ୍ତମ) ମନେ କରିଥାଆନ୍ତି ॥ ୯୯-୧୦୨ ॥ ଏହିସବୁ ସିଦ୍ଧିର ଲକ୍ଷଣ କହିଗଲି । ହେ ବିପ୍ରଗଣ, ଏହାପରେ (ଆତୋଦ୍ୟ) ବିବିଧ ବାଦ୍ୟ ବିଷୟରେ କହିବି ॥ ୧୦୩ ॥

ଭରତନାଟ୍ୟ ଶାସ୍ତ୍ରରେ ସିଦ୍ଧିବ୍ୟଞ୍ଜକ ନାମକ ସପ୍ତବିଂଶ
ଅଧ୍ୟାୟ ସମାପ୍ତ ।

▼▼▼

Digitized by srujanika@gmail.com